# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୫/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, January 5/ 2019 ★★
୧୫୪ଶ ଭାଗ ୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

DSPL-332

ଓଡ଼ିଶା ଶାସନ



## ଲକ୍ଷ ସଶକ୍ତ ମହିଳା

୫ ଜାନୁଆରୀ ୨୦୧୯, ୧୧ ଘଟିକା ରେ
ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀ ନବୀନ ପଟ୍ଟନାୟକ

ପୁରୀ ଠାରେ

## ମିଶନ ଶକ୍ତି

ମହାସମାବେଶ କୁ ସମ୍ବୋଧିତ କରିବେ ।

**ଶୁଭାରମ୍ଭ:**

- ପ୍ରତି ମହିଳା ସଙ୍ଘ ସହାୟକ ଗୋଷ୍ଠୀ ମାନଙ୍କୁ ୧୫ ହଜାର ଟଙ୍କାର ସିଡ୍ ମନି ସହାୟତା
- ପ୍ରତି ବ୍ଲକ ସ୍ତରୀୟ ମହାସଂଘ ନିମନ୍ତେ ୨୫ ଲକ୍ଷ ଟଙ୍କାର ସହାୟତା ପାଣ୍ଠି
- ଡିଜିଟାଲ ସଶକ୍ତିକରଣ ନିମନ୍ତେ ପ୍ରତି ଗୋଷ୍ଠୀକୁ ୩ ହଜାର ଟଙ୍କାର ସହାୟତା ରାଶି

33001/13/0020/1819





ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ୬ ଉଦ୍ଧାରକାରୀଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା

ମହାକାଳପଡ଼ା, ୪।୧ (ଡି.ଏନ୍.ଏ.)- ମହାକାଳପଡ଼ା ବ୍ଲକସ୍ଥିତ ହୁକିଟୋଲା ପର୍ଯ୍ୟଟନସ୍ଥଳୀରୁ ଭୋଜି ସାରି ଫେରିବା ବେଳେ ଡଙ୍ଗା ବୁଡ଼ି ଘଟଣାରେ ଯାତ୍ରୀଙ୍କୁ ଉଦ୍ଧାର କରିଥିବା ୬ଜଣ ଉଦ୍ଧାରକାରୀଙ୍କୁ ଶୁକ୍ରବାର ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସମସ୍ତ ଉଦ୍ଧାରକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ବ୍ଲକ ସଭାଗୃହରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ମନ୍ତ୍ରୀ ସାମଲ ଯୋଗଦେଇ ଦୁଇ ଭଉଣୀ ସବିତା ଓ ପୂର୍ଣ୍ଣିମାଙ୍କ ସହ ଅଭିରାମ ଦାସ, ବଳରାମ ଦାସ ଏବଂ ବୁଦ୍ଧଦେବ ଗିରିଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଅନ୍ୟଜଣେ ଉଦ୍ଧାରକାରୀ ଭୂଷଣ ସାହାଣିଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ମହାକାଳପଡ଼ା ବିଜୁ ବାବୁଙ୍କ କର୍ମଭୂମି ହୋଇଥିବାରୁ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ମନ୍ତ୍ରୀ ସାମଲ ପୂର୍ଣ୍ଣିମା ଓ ସବିତାଙ୍କୁ ପରାମର୍ଶ ଦେଇଥିଲେ। ପୂର୍ଣ୍ଣିମା ଓ ସବିତାଙ୍କୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ସାହସିକତା ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଥିବା ମନ୍ତ୍ରୀ ସାମଲ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅବସରରେ ସୂଚନା ଦେଇଥିଲେ। ଏହି ସଭାରେ ଜିଲାପାଳ ଦାଶରଥି ଶତପଥୀ, ଉପ ଜିଲାପାଳ ସଞ୍ଜୟ ମିଶ୍ର, ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ, ବିଡିଓ ରମେଶଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।ସୂଚନାଯୋଗ୍ୟ, ଗତ ୨ ତାରିଖରେ ହୁକିଟୋଲାରୁ ବଣଭୋଜି ସାରି ଫେରୁଥିବା ବେଳେ ଖୋଲାନଦୀର ନିପାଣିଆ ବାଲିଘାଟଠାରେ ଡଙ୍ଗା ବୁଡ଼ି ଯାଇଥିଲା। ଯାତ୍ରୀଙ୍କ ଚିତ୍କାର ଶୁଣି ପୂର୍ଣ୍ଣିମା ଓ ସବିତା ସେମାନଙ୍କୁ ଉଦ୍ଧାର କରିଥିଲେ। ଏହି ଡଙ୍ଗା ବୁଡ଼ି ଘଟଣାରେ ୪୫ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୧୦ଜଣଙ୍କ ମୃତ୍ୟୁ ଘଟିଛି।

### ବ୍ରହ୍ମପୁରରୁ ଅଭିଯୁକ୍ତଙ୍କୁ ଧରିଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୪।୧(ବ୍ୟୁରୋ):** ବଜ୍ରକାପ୍ତା ଚୋରା ଚାଲାଣ ମାମଲାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେ ହେଲେ ବ୍ରହ୍ମପୁରର ମହମ୍ମଦ ଜାମ୍‌ସେଦ(୪୨)। ସେ ଅନ୍ତର୍ଜାତୀୟ ବଜ୍ରକାପ୍ତା ଚୋରା ଚାଲାଣକାରୀ ଶ୍ୟାମସୁଦ୍ଦିନ ଖାନଙ୍କ ଗ୍ୟାଙ୍ଗର ଅର୍ଥ ବିଭାଗ ଦାୟିତ୍ୱ ତୁଲାଉଥିଲେ। ଜାମ୍‌ସେଦ ଅନ୍ତର୍ଜାତୀୟ ବେପାରୀଙ୍କ ସହ ବଜ୍ରକାପ୍ତା କାତିର ମୂଲ୍ୟ ଠିକ୍ କରିବା ସହ ଟଙ୍କା ଆଣି ହିସାବ ରଖୁଥିଲେ।

## ସିମରନ୍‌ଙ୍କ ମୃତ୍ୟୁ ଘଟଣାକୁ ନେଇ ପୋଲିସର ତନାଘନା

# ରହସ୍ୟ ଖୋଲିବ ମୋବାଇଲ

**ଝାରସୁଗୁଡ଼ା ଅଫିସ,୪।୧**

ସମ୍ବଲପୁରୀ ଆଲବମ୍ ଅଭିନେତ୍ରୀ ତଥା 'ସେଲଫି ବେବୋ'ଭଳି ସୁପରହିଟ୍ ଗୀତର ନାୟିକା ସିମରନ୍ ମୌର୍ଯ୍ୟା (୧୭)ଙ୍କ ରହସ୍ୟଜନକ ମୃତ୍ୟୁ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ମୁଖ୍ୟ ଖଳନାୟକ କୁହାଯାଉଥିବା ବଲାଙ୍ଗୀର ଜିଲା ବେଲପଡ଼ାର ଧୃବରାଜ ସୁନାଙ୍କୁ ପୋଲିସ ହେପାଜତକୁ ନେଇଛି। ଝାରସୁଗୁଡ଼ାରୁ ଯାଇଥିବା ପୋଲିସ ଟିମ୍ ଧୃବରାଜଙ୍କୁ ସାଙ୍ଗରେ ନେଇ ବଲାଙ୍ଗୀରରୁ ଫେରିଛି। ଅନ୍ୟପକ୍ଷରେ ସିମରନ୍ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ତାଙ୍କ ମା' ରାନୀ ଦେବୀ ଦାବି କରିଛନ୍ତି। ଏଥିସହ ଶୁକ୍ରବାର ସମ୍ବଲପୁରୀ ଆଲବମ୍ କଳାକାରଙ୍କୁ ନେଇ ଏକ ପ୍ରତିନିଧି ଦଳ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତିଙ୍କୁ ଭେଟି ସିମରନ୍ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ମୃତ୍ୟୁ ପୂର୍ବରୁ ସିମରନ୍‌ଙ୍କ ମୋବାଇଲରେ ହୋଇଥିବା ତିନୋଟି ଭଏସ୍ ରେକର୍ଡ ବର୍ତ୍ତମାନ ଭାଇରାଲ ହୋଇଛି। ତେବେ ମୋବାଇଲରୁ ସଂଗୃହୀତ ଏହି ଅଡିଓ ରେକର୍ଡ ହିଁ ସିମରନ୍‌ଙ୍କ ମୃତ୍ୟୁ ରହସ୍ୟର ଗୁମର ଖୋଲିବ ବୋଲି ଚର୍ଚ୍ଚା ହେଉଛି। ସିମରନ୍‌ଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ପୋଲିସକୁ ଦାୟୀ କରିଛନ୍ତି। ପୋଲିସ ଉଚିତ ଢଙ୍ଗରେ ତଦନ୍ତ କରିଥିଲେ ସିମରନ୍ ଆଜି ଜୀବିତ ଥାଆନ୍ତେ ବୋଲି କହିଛନ୍ତି ତାଙ୍କ ମା' ରାନୀ ଦେବୀ। ୨୦୧୮ ଏପ୍ରିଲ୍‌ରେ ସିମରନ୍‌ଙ୍କ ଅପହରଣ ନେଇ ଝାରସୁଗୁଡ଼ା ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା। ସିମରନ୍ ନାବାଳିକା ଥିବାବେଳେ ବେଲପଡ଼ାର ଧୃବରାଜ ସୁନା ତାଙ୍କୁ ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ଏ ବାବଦରେ ଏକ ଅପହରଣ ମାମଲା ରୁଜୁ କରିଥିଲା। ହେଲେ ସିମରନ୍‌କୁ ଉଦ୍ଧାର ପାଇଁ ପୋଲିସ ତ୍ୱରିତ ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି।



ସାଙ୍ଗ, ସହପାଠୀମାନେ ସିମରନ୍‌ଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।



କଳାକାରମାନେ ଏସ୍‌ପିଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି।

### ଭଏସ୍ ରେକର୍ଡିଂ ଭାଇରାଲ

ମୃତ୍ୟୁ ପୂର୍ବରୁ ସିମରନ୍‌ଙ୍କ ମୋବାଇଲରେ ହୋଇଥିବା ତିନୋଟି ଭଏସ୍ ରେକର୍ଡ ବର୍ତ୍ତମାନ ଭାଇରାଲ ହୋଇଛି। ଏହି ରେକର୍ଡିଂ ଶୁଣିବା ଲୋକଙ୍କ ମନରେ କୋହ ଭରିଦେଉଛି। କେସିଙ୍ଗାରୁ ଝାରସୁଗୁଡ଼ା ଫେରିବା ରାସ୍ତାରେ ସିମରନ୍ ଏକ ଭଏସ୍ ରେକର୍ଡ କରିଛନ୍ତି। ଯେଉଁଥିରେ ସେ ପରିବାର, ବନ୍ଧୁ ଏବଂ ସମସ୍ତଙ୍କଠାରୁ ଦୂରକୁ ଚାଲିଯାଉଥିବା କୋହଭରା କଣ୍ଠରେ କହିଛନ୍ତି। ସେହିପରି ଅନ୍ୟ ଦୁଇଟି କଲ ରେକର୍ଡିଂ ମଧ୍ୟ ଶୁକ୍ରବାର ଚହଳ ସୃଷ୍ଟି କରିଛି। ଗୋଟିକରେ ସିମରନ୍ ନିଜ ପ୍ରେମିକ ଧ୍ରୁବରାଜଙ୍କ ସହ କଥା ହେଉଥିବା ବେଳେ ଅନ୍ୟ ଏକ ରେକର୍ଡିଂରେ ଜଣେ ବନ୍ଧୁଙ୍କ ସହ ଓକିଲ ପରାମର୍ଶ ସମ୍ପର୍କରେ ଆଲୋଚନା କରୁଛନ୍ତି। ଏହି ଭଏସ୍ ରେକର୍ଡିଂ ତଦନ୍ତ ପରିସରଭୁକ୍ତ ହେବ ବୋଲି ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା କହିଥିବା ବେଳେ ଅନ୍ୟ ଦୁଇଟି କଲ ରେକର୍ଡିଂକୁ ପୋଲିସ ଯାଞ୍ଚ ପରିସରକୁ ନେବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### କଳାକାରଙ୍କ ପ୍ରତିବାଦ

ସିମରନ୍‌ଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ଝାରସୁଗୁଡ଼ା ଓ ସୁନ୍ଦରଗଡ଼ କଳାକାରମାନେ ଏସ୍‌ପିଙ୍କୁ ଭେଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସିମରନ୍‌ଙ୍କ ଲୋକପ୍ରିୟତା ଓଡ଼ିଶା ସମେତ ରାଜ୍ୟ ବାହାରେ ମଧ ରହିଥିଲା। ଜଣେ ସହକଳାକାର ହିସାବରେ ସିମରନ୍‌ଙ୍କ କାମ କରିବାର ଶୈଳୀ, ସାହାଯ୍ୟ ମନୋବୃତ୍ତି ସମସ୍ତ କଳାକାରଙ୍କୁ ଆକୃଷ୍ଟ କରିଥିଲା। ସିମରନ୍‌ଙ୍କ ମୃତ୍ୟୁ କଳାକାର ଜଗତରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଝାରସୁଗୁଡ଼ା ଓ ସୁନ୍ଦରଗଡ଼ କଳାକାରମାନେ କହିଛନ୍ତି। ସିମରନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ପଶ୍ଚିମ ଓଡ଼ିଶାର କଳାକାରମାନେ ଜାନୁୟାରୀ ୫ରୁ ୧୦ ତାରିଖ ଯାଏ କୌଣସି ଷ୍ଟେଜ୍ ଶୋ' ନ କରିବାକୁ ଆଲୋକ ତ୍ରିପାଠୀ, ମନୋଜ ସିଂ, ଦିଲୀପ ବର୍ଗର୍ତ୍ତି, ଗୁଲୁ ମେହେର, ଜନ୍ ସିଂ, ହରିଶ ପଣ୍ଡା, ଦୀନେଶ କାକ୍, ଶ୍ରୀମାନ୍ ସୁରଜ ବେସନ୍, ଆଦିତ୍ୟ ଡିଲା ପ୍ରମୁଖ ଅନୁରୋଧ କରିଛନ୍ତି।

### ସିମରନ୍‌ଙ୍କୁ ଝୁରୁଛନ୍ତି ସିମ୍ରନ୍

ସିମରନ୍‌ଙ୍କୁ ଝୁରୁଛନ୍ତି ତାଙ୍କ ଅନ୍ତରଙ୍ଗ ବନ୍ଧୁ ତଥା ପଡ଼ୋଶୀ ସିମ୍ରନ୍ ପଣ୍ଡା। ସିମରନ୍‌ଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସେ। କାରଣ ବହୁବର୍ଷର ବନ୍ଧୁତାରୁ ସେ ସିମରନ୍‌ଙ୍କୁ ଭଲଭାବେ ଜାଣିଛନ୍ତି। ଦୃଢ଼ ମାନସିକତା ଏବଂ ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବାର ସାମର୍ଥ୍ୟ ଏବଂ ସାହସ ସିମରନ୍‌ଙ୍କ ପାଖରେ ଥିଲା। ତେଣୁ ସେ କେବେହେଲେ ଆତ୍ମହତ୍ୟା କରି ନ ଥିବେ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କହିଛନ୍ତି ସିମ୍ରନ୍ ପଣ୍ଡା। ସିମରନ୍ ଧ୍ରୁବରାଜଙ୍କ ଘରୁ ଫେରିବା ପରେ ତାଙ୍କ ସହ ହୋଇଥିବା ଶାରୀରିକ ଓ ମାନସିକ ନିର୍ଯାତନା ବିଷୟରେ ସିମ୍ରନ୍ ପଣ୍ଡାଙ୍କୁ କହିଥିଲେ। ସିମରନ୍‌ଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିଲା ବୋଲି ସିମ୍ରନ୍ ପଣ୍ଡାଙ୍କୁ କହିଥିଲେ।

## ୩ ବର୍ଷର ସମ୍ପର୍କ..ଶେଷ

### ପୋଲିସ ହେପାଜତ୍‌ରେ ଧୃବରାଜ

**ବେଲପଡା, ୪।୧(ଡି.ଏନ.ଏ.)**

ଆଲ୍‌ବମ୍ ଅଭିନେତ୍ରୀ ସିମରନ ମୌର୍ଯ୍ୟାଙ୍କ ମୃତ୍ୟୁ ଘଟଣାରେ ପୋଲିସ ତନାଘନା ଚଳାଇଛି। ଶୁକ୍ରବାର ମଧ୍ୟାହ୍ନରେ ତାଙ୍କ ପ୍ରେମିକ କୁହାଯାଉଥିବା ବଲାଙ୍ଗୀର ଜିଲା ବେଲପଡାର ଧ୍ରୁବରାଜ ସୁନା ଓରଫ ରଞ୍ଜୁଙ୍କୁ ସ୍ଥାନୀୟ ପୋଲିସ ତାଙ୍କ ଘରୁ ଉଠାଇ ଆଣିଥିଲା । ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ପୋଲିସକୁ ଧ୍ରୁବରାଜ କହିଛନ୍ତି, ଆଜକୁ ୩ ବର୍ଷ ତଳେ ସିମରନଙ୍କ ସହିତ ସୋନପୁରର ଏକ କାର୍ଯ୍ୟକ୍ରମରେ ତାଙ୍କର ସାକ୍ଷାତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିମରନ ଡ୍ୟାନ୍ସ କରିଥିବା ବେଳେ ସେ କିପ୍ୟାଡ୍ ବଜାଉଥିଲେ। ଏହି କାର୍ଯ୍ୟକ୍ରମ ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଦୁହେଁ ଏକାଧିକ ସ୍ଥାନରେ ପ୍ରୋଗ୍ରାମ କରିଥିଲେ । ଗତ ଏପ୍ରିଲ ୧୩ ତାରିଖରେ ସିମରନ ବେଲପଡା ହରିଜନ ପଡାକୁ ଆସିବା ପରେ ଧ୍ରୁବରାଜଙ୍କ ସହ ତାଙ୍କର ବିବାହ ହୋଇଥିଲା। ସିମରନଙ୍କୁ ସିନ୍ଦୂର ଏବଂ ମଙ୍ଗଳସୂତ୍ର ଦେଇ ସେ ସ୍ତ୍ରୀର ମାନ୍ୟତା



ସିମରନ।



ଧୃବରାଜ ସୁନା।

ଦେଇଥିଲେ ବୋଲି କହିଛନ୍ତି ଧ୍ରୁବରାଜ। ହେଲେ ଏପ୍ରିଲ ୨୭ତାରିଖରେ ସିମରନ ବେଲପଡାରେ ରହିବାପାଇଁ ଅନିଚ୍ଛା ପ୍ରକାଶ କରିବାରୁ ଉଭୟେ ଛତିଶଗଡର ଭିଲାଇ ଚାଲି ଯାଇ ଏକ ଭଡାଘର ନେଇ ରହିଥିଲେ। ପରେ ସେ ଏକ କାର କିଣି ସିମରନଙ୍କୁ ଦେଇଥିଲେ । ଭିଲାଇ ରହଣି କାଳରେ ଉଭୟେ ମିଶି ନିଜର ମେଲୋଡି ପାର୍ଟି କରିଥିଲେ। ହେଲେ ୮ମାସ ଭିଲାଇ ରହଣି ଭିତରେ ସିମରନ ୪ ଥର ଆତ୍ମହତ୍ୟା ଉଦ୍ୟମ କରିଥଲେ ବୋଲି ଧ୍ରୁବରାଜ କହିଛନ୍ତି। ନୂଆଁଖାଇର କିଛି ଦିନ ପୂର୍ବରୁ ସିମରନ ବହୁଗୁଡିଏ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରାୟପୁର ସିଟି ହସପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏ ନେଇ ସିଟି ପୋଲିସ ଏକ ମାମଲା ରୁଜୁ କରିଥିଲା ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ ତାଙ୍କୁ ନ ଜଣାଇ ସିମରନ ଏକାକୀ ଅନେକ ପ୍ରୋଗ୍ରାମରେ ଅଭିନୟ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ପ୍ରାୟ ୧ମାସ ହେବ ସେମାନେ ଅଲଗା ରହୁଥିବା ଧ୍ରୁବରାଜ କହିଛନ୍ତି। ଅପରପକ୍ଷରେ ସିମରନ ମୃତ୍ୟୁ ଘଟଣାକୁ ନେଇ ଧୃବରାଜଙ୍କ ମା' ବୈଜୟନ୍ତୀ ସୁନା ଏବଂ ବାପା ଖଗେଶ୍ୱର ସୁନା କହିଛନ୍ତି ଯେ, ଆମେ ସିମରନକୁ ବୋହୂର ସ୍ୱୀକୃତି ଦେଇଥିଲୁ। ଏହି ଘଟଣାରେ ଆମପୁଅକୁ ପୋଲିସ କାହିଁକି ନେଇଛି ତାହା ବୁଝା ପଡୁନାହିଁ। ସରକାରୀ ଓକିଲଙ୍କ ସାମନାରେ ଜେରା କରିବାକୁ ସେମାନେ ପୋଲିସକୁ ଅନୁରୋଧ କରିଛନ୍ତି।

## ମଦରେ ବିଷ: ୨ମୃତ, ଜଣେ ଗୁରୁତର

### ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ



ଗ୍ରାମବାସୀ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

**ନାକଟିଦେଉଳ,୪।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷ ମିଶା ମଦପିଇ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ଦ୍ୱୟ ହେଲେ ଗୌଡ଼ପଡ଼ା ଗ୍ରାମର କପିଳେଶ୍ୱର ବାଦୀ(୪୮) ଏବଂ କିସିଣ୍ଡା ଥାନା ଅଧୀନ ମହୁଲପାଲି ଗ୍ରାମର ପବିତ୍ର ଦୀପ(୫୮)। ଗୁରୁତର ଜଣକ ହେଲେ ଗୌଡ଼ପଡ଼ା ଗ୍ରାମର ଫକୀର ଖୁରା।

ମିଳିଥିବା ସୂଚନା ମୁତାବକ, ଗୁରୁବାର ସକାଳ ପ୍ରାୟ ୭ଟା ବେଳେ ଫକୀରଙ୍କ ଘର ସମ୍ମୁଖରେ ଏକ ପଲିଥିନରେ ଏକ ବିଦେଶୀମଦ ବୋତଲ ସହ ଚଣା ଓ ଝାଲମୁଢି ପଡ଼ିଥିଲା। ଏହାକୁ ଫକୀର କୌଣସି ବ୍ୟକ୍ତି ଛାଡ଼ି ଯାଇଥିବା ଭାବି ଘରକୁ ନେଇଥିଲେ। ପରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଫକୀର, କପିଳେଶ୍ୱର ଏବଂ ପବିତ୍ର ମିଶି ଉକ୍ତ ମଦ ପିଇ ଥିଲେ । କିଛି ସମୟ ପରେ ୩ଜଣ ଝାଡ଼ା ବାନ୍ତିରେ ଗୁରୁତର ହୋଇପଡିଥିଲେ। ପରେ ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ନାକଟିଦେଉଳ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ରେଢାଖୋଲ ପରେ ବୁର୍ଲା ଡ଼ାକ୍ତରଖାନାକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ କପିଳେଶ୍ୱର ଏବଂ ପବିତ୍ରଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତଦେହ ନାକଟିଦେଉଳରେ ପହଞ୍ଚିବା ପରେ ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ବେଳେ ଗୌଡ଼ପଡ଼ା ଗ୍ରାମର ଶତାଧିକ ଜନସାଧାରଣ ଗୋଧିଡିପ ଛକରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ପ୍ରାୟ ସାଢେ ୨ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ରେଢାଖୋଲ ଏସ୍‌ଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ନାକଟିଦେଉଳ ଥାନା ଆଇଆଇସି ନିର୍ମଳା ତ୍ରିପାଠୀ, ତହସିଲଦାର ସମୀର କୁମାର ବିଲୁଙ୍ଗ, ଅତିରିକ୍ତ ତହସିଦାର ଘନଶ୍ୟାମ ମୁଣ୍ଡା ପ୍ରମୁଖ ପହଞ୍ଚ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଏବଂ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ମୃତ ୨ଜଣଙ୍କ ପରିବାର ଲୋକଙ୍କୁ ପ୍ରଦାନ ପରେ ରାସ୍ତାରୋକୋ ହଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାରେ ଗୌଡ଼ପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ରାସ୍ତାରୋକୋରେ ସରାପାଲିର ପୂର୍ବତନ ସରପଞ୍ଚ ଯଦୁମଣି ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରମୋଦ ସାହୁ, ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, କପିଳେଶ୍ୱର ଧଳ, ପ୍ରମୁଖ ସାମିଲ ହୋଇଥିଲେ ।

## ଝାରସୁଗୁଡ଼ା ନାବାଳିକା ହରିୟାଣାରେ ବିକ୍ରି

- ୨ ଲକ୍ଷ ଟଙ୍କାରେ ବିକିଥିଲେ ବଡ଼ବାପା
- ସିଏମ୍‌ଓରୁ ସୂଚନା ପରେ ଉଦ୍ଧାର ପାଇଁ ଗଲା ୮ ଜଣିଆ ଟିମ୍

**ଝାରସୁଗୁଡ଼ା ଅଫିସ,୪।୧**

ଝାରସୁଗୁଡ଼ାର ଜଣେ ନାବାଳିକାଙ୍କୁ ହରିୟାଣାରେ ବିକ୍ରି କରି ଦିଆଯାଇଥିବା ଅଭିଯୋଗ ଆସିଛି। ହରିୟାଣାର ସନ୍ଦୀପ ନାମକ ବ୍ୟକ୍ତି ନାବାଳିକାଙ୍କୁ ୨ ଲକ୍ଷ ଟଙ୍କାରେ କିଣିବା ପରେ ବିବାହ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣକ ସେଠାରୁ ଖସିଆସି ଆହତ ଅବସ୍ଥାରେ ପୋଲିସ ପାଖରେ ପହଞ୍ଚିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଛି। ଶୁକ୍ରବାର ଏକ ଜାତୀୟ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ନାବାଳିକାଙ୍କୁ ଉଦ୍ଧାର ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଝାରସୁଗୁଡ଼ା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଆସିଥିଲା। ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ୮ଜଣଙ୍କୁ ନେଇ ଗଠିତ ଦୁଇଟି ଟିମ୍ ଶୁକ୍ରବାର ହରିୟାଣା ଅଭିମୁଖେ ଯାତ୍ରା କରିଛି। ଅଭିଯୋଗ ମୁତାବକ, ଗତ ଦୁଇମାସ ପୂର୍ବରୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳର ଜଣେ ୧୫ ବର୍ଷିଆ ନାବାଳିକାଙ୍କୁ ହରିୟାଣା ଚାଲାଣ କରାଯାଇଥିଲା। ନାବାଳିକାଙ୍କ ବଡ଼ବାପା ତାଙ୍କୁ ହରିୟାଣା ନେଇଥିଲେ। ହରିୟାଣା ଭିୱାନିର ସନ୍ଦୀପଙ୍କୁ ନାବାଳିକାଙ୍କୁ ବିକ୍ରି କରିଦେଇଥିଲେ। ପରେ ସନ୍ଦୀପ ନାବାଳିକାଙ୍କୁ ଏକ ମନ୍ଦିରରେ ବିବାହ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ପୂର୍ବରୁ ନାବାଳିକା ଜଣକ ସନ୍ଦୀପଙ୍କ ଉପର ମହଲାରୁ ଡେଇଁ ଫେରାର ହୋଇଯାଇଥିଲେ। ପରେ ସେ ଭିୱାନି ପୋଲିସ ନିକଟରେ ପହଞ୍ଚି ଘଟଣା ସମ୍ପର୍କରେ ପ୍ରକାଶ କରିଥିଲେ। ନାବାଳିକାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ସହ ଅଭିଯୁକ୍ତ ସନ୍ଦୀପ ଓ ତାଙ୍କ ମା' ଶକୁନ୍ତଳା ଦେବୀଙ୍କୁ ଗିରଫ କରାଯାଇଥିବା ଭିୱାନି ପୋଲିସର ନହ୍ନି ଦେବୀ କହିଛନ୍ତି। ଏ ସମ୍ପର୍କରେ ଭିୱାନି ଥାନାରେ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଭିୱାନି ଶିଶୁସୁରକ୍ଷା ସମିତି ଦ୍ୱାରା କାଉନସେଲିଂ ପରେ ଘଟଣା ସମ୍ପର୍କରେ ଓଡ଼ିଶା ସରକାରଙ୍କୁ ଅବଗତ କରାଯାଇଥିଲା। ନାବାଳିକାଙ୍କୁ ଉଦ୍ଧାର ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଶୁକ୍ରବାର ଝାରସୁଗୁଡ଼ା ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଆସିଥିଲା।

## ଶିକ୍ଷା, ସୁଆସ୍ଥ୍ୟ, ପିଇଲା ପାଏନ୍, ରାସ୍ତାଘାଟ, ବିଦ୍ୟୁତ୍ ସେବା ସାତସପନ

# ଆଦିମାନବର ଜୀବନ୍ ବିତଉଛନ୍ ଗୋଲାବେଡ଼ାବାସୀ

**ସିନାପାଲି, ୪।୧ (ଡି.ଏନ.ଏ)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍‌ର ଆଦିବାସୀ ବହୁଳ ନଙ୍ଗଲବୋଡ଼ ପଁଚେତର ଗୋଲାବେଡ଼ା ଗାଁ। ଗାଁଟା ଘଁଚ୍ ଜଂଗଲ ଭିତରେ ଥିଲାବେଳେ ଗାଁବାସୀ ଶିକ୍ଷା, ସୁଆସ୍ଥ୍ୟ, ପିଇଲା ପାଏନ୍, ରାସ୍ତାଘାଟ, ବିଦ୍ୟୁତ୍ ସେବା ଲେଖେଁ ମଉଳିକ୍ ସୁବିଧାରୁ ବଁଚିତ ହେଇ ରହିଛନ୍।

### ପ୍ରାକ୍ ଶିକ୍ଷାରୁ ବଁଚିତ୍ ୩୦ ଛୁଆ

ସେନ୍ତା ଗାଁରେ ଆଦିବାସୀ ଆର ପହରିଆ ସମାଜର ୫୦ଟା ପରିବାରର ପାଖାପାଖି ୧୬୦ ଲୋକ୍ ବାସ କରୁଛନ୍। ଇମାନକର ପିଇଲା ପାଏନ୍ ସୁବିଧା ଲାଗି ଗୁଟେ ନଳକୁଆଁ ରହିଛେ ହେଲେ ସେଥିରୁ ଫ୍ଲୋରାଇଡ ମିଶା ପାଏନ୍ ବାହାରୁଛେ। ଯେନ୍‌ଥିରଲାଗି ଗାଁବାସୀ ନାଲ, ନଳିଆ, ଝରନ୍‌ର ପାଏନ୍ ଆନି ବେଭାର କରୁଛନ୍। ଗୋଲାବେଡ଼ାବାସୀ ଗାଁରେ ଗୁଟେ ମିନି ଅଙ୍ଗନୱାଡି କେନ୍ଦ୍ର ଖୁଲବାର ଲାଗି ପରଶାସନିକ ଅଧିକାରୀକଁରନୁ ମୂଳ କରି ନେତାମନ୍ତ୍ରୀ ସମକୁ ଗୁହାରି ହତାଶ ହେଇଛନ୍। ଯେନ୍‌ଥିରଲାଗି ଗାଁର ୩୦ରୁ ଅଧିକା ଛୁଆ ପ୍ରାକ୍ ଶିକ୍ଷାରୁ ବଁଚିତ୍ ହେଇ ରହିଛନ୍। ସେନ୍ତା ଗାଁବାସୀ ଆଏଜତକ୍ ବିଦ୍ୟୁତ୍ ସେବା ପାଏବାରୁ ବଁଚିତ୍ ହେଇ ରହିଛନ୍। ପରଶାସନ ତରଫୁ ଯଦିବି ସୋଲାର ଲାଇଟର ବେବସ୍ତା କରାଯାଇଛେ ସେଟା ୬ ମାସ୍ ଉତାରୁ ଅଚଲ ହେଇ ପଡ଼ିରହିଛେ। ସେନ୍ତା ଯିବାର ଆଏବାର ଲାଗି ଗାଁକେ ଫିଦିନିଆଁ ରାସ୍ତାଟେ ନାଁଇଁନ। ଯେନ୍‌ଥିରଲାଗି ଗାଁବାସୀ ବହୁତ୍ ହଇରାନ ହରକତ୍ ହେଉଛନ୍। ଗାଁକେ ଯିବାକେ ହେଲେ ଟଙ୍କାମାଳ ଗାଁରୁ ଯିବାକେ ହେସି। ହେଲେ ସେଠାନୁ ୩ କି.ମି. ରାସ୍ତା ନାଇଁଥିବାର ଲାଗି ଚାଲତି ରାସ୍ତାରେ ଜଂଗଲ ପାର ହେଇ ମୁଖିଆ ରାସ୍ତାକେ ଯିବାକେ ପଡ଼ସି। ଏନ୍ତାଥି ବିପଦ୍ ଆପଦ ସମିଆରେ ଗାଁବାସୀ ଜରୁରୀକାଳିନ ସେବା ପାଏବାରୁ ବଁଚିତ ହେଇ ଭଗବାନ ଭରସାରେ ରହୁଛନ୍। ଗୁଟେ ସବୁଦିନିଆଁ ରାସ୍ତା ତିଆର ଲାଗି ଗାଁବାସୀ ନେତାମନ୍ତ୍ରୀ, ପରଶାସନକେ କହିକହି ଥକିଗଲେନ। ଭୋଟ ବେଳେ ନେତାମନ୍ତ୍ରୀ ଆସି ବଡ଼ବଡ଼ କଥା କହି ଯାଉଛନ୍, ହେଲେ ପଛେ କାହାରି ଦେଖା ଦରଶନ ନାଇଁ ମିଳବାର ବଲି ଗାଁବାସୀ ଅଭିଯୋଗ୍ କରିଛନ୍। ସେନ୍ତା ଗାଁଟା ଛତିଶଗଡ଼ ରାଏଜର ସୀମନାରେ ଥିବାର ଲାଗି ଗାଁବାସୀ ଛତିଶଗଡ଼ ରାଏଜ୍ ଉପରେ ନିରଭର କରୁଛନ୍। ହେଲେ ଛତିଶଗଡ଼କେ ଯିବାକେ ହେଲେ ଗାଁବାସୀକୁ ୨ଟା ନାଲ ପାର ହେଇ ଯିବାକେ ହେସି। ଯେନ୍‌ଟାକି ବର୍ଷା ଦିନେ ଇମାନକର ଦୁଖ୍ ଦୁଗୁନା କରିଦେଉଛେ। ଗାଁଟା ଘଁଚ୍ ଜଂଗଲ ଭିତରେ ଥିଲାବେଳେ ଗାଁବାସୀ ଜଂଗଲି ଦରବ୍ ଉପରେ ନିରଭର କରି ଚଲୁଛନ୍। ସେନ୍ତା ଜଂଗଲଯାତ ଦରବ ଠୁଳେଇ ଛତିଶଗଡ଼ ରାଏଜର ଭିନେ ଭିନେ ହାଟ୍‌କେ ନେଇ ବିକାଭଂଗା କରୁଛନ୍ ଆର ନିଜର କୁଟୁମ ପୁଷୁଛନ୍। ଏତେ ସବୁ ଅସ୍ୱିଧା ଭିତରେ ଗାଁବାସୀ ଗୁଟେ ପରକାର ଆଦିମାନବର ଜୀବନ୍ ବିତଉଛନ୍ କହେଲେ କିଛି କମ୍ ନାଇଁହୁଏ। ଇ ବାବ୍‌ଦେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରକୁଁ ପଚରାଲାରୁ ଗାଁର ସମସିଆ ଉପରେ ତଦଁତ କରବାକେ ଯିମି ଆର ସମାଧାନ ଲାଗି ଉଚ ଅଧିକାରୀକଁର ସଂଗେ ଆଲୋଚନା କରି ଯେନ୍‌ଟା ହେବା ପଦକ୍ଷେପ ନେମି ବଲି ସେ କହିଥିଲେ।



ଶିକ୍ଷାରୁ ବଁଚିତ୍ ହେଇ ରହିଥିବାର ଗୋଲାବେଡ଼ା ଗାଁର ଛୁଆମାନେ।

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୫/୨୦୧୯ | Sambalpur, Saturday, January 5/ 2019 | ପୃଷ୍ଠା-୧




**ନରେନ୍ଦ୍ର ମୋଦି ଭୂମିକା ନେବେ ବିବେକ ଓବେରଏ୍**

ଆଗାମୀ 'ପିଏମ୍ ନରେନ୍ଦ୍ର ମୋଦି' ଫିଲ୍ମରେ ଅଭିନେତା ବିବେକ ଓବେରଏ୍ ନରେନ୍ଦ୍ର ମୋଦି ଭୂମିକାରେ ଅବତୀର୍ଣ୍ଣ ହେବେ।

୦୭

୧୦

**ପନ୍ତଙ୍କୁ ବିରଳ ସଫଳତା**

ରିଷଭ ପନ୍ତ ପ୍ରଥମ ଭାରତୀୟ ଉଇକେଟକିପର ଭାବେ ଅଷ୍ଟ୍ରେଲିଆ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ଶତକ ହାସଲ କରିଛନ୍ତି।



# ଆଜି ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ

ପୁରୀ ଅଫିସ/ଭୁବନେଶ୍ୱର,୪।୧(ବ୍ୟୁରୋ)



ନବୀନ ପଟ୍ଟନାୟକ

- ବାରିପଦା ଯାଉନାହାନ୍ତି ନବୀନ
- ଏସ୍ଏଚ୍‌ଜିକୁ ପ୍ରୋତ୍ସାହନ ରାଶି ବଣ୍ଟନ କାର୍ଯ୍ୟକ୍ରମ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପୁରୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ମିଶନ ଶକ୍ତି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ସ୍ୱୟଂ ସହାୟକା ଗୋଷ୍ଠୀ(ଏସ୍ଏଚ୍‌ଜି)ର ସଦସ୍ୟାମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବା ସହ ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରାୟ ୬୬,୦୦୦ ଏସ୍ଏଚ୍‌ଜି ସଦସ୍ୟା ଓ ଅଙ୍ଗନୱାଡି କର୍ମୀ ଯୋଗଦେବା ହିସାବ କରାଯାଉଛି। ଏ ହି ସମାରୋହରେ ପ୍ରତି ଏସ୍ଏଚ୍‌ଜି ସଦସ୍ୟାଙ୍କୁ ସ୍ମାର୍ଟ ଫୋନ୍ କିଣିବା ପାଇଁ ୩୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏସ୍ଏଚ୍‌ଜି ସୁବିଧା ପାଇଁ ଏକ ସ୍ୱତନ୍ତ୍ର ଆପ୍ଲିକେଶନ ମଧ୍ୟ ପ୍ରସ୍ତୁତ କରାଯାଇଛି। ପୁରୀ ଜିଲାର ନୂତନ ୨୭,୦୦୦ ଏବଂ ପୁରୁଣା ୧,୭୦୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫,୦୦୦ ଲେଖାଏଁ ଟଙ୍କା ବଣ୍ଟନ କରାଯିବ। ପୁରୀ ଜିଲାର ୧୧ଟି ବ୍ଲକ ଫେଡେରେଶନ ଓ ପୁରୀ ପୌରସଂସ୍ଥାକୁ ୨୫ ଲକ୍ଷ ଟଙ୍କା ☞ପୃଷ୍ଠା-୮

## ନର୍ସଙ୍କୁ ଡାକ୍ତରୀ ଛାତ୍ରଙ୍କ ଦୁର୍ବ୍ୟବହାର

# ଏମ୍‌କେସିଜିରେ ଉତ୍ତେଜନା

ବ୍ରହ୍ମପୁର ଅଫିସ,୪।୧

ବ୍ରହ୍ମପୁର ବଡ ମେଡିକାଲ (ଏମ୍‌କେସିଜି) ଲେବର ରୁମ୍‌ରେ ଜଣେ ନର୍ସଙ୍କୁ ପିଜି ଡାକ୍ତର ଛାତ୍ରଙ୍କ ଦୁର୍ବ୍ୟବହାର ସହ ମାଡମାରିବା ଅଭିଯୋଗକୁ କେନ୍ଦ୍ରକରି ବଡ ମେଡିକାଲରେ ଶୁକ୍ରବାର ରାତିରେ ଉତ୍ତେଜନା ଦେଖା ଦେଇଛି। ନର୍ସମାନେ ବଡ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା.ଚରଣ ପଣ୍ଡାଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣା ଦେଇଛନ୍ତି। ଘଟଣାସ୍ଥଳରେ ବୈଦ୍ୟନାଥପୁର ପୋଲିସ, ଏମ୍‌କେସିଜି କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ ଓ ଅଧୀକ୍ଷକ ପହଞ୍ଚି ଆଲୋଚନା କରୁଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ଲେବର ରୁମ୍‌ରେ ଜଣେ ମହିଳା ସନ୍ତାନ ପ୍ରସବ କରିଥିଲେ। ମହିଳାଙ୍କର ହେପାଟାଇଟିସ୍-ବି ରୋଗ ଚିହ୍ନଟ ହୋଇଥିବାରୁ ନବଜାତକଙ୍କୁ ଆଣ୍ଟିଡୋଜ୍ ଦେବାକୁ ☞ପୃଷ୍ଠା-୮

# ଜମିବ ସମାବେଶ ରାଜନୀତି

ଭୁବନେଶ୍ୱର,୪।୧(ବ୍ୟୁରୋ)

- ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ
- ୧୫ ଦିନ ମଧ୍ୟରେ ଦ୍ୱିତୀୟ ଗସ୍ତ
- ଆଭିମୁଖ୍ୟ ଉପରେ ରହିବ ନଜର

ଚଳିତ ବର୍ଷ ଓଡ଼ିଶାରେ ଏକସଙ୍ଗରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ରାଜ୍ୟର ପ୍ରତିଟି ରାଜନୈତିକ ଘଟଣା ଏବେ ଗୁରୁତ୍ୱ ବହନ କରୁଛି। ସେହିକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ମୟୂରଭଞ୍ଜ ଜିଲାରେ କେତେକ ପ୍ରକଳ୍ପର ଲୋକାର୍ପଣ କରିବା ସହ ଦଳୀୟ ସ୍ୱାଭିମାନ ସମାବେଶରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୫ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କର ଏହା ଦ୍ୱିତୀୟ ଓଡ଼ିଶା ଗସ୍ତ। ଗତ ଡିସେମ୍ବର ୨୪ରେ ମୋଦି ଖୋର୍ଦ୍ଧା ଆସି କେତେକ ପ୍ରକଳ୍ପର ଲୋକାର୍ପଣ କରିବା ସହ ଦଳୀୟ ସମାବେଶରେ ଯୋଗଦେଇଥିଲେ। ଉକ୍ତ ଦଳୀୟ ସଭାରେ ମୋଦି ରାଜ୍ୟ ସରକାରଙ୍କୁ ଦାନବ ସହ ତୁଳନା କରିବା ସହିତ ପିସି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ସମାଲୋଚନା କରିଥିଲେ। ଏମିତି କି ରାଜ୍ୟ ସରକାର ଘୋଷିତ ୧୦ ଲକ୍ଷ ହେକ୍ଟର ଚାଷଜମିରୁ ମାତ୍ର ୨୨,୦୦୦ ହେକ୍ଟରରେ ଜଳସେଚିତ କରିଥିବା କଥା କହିଥିଲେ। ଅପରପକ୍ଷରେ ରାଜ୍ୟର ଜଳସମ୍ପଦ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ତଥ୍ୟ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି, ଯାହା କେନ୍ଦ୍ର-ରାଜ୍ୟ ଆରୋପ-ପ୍ରତ୍ୟାରୋପ ରାଜନୀତିକୁ ଆହୁରି ରୋଚକ କରିଛି। ଗତ ସଭାରେ ମୋଦି ବିଜେଡି କିମ୍ବା ମୁଖ୍ୟମନ୍ତ୍ରୀଙ୍କ ନାଁ ନ ନେଇ ସମାଲୋଚନା କରିଥିଲେ, ଯାହାକୁ ନେଇ ବିରୋଧୀ କଂଗ୍ରେସ ଏବଂ କେତେକ ରାଜନୈତିକ ସମୀକ୍ଷକ ପ୍ରଶ୍ନ ଉଠାଇଥିଲେ। ରାଜସ୍ଥାନ, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପରାଜୟ ପରେ ଭାଜପା ଆଞ୍ଚଳିକ ଦଳଗୁଡ଼ିକ ପ୍ରତି ଆକ୍ରମଣାତ୍ମକ ମନୋଭାବରେ ପରିବର୍ତ୍ତନ ଆଣିଥିବା ଆଲୋଚନା ହେଉଛି। ତେବେ ବାରିପଦାରେ ଏଥର ମୋଦିଙ୍କ ବକ୍ତବ୍ୟର ରଣକୌଶଳ କିପରି ରହିବ, ତାହା ଉପରେ ସମଗ୍ର ରାଜନୈତିକ ମହଲର ନଜର ରହିଛି।



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀଙ୍କ ଡିସେମ୍ବର ଗସ୍ତ ପରେ ବିଜେଡି ତା'ର ୨୧ତମ ପ୍ରତିଷ୍ଠା ଦିବସ ପାଳନ କରିଥିଲା। ଏହି ଅବସରରେ ଦଳର ସଭାପତି ନବୀନ ପଟ୍ଟନାୟକ ଓଡ଼ିଶାକୁ ଆର୍ଥିକ ସ୍ୱାୟତ୍ତତା, କୋଇଲା ରୟାଲ୍‌ଟି ବୃଦ୍ଧି ଭଳି ପ୍ରସଙ୍ଗ ଉଠାଇଥିଲେ। ଏହାର କିଛିଦିନ ପରେ ମୟୂରଭଞ୍ଜ ଜିଲାର ରେଳ/ରାଜପଥ ବିକାଶ ପ୍ରସଙ୍ଗ ଉଠାଇ ବିଭାଗୀୟ ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ମଧ୍ୟ ଲେଖିଥିଲେ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସ୍ୱାୟତ୍ତତା, ଜଳସମ୍ପଦ ପ୍ରସଙ୍ଗରେ ତଥ୍ୟ, କୋଇଲା ରୟାଲ୍‌ଟି ବୃଦ୍ଧି, ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ହ୍ରାସ ଆରୋପର ପ୍ରଧାନମନ୍ତ୍ରୀ କି ଉତ୍ତର ରଖୁଛନ୍ତି, ତାହା ଦେଖିବାକୁ ଅନେକେ ଉତ୍କଣ୍ଠାର ସହ ଅପେକ୍ଷା କରିଛି। ଅପରପକ୍ଷରେ ସାଧାରଣ ସଭା ହେଉଥିବା ମୟୂରଭଞ୍ଜ ଜିଲାର ସ୍ଥାନୀୟ ଏମ୍‌ପି ହେଉଛନ୍ତି ବିଜେଡିରୁ ନିଲମ୍ବିତ ରାମଚନ୍ଦ୍ର ହାଁସ୍‌ଦା, ଯିଏ କି ନବଦିଗନ୍ତ ଚିଟ୍‌ଫଣ୍ଡ ମାମଲାରେ କିଛିଦିନ ଜେଲ ଯାଇଥିଲେ। ତେଣୁ ତାଙ୍କୁ ଉପଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଚିଟ୍‌ଫଣ୍ଡ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ଆଲୋଚନା ହେଉଛି।

ନରେନ୍ଦ୍ର ମୋଦି ନିଜ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଓଡ଼ିଶାକୁ ଏକାଧିକ ସରକାରୀ ଗସ୍ତରେ ଆସିଛନ୍ତି। ଏହିସବୁ ଗସ୍ତରେ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୮

## ବାରିପଦାରେ ହେଭିୱେଟ୍ ନେତାଙ୍କ ଭିଡ଼

ବାରିପଦା ଅଫିସ,୪।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମୟୂରଭଞ୍ଜ ଜିଲା ବାରିପଦା ଗସ୍ତରେ ଆସି ପହଞ୍ଚିବେ। ବାରିପଦା ଛଉ ପଡିଆଠାରେ ସମବେତ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହିତ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ। ଏଥିପାଇଁ ଛଉ ପଡିଆରେ ମଞ୍ଚ ନିର୍ମାଣ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିବା ସହ ସହରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଭାଜପାର ହେଭିୱେଟ ନେତା ବାରିପଦାରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ, ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ପ୍ରମୁଖ ଗୁରୁବାର ରାତିରୁ ବାରିପଦାରେ ପହଞ୍ଚିଛନ୍ତି। ଶୁକ୍ରବାର ଅପରାହ୍ନରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ ପୋଲିସ ରିଜର୍ଭ ପଡିଆରେ ଓହ୍ଲାଇଥିଲେ। ଏହା ପରେ ସରକାରୀ କାର୍ଯ୍ୟକ୍ରମ ହେବାକୁ ଥିବା ପୋଲିସ ହାଇସ୍କୁଲ ପଡିଆ ଓ ଦଳୀୟ କାର୍ଯ୍ୟକ୍ରମ ହେବାକୁ ଥିବା ଛଉ ପଡିଆ ବୁଲି ଦେଖିଥିଲେ।

ଶନିବାର ପୂର୍ବାହ୍ନ ୭ଟା ବେଳୁ ସହରରେ ଟ୍ରାଫିକ କଟକଣା ଲାଗୁ ହେବ। ସହରର ପ୍ରମୁଖ ଛକଗୁଡିକରେ ପୋଲିସ ଫୋର୍ସ ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ☞ପୃଷ୍ଠା-୮

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଗଣ ନିରୀକ୍ଷଣ

**ଆଜିର ମନ୍ତବ୍ୟ**

"ଆଉ ଥରେ ବ୍ରେକ୍‌ଜିଟ୍ ଗଣଭୋଟ କରାଇଲେ ବ୍ରିଟେନର ଗଣତନ୍ତ୍ର ଦୁର୍ବଳ ହେବ।
-ଲର୍ଡ ସ୍ୱରାଜ ପଲ, ବ୍ରିଟିଶ୍ ଏମ୍‌ପି

**କିଛି ତଥ୍ୟ**

ଡିସେମ୍ବର ୨୧ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଧାରାରେ ୧୫.୧୧% ବୃଦ୍ଧି ଘଟି ୯୨.୮୭ ଲକ୍ଷ କୋଟି ଟଙ୍କା ଛୁଇଁଛି। - ଆର୍‌ବିଆଇ




PATANJALI®
Prakriti ka Aashirwad

**ପତଞ୍ଜଳିର 24ତମ ପ୍ରତିଷ୍ଠା ଦିବସ ଅବସରରେ**

**ସନାତନ ସଂସ୍କୃତି, ପ୍ରକୃତି ମାତା ଓ ଭାରତ ମାତାଙ୍କୁ ପ୍ରେମ କରୁଥିବା ପ୍ରତ୍ୟେକ ଦିବ୍ୟ ଆତ୍ମାଙ୍କୁ ଆହ୍ୱାନ**

**ପତଞ୍ଜଳିର ବିଶ୍ୱସ୍ତରୀୟ ପ୍ରାକୃତିକ ଓ 100% ଶୁଦ୍ଧ ଖାଦ୍ୟ ଉତ୍ପାଦ**




ଅଟା, ଲୁଣ, ବେସନ, ଦଲିଆ, ସୁଜି, ସିମେଇ, ପୋହା, ସବୁ ଖାଇବା ତେଲ, ଘିଅ, ଡାଲି, ଚାଉଳ, ସବୁ ପ୍ରକାରର ମସଲା, ଚ୍ୟବନପ୍ରାଶ, ପାୱାରଭିଟା, ସବୁ ଜୁସ୍, ମୁରବା, କ୍ୟାଣ୍ଡି, ହେଲ୍‌ଦି ବିସ୍କୁଟ, ନୁଡଲ୍, ବ୍ରେକ୍‌ଫାଷ୍ଟ ସିରିୟଲ୍ସ, କେଚ୍‌ଅପ୍, ଜାମ୍, ବାଦାମ ରୋଗନ ଓ ସବୁ ଆୟୁର୍ବେଦିକ ଔଷଧ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ସମର୍ପିତ ଅଟେ।

**ବିଶ୍ୱସ୍ତରୀୟ ପର୍ସନାଲ କେୟାର୍, ନାଚୁରାଲ୍ ବିଉଟି ଓ ହୋମ୍ କେୟାର୍ ଉତ୍ପାଦ**




ବଡି ଲୋଶନ୍, ଦନ୍ତକାନ୍ତି, କେଶକାନ୍ତି ଶାମ୍ପୁ ଓ ହେୟାର ଅଏଲ୍, ଶିଶୁ କେୟାର୍, ଏଲୋଭେରା ଜେଲ୍, ବିଉଟି କ୍ରିମ୍, ଫେସ୍‌ୱାଶ୍, ଆଣ୍ଟିରିଙ୍କଲ୍ କ୍ରିମ୍, ମଏଶ୍ଚରାଇଜର୍, ବୋରୋସେଫ୍ ଆଦି ସ୍କିନ୍ କେୟାର୍, ଗୋନାଇଲ ଫ୍ଲୋର୍ କ୍ଲିନର୍, ଗ୍ରୀନ୍ ଫ୍ଲଶ୍ ଟଏଲେଟ୍ କ୍ଲିନର୍, ଡିଶ୍‌ୱାଶ୍, ୱାଶିଂ ପାଉଡର ଆଦି ନିତ୍ୟବ୍ୟବହାର୍ଯ୍ୟ ପ୍ରତ୍ୟେକ ଉତ୍ପାଦ ଆପଣଙ୍କ ସେବା ପାଇଁ ତିଆରି କରାଯାଇଛି।

ବିଦେଶୀ ଉତ୍ପାଦଗୁଡ଼ିକୁ ବହିଷ୍କାର କରନ୍ତୁ କାରଣ ଘିଅ, ତେଲ, ଲୁଣ, ବିସ୍କୁଟ ଓ ନୁଡଲ୍ସ ଆଦି ଖାଇବା ପିଇବା ସାମଗ୍ରୀରୁ ଆରମ୍ଭ କରି ସାବୁନ, ଶାମ୍ପୁ, ଟୁଥ୍‌ପେଷ୍ଟ ଓ କ୍ରିମ୍ ଆଦି ନିତ୍ୟ ବ୍ୟବହାର୍ଯ୍ୟ ଉତ୍ପାଦଗୁଡ଼ିକ ଉପରେ ବର୍ଷ ବର୍ଷ ଧରି ଏମ୍.ଏନ୍.ସି. କମ୍ପାନୀଗୁଡ଼ିକର ପତିଆରା ରହିଆସିଛି। ମୋଟ 50 ଲକ୍ଷ କୋଟିର ଅର୍ଥବ୍ୟବସ୍ଥା ଏମ୍.ଏନ୍.ସି. (ବିଦେଶୀ କମ୍ପାନୀଗୁଡ଼ିକ) ହାତରେ ରହିଛି। ଏହି ଆର୍ଥିକ ଗୋଲାମୀରୁ ରକ୍ଷା କରିବାରେ, ଆପଣଙ୍କ ଆଶୀର୍ବାଦରୁ, ପତଞ୍ଜଳି ସବୁଠାରୁ ବଡ଼ ଭୂମିକା ତୁଲାଉଛି।

ପତଞ୍ଜଳି ଯୋଗ ଋଷି ସ୍ୱାମୀ ରାମଦେବ ଜୀ ଓ ଆୟୁର୍ବେଦର ମର୍ମଜ୍ଞ ଆଚାର୍ଯ୍ୟ ବାଲକୃଷ୍ଣ ଜୀଙ୍କ ନେତୃତ୍ୱରେ କୋଟି କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ, ରୋଜଗାର, ଶିକ୍ଷା ଓ ସଂସ୍କାର ଦେଇଛି। ଏକ ହଜାର କୋଟିରୁ ଅଧିକ ଚାରିଟେବଲ୍ ସେବା ଦେଶ ପାଇଁ କରିଛି। ଦେଶରେ ସାମାଜିକ, ଆର୍ଥିକ ଓ ଆଧ୍ୟାତ୍ମିକ ଆନ୍ଦୋଳନ ଆରମ୍ଭ କରିଛି। ଦେଶଭକ୍ତି ଓ ସ୍ୱଦେଶୀର ସ୍ୱାଭିମାନକୁ ଜଗାଇଛି।

**ଆମେ ଯାହା କିଛି ବି କରିଛୁ ତାହା ଆପଣ କୋଟି କୋଟି ଦେଶବାସୀଙ୍କ ଆଶୀର୍ବାଦ ଓ ସହଯୋଗ ଦ୍ୱାରା କରିଛୁ ଏବଂ ଆଗକୁ ମଧ 2040-50 ସୁଦ୍ଧା ଭାରତକୁ ବିଶ୍ୱର ଆଧ୍ୟାତ୍ମିକ ଓ ଆର୍ଥିକ ମହାଶକ୍ତି (ସୁପରପାୱାର) କରିବାରେ ବଡ଼ ଭୂମିକା ତୁଲାଇବାର ଅଛି।**

**ଆତ୍ମୀୟ ବିନମ୍ର ନିବେଦନ**

ପତଞ୍ଜଳିର ଏହି ସ୍ୱଦେଶୀ ଅଭିଯାନକୁ ପୂର୍ଣ୍ଣ ସମର୍ଥନ ଦିଅନ୍ତୁ ।
ନିଜ ଘରକୁ କେବଳ ପତଞ୍ଜଳିର ପ୍ରଡକ୍ଟସ୍ ହିଁ ଆଣନ୍ତୁ ।
ପତଞ୍ଜଳି ପ୍ରଡକ୍ଟସ୍ ଏମ୍.ଏନ୍.ସି.ରୁ 25%ରୁ 50% ପର୍ଯ୍ୟନ୍ତ ଶସ୍ତା ଓ ସର୍ବଶ୍ରେଷ୍ଠ ଅଟେ।

ସକାଳ 5ରୁ 8 ଏବଂ ସନ୍ଧ୍ୟା 8ରୁ 9 ଘଟିକାରେ AASTHA ଚ୍ୟାନେଲ୍ ନିଶ୍ଚୟ ଦେଖନ୍ତୁ। ଯୋଗ, ଆୟୁର୍ବେଦ ଓ ପ୍ରାକୃତିକ ଚିକିତ୍ସାର LIVE ପ୍ରଶିକ୍ଷଣ ସ୍ୱାମୀ ଜୀ ଓ ଆଚାର୍ଯ୍ୟ ଜୀଙ୍କଠାରୁ ପ୍ରାପ୍ତ କରି ଜୀବନକୁ ଦିବ୍ୟ କରନ୍ତୁ।

ପତଞ୍ଜଳିର ଏହି ପବିତ୍ର ଅଭିଯାନ ସହ ସମସ୍ତଙ୍କୁ ଯୋଡ଼ନ୍ତୁ, ଯେଉଁମାନଙ୍କ ରକ୍ତରେ ବିଶ୍ୱାସଘାତକତା, ବିଦେଶୀ କମ୍ପାନୀଗୁଡ଼ିକ ପ୍ରତି ଆନୁଗତ୍ୟତା ଏବଂ ସ୍ୱଦେଶୀ ପ୍ରତି ଘୃଣା ରହିଛି, ସେମାନଙ୍କ ଷଡ଼ଯନ୍ତ୍ର ଓ ଦୁଷ୍ପ୍ରଚାରର ମୁହଁତୋଡ଼ ଉତ୍ତର ଦିଅନ୍ତୁ ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀରୁ ଆରମ୍ଭ କରି ଏବେ ପର୍ଯ୍ୟନ୍ତ ଦେଶକୁ ଆର୍ଥିକ ଗୋଲାମ ଓ ଷଡ଼ଯନ୍ତ୍ର କରୁଥିବା ଏମ୍.ଏନ୍.ସି.ଗୁଡ଼ିକର ପର୍ଦ୍ଦାଫାଶ୍ କରି ବହିଷ୍କାର କରନ୍ତୁ।

ସ୍ୱାମୀ ଜୀ ଓ ଆଚାର୍ଯ୍ୟ ଜୀଙ୍କ ଫେସ୍‌ବୁକ୍ ଓ ଟୁଇଟର୍‌ରେ ଫଲୋ କରି ଆମକୁ ସପୋର୍ଟ କରନ୍ତୁ: @swami.ramdev @yogrishiramdev | @AcharyaBalkrishanJi @Ach_Balkrishna

ହେଲ୍‌ଥ ଟିପ୍‌ସ- କେବଳ କେମିକାଲ୍‌ରେ ପ୍ରସ୍ତୁତ, ସାବୁନ, ଶାମ୍ପୁ, ଟୁଥ୍‌ପେଷ୍ଟ, ହେୟାର୍ ଅଏଲ୍ସ ଓ କ୍ରିମ୍ ଆଦିର ଦୈନନ୍ଦିନ ବ୍ୟବହାର ତଥା ମଇଦା, କୋଲେଷ୍ଟ୍ରଲ, ଟ୍ରାନ୍ସଫ୍ୟାଟ୍‌ଯୁକ୍ତ ଓ ଅପମିଶ୍ରିତ ଖାଦ୍ୟ ଉତ୍ପାଦ କାରଣରୁ, ସେହିଭଳି ଆଲୋପ୍ୟାଥି ଔଷଧଗୁଡ଼ିକର ନିରନ୍ତର ସେବନ କାରଣରୁ ଆପଣଙ୍କ ସ୍ୱାସ୍ଥ୍ୟ ଓ ଜୀବନ ସହ ଖେଳ ଖେଳାଯାଉଛି। ଫୁଡ୍ ଓ ନାଚୁରାଲ୍ କସ୍‌ମେଟିକ୍ସ ସହିତ ପତଞ୍ଜଳି ଓ ଆମର ଦିବ୍ୟ ଫାର୍ମାସୀର ବି.ପି. ପାଇଁ ମୁକ୍ତାବଟି, ମଧୁମେହ ପାଇଁ ମଧୁନାଶିନୀ, ବ୍ରେନ୍ ପାଇଁ ମେଧାବଟି ସହିତ ଗିଲୋୟ ଘନବଟି, ଶ୍ୱାସାରି, ଶିଲାଜିତ ଆଦି ନାଚୁରାଲ୍ ଆୟୁର୍ବେଦିକ ଔଷଧ ପାଇଁ ପତଞ୍ଜଳି ସେଣ୍ଟର୍ସ ଥରେ ନିଶ୍ଚୟ ପରିଦର୍ଶନ କରନ୍ତୁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୫ ଜାନୁୟାରୀ, ୨୦୧୯




ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ମୀରା
ପରିବାରବର୍ଗ



ବବ୍‌ଲୁ
ପରିବାରବର୍ଗ



ପବିତ୍ର
ପରିବାରବର୍ଗ



ଗୋପାଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified





**SALE**

2014 Nissan Terrano, Diesel. HMS Carzone. Contact: 9437016540. D-63893





**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65238

Residential plot with revenue road and electricity near Patia Railway Station. 7978441564. D-10368

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର ବାଲକାଟି ବଜାରରୁ 3km. ଦୂରତାରେ 30'ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପାଚେରିସହ ପିଚୁରୋଡ୍‌କୁ ଲାଗି sqft. 480/-, ଜଟଣୀଗେଟ୍‌ରୁ 1km. ଦୂରତାରେ 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65319

**New year offer, ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ କୃଷ୍ଣସରଣପୁର ମୌଜା 100' roadକୁଲାଗି 1200 sqft. 5,90,000/-ରେ ପ୍ଲଟ ମିଳୁଅଛି। (boundary/ registration free) 9937542232.** D-65318

Plot sale near AIIMS Hospital Bhubaneswar with 30'road. 8456850883. D-65311

Gharabari land for sale near Bagalpur, Kantapad, Cuttack. Contact: 9937403575. D-63928

Booking 1 lakh simplex 2BHK 1200 sqft. land 20,50,000/- BDA area Tankpani Road, Sai Temple. 7735738102. D-10382

Excellent plots at Pitapalli Rs. 580/- and Kantabada (Kateni Chhak) Rs. 590/- , Bhubaneswar. Contact: 8339076535. D- 65435

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

Ready to move 4BHK duplex at Damana Rs. 80 lakhs, Contact: 9437260818. D-10381

ସୁନ୍ଦରପଦା- ଜଟଣୀ ମେନ୍‌ରୋଡରୁ right sideରେ Lingaraj Stationଠାରୁ 7km. ଦୂରତାରେ ବାସୋପଯୋଗୀ ପ୍ଲଟ near duplex and apartment ସ୍ୱଳ୍ପ ମୂଲ୍ୟରେ ମିଳୁଅଛି। 8249821200, 9238896887. D-62148

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10394

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9437040045, 9437192512. D-10409

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10393

Want to make a society deal at corporate price for 2/3BHK flats near AMRI Hospital, Khandagiri, Bhubaneswar. 7750085903. D-10342





**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10392





2BHK available for rent at Behera Sahi, Nayapalli, Bhubaneswar. Contact: 7377778777. D-10322

**ACCOMMODATION**

2BR/3BR house required for office/ transit house. Location preferred Goutam Nagar, BJB Nagar, Madhusudan Nagar, Kharavel Nagar, Bhubaneswar. Contact: 9437073443, 9437633373. D-58026





Only gents to gents Keralian herbal oil massage- 350. 9937946026, 9439770686. D-10383

Roshin ayurvedic massage club fully relaxed by smart lady home service facility available. 9937637219. D-64678

**LOST**

It is notifed that my original certificate of main Secondary Examination year 2015, Roll -6100558 passout from CBSE has been actually lost. Candidate Name- Abhilash Kar, Sardeipur, Bhaliabolakateni, Dhenkanal Sadar-759015, Mob: 9178665398. D-62062

**AFFIDAVIT**

By virtue of an affidavit sworn before Executive Magistrate, Khordha, I have change my surname from Debadatta Rautaray, S/o- Biswanath Rautaray for all purpose use. D-10410

## ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



(ପାର୍ଥ)

**ଆର୍ଯ୍ୟବର୍ମନ**

ତୋର ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ତତେ ଆଶୀର୍ବାଦ ପ୍ରଦାନ କରି କର୍ମଠ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ- ଜଗଦାନନ୍ଦ ଜେନା, ମା- ଶାନ୍ତିଲତା, ଅଜା, ଆଈ, ବାପା, ବୋଉ, ସାନବାପା, ସାନବୋଉ, ପିଉସା, ପଉସୀ, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୪୦୧

## ଜନ୍ମଦିନ ଶୁଭେଚ୍ଛା



**Krishna Sahoo**

**Old Town, Bhubaneswar**

Wish U a Very Happy Birthday.
Stay Blessed.
Best wishes from:
**Anshuman, Mummy, Papa and Relatives.** D-10398

## ପ୍ରଥମ ସ୍ୱନକ୍ଷତ୍ର ଶୁଭେଚ୍ଛା



**ଧରିତ୍ରୀ ନାୟକ**

ଖଟୁଆହତା, ଡୁମୁସିଙ୍ଗା, ଢେଙ୍କାନାଳ

ଆଜିର ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଅଜା- ରମେଶ ଚନ୍ଦ୍ର ନାୟକ ମୋଟରଚାଳକ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ଓଡ଼ିଶା, ଭୁବନେଶ୍ୱର, ଆଈ- ଶ୍ରୀମତୀ ନାୟକ, ବାପା- ଜଗନ୍ନାଥ ନାୟକ, ମା- ଅଞ୍ଜନା ନାୟକ। ଧ-୬୫୪୩୪

# ଭାଜପା, କଂଗ୍ରେସକର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୪।୧(ବ୍ୟୁରୋ)

ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝିଙ୍କ ନେତୃତ୍ୱରେ ଉମରକୋଟ୍ ବ୍ଲକର କେତେକ ଭାଜପା ଏବଂ କଂଗ୍ରେସ କର୍ମୀ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ପର୍ଶୁରାମ ଗଣ୍ଡ, ପରେଶ ପୂଜାରୀ, ଲକ୍ଷ୍ମୀନାଥ ଗଣ୍ଡ ଏବଂ ଦଲାଶୟ ଗଣ୍ଡ ପ୍ରମୁଖ ବିଜେଡ଼ିରେ ସାମିଲ ହୋଇଛନ୍ତି।

# ବଲାଙ୍ଗୀର-ଭଇଁଷାପାଲି ଟ୍ରେନ ଚଳାଅ

ଭୁବନେଶ୍ୱର,୪।୧(ବ୍ୟୁରୋ)

ବଲାଙ୍ଗୀର ଏବଂ ଭଇଁଷାପାଲି ସେକ୍ସନ ପାଇଁ ସୁରକ୍ଷା ସମ୍ପର୍କିତ ଅନୁମତି ୨୦୧୮ ଅକ୍ଟୋବରରୁ ମିଳିଥିବା ସତ୍ତ୍ୱେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇନାହିଁ। ଏହି ନୂତନ ଲାଇନରେ ଟ୍ରେନ ଚଳାଚଳ ବିଳମ୍ବକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ବଲାଙ୍ଗୀରରୁ ଭଇଁଷାପାଲି ଯାଏ ଏକ ଯାତ୍ରୀବାହୀ ଟ୍ରେନ୍ ଏବଂ ନୟାଗଡ଼ ଟାଉନରୁ କୋଲକାତାକୁ ଭାୟା ବିଶାଖାପାଟଣା ଏକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଅଧୀନ ବଲାଙ୍ଗୀରରୁ ଭଇଁଷାପାଲି ଯାଏ ନବନିର୍ମିତ ୧୬ କିଲୋମିଟର ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପଶ୍ଚିମ ଓଡ଼ିଶା ଲୋକଙ୍କ ଏକ ନ୍ୟାଯ୍ୟ ଦାବି। ଏହି ନୂତନ ରେଳପଥ ଆଭ୍ୟନ୍ତରୀଣ ଓଡ଼ିଶାକୁ ସଂଯୋଗ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପ ସମ୍ପର୍କରେ ରେଳମନ୍ତ୍ରୀଙ୍କୁ ମନେ ପକାଇ ନବୀନ କହିଛନ୍ତି ଯେ, ୧୭୭ କିଲୋମିଟର ଦଶପଲ୍ଲା-ବଲାଙ୍ଗୀର ରେଳପଥ ପାଇଁ ରାଜ୍ୟ ସରକାର ପ୍ରକଳ୍ପ ମୂଲ୍ୟର ୫୦% ଖର୍ଚ୍ଚ ବହନ କରିବା ସହ ମାଗଣାରେ ଜମି ଯୋଗାଇ ଦେଇଛନ୍ତି। ରେଳପଥ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ନୟାଗଡ଼ ସହିତ ରାଜ୍ୟର ଅନ୍ୟ ସହରକୁ ସିଧା ରେଳସେବା ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି। ଏ ନେଇ ପୂର୍ବରୁ ଅନୁରୋଧ କରାଯାଇଥିଲେ ମଧ କେନ୍ଦ୍ର ସରକାର କୌଣସି ଉତ୍ତର ଦେଇନାହାନ୍ତି। ନୟାଗଡ଼ ସହର ଜିଲାର ମୁଖ୍ୟାଳୟ ହୋଇଥିବାରୁ ହାଓଡା ଏବଂ ବିଶାଖାପାଟଣା ମଧ୍ୟରେ ଏକ ମେଲ ଏକ୍ସପ୍ରେସ୍ ଚଳାଇବାକୁ ପୂର୍ବରୁ ଅନୁରୋଧ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଭୁବନେଶ୍ୱରରୁ କୋଲକାତା ଯାଉଥିବା ଗରିବ ରଥକୁ ନୟାଗଡ଼ ପର୍ଯ୍ୟନ୍ତ ଚଳାଇଲେ କୌଣସି ସମସ୍ୟା ହେବନାହିଁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଉକ୍ତ ଟ୍ରେନ୍‌ଗୁଡ଼ିକ ଚଳାଚଳ କଲେ ନୟାଗଡ଼, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର ଏବଂ ବଲାଙ୍ଗୀର ଜିଲାର ଲୋକମାନଙ୍କୁ ଫାଇଦା ଦେବା ସହ ଉପକୂଳ ଜିଲାଗୁଡ଼ିକ ସହ ଯୋଗାଯୋଗ ସହଜ ହୋଇପାରିବ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଏଭଳି ଦାବି କରିଛନ୍ତି। ମୋଦି ଶନିବାର ବାରିପଦାଠାରେ ଅନୁଷ୍ଠିତ ସଭାରେ ୪୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସୂଚନାଥାଉ କି, ଗତ ସପ୍ତାହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ରାଜ୍ୟରେ ରେଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ପୂରଣ ହୋଇପାରୁନାହିଁ।

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

## ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଆଶୁତୋଷ ପ୍ରଧାନ**

ଅଳଗୁମ, ପୁରୀ

ଆବିର୍ଭାବ: ୨୫।୧୨।୧୯୭୨

ତିରୋଧାନ: ୦୫।୦୧।୨୦୦୬

**ଏବେବି ଲାଗୁଛି ତୁ ରାଉଲକେଲାରେ ଅଛୁ...**

ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା। ଶୋକସନ୍ତପ୍ତ: ବାପା, ବୋଉ, ମାମୁ, ମାଇଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୧୦୬

## ଏକାଦଶାହ ଉପଲକ୍ଷେ



**√ ସତ୍ୟେନ୍ଦ୍ର ପ୍ରସାଦ ଦାଶ**

ତେଲେଙ୍ଗା ସାହି, ବାଲେଶ୍ୱର

ଆବିର୍ଭାବ - ତା ୧୧.୦୧.୧୯୩୪

ତିରୋଧାନ - ତା ୨୬.୧୨.୨୦୧୮

ବାପା ! ଆପଣଙ୍କର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ପ୍ରେମ ଆମ ପାଇଁ ପ୍ରେରଣାର ଉତ୍ସ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ :
ସ୍ତ୍ରୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା ଓ ନାତି-ନାତୁଣୀ ମାନେ ଧ-୧୦୩୯୫

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ



**√ ବିଷ୍ଣୁ ପ୍ରସାଦ ମହାପାତ୍ର**

ଆବିର୍ଭାବ : ୧୬.୦୮.୧୯୫୫

ତିରୋଧାନ : ୧୭.୧୨.୨୦୧୭

ଚାହୁଁ ଚାହୁଁ ବର୍ଷେ ହୋଇଗଲା ଏ ତେଲ ଲୁଣ ସଂସାରରୁ ଚାଲିଯିବାର । କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ । ଏହି ପବିତ୍ର ଅମାବାସ୍ୟା ତିଥିରେ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆମେ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ। ଶୋକସନ୍ତପ୍ତ :

**ମହାପାତ୍ର ପରିବାର**

୪୭୦୮, ଗଜପତି ନଗର, ରଙ୍ଗନାଥ ଭବନ
ଭୁବନେଶ୍ୱର-୭୫୧୦୦୫ ଧ-୬୪୫୫୮

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**√ପ୍ରତୀକ ମହାପାତ୍ର**

ଆବିର୍ଭାବ-୦୪.୦୨.୧୯୯୯

ତିରୋଧାନ-୧୭.୧୨.୨୦୧୭

ଚାହୁଁ, ଚାହୁଁ ବର୍ଷଟିଏ ବିତିଗଲା, ପ୍ରତିଟି ମୁହୂର୍ତ୍ତ ତୋରି ସ୍ମୃତିରେ ସଜଳ । ତୋର ଅନୁପସ୍ଥିତି ଆମ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା । ତୁ ଯେଉଁଠି ଥା ଭଲରେ ଥା । ତୋ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ଶୋକସନ୍ତପ୍ତ-ମା ଓ ପରିବାରବର୍ଗ।

ଧ-୧୦୪୦୬

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବାଇଧର ବେହେରା**

ଆବିର୍ଭାବ: ଦେବସ୍ନାନ ପୂର୍ଣ୍ଣିମା (୦୯।୦୬।୧୯୨୪)

ତିରୋଧାନ: ବକୁଳ ଅମାବାସ୍ୟା (୧୮।୧୨।୨୦୧୭)

ସ୍ଥାନ- କଟକ, ଗୋପାଳପୁର

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତି। ଧ-୧୦୩୯୯

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ହରିହର ମିଶ୍ର**

ଗ୍ୟାରେଜ୍ ଛକ, ଭୁବନେଶ୍ୱର

ଆବିର୍ଭାବ: ୧୨।୦୭।୩୫

ତିରୋଧାନ: ୨୨।୧୨।୧୪

୪ର୍ଥ ବର୍ଷ ପୂର୍ତ୍ତି ଅବସରରେ ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ଅବିସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣଙ୍କର ଶୋକସନ୍ତପ୍ତ: ସ୍ତ୍ରୀ- ନଳିନୀ, କନ୍ୟା- ସରିତା, ଅନିତା, ଜ୍ୱାଇଁ- କୃଷ୍ଣଚନ୍ଦ୍ର, ବରଦା ଏବଂ ନାତିନାତୁଣୀ ଓ ବନ୍ଧୁବାନ୍ଧବ। ଧ-୧୦୩୬୨

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବଂଶୀଧର ଦାଶ**

ଗ୍ରାମ- ଜନାର୍ଦ୍ଦନପୁର,
ପୋ- ମଙ୍ଗଳପୁର, ପିପିଲି, ପୁରୀ

ଆବିର୍ଭାବ: ୧୨।୧୦।୧୯୨୯

ତିରୋଧାନ: ୧୮।୧୨।୨୦୧୭

ନନା, ଆପଣ ଆମକୁ ଛାଡିଯିବାର ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆପଣଙ୍କର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ ଆପଣଙ୍କର ଆତ୍ମା ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ରହୁ। ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୩୭୪୭

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଚାରୋଟି ଗ୍ରହ ଭାଗ୍ୟ ସ୍ଥାନରେ ଥିବାରୁ ସମ୍ମାନ ଓ ସହଯୋଗର ସହ ପ୍ରତ୍ୟେକ କାମକୁ ସହଜରେ ସମ୍ପନ୍ନ କରିପାରିବେ। କାର୍ଯ୍ୟଦକ୍ଷତା କାରଣରୁ ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରତ୍ୟେକ କଥାରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯଦ୍ଦ୍ୱାରାକି ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ବୃଷ**

ଧନସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟି , ଆପଣଙ୍କ ଓଜନଦାର କଥା ଅନ୍ୟମାନଙ୍କୁ ଆକର୍ଷିତ କରିବ। ଅର୍ଥସମ୍ପର୍କ, ଆନୁଷ୍ଠାନିକ କାମ ଓ ବନ୍ଧୁଙ୍କ ସହ ଆଲୋଚନାରେ ଅଗ୍ରଗତି ଘଟିବ। ହାତରୁ ଖାଇ ପର ପାଇଁ ଖଟି ପଶ୍ଚାତ୍ତେ ଅନୁତାପ କରିବେ। ପଡୋଶୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି, ବରଂ ଉପକୃତ ହେବେ।

**ମିଥୁନ**

ରାଶି ପ୍ରତି ଆଜିର ଗ୍ରହଦୃଷ୍ଟି କାର୍ଯ୍ୟହାସଲ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ସୃଷ୍ଟିକରିବ। କୌଣସି ବନ୍ଧୁଙ୍କ ସହ ସାଧାରଣ କଥାକୁ ନେଇ ଯୁକ୍ତିତର୍କ ଓ କଳହର ସୂଚନା ମଧ୍ୟ ରହିଛି। କିନ୍ତୁ ପୂର୍ବରୁ ଲାଗିରହିଥିବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**କର୍କଟ**

ପାରିବାରିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବା ସହ ବନ୍ଧୁଙ୍କ ସହଯୋଗରେ କାର୍ଯ୍ୟହାସଲ କରିପାରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଆଶ୍ୱାସନା ହେତୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶନି ଓ କେତୁଙ୍କ ସ୍ଥିତିଜନିତ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟରେ ସମସ୍ୟା ଓ ବନ୍ଧୁଙ୍କ ସହ ଝଗଡ଼ାର ଆଶଙ୍କା ରହିଛି।

**ସିଂହ**

ସହକର୍ମୀଙ୍କ ସହାୟତା ନେଇ କର୍ମକ୍ଷେତ୍ରର ସ୍ଥଗିତ କାମକୁ ସମ୍ପନ୍ନ କରିବେ। ଅର୍ଥନୈତିକ, ସାମାଜିକ ଓ ପାରିବାରିକ ସ୍ଥିତି ଭଲ ରହିବ। ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ କିନ୍ତୁ ପ୍ରଶାସନିକ ସ୍ତରରେ ସମସ୍ୟା ସୁଝୁରି ନ ପାରେ। ଅବଶ୍ୟ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଶିଳ୍ପ, ବାଣିଜ୍ୟ, ସଭାସମିତି ଓ ଆନୁଷ୍ଠାନିକ କାମରୁ ସମସ୍ୟା ଦୂରେଇଯିବ।

**କନ୍ୟା**

କର୍ମାଧିପ କର୍ମସ୍ଥାନକୁ ଦୃଷ୍ଟି ଦେଉଥିବାରୁ ଆଜି ଯେଉଁ କାମ ଆରମ୍ଭ କଲେ ମଧ ତାହା ନିର୍ବିଘ୍ନରେ ସମାପନ ହୋଇପାରିବ। ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶୁକ୍ରଙ୍କ ସୁପ୍ରଭାବରେ ସଙ୍ଗୀତ ସାଧନା, କ୍ରୀଡ଼ା, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ତୁଳା**

ରାଶ୍ୟାଧିପ ଶୁକ୍ରଙ୍କ ସହ ଚନ୍ଦ୍ର ଓ ବୃହସ୍ପତି ଧନସ୍ଥାନସ୍ଥ ଯୋଗୁ ଅର୍ଥନୈତିକ କାରବାର, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହୋଇପାରିବ। ପ୍ରବଳ ଆତ୍ମବିଶ୍ୱାସ ଓ ନିରଳସ କର୍ମପ୍ରବାହ ମାଧ୍ୟମରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ଶନିଙ୍କ ପ୍ରଭାବରେ ଟେକ୍ନିକାଲ, ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆଧ୍ୟାତ୍ମିକତା ପ୍ରତି ରୁଚି ବୃଦ୍ଧିପାଇବ।

**ବିଛା**

ଚିନ୍ତାଧାରା ମହତ ହେଲେ ମଧ କାର୍ଯ୍ୟଧାରାର ବ୍ୟତିକ୍ରମ ଜନିତ ସୁଯୋଗ ହରାଇପାରନ୍ତି। ମୁଖଭାବରେ ଶନିଙ୍କ ସହ ଅନ୍ୟଗ୍ରହଙ୍କ ସଂଯୋଗ ପାରିବାରିକ ଅଶାନ୍ତି କିମ୍ବା ଲୋକସମ୍ପର୍କ ହ୍ରାସ କରାଇପାରେ। କୃଷି, ବାଣିଜ୍ୟ, ରାଜନୀତିରେ ଚେଷ୍ଟା ସଫଳ ହେବାସହ ଯାତ୍ରା ଓ ବାଣିଜ୍ୟରେ ଅଶାଜନକ ଫଳ ପାଇବେ।

**ଧନୁ**

ପାପଗ୍ରହମାନେ ରାଶିରେ ଅବସ୍ଥାନ କରି ଶାରୀରିକ ଓ ମାନସିକ ସ୍ଥିତିକୁ ନିରୁତ୍ସାହିତ କରିପାରନ୍ତି। ବ୍ୟୟାଧିପ ମଙ୍ଗଳ ଚତୁର୍ଥସ୍ଥ ହେତୁ ପାରିବାରିକ ବ୍ୟତିକ୍ରମ କେତେକାଂଶରେ ଟେନ୍‌ସନ୍ ସୃଷ୍ଟିକରିବ। ସଭାସମିତି, ରାଜନୀତି, କଳା, ସାହିତ୍ୟ ପାଇଁ ଦିନଟି ଭଲ। କର୍ମକ୍ଷେତ୍ରରେ ଜଣେ ସହକର୍ମୀ ଅଥବା ସାମାଜିକ ସ୍ତରରେ ପ୍ରିୟବନ୍ଧୁଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇପାରନ୍ତି।

**ମକର**

କର୍ମାଧିପ ଏକାଦଶସ୍ଥ ହେତୁ ସାମାନ୍ୟ ସମସ୍ୟା ଦେଖାଦେଲେ ମଧ ଲକ୍ଷ୍ୟପୂରଣରେ ସମର୍ଥ ହୋଇପାରିବେ। କେତୁଙ୍କ ପ୍ରଭାବରେ ମାନସିକ ଅସ୍ଥିରତା ପ୍ରାୟତଃ ଲାଗିରହିବ। ମଙ୍ଗଳ ତୃତୀୟଭାବସ୍ଥ ହୋଇ ଭାଇ,ବନ୍ଧୁ, ପରିବାରର ଶାନ୍ତି ଭଗ୍ନ ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ**

ଚନ୍ଦ୍ର ବନ୍ଧୁକାରକ ବୁଧଙ୍କ ସହ ରହିଥିବାରୁ ଆପଣଙ୍କ କଥାକୁ ଅବିଶ୍ୱାସ କରି ମିତ୍ରମାନେ ସହଯୋଗର ହାତ ବଢାଇବାରେ ପଛେଇଯିବେ। ରାହୁ ଦ୍ୱାଦଶ ସ୍ଥାନକୁ ଦୃଷ୍ଟି ଦେଉଥିବାରୁ କାର୍ଯ୍ୟବ୍ୟସ୍ତତା ବୃଦ୍ଧିପାଇବା ସହ ଆକସ୍ମିକ ଦୂରଯାତ୍ରା କରିପାରନ୍ତି। କିନ୍ତୁ ଶୁଭଗ୍ରହ ପ୍ରଭାବରେ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ମୀନ**

ରାଶିରେ ମଙ୍ଗଳ ମାଙ୍ଗଳିକ କାର୍ଯ୍ୟ ସକାଶେ କ୍ଷେତ୍ର ପ୍ରସ୍ତୁତ କରିପାରନ୍ତି। ପାରିବାରିକ ସମସ୍ୟା ଲାଗି ରହୁଥିବାରୁ ମାନସିକ ଅସ୍ଥିରତା ବଶତଃ ପ୍ରତ୍ୟେକ କାର୍ଯ୍ୟରେ ଛୋଟବଡ଼ ସମସ୍ୟାର ସମ୍ମୁଖୀନ ହେବେ। ଆର୍ଥିକ ସ୍ଥିତି ପ୍ରାୟତଃ ପୂର୍ବଭଳି ରହିବ। ଅବଶ୍ୟ ବନ୍ଧୁଙ୍କ ଜରିଆରେ ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ।

ଆଜି ବକୁଳ ଅମାବାସ୍ୟା, ଶନିବାର, ଯଜ୍ଞ ବରାହ ଜନ୍ମ, ବିରଜା କ୍ଷେତ୍ରରେ ସାତଦିନବ୍ୟାପୀ ଜନ୍ମୋତ୍ସବ ପାଳନ, ଜାନୁୟାରୀ ୫ ତାରିଖ, ଦଶମ ଶିଖ୍‌ଗୁରୁ ଗୋବିନ୍ଦସିଂହଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ମୂଳା/ଧନୁ, ଅମାବାସ୍ୟାର ଶ୍ରାଦ୍ଧ, ନିଶାପାଳନ, ସକାଳ ଘ୧୧।୫୪ମି. ଗତେ ଘ୧।୧୫ମି. ମଧ୍ୟେ, ଘ୨।୩୬ମି. ଗତେ ଘ୩।୫୭ମି . ମଧ୍ୟେ ଅମୃତବେଳା। ଦିବା ଘ୭।୫୦ମି. ଗତେ ଘ୯।୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୯।୦୯ମି. ଗତେ ଘ୧୦।୩୦ମି. ମଧ୍ୟେ ରାହୁକାଳ।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

# କନଷ୍ଟେବଳ, ହାବିଲଦାରଙ୍କୁ ତଦନ୍ତ କ୍ଷମତା

- କ୍ଷୁଦ୍ର ମାମଲାର ତଦନ୍ତ କରିବେ
- ୪୫ ଦିନିଆ ପ୍ରଶିକ୍ଷଣ ଦିଆଯିବ

**କଟକ ଅଫିସ,୪ା୧:** ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ, କେରଳ ଭଳି ଏଣିକି ଓଡ଼ିଶା ପୋଲିସରେ ଚୋରି, ଗଣ୍ଡଗୋଳ ଭଳି କ୍ଷୁଦ୍ର ମାମଲାଗୁଡ଼ିକର ତଦନ୍ତ କରିବେ କନଷ୍ଟେବଳ ଓ ହାବିଲଦାର। ସ୍ନାତକ ଡିଗ୍ରୀଧାରୀ କନଷ୍ଟେବଳ ଏବଂ ଅପରାଧ ତଦନ୍ତ କ୍ଷେତ୍ରରେ ଜ୍ଞାନଥିବା ହାବିଲଦାରମାନଙ୍କୁ ଏହି କ୍ଷମତା ଦିଆଯିବ। ଓଡ଼ିଶା ପୋଲିସ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏନେଇ ଶୁକ୍ରବାର ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ପରେ ପୋଲିସ ଉପରେ ଥିବା ତଦନ୍ତର ଚାପ କମିପାରିବ ବୋଲି ଆଶା କରାଯାଉଛି।

ଇଣ୍ଡିଆନ ପେନାଲ କୋଡ୍(ଆଇପିସି)ରେ ମୋଟ ୫୧୧ଟି ଦଫା ରହିଥିବା ବେଳେ ସେଥିମଧ୍ୟରୁ ୩୭୯, ୨୯୪, ୩୨୪, ୩୪୧, ୩୦୪ଏ, ୨୯୧, ୩୪୮, ୪୪୭, ୩୮୪ ଭଳି ୩୩ ଦଫା ଲାଗୁଥିବା ମାମଲାଗୁଡ଼ିକ(୩ ବର୍ଷରୁ କମ୍ ଜେଲଦଣ୍ଡ)ର ତଦନ୍ତ ଭାର ଉପରୋକ୍ତ କନଷ୍ଟେବଳ ଏବଂ ହାବିଲଦାରମାନଙ୍କୁ ଦିଆଯିବ। ଏଥିପାଇଁ ସେମାନଙ୍କୁ ପ୍ରଥମେ ଓଡ଼ିଶା ପୋଲିସର ପ୍ରଶିକ୍ଷଣ ସେଣ୍ଟରରେ ୪ରୁ ୫ ସପ୍ତାହ ପ୍ରଶିକ୍ଷଣ ଦିଆଯିବ। ଏହାପରେ କାଗଜପତ୍ର କାର୍ଯ୍ୟ ପାଇଁ ଥାନାଗୁଡ଼ିକରେ ସେମାନଙ୍କୁ ୪୫ ଦିନିଆ ପ୍ରଶିକ୍ଷଣ ଦିଆଯିବ। ମାମଲା ରୁଜୁ କରିବା, ପ୍ରମାଣ ସଂଗ୍ରହ କରିବା, କେସ୍ ଡାଏରୀ ଲେଖିବା ଠାରୁ ଆରମ୍ଭ କରି ମାମଲାର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ତଦନ୍ତକାରୀ ଅଫିସରର ସମସ୍ତ କାର୍ଯ୍ୟ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ପରେ ସେମାନଙ୍କର ଏକ ପରୀକ୍ଷା କରାଯିବ। ଯେଉଁମାନେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ତଦନ୍ତ କ୍ଷମତା ଦିଆଯିବ ବୋଲି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି।

ସୂଚନାଯୋଗ୍ୟ, ଏବେ ଓଡ଼ିଶା ପୋଲିସରେ ୮ ହଜାରରୁ ଊର୍ଦ୍ଧ୍ୱ କନଷ୍ଟେବଳ ଏବଂ ହାବିଲଦାର କାର୍ଯ୍ୟରତ ଅଛନ୍ତି। ଏଏସ୍ଆଇମାନେ କ୍ଷୁଦ୍ର ମାମଲାଗୁଡ଼ିକର ତଦନ୍ତ କରୁଥିବାବେଳେ କନଷ୍ଟେବଳ ଏବଂ ହାବିଲଦାରମାନେ କେବଳ ତଦନ୍ତକାରୀ ଅଧିକାରୀମାନଙ୍କୁ ସହଯୋଗ କରୁଛନ୍ତି।







# ସବିତା, ପୂର୍ଣ୍ଣିମାଙ୍କୁ ଜିଲାସ୍ତରୀୟ ସାହସିକତା ପୁରସ୍କାର



ବ୍ଲକ ସଭାଗୃହରେ ଅନୁଷ୍ଠିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ପ୍ରଫୁଲ ସାମଲଙ୍କ ସହ ପୂର୍ଣ୍ଣିମା, ସବିତା ଓ ଅନ୍ୟ ପଦାଧିକାରୀମାନେ।

**କେନ୍ଦ୍ରାପଡ଼ା ଅଫିସ, ୪ା୧**

ମହାକାଳପଡ଼ା ବ୍ଲକସ୍ଥିତ ହୁକିଟୋଲା ପର୍ଯ୍ୟଟନସ୍ଥଳୀରୁ ଭୋଜି ସାରି ଫେରିବା ବେଳେ ଡଙ୍ଗା ବୁଡ଼ି ଘଟଣାରେ ଯାତ୍ରୀଙ୍କୁ ଉଦ୍ଧାର କରିଥିବା ୯ମ ଶ୍ରେଣୀର ୨ଛାତ୍ରୀ ପୂର୍ଣ୍ଣିମା ଓ ସବିତାଙ୍କୁ ମିଳିବ ଜିଲାସ୍ତରୀୟ ସାହସିକତା ପୁରସ୍କାର। ଆସନ୍ତା ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଜିଲାପାଳ ଦାଶରଥି ଶତପଥୀ ସୂଚନା ଦେଇଛନ୍ତି। ଏଥିସହ ଦୁଇ ଜଣଙ୍କୁ ରାଜ୍ୟ ଓ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଛି। ରାଜ୍ୟସ୍ତରୀୟ ସାହସିକତା ପୁରସ୍କାର ପ୍ରଦାନ ନିମନ୍ତେ ଶୁକ୍ରବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଜିଲାପାଳ ଶତପଥୀ ସୂଚନା ଦେଇଛନ୍ତି।

# ‘ମୋ ସ୍କୁଲ’ ଯୋଜନା: ୮ଲକ୍ଷ ଟଙ୍କା ଦେଲେ ପ୍ରବାସୀ ଓଡ଼ିଆ

**ଭୁବନେଶ୍ୱର, ୪ା୧(ବ୍ୟୁରୋ)**

ଆମେରିକାର ଶିକାଗୋରେ ରହୁଥିବା ପ୍ରବାସୀ ଓଡ଼ିଆ ଭାରତୀ ଖୁଣ୍ଟିଆ ‘ମୋ ସ୍କୁଲ’ ଯୋଜନା ପାଇଁ ୮ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେ ତାଙ୍କ ପିତା ପଞ୍ଚାନନ ବରାଳଙ୍କ ସ୍କୁଲ ଯାଜପୁର ଜିଲାର ଜେନାପୁର ହାଇସ୍କୁଲର ଉନ୍ନତି ପାଇଁ ଏହି ଟଙ୍କା ପ୍ରଦାନ କରିଛନ୍ତି। ଶୁକ୍ରବାର ସଚିବାଳୟରେ ଭାରତୀ ଓ ତାଙ୍କ ମା’ ଅନ୍ନପୂର୍ଣ୍ଣା ବରାଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ‘ମୋ ସ୍କୁଲ’ ଯୋଜନା ପାଇଁ ୮ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଭାରତୀ କହିଛନ୍ତି, ତାଙ୍କ ପିତା ସ୍କୁଲରେ ପାଠ ପଢୁଥିବା ସମୟରେ ଅନେକ ଦୁଃଖ କଷ୍ଟ ସହି ଶିକ୍ଷା ଗ୍ରହଣ କରିଥିଲେ ଏବଂ ତାଙ୍କର ପିଲାମାନଙ୍କୁ ମଣିଷ କରିଥିଲେ। ତାହାର ସ୍ମୃତି ସ୍ୱରୂପ ସେ ତାଙ୍କ ପିତାଙ୍କ ସ୍କୁଲର ଉନ୍ନତି ପାଇଁ ‘ମୋ ସ୍କୁଲ’ ଅଭିଯାନରେ ଅଂଶଗ୍ରହଣ କରିଛନ୍ତି।

CBSE
Exam Mate
ପୃଷ୍ଠା-୧୩

NECC NATIONAL EGG CO-ORDINATION COMMITTEE 04.01.2019 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 73 | 123 | 133 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply
Eggs Retail Price- 56/-Dozen
Issued in the Interest of Consumers

ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

# ରୋଗୀଙ୍କ ସମେତ ୨ ମୃତ, ୩ ଆହତ

**ଚାନ୍ଦବାଲି, ୪ା୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ରୋଗୀଙ୍କ ସମେତ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଗୁରୁତର ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମୃତ ରୋଗୀଙ୍କ ପରିବାରକୁ କ୍ଷତିପୂରଣ ଓ ଆହତଙ୍କ ଚିକିତ୍ସା ଖର୍ଚ୍ଚ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଶୁକ୍ରବାର ମୃତଦେହ ରଖି ଭଦ୍ରକ-ଚାନ୍ଦବାଲି ରାସ୍ତାକୁ କାଳୀ ମନ୍ଦିର ନିକଟରେ ଅବରୋଧ କରିଥିଲେ।

ସୂଚନା ଅନୁସାରେ, ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଉଗ୍ରତରା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। କାଣ୍ଡଗରଡ଼ି ଗାଁର ଉପେନ୍ଦ୍ର ସାହୁ(୫୫) ହୃଦ୍‌ଘାତରେ ପୀଡ଼ିତ ହୋଇ ଚିକିତ୍ସା ଲାଗି ଗୁରୁବାର ବିଳମ୍ବିତ ରାତିରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରାତି ପ୍ରାୟ ୩ଟା ବେଳେ ଏକ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭଦ୍ରକ ନିଆଯାଇଥିଲା। ଉଗ୍ରତରା ଛକ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବରଗଛରେ ଗାଡ଼ିକୁ ପିଟି ଦେଇଥିଲେ। ଗାଡ଼ି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ିରୁ ମୃତକ ଓ ଆହତଙ୍କୁ ଉଦ୍ଧାର କରିଥିଲେ। ମୃତକଦ୍ୱୟ ହେଲେ ରୋଗୀ ଉପେନ୍ଦ୍ର ଓ ଆମ୍ବୁଲାନ୍ସ କର୍ମଚାରୀ ପଳାଶପୁର ଗାଁର ପ୍ରମୋଦ ପରିଡ଼ା(୨୫)। ଉପେନ୍ଦ୍ରଙ୍କ ପୁଅ ବିଜୟ(୨୮) ଗୁରୁତର ଆହତ ହୋଇଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ ଆମ୍ବୁଲାନ୍ସ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଦୁର୍ଘଟଣା ପରେ ଆମ୍ବୁଲାନ୍ସ ଡ୍ରାଇଭର ଫେରାର ହୋଇଯାଇଛନ୍ତି।



ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ଭଦ୍ରକ-ଚାନ୍ଦବାଲି ରାସ୍ତା ଅବରୋଧ କରିଛନ୍ତି।

**କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ**

ଅନ୍ୟପକ୍ଷେ ଏହାର ପ୍ରତିବାଦରେ ରାସ୍ତା ଅବରୋଧ ଯୋଗୁ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଚାନ୍ଦବାଲି ତହସିଲଦାର ସତ୍ୟଜିତ ରାଉତ, ବିଡିଓ ଅଜାମ୍ବର ମହାନ୍ତି ଓ ଥାନାଧିକାରୀ ମୀନତି ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ଜିଲା ରେଡକ୍ରସରୁ ସହାୟତା ସହ ଗାଡ଼ି ବୀମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ।




-ନିପାଣିଆ ଡଙ୍ଗାବୁଡ଼ି ଘଟଣା

# ଆଉ ଜଣଙ୍କ ମୃତଦେହ ଉଦ୍ଧାର

- ୨ ଦିନ ପରେ ମିଳିଲା ଶିଶୁକନ୍ୟାର ମୃତଦେହ
- ଡଙ୍ଗାବୁଡ଼ିରେ ମୋଟ ୧୦ଜଣଙ୍କ ମୃତ୍ୟୁ

**କୁଜଙ୍ଗ/ମହାପାଳପଡ଼ା,୪ା୧(ସ୍ୱ. ପ୍ର/ଡି.ଏନ୍.ଏ.)**



ଶୁଭଶ୍ରୀ ସ୍ୱାଇଁ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଟିଘର ପଞ୍ଚାୟତର ନିପାଣିଆଠାରେ ହୋଇଥିବା ଡଙ୍ଗାବୁଡ଼ି ଘଟଣାରେ ଶୁକ୍ରବାର ଆଉ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅଧୀନ ହସିଣା ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ଝିଅ ଶୁଭଶ୍ରୀ ଓରଫ ସର୍ମିଷ୍ଠା(୫)। ଶୁଭଶ୍ରୀଙ୍କୁ ମିଶାଇ ଏହି ଡଙ୍ଗାବୁଡ଼ି ଘଟଣାରେ ମୋଟ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାଦିନ ଅର୍ଥାତ୍ ବୁଧବାର ବିଳମ୍ବିତ ରାତିରେ ୯ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ୨ ଦିନ ପରେ ଶୁଭଶ୍ରୀଙ୍କ ମୃତଦେହ ମିଳିଛି। କୁଜଙ୍ଗରେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯାଇ ସନ୍ଧ୍ୟା ୬ଟାରେ ହସିଣା ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଡଙ୍ଗାବୁଡ଼ି ସମୟରେ ଶୁଭଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ମା’ ପ୍ରଭାତି ସ୍ୱାଇଁଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଏବେ ସ୍ତ୍ରୀ ଓ ଝିଅଙ୍କୁ ହରାଇ ଅକ୍ଷୟ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ସୂଚନାଯୋଗ୍ୟ, ହୁକିଟୋଲାରୁ ବଣଭୋଜି ସାରି ବୁଧବାର ସନ୍ଧ୍ୟାରେ ୫୫ ପର୍ଯ୍ୟଟକ ଏକ ମାଛଧରା ଡଙ୍ଗାରେ ଫେରୁଥିବାବେଳେ ନିପାଣିଆ ନିକଟ ବାଲିଘାଟଠାରେ ଖୋଳାନଦୀରେ ଡଙ୍ଗାଟି ବୁଡ଼ିଯାଇଥିଲା। ଏଥିରେ ମୋଟ୍ ୮ ପିଲା ଓ ୨ ମହିଳାଙ୍କ ସମେତ ୧୦ଜଣଙ୍କ ମୃତ୍ୟୁ ହୋଇଛି।

# ବନ୍ଦ ରହିଲା କଂଗ୍ରେସର ଚାଷୀ ଗର୍ଜନ ସମାବେଶ

**ଭୁବନେଶ୍ୱର, ୪ା୧(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୮ରେ ସବୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଗର୍ଜନ ସମାବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଏହାକୁ ସାମୟିକ ଭାବେ ବାତିଲ୍ କରାଯାଇଛି। କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ଉକ୍ତ ଦିନ, ତାରିଖ ସହ ଜାନୁୟାରୀ ୯ରେ ୨ଦିନ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଆହ୍ୱାନ ଦେଇଛି। ତେଣୁ ଓଡ଼ିଶା ପିସିସି ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଜଣାଇବା ସହ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀମାନେ ସକ୍ରିୟ ସହଯୋଗ କରିବାକୁ ନିରଞ୍ଜନ ଅନୁରୋଧ କରିଛନ୍ତି। ‘ଚାଷୀ ଗର୍ଜନ ସମାବେଶ’ର ପରବର୍ତ୍ତୀ ତାରିଖ ଓ ଦିବସ ବିଷୟରେ ରାଜ୍ୟବାସୀଙ୍କ ନିକଟରେ ଖୁବ୍‌ଶୀଘ୍ର ରୂପରେଖ ଘୋଷଣା କରାଯିବ ବୋଲି ଦଳର ମୁଖପାତ୍ର ପଦ୍ମାକର ଗୁରୁ ସୂଚନା ଦେଇଛନ୍ତି।

THE KOSALA SCHOOL, Estd-1979
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632
KOSALA ENTRANCE TEST 2019-20
- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.

Sd/- (Principal)






# ଗଣ ନିରୀକ୍ଷଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସାମାନ୍ୟତମ ତ୍ରୁଟି ବିନା ଆମେ ଏକ ଗଣ ନିରୀକ୍ଷଣ ଯୁଗରେ ଉପନୀତ ହୋଇଛେ କି? ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ଏକ ନିର୍ଦ୍ଦେଶନାମା ଜାରି କରି ୧୦ଟି କେନ୍ଦ୍ରୀୟ ସଂସ୍ଥାକୁ ଯେ କୌଣସି କମ୍ପ୍ୟୁଟର ମାଧ୍ୟମରେ ସୃଷ୍ଟି କରାଯାଇଥିବା, ପଠାଯାଇଥିବା, ଗ୍ରହଣ କରାଯାଇଥିବା ବା ସଂରକ୍ଷିତ ରଖାଯାଇଥିବା ତଥ୍ୟକୁ ଧରିବା, ନିୟନ୍ତ୍ରିତ କରିବା ଓ ଡିକ୍ରିପ୍ଟ (ଡିକୋଡ୍) କରିବା ପାଇଁ ଅଧିକାର ପ୍ରଦାନ କରିଛି। ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା ଦସ୍ତଖତ କରିଥିବା ଏହି ଆଦେଶନାମାଟି ତଦନ୍ତ ବ୍ୟୁରୋ (ଆଇବି), ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ପରିଷଦ, ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ, ସିବିଆଇ, ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ), କ୍ୟାବିନେଟ୍ ସଚିବାଳୟ (ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍), ସିଗ୍ନାଲ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶାଳୟ (କେବଳ ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବାଞ୍ଚଳ ଓ ଆସାମରେ) ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ ଏ କ୍ଷମତା ପ୍ରଦାନ କରିଛି। ତେବେ ବିରୋଧୀ ଦଳଗୁଡ଼ିକ ଏ ଆଦେଶନାମା ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ମୋଦି ସରକାର ଏକ ସର୍ଭେଲାନ୍ସ ଷ୍ଟେଟ୍‌ର ବିକାଶ କରିବାକୁ ଯାଇ ସାଧାରଣ ନାଗରିକଙ୍କ ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ସରକାରଙ୍କର ଏ କ୍ଷମତା ୨୦୦୯ରୁ ରହିଆସିଛି। ତେବେ ପୂର୍ବରୁ କେବଳ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲୋକମାନଙ୍କ ଟେଲିଫୋନ୍ କଲ୍ ଓ ଇମେଲ ଯାଞ୍ଚ କରିପାରୁଥିଲେ ଏବଂ ସିକ୍ୟୁରିଟି ଏଜେନ୍ସିଗୁଡ଼ିକ ମନ୍ତ୍ରଣାଳୟଠାରୁ ଅଧିକାର ପାଇବା ପରେ କୌଣସି କମ୍ପ୍ୟୁଟର ତଥ୍ୟକୁ ଯାଞ୍ଚ କରିପାରୁଥିଲେ। କିନ୍ତୁ ବର୍ତ୍ତମାନ ଏ ସବୁ କରିବା ପାଇଁ ସେମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ମିଳିଗଲା। ଏ ବିବାଦ ପୁଣି ବଢ଼ିପାରେ ବୋଲି ବିଶେଷଜ୍ଞମାନେ ମନେକରୁଛନ୍ତି।

### ବାବୁ ତୁଷ୍ଟୀକରଣ

ମୁମ୍ବାଇର ୱିଲିଙ୍ଗଡନ ସ୍ପୋର୍ଟସ କ୍ଲବ୍ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଯାନ ପରୀକ୍ଷଣ ଟ୍ରାକ୍ ପାଇଁ ଏହାର ୧୮-ହୋଲ୍ ଗଲ୍ଫ କୋର୍ସ (ଗଲ୍ଫ ଖେଳିବାର ସ୍ଥାନ)ଟି ହରାଇବାର ଆଶଙ୍କା ଦେଖାଦେଇଛି। କ୍ଲବ୍ ପ୍ରଶାସନ ବୃହନ୍ମୁମ୍ବାଇ ପୌର ନିଗମ (ବିଏମ୍‌ସି) ଆଗରେ ଏହା ବିରୋଧରେ ପ୍ରତିବାଦ କରିଥିବା ବେଳେ ବିବାଦ ଥମିନାହିଁ। ପ୍ରାପ୍ତ ସୂତ୍ର ଅନୁସାରେ, କ୍ଲବ୍ ପ୍ରଶାସନ ପୌର କମିଶନର, ପୋଲିସ କମିଶନର, ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ପ୍ରଭୃତିଙ୍କୁ କ୍ଲବ୍‌ର ଆଜୀବନ ସଦସ୍ୟ କରିବା ପାଇଁ ଏହାର ସଦସ୍ୟତା ନିୟମରେ କିଛି ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଛି। ଏହାଦ୍ୱାରା ସେମାନେ ଗଲ୍ଫ କୋର୍ସର କିଛି ଅଂଶ ହରାଇବାର ଆଶଙ୍କା ଦୂର ହୋଇପାରିବ ବୋଲି ସେମାନେ ଆଶା କରୁଛନ୍ତି। ତେବେ ଏ ପ୍ରସ୍ତାବକୁ ନେଇ ମୁମ୍ବାଇରେ ସ୍ୱାଭାବିକ ଭାବେ ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କାରଣ ସଦସ୍ୟ ଚୟନରେ କ୍ଲବ୍ ଖୁବ୍ ବଛାବଛି କରିଥାଏ ଏବଂ ଯାହାକୁ ତାକୁ ସଦସ୍ୟ କରି ନ ଥାଏ। କିନ୍ତୁ ଭାଲୁ ଆସି ଦୁଆରମୁହଁରେ ବସିଥିବା ବେଳେ କ୍ଲବ୍ ପ୍ରଶାସନ ନିଜର ଗଲ୍ଫ କୋର୍ସକୁ ରକ୍ଷା କରିବାକୁ ଏକ ସନ୍ତୁଷ୍ଟୀକରଣ ନୀତି ଅବଲମ୍ବନ କରିବା ଛଡ଼ା ଅନ୍ୟ ଉପାୟ ନାହିଁ। କିନ୍ତୁ ଏହି ପ୍ରସ୍ତାବକୁ ଅନ୍ୟ କ୍ଲବ୍ ସଦସ୍ୟମାନେ ଅନୁମୋଦନ କରିବେ କି? ଅବଶ୍ୟ ଅମଲାତନ୍ତ୍ର ସହ ସାଲିସ କରିବା ବା କିଛି ପାଇବା ପାଇଁ ହେଲେ କିଛି ଛାଡ଼ିବା ଲାଗି ପ୍ରସ୍ତୁତ ହେବାରେ ୱିଲିଙ୍ଗଟନ କ୍ଲବ୍ ପ୍ରଥମ ନୁହେଁ। ଗତବର୍ଷ ବମ୍ବେ ଜିମ୍‌ଖାନା ଓ ବାବୁମାନଙ୍କ ମଧ୍ୟରେ ଅନୁରୂପ କନ୍ଦଳ ଲାଗିଥିଲା ଏବଂ ଶେଷରେ ଜିମ୍‌ଖାନା ସାଲିସ କରିବାକୁ ବାଧ୍ୟ ହୋଇଥିଲା।

### କ୍ୟାଡର ଆବଣ୍ଟନ ବିବାଦ

କେନ୍ଦ୍ର ସରକାରଙ୍କ ନୂତନ କ୍ୟାଡର ଆବଣ୍ଟନ ନୀତିକୁ ନେଇ ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ବାବୁମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏବେ ଏ ମାମଲା ଯାଇ କୋର୍ଟରେ ପହଞ୍ଚିଲାଣି। ନିର୍ଦ୍ଦିଷ୍ଟ କ୍ୟାଡର ଆବଣ୍ଟନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ବାରମ୍ବାର ଆବେଦନ କଲେ ମଧ୍ୟ ମନ୍ତ୍ରଣାଳୟ ଶୁଣୁ ନ ଥିବାରୁ ଯୁବ ପ୍ରଶାସନିକ ବାବୁମାନେ ହାଇକୋର୍ଟ ନିର୍ଦ୍ଦେଶନାମା ଅନୁସାରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ର ଦ୍ୱାରସ୍ଥ ହୋଇଛନ୍ତି। ନୂତନ କ୍ୟାଡର ଆବଣ୍ଟନ ନୀତି ଅନୁଯାୟୀ କେନ୍ଦ୍ର ସରକାର ସବୁ ରାଜ୍ୟକୁ ପାଞ୍ଚଗୋଟି ଜୋନ୍‌ରେ ବିଭକ୍ତ କରିଛନ୍ତି। ପ୍ରାର୍ଥୀମାନେ ନିଜ ପସନ୍ଦର ଜୋନ୍ ଓ କ୍ୟାଡର ପାଇବା ପାଇଁ ତାଲିକାରେ ଥିବା ନାମଗୁଡ଼ିକ ମଧ୍ୟରୁ ଅଧଃକ୍ରମରେ ଆବେଦନ କରିପାରିବେ। ତତ୍‌ସହ ପ୍ରତ୍ୟେକ ପସନ୍ଦର ଜୋନ୍ ମଧ୍ୟରୁ ପସନ୍ଦର କ୍ୟାଡର ପାଇଁ ଦାବି କରିପାରିବେ। ତେବେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ନିୟମଗୁଡ଼ିକର ଭୁଲ୍ ବ୍ୟାଖ୍ୟା କରି ଭ୍ରମିତ କରାଉଥିବାରୁ ଏପରି ଜଟିଳତା ଦେଖାଦେଇଛି। ଅନେକ ବାବୁଙ୍କୁ ସେମାନଙ୍କ ପସନ୍ଦଠାରୁ ଅଲଗା କ୍ୟାଡର ମିଳିଛି। ଥରେ ତାଲିକା ବାହାରିଗଲେ ସରକାର ତାକୁ ଆଉ ବଦଳାଇବା କଷ୍ଟକର ହେଉଥିବାରୁ ଦୁଇଜଣ ଆଇପିଏସ୍ ଅଫିସର ହିମାଂଶୁ କୁମାର ବର୍ମା ଓ ଭି.ଭି. ସାଇ ପ୍ରଣୀଥ ଜରୁରୀ ହସ୍ତକ୍ଷେପ ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ କୋର୍ଟ କହିଲେ ଯେ, ଜରୁରିକାଳୀନ ଭିତ୍ତିରେ କ୍ୟାଟ୍ ଏହି ଆବେଦନଗୁଡ଼ିକର ବିଚାର କରନ୍ତୁ।

Email: dilipcherian@gmail.com

# ବହୁରୂପୀ ବୁଦ୍ଧିଜୀବୀ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବୁଦ୍ଧିଜୀବୀ ସମ୍ପ୍ରଦାୟକୁ ଜାତିର ମସ୍ତିଷ୍କ ବୋଲି ବିବେଚନା କରାଯାଏ। ଶାବ୍ଦିକ ବିଶ୍ଳେଷଣ ଅନୁସାରେ ଯେଉଁମାନେ ବୁଦ୍ଧିଦ୍ୱାରା ଜୀବିକା ନିର୍ବାହ କରନ୍ତି ସେମାନେ ବୁଦ୍ଧିଜୀବୀ। ଜଣେ ଚୋର ମଧ୍ୟ ତା' ବୁଦ୍ଧି ଦ୍ୱାରା ଜୀବିକା ନିର୍ବାହ କରେ। ମାତ୍ର ଆମେ ତାକୁ ବୁଦ୍ଧିଜୀବୀ କହୁନାହୁଁ। ବୁଦ୍ଧିଜୀବୀ ଶବ୍ଦଟି ସର୍ବଦା ସକାରାତ୍ମକ ଅର୍ଥରେ ବ୍ୟବହାର ହୁଏ। କଠୋପନିଷଦରେ କୁହାଯାଇଛି, ''ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ। ବୁଦ୍ଧିନ୍ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବ ଚ॥ ଇନ୍ଦ୍ରିୟାଣି ହୟାନାହୁଃ ବିଷୟାସ୍ତେଷୁ ଗୋଚରାନ୍। ଆତ୍ମେନ୍ଦ୍ରିୟମନୋଯୁକ୍ତଂ ଭୋକ୍ତେତ୍ୟାହୁର୍ମନୀଷିଣଃ॥'' ଅର୍ଥାତ୍ ଶରୀର ହେଉଛି ରଥ ଓ ଆତ୍ମା ହେଉଛି ରଥୀ। ଏହି ଶରୀର ରଥର ସାରଥି ହେଉଛି ବୁଦ୍ଧି ଯାହା ମନରୂପକ ଲଗାମ ଦ୍ୱାରା ଇନ୍ଦ୍ରିୟରୂପୀ ଅଶ୍ୱମାନଙ୍କୁ ନିୟନ୍ତ୍ରଣ କରେ। ବୁଦ୍ଧି ସାରଥି ହୋଇଥିବାରୁ ମଣିଷକୁ ଏହା ଯଦି ଠିକ୍ ମାର୍ଗରେ ପରିଚାଳିତ କରେ, ମଣିଷ ତା'ର ଲକ୍ଷ୍ୟପଥରେ ନିର୍ବିଘ୍ନରେ ପହଞ୍ଚିପାରେ। ଏଣୁ ଆମେ ଆଶା କରୁ, ବୁଦ୍ଧି ବିବେକ ଦ୍ୱାରା ପ୍ରେରିତ ହେଉ ଓ ଏହି ବିବେକପ୍ରେରିତ ବୁଦ୍ଧି ଦ୍ୱାରା ଯେଉଁମାନେ ଜୀବିକା ନିର୍ବାହ କରନ୍ତି ସେମାନଙ୍କୁ ଆମେ ବୁଦ୍ଧିଜୀବୀ କହୁ। ସେହି ଦୃଷ୍ଟିରୁ ସୁଶିକ୍ଷିତ ନାଗରିକ, ପ୍ରଶାସକ, ଶିକ୍ଷକ, ବୈଜ୍ଞାନିକ, ଆଇନଜୀବୀ, ରାଜନୀତିଜ୍ଞ, ସାରସ୍ୱତ ସାଧକ ଆଦିଙ୍କୁ ଆମେ ବୁଦ୍ଧିଜୀବୀ ବୋଲି ଗ୍ରହଣ କରୁ। ଯେତେବେଳେ ଏହି ବୁଦ୍ଧିଜୀବୀମାନେ ବ୍ୟକ୍ତିସ୍ୱାର୍ଥଠାରୁ ଜାତୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦିଅନ୍ତି, ସେତେବେଳେ ଦେଶର ଗୌରବ ବଢ଼େ, ମାତ୍ର ତା'ର ବିପରୀତ ହେଲେ ଦେଶର ଦୁର୍ଭାଗ୍ୟ ଆରମ୍ଭ ହୁଏ। ଆଜି ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତରେ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଅଛନ୍ତି ଦୁଇଟି ଗୋଷ୍ଠୀ। ଗୋଟିଏ ଗୋଷ୍ଠୀ ସାମ୍ପ୍ରତିକ ଭାରତରେ ହିଂସା, ଅସହିଷ୍ଣୁତା, ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି, ଭ୍ରଷ୍ଟାଚାର ଦେଖି ଏକ ହତାଶା ଭାବରେ ପୀଡ଼ିତ। ସେମାନେ ଦେଖୁଛନ୍ତି ଭାରତର ବହୁଦଳୀୟ ଗଣତନ୍ତ୍ରରେ ସ୍ୱାଧୀନତାଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଦଳ ଶାସନ କରିସାରିଲେଣି। ଯେଉଁ ଦଳ ବିରୋଧୀ ଆସନରେ ବସୁଛି, ସେ ଶାସକ ଦଳକୁ ଦୁର୍ନୀତିଗ୍ରସ୍ତ କହୁଛି। ସମୟକ୍ରମେ ସବୁ ଦଳ କେତେବେଳେ ବିରୋଧୀ ଆସନରେ ବସୁଛନ୍ତି ତ କେତେବେଳେ ଶାସକ ଦଳରେ ବସୁଛନ୍ତି। ଉଭୟେ ନିଜକୁ ସ୍ୱଚ୍ଛ କହି ଅନ୍ୟକୁ ଦୁର୍ନୀତିଗ୍ରସ୍ତ କହୁଛନ୍ତି। ଶେଷରେ ସେମାନେ ପ୍ରମାଣ କରୁଛନ୍ତି ଯେ ସବୁ ଦଳ ଦୁର୍ନୀତିଗ୍ରସ୍ତ। ନିର୍ବାଚନ ପାଖେଇ ଆସିଲେ କିଛି ବିବେକବାନ୍ ଯୁବକ ଦୁର୍ନୀତିଗ୍ରସ୍ତ ନେତାମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରନ୍ତି। ସବୁ ଦଳ ଦୁର୍ନୀତିଗ୍ରସ୍ତ ଜାଣିବା ପରେ ପରିପକ୍ୱ ବୁଦ୍ଧିଜୀବୀମାନେ ଏହି ସଂଗ୍ରାମ ପ୍ରତି ବୀତସ୍ପୃହ ରହନ୍ତି ଓ ଗ୍ରୀକ୍ କାହାଣୀର ବୃଦ୍ଧ ଷଣ୍ଢ ଭଳି ନୀରବରେ ସବୁ ଦେଖି ବର୍ତ୍ତମାନକୁ ଗ୍ରହଣ କରିନିଅନ୍ତି। କଂସେଇମାନେ ଗୋରୁଙ୍କୁ କଲବଲ କରି ହତ୍ୟା କରୁଥିବାରୁ ଦିନେ ସମସ୍ତ ଗୋରୁ ସ୍ଥିର କଲେ ଯେ ସେମାନେ ଏକତାବଦ୍ଧ ହୋଇ ନିଜ ନିଜର ତୀକ୍ଷ୍ଣ ଶିଙ୍ଗ ସାହାଯ୍ୟରେ ସେମାନଙ୍କୁ ମାରି ପକାଇବେ। ମାତ୍ର ଗୋଟିଏ ବୃଦ୍ଧ ଷଣ୍ଢ ଏହି ପ୍ରସ୍ତାବ ପ୍ରତି ଉଦାସୀନ ରହି ଗୋଟିଏ କୋଣରେ ଶୋଇ ପାକୁଳି କରୁଥାଏ। ଯୋଦ୍ଧା ଗୋରୁମାନେ ବୃଦ୍ଧ ଷଣ୍ଢଠାରୁ ଉଦାସୀନତାର କାରଣ ଜାଣିବାକୁ ଚାହିଁବାରୁ ସେ ପଚାରିଲା, କଂସେଇମାନେ କେଉଁଠୁ ଆସନ୍ତି। ଗୋରୁମାନେ ଉତ୍ତର ଦେଲେ, ମଣିଷ ଜାତିରୁ। ଷଣ୍ଢ ପଚାରିଲା ତୁମେ କ'ଣ ସମଗ୍ର ମଣିଷ ଜାତିକୁ ମାରିଦେଇପାରିବ? ଉତ୍ତର ମିଳିଲା ନା। ବୃଦ୍ଧ ଷଣ୍ଢ କହିଲା ତୁମେ ଯେଉଁ କଂସେଇମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିବାକୁ ଯାଉଛ, ସେମାନେ ବଂଶାନୁକ୍ରମେ ତୁମକୁ ମାରି ଆସୁଥିବାରୁ ସେମାନେ ମାରିବାର ଏକ ସୁଗମ କୌଶଳ ଆୟତ୍ତ କରି ସାରିଲେଣି। ସେମାନଙ୍କୁ ମାରି ପକାଇଲେ ଯେଉଁ ନୂଆ କଂସେଇ ଦଳ ଆସିବେ ସେମାନେ ମାରିବାର କୌଶଳ ଶିଖି ନ ଥିବାରୁ ତୁମକୁ ମାରିବା ବେଳେ ଆହୁରି କଷ୍ଟ ହେବ। ଏଣୁ ବର୍ତ୍ତମାନର କଂସେଇମାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା ନ କରି ମୋ ଭଳି ନୀରବରେ ବସି ପାକୁଳଉ ଥାଅ। ଠିକ୍ ଏହିଭଳି ଭାରତର ଗୋଟିଏ ଗୋଷ୍ଠୀର ବୁଦ୍ଧିଜୀବୀ ନିର୍ବାଚନ ସମୟରେ ଉଦାସୀନ ହୋଇ ନୀରବରେ ବସି ରହିଛନ୍ତି। କାରଣ ଗୋଟିଏ ଦଳକୁ ଶାସନରୁ ହଟାଇ ଆଉ ଗୋଟିଏ ଦଳକୁ ବସାଇଲେ ବି ଅବସ୍ଥାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଆଜି ଭାରତରେ ଗୋଟିଏ ବୁଦ୍ଧିଜୀବୀ ଗୋଷ୍ଠୀ ଏହିଭଳି ନୈରାଶ୍ୟ ଭାବରେ ଜର୍ଜରିତ ହୋଇ ଉପର୍ଯ୍ୟୁକ୍ତ ବୃଦ୍ଧ ଷଣ୍ଢ ଭଳି ନୀରବରେ ଅବକ୍ଷୟର ଦୃଶ୍ୟକୁ ଦେଖି ଚାଲିଛନ୍ତି ଠିକ୍ ଯେମିତି ଦିନେ ଭୀଷ୍ମ ଶରଶଯ୍ୟାରେ ଶାୟିତ ହୋଇ କୁରୁବଂଶର ଧ୍ୱଂସଲୀଳାକୁ ସ୍ୱଚକ୍ଷୁରେ ଦେଖୁଥିଲେ।

ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଅଛନ୍ତି ଆଉ ଗୋଟିଏ ଗୋଷ୍ଠୀ। କିଛି ବୁଦ୍ଧିଜୀବୀ- ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ପ୍ରଶାସନିକ ଅଧିକାରୀ, ରାଜନେତା ଆଜି ଦୁର୍ନୀତିଗ୍ରସ୍ତ। ଏପରି କି ଧର୍ମାବତାର ଭାବରେ ବିବେଚିତ ବିଚାରପତି ଓ ନିରପେକ୍ଷ ତଦନ୍ତକାରୀ ସଂସ୍ଥା ସିବିଆଇ ମଧ୍ୟ ଦୁର୍ନୀତିଗ୍ରସ୍ତ ହେଉଥିବାର ଖବର ପରିବେଷିତ ହେଉଛି। ଉଚ୍ଚଶିକ୍ଷା, ସାମାଜିକ ପ୍ରତିଷ୍ଠା, ପ୍ରଚଣ୍ଡ ପ୍ରତିଭା ଥିବା ସତ୍ତ୍ୱେ ଏମାନେ ମାନସିକତାରେ କାଙ୍ଗାଳ। ଏମାନଙ୍କ ପାଇଁ ଜାତୀୟ ସ୍ୱାର୍ଥଠାରୁ ବ୍ୟକ୍ତିସ୍ୱାର୍ଥ ବଡ଼। ଏଣୁ ଏମାନଙ୍କ ମଧ୍ୟରୁ ଅନେକେ ଅବସର ପରେ କିଛି ଉଚ୍ଚ ନିଯୁକ୍ତି, କିଛି ପୁରସ୍କାର ହାତେଇବା ପାଇଁ ଏମାନେ ସରକାରଙ୍କ ଗେହ୍ଲା ପୁଅ ସାଜନ୍ତି। କବିବର ରାଧାନାଥଙ୍କ ଭାଷାରେ- ''ପଦ ପାଇଁ ଲୋକେ ହୋଇ ଲାଳାୟିତ, ତୋଷିବାକୁ ବ୍ୟସ୍ତ ମନୁଷ୍ୟର ଚିତ୍ତ। ଭ୍ରମନ୍ତି ମନୁଷ୍ୟ ପାଦ ଅନୁସରି, ସେହି ମନୁଷ୍ୟର ପୋଷା ଶ୍ୱାନ ପରି।'' (ଦରବାର)

ଆଜି କଳୁଷିତ ରାଜନୀତିକୁ ଲକ୍ଷ୍ୟ କରି କେହି କେହି କରୁଛନ୍ତି ବୁଦ୍ଧିଜୀବୀମାନେ ରାଜନୀତିରେ ସାମିଲ ହେଲେ ଦେଶର ଅବସ୍ଥା ସୁଧୁରିବ। ମାତ୍ର ଏବେ ମଧ୍ୟ କିଛି ବିଶିଷ୍ଟ ବୁଦ୍ଧିଜୀବୀ ଓ ତଥାକଥିତ ଜ୍ଞାନୀ ବ୍ୟକ୍ତି ରାଜନୀତିରେ ଜଡ଼ିତ। ମାତ୍ର ସେମାନେ କେଉଁ ଆଦର୍ଶରେ ବିଶ୍ୱାସ କରନ୍ତି ତାହା ବୁଝିବା କଷ୍ଟକର। କାରଣ ସେମାନଙ୍କ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ। ନିଜର ସ୍ୱାର୍ଥ ପାଇଁ ସେମାନଙ୍କ ଆଦର୍ଶ ବାରମ୍ବାର ବଦଳୁଛି। ଏଣ୍ଟୁଅମାନଙ୍କ ଭଳି ସେମାନେ ବାରମ୍ବାର ରଙ୍ଗ ବଦଳାଉଛନ୍ତି। ବହୁବର୍ଷ ତଳେ ବିଶିଷ୍ଟ ଲେଖକ ମନୋଜ ଦାସ କହିଥିଲେ- ପ୍ରାଗୈତିହାସିକ କାଳରୁ ଜୀବଜଗତକୁ ନେଇ କେତେ ପ୍ରକାର ପରୀକ୍ଷା କରିଆସିଛି ପ୍ରକୃତି। ଏଣ୍ଟୁଅକୁ ଘନ ଘନ ରଙ୍ଗ ବଦଳାଇବାର ଶକ୍ତି ବା ଗୁଣ ଦାନ କରି ସେ ଯେଉଁ ପରୀକ୍ଷା ଆରମ୍ଭ କରିଥିଲା ତାହା ନିଶ୍ଚେ ଆଜି ଶେଷ ହୋଇନାହିଁ। ସେହି ଅସମାପ୍ତ ପରୀକ୍ଷା ଆଜିର ରାଜନୀତି ଅଭିଳାଷୀମାନଙ୍କ ଚରିତ୍ର ଉପର ଦେଇ ପ୍ରକୃତି ପୁନର୍ବାର ଆରମ୍ଭ କରିଛି ବୋଲି ମନେହୁଏ। (କେତେ ଦିଗନ୍ତ) ନେତାମାନଙ୍କ ରଙ୍ଗ ବଦଳେ ଠିକ୍ ନିର୍ବାଚନ ପୂର୍ବରୁ। ଯଦି ସେମାନେ କୌଣସି କାରଣ ବଶତଃ ନିର୍ବାଚନରେ ଛିଡ଼ାହେବା ପାଇଁ ଟିକେଟ ପାଆନ୍ତି ନାହିଁ, ସଙ୍ଗେ ସଙ୍ଗେ ପ୍ରତିକ୍ରିୟାଶୀଳ ହୁଅନ୍ତି ଓ ଏପରି କି ଯେଉଁ ଦଳକୁ ସେମାନେ ଦିନେ ଶତ୍ରୁ ବିଚାରୁଥିଲେ ସେହି ଦଳରେ ଯୋଗ ଦିଅନ୍ତି। ଆଦର୍ଶ ଥରେ ଅଧେ ବଦଳିବାର ସମ୍ଭାବନା ଥାଏ। ମାତ୍ର ଗୋଟିଏ ଆଦର୍ଶକୁ ତ୍ୟାଗ କରି ଆଉ ଏକ ଆଦର୍ଶକୁ ଆପଣେଇ ନେବାରେ କିଛି ଆପତ୍ତି ନାହିଁ। ମାତ୍ର ଗୋଟିଏ ଆଦର୍ଶକୁ ତ୍ୟାଗ କରି ଆଉ ଏକ ଆଦର୍ଶକୁ ଆପଣେଇ ନେବାର କିଛି ମାସ ପରେ ପୁଣି ପୂର୍ବ ଆଦର୍ଶକୁ ଫେରିବା ଏକ ପ୍ରହସନ। ଏହାକୁ ପୁଣି ଘରବାହୁଡ଼ା କହିବା ଆହୁରି ଲଜ୍ଜାଜନକ। ଯେଉଁମାନେ ଏଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ସେମାନେ ମୂର୍ଖ ନୁହନ୍ତି। ସମସ୍ତେ ବୁଦ୍ଧିଜୀବୀ। ଦେଶର ପ୍ରଗତି ସାଧନ କରିବା ପାଇଁ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସୃଷ୍ଟି କରାଯାଇ ବୁଦ୍ଧିଜୀବୀ ନିର୍ମାଣ କରାଗଲା। ଆଶା କରାଯାଉଥିଲା, ଏହି ବୁଦ୍ଧିଜୀବୀମାନେ ନିଜର ପ୍ରଚଣ୍ଡ ପ୍ରତିଭା ବଳରେ ଦେଶକୁ ପ୍ରଗତି ପଥରେ ଆଗେଇ ନେବେ। ଯଦି ଏହି ପ୍ରତିଭାବାନ୍ ବୁଦ୍ଧିଜୀବୀମାନେ ଏକ ଆଦର୍ଶ ଜୀବନଯାପନ ନ କରି ଦୁର୍ନୀତି ଓ ଭ୍ରଷ୍ଟାଚାରର ପଥକୁ ଆବୋରି ନେବେ, କବିସୂର୍ଯ୍ୟ ବଳଦେବ ରଥଙ୍କ ଭାଷାରେ- ''କାହାକୁ କହିବା, କପାଳରେ ସିନା କର ତାଡ଼ିବା। ଜିଇବା ପାଇଁ ପିଇବା ପୀୟୂଷ ପରିପାକେ ଯେବେ ହେବ ସେ ବିଷ। କୁନ୍ଦନ ଯେବେ ପାଲଟିବ ରଙ୍ଗ, କଟିସୂତ୍ର ଯେବେ ହେବ ଭୁଜଙ୍ଗ।'' ଅର୍ଥାତ୍ ବଞ୍ଚିବା ପାଇଁ ଆମେ ଅମୃତ/କ୍ଷୀର ପିଇବା ଓ ଯଦି ତାହା ବିଷରେ ପରିଣତ ହୁଏ, ସ୍ୱର୍ଣ୍ଣ ଯଦି ଟିଣରେ ପରିଣତ ହୁଏ ବା କଟିସୂତ୍ର ଯଦି ସର୍ପରେ ରୂପାନ୍ତରିତ ହୁଏ, ଆମେ କାହାକୁ କହିବା। କପାଳରେ ନିଜ ହାତ ମାରିବା ବ୍ୟତୀତ ଆଉ ଅନ୍ୟ ପନ୍ଥା ନାହିଁ। ଏଣୁ ଏବେ ବି ସମୟ ଅଛି ବୁଦ୍ଧିଜୀବୀମାନେ ସେମାନଙ୍କର ବିବେକପ୍ରେରିତ ବୁଦ୍ଧି ଓ ପ୍ରତିଭାର ସଦୁପଯୋଗ କରି ରାଷ୍ଟ୍ରର ଉନ୍ନତି ବିଧାନରେ ବ୍ରତୀ ହୁଅନ୍ତୁ।

ଟିଟିଲାଗଡ, ମୋ-୯୪୩୭୩୨୯୨୬୩

# ସଡ଼କ ଦୁର୍ଘଟଣାରେ ଆଗରେ ଓଡ଼ିଶା



ଅଲେଖ ଚନ୍ଦ୍ର ସାମଲ

ରାଜ୍ୟରେ ସଡ଼କ ଦୁର୍ଘଟଣା ଏକ ବଡ଼ ସମସ୍ୟାରୂପେ ଉଭା ହୋଇଛି। ୨୦୧୭ରେ ଦେଶରେ ଦୁର୍ଘଟଣାରେ ୧.୪୮ଲକ୍ଷ ଲୋକଙ୍କ ଜୀବନ ଯାଇଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୪୮୦୦। ଦେଶରେ ପ୍ରତି ୧୦୦ଟି ଦୁର୍ଘଟଣାରେ ୨୯ଜଣଙ୍କର ଜୀବନ ଯାଉଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୪୪। ଗତ ୨୦୧୪ରେ ଏ ନେଇ ଗଠିତ ରାଧାକୃଷ୍ଣ କମିଟି ଦୁର୍ଘଟଣା ହାର ହ୍ରାସ ପାଇଁ ବିଭିନ୍ନ ସୂତ୍ରରୁ ସମୀକ୍ଷା ସହ ନିରାକରଣ ପାଇଁ ପଦକ୍ଷେପ ନେଇଛନ୍ତି। ୨୦୨୦ ସୁଦ୍ଧା ଦୁର୍ଘଟଣା ହାର ୫୦ ପ୍ରତିଶତ ହ୍ରାସ ପାଇଁ କମିଟି ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶାରେ ଏହାର ଅଭାବନୀୟ ଚିତ୍ର ଦେଖାଦେଇଛି। ରାଜ୍ୟରେ ୨୦୧୫ ତୁଳନାରେ ୨୦୧୬ ଓ ୨୦୧୭ରେ ଦୁର୍ଘଟଣା ହାର ୭.୩୩% ବଢ଼ିଛି। ୨୦୧୮ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୪୨୧୭ଟି ଦୁର୍ଘଟଣା ହୋଇଥିବା ବେଳେ ୨୦୧୭ ତୁଳନାରେ ଏହା ୮.୪୩% ଅଧିକ। ଖୋର୍ଦ୍ଧାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଦୁର୍ଘଟଣାପ୍ରବଣ ରାସ୍ତାରେ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିବା ସହ ଏହାକୁ ସିସିଟିଭି ନିରୀକ୍ଷଣରେ ରଖିବା ପାଇଁ ୨୪ଟି କ୍ୟାମେରା ଲଗାଯାଇଛି। ସମସ୍ତ ଜିଲ୍ଲା ଓ ସବ୍‌ଡିଭିଜନରେ ଇଲେକ୍ଟ୍ରୋନିକ୍ସ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା ସହ ପୁରୀ, ଅନୁଗୋଳ, ଖୋର୍ଦ୍ଧା, କୋରାପୁଟ, କେନ୍ଦୁଝର, ବ୍ରହ୍ମପୁର, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ କମିଶନରେଟ୍ ପୋଲିସରେ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟାରି ସ୍କଲାରଶିପ୍ ବ୍ୟବସ୍ଥା ଆରମ୍ଭ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି।

ପୃଥିବୀରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ଭାରତ ପ୍ରଥମ। ବାର୍ଷିକ ୧,୩୦,୦୦୦ରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। କେଉଁଠି ସ୍କୁଲ ବସ୍ ବା ଯାତ୍ରୀବାହୀ ବସ୍ ନଦୀକୁ ଖସି ପଡ଼ିଲାଣି ତ କେଉଁଠି ପାହାଡ଼ିଆ ରାସ୍ତାରୁ ବସ୍ ଓଲଟିଲାଣି। ପୁଣି କେଉଁଠି ଅଣଓସାରିଆ ରାସ୍ତା ଯୋଗୁ ବସ୍ ବସ୍ ମଧ୍ୟରେ ସମ୍ମୁଖ ଧକ୍କା ହୋଇ ଉଭୟ ବସ୍ ଓଲଟି ପଡ଼ିଲେଣି। ଦୁଇଚକିଆ ଯାନ ମଧ୍ୟରେ ଯେଉଁସବୁ ଦୁର୍ଘଟଣା ଘଟୁଛି ସେଥିରେ ଅଧିକାଂଶ ସ୍ଥଳରେ ତରୁଣ ଓ ଯୁବଗୋଷ୍ଠୀ ଅନ୍ତର୍ଭୁକ୍ତ ଥିବା ଜଣାଯାଇଛି। ପୁନଶ୍ଚ ଟ୍ରକ୍ ଡ୍ରାଇଭରମାନଙ୍କ ମନମୁଖି ଚାଳନା ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଛି।

ସଡ଼କ ସୁରକ୍ଷା ସଚେତନତା ପାଇଁ କେନ୍ଦ୍ର ଓ ରାଜ୍ୟସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲେ ମଧ୍ୟ ତାହାର ଆଖିଦୃଶିଆ ସଫଳତା ଏ ଯାଏ ମିଳିପାରି ନାହିଁ। ଚାରିଚକିଆ ଯାନ ଚଳାଇଲା

### ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ

ବେଳେ କାର ବେଲ୍ଟ ବାନ୍ଧିବା ବାଧ୍ୟତାମୂଳକ ଥିଲେ ମଧ୍ୟ ଅଧିକାଂଶ ଚାଳକ ଏହାକୁ ଅମାନ୍ୟ କରିଥାନ୍ତି। ସେହିପରି ଦୁଇ ଚକିଆ ଚଳାଇବା ବେଳେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ଥିଲେ ମଧ୍ୟ ଅଧିକାଂଶ ସ୍ଥଳରେ ଯୁବଗୋଷ୍ଠୀ ଏହାକୁ ଅଣଦେଖା କରିଥାନ୍ତି। ଏପରି କି ଅପ୍ରାପ୍ତବୟସ୍କ ତରୁଣମାନେ ବିନା ଲାଇସେନ୍ସରେ ଗାଡ଼ି ଚଳାଇଥାନ୍ତି। ନିର୍ଦ୍ଧାରିତ ବେଗକୁ ଅବମାନନା କରି କ୍ଷିପ୍ରଗତିରେ ଗାଡ଼ି ଚାଳନା କରିବା ମଧ୍ୟ ଦୁର୍ଘଟଣା ଓ ତତ୍‌ଜନିତ ମୃତ୍ୟୁର ଅନ୍ୟତମ କାରଣ। ଏବେ ନିଶାଗ୍ରସ୍ତ ହୋଇ ଗାଡ଼ି ଚଳାଇବା, ତା'ସହିତ ମୋବାଇଲ ଫୋନର ବ୍ୟବହାର ସବୁ ପ୍ରକାର ଯାନ ଦୁର୍ଘଟଣାର ପ୍ରମୁଖ କାରଣ ସାଜିଛି। ସହରଗୁଡ଼ିକରେ ସିନା ଟ୍ରାଫିକ୍ ପୋଲିସ ନିୟମ ଉଲ୍ଲଂଘନକାରୀ ଚାଳକମାନଙ୍କୁ ଧରି ଜରିମାନା ଆଦାୟ କରିବା ସହ ଦଣ୍ଡ ପ୍ରଦାନ କରୁଛି, ତେବେ ସହରତଳି ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ସେମାନଙ୍କୁ ରୋକିବା ପାଇଁ କିଏ ଅଛି? ପ୍ରଥମତଃ ରାସ୍ତା ଖରାପ, ଦ୍ୱିତୀୟତଃ ଦ୍ରୁତ ଗାଡ଼ିଚାଳନା ଏବଂ ସର୍ବଶେଷରେ ମଦ୍ୟପାନ ଓ ମୋବାଇଲ ଫୋନର ବ୍ୟବହାର- ଏଥିରେ ଦୁର୍ଘଟଣା ହେବନି ତ ଆଉ କ'ଣ ହେବ? ଭାରତରେ ଏବେ ଦୁଇଚକିଆ, ଚାରିଚକିଆ ଯାନର ଭାଉ ଢେର ବଢ଼ିଛି। ଘରେ ଯେତେ ଅସୁବିଧା ଥାଉ ପଛେ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ଷ୍ଟାଟସ୍ ସିମ୍ବଲ ହେଉଛି ଘରେ ଅନ୍ତତଃପକ୍ଷେ ଗୋଟିଏ ଗାଡ଼ି ରହିବା। ବିକଶିତ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଗୋଟିଏ ଡ୍ରାଇଭିଂ ଲାଇସେନ୍ସ ପାଇବା କାଠିକର ପାଠ ହେଉଥିବା ବେଳେ ଭାରତରେ ଏହା ସହଜଲବ୍ଧ। ସେ ଦେଶଗୁଡ଼ିକରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ନିବେଦନ କରିଥିବା ବ୍ୟକ୍ତି ପ୍ରଥମେ କଠିନ ସ୍ୱାସ୍ଥ୍ୟ ପରୀକ୍ଷା ସହ ତା'ର ମାନସିକ ସ୍ଥିତିର ମଧ୍ୟ ପରୀକ୍ଷା ଦେବାକୁ ପଡ଼ିଥାଏ। ସେ ଅପରାଧପ୍ରବଣ ବ୍ୟକ୍ତି କି ନୁହେଁ ଇତ୍ୟାଦି ପରୀକ୍ଷା କରାଯିବା ସହ ତା'ର ମାନସିକ ଭାରସାମ୍ୟ ପରୀକ୍ଷା କରାଯାଏ। ସେ ଅଭ୍ୟାସଗତ ନିଶା ସେବନକାରୀ କି ନୁହେଁ ଏହା ମଧ୍ୟ ପରୀକ୍ଷା କରାଯାଇଥାଏ। ଏବେ କିଛିଦିନ ହେଲା ଓଡ଼ିଶାରେ ଲାଗ ଲାଗ ବସ୍ ଦୁର୍ଘଟଣା ଘଟି ବହୁ ଲୋକଙ୍କ ଜୀବନହାନି ଘଟୁଛି। ଏହାର ମୁଖ୍ୟ କାରଣ ହେଲା ମଦ୍ୟପାନ କରି ବେପରୁଆ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ଫୋନରେ କଥା ହେବା ଓ ଗୀତ ଶୁଣିବା, ଆବଶ୍ୟକ କ୍ଷମତାରୁ ଗାଡ଼ିରେ ଅଧିକ ଯାତ୍ରୀ ନେବା, ଅତି ପୁରୁଣା ଗାଡ଼ି ଯାନ୍ତ୍ରିକ ତ୍ରୁଟି ସତ୍ତ୍ୱେ ବ୍ୟବହାର କରିବା ଇତ୍ୟାଦି। ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଯେଉଁ ଆଇନ ଅଛି ତାହା କଡ଼ାକଡ଼ି ପାଳନ ହେଉ ନ ଥିବା ଯୋଗୁ ଦୁର୍ଘଟଣା ସଂଖ୍ୟା ବଢ଼ି ବଢ଼ି ଚାଲିଛି। ତେଣୁ ଏଥିପାଇଁ ଗଭୀର ଜନସଚେତନତା ସୃଷ୍ଟି କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା ଏବଂ ଦକ୍ଷତା ଓ ଯୋଗ୍ୟତା ନ ଥିବା ବ୍ୟକ୍ତିଙ୍କୁ ଲାଇସେନ୍ସ ପ୍ରଦାନ ନ କରିବା ଇତ୍ୟାଦି ପଦକ୍ଷେପମାନ ନିଆଗଲେ ସଡ଼କ ଦୁର୍ଘଟଣାକୁ ଅନେକାଂଶରେ ରୋକାଯାଇ ପାରିବ।

ରାୟଗଡ଼ା, ମୋ- ୯୪୩୭୨୫୭୧୨୩

## ଏଇ ଭାରତରେ

ଦେଶରେ କନ୍ୟାଭ୍ରୂଣ ହତ୍ୟା ଘଟିଚାଲିଥିଲା ବେଳେ କେତେକ ବ୍ୟକ୍ତି କନ୍ୟା ଜନ୍ମକୁ ଆଶୀର୍ବାଦ ବୋଲି ମନେ କରିଥାଆନ୍ତି। ପରିବାରରେ ଝିଅ ଜନ୍ମହେଲେ ତାକୁ ସ୍ୱାଗତ କରି ଖୁସି ମନାଯାଏ। ବିହାରର ଭାଗଲପୁର ଅନ୍ତର୍ଗତ ଧରାହରା ନାମକ ଏକ ଗ୍ରାମ ଅଛି। ସେଠାରେ ଝିଅଙ୍କୁ ଲକ୍ଷ୍ମୀ ଭାବରେ ଗ୍ରହଣ କରାଯାଇଥାଏ। ପରିବାରରେ ଝିଅ ଜନ୍ମହେଲେ ତାକୁ ପୂଜା କରାଯାଇ ଖୁସିର ମାହୋଲ ଆରମ୍ଭ କରାଯାଏ। ଗାଁରେ ଭୋଜିଭାତ ହେବା ସହିତ ମେଳା ମହୋତ୍ସବ ଆରମ୍ଭ ହୁଏ। ଏଠାରେ ଏଭଳି ଏକ ପରମ୍ପରା ଗତ ୩ ଶହରୁ ଅଧିକ ବର୍ଷ ହେଲା ଚଳିଆସୁଛି। ଝିଅ ଜନ୍ମ ହେଲେ ତାକୁ ମାତା ଲକ୍ଷ୍ମୀଙ୍କ ଅବତାର ବୋଲି ଧରିନିଆଯାଏ। ଖୁସିରେ ପରିବାର ଲୋକେ ବିଭିନ୍ନ ବୃକ୍ଷ ରୋପଣ କରନ୍ତି। ଏବେ ଏହି ଗାଁର ଲୋକସଂଖ୍ୟା ୬ ଶହ। ଗାଁର ପରିବେଶକୁ ସଫାସୁତୁରା ରଖିବା ଉପରେ ଗ୍ରାମବାସୀ ଗୁରୁତ୍ୱ ଦେଇଥାଆନ୍ତି। ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ସ୍ୱରୂପ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବେଶକୁ ସଫାସୁତୁରା ରଖନ୍ତି। ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏହି ଗ୍ରାମରେ ଝିଅ ଜନ୍ମ ହେଲେ ବୃକ୍ଷରୋପଣ କରିବା ପରମ୍ପରା ଏଠାରେ ଚଳିଆସୁଛି। ଝିଅ ଜନ୍ମକୁ କେତେକ ଲୋକ ଅବାଞ୍ଛିତ ବୋଲି ମନେକରୁଥିବା ବେଳେ ଏହି ଗ୍ରାମ ତଥାକଥିତ ଲୋକଙ୍କ ପାଇଁ ଆଦର୍ଶ କହିଲେ ଅତ୍ୟୁକ୍ତି ହେବନାହିଁ।

## ଚିରନ୍ତନୀ

ଆପଦର ବହ୍ନି ଜାଳି ଜରା ମରଣକୁ ଉପହସି
ହେଉ ସେ ବିଜୟୀ ବୀର ଦିଅ ତବ ଆଶିଷ ବରଷି।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜାନୁୟାରୀ ୧୯୯୪**

- ଭେନେଜୁଏଲାର ମାରାକାଇବୋ ସହରସ୍ଥିତ ସାବାନିଟା ଜେଲରେ କଏଦୀଙ୍କ ମଧ୍ୟରେ ସଂଘର୍ଷ ଓ ପୋଡାଜଳା ଘଟଣା ଘଟିବା ଫଳରେ ୧୦୦ କଏଦୀଙ୍କ ପ୍ରାଣହାନି।
- ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ରାହୁଲ ଦେବବର୍ମନ୍‌ଙ୍କ ପରଲୋକ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 0 | C | 3 | 6 | | 8 | | | |
| | 9 | | 1 | 0 | | | 8 | | | 3 | 2 | A | 5 | C |
| | 3 | 2 | | | | | 5 | E | | | | | 4 | |
| C | | 5 | | | | 9 | | | | | A | 6 | | 0 |
| | | A | | | 8 | | | D | | 4 | 7 | | | 2 |
| | 8 | | | | | | | 5 | 4 | | | 0 | | |
| | 4 | B | | 6 | 5 | | | 7 | 9 | D | | 2 | | |
| | | | 0 | | | | | | | 7 | | C | 3 | B |
| | | 1 | | | | E | B | | | 2 | | | | |
| | | | 7 | | 2 | | | | | 6 | | | D | |
| | C | | D | | | | | 6 | 0 | E | | | B | 9 |
| 4 | 7 | | | A | | | | | | 5 | | | | |
| | | | C | | | | E | | | 9 | D | | | |
| | | | | | E | 3 | 1 | 2 | | | 4 | | | |
| | | 0 | 5 | | | | | | | | | 1 | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | B | 9 | 8 | E | 7 | 5 | 3 | 4 | 2 | A | 6 | 1 | 0 | C |
| 7 | 8 | C | A | 1 | 0 | B | 6 | E | 5 | 4 | 3 | 9 | 2 | D |
| 2 | 0 | 1 | 3 | 4 | 6 | A | D | 7 | C | 8 | 9 | B | E | 5 |
| 3 | E | 4 | C | 5 | B | 2 | 9 | 1 | 0 | D | 7 | 6 | A | 8 |
| 6 | A | 5 | 2 | 9 | D | C | 8 | 0 | E | B | 1 | 4 | 7 | 3 |
| E | 6 | 0 | 7 | A | 3 | 8 | C | 9 | B | 1 | D | 5 | 4 | 2 |
| A | 9 | B | 4 | C | 5 | D | 1 | 6 | 3 | 7 | 2 | E | 8 | 0 |
| 5 | C | 7 | D | 0 | 2 | E | B | A | 8 | 9 | 4 | 3 | 1 | 6 |
| 4 | D | 3 | 1 | 8 | E | 0 | 7 | 2 | 6 | C | 5 | A | 9 | B |
| 8 | 1 | 2 | 6 | B | 9 | 4 | 5 | 3 | A | E | 0 | C | D | 7 |
| 1 | 5 | E | B | 7 | C | 6 | 0 | D | 9 | 2 | A | 8 | 3 | 4 |
| C | 2 | A | 5 | D | 4 | 3 | E | 8 | 1 | 0 | B | 7 | 6 | 9 |
| B | 7 | 6 | 9 | 2 | A | 1 | 4 | 5 | D | 3 | 8 | 0 | C | E |
| 9 | 3 | 8 | 0 | 6 | 1 | 7 | 2 | C | 4 | 5 | E | D | B | A |
| 0 | 4 | D | E | 3 | 8 | 9 | A | B | 7 | 6 | C | 2 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏକ କଳୁଷିତ ଚରିତ୍ରର କଳଙ୍କିତ ଅଧ୍ୟାୟ

ମହାଶୟ,

ଆଶାରାମଙ୍କ ଜୀବନୀ ଉପରେ ଏକ ପୁସ୍ତକ ପ୍ରକାଶ ପାଇବାର ସୂଚନା ମିଳିଛି। ବହିର ନାମ 'ଗଡ୍ ଅଫ୍ ସିନ୍, ଦ କଲ୍ଟ, ଦ କ୍ଲାଉଟ୍ ଆଣ୍ଡ ଡାଉନ୍‌ଫଲ ଅଫ୍ ଆଶାରାମ'ରୁ ଏହାର ବିଷୟବସ୍ତୁ ଉପରେ ସ୍ୱତଃ ଧାରଣା ଆସିବା ସ୍ୱାଭାବିକ। ପାପ ସାମ୍ରାଜ୍ୟର ଈଶ୍ୱର ଆଶାରାମଙ୍କ ଲୋକପ୍ରିୟତା ଓ ଭଣ୍ଡାମିର ବର୍ଣ୍ଣନା ଏଥିରେ ରହିଛି। ଭାରତବର୍ଷର ମୁନି, ଋଷି, ସାଧୁସନ୍ଥଙ୍କ ପ୍ରତି ହିନ୍ଦୁମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଆସିଛି। ସେହି ବିଶ୍ୱାସ ଆଧାରରେ ବାବାର ଅଭିନୟ କରି ତରୁଣୀମାନଙ୍କ ସହ ଅସଦାଚରଣ କରିବା ଆଦୌ ଗ୍ରହଣୀୟ ନୁହେଁ। ଏଭଳି ପୁସ୍ତକକୁ ଜନମାନସକୁ ଆଣିବା ପ୍ରତିବାଦରେ ମାମଲା ଦାଏର ହୋଇଥିବା ବେଳେ ଏହାର ପ୍ରକାଶନକୁ ସ୍ଥଗିତାଦେଶ ନ ମିଳିବାରୁ ଏହା ବଜାରରେ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। ଭକ୍ତମାନଙ୍କ ଅଜସ୍ର ଦାନରେ ବହୁ ସମ୍ପତ୍ତିର ମାଲିକ ହୋଇ ବିଳାସବ୍ୟସନରେ ଦିନ କାଟୁଥିଲେ ହେଁ ପରିଶେଷରେ ନିଜର କୁକର୍ମ ପଦାରେ ପଡ଼ିବା ପରେ ସେ ଲୋକଚକ୍ଷୁରେ ନିନ୍ଦିତ ହୋଇଥିଲେ। ତେବେ ଏପରି ବାବାଙ୍କ ସଂଖ୍ୟା ଅନେକ। ତେଣୁ ସମସ୍ତେ ସାବଧାନ ହୋଇ ଚଳିବା ଉଚିତ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ମା' ଏତେ ନିଷ୍ଠୁର କାହିଁକି

ମା' ଏକ ପବିତ୍ର ଶବ୍ଦ। କେଉଁ ଆଦିମ କାଳରୁ ମା'କୁ ସମାଜରେ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି। ହେଲେ ବିଡମ୍ବନାର ବିଷୟ ପୁତ୍ରସନ୍ତାନ ପାଇଁ ଅନେକ ମା' ଶିଶୁକନ୍ୟାକୁ ଜନ୍ମଦେଇ ଏଣେତେଣେ ଫିଙ୍ଗି ଦେଉଛନ୍ତି। ଏପରି ଖବର ବାରମ୍ବାର ପ୍ରକାଶ ପାଉଛି। ଟିକେ ଭାବିଲେ ଦେଖି ନାରୀ ବିନା ସମାଜର ଅସ୍ତିତ୍ୱ କ'ଣ ହେବ? ଆଜି ଯେଉଁ ଶିଶୁକନ୍ୟାକୁ ହତ୍ୟା କରୁଛେ କାଲି ସେ ଜଣେ ମା' ହୋଇ ସମାଜକୁ ଆଲୋକିତ କରିଥାନ୍ତା। ଏକ ସୁନ୍ଦର ସମାଜ ପାଇଁ ମା'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋର ସବୁ ମା'ଙ୍କୁ ଅନୁରୋଧ ଭାବୀ ମା'ମାନଙ୍କୁ ପୃଥିବୀର ଆଲୋକ ଦେଖିବା ପୂର୍ବରୁ ଏପରି ବଳି ଦିଅନ୍ତୁ ନାହିଁ।

ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

ସମସ୍ୟାରେ ସମ୍ବଲପୁର

## ଜିଲାପାଳଙ୍କ ସହ କଂଗ୍ରେସ କମିଟିର ଆଲୋଚନା

ସମ୍ବଲପୁର,୪।୧(ବ୍ୟୁରୋ)

ସମ୍ବଲପୁର ସହରରେ ବହୁବିଧ ସମସ୍ୟା ଲାଗି ରହିଛି । ସମ୍ବଲପୁର ଡା. ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ ଚିକିତ୍ସା କେନ୍ଦ୍ର ପରିତ୍ୟକ୍ତ ହୋଇପଡିଛି । ଅଘୋଷିତ ବିଦ୍ୟୁତ୍ କାଟ, ମନ୍ଥର ଗତିରେ ପ୍ଲାଏ ଓଭର ନିର୍ମାଣ ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥି ପ୍ରତି ଜିଲାପାଳ ପ୍ରତ୍ୟକ୍ଷ ଭାବେ ଦୃଷ୍ଟି ଦେବା ଜରୁରୀ। ଏନେଇ ଶୁକ୍ରବାର ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ଆସଫ୍ ଅଲ୍ଲିଖାନ୍, ନିରଞ୍ଜନ ତ୍ରିପାଠୀ, ବିଜୟ କୁମାର ଭୂୟାଁ, ଜଗଦିଶ ନନ୍ଦ, ପ୍ରେମ ପ୍ରକାଶ ସାହାଣୀ, ସୁତାପା ମିତ୍ର, ସେରେଖା ସାହୁ, ଜୟରାମ ବଣିଆଁ, ଲାଲମୋହନ ସାଠିଆ, ସୁଧିର ପଣ୍ଡା, ମହମ୍ମଦ ଅଜଗର ଅଲ୍ଲି, ଅଶୋକ ଅଗ୍ରୱାଲ, ଜୁଲଫିକର୍ ଅଲ୍ଲି ଭୁଟ୍ଟୋ, ଆଶୁତୋଷ ସ୍ୱାଇଁ, ନିୟତି ସେନ୍, ରେଣୁ କରିମ୍, ବିଜୟଲକ୍ଷ୍ମୀ ବେହେରା, ଦିନବନ୍ଧୁ ପରିଡା, ହରିହର ଗୁରୁ, ସରୋଜକାନ୍ତ ମିଶ୍ର, ଶ୍ରବଣ ମେହେର, ଗୋବିନ୍ଦ ମିଶ୍ର, ସଦାନନ୍ଦ ବରାଡ ପ୍ରମୁଖ ସାମିଲ ଥିଲେ ।

## ୬ରୁ ହୀରାକୁଦ ଡ୍ୟାମ୍‌ରେ ପକ୍ଷୀଗଣନା

ସମ୍ବଲପୁର,୪।୧(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରେ ଜାନୁୟାରୀ ୬ତାରିଖରୁ ପକ୍ଷୀ ଗଣନା ଆରମ୍ଭ ହେବ। ଏନେଇ ଶୁକ୍ରବାର ବାରଢୁଙ୍ଗୁରୀଠାରେ ବନ ବିଭାଗର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଡିଏଫ୍‌ଓ ଡ. ସଞ୍ଜିତ କୁମାର, ହିରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଟି. ସନତ କୁମାର, ଏସିଏଫ୍ ସରୋଜ ପଣ୍ଡା ତାଲିମ ପ୍ରଦାନ କରିଥିଲେ । ଏଥିରେ ସମମ୍ବଲପୁର, ଝାରସୁଗୁଡ଼ା ଓ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ବନ କର୍ମଚାରୀ ଏବଂ ଓୟୁଏଟି ଛାତ୍ର ଉପସ୍ଥିତ ଥିଲେ। ଡ୍ୟାମରେ କିଭଳି ଭାବେ ପକ୍ଷୀ ଗଣନା କରାଯିବ ସେଦିଗରେ ଆଲୋଚନା କରାଯାଇଥିଲା। ପକ୍ଷୀ ଗଣନାରେ ସାମିଲ ହୋଇଥିବା ଟିମ୍ ସଦସ୍ୟଙ୍କୁ ଲାଇଫ ଜାକେଟ, କ୍ୟାମେରା, ଦୂରବୀକ୍ଷଣ ଯନ୍ତ୍ର ତଥା ଆବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏପରି କି ଟିମ୍ ପାଇଁ ବୋଟର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ସମ୍ବଲପୁର ଡିଭିଜନରେ ୯ଟି ଟିମ୍, ଝାରସୁଗୁଡ଼ା ୬ ଏବଂ ହୀରାକୁଦରେ ୬ ମୋଟ ୨୧ ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ ଟିମ୍‌ରେ ୨ ଜଣ ବନ କର୍ମଚାରୀ, ଜଣେ ଏନ୍‌ଜିଓ କର୍ମଚାରୀ ରହିବେ ବୋଲି ଡିଏଫ୍ ସଞ୍ଜିତ କୁମାର ସୂଚନା ଦେଇଛନ୍ତି।

# ମିଲର୍ସ- ଏଫ୍‌ସିଆଇ କର୍ମଚାରୀ ମୁହାଁମୁହିଁ





ସମ୍ବଲପୁର ହୀରାକୁଦସ୍ଥିତ ଏଫସିଆଇ ପରିସରରେ ମିଲର୍ସ ଏବଂ ଏଫ୍‌ସିଆଇ କର୍ମଚାରୀ ମୁହାଁମୁହିଁ (ବାମ)। ସମ୍ବଲପୁର ହୀରାକୁଦସ୍ଥିତ ଏଫସିଆଇ ପରିସରରେ ଚାଉଳ ପରୀକ୍ଷା ପାଇଁ ଆଣୁଛନ୍ତି ।

ସମ୍ବଲପୁର,୪।୧(ବ୍ୟୁରୋ)

**ପରୀକ୍ଷା କରାଗଲା ଚାଉଳ**

ସମ୍ବଲପୁର ହୀରାକୁଦସ୍ଥିତ ଏଫ୍‌ସିଆଇ ଚାଉଳ ଗୋଦାମରେ ଶୁକ୍ରବାର ମିଲର୍ସ ଏବଂ ଏଫ୍‌ସିଆଇ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଫସିଆଇକୁ ରେମେଡ ଅନ୍ନପୂର୍ଣ୍ଣା ରାଇସ୍‌ମିଲରୁ ଯାଇଥିବା ଚାଉଳକୁ ମାନ ଠିକ୍ ନ ଥିବା କହି ଫେରାଇ ଦେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରାୟ ୩ଘଣ୍ଟା ଧରି ଏଫ୍‌ସିଆଇ ଗୋଦାମ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣାସ୍ଥଳରେ ଏଫସିଆଇ ଏଜିଏମ୍ (କ୍ୱାଲିଟି) ପ୍ରଦୀପ ସେଠୀ, ଜିଲା ଯୋଗାଣ ଅଧିକାରୀ ପୀତାମ୍ବର ଆଚାର୍ଯ୍ୟ ପହଞ୍ଚି ଆଲୋଚନା କରିଥିଲେ । ମିଲର୍ସଙ୍କ ଅଭିଯୋଗ କ୍ରମେ ଗୁରୁବାର ଅନ୍ନପୂର୍ଣ୍ଣା ରାଇସ୍‌ମିଲରୁ ଚାଉଳ ଏଫସିଆଇକୁ ଆସିଥିଲା । ହେଲେ କାର୍ଯ୍ୟରତ ଜଣେ କ୍ୱାଲିଟି ଅଫିସର ଚାଉଳର ମାନ ଠିକ୍ ନାହିଁ ବୋଲି ଗାଡିକୁ ଅଟକ ରଖିଥିଲେ । ପରେ ମିଲ୍ ମାଲିକଙ୍କୁ ଫୋନ କରି ୧୦ ହଜାର ଟଙ୍କା ଦେଲେ ଉକ୍ତ ଚାଉଳର ମାନ ଠିକ୍ ଥିବା ଦର୍ଶାଇ ଖାଲି କରିବେ ବୋଲି କହିଥିଲେ। ହେଲେ ମିଲ୍ ମାଲିକ ଏଥିରେ ରାଜି ହୋଇ ନ ଥିଲେ। ଏନେଇ ସେ ମିଲର୍ସ ସଂଘକୁ ଜଣାଇଥିଲେ । ଶୁକ୍ରବାର ସକାଳେ ପ୍ରାୟ ୪୦ଜଣ ମିଲ୍ ମାଲିକ ଏଫସିଆଇ ଗୋଦାମରେ ପହଞ୍ଚିଥିଲେ । ଟ୍ରକରେ ଥିବା ଚାଉଳକୁ ପୁଣି ଥରେ ପରୀକ୍ଷା କରିବା ପାଇଁ ଦାବି କରିଥିଲେ । ଏଜିଏମ୍ ସେଠୀ, ଯୋଗାଣ ଅଧିକାରୀ ଆଚାର୍ଯ୍ୟ ଓ ମିଲର୍ସଙ୍କ ସମ୍ମୁଖରେ କ୍ୱାଲିଟି ଅଫିସର ଚାଉଳ ପରୀକ୍ଷା କରିଥିଲେ । ଚାଉଳର ମାନ ୩.୯ ଆସିଥିଲା, ଯାହାକି ଏଫସିଆଇରେ ଗ୍ରହଣୀୟ। ହେଲେ ଉଦ୍ଦେଶ୍ୟ ମୂଳକ ଭାବେ ଚାଉଳକୁ ଫେରାଇ ଦେଉଥିବା ମିଲର୍ସମାନେ ଅଭିଯୋଗ କରିଥିଲେ। ଏପରି କି ଏଫ୍‌ସିଆଇରେ ଚାଉଳର ମାନ ପରୀକ୍ଷା ପାଇଁ ତୁରନ୍ତ ଅତ୍ୟାଧୁନିକ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଏହି ବ୍ୟବସ୍ଥା କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଉଳ ଯୋଗାଇ ଦେବାକୁ ମନା କରି ଦେଇଛନ୍ତି। ସୂଚନାଯୋଗ୍ୟ, ଏଫ୍‌ସିଆଇରେ ଏଫ୍‌ଏକ୍ୟୁମାନର ଚାଉଳ ପାଇଁ ସ୍ୱତନ୍ତ୍ର ନିୟମ ରହିଛି । ମିଲର୍ସ ଦେଉଥିବା ଚାଉଳ ପ୍ରତି ୪ ପ୍ରତିଶତ ଡ୍ୟାମେଜ୍ ଏବଂ ୫ ପ୍ରତିଶତ ଡିସ୍‌କଲର୍ ହେଲେ ଏହା ଗ୍ରହଣ ଯୋଗ୍ୟ ବୋଲି ନିୟମ ରହିଛି ।

**ସମସ୍ୟାରେ ସମ୍ବଲପୁର**

## ଜିଲାପାଳଙ୍କ ସହ କଂଗ୍ରେସ କମିଟିର ଆଲୋଚନା

ସମ୍ବଲପୁର,୪।୧(ବ୍ୟୁରୋ)

ସମ୍ବଲପୁର ସହରରେ ବହୁବିଧ ସମସ୍ୟା ଲାଗି ରହିଛି । ସମ୍ବଲପୁର ଡା. ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ ଚିକିତ୍ସା କେନ୍ଦ୍ର ପରିତ୍ୟକ୍ତ ହୋଇପଡିଛି । ଅଘୋଷିତ ବିଦ୍ୟୁତ୍ କାଟ, ମନ୍ଥର ଗତିରେ ପ୍ଲାଏ ଓଭର ନିର୍ମାଣ ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲାପାଳ ପ୍ରତ୍ୟକ୍ଷ ଭାବେ ଦୃଷ୍ଟି ଦେବା ଜରୁରୀ। ଏନେଇ ଶୁକ୍ରବାର ସମ୍ବଲପୁର ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ଆସଫ୍ ଅଲ୍ଲିଖାନ୍, ନିରଞ୍ଜନ ତ୍ରିପାଠୀ, ବିଜୟ କୁମାର ଭୂୟାଁ, ଜଗଦୀଶ ନନ୍ଦ, ପ୍ରେମ ପ୍ରକାଶ ସାହାଣୀ, ସୁତାପା ମିତ୍ର, ସେରେଖା ସାହୁ, ଜୟରାମ ବଣିଆଁ, ଲାଲମୋହନ ସାଠିଆ, ସୁଧୀର ପଣ୍ଡା, ମହମ୍ମଦ ଅଜଗର ଅଲ୍ଲି, ଅଶୋକ ଅଗ୍ରୱାଲ, ଜୁଲଫିକର୍ ଅଲ୍ଲି ଭୁଟ୍ଟୋ, ଆଶୁତୋଷ ସ୍ୱାଇଁ, ନିୟତି ସେନ୍, ରେଣୁ କରିମ୍, ବିଜୟଲକ୍ଷ୍ମୀ ବେହେରା, ଦୀନବନ୍ଧୁ ପରିଡା, ହରିହର ଗୁରୁ, ସରୋଜକାନ୍ତ ମିଶ୍ର, ଶ୍ରବଣ ମେହେର, ଗୋବିନ୍ଦ ମିଶ୍ର, ସଦାନନ୍ଦ ବରାଡ ପ୍ରମୁଖ ସାମିଲ ଥିଲେ ।

# ଆଜି ଜିଏମ୍‌ୟୁର ପ୍ରଥମ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର,୪।୧(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ପ୍ରଥମ ସମାବର୍ତ୍ତନା ଉତ୍ସବ ଶନିବାର ହେବ । ଏନେଇ ସୁସଜ୍ଜିତ ଆଲୋକମାଳାରେ ଅମୃତ ବିହାର ପରିସର ଝଟକୁଛି । ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟଶାସନ ସଚିବ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଗାଉନ୍ ବଦଳରେ ସମ୍ବଲପୁରୀ ଗାମୁଛା ପରିଧାନ କରିବାକୁ ନିଷ୍ପତ୍ତି ହୋଇଛି । ଅପରପକ୍ଷେ ଛାତ୍ର ଓ ଅତିଥିମାନେ ଧଳା ପୋଷାକ ଏବଂ ଛାତ୍ରୀମାନେ କ୍ରିମ୍ ରଙ୍ଗର ଶାଢ଼ୀ ପିନ୍ଧିବାକୁ ସ୍ଥିର ହୋଇଛି । ଏହାକୁ ନେଇ ଜିଏମ୍‌ୟୁ କର୍ତ୍ତୃପକ୍ଷ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ସୂଚନାଯୋଗ୍ୟ, ୧୯୪୪ରେ ସମ୍ବଲପୁର କଲେଜ ପ୍ରତିଷ୍ଠା ହୋଇଥିଲା । ପରେ ୧୯୪୯ରେ ସମ୍ବଲପୁର କଲେଜର ନାମ ପରିବର୍ତ୍ତନ କରାଯାଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ ନାମିତ ହୋଇଛି । ଉଚ୍ଚ ଶିକ୍ଷାରେ ଏହି କଲେଜ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହାକୁ ଦୃଷ୍ଟିରେ ରଖି ୧୯୯୧ରେ କଲେଜକୁ ସ୍ୱୟଂଶାସିତ ଘୋଷଣା କରାଯାଇଛି। ୨୦୦୪-୦୫ରେ ୟୁଜିସି ପକ୍ଷରୁ ସିପିଇ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ୨୦୧୫ରେ ନାକ ଦ୍ୱାରା ଏ' ଗ୍ରେଡ୍ ପାଇଥିଲା । ପରେ ୨୦୧୫ ମେ ୩୦ତାରିଖରେ ଏହି ସ୍ୱୟଂଶାସିତ କଲେଜକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥନୈତିକ ବିଭାଗ ପ୍ରଫେସର ସୁଧାଂଶୁ କୁମାର ରଥ ପ୍ରଥମ ଓଏସ୍‌ଡି ଭାବେ ଦାୟୀତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ କୁଳପତି ଭାବେ ନିଯୁକ୍ତି କରାଯାଇଥିଲା । ୫ହଜାର ୫ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏହି ବିଶ୍ୱବିଦ୍ୟାଳୟରେ ୟୁଜି, ପିଜି, ଏମ୍‌ଫିଲ୍ ଓ ପିଏଚ୍‌ଡି ପାଠ୍ୟକ୍ରମ ରହିଛି। ୧୯ଟି ବିଭାଗରେ ଏମ୍‌ଫିଲ୍, ୧୦ଟି ପିଏଚ୍‌ଡି ଆରମ୍ଭ ହୋଇଛି । ସେହିପରି ଇନ୍‌ଟିଗ୍ରେଟେଡ୍ ବିଇଡି, ସିଓପି ଇନ୍ ଫ୍ରାଞ୍ଚ, ପ୍ରଶାସନିକ ସେବା, କୋଚିଂ, ଇଗନୋ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ରହିଛି। ପ୍ରଫେସର ଅତନୁ କୁମାର ପତି କୁଳପତି ଭାବେ ୨୬ ଜୁଲାଇ, ୨୦୧୭ରୁ ଦାୟୀତ୍ୱ ନିର୍ବାହ କରୁଛନ୍ତି । ଗିରିଶ ଚନ୍ଦ୍ର ସିଂ କୁଳସଚିବ, ଉମାଚରଣ ପତି ଉପ କୁଳସଚିବ, ଡ. ହେମ କୁମାର ନାୟକ ପରୀକ୍ଷା ନିୟନ୍ତ୍ରକ, ଡ. ଶ୍ୟାମା ଚରଣ ଆଚାର୍ଯ୍ୟ ବିତ୍ତୀୟ ନିୟନ୍ତ୍ରକ ଓ ଡ. ସଦନ କୁମାର ପାଲ ପିଜି କାଉନସିଲ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି ।



ଶୁକ୍ରବାର ରାତିରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସର ସୁସଜ୍ଜିତ ଆଲୋକମାଳାରେ ଝଟକୁଛି ।

# ୩୩ତମ ଚିପିଲିମା ଉତ୍ସବ ପ୍ରସ୍ତୁତି ବୈଠକ

ଚିପିଲିମା,୪।୧(ଡି.ଏନ.ଏ.)

ସମ୍ବଲପୁର ଧନକଉଡା ବ୍ଲକ କର୍ଦ୍ଦୋଲା ପଞ୍ଚାୟତ ଚିପିଲିମାରେ ପ୍ରତିବର୍ଷ ବୀରସୁରେନ୍ଦ୍ର ସାଏ କ୍ରୀଡ଼ା ଓ ସାଂସ୍କୃତିକ ସଂଘ ପକ୍ଷରୁ ଚିପିଲିମା ଉତ୍ସବ ଆୟୋଜନ ହେଉଥିବା ବେଳେ ଚଳିତ ବର୍ଷ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘ ସମ୍ପାଦକ ଗଣେଶ ତାଣ୍ଡିଆଙ୍କ ଆବାହକତ୍ୱରେ ତଥା ସିଏଚ୍‌ଇପି ଇଂ. ଅଶୋକ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଚଳିତ ମାସ ୨୧ରୁ ୨୩ତାରିଖ ପର୍ଯ୍ୟନ୍ତ ଉତ୍ସବ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଦିନରେ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନେଇ ନାଚ, ଗୀତ, ବକ୍ତୃତା, ଫେନ୍ସିଡ୍ରେସ୍, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଦି ରହିଛି। ସେହିଭଳି ଦ୍ୱିତୀୟ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଥିବା ବେଳେ ଶେଷ ସନ୍ଧ୍ୟାରେ ବୀରସୁରେନ୍ଦ୍ର ସାଏ ଜୟନ୍ତୀ ସମାରୋହ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ଏନେଇ ୨୩ ତାରିଖ ପୂର୍ବାହ୍ନରେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ମାରାଥନ୍ ଦୌଡ ମାଧ୍ୟମରେ ମଶାଳ ଅଣାଯାଇ ଉତ୍ସବ ମଣ୍ଡପରେ ପହଞ୍ଚିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏନେଇ ଅଞ୍ଚଳର ଜନସାଧାରଣଙ୍କୁ ସହଯୋଗ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ସଂଘ ଉପସଭାପତି ଜୟଶଙ୍କର ତିୱାରୀ, ଚିତ୍ତରଞ୍ଜନ ପାଢ଼ୀ, ପ୍ରଶାନ୍ତ ନାୟକ, ମହେନ୍ଦ୍ର ରାଉତ, କେଶବ ମେହେର, ଶିବ ତିୱାରୀ, ସନ୍ତୋଷ ଦାସ, ହରିଶ୍ଚନ୍ଦ୍ର ଦଳେଇ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ କୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତଟ ରେଳପଥ ପଦୋନ୍ନତ ଅଧିକାରୀ ସଙ୍ଗଠନ ବୈଠକ

ସମ୍ବଲପୁର,୪।୧ (ବ୍ୟୁରୋ)

ପୂର୍ବତଟ ରେଳପଥ ପଦୋନ୍ନତ ଅଧିକାରୀ ସଙ୍ଗଠନର କାର୍ଯ୍ୟନିର୍ବାହୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତଟ ରେଳପଥ ମୁଖ୍ୟାଳୟ, ମଞ୍ଚେଶ୍ୱର ରେଳଡବା କାରଖାନା, ଖୋର୍ଦ୍ଧା ମଣ୍ଡଳ, ୱାଲଟିୟର୍ ମଣ୍ଡଳ ଓ ସମ୍ବଲପୁର ମଣ୍ଡଳର କାର୍ଯ୍ୟନିର୍ବାହୀ ସଭ୍ୟ, ମଣ୍ଡଳ ସଚିବ ଯୋଗଦେଇଥିଲେ । ସଂଗଠନ ମହାସଚିବ ମଦନମୋହନ ପଟ୍ଟନାୟକ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋପାତ କରିଥିଲେ । ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସମ୍ବଲପୁର ମଣ୍ଡଳ ମହାସଚିବ ଦୟାନିଧି ପ୍ରଧାନ ସୂଚନା ଦେଇ ଅଧିକାରୀଙ୍କ ପଦୋନ୍ନତିରେ ଦେଖାଦେଇଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ଦିଗାମ୍ବର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍ ପାତ୍ରୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । ପି.କେ. ସାମଲ, ସରୋଜ କୁମାର ସାହୁ, ଏକେ ତାଲଦି, ରାଜଗୋପାଳ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଉର୍ମିଳା ଦାଶ, ୱାଇ ମହାନନ୍ଦ, ପି.କେ. ରାଉତ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ।

# ବିସ୍ଥାପିତ ଥଇଥାନକୁ ବିରୋଧକଲେ ୱାର୍ଡବାସୀ

ସମ୍ବଲପୁର,୪।୧(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ନଦୀବନ୍ଧରେ ଅତିରିକ୍ତ ସ୍ପିଲୱେରେ ବିସ୍ଥାପିତ ପରିବାରକୁ ୧୨ ନମ୍ବର ୱାଡରେ ଥଇଥାନ କରିବା ପାଇଁ ଜିଲା ପ୍ରଶାସନ ଘୋଷଣା କରି ପ୍ରକୀୟା କାମ ଆରମ୍ଭ କରିଛି। ହେଲେ ୧୨ ନମ୍ବର ୱାର୍ଡବାସୀ ଏହାକୁ ବିରୋଧ କରି ଶୁକ୍ରବାର ଜିଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ଏକ ଦାବି ପତ୍ର ପ୍ରଦାନ କରି ଅନ୍ୟରେ ବିସ୍ଥାପିତଙ୍କୁ ଥଇଥାନ କରିବାକୁ ସ୍ଥାନ ଚିହ୍ନଟ କରିବାକୁ ଅନୁରୋଧ କରିଥିଲେ। ଜିଲାପାଳ ବର୍ମା ୭ ଦିନ ଭିତରେ ସମସ୍ୟାରେ ସମାଧାନ କରାଯିବ ବୋଲି କହିଥିଲେ। ବିଶ୍ୱଜିତ ବାଗ, ସିପନ ମିଶ୍ର, ପ୍ରଦୀପ ବାଗ, ପ୍ରମୋଦ ବନଛୋର, ଅଶ୍ୱିନୀ ଦୀପ, ରମେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: ଆଦିବାସୀ କ୍ଲବ ବିଜୟୀ

ସମ୍ବଲପୁର,୪।୧(ବ୍ୟୁରୋ)

ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ତଥା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ମ୍ୟାଚରେ ସମ୍ବଲପୁର ଆଦିବାସୀ କ୍ଲବ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆଦିବାସୀ କ୍ଲବ ଏବଂ ସମ୍ବଲପୁର ଏନ୍‌ସିସି ମଧ୍ୟରେ ମ୍ୟାଚ ଏକ ତରଫା ହୋଇଥିଲା । ଖେଳ ପ୍ରାରମ୍ଭରୁ ଆଦିବାସୀ କ୍ଲବ ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଫଳସ୍ୱରୂପ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା । ନନ୍ଦକିଶୋର ନାୟକ, ଲକ୍ଷ୍ମଣ ନାଥ, ବଳରାମ ମଟାରୀ, କିଶୋର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ଜଗବନ୍ଧୁ ବେହେରା ମ୍ୟାଚ କମିଶନର ରହିଥିଲେ । ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ଦର୍ଜି, ବାବୁଲାଲ ଆଇନ୍ଦ, ମହମ୍ମଦ ଅନୱରୁଲ୍ ହକ୍, ଜିଲା କ୍ରୀଡା ସଂଘ ଆଥଲେଟିକ୍ ସମ୍ପାଦକ ସୁନ୍ଦରମଣୀ ବାରିକ, ମଦନ ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏନ୍‌ସିସି ଦଳର ଲିଙ୍ଗରାଜ ଖଡିଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା



ଶୁକ୍ରବାର ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ ଅତିଥିମାନେ ଲିଙ୍ଗରାଜ ଖଡିଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରୁଛନ୍ତି ।

ଚାଷୀଙ୍କ ସମସ୍ୟାର ସମାଧାନ ଦାବି

# ଜିଲା ଭାଜପା କୃଷକ ମୋର୍ଚ୍ଚାର ବିକ୍ଷୋଭ

ସମ୍ବଲପୁର,୪।୧(ବ୍ୟୁରୋ)

ରାଜ୍ୟ ସରକାର କୃଷକଙ୍କ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରି ଶୁକ୍ରବାର ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରି କି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କୃଷକ ମୋର୍ଚ୍ଚା ଜିଲା ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୂର୍ବାହ୍ନ ସାଢ଼େ ୧୧ଟାରେ ରୋଟାରି କ୍ଲବ ସମ୍ମୁଖରୁ ଏକ ରାଲି ବାହାରି ଥିଲା । ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ସାଧାରଣ ସମ୍ପାଦକ ଦାମୋଦର କର, ମୁଖପାତ୍ର ସୂର୍ଯ୍ୟ ପାଣିଗ୍ରାହୀ, ବେଣୁଧର ଦାଶ, ହରିହର ମହାନନ୍ଦ ପ୍ରମୁଖ ରାଜ୍ୟ ସରକାରଙ୍କ ଚାଷୀ ମାରଣନୀତିକୁ ସମାଲୋଚନା କରିଥିଲେ । ରାଜ୍ୟ ସମ୍ପାଦିକା ସବିତା ନନ୍ଦ, ଡ. ରାଜକୁମାର ବଡପଣ୍ଡା, ଶକୁନ୍ତଳା ମହାପାତ୍ର, ଆରତୀଲତା ବରାଡ, ରିକନ୍ ପଟ୍ଟନାୟକ, ଅମୂଲ୍ୟା ସାହୁ, ସୋମିକ୍ ବାବୁ, ଶ୍ରୀକାନ୍ତ ପାଣିଗ୍ରାହୀ, ସୁଜାତା ଗୁରୁ, ଦେବେନ୍ଦ୍ର ପୁରୋହିତ, ପ୍ରମୋଦ ମିଶ୍ର, କବିତା ବାଗ, ମୁକେଶ ଜରିୱାଲ, ସରୋଜ ସାହୁ, ସୁରେନ୍ଦ୍ର ଡନସନା, ଦେବାନନ୍ଦ ଭୋସାଗର, ଦୀପକ ବାରିକ, ଭାଗରଥି ବଢ଼େଇ, ଅମିତ ମହାନ୍ତି, ଦେଓକିରନ ପଟ୍ଟନାୟକ, ନନ୍ଦକେଶ ସାହୁ, ସୁବାସ ସାହୁ ଓ ଉପେନ୍ଦ୍ର ଝା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ଶୁକ୍ରବାର ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ କୁଶ ପୁତ୍ତଳିକା ଦାହ କରାଯାଉଛି । (ବାମ)। ଜିଲାପାଳ ଅଫିସ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସଭାରେ ବେଣୁଧର ଦାଶ ବକ୍ତବ୍ୟ ଦେଉଛନ୍ତି ।

ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ବିଜେଡି ବିରୋଧୀ ମହାମେଣ୍ଟର ସୂଚନା ଦେଲେ ଖାରବେଳ

**ଭୁବନେଶ୍ୱର,୪।୧(ବ୍ୟୁରୋ):** ବିଜେଡି ବିରୋଧରେ ରାଜ୍ୟରେ ଏକ ମହାମେଣ୍ଟ କରାଯିବ। ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ ଶୁକ୍ରବାର ଏନେଇ ସୂଚନା ଦେଇଛନ୍ତି। ବିଜେଡି ବିରୋଧରେ ଏହି ମହାମେଣ୍ଟରେ କଂଗ୍ରେସକୁ ସାମିଲ କରାଯିବ ନାହିଁ। ସେହିପରି ଭାଜପା ଏବଂ ଅନ୍ୟ ଆଞ୍ଚଳିକ ଦଳ ସହ କଥାବାର୍ତ୍ତା ଚାଲିଥିବା ଖାରବେଳ ସୂଚନା ଦେଇଛନ୍ତି। ଏହି ମହାମେଣ୍ଟରେ ଦାମୋଦର ରାଉତ, ବ୍ରଜ କିଶୋର ତ୍ରିପାଠୀ, ବୈଜୟନ୍ତ ପଣ୍ଡା ପ୍ରମୁଖ ଯୋଗଦେବା ନେଇ ଚର୍ଚ୍ଚା ହୋଇଛି। ଭାଜପା ଛାଡିଥିବା ବିଜୟ ମହାପାତ୍ର ଏବଂ ଦିଲୀପ ରାୟଙ୍କୁ ଏଥିରେ ସାମିଲ କରାଯିବ ନାହିଁ ବୋଲି ମଧ ସ୍ପଷ୍ଟ କରାଯାଇଛି। ଦୁର୍ନୀତି ଏବଂ ଭ୍ରଷ୍ଟାଚାରକୁ ବିଜେଡି ବିରୋଧରେ ମୁଖ୍ୟ ପ୍ରସଙ୍ଗ କରାଯିବ ବୋଲି ଜଣାପଡିଛି। ଭାଜପା ଯଦି ବିଜେଡି ବିରୋଧରେ କଠୋର ଆଭିମୁଖ୍ୟ ପୋଷଣ କରେ, ତେବେ ମହାମେଣ୍ଟରେ ସେହି ଦଳକୁ ସାମିଲ ସମ୍ପର୍କରେ ବିଚାର କରାଯାଇପାରେ ବୋଲି ଖାରବେଳ ସ୍ପଷ୍ଟ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଏହାକୁ ସ୍ୱାଗତ କରିଛନ୍ତି। ହେଲେ ଭାଜପା ନେତା ପ୍ରତାପ ଷଡଙ୍ଗୀ ଏହାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ୪ଟି ଲାଙ୍ଗୁଡ ମିଶି ସିଂହ ହୋଇଯାଏ ନାହିଁ। ବର୍ତ୍ତମାନ ଓଡ଼ିଶାରେ ୨ଟି ମୁଖ୍ୟ ଶକ୍ତି, ସେ ହେଉଛନ୍ତି- ବିଜେଡି ଓ ଭାଜପା। କଂଗ୍ରେସ ତୃତୀୟ ଶକ୍ତି, ତେଣୁ ଅନ୍ୟ କୌଣସି ମେଣ୍ଟର ରାଜନୈତିକ ସଫଳତାର ସମ୍ଭାବନା ନାହିଁ। ବିଜେଡି ନେତା ଦେବାଶିଷ ସାମନ୍ତରାୟ ମଧ ଏହାକୁ ନେଇ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ବୈଜୟନ୍ତ ହୁଅନ୍ତୁ କି ଦାମୋଦର, ବିଜେଡିରୁ ଯିବା ପରେ କେହି ତିଷ୍ଠି ନାହାନ୍ତି। ତେଣୁ ଏହି ମେଣ୍ଟ ଏକ ଗୋଳିଆଘାଣ୍ଟା। ଏହାର କ'ଣ ବା ପ୍ରଭାବ ରହିବ ବୋଲି ଦେବାଶିଷ କହିଛନ୍ତି। ସେହିପରି ଜନତା ଦଳ-ସଂଯୁକ୍ତ (ଜେଡିୟୁ) ଓଡ଼ିଶାରେ କେତେକ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବ ବୋଲି ଜଣାପଡିଛି।

### ଇଞ୍ଜିନିୟରଙ୍କ ପରଲୋକ

**ମନମୁଣ୍ଡା, ୪।୧ (ଡି.ଏନ.ଏ)** ବୌଦ୍ଧ ଜିଲା ଦେଉଳି (ମନମୁଣ୍ଡା)ର ଇଞ୍ଜିନିୟର ନବକିଶୋର ମହାରଣାଙ୍କ ୯୫ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଛି। ସେ ଜଳସେଚନ ବିଭାଗର ଏସ୍‌ଡିଓ ଭାବେ ଅବସର ଗ୍ରହଣ କରିଥିଲେ। ଦେଉଳି ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

୧୧ଦିନରେ ପହଞ୍ଚିଲା କୃଷକ ମଞ୍ଚ ଆନ୍ଦୋଳନ

# ଜଳସେଚନ ବିଭାଗ ଅଧିକାରୀ, ଆନ୍ଦୋଳନକାରୀ ମୁହାଁମୁହିଁ

**ନୂଆପଡା ଅଫିସ,୪।୧**

ନୂଆପଡା ଜିଲା ଜୋଙ୍କ ଜଳସେଚନ ପ୍ରକଳ୍ପ (ପତୋରା ଡ୍ୟାମ)ରୁ ରବିଚାଷ ପାଇଁ ଜିରୋହେଡରୁ ପାଣି ଯୋଗାଣ, ଅନିୟମିତତାର ତଦନ୍ତ, ଏପେକ୍ସ ପ୍ରେସିଡେଣ୍ଟ, ସହକାରୀ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଯୋଗେଶ୍ୱର କୃଷକ ମଞ୍ଚ ଗତ ୧୧ ଦିନ ଧରି ଆନ୍ଦୋଳନ ଚଳାଇ ଆସିଛି। ଶୁକ୍ରବାର ଆନ୍ଦୋଳନ ସ୍ଥଳରେ ଜଳସେଚନ ବିଭାଗ ଅଧିକାରୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଉପସ୍ଥିତିରେ କେନାଲରେ ପାଣି ଛାଡିବାକୁ ଅଧିକାରୀମାନେ ଉଦ୍ୟମ କରୁଥିବା ବେଳେ ମହିଳାମାନେ ଟେକା ପଥର ଧରି ସେମାନଙ୍କୁ ଗୋଡାଇଥିବା ଦେଖିବାକୁ ମିଳିଥିଲା। ହଜାର ହଜାର ଆନ୍ଦୋଳନକାରୀ ଏପରି ଉଦ୍ୟମକୁ ବିରୋଧ କରିବାରୁ ଅଧିକାରୀମାନେ ଜୀବନ ବିକଳରେ ଫେରିଯାଇଥିଲେ। ଦାବି ପୂରଣ ନ ହେବା ଯାଏଁ ସେହି ସ୍ଥାନ ଛାଡିବେ ନାହିଁ ବୋଲି ଚାଷୀମାନେ କହିଛନ୍ତି।



ଯୋଗେଶ୍ୱର କୃଷକ ମଞ୍ଚ ତରଫରୁ ମହିଳା ଚାଷୀମାନେ ଧାରଣାରେ ବସିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସହକାରୀ ଯନ୍ତ୍ରୀ ନିମାଇଁ ନାଏକଙ୍କ ନେତୃତ୍ୱରେ ଅନ୍ୟ ଅଧିକାରୀମାନେ ପୋଲିସ ଟିମ୍ ସହ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ସେଠାରୁ ଉଠିଯିବାକୁ ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ପରେ ଜେସିବିରେ ମାଇନର କେନାଲଗୁଡିକୁ ବନ୍ଦ କରିବାକୁ ଉଦ୍ୟମ କରିବାରୁ ଆନ୍ଦୋଳନକାରୀମାନେ ଉତ୍‌କ୍ଷିପ୍ତ ହୋଇ ତା'ର ପ୍ରତିବାଦ କରିଥିଲେ। ଏପରି କି ହଜାର ହଜାର ମହିଳାପୁରୁଷ ସେଠାରେ ପହଞ୍ଚି ସଂପୃକ୍ତ ଅଧିକାରୀଙ୍କୁ ଗୋଡ଼ାଇଥିଲେ। ଫଳରେ ଦୁଇ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଘଟଣାସ୍ଥଳରେ ଅଳ୍ପ ସଂଖ୍ୟକ ପୋଲିସ ଥିବାରୁ କିଛି କରିପାରି ନ ଥିଲେ। ଶେଷରେ ଅଧିକାରୀମାନେ ଛତ୍ରଭଙ୍ଗ ଦେଇ ଚାଲି ଆସିଥିଲେ। ସୂଚନାଯୋଗ୍ୟ, ନବେ ଦଶକରେ ଜୋଙ୍କ ନଦୀରେ ନିର୍ମାଣ ହୋଇଥିବା ପ୍ରକଳ୍ପ ପାଣିରେ ୯୫୦୦ ହେକ୍ଟର ଜମିରେ ଖରିଫ ଚାଷ ହେଉଥିବାବେଳେ ୪ ହଜାର ହେକ୍ଟର ଜମିରେ ରବି ଚାଷ ହୋଇଥାଏ। ବିଗତ ବର୍ଷରେ ପାଳି କରି ଉପରମୁଣ୍ଡ ଏବଂ ତଳମୁଣ୍ଡକୁ ପାଣି ଦିଆଯାଇ ଆସୁଥିଲା। ଉପରମୁଣ୍ଡ ଅର୍ଥାତ ଯୋଗେଶ୍ୱର କୃଷକ ମଞ୍ଚର ଚାଷୀମାନେ ଏପେକ୍ସ କମିଟି ସଭାପତିଙ୍କ କାର୍ଯ୍ୟକାଳ ସରିଯାଇଥିବାରୁ ପୁନଃ ନିର୍ବାଚନ ଏବଂ ସହକାରୀ ଯନ୍ତ୍ରୀ କବିରାଜ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାରମ୍ବାର ଦାବି କରିଥିଲେ। ଦାବି ପରେ ସେମାନଙ୍କ ବଦଳି କରାଯାଇଥିଲା। ଏହାପରେ ବି ସେହି ବଦଳି ନିର୍ଦ୍ଦେଶକୁ ଜିଲା ପ୍ରଶାସନ ବାତିଲ କରି ସଂପୃକ୍ତ ଅଧିକାରୀମାନଙ୍କୁ ସେହି କାର୍ଯ୍ୟାଳୟରେ ରଖିବାରୁ ଚାଷୀମାନେ ଗତ ୨୫ ତାରିଖରୁ ଆନ୍ଦୋଳନରେ ବସିଥିଲେ। ସେଦିନଠାରୁ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ତଳମୁଣ୍ଡକୁ ରବି ଚାଷ ସକାଶେ ପାଣି ଛଡାଯିବାର ଥିଲା। ହେଲେ ମଞ୍ଚର ପ୍ରତିରୋଧକ୍ରମେ ପାଣି ଛଡାଗଲା ନାହିଁ। ଆଜକୁ ୧୧ ଦିନ ହେଲା ପାଣି ଛଡାଯାଇନାହିଁ। ତଳମୁଣ୍ଡର ଚାଷ ସମୟ ଗଡି ଚାଲିଛି। ଏହାକୁ ନେଇ ଜିଲା ପ୍ରଶାସନ ୪ ଚାଷୀ ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏହା ପରେ ଚାଷୀ ଅସନ୍ତୋଷ ଆହୁରି ବୃଦ୍ଧି ପାଇବାରେ ଲାଗିଛି। ସମସ୍ତ ଚାଷୀଙ୍କୁ ପ୍ରଶାସନ ଗିରଫ କରିବାକୁ ପ୍ରସ୍ତୁତ ରହୁ ବୋଲି ମଞ୍ଚ ଚେତାବନୀ ଦେଇଛି।

### ଚୋରି ସାମଗ୍ରୀ ଉଦ୍ଧାର, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ ସୁନାପାଲି ଅଞ୍ଚଳରୁ ଚୋରି ହୋଇଥିବା ପାଇପ୍, ଲୁହାଛଡ ଉଦ୍ଧାର କରିଛି। ଅନ୍ୟପକ୍ଷେ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କ ଗିରଫ କରିଛି। ସେ ହେଲେ ସଦରଥାନା ଅନ୍ତର୍ଗତ ଧନକଉଡା ଗ୍ରାମର ଦିଲ୍ଲୁ କୁମ୍ଭାର। ଏନେଇ ଥାନାରେ ଏକ ମାମଲା(ନଂ.୪/୧୮) ରୁଜୁ ହୋଇଛି। ସୂଚନାଯୋଗ୍ୟ, ସୁନାପାଲିରେ ପୁରୀ ଜିଲାର ସୋମନାଥ ସେଠୀ ପାଇପ୍ ବିଛା କାମ କରୁଛନ୍ତି। ଏଥିରେ ଦିଲ୍ଲୁ କାମ କରୁଥିଲେ। ହେଲେ ଦିଲ୍ଲୁ ପ୍ରତିଦିନ ବିଭିନ୍ନ ସମାଗ୍ରୀ ଚୋରି କରୁଥିବା ସୋମନାଥ ଜାଣିବାକୁ ପାଇଥିଲେ। ପରେ ସେ ଥାନାରେ ଅଭିଯୋଗ କରିଥିଲେ।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୧୬୧ ପ୍ରକଳ୍ପ ନିମନ୍ତେ ୪କୋଟି ୨୫ଲକ୍ଷ ମଞ୍ଜୁର

**ଦେବଗଡ/ରିଆମାଳ,୪।୧ (ସ୍ୱ.ପ୍ର/ଡି.ଏନ.ଏ.)**

ରାଜ୍ୟ ସରକାର ଗ୍ରାମାଞ୍ଚଳରବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧମରେ ବିଭିନ୍ନ ପଞ୍ଚାୟତକୁ ଅନୁଦାନ ପ୍ରଦାନ କରୁଛନ୍ତି। ଆମ ଗାଁ ଆମ ବିକାଶ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ରିଆମାଳ ବ୍ଲକର ୨୫ଟି ପଞ୍ଚାୟତର ଗ୍ରାମବାସୀଙ୍କ ସହିତ ଭିଡିଓ କନଫରେନ୍ସିଂ ଜରିଆରେ କଥାବାର୍ତ୍ତା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬୧ଟି ପ୍ରକଳ୍ପ ପାଇଁ ୪କୋଟି ୨୫ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଞ୍ଚାୟତଗୁଡିକର ବିଭିନ୍ନ ଗାଆଁରେ ରହିଥିବା ଆବଶ୍ୟକତା ସମ୍ପର୍କରେ ଅବଗତ ଥିବା ପ୍ରକାଶ କରିବା ସଙ୍ଗେ ସଙ୍ଗେ ଜନପ୍ରତିନିଧିମାନଙ୍କ ଦ୍ୱାରା ଉପସ୍ଥାପିତ ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତ୍ତିରେ ଅନୁମୋଦନ କରିଥିଲେ। ସମସ୍ତ ପ୍ରକଳ୍ପଗୁଡିକୁ ୩ ମାସ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଉପଲକ୍ଷେ ରିଆମାଳ ଉଚ୍ଚ ବିଦ୍ୟାଳୟ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଜିଲା ପରିଷଦ ସଦସ୍ୟା ନିଶାନି ବେହେରା ଓ କନକଲତା ପ୍ରଧାନ, ରିଆମାଳ ପଞ୍ଚାୟତ ସମିତି ଅଧକ୍ଷା ରୀତାଞ୍ଜଳୀ ହାତୀ ଏବଂ ବିଡିଓ ଶିବ ଟପ୍ପୋଙ୍କ ସମେତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି, ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଚଳର ଜନସାଧାରଣଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ନାରାୟଣପାଟଣାରେ ବିଜେଡିର ବନ୍ଧୁମିଳନ

# ତେଜେଶ୍ୱରଙ୍କ ବିରୋଧରେ ଉଠିଲା ସ୍ୱର

**କୋରାପୁଟ/ନାରାୟଣପାଟଣା, ୪।୧(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ଯୋଗୀପାଲୁରରେ ଶୁକ୍ରବାର ବିଜେଡିର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଥିବା ଖଦିବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡ଼ାଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି କେତେକ ନେତା ଓ କର୍ମୀ। ଦଳକୁ ମଜଭୁତ କରିବା ବଦଳରେ ସେ ନେତା ଓ କର୍ମୀଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବା ସହ ଅଶୋଭନୀୟ ଆଚରଣ, ସ୍ଥାନୀୟ ନେତାଙ୍କ କଥାକୁ ଉପେକ୍ଷା କରୁଥିବା ଅଭିଯୋଗ ଉଠିଛି। ଆଗକୁ ତାଙ୍କୁ ଅଞ୍ଚଳରେ ପୂରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ନେତା ଓ କର୍ମୀ।

ଏ ନେଇ ତେଜେଶ୍ୱର ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ଏପରି ବୈଠକ ବିଜେଡି କରିନାହିଁ। କେତେକ ବ୍ୟକ୍ତି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ଏହି ବନ୍ଧୁମିଳନ କରିଛନ୍ତି। ସେ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ଗୋଟିଏ ମଧ ଜିଲା ପରିଷଦ ଆସନ ନ ଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ଦିନ ରାତି ଏକ କରି କାମ କରିବା ଯୋଗୁ ନିର୍ବାଚନ ମଣ୍ଡଳୀର ସମସ୍ତ ୭ଟି ଜିଲା ପରିଷଦ ଆସନ ବିଜେଡି ହାତେଇଥିଲା ବୋଲି ତେଜେଶ୍ୱର କହିଛନ୍ତି। ଅନ୍ୟପକ୍ଷରେ କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ପଚାରିବାରୁ ସେ କହିଛନ୍ତି, ଉପରୋକ୍ତ ବନ୍ଧୁ ମିଳନ ନେଇ ତାଙ୍କ ପାଖରେ ଖବର ନାହିଁ। ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ନେତା ଓ କର୍ମୀଙ୍କ କାର୍ଯ୍ୟ ଯୋଗୁଁ ବିଜେଡିର ସ୍ଥିତି ଭଲ ରହିଛି। ଯଦି ତେଜେଶ୍ୱରଙ୍କୁ ନେଇ ନେତା-କର୍ମୀଙ୍କ ମଧ୍ୟରେ ମତାନ୍ତର ରହିଥାଏ, ତେବେ ଦିଲ୍ଲୀ କୃଷକ ସମାବେଶରୁ ଫେରିବା ପରେ ତାହାର ସମାଧାନ କରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପରେ ହସହସ ଭିତରେ କାନ୍ଦ**
**ଚାରି ଦଉଡ଼ି କଟା ମେଲିଛି ଫାନ୍ଦ।**

ଆପଣାର ଭାବ ଦେଖାଇ ମୁହଁ ସାମ୍ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ। ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। ସ୍ଥଳବିଶେଷରେ କେତେକ ନିରୀହ ବ୍ୟକ୍ତି ଏପରି କୁଚକ୍ରୀ ବ୍ୟକ୍ତିଙ୍କ ମଧୁର କଥାରେ ପ୍ରଭାବିତ ହୋଇ ହଇରାଣ ହରକତ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ମୁହଁରେ ହସ ପେଟରେ ବିଷ ଭଳି ଆପଣାର ଭାବ ଦେଖାଉଥିବା କୁଟୀଳ ବ୍ୟକ୍ତି କେବେ ବି ବିଶ୍ୱାସଯୋଗ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଷୁନା ଚାଉଳ ଗଜା ହେଉ**
**ପୁଅ ମୋର ଅଛମର ହେଉ।**

ମା' ପାଇଁ ଦୁନିଆର ସବୁଠାରୁ ବଡ଼ ଶ୍ରେଷ୍ଠ ସମ୍ପଦ ତା'ର ସନ୍ତାନ ହିଁ ହୋଇଥାଏ। ସେ କିପରି ଭଲରେ ରହିବ, ଭଲରେ ଚଳିବ ସେନେଇ ବ୍ୟତିବ୍ୟସ୍ତ ହେବା ସହ ଅନବରତ ତା'ର ମଙ୍ଗଳ କାମନା ହିଁ କରିଚାଲିଥାଏ। ବିଶ୍ୱନିୟନ୍ତା ଈଶ୍ୱରଙ୍କ ନିକଟରେ ନିଜ ପୁତ୍ରର ଜୀବନ ଦୀର୍ଘାୟୁ ପାଇଁ ମିନତି କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
AT/PO: Jambhirai, Baleswar, Odisha- 756024
M: 7750922443, 7077432760

* GST 5% Extra
MORE SPACE • SAME PRICE
TARIFF

| | 12 × 4 | 6 × 4 |
|---|---|---|
| For 30Days | 40,000.00 | 20,000.00 |
| For 15 Days | 25,000.00 | 12,000.00 |
| For 7 Days | 12,000.00 | 6,000.00 |
| For Single Day | 2,000.00 | 1,500.00 |

# ନରେନ୍ଦ୍ର ମୋଦି ଭୂମିକା ନେବେ ବିବେକ ଓବେରୟ



**ମୁମ୍ବାଇ:** ଆଗାମୀ 'ପିଏମ୍ ନରେନ୍ଦ୍ର ମୋଦି' ଫିଲ୍ମରେ ଅଭିନେତା ବିବେକ ଓବେରୟ ନରେନ୍ଦ୍ର ମୋଦି ଭୂମିକାରେ ଅବତୀର୍ଣ୍ଣ ହେବେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଉପରେ ଏଭଳି ଏକ ସିନେମା ନିର୍ମାଣ ହେବାକୁ ଯାଉଛି। ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଓମଙ୍ଗ କୁମାର। ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ମ୍ୟାରି କମ୍, ସରବଜିତ୍ ଓ ଭୂମି ଜାତୀୟ ପୁରସ୍କାର ଲାଭ କରିଛି। ଦୀର୍ଘ ୩ ବର୍ଷ ହେଲା ଏକ ଟିମ୍ ଉକ୍ତ ବାୟୋପିକ୍ ପାଇଁ କାର୍ଯ୍ୟ କରିଆସୁଛନ୍ତି। ନରେନ୍ଦ୍ର ମୋଦି ଭୂମିକାରେ ବିଶିଷ୍ଟ ଅଭିନେତା ପରେଶ ରାଓ୍ୱଲ ଅଭିନୟ କରିବେ ବୋଲି ଶୁଣାଯାଉଥିଲା। ତେବେ ବ୍ୟବସାୟ ବିଶ୍ଲେଷକ ତରନ ଆଦର୍ଶ ଟୁଇଟ୍ କରି ବିବେକ ଓବେରୟ ଏହି ଭୂମିକା ନେବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଉକ୍ତ ଫିଲ୍ମର ନିର୍ମାଣ ଦାୟିତ୍ୱ ସନ୍ଦିପ ସିଂ ନେଇଥିବା ବେଳେ ଏହାର ପ୍ରଥମ ପୋଷ୍ଟର ୨୦୧୯ ଜାନୁୟାରୀ ୭ରେ ଲଞ୍ଚ୍ କରାଯିବ। ଜାନୁୟାରୀ ମଧ୍ୟଭାଗରେ ଏହାର ଫିଲ୍ମ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଜାନୁୟାରୀ ୭ରେ ୨୩ଟି ଭାଷାରେ ଫିଲ୍ମ ପୋଷ୍ଟର ଲଞ୍ଚ୍ କରିବେ।


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.: RDM-LAA-JAJ-0066-2018/43270 R&DM** **Dated: 22 Nov. 2018**

No.: XXIV-114: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ଉତ୍ତରକୋଟ, ଥାନା– କୋରେଇ ସଂ. ୧୦୭, ତହସିଲ– ବ୍ୟାସନଗର, ଜିଲ୍ଲା– ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨୩.୬୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ ନଂ.–୧, ସୁକିନ୍ଦା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | ଉତ୍ତରକୋଟ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୬୧.୩୩ | ଏ.୨୩.୬୮ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ଅଭୟ କୁମାର ନାୟକ)**
**ଅତିରିକ୍ତ ଶାସନ ସଚିବ**

### ଜମି ଅନୁସୂଚୀ

**ଗ୍ରାମର ନାମ: ଉତ୍ତରକୋଟ, ଥାନାର ନାମ: କୋରେଇ ନଂ. ୧୦୭, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର**

ଜମି ଅଧିଗ୍ରହଣ କେସ୍ ନଂ.:

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୩ | ୨୭୫ | ୦.୨୬୦ | ୦.୨୦୦ | ଅଜିମୁଲ୍ଲା ଖାଁ, ପିତା: ଇବ୍ରାହିମ, ଜା: ମୁସଲମାନ, ବା: ତାରାକୋଟ | |
| ୨ | ୭୦ | ୨୫୫ | ୦.୦୮୦ | ୦.୦୮୦ | ସେକ୍ ଅରିଫ୍ ଖାଁ, ପିତା: ସେକ୍ ଅଜିତ୍, ଜା: ମୁସଲମାନ, ବା: ତାରାକୋଟ | |
| ୩ | ୭୨ | ୯୧୪ | ୦.୪୫୦ | ୦.୩୫୦ | ଇଚ୍ଛା ଜେନା, ସ୍ୱାମୀ: ନିହାଲ ଜେନା, ଜା: ପାଣ, ବା: ଇଚ୍ଛାପୁର | |
| ୪ | ୮୫ | ୫୦୮ | ୧.୧୨୦ | ୦.୭୦୦ | ଈଶ୍ୱର ନାୟକ, ପିତା: ନାଭ ନାୟକ, ଜା: ରାଢ଼ି, ବା: ସାନ୍ତସାହି | |
| ୫ | | ୭୯୮ | ୧.୦୦୦ | ୦.୦୪୦ | ଈଶ୍ୱର ନାୟକ, ପିତା: ନାଭ ନାୟକ, ଜା: ରାଢ଼ି, ବା: ସାନ୍ତସାହି | |
| ୬ | | ୭୯୧ | ୦.୦୫୦ | ୦.୦୧୦ | ଈଶ୍ୱର ନାୟକ, ପିତା: ନାଭ ନାୟକ, ଜା: ରାଢ଼ି, ବା: ସାନ୍ତସାହି | |
| ୭ | ୯୭ | ୧୫୨ | ୦.୫୨୦ | ୦.୦୧୦ | ସେକ୍ ଏମାମୁଲ, ପିତା: ଗରିବୁଲା, ଜା: ମୁସଲମାନ, ବା: ତାରାକୋଟ | |
| ୮ | ୯୮ | ୪୯୯ | ୦.୩୫୦ | ୦.୩୩୦ | ସୟଦ ଏରଫାନ ବେଗ ଓଗେର, ପିତା: ସୟଦ ୱାହବୁଦ୍ଦିନ, ଜା: ମୁସଲମାନ, ବା: ତାରାକୋଟ | |
| ୯ | ୧୧୦ | ୫୦୪ | ୦.୧୩୦ | ୦.୧୦୦ | କପିଳ ମଳିକ ଓଗେର, ପିତା: ସିନ୍ଧୁ ମଳିକ, ଜା: ପାଣ, ବା: ତାରାକୋଟ | |
| ୧୦ | | ୫୦୧ | ୦.୩୮୦ | ୦.୧୩୦ | କପିଳ ମଳିକ ଓଗେର, ପିତା: ସିନ୍ଧୁ ମଳିକ, ଜା: ପାଣ, ବା: ତାରାକୋଟ | |
| ୧୧ | | ୫୦୩ | ୦.୩୯୦ | ୦.୦୧୦ | କପିଳ ମଳିକ ଓଗେର, ପିତା: ସିନ୍ଧୁ ମଳିକ, ଜା: ପାଣ, ବା: ତାରାକୋଟ | |
| ୧୨ | ୧୧୭ | ୫୦୫ | ୦.୯୧୦ | ୦.୬୭୦ | କସିଦା ବିବି, ସ୍ୱାମୀ: ଅବଦୁଲ ରହିମଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୩ | ୧୨୮ | ୧୩୭୧ | ୦.୩୯୦ | ୦.୧୪୦ | କାଳନ୍ଦି ସେଠୀ ଓଗେର, ପିତା: ସହର ସେଠୀ, ଜା: ଧୋବା, ବା: ଉତ୍ତରଖଜିରା | |
| ୧୪ | | ୧୩୭୩ | ୦.୩୨୦ | ୦..୩୨୦ | କାଳନ୍ଦି ସେଠୀ ଓଗେର, ପିତା: ସହର ସେଠୀ, ଜା: ଧୋବା, ବା: ଉତ୍ତରଖଜିରା | |
| ୧୫ | ୧୩୫ | ୧୪୦୦/୨୭୮୨ | ୦.୧୧୦ | ୦.୧୧୦ | କାହ୍ନୁ ଦାସ, ପିତା: ଅର୍ଜୁନୀ ଦାସ, ଜା: ଗୋପାଳ, ବା: ମଙ୍ଗଳପୁର | |
| ୧୬ | ୧୪୪ | ୯୨୮ | ୦.୧୯୦ | ୦.୦୪୦ | କୁନ୍ତଳା କୁମାରୀ ଓଝା, ସ୍ୱାମୀ: ଭିକାରୀ ଓଝା, ଜା: କମାର, ବା: ଇଚ୍ଛାପୁର | |
| ୧୭ | | ୯୨୯ | ୦.୧୯୦ | ୦.୧୯୦ | କୁନ୍ତଳା କୁମାରୀ ଓଝା, ସ୍ୱାମୀ: ଭିକାରୀ ଓଝା, ଜା: କମାର, ବା: ଇଚ୍ଛାପୁର | |
| ୧୮ | ୧୪୪ | ୯୩୦ | ୦.୦୬୦ | ୦.୦୬୦ | କୁନ୍ତଳା କୁମାରୀ ଓଝା, ସ୍ୱାମୀ: ଭିକାରୀ ଓଝା, ଜା: କମାର, ବା: ଇଚ୍ଛାପୁର | |
| ୧୯ | | ୯୩୧ | ୦.୦୫୦ | ୦.୦୫୦ | କୁନ୍ତଳା କୁମାରୀ ଓଝା, ସ୍ୱାମୀ: ଭିକାରୀ ଓଝା, ଜା: କମାର, ବା: ଇଚ୍ଛାପୁର | |
| ୨୦ | | ୯୩୨ | ୦.୩୩୦ | ୦.୧୭୦ | କୁନ୍ତଳା କୁମାରୀ ଓଝା, ସ୍ୱାମୀ: ଭିକାରୀ ଓଝା, ଜା: କମାର, ବା: ଇଚ୍ଛାପୁର | |
| ୨୧ | | ୯୩୫ | ୦.୭୬୦ | ୦.୫୬୦ | କୁନ୍ତଳା କୁମାରୀ ଓଝା, ସ୍ୱାମୀ: ଭିକାରୀ ଓଝା, ଜା: କମାର, ବା: ଇଚ୍ଛାପୁର | |
| ୨୨ | ୧୮୦ | ୧୪୧ | ୦.୩୫୦ | ୦.୧୬୦ | ସେକ ଅବଦୁଲ ଖଲିଲ ଓଗେର, ପିତା: ସେକ୍ ଜଲିଲ, ଜା: ମୁସଲମାନ, ବା: ତାରାକୋଟ | |
| ୨୩ | ୧୮୩ | ୯୩୩ | ୦.୬୮୦ | ୦.୫୪୦ | ଗୟାଧର ସ୍ୱାଇଁ, ପିତା: ଅନନ୍ତ ସ୍ୱାଇଁ ଓଗେର, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୨୪ | ୧୮୭ | ୧୪୦୪ | ୦.୪୦୦ | ୦.୦୧୦ | ଗଙ୍ଗାଧର ସ୍ୱାଇଁ ଓଗେର, ପିତା: ବାବାଜି ସ୍ୱାଇଁ, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୨୫ | ୨୨୪ | ୧୪୦୦ | ୦.୩୧୦ | ୦.୧୭୦ | ଗୋଲଖ ଦାସ ଓଗେର, ପିତା: ବୈକୁଣ୍ଠ ଦାସ, ଜା: ଗୋପାଳ, ବା: ମଙ୍ଗଳପୁର | |
| ୨୬ | ୨୩୬ | ୧୩୭୫ | ୧.୩୩୦ | ୦.୩୮୦ | ଘୁରଡ଼ି ସାହୁ, ପିତା: ନାଲୁ ବେହେରା, ଜା: ମାସ୍ତାନିବାହ୍ମଣ, ବା: ମଙ୍ଗଳପୁର | |
| ୨୭ | ୨୬୧ | ୯୧୬ | ୦.୨୦୦ | ୦.୦୨୦ | ଜଗତ ଚରଣ ସ୍ୱାଇ, ପିତା: ଦାମୋଦର ସ୍ୱାଇ, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୨୮ | ୨୭୮ | ୭୯୨ | ୦.୯୧୦ | ୦.୫୨୦ | ନିରଞ୍ଜନ ନାୟକ ଓଗେର, ପିତା: ଜଗନ୍ନାଥ ନାୟକ, ଜା: ନିଆରି, ବା: ସାନ୍ତସାହି | |
| ୨୯ | ୨୮୩ | ୨୫୪ | ୦.୦୮୦ | ୦.୦୮୦ | ସେକ ଅବଦୁଲ ଜବାର, ପିତା: ଅବଦୁଲ ବରକତୁଲା, ଜା: ମୁସଲମାନ, ବା: ତାରାକୋଟ | |
| ୩୦ | ୨୮୪ | ୧୪୦ | ୦.୨୪୦ | ୦.୧୬୦ | ଅବଦୁଲ ଜବାର, ପିତା: ସେକ ବରକତୁଲା, ଜା: ମୁସଲମାନ, ବା: ତାରାକୋଟ | |
| ୩୧ | ୨୮୫ | ୧୨୭ | ୦.୩୦୦ | ୦.୦୩୦ | ସେକ ଅବଦୁଲ ଜବାର, ପିତା: ସେକ ବରକତୁଲା, ଜା: ମୁସଲମାନ, ବା: ତାରାକୋଟ | |
| ୩୨ | ୩୦୩ | ୧୨୬ | ୦.୧୦୦ | ୦.୧୦୦ | ଯୁଲେଖାଁ ବିବି, ସ୍ୱାମୀ: ସେକ ବସିର, ଜା: ମୁସଲମାନ, ବା: ତାରାକୋଟ | |
| ୩୩ | | ୧୩୯ | ୦.୧୭୦ | ୦.୧୭୦ | ଯୁଲେଖାଁ ବିବି, ସ୍ୱାମୀ: ସେକ୍ ବସିର, ଜା: ମୁସଲମାନ, ବା: ତାରାକୋଟ | |
| ୩୪ | ୩୦୬ | ୨୭୩ | ୦.୩୯୦ | ୦.୧୯୦ | ଯୋଗୀ ଖାଁ, ପିତା: ଫକିର ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୩୫ | ୩୧୧ | ୨୩୦ | ୧.୦୬୦ | ୦.୪୫୦ | ଯୋବେଦା ନିଶା ବିବି, ପିତା: ମନୋହର ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୩୬ | ୩୧୯ | ୧୩୭ | ୦.୧୫୦ | ୦.୦୩୦ | ତଇରୁନ ବିବି, ସ୍ୱାମୀ: ସେକ ଜଲିଲ, ଜା: ମୁସଲମାନ, ବା: ତାରାକୋଟ | |
| ୩୭ | | ୨୫୩ | ୦.୦୭୦ | ୦.୦୭୦ | ତଇରୁନ ବିବି, ସ୍ୱାମୀ: ସେକ ଜଲିଲ, ଜା: ମୁସଲମାନ, ବା: ତାରାକୋଟ | |
| ୩୮ | | ୨୫୬ | ୦.୦୪୦ | ୦.୦୧୦ | ତଇରୁନ ବିବି, ସ୍ୱାମୀ: ସେକ ଜଲିଲ, ଜା: ମୁସଲମାନ, ବା: ତାରାକୋଟ | |
| ୩୯ | | ୨୪୬ | ୦.୦୨୦ | ୦.୦୨୦ | ତଇରୁନ ବିବି, ସ୍ୱାମୀ: ସେକ ଜଲିଲ, ଜା: ମୁସଲମାନ, ବା: ତାରାକୋଟ | |
| ୪୦ | ୩୨୨ | ୭୯୪ | ୧.୨୮୦ | ୦.୬୬୦ | ରମଜାନ ଖାଁ ଓଗେର, ପିତା: ଅହେମଦ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୪୧ | | ୭୯୫ | ୦.୫୧୦ | ୦.୨୨୦ | ରମଜାନ ଖାଁ ଓଗେର, ପିତା: ଅହେମଦ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୪୨ | ୩୩୩ | ୯୦୯ | ୦.୯୮୦ | ୦.୦୧୦ | ଶ୍ରୀ ରାଧାକାନ୍ତ ଠାକୁର ବିଜେ ତୁଳସୀପୁର ମାଫତ – ଦୟାନିଧି ଖଣ୍ଡେଇ, ପିତା: ଦୁର୍ଗାଚରଣ ଖଣ୍ଡାଇ ଓଗେର, ଜା: ମାସ୍ତାନିବ୍ରାହ୍ମଣ, ବା: ତୁଳସୀପୁର | |
| ୪୩ | ୩୩୭ | ୪୯୫ | ୦.୭୩୦ | ୦.୪୨୦ | ଦବିରଦ୍ଦିନ ଖାଁ, ପିତା: ରହେମାନଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୪୪ | ୩୫୬ | ୧୩୯୬ | ୦.୯୮୦ | ୦.୬୨୦ | ରମେଶ ଦାସ ଓଗେର, ପିତା: ସହଦେବ ଦାସ, ଜା: ଗୋପାଳ, ବା: ଷଠିପୁର | |
| ୪୫ | ୪୦୨ | ୧୩୯୮ | ୦.୫୩୦ | ୦.୩୪୦ | ନାରଣ ଦାସ ଓଗେର, ପିତା: କୁନ ଦାସ, ଜା: ଗୋପାଳ, ବା: ମଙ୍ଗଳପୁର | |
| ୪୬ | ୪୦୨ | ୧୪୦୧ | ୦.୩୦୦ | ୦.୦୩୦ | ନାରଣ ଦାସ ଓଗେର, ପିତା: କୁନ ଦାସ, ଜା: ଗୋପାଳ, ବା: ମଙ୍ଗଳପୁର | |
| ୪୭ | ୪୧୨ | ୧୪୦୦/୨୭୮୩ | ୦.୧୨୦ | ୦.୦୧୦ | ନାରଣ ଦାସ ଓଗେର, ପିତା: କୁନ ଦାସ, ଜା: ଗୋପାଳ, ବା: ମଙ୍ଗଳପୁର | |
| ୪୮ | ୪୨୮ | ୯୨୬ | ୧.୦୧୦ | ୦.୨୧୦ | ନିଧି ବେହେରା, ପିତା: ଭଗ ବେହେରା, ଜା: ରାଢ଼ି, ବା: ସାନ୍ତସାହି | |
| ୪୯ | ୪୩୬ | ୪୯୭ | ୦.୮୨୦ | ୦.୦୧୦ | ନୀଳମଣୀ ହାତୀ ଓଗେର, ପିତା: ଭୀମ ହାତୀ, ଜା: ଖଣ୍ଡାୟତ, ବା: ସାନ୍ତସାହି | |
| ୫୦ | ୪୪୧ | ୪୯୪ | ୦.୬୪୦ | ୦.୧୨୦ | ମହମ୍ମଦ ନଶାରୁଉଦ୍ଦିନ କାନ୍ତି, ପିତା: ମହମ୍ମଦ ମନିରଦ୍ଦିନ, ଜା: ମୁସଲମାନ, ବା: ସାନ୍ତସାହି | |
| ୫୧ | ୫୨୧ | ୯୫୫ | ୦.୯୫୦ | ୦.୭୫୦ | ବଳରାମ ସାହୁ ଓଗେର, ପିତା: ଲକ୍ଷ୍ମୀଧର ସାହୁ, ଜା: ତେଲି, ବା: ତୁଳସୀପୁର | |
| ୫୨ | | ୯୫୭ | ୦.୩୧୦ | ୦.୧୭୦ | ବଳରାମ ସାହୁ ଓଗେର, ପିତା: ଲକ୍ଷ୍ମୀଧର ସାହୁ, ଜା: ତେଲି, ବା: ତୁଳସୀପୁର | |
| ୫୩ | ୫୨୬ | ୯୩୪ | ୦.୩୬୦ | ୦.୦୧୦ | ବସନ୍ତ କୁମାର ସାହୁ ଓଗେର, ପିତା: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୫୪ | | ୯୧୩ | ୦.୪୫୦ | ୦.୦୬୦ | ବସନ୍ତ କୁମାର ସାହୁ ଓଗେର, ପିତା: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୫୫ | ୫୨୬ | ୧୩୮୧ | ୦.୫୯୦ | ୦.୦୮୦ | ବସନ୍ତ କୁମାର ସାହୁ ଓଗେର, ପିତା: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୫୬ | | ୧୩୭୯ | ୦.୨୮୦ | ୦.୨୦୦ | ବସନ୍ତ କୁମାର ସାହୁ ଓଗେର, ପିତା: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୫୭ | | ୧୩୮୦ | ୦.୧୪୦ | ୦.୦୨୦ | ବସନ୍ତ କୁମାର ସାହୁ ଓଗେର, ପିତା: ପୂର୍ଣ୍ଣଚନ୍ଦ୍ର ସାହୁ, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୫୮ | ୫୩୩ | ୧୩୯୦ | ୦.୬୫୦ | ୦.୦୧୦ | ବାଇଧର ସାହୁ, ପିତା: ପାଣ୍ଡୁ ସାହୁ, ଜା: ତେଲି, ବା: ତୁଳସୀପୁର | |
| ୫୯ | | ୧୩୯୪ | ୦.୩୯୦ | ୦.୦୮୦ | ବାଇଧର ସାହୁ, ପିତା: ପାଣ୍ଡୁ ସାହୁ, ଜା: ତେଲି, ବା: ତୁଳସୀପୁର | |
| ୬୦ | ୫୩୪ | ୧୩୯୫ | ୦.୪୯୦ | ୦.୩୦୦ | ବାଙ୍କ ବିହାରୀ ସାହୁ ଓଗେର, ପିତା: ଜଇରାମ ସାହୁ, ବା: ତୁଳସୀପୁର | |
| ୬୧ | ୫୩୯ | ୫୧୦ | ୦.୫୧୦ | ୦.୦୧୦ | ସେକ୍ ଜାବିର, ପିତା: ସେକ୍ ଅହମ୍ମଦ, ଜା: ମୁସଲମାନ, ବା: ହାଜିବାଗ, ଥା: କୁଆଖିଆ | |
| ୬୨ | ୫୭୬ | ୧୩୬ | ୦.୧୪୦ | ୦.୦୧୦ | ସେକ୍ ବୋଫାତି, ପିତା: ସେକ୍ ଭିକାରୀ, ଜା: ମୁସଲମାନ, ବା: ତାରାକୋଟ | |
| ୬୩ | | ୧୩୮ | ୦.୧୮୦ | ୦.୦୯୦ | ସେକ୍ ବୋଫାତି, ପିତା: ସେକ୍ ଭିକାରୀ, ଜା: ମୁସଲମାନ, ବା: ତାରାକୋଟ | |
| ୬୪ | | ୫୧୩ | ୦.୩୭୦ | ୦.୦୨୦ | ସେକ୍ ବୋଫାତି, ପିତା: ସେକ୍ ଭିକାରୀ, ଜା: ମୁସଲମାନ, ବା: ତାରାକୋଟ | |
| ୬୫ | ୫୯୭ | ୯୨୪ | ୦.୪୫୦ | ୦.୧୬୦ | ଭିକାର ଓଝା ଓଗେର, ପିତା: ଅଇଣ୍ଠା ଓଝା, ଜା: କମାର, ବା: ଇଚ୍ଛାପୁର | |
| ୬୬ | | ୯୨୧ | ୦.୧୧୦ | ୦.୦୧୦ | ଭିକାର ଓଝା ଓଗେର, ପିତା: ଅଇଣ୍ଠା ଓଝା, ଜା: କମାର, ବା: ଇଚ୍ଛାପୁର | |
| ୬୭ | ୬୨୭ | ୪୮୯ | ୦.୮୦୦ | ୦.୦୫୦ | ମହେଶ୍ୱର ମହାରଣା, ପିତା: ଭଗବାନ ମହାରଣା, ଜା: ବଢ଼େଇ, ବା: ତାରାକୋଟ | |
| ୬୮ | ୬୩୪ | ୪୯୨ | ୦.୧୯୦ | ୦.୧୦୦ | ଅବନୀ ସାହୁ, ପିତା: ଫକିର ସାହୁ, ଜା: ତେଲି, ବା: ତାରାକୋଟ | |
| ୬୯ | ୬୩୭ | ୧୩୯୯ | ୦.୪୩୦ | ୦.୪୩୦ | କୃତ୍ତିବାସ ପାତ୍ର, ପିତା: ଶ୍ୟାମ ପାତ୍ର, ଜା: ମାସ୍ତାନିବ୍ରାହ୍ମଣ, ବା: ଉତ୍ତରଖଜିରା | |
| ୭୦ | ୬୫୦ | ୨୪୮ | ୦.୦୩୦ | ୦.୦୩୦ | ସେକ୍ ମୁନ୍ତାଜ, ପିତା: ସେକ୍ ରହେମାନ, ଜା: ମୁସଲମାନ, ବା: ତାରାକୋଟ | |
| ୭୧ | | ୨୫୧ | ୦.୦୫୦ | ୦.୦୫୦ | ସେକ୍ ମୁନ୍ତାଜ, ପିତା: ସେକ୍ ରହେମାନ, ଜା: ମୁସଲମାନ, ବା: ତାରାକୋଟ | |
| ୭୨ | ୬୬୧ | ୨୭୪ | ୦.୫୬୦ | ୦.୪୦୦ | ଅବଦୁଲ ନସିମ ଖାଁ, ପିତା: ଅବଦୁଲ ହକିମ, ଜା: ମୁସଲମାନ, ବା: ତାରାକୋଟ | |
| ୭୩ | ୬୯୮ | ୧୩୯୭ | ୦.୬୯୦ | ୦.୧୦୦ | ରବିନ୍ଦ୍ର କୁମାର ଓଝା, ପିତା: ଶୁକୁଟି ଓଝା ଓଗେର, ଜା: କମାର, ବା: ଇଚ୍ଛାପୁର | |
| ୭୪ | ୭୦୯ | ୫୦୦ | ୦.୨୭୦ | ୦.୨୧୦ | ଅବଦୁଲ ରହିମ ଖାଁ, ପିତା: ଅବଦୁଲ ସତାର ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୭୫ | ୭୨୭ | ୪୮୮ | ୧.୭୯୦ | ୦.୦୧୦ | ରାମ କୋଇଟୁ ନାଇଡୁ, ପିତା: ରଙ୍ଗେଲା ନାଇଡୁ, ଜା: ବାଲାଜି, ବା: କଟକ | |
| ୭୬ | ୭୪୯ | ୧୪୩ | ୦.୪୫୦ | ୦.୨୨୦ | ରିଆଜଦ୍ଦିନ୍ ଖାଁ, ପିତା: ସୁଲେମାନ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୭୭ | | ୯୬୦ | ୧.୩୨୦ | ୦.୦୨୦ | ରିଆଜଦ୍ଦିନ୍ ଖାଁ, ପିତା: ସୁଲେମାନ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୭୮ | | ୧୪୨ | ୦.୪୭୦ | ୦.୪୭୦ | ରିଆଜଦ୍ଦିନ୍ ଖାଁ, ପିତା: ସୁଲେମାନ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୭୯ | | ୯୬୧ | ୧.୦୦୦ | ୦.୦୧୦ | ରିଆଜଦ୍ଦିନ୍ ଖାଁ, ପିତା: ସୁଲେମାନ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୮୦ | ୭୫୨ | ୨୩୧ | ୧.୩୭୦ | ୦.୩୦୦ | ଗୁହାବାନ ବିବି, ସ୍ୱାମୀ: ରିଅଭତଉଦ୍ଦିନ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୮୧ | ୭୫୫ | ୧୨୫ | ୦.୦୫୦ | ୦.୦୧୦ | ରୋସେନ ମହମ୍ମଦ, ପିତା: ଦଉଦି ମହମ୍ମଦ, ଜା: ମୁସଲମାନ, ବା: ତାରାକୋଟ | |
| ୮୨ | ୭୫୮ | ୧୩୭୮ | ୦.୩୦୦ | ୦.୦୧୦ | ଲକ୍ଷ୍ମଣ ପରିଡ଼ା, ପିତା: ବଂଶୀ ପରିଡ଼ା, ଜା: କେଉଟ, ବା: ତୁଳସୀପୁର | |
| ୮୩ | ୭୬୩ | ୯୫୪ | ୧.୦୧୦ | ୦.୦୯୦ | ଲକ୍ଷ୍ମୀଧର ସାହୁ, ପିତା: ଜଗବନ୍ଧୁ ସାହୁ ଓଗେର, ଜା: ତେଲି, ବା: ତୁଳସୀପୁର | |
| ୮୪ | | ୯୫୮ | ୦.୨୪୦ | ୦.୦୩୦ | ଲକ୍ଷ୍ମୀଧର ସାହୁ, ପିତା: ଜଗବନ୍ଧୁ ସାହୁ ଓଗେର, ଜା: ତେଲି, ବା: ତୁଳସୀପୁର | |
| ୮୫ | ୭୬୮ | ୨୪୯ | ୦.୬୦୦ | ୦.୦୨୦ | ସେକ୍ ଲିଆକତ ଅଲି, ପିତା: ସେକ୍ ଆବିଦ୍ ଅଲ୍ଲି, ଜା: ମୁସଲମାନ, ବା: ତାରାକୋଟ | |
| ୮୬ | ୭୮୩ | ୨୪୭ | ୦.୦୬୦ | ୦.୦୬୦ | ସେରେନ ବିବି, ପିତା: ସେକ୍ ଅବଦୁଲ ସତାର, ଜା: ମୁସଲମାନ, ବା: ତାରାକୋଟ | |
| ୮୭ | | ୨୫୦ | ୦.୦୩୦ | ୦.୦୧୦ | ସେରେନ ବିବି, ପିତା: ସେକ୍ ଅବଦୁଲ ସତାର, ଜା: ମୁସଲମାନ, ବା: ତାରାକୋଟ | |
| ୮୮ | ୭୮୫ | ୫୫୯ | ୦.୧୨୦ | ୦.୧୦୦ | ଅବଦୁଲ ସତାର ଖାଁ, ପିତା: ଅବଦୁଲ ଗଫାର ଖାଁ, ଜା: ମୁସଲମାନ, ବା: ସାନ୍ତସାହି | |
| ୮୯ | ୮୦୬ | ୨୩୬ | ୦.୯୦୦ | ୦.୬୫୦ | ସବେଦୁନ ବିବି, ସ୍ୱାମୀ: ଉଜିର ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୯୦ | ୮୧୪ | ୯୧୫ | ୦.୩୯୦ | ୦.୨୯୦ | ସହଦେବ ଜେନା, ପିତା: ବୃନ୍ଦୁ ଜେନା, ଜା: ପାଣ, ବା: ଇଚ୍ଛାପୁର | |
| ୯୧ | | ୯୨୨ | ୦.୦୮୦ | ୦.୦୩୦ | ସହଦେବ ଜେନା, ପିତା: ବୃନ୍ଦୁ ଜେନା, ଜା: ପାଣ, ବା: ଇଚ୍ଛାପୁର | |
| ୯୨ | | ୧୩୭୬ | ୧.୫୨୦ | ୧.୧୦୦ | ସହଦେବ ଜେନା, ପିତା: ବୃନ୍ଦୁ ଜେନା, ଜା: ପାଣ, ବା: ଇଚ୍ଛାପୁର | |
| ୯୩ | ୮୩୪ | ୯୫୬ | ୦.୪୭୦ | ୦.୦୩୦ | ସେକ୍ ସିରାଜଉଦ୍ଦିନ, ପିତା: ସେକ୍ ତାଜୁଉଦ୍ଦିନ, ଜା: ମୁସଲମାନ, ବା: ତାରାକୋଟ | |
| ୯୪ | ୮୪୬ | ୪୯୩ | ୦.୪୫୦ | ୦.୪୦୦ | ସୁଦର୍ଶନ ସାହୁ, ପିତା: ଦଶରଥ ସାହୁ, ଜା: ତେଲି, ବା: ତାରାକୋଟ | |
| ୯୫ | ୮୫୮ | ୪୯୮ | ୨.୬୭୦ | ୧.୧୨୦ | ସୁବାଷ ଚନ୍ଦ୍ର ସାହୁ ଓଗେର, ପିତା: ମଧୁସୂଦନ ସାହୁ, ଜା: ତେଲି, ବା: ତାରାକୋଟ | |
| ୯୬ | ୮୬୭ | ୨୩୩ | ୦.୫୪୦ | ୦.୦୧୦ | ତଇବୁଲ ମଜିଦ୍ ବିଜେ ତାରାକୋଟ, ମାଫତ – ସେକ୍ରେଟାରୀ | |
| ୯୭ | ୮୮୫ | ୫୫୮ | ୧.୧୦୦ | ୦.୭୨୦ | ହବିବ୍ ଖାଁ ଓଗେର, ପିତା: କାଶ୍ମି ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୯୮ | ୮୯୪ | ୨୩୭ | ୦.୨୨୦ | ୦.୦୧୦ | ଶ୍ରୀ ସପ୍ତାଗୋସାଇଁ ବିଜେ ସାନ୍ତସାହି ମାଫତ – ହରେକୃଷ୍ଣ ଶତପଥି ଓଗେର, ପିତା: ଫକିର ଚରଣ ଶତପଥି, ଜା: ବ୍ରାହ୍ମଣ, ବା: ତାରାକୋଟ | |
| ୯୯ | ୯୨୦/୧୧ | ୯୨୩ | ୦.୪୮୦ | ୦.୪୮୦ | ରବିନ୍ଦ୍ର କୁମାର ଓଝା, ପିତା: ସୁକୁଟି ଓଝା, ଜା: ବଢ଼େଇ, ବା: ଇଚ୍ଛାପୁର | |
| ୧୦୦ | ୯୨୦/୧୭ | ୨୪୨ | ୧.୯୩୦ | ୦.୬୬୦ | ସେକ୍ ହୋସେନ୍ ଓଗେର, ପିତା: ସେଖ୍ ଉଜିର, ଜା: ମୁସଲମାନ, ବା: ତାରାକୋଟ | |
| ୧୦୧ | | ୨୪୩ | ୦.୯୦୦ | ୦.୨୯୦ | ସେକ୍ ହୋସେନ୍ ଓଗେର, ପିତା: ସେଖ୍ ଉଜିର, ଜା: ମୁସଲମାନ, ବା: ତାରାକୋଟ | |
| ୧୦୨ | | ୨୪୫ | ୦.୦୨୦ | ୦.୦୨୦ | ସେକ୍ ହୋସେନ୍ ଓଗେର, ପିତା: ସେଖ୍ ଉଜିର, ଜା: ମୁସଲମାନ, ବା: ତାରାକୋଟ | |
| ୧୦୩ | ୯୨୦/୩୦ | ୪୮୦ | ୦.୪୭୦ | ୦.୦୧୦ | ଅବଦୁଲ ରହିମ୍ ଖାଁ, ପିତା: ଅବଦୁଲ ସତାର ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୦୪ | ୯୨୦/୩୪ | ୫୬୦/୩୪ | ୧.୦୦୦ | ୦.୦୭୦ | ଅନାଦିଚରଣ ନାୟକ ଓଗେର, ପିତା: ଚିନ୍ତାମଣି ନାୟକ, ଜା: ନିଆରୀ, ବା: ସାନ୍ତସାହି | |
| ୧୦୫ | ୯୨୦/୪୩ | ୫୦୯ | ୦.୫୭୦ | ୦.୨୭୦ | ରମାକାନ୍ତ ନାୟକ ଓଗେର, ପିତା: ରଥ ନାୟକ, ଜା: ନିଆରୀ, ବା: ସାନ୍ତସାହି | |
| ୧୦୬ | ୯୨୦/୪୭ | ୨୫୮ | ୦.୦୭୦ | ୦.୦୩୦ | ଅଞ୍ଜୁବନ ବିବି, ସ୍ୱାମୀ: ସେକ୍ ମୋଜମିଲ, ଜା: ମୁସଲମାନ, ବା: ତାରାକୋଟ | |
| ୧୦୭ | ୯୨୦/୮୪ | ୬୦୪ | ୦.୧୭୦ | ୦.୦୩୦ | ସରୱାର ଆଲମ, ପିତା: ଅବଦୁଲ ଗଫୁରଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୦୮ | ୯୨୦/୧୧୭ | ୯୫୯ | ୧.୨୫୦ | ୧.୦୭୦ | ଘେନି ମଳିକ, ସ୍ୱାମୀ: ସାଧୁ ମଳିକ, ଜା: ପାଣ, ବା: ତାରାକୋଟ | |
| ୧୦୯ | ୯୨୦/୧୧୮ | ୫୧୨ | ୦.୩୮୦ | ୦.୨୮୦ | ସୟଦ ଜମାଉଦ୍ଦିନ ଓଗେର, ପିତା: ଉହାବଉଦ୍ଦିନ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୦ | ୯୨୦/୧୨୫ | ୫୧୧ | ୦.୩୧୦ | ୦.୦୧୦ | ସୟଦ ଜଲାଲ ଉଦ୍ଦିନ, ପିତା: ସୟଦ ୱାହେବଉଦ୍ଦିନ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୧ | ୯୨୦/୧୩୫ | ୧୪୦୭ | ୦.୭୬୦ | ୦.୪୧୦ | ରବିନ୍ଦ୍ର କୁମାର ଜେନା, ପିତା: ବାବାଜି ଜେନା, ଜା: ପାଣ, ବା: ଇଚ୍ଛାପୁର | |
| ୧୧୨ | ୯୨୦/୧୮୨ | ୨୩୨ | ୦.୨୨୦ | ୦.୨୨୦ | ମିର୍ଜା ନିଶାଦ ବେଗ ଓଗେର, ପିତା: ମିର୍ଜା ନବାବ ବେଗ, ଜା: ମୁସଲମାନ, ବା: ଗୋଲେଇପୁର | |
| ୧୧୩ | ୯୨୦/୧୮୨ | ୨୩୪ | ୦.୩୨୦ | ୦.୦୧୦ | ମିର୍ଜା ନିଶାଦ ବେଗ ଓଗେର, ପିତା: ମିର୍ଜା ନବାବ ବେଗ, ଜା: ମୁସଲମାନ, ବା: ଗୋଲେଇପୁର | |
| ୧୧୪ | ୯୨୦/୨୨୧ | ୪୯୧ | ୧.୦୦୦ | ୦.୦୧୦ | ଅବଦୁଲ ରିଜିଆନ ଓଗେର, ପିତା: ଅବଦୁଲ ହନାମ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୫ | ୯୨୦/୨୨୩ | ୪୯୬ | ୦.୭୧୦ | ୦.୨୨୦ | ଅବଦୁଲ ରିଜିଆନ, ପିତା: ଅବଦୁଲ ହନାମ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୬ | ୯୨୦/୨୨୬ | ୨୭୭ | ୦.୫୩୦ | ୦.୦୩୦ | ଡାବୋ ଖାଁ, ପିତା: ଯୋଗିଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୭ | ୯୨୦/୨୨୭ | ୨୫୭ | ୦.୧୦୦ | ୦.୧୦୦ | ଡାବୋ ଖାଁ, ପିତା: ଯୋଗିଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୮ | ୯୨୦/୨୨୯ | ୨୫୭/୨୭୮୭ | ୦.୧୨୦ | ୦.୦୧୦ | ଡାବୋ ଖାଁ, ପିତା: ଯୋଗିଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୯ | ୯୨୦/୨୫୧ | ୨୩୧/୨୭୭୭ | ୦.୬୪୦ | ୦.୩୫୦ | ସେକ୍ ନରୁଉଦ୍ଦିନ ଓଗେର, ପିତା: ଆଇଲାଉଦ୍ଦିନ, ଜା: ମୁସଲମାନ, ବା: ନେଉଳପୁର, ଥାନା: ଧର୍ମଶାଳା | |
| | | | ମୋଟ | ୨୩.୬୮୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୧୯ (ଏକ ଶହ ଉଣେଇଶ), ମୋଟ ଅଧିଗୃହୀତ ଜମି: ୨୩.୬୮୦ ଏକର

**ସ୍ୱତନ୍ତ୍ର ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀ**
**ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା**

**ମଣ୍ଡଳ ଅଧିକାରୀ**
**ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା**

24001/14/0545/1819



> ନିଜର ସ୍ୱାର୍ଥକୁ ପୋଡ଼ି ନ ପକାଇଲେ ଜଗତରେ ଶାନ୍ତି ଦର୍ଶନ ହୋଇପାରିବ ନାହିଁ।
> - ସନ୍ଥକବି ଭୀମଭୋଇ


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।







@ ସୁରେଶ



@ ଟିକୁ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ପ୍ରଥମ ପୃଷ୍ଠାରୁ...

### ବାରିପଦାରେ ହେଭିୱେଟ୍ ...



କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରାଯାଉଛି।

ମୁତୟନ ହୋଇସାରିଛନ୍ତି। ଶନିବାର ଅପରାହ୍ନ ଦେଢ଼ଟାରୁ ଦୁଇଟା ମଧ୍ୟରେ ପ୍ରଧାନମନ୍ତ୍ରୀ ବାରିପଦା ଛଉ ପଡିଆରେ ପହଞ୍ଚିବେ। ଝାଡଖଣ୍ଡରେ ଏକ କାର୍ଯ୍ୟକ୍ରମ ସରିବା ପରେ ପଶ୍ଚିମବଙ୍ଗର ଏୟାରବେସ କଲେଇକୁଣ୍ଡାକୁ ଆସି ହେଲିକପ୍ଟର ଯୋଗେ ବାରିପଦାରେ ପହଞ୍ଚିବେ। ସେଠାରେ ବିଭିନ୍ନ ଲୋକ କଲ୍ୟାଣକାରୀ ଯୋଜନା ଜରିଆରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଛଉ ପଡିଆରେ ହେବାକୁ ଥିବା ଦଳୀୟ ସମାବେଶରେ ପ୍ରାୟ ଦେଢ଼ଲକ୍ଷ ଲୋକଙ୍କ ସମାଗମ ହେବ ବୋଲି ଭାଜପା ପକ୍ଷରୁ କୁହାଯାଇଛି ।

### ଜମିବ ସମାବେଶ ...

ନବୀନ ପଟ୍ଟନାୟକ ଯୋଗଦେଇଥିବାର ନଜିର ରହିଛି। ହେଲେ ଶନିବାର ହେବାକୁ ଥିବା କେତେକ ସରକାରୀ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ସ୍ପଷ୍ଟ କରିଛି। ଭାଜପାର ବିଜେଡି ମନୋଭାବ ନେଇ ଭିନ୍ନମତ ସୃଷ୍ଟି ହୋଇଛି। ଏପରି କି ମୋଦିଙ୍କ ଡିସେମ୍ବର ଗସ୍ତର ଗୋଟିଏ ଦିନ ପୂର୍ବରୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ବିଜେଡି ସଭାପତି ନବୀନଙ୍କୁ ଭେଟିଥିଲେ। ଏହି ସାକ୍ଷାତ ପରେ ଜାତୀୟ ରାଜନୀତିରେ ତୃତୀୟ ସାମ୍ମୁଖ୍ୟ ଚର୍ଚ୍ଚା ଜୋର୍ ଧରିଥିଲା। ତେଣୁ ପ୍ରଧାନମନ୍ତ୍ରୀ ସିଧାସଳଖ ରାଜନୈତିକ ଆକ୍ରମଣ କରୁଛନ୍ତି ନା ପୂର୍ବ ଆଭିମୁଖ୍ୟ ବଜାୟ ରଖୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

### ଏମ୍‌କେସିଜିରେ ...

ଡାକ୍ତର ପରାମର୍ଶ ଦେଇଥିଲେ। ନର୍ସ ଆଣ୍ଟିଡୋଜ୍ ପ୍ରସ୍ତୁତ କରୁଥିବାବେଳେ ସିରିଞ୍ଜର ଛୁଞ୍ଚି କୌଣସି କାରଣରୁ ସେଠାରେ ଉପସ୍ଥିତ ଜଣେ ପିଜି ଡାକ୍ତର ଛାତ୍ରଙ୍କ ଦେହରେ ବାଜି ଯାଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଡାକ୍ତର ଛାତ୍ର ଜଣକ ସହପାଠୀମାନଙ୍କୁ ଡାକି ନର୍ସଙ୍କୁ ଦୁର୍ବ୍ୟବହାର ସହ ମାଡ ମାରିଥିବା ଅଭିଯୋଗ ହୋଇଛି। ପରେ ସମ୍ପୃକ୍ତ ନର୍ସ ଏନେଇ ବଡ ମେଡିକାଲ ନର୍ସ ସଂଘକୁ ଜଣାଇଥିଲେ। ସମସ୍ତ ନର୍ସ ଏକତ୍ରିତ ହୋଇ ବଡମେଡିକାଲ ଅଧୀକ୍ଷକଙ୍କ ପ୍ରକୋଷ୍ଠ ନିକଟରେ ଧାରଣା ଦେବା ସହ ପିଜି ଡାକ୍ତର ଛାତ୍ର ଭୁଲ୍ ମାଗିବାକୁ ଅଡି ବସିଥିଲେ। ଖବର ଲେଖାହେବା ସୁଦ୍ଧା ନର୍ସ ସଂଘ ଓ ପିଜି ଡାକ୍ତର ଛାତ୍ରଙ୍କ ମଧ୍ୟରେ ପୋଲିସ ଉପସ୍ଥିତିରେ ଅଧୀକ୍ଷକଙ୍କ ପ୍ରକୋଷ୍ଠର ଆଲୋଚନା ଜାରି ରହିଛି।

### ଆଜି ମୁଖ୍ୟମନ୍ତ୍ରୀଙ୍କ ...

ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏତଦ୍ ବ୍ୟତୀତ ପ୍ରତି ଅଙ୍ଗନୱାଡି କର୍ମୀଙ୍କୁ ୫୦୦ ଏବଂ ସହାୟିକାଙ୍କୁ ୨୦୦ ଲେଖାଏଁ ଟଙ୍କା ମିଳିବ। ଏହି ପ୍ରୋତ୍ସାହନ ରାଶି ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର(ଡିବିଟି) ମାଧ୍ୟମରେ ଉପଲବ୍ଧ କରାଯିବ। ମିଳିଥିବା ସୂଚନାନୁଯାୟୀ, ପୂର୍ବାହ୍ନ ୧୧ଟା ୧୫ରେ ଏହି ସଭା ଆରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୁରୀରେ ପ୍ରାୟ ୨୦ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ପୂର୍ବରୁ ଉକ୍ତ ସମାବେଶରେ ବ୍ରହ୍ମପୁର ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ଏବଂ ଓଡ଼ିଆ ଚିତ୍ର ତାରକାଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାନ ଦିନରେ ବାରିପଦା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ। ଏହା ସରକାରୀ କାର୍ଯ୍ୟକ୍ରମ ହୋଇ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ବାରିପଦା ଗସ୍ତ କରିବେ ନାହିଁ ବୋଲି ଜଣାପଡିଛି। ସେହିପରି ପ୍ରଧାନମନ୍ତ୍ରୀ ମୋଦି ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଲଢ଼ିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏମିତି କି ପୁରୀ ଜିଲାରେ ଭାଜପା କାର୍ଯ୍ୟକ୍ରମ କେନ୍ଦ୍ରୀୟ କାର୍ଯ୍ୟାଳୟକୁ ପଠାଯାଉଥିବା ଦଳୀୟ ନେତା ମତ ରଖିସାରିଛନ୍ତି। ମହିଳା ଭୋଟବ୍ୟାଙ୍କ ମଧ୍ୟ ବିଜେଡିର ପ୍ରମୁଖ ଆୟୁଧ। ତେଣୁ ସାଧାରଣ ନିର୍ବାଚନର ଯଥେଷ୍ଟ ପୂର୍ବରୁ ଚର୍ଚ୍ଚିତ ହୋଇସାରିଥିବା ପୁରୀରେ ମିଶନ ଶକ୍ତି କାର୍ଯ୍ୟକ୍ରମ ରାଜନୈତିକ ଦୃଷ୍ଟିକୋଣରୁ ଅନେକ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

କମ୍ପାନି ଆଇନ ସଂଶୋଧନ ବିଲ୍

# ତରବରିଆ ଆଗତକୁ ନେଇ ପ୍ରଶ୍ନ ଉଠାଇଲେ ତଥାଗତ

**ନୂଆଦିଲ୍ଲୀ,୪।୧**

କେନ୍ଦ୍ର ସରକାର ବ୍ୟବସାୟରେ ସୁଗମତା ଆଣିବା ଉଦ୍ଦେଶ୍ୟରେ କମ୍ପାନିଜ ଆମେଣ୍ଡମେଣ୍ଟ (କମ୍ପାନି ଆଇନ ସଂଶୋଧନ)ବିଲ୍-୨୦୧୮ ଆଣିଛନ୍ତି। ତେବେ ଏହାକୁ ତରବରିଆ ଭାବେ ଆଣିବାର କାରଣ କ'ଣ ବୋଲି ଶୁକ୍ରବାର ଲୋକ ସଭାରେ ବିଜେଡିର ମୁଖ୍ୟ ସଚେତକ ତଥାଗତ ସତପଥୀ ପ୍ରଶ୍ନ ଉଠାଇଛନ୍ତି।

ଦଳ ପକ୍ଷରୁ ନିମ୍ନ ସଦନରେ ଆଲୋଚନାରେ ଅଂଶଗ୍ରହଣ କରି ଢେଙ୍କାନାଳ ଏମ୍‌ପି ତଥାଗତ କହିଛନ୍ତି ଯେ, ବ୍ୟବସାୟୀ ଗୋଷ୍ଠୀଙ୍କ ଲାଗି ଆଇନ ପ୍ରଣୟନ କରିବା ପାଇଁ କେନ୍ଦ୍ର ସରକାର ଚିନ୍ତିତ ଥିବା ମନେହେଉଛି। ସରକାର ସଂଶୋଧନ ବିଲ୍ ଆଣି କାହାର ସ୍ୱାର୍ଥରକ୍ଷା ପାଇଁ ଚେଷ୍ଟିତ ବୋଲି ସେ କହିଛନ୍ତି। ଏହି ସଂଶୋଧନ ଦ୍ୱାରା ଦେଶ ତଥା ଗରିବ ଶ୍ରେଣୀଙ୍କ ପାଇଁ କ'ଣ ଭଲ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ପଛରେ ଭିତିରି ଉଦ୍ଦେଶ୍ୟ ଥିବା ଯେକେହି ଭାବିବେ ବୋଲି ସେ କହିଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ଲୋକ ସଭାରେ ବିଜେଡି ଦଳର ନେତା ଭର୍ତ୍ତୃହରି ମହତାବ ଏହି ବିଲ୍ ଅନୁମୋଦନ ପରେ ଜାଲ୍ କମ୍ପାନୀଙ୍କ ଦ୍ୱାରା ମନିଲଣ୍ଡରିଂ ବନ୍ଦ ହୋଇଯିବ କି ବୋଲି ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ।

# ଜନସେବା କେନ୍ଦ୍ରରେ ମିଳିବ ଉଜ୍ଜ୍ୱଳା ଏଲ୍‌ପିଜି

**ଅନୁଗୋଳ ଅଫିସ, ୪।୧**

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ଏଣିକି ଗ୍ୟାସ୍ ଭରିବା ପାଇଁ ଆଉ ଦୂରରେ ଥିବା ରିଫିଲିଂ ସେଣ୍ଟରକୁ ଯିବାକୁ ପଡ଼ିବ ନାହିଁ। ସେମାନେ ନିକଟସ୍ଥ ଜନସେବା କେନ୍ଦ୍ରରୁ ଗ୍ୟାସ୍ ଉଠାଇ ପାରିବେ। ଏପରି ଏକ ବ୍ୟବସ୍ଥା କେନ୍ଦ୍ର ସରକାର ଆପଣାଇବାକୁ ଯାଉଥିବା ବେଳେ ଓଡ଼ିଶାର ଅନୁଗୋଳକୁ ଏହାର ପରୀକ୍ଷା କେନ୍ଦ୍ର କରିଛନ୍ତି। ଅନୁଗୋଳର ୪୦ଟି ଜନସେବା କେନ୍ଦ୍ରରେ ଏହି ଯୋଜନା ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି। ଜିଲାର ବଡ଼କେରାସ୍ଥିତ ଜନସେବା କେନ୍ଦ୍ରରୁ ଏହାର ଶୁଭାରମ୍ଭ କରାଯାଇଥିବା ଉଜ୍ଜ୍ୱଳା ଯୋଜନାର ଜିଲା ନୋଡାଲ ଅଫିସର ଆଶିଷ କୁମାର ଶୁକ୍ରବାର ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନୁଗୋଳରେ ଏହା ସଫଳ ହେଲେ ସାରା ଦେଶରେ ବ୍ୟବସ୍ଥା ଲାଗୁ କରାଯିବ ବୋଲି ନୋଡାଲ ଅଫିସର କହିଛନ୍ତି।

ଜିଲା ନୋଡାଲ ଅଫିସରଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଅନୁଗୋଳ ଜିଲାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୮୧ ପ୍ରତିଶତ ଲୋକଙ୍କୁ ଏଲ୍‌ପିଜି ସଂଯୋଗ ଦିଆଯାଇଛି। ଅବଶିଷ୍ଟ ୧୯ ପ୍ରତିଶତଙ୍କୁ ଚିହ୍ନଟ କରାଯାଇ ଖୁବ୍‌ଶୀଘ୍ର ଯୋଜନାରେ ସାମିଲ କରାଯିବ। ପୂର୍ବରୁ ୭ଟି କାଟାଗୋରି (ଅନୁସୂଚିତ ଜାତି/ଜନଜାତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ଅନ୍ତ୍ୟୋଦୟ ଯୋଜନା, ବନବାସୀ, ପଛୁଆ ବର୍ଗ ଲୋକ, ଚା ଚାଷ କରୁଥିବା ଆଦିବାସୀ, ଦ୍ୱୀପାଞ୍ଚଳ)ରେ ଉଜ୍ଜ୍ୱଳା ଗ୍ୟାସ୍ ପ୍ରଦାନ କରାଯାଉଥିଲା। ଗତ ଡିସେମ୍ବରରୁ ରାଶନ କାର୍ଡଧାରୀଙ୍କୁ ଏଥିରେ ସାମିଲ କରାଯାଇଛି। ତେଣୁ ଉକ୍ତ କାର୍ଡଧାରୀଙ୍କୁ ସୁବିଧାରେ ଗ୍ୟାସ୍ ପ୍ରଦାନ ନିମନ୍ତେ ରିଫିଲିଂ ସେଣ୍ଟର ଠାରୁ ଦୂରରେ ଥିବା ଜନସେବା କେନ୍ଦ୍ରରେ ଉଜ୍ଜ୍ୱଳା ଗ୍ୟାସ୍ ରଖାଯିବାର ବ୍ୟବସ୍ଥା କରାଯାଇଛି। ପ୍ରତି କେନ୍ଦ୍ରରେ ୧୦୦ ଲିଟର ଗ୍ୟାସ୍ ବା ୭ଟି ଟାଙ୍କି ରଖାଯିବ। ହିତାଧିକାରୀମାନେ ଖାଲି ଗ୍ୟାସ୍ ସିଲିଣ୍ଡର ଦେଇ ଏଠାରୁ ରିଫିଲିଂ ସିଲିଣ୍ଡର ନେଇପାରିବେ। ନୂଆ ସଂଯୋଗ ମଧ୍ୟ ଏଠାରୁ ଦିଆଯାଇ ପାରିବ। ସେହିପରି ୧୪.୨ କିଲୋଗ୍ରାମ ଏଲ୍‌ପିଜି ବ୍ୟବହାର କରୁଥିବା ଲୋକ ରିଫିଲିଂ ପାଇଁ ଟଙ୍କା ଦେବାକୁ ଅସମର୍ଥ ହେଲେ ୫ ଲିଟର ଟାଙ୍କି ନେବାର ବ୍ୟବସ୍ଥା ମଧ୍ୟ ନୂଆକରି କରାଯାଇଛି। ଏଥିସହ ଏକକାଳୀନ ଅର୍ଥ ପଇଠ କରିପାରୁ ନ ଥିବା ହିତାଧିକାରୀ ଲୋନ୍‌ରେ ବି ଗ୍ୟାସ୍ ନେବାର ବ୍ୟବସ୍ଥା ରଖାଯାଇଛି। ଅନୁଗୋଳର ୪୦ଟି ଜନସେବା କେନ୍ଦ୍ରରେ ଏହା ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୯ଟି କେନ୍ଦ୍ରକୁ ଏଥିରେ ସାମିଲ କରାଯିବ। ଏହି ଖବରଦାତା ସମ୍ମିଳନୀରେ ବଁଅରପାଳର ମା' ଗୌରୀ ଏଚ୍‌ପି ଗ୍ୟାସ୍ ଏଜେନ୍ସିର ରାଜଶେଖର ଗରାବଡୁ ଓ ପାଲଲହଡ଼ାର ପୀତାମ୍ବରୀ ଏଚ୍‌ପି ଗ୍ୟାସ୍ ଏଜେନ୍ସିର କିରଣ କୁମାର ସାହୁ ଉପସ୍ଥିତ ଥିଲେ।


OFFICE OF THE DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE
BRAHMAPUR - 760 004, GANJAM, ORISSA
No.32/ MCB-2019/Welfare, Dated, Berhampur the 3rd January, 2019

CORRIGENDUM

No.733-E: In Tender Call Notice No.8053 Dt.15-12-2018 published in the Times of India, Samaj & Dharitri also in the college website **www.mkcgmch.org** for strengthening and up-gradation of State Government Medical Colleges of MKCG Medical College, Berhampur for increase in PG Seats in which the last date for submission of tender was 7.1.2019 which is extended up to 14.1.2019 (Monday).
The undersigned reserves the right to cancel the Tender in full or parts at any time without assigning any reason thereof.

**Sd./- Dean & Principal**
10013/11/0017/1819 **MKCG Medical College, Berhampur**



ORISSA STATE AIDS CONTROL SOCIETY (OSACS)
(Department of Health & Family Welfare)
Government of Orissa
Letter No. 39 Date: 04.01.2019

NOTICE INVITING TENDER FOR HIRING OF MONTHLY POOL VEHICLE

Sealed quotations/tenders are invited from interested reputed Travel Agencies/Tour Operators or private individuals for providing Indigo (AC) diesel driven vehicle, which shall confirm to the terms and conditions (Annexure - II) for monthly pool vehicle for Official use of "Orissa State AIDS Control Society" (OSACS), BBSR. The prescribed formats for submission of Bid and detail terms & conditions are available in the websites of **www.odisha.gov.in** & **www.osacs.nic.in** which can be downloaded for use. Interested parties may submit their quotations in a sealed cover superscribing as **"Tender for Hiring of Monthly Pool Vehicle for OSACS"** to the undersigned through Speed Post/Registered Post/ Courier only which should reach on or before **11.00 A.M.** of 29.01.2019 positively and the same will be opened at 11.30 A.M. of the same day by a committee in presence of the participants. The undersigned reserves the right to reject any or all the tender without assigning any reason thereof.

**Sd./- Project Director**
**Orissa State AIDS Control Society**
**(Department of Health & Family Welfare)**
**Govt. of Odisha**
**2nd Floor, Oil Orissa Building,**
**F-Nayapalli, Bhubaneswar - 12**



OFFICE OF THE CDMO cum DISTRICT MISSION DIRECTOR
DISTRICT PROGRAMME MANAGEMENT & SUPPORT UNIT, NHM
HEALTH & FAMILY WELFARE DEPARTMENT, GOVT. OF ODISHA,
MALKANGIRI, ODISHA, 764045
E-mail: cdmomkg@gmail.com Phone: 06861-231543

**Open Tender No.: 74** **Date: 03.01.2019**

**No.735-E:-** Sealed tenders are invited from the manufacturer, if no manufacturer unit is participating in the tender, their authorised distributed/ supplier/ agency/ retail counter/ medicine shop will be considered for supply of DEIC Equipments, AIDS, Drugs and Consumables. The details list of Equipments & Instruments with terms and conditions & technical specification will be available in district website www.malkangiri.nic.in can be downloaded. Tender should be submitted in separate envelops by enclosing its technical bid cover (A) & Financial/ commercial bid cover(B) with tender document, required fees, EMD as mentioned & to be superscribed clearly tender No. & tenderer mobile No., Fax No. in the front of envelope. The last date and time of submission of bid is 28.01.2019 upto 12.00 noon and the tender paper in incomplete form or after the scheduled date & time shall be rejected.

The authority reserves the right to reject or accept all or any of the quotation without assigning thereof. All legal disputes if any relating to the tender are subject to Jurisdication in the court of law situated at Malkangiri, Odisha only.

**Sd./- Dr. A.K. Mohanty**
**Chief District Medical & Public Health Officer,**
**10086/11/0035/1819** **Malkangiri**



PANCHAYAT SAMITI OFFICE, PUINTALA
**Dist- Balangir**
**Tender Call Notice No- 01/Puintala/2018-19**

| Sl. No. | Name of work | Cost of work (in lakh) | Bid Security (1% EMD) Rs. | Cost of bid Document (Rs.) | Class of contractor | Bid document for sell & receive for biding | | Date of opening bid | Period of completion |
|---|---|---|---|---|---|---|---|---|---|
| | | | | | | From | To | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Construction of Play Ground, Ramji High School at Kurul. | 17,65,185.00 | 17,700.00 | 6000.00 | D & C | 07.01.2019 | 25.01.2019 | 28.01.2019 | 3 (Three) Calendar Months |

**E-mail: ori-puintala@nic.in**
Further detail conditions can be seen from the Govt. website: www.balangir.nic.in.

**Sd./-**
**Block Development Officer, Puintala**



See Career Appointment on every Wednesday & Saturday



GOVERNMENT OF ODISHA
OFFICE OF THE SUPERINTENDING ENGINEER
PUBLIC HEALTH CIRCLE, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766001, Tel: 06670-230243
NATIONAL COMPETITIVE BIDDING THROUGH e-Procurement
No.401-C:- Identification No. SEPHC-BHPT– 3 of 2018-19/ Dt. 01.01.2019

**e-Procurement Notice**

Name of work : PHEO works.
Total No. of works : 1 (One)
Estimated Cost : Approx. Rs 140.00 lakhs
Class of Contactor : B & A Class
Period of Completion : 4 Calendar Months

| Procurement Officer | Bid Identification No. | No. of works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Superintending Engineer, P.H. Circle, Bhawanipatna | SEPHC BHPT–03 of 2018-19 | 01 (One) | 08.01.2019 | 20.01.2019 | 25.01.2019 |

For details can be seen from the Government website www.tendersorissa.gov.in.
**13055/11/0004/1819** **Sd./- Superintending Engineer, P.H. Circle, Bhawanipatna**



CHILIKA DEVELOPMENT AUTHORITY
**C-11, BJB NAGAR, BHUBANESWAR, ODISHA 751014**
Phone: 91-674-2434044, Fax: 91-674-2434485
Email: chilika@chilika.com

**"e" Procurement Notice**

**Bid Identification No.CDA/01/2018-19** **Dtd.04.01.2019**

01. Name of the work :- Dredging and Desilting work inside the Chilika lake by using cutter suction dredger. (a) by using departmental cutter suction dredger (Crawl Cat- 1350 model) for Balugaon channel. (b) by using own cutter suction dredger machine for Lead channel.
02. Estimated cost :- **Rs. 12.00 Crores**
03. Period of completion :- **Six calendar (6) months**
04. Date & time of availability of bid document in the portal :- **08.01.2019 to 22.01.2019**
05. Last date / time for receipt of bids in the portal :- **22.01.2019 upto 5.00 PM**
06. Name and address of the Officer Inviting Tender (O.I.T) :- **Chief Executive, Chilika Development Authority, C-11, BJB Nagar, Bhubaneswar**

Further information and other details are available for downloading from the website e-prcurement portal "https://tendersodisha.gov.in" and official webstie of Chilika Development Authority (**www.chilika.com**). Addendum / Corrigendum if required will be available only in website e-procurement portal **"https://tendersodisha.gov.in"**.

**Sd./- Chief Executive, Chilika Development Authority**



GOVERNMENT OF ODISHA, PANCHAYATI RAJ & DRINKING WATER DEPARTMENT
OFFICE OF THE PANCHAYAT SAMITI, KOTAGARH
**Email address : ori-kotgarh@nic.in**
INVITATION FOR BIDS (IFB)
**Identification No. Kotagarh-2**
**Tender Call Notice No. : 2199 of 2018-19/ Date : 27.12.2018**

1. Block Development Officer, Kotagarh on behalf of Governor of Odisha invites Percentage Bids for the Works **01 (One)** No. details in the table from class of Contractors mentioned in Col.4 below registered within the State Government and Contractors of equivalent grade / class registered with Central Government/ MES / Railways to be eventually drawn up in PWD (F-2) form for execution of civil works, on production of definite proof from the appropriate authority. The bidders may submit bid of the following works:-

| Sl. No. | Name of the Work | Approximate value of the work (in Rs.) | Class of Contractor | EMD and security to be deposited @1% (in Rs.) | Cost of Bid/Tender documents (non refundable) (in Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Road from Radha to Sartul under Sartul GP | 30,00,000/- | "B" & "C" | 30,000/- | 6,000/- | Six Calendar Months |

**Terms & Conditions**

1. The sale of Bid Document shall start from dtd. **31.12.2018** and close on dt. **10.01.2019** during office hours i.e. (**10 AM to 5 PM**) in the Office of the Block Development Officer, Kotagarh. The bid document may also be downloaded from website:- **www.kandhamal.nic.in** during this period. The intending tenderers downloading the tender document has to pay the cost of tender paper as mentioned in shape of bank draft payable at SBI, Kotagarh Branch in favour of BDO, Kotagarh.
2. Bids shall be received by the Block Development Officer, Kotagarh till Dt. **12.01.2019** through Registered Post/ Speed Post only. Bid documents shall also be dropped in the Tender Box placed in the Office Chamber of Block Development Officer, Kotagarh on or before 5.00 PM of Dt. 12.01.2019. The authority will not be held responsible for postal delay in the delivering of the documents or non receipt of the same.
3. The tender will be opened in the Office of the Block Development Officer, Kotagarh at **03.30 PM on Dt. 15.01.2019** in presence of the bidders or their authorized representatives who wish to attend. In the office happened to be closed on the date of receipt / opening of the bids as specified, the bids will be received / opened on the next working day at the same time and venue. Bid documents can be purchased from this office against a non-refundable fee towards the cost of documents as indicated in the form of cash or demand draft issued from scheduled bank payable at **SBI, Kotagarh Branch** as per DTCN in favour of Block Development Officer, Kotagarh may be deposited in shape of Bank Draft prepared on or before the last date of receipt along with the Bid.
4. As per order of Hon'ble High Court W.P (8836/2017 and MC No. 8037/2017 additional performance security will be deposited by the bidder after declared of successful within a week in shape of POBS / NSC/ POTD/ KVP/ Deposit receipt of scheduled bank pledged in favour of Block Development Officer, Kotagarh. The bidders have must a undertaken at the time of submission of tender paper.
5. If the tender documents sent through Registered / Speed Post does not reach the concerned office by the above date and time, the offer will not be considered on any account even if the documents were dispatched by the tenderer before the due date.
6. The tender is to be submitted in one cover is to contain EMD, signed DTCN, price bid duly filled in and signed by the tenderer, attested copy of registration certificate, PAN Card, valid GST registration certificate, I.T. return certificate duly filled-in and documents required as per the relevant clauses of this DTCN and special conditions if any. The cover is to be sealed and superscribed as the bid of the works as mentioned in column No. 2 of the tender call notice.
7. The bid must be accompanied by security deposit of the amount @ 1% (one percent) of the estimated cost to tender as mentioned in Col.4 along with tender in the form of deposit receipt of Scheduled Bank / Kishan Vikas Patra/ Post Office Savings Bank Account / National Savings Certificate / Post Office Time Deposit amount duly pledged in favour of the Block Development Officer, Kotagarh and payable at SBI, Kotagarh Branch as per terms and conditions laid down in OGFR and in no other form. Bidders desirous to hire machineries or equipments from outside the state are required to furnish 2% (two percent) of the amount put to tender, only in form of above shape and as per the above terms and conditions. Tenderers not accompained with EMD as specified above shall be liable to rejection.
8. All the tenderers where rate quoted is more than 15% less than the scheduled rate will be rejected.

9.(a) The engineer contractor seeking of exemption of EMD is to be closed an affidavit regarding the number of tenders they have participate with exemption of EMD prior date during the current financial year 2017-18. Also he will have to produce his / her original licensese at the time of opening, so the authority will enter the same in the licenses which is mandatory.
(b) Adjustment of EMD given with other bids submitted previously is not to be entertained.

10. ST / SC Tenderer can avail facilities as per Govt. Circular.
11. All bids received will remain valid for period of 90 days from the last date of receipt of bids and the validity of the bids can also be extended, if agreed by the bidder with the department.
12. A part of the above other relevant provision have been mentioned in the bidding documents & displayed in the office Notice Board.
13. As GST has come into force with effect from 01.07.2017, so the guideline with date of Tax & other terms & condition will be made applicable to this tender as per law from time to time.
14. Other details can be seen in the bidding documents. Any deviation to it will lead to rejection of the tender.
15. The Block Development Officer, Kotagarh reserves the right to reject any or all the tenders without assigning any reason.

**Sd./- Block Development Officer, Kotagarh**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ମଧ୍ୟରେ ଖୁବ୍‌ଶୀଘ୍ର ଦ୍ୱିତୀୟ ସାକ୍ଷାତ ହେବା କିନ୍ତୁ ଦୁଇଦେଶ ମଧ୍ୟରେ କୌଣସି ଚୁକ୍ତି ସ୍ୱାକ୍ଷର ନେଇ କିଛି ବୃତ୍ତାନ୍ତ ହୋଇନାହିଁ।

-ମାଇକ୍ ପୋମ୍ପେଓ, ଆମେରିକା ପରରାଷ୍ଟ୍ର ସଚିବ



## ସଂକ୍ଷେପରେ

### ଆମେରିକା ପ୍ରତିନିଧି ସଭାର ବାଚସ୍ପତି ପେଲୋସି



**ୱାଶିଂଟନ,୪।୧(ପି.ଟି.):** ବରିଷ୍ଠ ଡେମୋକ୍ରାଟିକ୍ ନେତ୍ରୀ ନାନ୍ସୀ ପେଲୋସି ଦ୍ୱିତୀୟ ଥର ଲାଗି ଆମେରିକା ପ୍ରତିନିଧି ସଭା (ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ)ର ବାଚସ୍ପତି ନିର୍ବାଚିତ ହୋଇଛନ୍ତି। ସେ ଏବେ ଆମେରିକାର ସବୁଠୁ ପ୍ରଭାବଶାଳୀ ନିର୍ବାଚିତ ମହିଳା। ପେଲୋସି ଭାରତ-ଆମେରିକା ସମ୍ପର୍କର ଦୃଢ଼ ସମର୍ଥକ ଭାବେ ଜଣାଶୁଣା। ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଡେମୋକ୍ରାଟ୍ସ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଗତ ନଭେମ୍ବର ନିର୍ବାଚନ ପରେ ୪୩୫ ସଦସ୍ୟ ବିଶିଷ୍ଟ ପ୍ରତିନିଧି ସଭାରେ ଡେମୋକ୍ରାଟ ସଦସ୍ୟ ସଂଖ୍ୟା ୨୩୫ରେ ପହଞ୍ଚିଛି। ବାଚସ୍ପତି ପଦବୀ ଲାଗି ହୋଇଥିବା ନିର୍ବାଚନରେ ପେଲୋସିଙ୍କୁ ୨୨୦ ଭୋଟ ମିଳିଥିବାବେଳେ ତାଙ୍କ ବିରୋଧରେ ୧୯୨ ଭୋଟ ଯାଇଥିଲା। ଆମେରିକା ରାଷ୍ଟ୍ରପତିଙ୍କ ଉତ୍ତରାଧିକାରୀ ହେବାରେ ଉପରାଷ୍ଟ୍ରପତିଙ୍କ ପରେ ବାଚସ୍ପତି ହେଉଛନ୍ତି ଦ୍ୱିତୀୟ ଦାବିଦାର।

### ଅଜୟ୍ ମାକେନଙ୍କ ଇସ୍ତଫା



**ନୂଆଦିଲ୍ଲୀ,୪।୧(ପି.ଟି.):** ଦିଲ୍ଲୀ କଂଗ୍ରେସ ସଭାପତି ପଦରୁ ବରିଷ୍ଠ ନେତା ଅଜୟ୍ ମାକେନ ଇସ୍ତଫା ଦେଇଛନ୍ତି। ଲୋକସଭା ନିର୍ବାଚନ ଆଉ ମାସ କେଇଟା ବାକି ଥିବାବେଳେ ମାକେନଙ୍କ ଇସ୍ତଫା ଦଳକୁ ଅଡୁଆରେ ପକାଇଛି। ସ୍ୱାସ୍ଥ୍ୟଗତ କାରଣରୁ ସେ ସଭାପତି ପଦ ଛାଡୁଥିବା କହିଛନ୍ତି। ତେବେ ସେ ଲୋକ ସଭା ନିର୍ବାଚନ ଲାଗି ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଆମ୍ ଆଦମୀପାର୍ଟି (ଏଏପି) ସହ ମେଣ୍ଟକୁ ମାକେନ ଦୃଢ଼ ବିରୋଧ କରୁଥିଲେ। ତାଙ୍କ ଇସ୍ତଫା ପରେ ଦିଲ୍ଲୀରେ କଂଗ୍ରେସ ଏଏପି ସହ ମେଣ୍ଟ କରିବା ସମ୍ଭାବନା ସୃଷ୍ଟି ହୋଇଛି। ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଦିଲ୍ଲୀରେ କଂଗ୍ରେସ ପ୍ରଭାରୀ ଥିବା ପି.ସି. ଚାକୋ ଏବଂ ମାକେନଙ୍କ ମଧ୍ୟରେ ବୈଠକ ବସିଥିଲା। ଏହି ବୈଠକରେ ରାହୁଲ ମାକେନଙ୍କ ଇସ୍ତଫାକୁ ଗ୍ରହଣ କରିନେଇଥିଲେ।

### ଅଯୋଧ୍ୟା ଶୁଣାଣି ୧୦କୁ ଘୁଞ୍ଚିଲା

**ନୂଆଦିଲ୍ଲୀ,୪।୧(ପି.ଟି.):** ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣିକୁ ସୁପ୍ରିମକୋର୍ଟ ଆସନ୍ତା ୧୦ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ନୂଆ ଖଣ୍ଡପୀଠ ଅଯୋଧ୍ୟା ମାମଲାର ଶୁଣାଣି କରିବ। ୧୦ ପୂର୍ବରୁ ଏହି ଖଣ୍ଡପୀଠ ଗଠନ ହେବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଏସ.କେ. କୌଲଙ୍କ ଖଣ୍ଡପୀଠ ଶୁକ୍ରବାର କହିଛନ୍ତି। ମାତ୍ର ୩୦ ସେକେଣ୍ଡରେ ଖଣ୍ଡପୀଠ ଶୁଣାଣି ଶେଷ କରିଥିଲେ ଏବଂ ବିଭିନ୍ନ ପକ୍ଷର ଓକିଲଙ୍କୁ ଯୁକ୍ତି ଉପସ୍ଥାପନ ଲାଗି ସୁଯୋଗ ଦେଇ ନ ଥିଲେ। ୨୦୧୦ ଆଲ୍ଲାହାବାଦ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଛି। ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ ବୋଲି ପ୍ରଧାନ ବିଚାରପତି କହିଥିଲେ।

### [ଇତିହାସର ଆଇନାରେ]

### ଜାନୁୟାରୀ ୫ର ପ୍ରମୁଖ ଘଟଣା

୨୦୦୦ ଜାନୁୟାରୀ ୫ରେ ଶ୍ରୀଲଙ୍କା ଗୃହଯୁଦ୍ଧ ବେଳେ ତାମିଲ ନେତା କୁମାର ପୁନ୍ନମ୍ବଲମ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଶ୍ରୀଲଙ୍କାରେ ସ୍ୱାଧୀନ ତାମିଲ ରାଷ୍ଟ୍ର ଗଠନ ଦାବିରେ ୧୯୮୩ ଜୁଲାଇ ୨୩ରୁ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ଏହାକୁ ଶ୍ରୀଲଙ୍କା ସରକାର ବିରୋଧରେ ଏଲଟିଟିଇର ସଶସ୍ତ୍ର ସଂଗ୍ରାମ ବୋଲି ଅଭିହିତ କରାଯାଏ।

୧୯୩୩ ଜାନୁୟାରୀ ୫ରେ ସାନ୍ ଫ୍ରାନ୍‌ସିସ୍‌କୋ ବେ'ରେ ଗୋଲ୍‌ଡେନ୍ ଗେଟ୍ ବ୍ରିଜ୍ ନିର୍ମାଣ ଆରମ୍ଭ ହୋଇଥିଲା। ଏହା ଆଧୁନିକ ବିଶ୍ୱର ଅନ୍ୟତମ ବିସ୍ମୟ ବୋଲି ଆମେରିକାନ୍ ସୋସାଇଟି ଅଫ୍ ସିଭିଲ ଇଞ୍ଜିନିୟର୍ସ ପକ୍ଷରୁ ଘୋଷଣା କରାଯାଇଛି।

## ■ ପାର୍ଲାମେଣ୍ଟରେ ଭାଜପା-କଂଗ୍ରେସ ମୁହାଁମୁହିଁ

# ଥମୁନି ରାଫାଲ ରଣ





ବରିଷ୍ଠ କଂଗ୍ରେସ ନେତା ରଣଦୀପ ସୁର୍ଜେୱାଲା, ଗୁଲାମନବୀ ଆଜାଦ୍ ଓ ମଲ୍ଲିକାର୍ଜୁନ ଖାର୍ଗେ।

**ନୂଆଦିଲ୍ଲୀ,୪।୧(ପି.ଟି.)**

ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିକୁ ନେଇ ଥମୁନାହିଁ ବିବାଦ। ଏବେ ସମ୍ପୂର୍ଣ୍ଣ ଜାତୀୟ ରାଜନୀତି ବସ୍ତୁତଃ ଏହି ପ୍ରସଙ୍ଗକୁ ନେଇ କେନ୍ଦ୍ରୀଭୂତ। ଫ୍ରାନ୍ସରୁ ୩୬ ଯୁଦ୍ଧବିମାନ କିଣିବା ଲାଗି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡିବସିଥିବାବେଳେ ଶାସକ ଭାଜପା ଏହାକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଶୁକ୍ରବାର ପୁଣି ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖିବାକୁ ମିଳିଛି। ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ପାର୍ଲାମେଣ୍ଟ ଭିତରେ ଓ ବାହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ସେପଟେ ଏହାର ଜବାବ ରଖିବାକୁ ଯାଇ ଲୋକ ସଭାରେ ବିରୋଧୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍।

ପାର୍ଲାମେଣ୍ଟର ଶୀତ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ଦିନ କେତୋଟା ବାକି ଥିବାବେଳେ ରାଫାଲ ପ୍ରସଙ୍ଗରେ ଆଲୋଚନା ଓ ବିତର୍କ ଶେଷ ହୋଇନାହିଁ। ବିରୋଧୀ କଂଗ୍ରେସ ପକ୍ଷରୁ ଶୁକ୍ରବାର ବରିଷ୍ଠ ନେତା ଗୁଲାମନବୀ ଆଜାଦ୍, ମଲ୍ଲିକାର୍ଜୁନ ଖାର୍ଗେ ଓ ରଣଦୀପ ସୁର୍ଜେୱାଲା ପୁଣିଥରେ ରାଫାଲ ଚୁକ୍ତି ଦୁର୍ନୀତିର ଜେପିସି ତଦନ୍ତ ଦାବି ଦୋହରାଇଥିଲେ। ପ୍ରତିରକ୍ଷା ଏବଂ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଉଠାଯାଇଥିବା ଆପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଣଦେଖା କରିଥିଲେ। ଏଥିଯୋଗୁ ରାଜକୋଷକୁ କ୍ଷତି ସହିବାକୁ ପଡ଼ିଥିଲା ଓ ଜାତୀୟ ନିରାପତ୍ତା ସହ ସାଲିସ କରାଯାଇଥିଲା ବୋଲି ପାର୍ଲାମେଣ୍ଟ ବାହାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଉପରୋକ୍ତ ନେତାମାନେ ସମାଲୋଚନା କରିଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀ ରାଫାଲ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଏବଂ ଜେପିସି ଆଗରେ ସମ୍ପୂର୍ଣ୍ଣ ତଥ୍ୟ ରଖନ୍ତୁ ବୋଲି ଆଜାଦ୍ ଦାବି କରିଥିଲେ। ସରକାର ଜେପିସି ତଦନ୍ତରୁ ପଳାୟନ କରୁଛନ୍ତି ବୋଲି ଅଭିଯୋଗ ଆଣି ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ତଥା ବର୍ତ୍ତମାନର ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ଶୟନକକ୍ଷରେ ଥିବା ରାଫାଲ ଚୁକ୍ତି ସମ୍ପର୍କିତ ଫାଇଲରୁ ସବୁ ତଥ୍ୟ ପଦାକୁ ଆସିବ ବୋଲି ଖାର୍ଗେ କହିଥିଲେ। ପାରିକରଙ୍କ ବେଡ୍‌ରୁମ୍‌ରେ କେଉଁ ଫାଇଲଗୁଡ଼ିକ ରହିଛି ପ୍ରଧାନମନ୍ତ୍ରୀ ତାହା ପ୍ରଘଟ କରନ୍ତୁ ବୋଲି ସୁର୍ଜେୱାଲା ପ୍ରଶ୍ନ କରିଥିଲେ। ନିରାପତ୍ତା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍)ରେ ପ୍ରଧାନମନ୍ତ୍ରୀ କାହିଁକି ମୂଳ 'ବେଞ୍ଚମାର୍କ ମୂଲ୍ୟ' ୩୯,୪୨୨ କୋଟିରୁ ୬୨,୧୬୬ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ? ଏଥିଯୋଗୁ ରାଜକୋଷକୁ ଯେଉଁ କ୍ଷତି ସହିବାକୁ ପଡ଼ିଛି ସେଥିପାଇଁ କିଏ ଦାୟୀ ବୋଲି କଂଗ୍ରେସ ନେତାମାନେ ଏକ ବିବୃତିରେ ପ୍ରଶ୍ନ କରିଥିଲେ।

## 'ଅର୍ଥ ପାଇଁ ଚୁକ୍ତିକୁ ଅଟକାଇଥିଲା କଂଗ୍ରେସ'

**ନୂଆଦିଲ୍ଲୀ,୪।୧(ପି.ଟି.):** କଂଗ୍ରେସ କ୍ଷମତାରେ ଥିବାବେଳେ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରୁ ଅର୍ଥ ନ ପାଇବାରୁ ଏହି ଡିଲ୍‌କୁ ବନ୍ଦ କରିବା ସହ ଜାତୀୟ ନିରାପତ୍ତାକୁ ଅଣଦେଖା କରିଥିଲା। ଲୋକ ସଭାରେ ଶୁକ୍ରବାର ରାଫାଲ ପ୍ରସଙ୍ଗରେ ଉତ୍ତର ଦେବାକୁ ଯାଇ ଏଭଳି ଅଭିଯୋଗ ଆଣିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍। ସେ କହିଛନ୍ତି, କଂଗ୍ରେସ କେବଳ ହିନ୍ଦୁସ୍ଥାନ ଏରୋନ୍ୟୁଟିକାଲ ଲିମିଟେଡ୍ (ଏଚ୍‌ଏଏଲ୍)କୁ ଅଫ୍‌ସେଟ୍ କଣ୍ଟ୍ରାକ୍ଟ ନ ମିଳିବା ନେଇ କୁମ୍ଭୀର କାନ୍ଦଣା କରୁଛି। କାରଣ କଂଗ୍ରେସ ଏହି ସରକାରୀ ସଂସ୍ଥାର ଦକ୍ଷତାକୁ ମାପି ନ ଥିଲା। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏଚ୍‌ଏଏଲ୍‌କୁ ୧ ଲକ୍ଷ କୋଟି ଟଙ୍କାର କାମ ଦେଇଛି। ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅପମାନିତ କରିପାରିବେ ନାହିଁ। ବୋଫର୍ସ ଦୁର୍ନୀତି କଂଗ୍ରେସକୁ ବୁଡାଇଲା। ହେଲେ ରାଫାଲ ମୋଦି ସରକାରଙ୍କୁ ପୁନଃ କ୍ଷମତାସୀନ କରାଇବ ବୋଲି ସେ ଦୃଢ଼ୋକ୍ତି ଵାଢ଼ିଛନ୍ତି। ଆସନ୍ତା ସେପ୍ଟେମ୍ବରରେ ପ୍ରଥମ ରାଫାଲ ଯୁଦ୍ଧବିମାନ ଭାରତ ଆସିବ। ସେହିପରି ଶେଷ ଯୁଦ୍ଧବିମାନ ୨୦୨୨ରେ ପହଞ୍ଚିବ ବୋଲି ସୀଥାରାମନ୍ ସୂଚନା ଦେଇଛନ୍ତି।



## 'କ୍ଷମତାକୁ ଆସିଲେ ତଦନ୍ତ କରାଇବୁ'

**ନୂଆଦିଲ୍ଲୀ,୪।୧(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବନ୍ଧୁ ଅନିଲ ଅମ୍ବାନୀଙ୍କୁ ରାଫାଲ ଚୁକ୍ତି ଦେଇ ଜାତୀୟ ନିରାପତ୍ତାକୁ ଦୁର୍ବଳ କରିଛନ୍ତି। ଏହି ଡିଲ୍‌ରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ହେବା ଜରୁରୀ। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ରାଫାଲ ଚୁକ୍ତିର ଆପରାଧିକ ତଦନ୍ତ କରାଯିବ। ଯିଏ ଦୋଷୀ ପ୍ରମାଣିତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶୁକ୍ରବାର ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ସ୍ୱିଡେନ୍‌ର ଟେଲିକମ୍ କମ୍ପାନୀ ଏରିକ୍‌ସନ ପକ୍ଷରୁ ସୁପ୍ରିମକୋର୍ଟରେ ରିଲାଏନ୍ସ କମ୍ୟୁନିକେଶନ୍ସ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ବିରୋଧରେ ଦାଏର ଅବମାନନା ପିଟିଶନ ସମ୍ପର୍କରେ ପ୍ରକାଶିତ ରିପୋର୍ଟର ଅବତାରଣା କରି ରାହୁଲ ଟୁଇଟ୍ କରିଛନ୍ତି। ପାର୍ଲାମେଣ୍ଟ ବାହାରେ ରାହୁଲ କହିଛନ୍ତି, ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ଲୋକ ସଭାରେ ଦୀର୍ଘ ସମୟ ଧରି ଭାଷଣ ଦେଇଥିଲେ ହେଁ ତାଙ୍କର ପ୍ରଶ୍ନଗୁଡ଼ିକର ଗୋଟିଏ ହେଲେ ଉତ୍ତର ଦେଇନାହାନ୍ତି। ଓଲଟା ତାଙ୍କୁ ମିଛୁଆ କହି ଅପମାନିତ କରାଯାଇଛି। ପ୍ରଧାନମନ୍ତ୍ରୀ ମଧ୍ୟ ରାଫାଲ ବିତର୍କରୁ ପଳାୟନ କରିଛନ୍ତି ବୋଲି ରାହୁଲ ଅଭିଯୋଗ କରିଛନ୍ତି।



## ■ ଲୋକପାଳ ନିଯୁକ୍ତି ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# କ'ଣ ପଦକ୍ଷେପ ନେଇଛ ଜଣାଅ

**ନୂଆଦିଲ୍ଲୀ,୪।୧(ପି.ଟି.)**



ଲୋକପାଳ ନିଯୁକ୍ତି ନେଇ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା କ'ଣ ପଦକ୍ଷେପ ନେଇଛନ୍ତି ତାହା ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ମାଧ୍ୟମରେ ଜଣାଇବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଲୋକପାଳ ନିଯୁକ୍ତି ଲାଗି ସରକାରଙ୍କ କାଳକ୍ଷେପଣ ନୀତିରେ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିପାଇଁ ଅନୁଧ୍ୟାନ କମିଟି ଗଠନ ସମେତ ବିଭିନ୍ନ ପଦକ୍ଷେପ ଉପରେ ସବିଶେଷ ତଥ୍ୟ ଦେବାକୁ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ କୋର୍ଟ କହିଛନ୍ତି।

ଅନୁଧ୍ୟାନ କମିଟି ଲୋକପାଳ ନିଯୁକ୍ତି ଲାଗି ଚୟନ କମିଟିକୁ ନାମ ସୁପାରିସ କରିବା କଥା। ଲୋକପାଳ ଚୟନ କମିଟିରେ ପ୍ରଧାନମନ୍ତ୍ରୀଙ୍କ ସମେତ ଏକକ ସଂଖ୍ୟାଗରିଷ୍ଠ ବିରୋଧୀ ଦଳ ନେତା, ଲୋକ ସଭା ବାଚସ୍ପତି ଏବଂ ଜଣେ ଖ୍ୟାତନାମା ଜୁରି ସଦସ୍ୟ ରହିବେ। ଏହି ପ୍ରସଙ୍ଗରେ ସବୁ କିଛିର ରେକର୍ଡ ସତ୍ୟପାଠରେ ରହିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଏସ୍.କେ. କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଗତବର୍ଷ ସେପ୍ଟେମ୍ବରରୁ ଇତି ମଧ୍ୟରେ ଲୋକପାଳ ନିଯୁକ୍ତି ନେଇ ହୋଇଥିବା ଅଗ୍ରଗତି ସମ୍ପର୍କିତ ନୋଟ ଆର୍ଟର୍ନି ଜେନେରାଲ ଖଣ୍ଡପୀଠରେ ଉପସ୍ଥାପନ କରିବାକୁ ଚାହିଁଥିଲେ ହେଁ ଏହାକୁ କୋର୍ଟ ଗ୍ରହଣ କରି ନ ଥିଲେ। ଗତ ସେପ୍ଟେମ୍ବରଠାରୁ ସବୁ କିଛିର ରେକର୍ଡ ଆଣିବାକୁ କୋର୍ଟ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖକୁ ଧାର୍ଯ୍ୟ ହୋଇଛି। ସରକାର ଏପର୍ଯ୍ୟନ୍ତ ଅନୁଧ୍ୟାନ କମିଟି ସଦସ୍ୟଙ୍କ ନାଁ ୱେବସାଇଟ୍‌ରେ ମଧ୍ୟ ଛାଡିନାହାନ୍ତି ବୋଲି ଆବେଦନକାରୀ ଏନ୍‌ଜିଓ 'କମନ କଜ୍' ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ କୋର୍ଟଙ୍କୁ କହିଥିଲେ।

## ସାବରିମାଲାରେ ଶ୍ରୀଲଙ୍କା ମହିଳାଙ୍କ ପ୍ରବେଶ



**ପାମ୍ବା (କେରଳ),୪।୧**

ସାବରିମାଲା ମନ୍ଦିରରେ ବୁଧବାର ଦୁଇ ଜଣ ମହିଳାଙ୍କ ପ୍ରବେଶକୁ ନେଇ କେରଳରେ ବିକ୍ଷୋଭ ପ୍ରତିବାଦ ଜାରି ରହିଥିବାବେଳେ ଗୁରୁବାର ରାତିରେ ଆଉ ଜଣେ ୪୬ ବର୍ଷୀୟା ମହିଳା ପ୍ରବେଶ କରିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡିଛି। ଉକ୍ତ ମହିଳାଙ୍କ ନାଁ ଶଶିକଳା ଏବଂ ତାଙ୍କ ଘର ଶ୍ରୀଲଙ୍କାରେ ବୋଲି ଜଣାପଡିଛି। ପୋଲିସ ପକ୍ଷରୁ ଜାରି ସିସିଟିଭି ଫୁଟେଜରେ ଶ୍ରୀଲଙ୍କା ମହିଳା ଜଣକ ପୂଜା ସାମଗ୍ରୀ ମୁଣ୍ଡାଇ ମନ୍ଦିର ମଧ୍ୟକୁ ପ୍ରବେଶ କରୁଥିବା ଦେଖାଯାଇଛି। ସେ ୧୮ ସୁନା ପାହାଚ ନିକଟରେ ପହଞ୍ଚିଥିବାବେଳେ ପୋଲିସ ତାଙ୍କୁ ଅଟକାଇଥିଲା ବୋଲି ଶଶିକଳା କହିଛନ୍ତି। ତେବେ ସେ ମନ୍ଦିରରେ ଭଗବାନ ଆୟାପ୍ପାଙ୍କୁ ଦର୍ଶନ କରିବାରେ ସଫଳ ହୋଇଥିବା ପୋଲିସ କହିଛି। ସବୁ ବର୍ଗର ମହିଳାଙ୍କ ମନ୍ଦିର ପ୍ରବେଶ ଲାଗି ସୁପ୍ରିମକୋର୍ଟ ଗତ ସେପ୍ଟେମ୍ବର ମାସରେ ଅନୁମତି ଦେବା ପରେ ଶଶିକଳା ହେଉଛନ୍ତି ତୃତୀୟ ମହିଳା, ଯିଏ ଭଗବାନ ଆୟାପ୍ପାଙ୍କୁ ଦର୍ଶନ କରିପାରିଛନ୍ତି। ଗତ ବୁଧବାର ୫୦ ବର୍ଷରୁ କମ୍ ବୟସ ବର୍ଗର ମହିଳା ବିନ୍ଦୁ ଏବଂ କନକଦୁର୍ଗା ମନ୍ଦିରରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ।

## ଫୁର୍‌ସତ

# 'ରୋକା' ସ୍ମରଣ କଲେ ଐଶ୍ୱର୍ଯ୍ୟା

**ମୁମ୍ବାଇ:** ଅଭିଷେକ ବଚ୍ଚନ୍ ବିବାହ ପାଇଁ ପ୍ରସ୍ତାବ ଦେବାପରେ ଏଥିପାଇଁ ରୋକା ଉତ୍ସବ କିପରି ଅଚାନକ ହୋଇଥିଲା ତାହା ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ସ୍ମରଣ କରିଛନ୍ତି। ୟା ମଧ୍ୟରେ ଦୁହିଁଙ୍କ ଦାମ୍ପତ୍ୟ ଜୀବନ ଦଶବର୍ଷରୁ ଊର୍ଦ୍ଧ୍ୱ ହେଲାଣି। ଆରାଧ୍ୟା ନାମ୍ନୀ କନ୍ୟାର ମାତାପିତା ହୋଇସାରିଛନ୍ତି ସେମାନେ। ସେଲିବ୍ରିଟ ଚାଟ୍ ଶୋ' 'ଫିଲ୍ମଫେୟାର ସିଜିନ୍-୨'ର ଅପ୍‌କମିଂ ଏପିସୋଡ ଅବସରରେ ଐଶ୍ୱର୍ଯ୍ୟା ରୋକା ଉତ୍ସବ ବିଷୟ ସ୍ମରଣ କରିଥିଲେ। ପୂର୍ବକଥା ମନେପକାଇ ଐଶ୍ୱର୍ଯ୍ୟା କହିଲେ, "ସେ ଯେତେବେଳେ ମୋତେ ବିବାହ କରିବାକୁ ପ୍ରସ୍ତାବ ଦେଲେ ତାହା ମୋ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା। ତେବେ ରୋକା ଉତ୍ସବ ଖୁବ୍‌ଶୀଘ୍ର ହୋଇଥିଲା ଯାହା ମୋ ପାଇଁ ଥିଲା ଅଚାନକ। ଏହା ପୂର୍ବରୁ ରୋକା କ'ଣ ଜାଣି ନ ଥିଲି। କାରଣ ଦକ୍ଷିଣ ଭାରତୀୟ ହୋଇଥିବା ଦୃଷ୍ଟିରୁ ରୋକା ବିଷୟରେ ଜ୍ଞାନ ନ ଥିଲା" ବୋଲି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ପ୍ରକାଶ କରିଛନ୍ତି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୬ | ୧୦.୧ |
| ଚାନ୍ଦବାଲି | ୨୫.୫ | ୧୨.୪ |
| କଟକ | ୨୭.୬ | ୧୧.୪ |
| ପାରାଦ୍ୱୀପ | ୨୬.୨ | ୧୩.୯ |
| ଭୁବନେଶ୍ୱର | ୨୮.୧ | ୧୨.୪ |
| ଗୋପାଳପୁର | ୨୮.୫ | ୧୪.୨ |
| ପୁରୀ | ୨୬.୭ | ୧୫.୦ |
| ଅନୁଗୋଳ | ୨୬.୭ | ୮.୦ |
| ବାରିପଦା | ୨୪.୪ | ୧୦.୦ |
| ଝାରସୁଗୁଡ଼ା | ୨୬.୭ | ୮.୬ |
| କେନ୍ଦୁଝର | ୨୪.୬ | ୮.୪ |
| ସମ୍ବଲପୁର | ୨୭.୨ | ୯.୪ |
| ସୁନ୍ଦରଗଡ଼ | --- | ୯.୫ |
| ହୀରାକୁଦ | ୨୭.୯ | ୧୦.୭ |
| ତାଲଚେର | ୩୦.୪ | ୧୦.୪ |
| ଭବାନୀପାଟଣା | --- | ୧୦.୦ |
| ବଲାଙ୍ଗୀର | --- | --- |
| କୋରାପୁଟ | ୨୭.୬ | ୯.୦ |
| ଫୁଲବାଣୀ | --- | ୬.୫ |
| ଟିଟିଲାଗଡ଼ | --- | ୯.୦ |
| ମାଲକାନଗିରି | ୩୧.୪ | ୧୩.୪ |
| ସୋନପୁର | ୨୬.୮ | ୮.୬ |
| ଦାରିଙ୍ଗିବାଡ଼ି | ୨୫.୫ | ୮.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଏପ୍ରିଲରୁ ଜାପାନରେ ନୂଆ ସମ୍ରାଟଙ୍କ ଯୁଗ

**ଟୋକିଓ:** ଜାପାନରେ ନୂଆ ସମ୍ରାଟଙ୍କ ରାଜତ୍ୱ ଏପ୍ରିଲ ୧ରୁ ଆରମ୍ଭ ହେବ ବୋଲି ଜାପାନ ପ୍ରଧାନମନ୍ତ୍ରୀ ସୁନିଶ୍ଚିତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ଶୁକ୍ରବାର କହିଛନ୍ତି, ୨୦୧୯ ଜାପାନ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ। କାରଣ ସମ୍ରାଟ ଆକିହିଟୋଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଆକିହିଟୋ ତାଙ୍କ ଭଗ୍ନ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଜୀବିତ ଅବସ୍ଥାରେ ପଦ ତ୍ୟାଗ କରିବେ। ତାଙ୍କ ପୁତ୍ର ନରୁହିଟୋ ମେ' ୧ରେ ସମ୍ରାଟ ପଦରେ ଅଭିଷିକ୍ତ ହେବାକୁ ଯାଉଛନ୍ତି। ପାରମ୍ପରିକ ଜାପାନୀ କ୍ୟାଲେଣ୍ଡରରେ ବର୍ଷ ନିର୍ଦ୍ଧାରଣ ପାଇଁ ଯୁଗାବ୍ଦ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ନୂଆ ସମ୍ରାଟଙ୍କ ଦାୟିତ୍ୱ ଗ୍ରହଣ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି।



ନରୁହିଟୋ

# ଚାଇନା ପାଖରେ 'ଜନନୀ ବୋମା'

**ବେଜିଂ:** ବିଶ୍ୱର ଦୁଇ ବୃହତ୍ ମହାଶକ୍ତି ଆମେରିକା ଓ ଚାଇନା ମଧ୍ୟରେ ଯୁଦ୍ଧ ହେଲେ ଭୟାବହ ସ୍ଥିତି ସୃଷ୍ଟି ହେବ। କାରଣ ଆମେରିକାକୁ ଟକ୍କର ଦେବା ପାଇଁ ଚାଇନା ପ୍ରସ୍ତୁତ କରିଛି 'ମଦର ଅଫ୍ ଅଲ୍ ବମ୍ବ' (ଏମ୍‌ଓଏବି) ବା ସବୁ ବୋମାର ଜନନୀ। ଏହା ହେଉଛି ସବୁଠୁ ଶକ୍ତିଶାଳୀ ଅଣ-ଆଣବିକ ଯୁଦ୍ଧାସ୍ତ୍ର। ଆମେରିକା ଦ୍ୱାରା ବିକଶିତ ଏମ୍‌ଓଏବିକୁ ଜବାବ ଦେବା ପାଇଁ ଚାଇନାର ଏହି କ୍ଷେପଣାସ୍ତ୍ର ସକ୍ଷମ ବୋଲି ଶୁକ୍ରବାର ବେଜିଂ ପକ୍ଷରୁ କୁହାଯାଇଛି।

ଚାଇନାର ସରକାରୀ ଗଣମାଧ୍ୟମ ଗ୍ଲୋବାଲ୍ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଦେଶର ପ୍ରତିରକ୍ଷା ଶିଳ୍ପରେ ଅଗ୍ରଣୀ ଭୂମିକା ନେଉଥିବା କମ୍ପାନୀ ନର୍ଥ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍ କର୍ପୋରେଶନ୍ ଲିମିଟେଡ୍ (ଏନ୍‌ଓଆର୍‌ଆଇଏନ୍‌ସିଓ) ପ୍ରଥମଥର ପାଇଁ ଏହାର ସର୍ବବୃହତ୍ ଅଣ-ଆଣବିକ ବୋମାର ପରୀକ୍ଷଣ କରିଛି। ଏହା ହେଉଛି ଏମ୍‌ଓଏବିର ଚାଇନା ସଂସ୍କରଣ। ଏଥିରେ ବହୁ ଧ୍ୱସ୍ତବିଧ୍ୱସ୍ତ କ୍ଷମତା ରହିଥିବାରୁ ଆଣବିକ ଅସ୍ତ୍ରର ବିକଳ୍ପ ଭାବେ ଏହାକୁ ବ୍ୟବହାର କରାଯାଇପାରେ। ଡିସେମ୍ବର ଶେଷରେ ଏହାକୁ ଏକ ଏଚ୍-୬କେ ଯୁଦ୍ଧବିମାନରୁ ଉତ୍କ୍ଷେପଣ କରାଯାଇଥିଲା। ଫଳରେ ବଡ଼ଧରଣର ବିସ୍ଫୋରଣ ଘଟିଥିଲା। ଏ ସମ୍ପର୍କିତ ଭିଡିଓ ଚାଇନାର ଏନ୍‌ଓଆର୍‌ଆଇଏନ୍‌ସିଓର ୱେବ୍‌ସାଇଟ୍‌ରେ ଜାରି କରାଯାଇଛି। ପ୍ରଥମଥର ପାଇଁ ଏହି ନୂଆ ବୋମାର ବିଧ୍ୱଂସକ କ୍ଷମତା ସାଧାରଣରେ ପ୍ରଦର୍ଶନ କରାଯାଇଛି ବୋଲି ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି। ଗତବର୍ଷ ଆଫଗାନିସ୍ତାନରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀଙ୍କ ବିରୋଧରେ ଯୁଦ୍ଧଘୋଷଣା କରି ଆମେରିକା ସେନା ଜିବିୟୁ-୪୩/ବି ମେସିଭ୍ ଅର୍ଡନାନ୍ସ ଏୟାର ବ୍ଲାଷ୍ଟ (ଏମ୍‌ଓଏବି) ଅସ୍ତ୍ର ଉତ୍କ୍ଷେପଣ କରିଥିଲା। ଚାଇନାର ଏମ୍‌ଓଏବି ଆମେରିକା ପ୍ରତିପକ୍ଷଠାରୁ ଅପେକ୍ଷାକୃତ ଛୋଟ ଓ ହାଲୁକା। ଏହାର ଲମ୍ବା ୫ରୁ ୬ ମିଟର ବୋଲି ବେଜିଂର ସାମରିକ ବିଶ୍ଳେଷକ ୱେଇ ଡୋଙ୍ଗ୍‌ଜୁ କହିଛନ୍ତି। ଇତିମଧ୍ୟରେ ଆମେରିକାକୁ ମୁକାବିଲା କରିବା ପାଇଁ ରୁଷିଆ ମଧ୍ୟ ଏକ ଅନୁରୂପ ବୋମା ତିଆରି କରିଛି, ଯାହାର ନାମ ରଖିଛି 'ଫାଦର ଅଫ୍ ଅଲ୍ ବମ୍ବ' (ଏଫ୍‌ଓଏବି)।



### ଆମେରିକା ସହ ପ୍ରତିଦ୍ୱନ୍ଦ୍ୱିତା

■ ଏମ୍‌ଓଏବି ସବୁଠୁ ଶକ୍ତିଶାଳୀ ଅଣ-ଆଣବିକ ଯୁଦ୍ଧାସ୍ତ୍ର

■ ରୁଷିଆ ନିକଟରେ ସବୁ ବୋମାର ଜନକ



## ସଂକ୍ଷେପରେ

### ଅଂଶୁ କୁମାରଙ୍କୁ ଦ୍ୱିମୁକୁଟ



ଭୁବନେଶ୍ୱର, ୪ା୧(କ୍ରୀଡ଼ା ପ୍ରତିନିଧି): ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ କମ୍ପ୍ଲେକ୍ସରେ ଏଆଇଟିଏ-ଓଟିଏ ପୁରୁଷ ୫ଠକେ ର୍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହାର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇ ଦ୍ୱିମୁକୁଟ ହାସଲ କରିଛନ୍ତି ଓଡ଼ିଶାର ଅଂଶୁ କୁମାର ଭୂୟାଁ। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେ ପଶ୍ଚିମବଙ୍ଗର ଅନୁରାଗ ଅଗ୍ରୱାଲଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସରେ ଫାଇନାଲରେ ଅଂଶୁ ଓ ଚିନ୍ମୟ ପ୍ରଧାନଙ୍କ ଯୋଡ଼ି ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ଆର. ଚୌଧୁରୀ ଓ ଅନୁରାଗ ଅଗ୍ରୱାଲ ଯୋଡ଼ିଙ୍କୁ ୬-୨, ୭-୫ ସେଟ୍‌ରେ ହରାଇ ଟାଇଟଲ ଅର୍ଜନ କରିଛନ୍ତି। ଅବସରପ୍ରାପ୍ତ ଏୟାର ମାର୍ଶାଲ ଜେ.ଏନ.ବର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପି.କେ.ପ୍ରଧାନ, ରେଫରି ଯତୀନ ବୈଶ୍ୟ, ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ମ୍ୟାନେଜର ପ୍ରକାଶ ପଟ୍ଟନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସିଙ୍ଗଲ୍ସ ଚାମ୍ପିୟନ ଓ ରନର୍ସଅପ୍ ଯଥାକ୍ରମେ ୧୫ ଓ ୧୨ ଏବଂ ଡବଲ୍ସ ଚାମ୍ପିୟନ ଓ ରନର୍ସଅପ୍ ୧୨ ଓ ୮ ର୍ୟାଙ୍କିଙ୍ଗ ପଏଣ୍ଟ ପାଇଛନ୍ତି।

### ଅଷ୍ଟ୍ରେଲିଆ ଦିନିକିଆ ଦଳକୁ ଖ୍ୱାଜା, ସିଡ୍‌ଲ ଫେରିଲେ

ସିଡ୍‌ନୀ,୪ା୧: ଚଳିତ ଟେଷ୍ଟ ସିରିଜ୍ ପରେ ଭାରତ ବିପକ୍ଷରେ ହେବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ ସିରିଜ୍ ଲାଗି ଶୁକ୍ରବାର ଅଷ୍ଟ୍ରେଲିଆ ଦଳ ଘୋଷିତ ହୋଇଯାଇଛି। ଏହି ଦଳରେ ପେସର ପିଟର ସିଡ୍‌ଲ ଓ ସିନିୟର ବ୍ୟାଟ୍ସମ୍ୟାନ ଉସମାନ ଖ୍ୱାଜାଙ୍କୁ ସ୍ଥାନ ମିଳିଛି। ଉଭୟ ଖେଳାଳି ଦୀର୍ଘ ଦିନର ବ୍ୟବଧାନ ପରେ ଜାତୀୟ ଦିନିକିଆ ଦଳକୁ ଫେରିଛନ୍ତି। ସିଡଲ ୮ ବର୍ଷ ଓ ଖ୍ୱାଜା ଦୁଇ ବର୍ଷ ପରେ ୫୦ ଓଭରିଆ ଫର୍ମାଟରେ ଖେଳିବାକୁ ସୁଯୋଗ ପାଇଛନ୍ତି। ୩୪ ବର୍ଷୀୟ ସିଡ୍‌ଲ ଅନ୍ତିମ ଥର ୨୦୧୦ ଜାନୁୟାରୀରେ ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିଥିଲେ। ତାଙ୍କୁ ସାମିଲ କରାଯାଇଥିବାରୁ ମିଚେଲ ଷ୍ଟାର୍କ, ପାଟ କମିନ୍ସ ଓ ଜୋଶ ହାଜେଲଉଡଙ୍କୁ ବିଶ୍ରାମ ଦିଆଯାଇଛି। ଭାରତ ବିପକ୍ଷ ଅନ୍ତିମ ଟେଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ ମଧ୍ୟ ବରିଷ୍ଠ ଓପନର ଆରୋନ ଫିଞ୍ଚ ଅଧିନାୟକ ପଦ ବଜାୟ ରଖିଛନ୍ତି। ଅଲରାଉଣ୍ଡର ମିଚେଲ ମାର୍ଶ ଓ ପିଟର ହାଣ୍ଡସ୍କମ୍ବ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। କିନ୍ତୁ ଟ୍ରାଭିସ ହେଡ୍, ଡାର୍ସି ଶର୍ଟ ଓ କ୍ରିସ ଲିନ ଦୁର୍ଭାଗ୍ୟବଶତଃ ବାଦ୍ ପଡ଼ିଛନ୍ତି। ଅଷ୍ଟ୍ରେଲିଆ ଦଳ: ଆରୋନ ଫିଞ୍ଚ(ଅଧିନାୟକ), ଉସମାନ ଖ୍ୱାଜା, ଶନ ମାର୍ଶ, ପିଟର ହାଣ୍ଡସ୍କମ୍ବ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ମିଚେଲ ମାର୍ଶ, ଆଲେକ୍ସ କାରେ, ଝେ ରିଚାର୍ଡସନ, ବିଲି ଷ୍ଟାନଲେକ, ଜାସୋନ ବେହରେଣ୍ଡ୍ରଫ, ପିଟର ସିଡ୍‌ଲ, ନାଥନ ଲିଓନ ଓ ଆଡାମ ଜାମ୍ପା।

■ ପୂଜାରା ଦ୍ୱିଶତକରୁ ବଞ୍ଚିତ, ପନ୍ତଙ୍କ ବୃହତ୍ ଶତକ

# ଭାରତର ବିଶାଳ ସ୍କୋର

ସିଡନୀ, ୪ା୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ସ୍ଥିତି ଦୃଢ଼ କରିଛି। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ମାତ୍ର ୭ ରନ ପାଇଁ ଦ୍ୱିଶତକରୁ ବଞ୍ଚିତ ହେବା ପରେ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ବୃହତ୍ ଅପରାଜିତ ଶତକ ଓ ରବୀନ୍ଦ୍ର ଜାଡେଜାଙ୍କ ଦ୍ରୁତ ଅର୍ଦ୍ଧଶତକୀୟ ପାଳି ବଳରେ ଭାରତ ବିଶାଳ ସ୍କୋର ଛିଡା କରିଛି। ଭାରତ ପ୍ରଥମ ଇନିଂସରେ ୧୬୭.୨ ଓଭରରେ ୭ ଉଇକେଟ ହରାଇ ୬୨୨ ରନ କରି ଇନିଂସ ଘୋଷଣା କରିଛି। ଦ୍ୱିତୀୟ ଦିନରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ରାଜୁତି ଦେଖିବାକୁ ମିଳିଥିଲା ଓ ଅଷ୍ଟ୍ରେଲୀୟ ବୋଲିଂ ନିହାତି ମାମୁଲି ମନେହେଉଥିଲା। ଅଷ୍ଟ୍ରେଲିଆ ମାଟିରେ ଏଥିସହିତ ଭାରତ ଦ୍ୱିତୀୟ ବୃହତମ ସ୍କୋର ହାସଲ କରିଛି। ପୂର୍ବରୁ ୨୦୦୪ରେ ଭାରତ ୭୦୫/୭ରେ ଇନିଂସ ଘୋଷଣା କରି ଅଷ୍ଟ୍ରେଲିଆରେ ସର୍ବବୃହତ୍ ସ୍କୋର ହାସଲ କରିଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଘରୋଇ ଅଷ୍ଟ୍ରେଲିଆ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୧୦ ଓଭରରେ କୌଣସି ଉଇକେଟ ନ ହରାଇ ୨୪ ରନ ସଂଗ୍ରହ କରିଛି। ଫଳରେ ୧୦ ଉଇକେଟ ହାତରେ ରଖି ଅଷ୍ଟ୍ରେଲିଆ ଏବେ ୫୯୮ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ମାର୍କସ ହାରିସ ୧୯ ଓ ଉସ୍‌ମାନ ଖ୍ୱାଜା ୫ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୦୩/୪ରୁ ଭାରତ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ପୂଜାରା ୧୩୦ରୁ ବ୍ୟାଟିଂ ଆରମ୍ଭ କରି ଦଳ ତରଫରୁ ସର୍ବାଧିକ ୧୯୩ ରନର ବୃହତ୍ ଶତକୀୟ ପାଳି ଖେଳି ସ୍ପିନର ନାଥନ ଲିୟନଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ସେ ମାତ୍ର ୭ ରନ ପାଇଁ ଦ୍ୱିଶତକ ହାସଲରୁ ବଞ୍ଚିତ ହୋଇଥିଲେ। ପୂଜାରା ୩୭୩ଟି ବଲର ସମ୍ମୁଖୀନ ହୋଇ ୨୨ଟି ଚୌକା ମାରିବା ସହ ଘରୋଇ ବୋଲରଙ୍କୁ ନିରାଶ କରିଥିଲେ। ତେବେ ତାଙ୍କ ପୂର୍ବରୁ ହନୁମା ବିହାରୀ ୩୯ରୁ ବ୍ୟାଟିଂ ଆରମ୍ଭ କରି ଆଉ ମାତ୍ର ୩ରନ ଅଧିକ କରି ଲିୟନଙ୍କ ବଲ୍‌ରେ ମାର୍ନସ ଲାବୁଶେନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପଞ୍ଚମ ଉଇକେଟ ଯୋଡିରେ ପୂଜାରା ଓ ବିହାରୀ ୧୦୧ ରନ ସଂଗ୍ରହ କରିଥିଲେ। ଏହାପରେ ୨୧ ବର୍ଷୀୟ ପନ୍ତ ବ୍ୟାଟିଂ କରିବାକୁ ଆସି ଦମ୍‌ଦାର ପ୍ରଦର୍ଶନ କରିଥିଲେ। ପୂଜାରା ଆଉଟ ହେବା ପୂର୍ବରୁ ପନ୍ତଙ୍କ ସହ ମିଶି ଷଷ୍ଠ ଉଇକେଟ ଯୋଡିରେ ୮୯ ରନ ସଂଗ୍ରହ କରିଥିଲେ। ଏହାପରେ ପନ୍ତ ଓ ରବୀନ୍ଦ୍ର ଜାଡେଜାଙ୍କ ଐତିହାସିକ ବ୍ୟାଟିଂ ଦେଖିବାକୁ ମିଳିଥିଲା। ସପ୍ତମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ରେକର୍ଡ ୨୦୪ ରନ ସଂଗ୍ରହ କରି ଭାରତକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ପନ୍ତ ୧୫୯ ରନର ବୃହତ୍ ଶତକୀୟ ପାଳି ଖେଳି ଅପରାଜିତ ରହିବା ସହ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ୧୮୯ଟି ବଲର ସମ୍ମୁଖୀନ ହୋଇ ପୂର୍ବର ତ୍ରୁଟି ନ ଦୋହରାଇ ୧୫ ଚୌକା ଓ ୧ ଛକା ସହ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ଏହି ଇନିଂସ ଖେଳି ପନ୍ତ ଏକାଧିକ ରେକର୍ଡ ସ୍ଥାପନ କରିଛନ୍ତି। ଜାଡେଜା ମଧ୍ୟ ପନ୍ତଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଜାଡେଜା ୧୧୪ଟି ବଲ ଖେଳି ୭ ଚୌକା ଓ ୧ ଛକା ସହ ୮୧ ରନ କରି ଲିୟନଙ୍କ ବଲକୁ ଖେଳିବାକୁ ଯାଇ ଆଗକୁ ଆସିଥିଲେ ଓ ଲାଇନ ମିଶ୍ କରି ସେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଜାଡେଜା ଆଉଟ ହେବା ପରେ କୋହଲି ଇନିଂସ ଘୋଷଣା କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଲିୟନ ସର୍ବାଧିକ ୪, ଜୋଶ ହାଜେଲଉଡ ୨ ଓ ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ଏପର୍ଯ୍ୟନ୍ତ ୨-୧ରେ ଅଗ୍ରଣୀ ହୋଇଛି। ଏହି ମ୍ୟାଚ୍‌କୁ ଅତିକମ୍‌ରେ ଡ୍ର ରଖିପାରିଲେ ଭାରତ ସିରିଜ ବିଜୟୀ ହୋଇ ଇତିହାସ ସୃଷ୍ଟି କରିବ। ପ୍ରଥମ ଇନିଂସରେ ବିଶାଳ ସ୍କୋର ହାସଲ କରିଥିବାରୁ ଭାରତ ଏହି ମ୍ୟାଚ୍‌ରେ ନ ହାରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ପୂର୍ବରୁ ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତ ୩୧ରନରେ ବିଜୟୀ ହାଇଥିଲା। ତେବେ ପର୍ଥରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୪୬ ରନରେ ବିଜୟ ହାସଲ କରିଥିଲା। କିନ୍ତୁ ମେଲବୋର୍ନରେ ଖେଳାଯାଇଥିବା ତୃତୀୟ ଟେଷ୍ଟରେ ଭାରତ ୧୩୭ ରନରେ ବାଜି ମାରିଥିଲା।



ରିଷଭ ପନ୍ତ

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୧୬୭.୨ ଓଭରରେ ୬୨୨/୭ (ଇନିଂସ ଘୋଷଣା)। (ପୂଜାରା- ୧୯୩, ପନ୍ତ- ୧୫୯*, ଜାଡେଜା- ୮୧, ବିହାରୀ- ୪୨, ଅଗ୍ରୱାଲ- ୭୭, ଲିୟନ- ୪/୧୭୮, ହାଜେଲଉଡ- ୨/୧୦୫, ଷ୍ଟାର୍କ- ୧/୧୨୩)।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୦ ଓଭରରେ ୨୪/୦ (ହାରିସ- ୧୯*, ଖ୍ୱାଜା- ୫*)।

## ପନ୍ତ ପ୍ରଥମ ଭାରତୀୟ ଉଇକେଟ୍‌କିପର

ସିଡ୍‌ନୀ,୪ା୧

ରିଷଭ ପନ୍ତ ଶୁକ୍ରବାର ପ୍ରଥମ ଭାରତୀୟ ଉଇକେଟ୍‌କିପର ଭାବେ ଅଷ୍ଟ୍ରେଲିଆରେ ବିପକ୍ଷରେ ଟେଷ୍ଟ ଶତକ ମାରିଛନ୍ତି। ଯୁବ ଉଇକେଟ୍‌କିପର ୧୩୭ ବଲର ସମ୍ମୁଖୀନ ହୋଇ କ୍ୟାରିୟରର ୨ୟ ଶତକ ହାସଲ କରିଛନ୍ତି। ସେ ଚିରାଚରିତ ଅନ୍ଦାଜରେ ଅଷ୍ଟ୍ରେଲିଆନ ସ୍ପିନର ମାର୍ନସ ଲାବୁସ୍କଙ୍ଗେଙ୍କୁ ମିଡ୍‌ଅନ ଅଞ୍ଚଳକୁ ଚୌକା ମାରି ଶତକ ପୂରଣ କରିଥିଲେ। ଏଥିପୂର୍ବରୁ ଫାରୁଖ ଇଞ୍ଜିନିୟରଙ୍କ ନାମରେ ଭାରତୀୟ ଉଇକେଟ୍‌କିପର ଭାବେ ଅଷ୍ଟ୍ରେଲିଆରେ ସର୍ବାଧିକ ରନ୍ କରିବାର ରେକର୍ଡ ଥିଲା। ସେ ୧୯୬୭ରେ ଅଷ୍ଟ୍ରେଲିଆଠାରେ ୮୯ ରନ୍ କରିଥିଲେ। ଏହାବାଦ୍ ପନ୍ତ ଦ୍ୱିତୀୟ କନିଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅଷ୍ଟ୍ରେଲିଆରେ ଶତକ ମାରିଛନ୍ତି। ସେ ୨୧ ବର୍ଷ ୯୨ ଦିନରେ ଏହି ସଫଳତା ହାସଲ କରିଛନ୍ତି। ଏହି ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି। ସେ ୧୮ ବର୍ଷ ୨୫୬ ଦିନ ବୟସରେ ଅଷ୍ଟ୍ରେଲିଆରେ ଶତକ ମାରିଥିଲେ। ଶତକ ସହ ସେ ୩୫୦ ରନ୍ ସହ ଚଳିତ ସିରିଜ୍‌ରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ୨ୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା (୫୨୧) ଶୀର୍ଷରେ ରହିଛନ୍ତି।

## ରୋଚକ ପରିସଂଖ୍ୟାନ

- ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଭାରତ ୩ଥର ୬୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛି। ସେହିପରି ଇଂଲଣ୍ଡ ଦୁଇଥର ଓ ୱେଷ୍ଟଇଣ୍ଡିଜ୍ ଥରେ ଏପରି ବ୍ୟାଟିଂ ପ୍ରଦର୍ଶନ କରିଛି।
- ଅଷ୍ଟ୍ରେଲିଆ ମାଟିରେ ଭାରତ ପାଇଁ ଏ ଦ୍ୱିତୀୟ ସର୍ବାଧିକ ସ୍କୋର ସାବ୍ୟସ୍ତ ହୋଇଛି। ଏହା ପୂର୍ବରୁ ଭାରତ ୨୦୦୪ରେ ଏହି ଗ୍ରାଉଣ୍ଡରେ ୭୦୫/୭ରେ ପାଳି ଘୋଷଣା କରି ସର୍ବାଧିକ ସ୍କୋର ହାସଲ କରିଥିଲା।
- ବିଦେଶରେ ମୋଟ ଉପରେ ଭାରତର ଏହା ପଞ୍ଚମ ସର୍ବାଧିକ ସ୍କୋର।
- ଏସ୍‌ଇଏନ୍‌ଏ (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ) ଦେଶଗୁଡ଼ିକରେ ଭାରତ ଗତ ୧୦ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ୫୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛି।
- ଅଷ୍ଟ୍ରେଲିଆରେ ସପ୍ତମ ଉଇକେଟ ଯୋଡିରେ ପନ୍ତ ଓ ଜାଡେଜା ସର୍ବାଧିକ ୨୦୪ ରନ ସଂଗ୍ରହ କରିଛନ୍ତି।
- ଭାରତୀୟ ଯୋଡି ହିସାବରେ ପନ୍ତ-ଜାଡେଜା ସପ୍ତମ ଉଇକେଟ ଷଷ୍ଠ ସର୍ବାଧିକ ସ୍କୋର ହାସଲ କରିଛନ୍ତି।
- ବିଦେଶରେ ସପ୍ତମ ଉଇକେଟ ଯୋଡିରେ ଏହି ପାର୍ଟନରଶିପ୍ ଭାରତ ଦୃଷ୍ଟିକୋଣରୁ ଦ୍ୱିତୀୟ ଶ୍ରେଷ୍ଠ ସାବ୍ୟସ୍ତ ହୋଇଛି।
- ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଉଇକେଟ୍‌କିପର ଭାବେ ପନ୍ତ ଶତକ ଅର୍ଜନ କରିଛନ୍ତି।
- ଏହି କ୍ରମରେ ପନ୍ତ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଛନ୍ତି। ବିଦେଶରେ ଧୋନୀ ପୂର୍ବରୁ ୧୪୮ ରନର ପାଳି ଖେଳିଥିଲେ। ବିଦେଶରେ ୧୫୦ ରନ କରିବାରେ ପନ୍ତ ପ୍ରଥମ ଭାରତୀୟ ସାବ୍ୟସ୍ତ ହୋଇଛନ୍ତି।
- ଭ୍ରମଣକାରୀ ଦଳ ତରଫରୁ ପନ୍ତ ଦ୍ୱିତୀୟ ଉଇକେଟ କିପର ଭାବେ ଉଭୟ ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ଶତକ ଅର୍ଜନ କରିଛନ୍ତି।
- ଭାରତୀୟ ଉଇକେଟ୍‌କିପର ଭାବେ ପନ୍ତ ତୃତୀୟ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ଧୋନୀ ୨୨୪ ଓ ବୁଦ୍ଧି କୁନ୍ଦରାନ ୧୯୨ ରନର ଶତକୀୟ ପାଳି ଖେଳିଥିଲେ।
- ଏବି ଡିଭିଲର୍ସ (୧୬୯)ଙ୍କ ପରେ ପନ୍ତ ଭ୍ରମଣକାରୀ ଉଇକେଟ୍‌କିପର ହିସାବରେ ଦ୍ୱିତୀୟ ସର୍ବାଧିକ ସ୍କୋର ହାସଲ କରିଛନ୍ତି।
- ଅଷ୍ଟ୍ରେଲିଆରେ ଭାରତ ଏକମାତ୍ର ଦଳ ଭାବେ କ୍ରମାଗତ ୩ଟି ଇନିଂସରେ ପାଳି ଘୋଷଣା କରିଛି।

## ସଚିନଙ୍କ ନାମରେ ପ୍ରଥମ ଲାଇବ୍ରେରି



ପ୍ରଫେସର ବଶିଷ୍ଠଙ୍କ ସଚିନ ତେନ୍ଦୁଲକର ଲାଇବ୍ରେରି।

ଭୁବନେଶ୍ୱର, ୪ା୧(ସ୍ପୋର୍ଟ୍ସ ବ୍ୟୁରୋ)

କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ନାମରେ ପ୍ରଥମ ଲାଇବ୍ରେରି ସ୍ଥାପନ କରାଯାଇଛି। କେରଳର କଲିକଟସ୍ଥିତ ମାଲବାର ଖ୍ରୀଷ୍ଟିଆନ୍ କଲେଜ୍‌ରେ ଏହି ଲାଇବ୍ରେରି ପ୍ରତିଷ୍ଠା କରାଯାଇଛି। ଏହି କଲେଜର ଇତିହାସ ବିଭାଗର ଏଚ୍‌ଓଡି (ହେଡ ଅଫ୍ ଦି ଡିପାର୍ଟମେଣ୍ଟ) ତଥା ସଚିନଙ୍କ ଜଣେ ବଡ଼ ପ୍ରଶଂସକ ପ୍ରଫେସର ବଶିଷ୍ଠଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି। କିଛି ଦିନ ତଳେ ଆମେ ସଚିନଙ୍କ କୋଚ୍ ତଥା ଗୁରୁ ରମାକାନ୍ତ ଆଚରେକରଙ୍କ ଦେହାନ୍ତ ହୋଇଥିବାର ଦୁଃଖଦ ଖବର ପାଇଥିଲୁ ବୋଲି ବଶିଷ୍ଠ କହିଛନ୍ତି। ସଚିନଙ୍କ ଭଳି ଜଣେ ମହାନ କ୍ରିକେଟରଙ୍କୁ ଆଚରେକର ଭାରତ ତଥା ବିଶ୍ୱ କ୍ରିକେଟକୁ ପ୍ରଦାନ କରିଥିଲେ ବୋଲି ସେ କହିଛନ୍ତି। ସଚିନଙ୍କର ଏକ ଗ୍ୟାଲେରି ସ୍ଥାପନ କରିଥିବା ବଶିଷ୍ଠ ଓ ତାଙ୍କ ଛାତ୍ରମାନେ ଆଚରେକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଗୋବିନ୍ଦ ବାଦ୍, ଶୁଭ୍ରାଂଶୁ ନୂଆ ଅଧିନାୟକ

କଟକ ଅଫିସ, ୪ା୧

ଆସନ୍ତା ୭ରୁ ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଓ ଗୋଆ ମଧ୍ୟରେ ରଣ୍‌ଜୀଟ୍ରଫି କ୍ରିକେଟ ମ୍ୟାଚ୍ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ଚଳିତ ରଣ୍‌ଜୀ ସିଜନରେ ଓଡ଼ିଶାର ଏହା ଅନ୍ତିମ ମ୍ୟାଚ୍। ଏଲିଟ ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ୮ ମ୍ୟାଚ୍ ଖେଳି ୩ ବିଜୟ, ୩ ପରାଜୟ ଓ ୨ ଡ୍ର ବଳରେ ୨୦ ପଏଣ୍ଟ ପାଇଥିବାରୁ ନକଆଉଟରୁ ବାଦ ପଡ଼ିବା ନିଶ୍ଚିତ ହୋଇ ସାରିଛି। ଅନ୍ୟପକ୍ଷରେ ଗୋଆ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ମାତ୍ର ୬ ପଏଣ୍ଟ ପାଇ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଏଣୁ ଉଭୟ ଦଳ ଏହି ମ୍ୟାଚ୍ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବେ। ତେବେ ଗୋଆ ବିପକ୍ଷ ମ୍ୟାଚ୍ ପାଇଁ ରାଜ୍ୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପୂର୍ବତନ ଅଧିନାୟକ ତଥା ଭରସାଯୋଗ୍ୟ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାରଙ୍କୁ ଦଳରୁ ବାଦ ଦିଆଯାଇଛି। ଚଳିତ ସିଜନରେ ଗୋବିନ୍ଦଙ୍କ ପ୍ରଦର୍ଶନ ନିରାଶାଜନକ ରହିଥିଲା। ସେ କେତେକ ମ୍ୟାଚରେ ଭଲ ବୋଲିଂ କରିଥିଲେ ହେଁ ବ୍ୟାଟିଂରେ ଫେଲ୍ ମାରିଥିଲେ। ତାଙ୍କ ସ୍ଥାନରେ ରାଜ୍ୟ ୨୩ବର୍ଷରୁ କମ୍ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକ ସିନିୟର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚଳିତ ସି.କେ. ନାଇଡୁ ଟ୍ରଫିର ଶେଷ ମ୍ୟାଚ୍‌ରେ ସନ୍ଦୀପ ଜମ୍ମୁ-କଶ୍ମୀର ବିପକ୍ଷରେ ଶତକ ହାସଲ କରି ପୁର୍ନବାର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟଏକ



ଶୁଭ୍ରାଂଶୁ ସେନାପତି

ଅବିଶ୍ୱସନୀୟ ପରିବର୍ତ୍ତନ ହେଉଛି, ବିପ୍ଳବ ସାମନ୍ତରାୟଙ୍କୁ ଅଧିନାୟକ ଦାୟିତ୍ୱରୁ ବାଦ ଦେବା। ଗୋଆ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାର ମଙ୍ଗ ଧରିବେ ଡାହାଣହାତୀ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି। ଶୁଭ୍ରାଂଶୁ ଏହି ସିଜନରେ ଓଡ଼ିଶାର ସର୍ବାଧିକ ରନ ସଂଗ୍ରହକାର ଅଟନ୍ତି। ୮ଟି ମ୍ୟାଚ୍‌ର ୧୫ ଇନିଂସରୁ ୫୦.୩୩ ଆଭରେଜରେ ସେ ୬୦୪ରନ୍ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ରହିଛି। ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଶୁଭ୍ରାଂଶୁ ଚମତ୍କାର ଇନିଂସ ଖେଳିଥିଲେ। ଏହି ମ୍ୟାଚ୍‌ରେ ଓଡ଼ିଶା ମାତ୍ର ୨ରନ୍‌ରେ ପରାସ୍ତ ହୋଇଥିବା ବେଳେ ଶୁଭ୍ରାଂଶୁ ୧୫୭ରନ୍ କରି ଅନ୍ତିମ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବିପ୍ଳବ ଦଳରେ ଥିଲେ ମଧ୍ୟ ତାଙ୍କଠାରୁ ଅଧିନାୟକ ପଦବୀ କାଢ଼ି ନିଆଯିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସର୍ଭିସେସ ବିପକ୍ଷ ମ୍ୟାଚ୍‌ରେ

**ଗୋଆ-ଓଡ଼ିଶା ରଣ୍‌ଜୀ ମ୍ୟାଚ୍ ୭ରୁ**

ଓଡ଼ିଶାର ରଣକୌଶଳକୁ କେତେକ କ୍ରିକେଟ ସମୀକ୍ଷକ ପୂର୍ବରୁ ସମାଲୋଚନା କରିଥିଲେ। ନକ୍‌ଆଉଟରେ ପ୍ରବେଶ ପାଇଁ ଓଡ଼ିଶାର ସୁଯୋଗ ଥିଲେ ମଧ୍ୟ କିଛି ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶ ଦଳ ଗଠନକୁ ନେଇ ପ୍ରଶ୍ନ ଉଠିଥିଲା। ଏହାଛଡ଼ା ଶୁଭ୍ରାଂଶୁ ପ୍ରଥମଶ୍ରେଣୀ କ୍ରିକେଟରେ ପ୍ରଥମଥର ଅଧିନାୟକ ଭାର ସମ୍ଭାଳିବେ। ପୂର୍ବରୁ ସେ ଲିଷ୍ଟ-ଏ ମ୍ୟାଚ୍‌ରେ ଓଡ଼ିଶାର ଅଧିନାୟକ ରହିଛନ୍ତି। ଶୁଭ୍ରାଂଶୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏ ପର୍ଯ୍ୟନ୍ତ ଗୋଆ ବିପକ୍ଷ ମ୍ୟାଚ୍ ନିମନ୍ତେ କୌଣସି ଯୋଜନା ହୋଇନାହିଁ। ଶନିବାର ସକାଳେ ଦଳର ଅଭ୍ୟାସ ଯୋଗ ଦେବା ପରେ କୋଚ୍ ଓ ଅନ୍ୟଖେଳାଳିଙ୍କ ସହ ଆଲୋଚନା କରାଯିବ। ଦଳରେ ଅନେକ ସିନିୟର ଖେଳାଳି ରହିଛନ୍ତି ଏଣୁ ଅଧିନାୟକତ୍ୱରେ ସେପରି କିଛି ସମସ୍ୟା ହେବ ନାହିଁ ବୋଲି ଶୁଭ୍ରାଂଶୁ କହିଥିଲେ। ରାଜ୍ୟ ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି କୁହନ୍ତି, ପ୍ରଦର୍ଶନ ଭିତ୍ତିରେ ଗୋବିନ୍ଦଙ୍କୁ ବାଦ ଦିଆଯାଇଛି। ଅଭିଜ୍ଞତା ଏବଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ଶୁଭ୍ରାଂଶୁଙ୍କୁ ଅଧିନାୟକ କରାଯାଇଛି। ଦଳରେ ଅନ୍ୟଏକ ପରିବର୍ତ୍ତନ ଭାବେ ଉଇକେଟ କିପର ପି.ରୋଶନ କୁମାର ରାଓଙ୍କ ସ୍ଥାନରେ ସୁଜିତ ଲେଙ୍କା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଓଡ଼ିଶା ଦଳ: ଶୁଭ୍ରାଂଶୁ ଶେଖର ସେନାପତି (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ସନ୍ଦୀପ ପଟ୍ଟନାୟକ, ବିପ୍ଳବ ସାମନ୍ତରାୟ, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା (ଉଇକେଟ କିପର), ଧୀରଜ ସିଂ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ, ଶୁଭମ ନାୟକ, ଦେବାଶିଷ ସାମନ୍ତରାୟ। ରଶ୍ମୀରଞ୍ଜନ ପରିଡ଼ା-କୋଚ୍, ଶୁଭକାନ୍ତ ସାହୁ-ଫିଜିଓ, ମନୋଜ କୁମାର ବିଶ୍ୱାଳ-ଟ୍ରେନର, ରାକେଶ ମହାନ୍ତି-ମ୍ୟାନେଜର।

## ଜାତୀୟ ମହିଳା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୪ା୧(କ୍ରୀଡ଼ା ପ୍ରତିନିଧି)

ମହାରାଷ୍ଟ୍ରର ସୋଲାପୁରଠାରେ ଚଳିତମାସ ୬ରୁ ୧୧ ପର୍ଯ୍ୟନ୍ତ ଜାତୀୟ ମହିଳା ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଶୁକ୍ରବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ମ୍ୟାନେଜର ପ୍ରଣୟ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଦଳ ମହାରାଷ୍ଟ୍ର ଯାତ୍ରା କରିଛି ବୋଲି ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ପ୍ରକାଶ କରିଛନ୍ତି।

ଓଡ଼ିଶା ଦଳ: ମହାମାୟା ମହାନ୍ତି, ସିପ୍ରା ଲେଙ୍କା, ଜୟନ୍ତି ବିଶ୍ୱାଳ, ଅମ୍ବିକା ମଲ୍ଲିକ, ପୂର୍ଣ୍ଣିମା ନାଥ, ସନ୍ତୋଷି ନନ୍ଦ, ତୃପ୍ତିମୟୀ ରାଉତ, ଇତି ଅନୁସ୍ମିତା, ସୁରି ବରୁଆ, ମମତା ସାହୁ, ମିଲି ମାନସିଂହ, ନଳିନୀ ସେଠୀ, ଲକ୍ଷ୍ମିପ୍ରୀୟା ଦାସ, ସରସ୍ୱତୀ ଦାସ, ସ୍ନେହଲତା ବେହେରା, ଭାଗ୍ୟଶ୍ରୀ ରାୟ।



ଜାତୀୟ ମହିଳା ହ୍ୟାଣ୍ଡବଲ ଚାମ୍ପିୟନଶିପ ପାଇଁ ମନୋନୀତ ଓଡ଼ିଶା ଦଳ।

## ସତ୍ୟନାରାୟଣ କ୍ରିକେଟ କ୍ଲବ ଚାମ୍ପିୟନ

ଯାଜପୁର ରୋଡ଼, ୪ା୧(ନି.ପ୍ର.)



ଚାମ୍ପିୟନ ସତ୍ୟନାରାୟଣ କ୍ରିକେଟ କ୍ଲବର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ହଳଦୀଗଡ଼ିଆ ଗ୍ରାମରେ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କମଳାଶୁଣୀ କ୍ରିକେଟ କ୍ଲବକୁ ହରାଇ ସତ୍ୟନାରାୟଣ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଗତ ୧ ତାରିଖରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଅନ୍ୟ ଦଳଗୁଡ଼ିକ ହେଲେ ବ୍ରାହ୍ମଣଦା, ବୈଦେଶ୍ୱର, ପଦୀ, ଖିଲିପଙ୍କା, ବଜରଙ୍ଗୀ ଓ ଶାଳକଣା। ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ସବିତା ମଲ୍ଲିକ, ବ୍ଲକ ସଂଯୋଜକ ବିଜୟ କୁମାର ସାହୁ, ବିଜେଡି ଯୁବ ସଭାପତି ଉଦୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରାଜା ଖାଁ ଓ ପ୍ରତାପ ସେଠୀ ଅମ୍ପାୟର, ଜ୍ୟୋତିରଞ୍ଜନ ମହାନ୍ତି ଭାଷ୍ୟକାର ଏବଂ ଅରଜିତ ପ୍ରସାଦ ସ୍ୱାଇଁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଅଜୟ ବେହେରା, ଅର୍ଦ୍ଧେନ୍ଦୁ ଶେଖର ସାମଲ, ଚିତ୍ତରଞ୍ଜନ ମହାନ୍ତି, ଅଶୋକ ଦାସ, ଅକ୍ଷୟ ଦାସ, ବିଶ୍ୱଜିତ ସାମଲ, ସୁଧାଂଶୁ ବିଶ୍ୱାଳ, ଦୁର୍ଗା ପ୍ରସାଦ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ କ୍ରିକେଟ ଟୁର୍ନାମେଣ୍ଟ ବ୍ୟତୀତ କ୍ୟାରମ, ଦୌଡ଼, ଦୌଡ଼ିଡିଆଁ, ପୁଚୀ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ହଳଦୀଗଡ଼ିଆ ପଞ୍ଚାୟତର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ଓଡ଼ିଶାର ଅବହେଳା ପାଇଁ ପଡୋଶୀ ଫାଇଦା ନେଉଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୧ (ବ୍ୟୁରୋ): କୋରାପୁଟ ଜିଲା କୋଟିଆ ଅଞ୍ଚଳରେ ଜନସାଧାରଣଙ୍କ ସହିତ ଉପଯୁକ୍ତ ଯୋଗାଯୋଗ ସହ ସରକାରୀ ଯୋଜନା ଓ ସେମାନଙ୍କ ହକ୍ ସେମାନଙ୍କୁ ନ ପହଞ୍ଚାଇବା ଯୋଗୁ ପଡୋଶୀ ରାଜ୍ୟ ଫାଇଦା ଦେବାକୁ ପ୍ରୟାସ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସରକାର ରାଜ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ତ୍ୱରିତ୍ ପଦକ୍ଷେପ ନେବା ଜରୁରୀ ବୋଲି ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, କୋରାପୁଟ ଜିଲାର କୋଟିଆ ଉତ୍କଳ ଜନନୀର ଅବିଚ୍ଛେଦ୍ୟ ଅଙ୍ଗ। ଖାଲି କୋଟିଆ ଏକ ଗାଁ ନୁହେଁ ବରଂ ଓଡିଶାର ଅସ୍ମିତା ଓ ଅଖଣ୍ଡତାର ପରିଚୟ ଅଟେ। ଏହି ଅଞ୍ଚଳରେ ଓଡିଶାର ମାଟି ତଳେଥିବା ମୂଲ୍ୟବାନ ପ୍ରାକୃତିକ ସମ୍ପଦ ଉପରେ ପଡୋଶୀ ରାଜ୍ୟର ଲୋଲୁପ ଦୃଷ୍ଟି ପଡିଛି। ଏହି ସମସ୍ୟା ବାରମ୍ବାର ଉଠିଛି ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣଭାବେ ଅବଗତ। ସବୁ ଜାଣି ସ୍ଥାନୀୟ ଅଞ୍ଚଳ ଜନସାଧାରଣଙ୍କ ସହ ଉପଯୁକ୍ତ ଯୋଗାଯୋଗ ସହ ସରକାରୀ ଯୋଜନା ଓ ସେମାନଙ୍କ ହକ୍ ସେମାନଙ୍କୁ ନ ପହଞ୍ଚାଇବା କାରଣରୁ ପଡୋଶୀ ରାଜ୍ୟ ପ୍ରଶାସନ ଫାଇଦା ନେବାକୁ ଚେଷ୍ଟା କରୁଛି। ରାଜ୍ୟ ସରକାର ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ୮ରେ ବିଜୁ କୃଷକ ଜନତା ଦଳର ବିକ୍ଷୋଭ, ପ୍ରତିବାଦ ସଭା

# ଉଦ୍‌ବୋଧନ ଦେବେ ବିଜେଡି ସଭାପତି ନବୀନ ପଟ୍ଟନାୟକ



ନୂଆଦିଲ୍ଲୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ଭୁବନେଶ୍ୱର,୪।୧(ବ୍ୟୁରୋ)

ବିଜୁ କୃଷକ ଜନତା ଦଳ ପକ୍ଷରୁ ଆସନ୍ତା ୮ରେ ଦିଲ୍ଲୀର ତାଲକୋଟରା ଷ୍ଟାଡିୟମ୍‌ରେ ବିକ୍ଷୋଭ ଓ ପ୍ରତିବାଦ ଅନୁଷ୍ଠିତ ହେବ। ଏଥିରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ୨୯୩୦ ଟଙ୍କା କରିବା ସକାଶେ କୃଷକ ଜନତା ଦଳ ପକ୍ଷରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ବିଜୁ କୃଷକ ଜନତା ଦଳର ମହାସଚିବ ପ୍ରତାପ ଜେନା ଶୁକ୍ରବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି।

ବିଜୁ କୃଷକ ଜନତା ଦଳର ସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ୨୦୧୪ରେ ଭାଜପା କ୍ଷମତାକୁ ଆସିବା ସହ ଧାନର ଏମ୍ଏସ୍‌ପି ନିର୍ଣ୍ଣୟ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହି ମୂଲ୍ୟ ନିର୍ଦ୍ଧାରଣରେ ରାଜ୍ୟର କୌଣସି ଭୂମିକା ରହିବ ନାହିଁ ବୋଲି ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଥିଲା। ତେଣୁ ଏମ୍ଏସ୍‌ପି ବୃଦ୍ଧି କେନ୍ଦ୍ରର ବିଷୟ। ଯଦି ରାଜ୍ୟ ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବେ, ତେବେ ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ଅତିରିକ୍ତ ଶସ୍ୟ ସଂଗ୍ରହ ନ କରୁ। ଏମ୍ଏସ୍‌ପି ପ୍ରସଙ୍ଗରେ କେନ୍ଦ୍ର ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାର ସମୟ ଆସିଛି ବୋଲି ପ୍ରସନ୍ନ କହିଛନ୍ତି। ସେହିପରି ଓଡ଼ିଶା ଚାଷୀଙ୍କ ସ୍ୱାର୍ଥକୁ ଲକ୍ଷ୍ୟ ରଖି ନିକଟରେ ରାଜ୍ୟ ସରକାର ନିଜସ୍ୱ ପ୍ରଚେଷ୍ଟାରେ 'କାଳିଆ' ଯୋଜନା ଆରମ୍ଭ କରିଥିବା ପ୍ରସନ୍ନ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଭର୍ତ୍ତୃହରି ମହତାବ, ତଥାଗତ ସତପଥୀ, ପ୍ରସନ୍ନ ପାଟ୍ଟଶାଣୀ, ପ୍ରତାପ କେଶରୀ ଦେବ, ସିଦ୍ଧାନ୍ତ ମହାପାତ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ, ଏନ୍. ଭାସ୍କର ରାଓ ଏବଂ ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରପତିଙ୍କୁ ଭେଟିବେ ବିଜେଡି ପ୍ରତିନିଧି

ପ୍ରକାଶ ଯେ,ଉକ୍ତ ବିକ୍ଷୋଭରେ ଯୋଗ ଦେବା ପାଇଁ ବିଜେଡିର କର୍ମକର୍ତ୍ତା, ଏମ୍‌ପି ଏବଂ ବିଧାୟକ ଶନିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଯାତ୍ରା ପୂର୍ବରୁ କର୍ମକର୍ତ୍ତା ଏବଂ ଜନ ପ୍ରତିନିଧିମାନେ ବିଧାନସଭାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସ୍ୱତନ୍ତ୍ର ଟ୍ରେନ୍ ୭ରେ ଦିଲ୍ଲୀରେ ପହଞ୍ଚିବ।

### ତ୍ରୁଟିଶୂନ୍ୟ ଗୁଣାତ୍ମକ ଭୋଟର ପରିଚୟ ପତ୍ର ପ୍ରସ୍ତୁତି ଲାଗି ତାଲିମ

ଭୁବନେଶ୍ୱର, ୪।୧(ବ୍ୟୁରୋ): ଆଗାମୀ ସାଧାରଣ ନିର୍ବାଚନ ଲାଗି ରାଜ୍ୟସ୍ତରରେ ପ୍ରଥମ ବୁଥ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୩୦ ଜିଲାରୁ ଦୁଇ ଜଣ ଲେଖାଏଁ କର୍ମଚାରୀ ଫଟୋ ପରିଚୟ ପତ୍ର ଏବଂ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ତାଲିମ ପରେ ବୁଥସ୍ତରରେ ଏମାନେ ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ ଭୋଟର ପରିଚୟ ପତ୍ର ଏବଂ ଭୋଟର ତାଲିକା ପ୍ରସ୍ତୁତ କରିବାରେ ନିୟୋଜିତ ହେବେ। ବୈଷୟିକ ଦୃଷ୍ଟିକୋଣରୁ ଯେପରି ନିର୍ଭୁଲ ଓ ସହଜରେ ଭୋଟର ତାଲିକା ଏବଂ ଫଟୋ ପରିଚୟ ପତ୍ର ପ୍ରସ୍ତୁତ କରାଯାଇପାରିବ, ସେନେଇ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ରଘୁରାମ ଆର୍ ଆୟର, ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ନୋଡାଲ ଅଧିକାରୀ ସରୋଜ ତ୍ରିପାଠୀ ଏବଂ ସହକାରୀ ସଫ୍ଟୱେର ଇଂଜିନିୟର ଇଦ୍ରିଶ୍ ଖାନ୍ ପ୍ରମୁଖ ଯୋଗଦେଇ ଉପସ୍ଥିତ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି।

# ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳରୁ ବାଦ୍ ପଡ଼ିବ ୨୭ ଗାଁ

### ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବିଜ୍ଞପ୍ତି

ଭୁବନେଶ୍ୱର, ୪।୧(ବ୍ୟୁରୋ)

ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳରୁ ବାଦ୍ ପଡ଼ିବ ୨୭ଟି ଗ୍ରାମ। ଏହି ଗ୍ରାମଗୁଡ଼ିକ ସାତକୋଶିଆ ସଂଲଗ୍ନ ଯୋଡୁମ ପ୍ରଗଣାର ୫ଟି ପଞ୍ଚାୟତ ଯଥା କମଳାଡିହ, ବସନ୍ତପୁର, ଯୋଡୁମ, ଚୋକାମୁଣ୍ଡା, ରେଗେଡ଼ା ଅଧୀନରେ ରହିଛନ୍ତି। ଗାଁଗୁଡ଼ିକୁ ବାଦ୍ ଦେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ସଚିବାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଜଙ୍ଗଲ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜଙ୍ଗଲ ବିଭାଗ ପ୍ରମୁଖ ସଚିବ ସୁରେଶ ମହାପାତ୍ର, ପିସିସିଏଫ୍, ଅନେକ ବନ ଅଧିକାରୀ, ପର୍ଯ୍ୟଟନ ବିଭାଗ ଅଧିକାରୀ ଏବଂ ଯୋଡୁମ ପ୍ରଗଣା ଆଞ୍ଚଳିକ କମିଟିର ୨୦ କର୍ମକର୍ତ୍ତା ପ୍ରତିନିଧି ଭାବେ ଏଥିରେ ଅଂଶଗ୍ରହଣ କରିଥିଲେ। ପରିବେଶ ପର୍ଯ୍ୟଟନ ସମ୍ପର୍କରେ ପର୍ଯ୍ୟଟନ ବିଭାଗରୁ ମଞ୍ଜୁରୀ ପାଇଥିବା ୯କୋଟି ଟଙ୍କାର କାର୍ଯ୍ୟକାରିତା, ଏଥିରେ ଜଙ୍ଗଲ ବିଭାଗର ସମ୍ପୃକ୍ତି ଓ ୨୭ଟି ଗ୍ରାମକୁ ବାଦ୍ ଦେବାପାଇଁ ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଙ୍ଗଲ ବିଭାଗ ପକ୍ଷରୁ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ଜଙ୍ଗଲ ବିଭାଗର ମଞ୍ଜୁରୀ ପରେ ଗେଜେଟ୍ ବିଜ୍ଞପ୍ତି ଖୁବ୍‌ଶୀଘ୍ର ପ୍ରକାଶ ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ଓ ପ୍ରତିଶ୍ରୁତି ଦିଆଯାଇଥିଲା। ପରିବେଶ ପର୍ଯ୍ୟଟନ ପାଇଁ ବାଲିପୁଟ-କମଳାଡିହଠାରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ୧୬ ଏକର ଜାଗାରେ ଏହାର କାର୍ଯ୍ୟକାରିତା ଓ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ସହିତ ଜଙ୍ଗଲ ବିଭାଗ ଜରିଆରେ ପରିବେଶ ପର୍ଯ୍ୟଟନ ପରିଚାଳନା ପାଇଁ ସଚିବ ସୁରେଶ ମହାପାତ୍ର ମତ ଦେଇଥିଲେ।

ବିଧାୟକ ଦେବୀ ପ୍ରସାଦ ମିଶ୍ର ଅଭୟାରଣ୍ୟର ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳରେ କେନ୍ଦୁପତ୍ର ଫଡ଼ିଗୁଡିକ ବନ୍ଦ ଥିବାରୁ ତାକୁ ବିଜ୍ଞପ୍ତି ପରେ ପୁଣି କାର୍ଯ୍ୟକ୍ଷମ ପାଇଁ ଓ ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହ ସୁଗମ କରିବା ଲାଗି ଅନୁରୋଧ କରିଥିଲେ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଓ ପ୍ରମୁଖ ସଚିବ ପ୍ରତିଶ୍ରୁତି ଦେଇଥିଲେ। ବୋଟିଂ ତଥା ସପ୍ତାହକୁ ୨ଥର ପରିବହନ ଡଙ୍ଗା ଚାଳନା ପାଇଁ ଅନୁମତି ଦେବାକୁ ଆଞ୍ଚଳିକ କମିଟି ତରଫରୁ ଶରତ ଖଟୁଆ, ଲଳିତ ଡାକୁଆ ଅନୁରୋଧ କରିଥିଲେ। ସୁରକ୍ଷା ନିୟମ ପାଳନ କରିବା ସହ ଶୀଘ୍ର ଅନୁମତି ଦିଆଯିବ ବୋଲି ଜଙ୍ଗଲ ବିଭାଗ ତରଫରୁ କୁହାଯାଇଥିଲା।

# ୬ରୁ ଖୋଲିବ ରାଜଭବନ ଉଦ୍ୟାନ

ଭୁବନେଶ୍ୱର,୪।୧(ବ୍ୟୁରୋ)



ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ହେବ ରାଜଭବନ ଉଦ୍ୟାନ। ଜାନୁୟାରୀ ୬ରୁ ରାଜଭବନ ଉଦ୍ୟାନକୁ ପ୍ରଥମ ପର୍ଯ୍ୟାୟରେ ସର୍ବସାଧାରଣ ଓ ଛାତ୍ରୀଛାତ୍ରଙ୍କ ପାଇଁ ଖୋଲାଯିବ। ୨୦ ତାରିଖ ପର୍ଯ୍ୟନ୍ତ ଲୋକେ ଛୁଟିଦିନ ଓ ରବିବାର ସହିତ ପ୍ରତ୍ୟହ ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ଉଦ୍ୟାନ ପରିଦର୍ଶନ କରିପାରିବେ। ତେବେ ଅପରାହ୍ଣ ୪ଟା ୩୦ ପର୍ଯ୍ୟନ୍ତ ଉଦ୍ୟାନକୁ ପ୍ରବେଶ କରିହେବ। ୱାଟର ଫାଉଣ୍ଟେନ, ମ୍ୟୁଜିକାଲ ଫାଉଣ୍ଟେନ, ଗୋଲାପ ଉଦ୍ୟାନ, ହରିଣ ପାର୍କ, ମୟୂର, ବତକ, କକ୍‌ଟେଲ ପକ୍ଷୀଘର ଏବଂ ସର୍ବୋପରି ଉଦ୍ୟାନର ସବୁଜିମା ପରିଦର୍ଶକମାନଙ୍କୁ ବିଶେଷ ଭାବେ ଆକର୍ଷିତ କରିବ। ସେହିଭଳି ଅର୍ନାମେଣ୍ଟାଲ ପ୍ଲାଣ୍ଟ, କିଚେନ୍ ଗାର୍ଡେନ, କୃତ୍ରିମ ଝରଣା, କାଠବ୍ରିଜ୍ ଦେଖଣାହାରୀଙ୍କୁ ନୂଆ ଅନୁଭୂତି ଦେବ। ରଙ୍ଗବେରଙ୍ଗର ଫୁଲର ପସରା ନେଇ ରାଜଭବନକୁ ଲାଗି ରହିଥିବା ପୁଷ୍ପ ଉଦ୍ୟାନ ପ୍ରମୁଖ ଆକର୍ଷଣ ସାଜିବାକୁ ଥିବାବେଳେ କାକ୍‌ଟସ୍ ହାଉସ୍ ଦର୍ଶକଙ୍କ ପାଇଁ ଅନ୍ୟତମ ଆକର୍ଷଣ ପାଲଟିବ।

ରାଜଭବନ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଥର ମଧ୍ୟ ଦର୍ଶକଙ୍କ ପାଇଁ କିଛି କଟକଣା ଜାରି କରାଯାଇଛି। ପରିଦର୍ଶନ ସମୟରେ ରାଜଭବନ ପରିସରକୁ ଦର୍ଶକ କୌଣସି ଖାଦ୍ୟଦ୍ରବ୍ୟ, ମାଦକଦ୍ରବ୍ୟ କିମ୍ବା କୌଣସି ଆପତ୍ତିଜନକ ସାମଗ୍ରୀ ନେଇଯାଇପାରିବେ ନାହିଁ। ଏହାବ୍ୟତୀତ ଉଦ୍ୟାନ ପରିସରରେ ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା କରିବାକୁ ରାଜଭବନ ପକ୍ଷରୁ ଅନୁରୋଧ କରାଯାଇଛି।

### ୧୬୦ ପଞ୍ଚାୟତ ପାଇଁ ୧୪୪୪ ପ୍ରକଳ୍ପ ମଞ୍ଜୁର

### ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୪।୧(ବ୍ୟୁରୋ)

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୯ ଜିଲାର ୯ ବ୍ଲକ ପାଇଁ ୩୬.୦୪କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ବାଲେଶ୍ୱର ଜିଲା ବାହାନଗା ବ୍ଲକର ୨୪ ପଞ୍ଚାୟତ ପାଇଁ ୬ କୋଟି ଟଙ୍କାରେ ୩୨୩ଟି ପ୍ରକଳ୍ପ, ଦେବଗଡ ଜିଲାର ରିଆମାଳ ବ୍ଲକରେ ୨୫ ପଞ୍ଚାୟତରେ ୪.୨୫କୋଟି ଟଙ୍କାରେ ୧୬୧, ଗଞ୍ଜାମ ଜିଲାର କବିସୂର୍ଯ୍ୟନଗର ବ୍ଲକର ୨୧ ପଞ୍ଚାୟତ ପାଇଁ ୫.୨୪କୋଟି ଟଙ୍କାରେ ୧୦୪, କନ୍ଧମାଳ ଜିଲା ଖଜୁରିପଡା ବ୍ଲକର ୧୪ପଞ୍ଚାୟତ ପାଇଁ ୨.୮୦କୋଟି ଟଙ୍କାରେ ୧୦୦, କେନ୍ଦ୍ରାପଡା ଜିଲା କେନ୍ଦ୍ରାପଡା ସଦର ବ୍ଲକର ୨୬ପଞ୍ଚାୟତ ପାଇଁ ୭.୨୭କୋଟି ଟଙ୍କାରେ ୨୭୧, ମାଲକାନଗିରି ଜିଲା ମାଲକାନଗିରି ସଦର ବ୍ଲକର ୧୯ପଞ୍ଚାୟତ ପାଇଁ ୩.୨୫କୋଟି ଟଙ୍କାରେ ୨୧୦, ମୟୂରଭଞ୍ଜ ଜିଲା ଜିବି ନଗର ବ୍ଲକର ୧୨ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୮୭, ନୟାଗଡ଼ ଜିଲା ଗଣିଆ ବ୍ଲକର ୮ ପଞ୍ଚାୟତ ପାଇଁ ୨.୦୨୫ କୋଟି ଟଙ୍କାରେ ୧୨୪ ଏବଂ ରାୟଗଡା ଜିଲା ରମଣଗୁଡା ବ୍ଲକର ୧୧ ପଞ୍ଚାୟତ ପାଇଁ ୨.୨୦୫କୋଟି ଟଙ୍କାରେ ୬୪ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ୧୬୦ ପଞ୍ଚାୟତ ପାଇଁ ସର୍ବମୋଟ ୧୪୪୪ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀ ସମୁଦାୟ ରାଜ୍ୟର ୨୭୮ ବ୍ଲକର ୬୧୦୫ ପଞ୍ଚାୟତ ସହିତ ଆଲୋଚନା ମାଧ୍ୟମରେ ବହୁ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ସର୍ବମୋଟ ୫୬, ୨୩୦ ପ୍ରକଳ୍ପ ପାଇଁ ୧୩୯୮.୬୨ କୋଟି ଟଙ୍କା ମଞ୍ଜୁର କରାଯାଇଛି।

### ଜଳସେଚନ ପ୍ରତିଶ୍ରୁତି ଫେଲ୍

# ସବୁଠୁ ବଡ ସମସ୍ୟା ଭୋଗୁଛନ୍ତି ଚାଷୀ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୧(ବ୍ୟୁରୋ)

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡିଶା ଗସ୍ତରେ ଆସି ଏକ ସାଧାରଣ ସଭାରେ ଜଳସେଚନ କଥା କହି ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ। ମୋଦିଙ୍କ ଏହି ସମାଲୋଚନାର ଉତ୍ତରରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତ୍ର ଲେଖି ପ୍ରଧାନମନ୍ତ୍ରୀଙ୍କ ତଥ୍ୟ ଭୁଲ୍ ବୋଲି ଦର୍ଶାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଉଠାଇଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ଅଛନ୍ତି। ଓଡିଶା ଚାଷୀଙ୍କ ଆୟ ସାରା ଦେଶରେ ତଳଆଡୁ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟର ଚାଷୀ ପରିଶ୍ରମୀ ହେବା ସତ୍ତ୍ୱେ ଜଳସେଚନ ଓ ଆନୁଷଙ୍ଗିକ ସୁବିଧା ଅଭାବରୁ ସେମାନଙ୍କର ଅବସ୍ଥା ଦୟନୀୟ ହୋଇଛି। ମୁଖ୍ୟମନ୍ତ୍ରୀ ଚିଠି ଲେଖି ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟରେ ଉଠା ଜଳସେଚନ କାରଣରୁ ଜଳସେଚନର ବ୍ୟାପକ ଉନ୍ନତି ହୋଇଥିବାର ମିଛ ରଙ୍ଗିନ ଚିତ୍ର ଦେଇଛନ୍ତି। ରାଜ୍ୟର ଚାଷୀ କାହିଁକି ଆତ୍ମହତ୍ୟା କରୁଛନ୍ତି ସେକଥା ଓଡିଶାବାସୀ ଜାଣନ୍ତି। ରାଜ୍ୟର ଲିଫ୍ଟ ଇରିଗେଶନ ପଏଣ୍ଟ ପାଖରେ ବିଜୁଳି ନ ରହିବା ବା ଲୋ-ଭୋଲଟେଜ କାରଣରୁ ଫସଲ ନଷ୍ଟ ହେବାରୁ ଚାଷୀ ଆତ୍ମହତ୍ୟା କରୁଛନ୍ତି। କିଏ ଜଣେ ଯଦି ନିଜ ଚାଷ ଜମିରେ ବୋରୱେଲ କଲେ ମଧ୍ୟ ମୁଖ୍ୟମନ୍ତ୍ରୀ ତାକୁ ରାଜ୍ୟ ସରକାରଙ୍କ ଜଳସେଚନ ତାଲିକାରେ ଗଣୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଓଡିଶା ଆସି ରାଜ୍ୟରେ ଦୁର୍ନୀତିର ଦାନବକୁ ଦାନାପାଣି ଦେଉଛି କିଏ ବୋଲି ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ଏବେ ଯାଏ ତାଙ୍କ ପ୍ରଶ୍ନର ଉତ୍ତର ଦେଲେନାହିଁ। ରୋଜଗାର ଅଭାବରୁ ରାଜ୍ୟର ଯୁବପିଢି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଘରେ ଘରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବାରେ ବିଫଳତା ତଥା ରାଜ୍ୟରେ ମହିଳା ସମ୍ମାନ ଓ ଇଜ୍ଜତ ଭୂଲୁଣ୍ଠିତ ହେବାନେଇ ମୁଖ୍ୟମନ୍ତ୍ରୀ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବାରେ କାହିଁକି ପଛାଉଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

### ଏସ୍‌ସି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଅନୁଦାନ ହ୍ରାସ

# ଆରମ୍ଭ ହେଲା ଛାତ୍ର-ଯୁବ ବିଜେଡିର ଦସ୍ତଖତ ଅଭିଯାନ

ଭୁବନେଶ୍ୱର,୪।୧(ବ୍ୟୁରୋ)

ରାଜ୍ୟର ୨ ଲକ୍ଷ ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ବାବଦକୁ କେନ୍ଦ୍ର ଯୋଗାଉଥିବା ଅର୍ଥ ହ୍ରାସ ପାଇଛି। ଏହାର ପ୍ରତିବାଦ ସ୍ୱରୂପ ବିଜୁ ଯୁବ-ଛାତ୍ର ଜନତା ଦଳ ମିଳିତଭାବେ କେନ୍ଦ୍ରବିରୋଧୀ ଦସ୍ତଖତ ଅଭିଯାନ ଶୁକ୍ରବାରଠାରୁ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରାୟ ମାସେ ବ୍ୟାପୀ ରାଜ୍ୟର ସମସ୍ତ ଜିଲାରେ ଆୟୋଜନ କରାଯିବ। ସ୍ଥାନୀୟ ଲୋୟର ପିଏମ୍‌ଜିରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ଛାତ୍ରୀଛାତ୍ର ରେଜିଷ୍ଟ୍ରେଶନ କରିବା ସହ ସ୍ୱାକ୍ଷର ପାଇଁ ଉଦ୍ଦିଷ୍ଟ ବ୍ୟାନରରେ ଦସ୍ତଖତ କରିଥିଲେ। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସଂସ୍କୃତିମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସଞ୍ଜୟ ଦାସବର୍ମା, ଅରୁଣ ସାହୁ, ବିଜୟ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର ଏବଂ ଛାତ୍ର ନେତା ତନ୍ମୟ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଉକ୍ତ ସ୍ଥାନରେ ଆୟୋଜିତ ପ୍ରତିବାଦ ସଭାରେ ବକ୍ତବ୍ୟ ରଖି ଶଶିଭୂଷଣ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ, ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ପୂର୍ବରୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ମେଧାବୃତ୍ତି ବାବଦରେ ୯୦ ପ୍ରତିଶତ ଅର୍ଥ ଯୋଗାଇ ଦେଉଥିଲା। ଏପରି କି ୨୦୧୬-୧୭ରେ କେନ୍ଦ୍ର ୨୧୫.୮୦ କୋଟି ଓ ରାଜ୍ୟ ୨୨.୪୮ କୋଟି ଟଙ୍କା ପ୍ରଦାନ କରିଥିଲେ। ହେଲେ ଏହା ପରେ କେନ୍ଦ୍ର ମେଧାବୃତ୍ତିର ୮୦ ପ୍ରତିଶତ ଅର୍ଥ ଭାର ହଠାତ୍ ରାଜ୍ୟ ଉପରେ ଲଦି ଦେଲା। ଯାହା ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟକୁ ୨୩୮.୨୮ କୋଟି ଟଙ୍କା ଅଧିକ ଦେବାକୁ ପଡିବ। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ମାତ୍ର ୧୨.୮୫%କୁ ନେଇ ୩୫.୧୨ କୋଟି ଟଙ୍କା ପ୍ରଦାନ କରିଛି। ହେଲେ ରାଜ୍ୟ ୮୭.୧୫% ଅର୍ଥାତ ୨୩୨.୨୮ କୋଟି ଟଙ୍କା ଦେଇଛି। ୨୦୧୮-୧୯ରେ କେନ୍ଦ୍ର ସରକାର ୧୭.୧୭% ଅର୍ଥାତ୍ ୪୯.୩୯ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଛି। ଏଥିସହିତ ରାଜ୍ୟକୁ ୮୨.୮୩% ଅର୍ଥାତ ମୋଟ ୨୩୨.୨୮ କୋଟି ଟଙ୍କା ଏ ବାବଦ ବହନ କରିବାକୁ ପଡିବ। ଏହା ରାଜ୍ୟର ପ୍ରାୟ ୧୬ ପ୍ରତିଶତ ଏସ୍‌ସି ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ ବୋଲି ମନ୍ତ୍ରୀ ବେହେରା କହିଛନ୍ତି।

### ସମବାୟ ମନ୍ତ୍ରୀଙ୍କ ବାସଭବନ ଘେରିଲା ଭାଜପା କୃଷକମୋର୍ଚ୍ଚା

ଭୁବନେଶ୍ୱର, ୪।୧(ବ୍ୟୁରୋ)

ଜାନୁୟାରୀ ପ୍ରଥମ ସପ୍ତାହ ଶେଷ ହେବାକୁ ଥିବାବେଳେ ଏ ପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲିନାହିଁ। ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗଞ୍ଜାମ ଜିଲାରେ ଧାନ ମଣ୍ଡି ବନ୍ଦ ପଡିଛି। ଏଫ୍‌ଏକ୍ୟୁ ଆଳରେ କ୍ୱିଣ୍ଟାଲ ପିଛା ୫ରୁ ୭ କିଲୋ ପର୍ଯ୍ୟନ୍ତ କଟନୀ ଛଟନୀ କରି ଚାଷୀଙ୍କୁ ଶୋଷୁଛନ୍ତି। ଏହିସବୁ ପ୍ରସଙ୍ଗକୁ ନେଇ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବାସଭବନ ଘେରାଉ କରାଯାଇଛି। ହଜାରହଜାର ଚାଷୀ ଯୋଗାଣ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ସହ ରାସ୍ତା ଉପରେ ଧାନ ଢାଳି ପ୍ରତିବାଦ କରିଛନ୍ତି। କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ କହିଛନ୍ତି ଯେ, ସାରା ରାଜ୍ୟରେ କୃଷକମାନଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେବା ସହ ଚାଷୀମାନଙ୍କର ଆର୍ଥିକ ସ୍ଥିତି ଶୋଚନୀୟ ହେଲାଣି। ୧୯ବର୍ଷର ବିଜେଡି ସରକାର ସମାଧାନର ରାସ୍ତା କାଢିବା ବଦଳରେ ମିଛ ରାଜନୈତିକ ନାଟକବାଜିରେ ବ୍ୟସ୍ତ ରହିଛନ୍ତି। କେତେବେଳେ କାଳିଆ ଯୋଜନା ନାଁରେ ଭଣ୍ଡାଉଛନ୍ତି ତ ପୁଣି ମଣ୍ଡି ନ ଖୋଲି ଚାଷୀମାନଙ୍କୁ ହଇରାଣ କରୁଛନ୍ତି। ୨୦୧୪ରୁ ମୁଖ୍ୟମନ୍ତ୍ରୀ ବରଗଡ ଜିଲା ସୋହେଲା ସଭାରେ ଧାନ କ୍ୱିଣ୍ଟାଲ ପିଛା ୧୦୦ଟଙ୍କା ବୋନସ ଘୋଷଣା କରିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ।

# ବଦଳିବ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ନାମ

ଭୁବନେଶ୍ୱର,୪।୧(ବ୍ୟୁରୋ): ଜଳବାୟୁ ପରିବର୍ତ୍ତନ ଏବେ ମୁଖ୍ୟ ସମସ୍ୟା ଭାବେ ଦେଖାଦେଲାଣି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ଏ ଦିଗରେ ମଧ୍ୟ କାର୍ଯ୍ୟ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭଳି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନାମ ପରିବର୍ତ୍ତନ ହେବ। ଏହି ବିଭାଗର ନାମ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ରହିବ। ଏ ନେଇ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଖୁବ୍‌ଶୀଘ୍ର ଦିଆଯିବ ବୋଲି ରାଜ୍ୟ ପରିବେଶ ନିର୍ଦ୍ଦେଶକ କେ. ମୁରଗସେନ କହିଛନ୍ତି। ରାଜ୍ୟ କ୍ୟାବିନେଟ ଅନୁମୋଦନ ପରେ ବିଭାଗର ନାମ ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି।

### ଗଡକରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

# ତୁରନ୍ତ ମରାମତି କରାଯାଉ

ଭୁବନେଶ୍ୱର,୪।୧(ବ୍ୟୁରୋ)

ରାଜ୍ୟରେ ଥିବା ଜାତୀୟ ରାଜପଥଗୁଡିକ ଅବସ୍ଥା ଖରାପ ହେବାରେ ଲାଗିଛି। ରାଜ୍ୟରେ ଯାତାୟାତର ପ୍ରମୁଖ ବ୍ୟବସ୍ଥା ଜାତୀୟ ରାଜପଥ(ଏନଏଚ)ଗୁଡିକର ଉପଯୁକ୍ତ ରକ୍ଷଣା ବେକ୍ଷଣ, ଉନ୍ନତୀକରଣ, ପ୍ରଶସ୍ତୀକରଣ ଅଭାବ ଯୋଗୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଝାରପୋଖରିଆ-କେନ୍ଦୁଝର-ସମ୍ବଲପୁର ଜାତୀୟ ରାଜପଥ-୧୯ ମୟୂରଭଞ୍ଜ ଜିଲା ଦେଇ ଯାଇଛି। ଏଗୁଡିକ ଅବସ୍ଥା ଅତ୍ୟନ୍ତ ଖରାପ ହୋଇପଡିଛି। ଏ ନେଇ ଜନସାଧାରଣଙ୍କ ପକ୍ଷରୁ ବହୁ ଅଭିଯୋଗ ଆସୁଛି। ସେହି ଜାତୀୟ ରାଜପଥଗୁଡିକର ମରାମତି କିମ୍ବା ନୂତନ ଭାବେ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଭୂପୃଷ୍ଠ ପରିବହନ, ଜାତୀୟ ରାଜପଥ ଏବଂ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି।

### ମୟୂରଭଞ୍ଜ ଜିଲାରେ ଏନ୍‌ଏଚ୍ ଅବସ୍ଥା ସଙ୍ଗୀନ

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ହାଟଗମାରିଆ-ବେଣିସାଗର ଜତୀୟ ରଜାପଥ-୪୯ର ସିଙ୍ଗଡା ଯାଏ ୨୦୧୬ ଫେବୃୟାରୀ ୧୭ ତାରିଖରେ ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଥିଲା। ଏ ପର୍ଯ୍ୟନ୍ତ ସେହି ରାସ୍ତାର କୌଣସି ଉନ୍ନତୀକରଣ କରାଯାଇ ନାହିଁ। ଭଦ୍ରକ-ଆନନ୍ଦପୁର-ଠାକୁରମୁଣ୍ଡା-କରଞ୍ଜିଆ-ସିଙ୍ଗଡା ୧୩୫ କିଲୋମିଟର, ସେରଗଡ-ନୀଳଗିରି-କପ୍ତିପଦା-ବାରିପଦା-ପଶ୍ଚିମବଙ୍ଗ ସୀମା-୧୧୦ କିଲୋମିଟର, ରାଇରଙ୍ଗପୁର-ବିଶୋଇ-ବାଙ୍ଗୀରିପୋଷି-କଳାବାଡିଆ ୫୪ କି.ମି ଏବଂ ଯଶୀପୁର-ଚମ୍ପୁଆ ୭୦ କିଲୋମିଟର ରାସ୍ତାର ଉନ୍ନତୀକରଣ ପାଇଁ ତୁରନ୍ତ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି।



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ,
ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍



## ସଂକ୍ଷେପରେ

### ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୪୦ ଦୋକାନ

ଝାରସୁଗୁଡ଼ା ଅଫିସ,୪।୧-ଝାରସୁଗୁଡ଼ା ଶୁକ୍ରବଜାର ଡେଲିମାର୍କେଟରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୪୦ଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ଝାରସୁଗୁଡ଼ାରୁ ଦୁଇଟି ଦମକଳ ଗାଡ଼ି ଆସି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ନିଆଁ ଆୟତ୍ତକୁ ଆସିନାହିଁ। ପୋଡ଼ିଯାଇଥିବା ଦୋକାନଗୁଡ଼ିକ ମଧ୍ୟରେ ଅଧିକାଂଶ ପରିବା ଗୋଦାମ ଓ ଉଠାଦୋକାନ ରହିଛି।

### ପଁଚେତ୍‌ରେ ଅଭାବ ସବୁଜ ଫର୍ମ: ଜେରକ୍ସ ଦୁକାନେ ୧୫ ଟଁକା

ଚିପିଲିମା,୪।୧(ଡି.ଏନ.ଏ)-ରାଏଜ୍ ସରକାର ଚାଷୀକୁଁ ସାହାଯ୍ କରବାର ଉଦେଶ୍‌ରେ କାଳିଆ ଯୋଜ୍‌ନା କାୟ୍‌କାରୀ କରିଛନ୍। ସେଥିରଲାଗି ସବୁ ପଁଚେତ୍ ଅଫିସରେ ଅଂଚଲର ନାମମାତ୍ର ଆର କ୍ଷୁଦ୍ର ଚାଷୀକଁର ତାଲିକା ପରକାଶ ପାଇଛେ। ତାଲିକାରେ ଯେନ୍ ଚାଷୀକର ନାଁ ଥିବା ସେମାନେ କାଳିଆ ଯୋଜ୍‌ନାରେ ସାମିଲ ହେଇପାରବେ ଆର ଯେନ୍‌ମାନକର ନାଁ ତାଲିକାରେ ନାଁଇଁନ ସେମାନେ ସବୁଜ ଫର୍ମରେ ଆବେଦନ କରି ଯୋଜ୍‌ନାରେ ସାମିଲ ହେଇପାରବେ। ହେଲେ ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ୍ କର୍ଡୋଲା ପଁଚେତ୍‌ରେ ଆବେଦନ ଫର୍ମ ନାଇଁ ମିଳୁଥିଲା ବେଲେ ବାହାରେ ଜେରକ୍ସ ଦୁକାନମାନକେ ଫର୍ମ ଗୁଟକ ୫ରୁ ୧୫ ଟଁକାରେ ବିକ୍ରି ହେଉଥିବାର ଜନାପଡ଼ିଛେ। ସେନ୍ତା ପରକାଶ ପାଇଥିବାର ତାଲିକାରେ ବହୁତ ପରକାର ଗପ୍‌ଲତି ହେଇଥିବାର ବି ଅଭିଯୋଗ ହେଇଛେ। ଇଥିରେ କ୍ଷୁଦ୍ର ଆର ନାମମାତ୍ର ଚାଷୀକଁର ନାଁ ନାଇଁଥିଲା ବେଲେ ବଡ଼ବଡ଼ିଆ ଚାଷୀ, ଚାକ୍‌ରିଆ ଆର ପେନସନ ପାଉଥିବାର ହୀତାଧିକାରୀକଁର ନାଁ ରହିଛେ। ଇ ବାବ୍‌ଦେ କାଳିଆ ଯୋଜ୍‌ନା ଦାଇତିଆରେ ଥିବାର ନୋଡାଲ ଏଓ ସାଗର ଲୁହାକୁଁ ପଚରାଲାରୁ ଫର୍ମ ସରିଯାଇଛେ। ଇ ବାବ୍‌ଦେ ବିଡିଓକୁଁ ଜନେଇ ଦିଆଯାଇଛେ, ଫର୍ମ ଆଏଲେ ଚାଷୀକଁର ନାଁ ପଂଜିକରନ କରାଯିବା ବଲି କହିଥିଲେ।

■ ଉଛକାପାଟ ମଣ୍ଡିରେ ଧାନ୍ ପଡ଼ିଛେ

# ଶୀତ କାକରରେ ରାଏତ୍‌ସାରା ଧାନ୍ ଜୁଗୁଛନ୍ ଚାଷୀ

ବାମରା, ୪।୧ (ସ୍ୱ.ପ୍ର.)



ମଣ୍ଡିରେ ଖୁଲା ଆକାଶ ତଲେ ଶହ ଶହ ବସ୍‌ତା ଧାନ୍ ପଡ଼ିଛେ।

ସସମ୍ବଲପୁର ଜିଲା ବାମରା ବ୍ଲକ୍ ଉଛକାପାଟ ମଣ୍ଡିରେ ବନିହାଁ ଦିନାକେତେ ହେଲା ଧାନ୍ ପଡ଼ିଥିଲା ବେଲେ ମିଲର୍ସ ଧାନଘିନି ନାଇଁ ଆସୁଥିବାର ଅଭିଯୋଗ୍ ହେଇଛେ। ଇ ବାବ୍‌ଦେ ବାମରା ତହସିଲଦାରକୁଁ ଗୁଟେ ଅଭିଯୋଗ ପତର ଦିଆଯାଇଥିଲା ବେଲେ ସମସିଆର ସମାଧାନ ନାଇଁ ହେଲେ ଚାଷୀ ଉଲ୍‌ଗୁଲାନ୍‌କେ ଉତିରବେ ବଲି ଧମକ୍ ଦିଆଯାଇଛେ। ଘଟନା ଅନ୍‌ସାରେ ଉଛକାପାଟ ମଣ୍ଡିରେ ବନିହାଁ ଦିନାକେତେ ହେଲା ଚାଷୀକର ଧାନ ପଡ଼ି ରହିଛେ। ହେଲେ ମଣ୍ଡିକେ କେହେନ୍‌ସି ମିଲର୍ସ ସିଧାସଲଖ୍ ନାଇଁ ଆସିକରି ନିଜର ଏଜେଣ୍ଟ ଜରିଆରେ ୫ରୁ ୧୦ କେ.ଜି. କଟନି କରବାକେ ଚାଷୀକୁଁ ଜୋର୍ ଜବ୍‌ରାନ୍ କରାଯାଉଥିବାର ଚାଷୀମାନେ ଅଭିଯୋଗ୍ କରିଛନ୍। ଏଫଏକ୍ୟୁ ମାନର ଧାନକେ ବି ବିନା କଟନିରେ ଘିନବାକେ ମିଲର୍ସମାନେ ମନା କରୁଛନ୍। ଇ ବାବ୍‌ଦେ ଏସିସିଓ ଆର ଏମଆଇକଁର ଦୁରୁଷ୍‌ଟି ଆକରଷନ କରାଯାଇଥିଲେ ବି କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯିବାର। ଯେନ୍‌ଥିରଲାଗି ଏଜେଣ୍ଟମାନେ ଚାଷୀକଁର ଉପରେ ଗୁଟେ ପରକାର ଜୁଲୁମ କଲାଲେଖେଁ କଟନିର ଲାଗି ଚାପ୍ ପକଉଛନ୍। ଏନ୍‌ତା ଅବେବସ୍‌ତାର ଲାଗି ମଣ୍ଡିରୁ ଚାଷୀର ଧାନ୍ ଉଠି ନାଇଁ ପାରୁଥିବାର ଅଭିଯୋଗ୍ ହେଉଛେ। ସିଧାସଲଖ କହେବାକେ ଗଲେ ଯୋଗାଣ ବିଭାଗ ଆର ଲ୍ୟାମ୍ପ୍ସ କତୁରପକ୍ଷ ମିଲର୍ସ, ଦଲାଲମାନକୁ ସହଯୋଗ କରି ଚାଷୀମାରନ ନୀତି ଆପନେଇଥିବାର ଜୟଆଦିବ କୃଷକ ସୁରକ୍ଷା ସଂଗଠନର ସଭାପତି ଯୋଗବିହାରୀ ପରିଡ଼ା ଅଭିଯୋଗ କରିଛନ୍। ଇତାର ସଂଗେ ମଣ୍ଡିରୁ ଚାଷୀକର ଧାନ୍ ନାଇଁ ଉଠ୍‌ଲେ ତହସିଲ ଅଫିସ ଆଘେ ଧାରନାରେ ବସବେ ବଲି ଚେତାବନୀ ଦେଇଛନ୍। ଧାନ ବିକବାକେ ଆସିଥିବାର ଚାଷୀକୁ କଟନି ଛଟନିର ଲାଗି ଜୋର୍ ଜବ୍‌ରାନ୍ କରାଯାଉଛେ। ଇତାକେ ବିରୋଧ କଲାରୁ ଚାଷୀମାନକୁ ମିଲର୍ସ ଆର ପରଶାସନ ହଇରାନ କରୁଛେ। ଚାଷୀକୁ ଏଫଏକ୍ୟୁ ମାନର ଧାନରୁ ବି ୧୦ରୁ ୧୨ କେ.ଜି. କଟନି ଛଟନି ଲାଗି କୁହାଯାଉଛେ। ଇଆଡ଼େ ଚାଷୀ ଦିନ୍‌କେ ରାଏତ୍ ମଣ୍ଡିରେ ଧାନ ଜୁଗିଛନ୍। ଉଛକାପାଟ ମଣ୍ଡିରେ ଆଲୋକ ଚୌଧୁରୀ, ନିରଞ୍ଜନ ଧିରିଆ, ମିତ୍ରଭାନୁ କେଛୁ, ପବିତ୍ର ମୋହନ ଟପ୍ପୋ, ଅରୁଣ ମାଝୀ, ଯୋସେଫ ମାଝୀ ଆର ଜୟନାରାୟଣ ମାଝୀକଁର ସଂଗେ ଉନିଆ ଚାଷୀମାନେ ଦିନ୍‌କେ ରାଏତ୍ ମଣ୍ଡିରେ ନିଜର ନିଜର ଧାନ୍ ଜୁଗିଥିବାର ଲିଖିତ ଅଭିଯୋଗ୍ କରିଛନ୍। ଇ ବାବ୍‌ଦେ ବାମରା ତହସିଲଦାର ଅନୀଲ କୁଲୁକୁଁ ପଚରାଲାରୁ ଅଭିଯୋଗ ପାଇଛେଁ। ସମସିଆ ବାବ୍‌ଦେ ଅଧିକାରୀମାନକର ସଂଗେ କଥା ହେଇ ଯେତେ ଜଲ୍‌ଦି ହେବା ତାର ସମାଧାନ କରାଯିବା ବଲି କହିଥିଲେ।

### ନୂଆଁରମ୍ୱେଲା ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀରେ ମଶାଲ, କଳସ ଯାତ୍ରା

ରେଙ୍ଗାଲି, ୪।୧(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ନୂଆଁରମ୍ୱେଲା ନୋଡାଲ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ଶୁକ୍ରବାର କଳସ ଏବଂ ମଶାଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ନୂଆଁରମ୍ୱେଲା ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର, ପୁରାତନ ଛାତ୍ରମାନେ ମଶାଲ ଏବଂ କଳସ ଯାତ୍ରାରେ ବାହାରିଥିଲେ । ରେଙ୍ଗାଲିସ୍ଥିତ ରାମସାଗର ପୋଖରୀରୁ କଳସରେ ପାଣି ଆଣି ରେଙ୍ଗାଲି ରେଳୱେ ଷ୍ଟେଶନସ୍ଥିତ ଦୁର୍ଗା ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମଶାଲ ଜଳାଯାଇଥିଲା । ପରେ ସମ୍ପ୍ରଦା, କୀର୍ତ୍ତନ ଏବଂ ଦଲଦୁଲି ବାଜାର ତାଳେତାଳେ କଳସ ଏବଂ ମଶାଳ ଶୋଭାଯାତ୍ରା ରେଙ୍ଗାଲି ସହର ପରିକ୍ରମା କରି ସ୍କୁଲରେ ପହଞ୍ଚିଥିଲା। ଏହି ଅବସରରେ ସ୍କୁଲରେ ସତ୍ୟନାରାୟଣ ପୂଜା କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ପାଇଁ ନୂଆଁରମ୍ୱେଲା ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ୫ରୁ ୭ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ।

## କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜସ୍ତରୀୟ ସମ୍ମିଳନୀ



ରେଞ୍ଜ ସ୍ତରୀୟ ସମ୍ମିଳନୀରେ କେନ୍ଦୁପତ୍ର କର୍ମଚାରୀ ସଂଘର କର୍ମକର୍ତ୍ତା ।

ବାମରା,୪।୧(ସ୍ୱ.ପ୍ର.)

■କର୍ମଚାରୀଙ୍କ ଦରମା ବୃଦ୍ଧି
■ବନ୍ଧେଇ ଶ୍ରମିକଙ୍କ ମଜୁରି ବୃଦ୍ଧି ସହ ଛାତ୍ର ବୃତ୍ତି ପ୍ରଦାନ ଦାବି

ସମ୍ବଲପୁର ଜିଲା ବାମରା ବ୍ଲକ ସୋଲବଗା କେନ୍ଦୁପତ୍ର ରେଞ୍ଜସ୍ତରୀୟ ସମ୍ମିଳନୀ ଘୁନଘୁଟି କେନ୍ଦୁପତ୍ର ଗୋଦାମ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ତଥା କେନ୍ଦୁପତ୍ର କର୍ମଚାରୀ ସଂଘ ପ୍ରତିଷ୍ଠାତା ସଭାପତି ବିଶ୍ୱନାଥ ପଣ୍ଡିତଙ୍କ ଶତବାର୍ଷିକୀ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂଘର ରାଜ୍ୟ ସଭାପତି ମହାନ୍ତି କହିଥିଲେ ଯେ, ସଂଘ ପକ୍ଷରୁ ବିଭିନ୍ନ ସାମାଜିକ ନିରାପତ୍ତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ହେଲେ କେନ୍ଦୁପତ୍ର ଉପରେ ଅଧିକ ଜିଏସ୍‌ଟି ଯୋଗୁ ଆଗାମୀ ଦିନରେ ଏହା ବାଧକ ସୃଷ୍ଟି କରିବ ବୋଲି କହିଥିଲେ। ଏହା ସହିତ ଆଦିବାସୀ, ଦଳିତ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଅନ୍ୟ ବିଭାଗରୁ ଛାତ୍ର ବୃତ୍ତି ପାଉଥିବା ଆଳ ଦେଖାଇ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ଦିଆଯାଉଥିବା ଛାତ୍ର ବୃତ୍ତିକୁ ଉଚ୍ଛେଦ କରିବା ଷଡଯନ୍ତ୍ରର ସେ ବିରୋଧ କରିଥିଲେ । ଏହା ବ୍ୟତୀତ ରାଜ୍ୟରେ ନୂତନ ସର୍ବନିମ୍ନ ମଜୁରୀ ଲାଗୁ ହୋଇଥିବା ବେଳେ ସାମୟିକ କର୍ମଚାରୀମାନଙ୍କୁ ନୂତନ ହାରରେ ଦରମା ଧାର୍ଯ୍ୟରେ ବିଳମ୍ବ, ବନ୍ଧେଇ ଶ୍ରମିକମାନଙ୍କ ମଜୁରୀ ଧାର୍ଯ୍ୟ କରିବାକୁ ଦାବି କରାଯାଇଥିଲା। ଦାବି ପୂରଣରେ ବିଳମ୍ବ ଯୋଗୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲେ। ଏନେଇ ଆଗାମୀ ଦିନରେ ଆନ୍ଦୋଳନମୂଳକ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସମ୍ମିଳନୀରେ ରେଞ୍ଜ ସଂଯୋଜକ ପୁଲିନବିହାରୀ ସାହୁ, ଡିଭିଜିନାଲ ସଂଯୋଜକ କୀର୍ତ୍ତନ ସେନାପତି, ଯୁଗ୍ମ ସମ୍ପାଦକ ଯୋଗବିହାରୀ ପରିଡା, ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତଜା, ଭିକାରୀଚରଣ ନାଏକ, ହରିହର ଟେଟେ, ଚନ୍ଦ୍ରଶେଖର ସେନାପତି, ରାଜେନ୍ଦ୍ର କିଶାନ, ବାସନ୍ତି ଛତ୍ରିଆ, ରୋଜି ନାଏକ, କୁନ୍ତଳା କିଷାନ ଓ ସତ୍ୟବତୀ ସେନାପତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

ଫଟୋରେ ଖବର



ବିହା ବେଲେ ବାଏଗନ୍ ରୁଆ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ଲାଗି ଶୁକ୍ରବାର ମୁଖ୍ୟ ଫାଟକ ସମ୍ମୁଖରେ ବାଗ୍‌ଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି ।



ଶୁକ୍ରବାର ସମ୍ବଲପୁର କଚେରି ଛକଠାରେ ଚାଲିଥିବା ରିଲେ ଆମରଣ ଅନଶନ ୪୭ ଦିନରେ ପହଞ୍ଚିଛି ।

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ

## ୧୨୨ ଦିନରେ ଆନ୍ଦୋଳନ

ସମ୍ବଲପୁର,୪।୧(ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଆନ୍ଦୋଳନ ୧୨୨ ଦିନରେ ପହଞ୍ଚିଛି। ସେହିପରି ସମ୍ବଲପୁର କଚେରୀ ଛକଠାରେ ଚାଲିଥିବା ଅନଶନ ଶୁକ୍ରବାର ୪୭ ଦିନରେ ପହଞ୍ଚିଛି। କାଶ୍ୟପ ସୁପକାର, ବିଷ୍ଣୁପ୍ରସାଦ ପାଢ଼ୀ, ସଞ୍ଜିବ କୁମାର ନାଥ, ସୁଦିପ୍ତ ରଞ୍ଜନ ପଣ୍ଡା, ସହଦେବ ମିଶ୍ର, ସୁଦାମ ଚରଣ ଲୁହା ଓ ଅଚ୍ୟୁତାନନ୍ଦ ମାଝିଅନଶନରେ ସାମିଲ ହୋଇଛନ୍ତି । ଜିଲା ଓକିଲ ସଂଘ କର୍ମକର୍ତ୍ତା ସେମାନଙ୍କୁ ବୈପ୍ଳବିକ ଅଭିନନ୍ଦନ ଜଣାଇଛନ୍ତି।

## ହାତୀ ଉପଦ୍ରବରେ ଗ୍ରାମବାସୀ ଆତଙ୍କିତ, ପ୍ରତିକାର ଲାଗି ଦାବିପତ୍ର

ଦେବଗଡ, ୪।୧ (ସ୍ୱ.ପ୍ର)

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଦେବଗଡ ବନ ବିଭାଗ ହାତୀଗଣନା ସହ ସେମାନଙ୍କ ଗତିବିଧି ସମ୍ପର୍କରେ ଟିକିନିଖି ଖବର ରଖୁଥିଲେ ହେଁ ଦିନକୁ ଦିନ ଜିଲାର ବିଭିନ୍ନ ଅଞ୍ଚଳରେ ହାତୀମାନଙ୍କର ଉପଦ୍ରବ ବଢ଼ିବାରେ ଲାଗିଛି। ଏହିପରିପ୍ରେକ୍ଷିରେ ତିଲେଇବଣି ବ୍ଲକର ଝରାଗୋଗୁଆ,ପାରପୋଷି, ଝାରମୁଣ୍ଡା, ଲଇମୁରା, ଡିମିରିକୁଦା, ଗଣ୍ଡବଗ୍ରାମ ପଞ୍ଚାୟତର ଶତାଧିକ ଲୋକ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀମାନଙ୍କ ଦାବି ମୁତାବକ ଦୁଇ ମାସ ହେବ ଉକ୍ତ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଛୋଟ, ବଡ ମିଶି ଶତାଧିକ ହାତୀପଲ ବ୍ୟାପକ ଧାନ ଫସଲ ନଷ୍ଟ କରିବା ସହ ଘର ଦ୍ୱାର ଭାଙ୍ଗି ଦେଉଛନ୍ତି। ହାତୀପଲ ରାତି ହେଲେ ପାହାଡ ତଳକୁ ଓହ୍ଲାଇ ବ୍ୟାପକ ଚାଷ ନଷ୍ଟ କରୁଥିବାରୁ ସେମାନେ ଏବେ ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ହାତୀମାନଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ କରି ଶୀଘ୍ର କ୍ଷତିପୂରଣ ଦିଆଯାଉ, ବନବିଭାଗ ତରଫରୁ ହାତୀମାନଙ୍କୁ ଘୋଡାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ, ହାତୀମାନଙ୍କୁ ସୁରକ୍ଷା ନାମରେ ରାତିରେ ବିଦ୍ୟୁତ କାଟ ବନ୍ଦ କରାଯାଉ। ହାତୀମାନଙ୍କୁ ଘୋଡାଉଇବା ପାଇଁ ବନ ବିଭାଗକୁ ସହଯୋଗ କରୁଥିବା ଯୁବକମାନଙ୍କୁ ପାରିଶ୍ରମିକ ଦେବାର ବ୍ୟବସ୍ଥା କରାଯାଉ। ଏହାର ଅବିକଳ ନକଲ ଦେବଗଡ ବନଖଣ୍ଡ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ୱେସ୍କୋ ଡିଭିଜନ, ତହସିଲଦାର ଦେବଗଡ, ଥାନାଧିକାରୀଙ୍କୁ ମଧ୍ୟ ଲିଖିତ ଦିଆଯାଇଛି।



ହାତୀ ଉପଦ୍ରବ ପ୍ରତିକାର ନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ସମଗ୍ର ଦେବଗଡ଼ ଜିଲା ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଦେବଗଡ,୪।୧ (ସ୍ୱ.ପ୍ର)

ପ୍ରପାତନଗରୀ ଓ ଜଙ୍ଗଲ ପରିବେଷ୍ଟିତ ଦେବଗଡ ୨୬୮୧.୬୬ କି.ମି. ଆୟତନ ବିଶିଷ୍ଟ ଜିଲା । କିନ୍ତୁ ପୁନଃନିର୍ମାଣ କାର୍ଯ୍ୟରେ ଜିଲା ୨୫ ବର୍ଷ ବିତିଯାଇଛି। ଏ ଜିଲାରେ ୭୦ % ଚାଷୀ, ୫୫ % ଆଦିବାସୀ, ହରିଜନ/ଜନଜାତି ସହିତ ୬୦ % ରେଙ୍ଗାଳି ଡ୍ୟାମ୍ ବାସଚ୍ୟୁତ ବାସ କରନ୍ତି। ଏହା ଏକ କୃଷି ପ୍ରଧାନ ଜିଲା । ଶିଳ୍ପବିହୀନ ଜିଲା ଯୋଗୁ ହଜାର ହଜାର ଯୁବତୀ ଯୁବକ ବେକାର। ୧୯୬୩ ସାଲରେ ପ୍ରତିଷ୍ଠିତ ସର୍ବପୁରାତନ ବେସରକାରୀ ଦେବଗଡ କଲେଜରେ ସ୍ନାତକୋତ୍ତର ଶିକ୍ଷା ବ୍ୟବସ୍ଥା ନାହିଁ । ଅନେକ ସଂଖ୍ୟକ ଡାକ୍ତର ପଦବୀ ଖାଲି ପଡିଛି। ଦେବଗଡ ସହର ଦେଇ ୪୯ ନମ୍ବର, ୨୦୦ ନମ୍ବର, ୨୩ ନମ୍ବର ଓ ରାଞ୍ଚି ବିଜୟୱାଡା ଜାତୀୟ ରାଜପଥ ଗତି କରିଥିବାରୁ ପ୍ରତିଦିନ ଦୁର୍ଘଟଣା ମାନ ଘଟୁଛି। ଏଠାରେ ଆଶୁ ଚିକିତ୍ସା ପାଇଁ ଟ୍ରମା ସେଣ୍ଟର ନ ଥିବାରୁ ୧୨୦ କି.ମି. ଦୂରରେ ଅବସ୍ଥିତ ବୁର୍ଲା ଡାକ୍ତରଖାନାକୁ ଦୁର୍ଘଟଣାପୀଡିତଙ୍କୁ ନେଲା ବେଳେ ରାସ୍ତାରେ ଅକାଳମୃତ୍ୟୁ ଘଟୁଛି। ଆଦିବାସୀ ଓ ମାଓବାଦୀ ପ୍ରଭାବିତ ଜିଲାରେ ରେଳ ଚଳାଚଳ ନାହିଁ। ଏହିପରି ବିଭିନ୍ନ ସମସ୍ୟାର ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ନେଇ ସମଗ୍ର ଜିଲା ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଜରିଆରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜିଲାପାଳ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କୁ ଦିଆଯାଇଛି। ଦାବିପତ୍ର ଦେବା ସମୟରେ ମଞ୍ଚର ଆବାହାକ ସୁଧିର କୁମାର ବ୍ରହ୍ମା, ମଞ୍ଚର ଉପଦେଷ୍ଟା ମାର୍କଣ୍ଡେଶ୍ୱର ଶତପଥି, ମିତ୍ରଭାନୁ ମହାପାତ୍ର, ଆଇନଜୀବୀ ତରଣୀକାନ୍ତ ଦାଶ, ଦିବ୍ୟଶଙ୍କର ଦ୍ୱିବେଦୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।



ସମଗ୍ର ଜିଲା ବିକାଶ ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯାଇଛି।

■ ସହୋଦୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବିକାଶ, ବୈଦିକ ସ୍କୁଲ ବିଜୟୀ

ସମ୍ବଲପୁର,୪।୧(ବ୍ୟୁରୋ)

ସହୋଦୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ମ୍ୟାଚରେ ଶାସନ ବିକାଶ ସ୍କୁଲ ଓ ବୈଦିକ ସ୍କୁଲ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପ୍ରଥମ ମ୍ୟାଚ ବିକାଶ ବନାମ ଆଦିତ୍ୟ ରେସିଡେନ୍ସିଆଲ୍ ସ୍କୁଲ ମଧ୍ୟରେ ହୋଇଥିଲା । ବିକାଶ ଟସ୍ ଜିଣି ଆଦିତ୍ୟ ସ୍କୁଲକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ଉଇକେଟ ହରାଇ ୧୦୮ ରନ୍ ସଂଗ୍ରହ କରିଥିଲା । ବିକାଶ ଦଳ ୧୪.୩ ଓଭରରେ ୧୦୯ ରନ୍ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ୫୬ ରନ୍‌ରେ ଜିଏଚ୍‌ଭିଏମ୍‌କୁ ହରାଇ ବିଜୟୀ ହୋଇଥିଲା। ବୈଦିକ ୧୫ ଓଭରରେ ୪ ଉଇକେଟ ହରାଇ ୧୧୪ ରନ୍ କରିଥିବା ବେଳେ ଜିଏଚ୍‌ଭିଏମ୍ ୧୫ ଓଭରରେ ୯ ଉଇକେଟ ହରାଇ ୫୫ ରନ୍ ସଂଗ୍ରହ କରିଥିଲା ।



ଶୁକ୍ରବାର ସମ୍ବଲପୁର ବିକାଶ ସ୍କୁଲ ପରିସରରେ ଆୟୋଜିତ ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଖେଳାଳି ଓ ଅତିଥି ।




Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 5

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

i. ***All questions are compulsory. There are 30 questions in all.***

ii. ***This question paper has four sections : Section A, Section B, Section C and Section D.***

iii. ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

iv. ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

v. ***Use of calculators is not permitted.***

### SECTION-A

1. Express 1001 as a product of its prime factors.

2. Express $1.3\overline{7}$ as a rational number in the simplest form.

3. Find the coordinates of a point A, where AB is the diameter of a circle, whose centre is (4, –3) and B is (2, 6).

4. Find the value of ($\tan 1^0 \tan 2^0 \tan 3^0$ ............ $\tan 89^0$)

5. A letter of English alphabet is chosen at random. Determine the probability that the letter is a consonant.

6. If mode = 80 and mean = 110, then find the median.

### SECTION-B

7. Find the greater possible length which can be used to measure exactly the length 7m, 3m 85 cm and 12 m 95 cm.

8. If the sum of first n terms of an AP is given by $S_n = 6n + 7n^2$, then find the nth term of the A.P. Also, find 10th term of the A.P.

9. If (1, 2), (4, y), (x, 6) and (3, 5) are the vertices of a parallelogram taken in order, then find x and y.

10. If a hexagon ABCDEF circumscribe a circle, prove that AB + CD + EF = BC + DE + FA.

11. In right angled $\Delta$ABC, right angled at C, P and Q are points of sides CA and CB respectively, which divide these sides in the ratio 2 : 1. Prove that $9AQ^2 = 4BC^2 + 9AC^2$

12. A number is selected from the numbers 2, 3, 3, 5, 5, 5, 7, 7, 7, 7, 9, 9, 9, 9, 9 at random. Find the probability that the number selected is

(i) their median (ii) their mode.

### SECTION-C

13. Show that one and only one out of n, n + 2 or n + 4 is divisible by 3, where n is any positive integer.

14. If $\alpha$ and $\beta$ are the zeroes of the quadratic polynomial $f(x) = x^2 + x - 2$, then find a polynomial whose zeroes are $2\alpha + 1$ and $2\beta + 1$.

15. Check graphically, whether the pair of linear equations 4x – y – 8 = 0 and 2x – 3y + 6 = 0 is consistent. Also, find the vertices of the triangle formed by these lines with the X-axis.

16. If the roots of teh equation $x^2 + 2cx + ab = 0$ are real and unequal, then prove that the equation $x^2 - 2(a + b)x + a^2 + b^2 + 2c^2 = 0$ has no real roots.

17. Find the centre of a circle passing through the points (6, –6), (3, –7) and (3, 3).

18. Draw a $\Delta$ABC with side BC = 7 cm. $\angle B = 45^0$ and $\angle C = 105^0$. Then, construct a triangle whose sides are $\frac{4}{3}$ times the corresponding sides of $\Delta$ABC.

19. The angle of elevation of an aeroplane from a point on the ground is $45^0$. After flying for 15s, the angle of elevation changes to $30^0$. If the aeroplane is flying at a constant height of 2500 m, then find the average speed of the aeroplane.

**OR**

Prove that: $\frac{\sin A + \cos A}{\sin A - \cos A} + \frac{\sin A - \cos A}{\sin A + \cos A} = \frac{2}{\sin^2 A - \cos^2 A}$

20. In the given figure, a square is inscribed in a circle of diameter d and another square is circumscribing the circle. Is the area of the outer square four times the area of the inner square ? Give reason for your answer.




21. A cubical block of side 7 cm is surmounted by a hemisphere. What is the greatest diameter of the hemisphere can have ? Find the surface area of the solid.

22. Draw more than ogive, for the frequency distribution and hence obtain the median.

| Class Interval | 5–10 | 10–15 | 15–20 | 20–25 | 25–30 | 30–35 | 35–40 |
|---|---|---|---|---|---|---|---|
| Frequency | 2 | 12 | 2 | 4 | 3 | 4 | 3 |

### SECTION-D

23. If x = –2 is a root of the equation $3x^2 + 7x + p = 0$, find the values of k, so that the roots of the equation $x^2 + k(4x + k - 1) + p = 0$ are equal.

24. A man arranges to pay off a debt of ` 3600 by 40 annual instalments which are in AP. When 30 of the instalments are paid, he dies leaving one-third of the debt unpaid. Find the value of the 8th instalment.

25. PA and PB are the tangents to a circle which circumscribes an equilateral $\Delta$ABQ. If $\angle PAB = 60^0$, as shown in the figure, prove that QP bisects AB at right angle.




**OR**

In the given figures, from an external point P, a tangent PT and a line segment PAB drawn to a circle with centre O. ON is perpendicular on the chord AB. Prove that (i) $PA.PB = PN^2 - AN^2$, (ii) $PN^2 - AN^2 = OP^2 - OT^2$, (iii) $PA.PB = PT^2$.




26. In the figure, OB is the perpendicular bisector of the line segment DF. $FA \perp OB$ are FE intersects OB at the point C. Prove that $\frac{1}{OA} + \frac{1}{OB} = \frac{2}{OC}$




**OR**

D is the mid-point of side BC of a $\Delta$ABC. AD is bisected at the point E and BE produced cuts AC at the point X. Prove that BE : EX = 3 : 1.

27. From a window 15 m high above the ground in a street, the angles of elevation and depression of the top and foot of another house on the opposite side of the street are $30^0$ and $45^0$, respectively. Show that the height of the opposite house is 23.66m. [take $\sqrt{3} = 1.732$ ]

28. Show that $2(\sin^6\theta + \cos^6\theta) - 3(\sin^4\theta + \cos^4\theta) + 1 = 0$

29. A metallic right circular cone 20 cm high and whose vertical angle is $60^0$, is cut into two parts at the middle of its height by a plane parallel to its base. If the frustum so obtained be drawn into a wire of diameter $\frac{1}{16}$ cm, then find the length of the wire.

**OR**

Derive the formula for the volume of the frustum of a cone (using the symbols as explained).

30. Find the value of k, if the mean of the following distribution is 20.

| x | 15 | 17 | 19 | 20 + k | 23 |
|---|---|---|---|---|---|
| f | 2 | 3 | 4 | 5k | 6 |

**For Answers visit: www.dharitri.com**

Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION cum SCHOLARSHIP TEST ON 20th JANUARY & 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com



"ଗାୟତ୍ରୀ ମନ୍ତ୍ର ହିଁ ମନୁଷ୍ୟକୁ କୁପଥ ତ୍ୟାଗ କରି ସୁପଥରେ ଚାଲିବାକୁ ପ୍ରେରଣା ଦେଇଥାଏ, ଏହାଦ୍ୱାରା ସତ୍ୟ ଓ ଅସତ୍ୟର ବିଚାରଶୀଳତା ତଥା ଆତ୍ମାର ବିକାଶ ଘଟିଥାଏ।
- ବାଲ୍ ଗଙ୍ଗାଧର ତିଳକ



# ଅଭିନବ ଉପାୟରେ ମହିଳାଙ୍କଠୁ ସୁନାଗହଣା ଲୁଟ୍

ରାଉରକେଲା ଅଫିସ,୪।୧

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ବିଶ୍ରା ଡାହାର ରୋଡ୍ ଅଞ୍ଚଳରେ ଶୁକ୍ରବାର ସକାଳେ ଜଣେ ମହିଳାଙ୍କଠାରୁ ଅଭିନବ ଉପାୟରେ ସୁନାଗହଣା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ମହିଳା ଜଣକ ଉଦିତନଗର ଅଞ୍ଚଳର ରାଜକୁମାରୀ ମିତ୍ତଲ (୫୦)। ଏ ସମ୍ପର୍କରେ ଉଦିତନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ-୪/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମିତ୍ତଲ ସକାଳେ ସ୍ଥାନୀୟ ସତ୍‌ସଙ୍ଗ କେନ୍ଦ୍ରକୁ ଚାଲି ଚାଲି ଆସୁଥିବାବେଳେ ୨ ଜଣ ଯୁବକ ଏକ ବାଇକରେ ଆସି ନିଜକୁ ପୋଲିସ ପରିଚୟ ଦେଇ ତାଙ୍କୁ ଅଟକାଇଥିଲେ। ହାତ, ବେକ ଓ ଆଙ୍ଗୁଠିରେ ଏତେ ସୁନା କାହିଁକି ପିନ୍ଧିଛ ବୋଲି ତାଙ୍କୁ ପ୍ରଶ୍ନ କରିଥିଲେ। ଆମେ ପାଖ ଥାନାରୁ ଆସିଛୁ। ଆଜିକାଲି ସମୟ ଭଲ ନାହିଁ। ସୁନା ଖୋଲି ନିଜ ହାତରେ ଧର ବୋଲି ଯୁବକ ଦ୍ୱୟ ମହିଳାଙ୍କୁ ପରାମର୍ଶ ଦେଇଥିଲେ। ନିଜ ତରଫରୁ ଏକ ଥଳି ଦେଖାଇ ଏଥିରେ ରଖିଦିଅ ବୋଲି କହିଥିଲେ। ମିତ୍ତଲ ପିନ୍ଧିଥିବା ଗୋଟିଏ ସୁନା ଚେନ୍, ହଳେ ସୁନା ଚୁଡ଼ି ଓ ୨ଟି ସୁନା ମୁଦି ଖୋଲି ଉକ୍ତ ଥଳିରେ ରଖିଦେଇଥିଲେ। ତେବେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଯୁବକ ଦ୍ୱୟ ଏକା ପରି ଦେଖାଯାଉଥିବା ଅନ୍ୟ ଏକ ଥଳି ମହିଳାଙ୍କୁ ଧରାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। କିଛିଦୂର ଯାଇ ମିତ୍ତଲ ଉକ୍ତ ଥଳି ଖୋଲିବା ପରେ ସେଥିରେ କିଛି ଗୁଡ଼ାଯାଇଥିବା ତାର ଦେଖିଥିଲେ। ଏ ନେଇ ମିତ୍ତଲଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତ ଦୁଇମାସ ପୂର୍ବେ ସମାନ ଧରଣର ଏକ ଠକେଇ ତଥା ଲୁଟ୍ ଘଟଣା ସ୍ଥାନୀୟ ହରିୟାଣା ଭବନ ରୋଡ୍ ଅଞ୍ଚଳରେ ଘଟିଥିଲା। ମନ୍ଦିରକୁ ଯାଉଥିବା ଜଣେ ବୃଦ୍ଧାଙ୍କୁ ପୋଲିସ ପରିଚୟ ଦେଇ ୨ ଯୁବକ ତାଙ୍କଠାରୁ ସୁନା ଅଳଙ୍କାର ଲୁଟି ଖସିଯାଇଥିଲେ।



ବିଶ୍ରା ଡାହାର ରୋଡ୍ ଅଞ୍ଚଳରେ ମହିଳାଙ୍କଠାରୁ ସୁନାଗହଣା ଲୁଟ୍ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।


TANISHQ From TATA
Are you a Diamond in the rough?

TITAN COMPANY LIMITED
(No.1 *GREAT PLACE TO WORK ORGANIZATION IN THE RETAIL CATEGORY) India's largest Jewellery, TANISHQ which is part of TITAN COMPANY LIMITED, looking for dynamic, committed and hardworking frontline retail professionals to part of our large format showroom at BILASPUR & KORBA (C.G.).

SHOWROOM MANAGER
The Candidate should be a Graduate / Post Graduate with 5-7 yrs. of Exp. in Retail Hospitality or service Industry should also possess high Degree of leadership, Communication, Analytical and people skills candidates from jewellery background preferred.

ACCOUNTS MANAGER
The candidate should be a graduate/post graduate with 3-5 years with M.Com / CA / ICWA as qualification. Candidate must have experience of handling team of accountants & managing accounts of firm, with high knowledge of GST, TDS, Income-Tax, Balance sheet preparation is must.

Contact us:
RAMA MAGNETO MALL
Shrikant Verma Marg, Bilaspur, Chhattisgarh
8962430666
tanishqbsp@hotmail.com

ଚେନ୍ନାଇରେ ଚାକିରି + ରୁମ୍।
ହିନ୍ଦୀ କହିପାରୁଥିବେ । ଘରୋଇ ରୋଷେୟା/ସେବକ / କାର ଡ୍ରାଇଭର / ଅଫିସ୍ ଆସିଷ୍ଟାଣ୍ଟ / ହାଉସ୍ କ୍ଲିନର୍
ବେତନ: ୧୨୦୦୦-୧୬୦୦୦ ।
ଅଗରୱାଲ, ଏଫ୍ଏଫ୍ଏଫ୍ ଲି:
9884761210

OMM SAI INFRATECH
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

V.C.S. INDIA
House Keeping & Facility Services
- Markerting Executive
- Marketing Managers
- Facility Manager
- Female Telecaller
- House keeping boys

Contact 7077726920
Send your C.V. with attach passport photo to
vcs.odisha@vivencyindia.in

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 08033948529
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK
(For Bhubaneswar & Cuttack)

REQUIRED
OFFICE ASSISTANT
For a Press with Computer/ Oriya Typing knowledge will be preferred.
Contact: 9337024339
email:
anil_yadavji@rediffmail.com

NATURAL TOUCH PLYWOOD ପାଇଁ MARKETING EXECUTIVE (M/F) ଆବଶ୍ୟକ। ଦରମା 8,000/- ରୁ 10,000/-. PETROL 2000, ରହିବା ମାଗଣା + INCENTIVE. ଦୋକାନ ପାଇଁ SALESMAN ଆବଶ୍ୟକ।
ଶୀଘ୍ର ଯୋଗାଯୋଗ:-
9437001718

URGENT REQUIREMENT STAFF
For Bhubaneswar.
Tandoor Cook, Indian Cook, Bengali/ Odia Cook, Helper & Waiter.
Contact:
8338888804/ 6370777458

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-.
Contact: 9938676412

CONTACT:- 9938414918
ଭୁବନେଶ୍ୱର Office ପାଇଁ Accountant, Computer Operator, Field Officer, Office Asst., Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs, Monthly Salary upto Rs. 24000/-.

Urgent Required for
ACCOUNTANT
Qualification: B.Com. (with Tally)
Age limit: 30 years & above
SHREE VISHNU TEXTILE
Sankaracharya matha Road, Swargadwar, Puri-752001
Contact: 9778428741

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9668051710

Req. for Limited Co.
1. ପୂର୍ବତନ ସୈନିକ
2. ଡ୍ରାଇଭର (HMV-LMV)
ବେତନ-19500-27500 ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ
ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

NEW YEAR NEW VACANCY
Qualification : 10th/Above
Monthly
Rs 7000/- Onwards
Age Below 30 Years
CONTACT
9937172198

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
07303523302

WANTED
Computer Operator
(having knowledge in ms-office, fresher /experience may apply)
Accommodations facility available
PRINTONIX
02/65-67, 1st Floor, P.D Market, CRP Square, Bhubaneswar. Email : pupuli79@gmail.com
Ph: 9937281776

WANTED
Branch Office ରେ କାମ କରିବା ପାଇଁ Female Candidates ଆବଶ୍ୟକ
ଯୋଗ୍ୟତା - 10th / Above
Salary - Rs.10,000 / Above
Contact : 8480659517

LCJ SILVER
LALCHAND JEWELLERS REQUIRED
1. SALES CONSULTANT: 4 Nos.
2. SALES SUPERVISOR: 2 Nos.
For the Bhubaneswar Store. Minimum Qualification +3 & 2 yrs. Retail/ Jewellery Experience. Send Resume at
Indramani_r@yahoo.com
or Call: 0674-2534625, 2536666

WANTED
A Reputed Real Estate/ Construction Company Requires **Marketing Manager**- 7 Nos., **Marketing Executive**- 12 Nos. (Fixed Salary + Incentive). Fresher can also apply.
Plot No. A/78, Sahid Nagar, BBSR
9439270333


## ADVERTISEMENT

**No. 11857** **Date: 31.12.18**

**OFFICE OF THE CHIEF DISTRICT MEDICAL OFFICER, BARGARH**

Applications are invited from the eligible candidate for filling-up of the following Post under SC & ST Development Department for Bargarh District on contractual basis as below.

| Name of the Post | No. of Vacancies | Category | Qualification | Age | Contractual Remuneration |
|---|---|---|---|---|---|
| ANM/ MPHW (F) | 05 | UR-1, ST-3, SC-1 (As per letter No.-1584, dt. 25.06.2018 of DWO, Bargarh) | (a) Passed +2 or equivalent examination. (b) Passed ANM examination conducted by the Odisha State Nursing and Midwives Board and (c) Passed out from INC (Indian Nursing Council) approved institutions (either Govt. or Private) and having ONC (Odisha Nursing Council) Registration | 21-32 Years | 7,200/- pm (As per Letter No.-2698, dtd. 10.12.2018 of DWO, Bargarh) |

**N.B: Out of the above vacancy, physical Handicapped person, Ex-Servicemen and Sportsmen candidates are to be accommodated as per the norms.**

The ORV act is applicable for the Post which is mentioned against each category. The appointment will be made purely on merit basis. The interested candidates are requested to apply to office of the CDM & PHO, District Head Quarter Hospital, Bargarh on or before 25.01.2019 up to 5.00 PM through Registered Post/Speed Post only and the application should be superscribed with the name of the Post applied for. Incomplete application in any form will be rejected. Application received after due date and time will summarily be rejected. This office will not be held responsible for any postal delay. The undersigned reserve the right to cancel any or all applications without assigning any reason thereof. The Nos. of vacancies as in advt. may vary during the time of actual engagement. For details of terms and conditions and application form may be downloaded from dist. website that is www.bargarh.nic.in.

**Sd./-**
**Chief District Medical & Public Health Officer, Bargarh**

## ODISHA COAL AND POWER LTD.

OCPL Odisha Coal and Power Limited

**(A Govt. of Odisha Company)**
**Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha**

**Advertisement No: OCPL/HR/2019/01** **Date: 04.01.2019**

Odisha Coal and Power Limited (OCPL), a Government of Odisha company invites online applications from the eligible Indian Citizens for the following posts.

| Sl. No. | Name of the post | Grade (Pay Scale) | Total posts |
|---|---|---|---|
| 01 | Senior Manager (Finance) | E-5 (78,800-2,09,200) | 01 |
| 02 | Assistant Manager (Finance) | E-1 (56,100-1,77,500) | 01 |
| 03 | Senior Assistant Manager (Commercial & Contracts) | E-2 (67,700-2,08,700) | 01 |
| 04 | Medical Officer | E-3 (67,700-2,08,700) | 01 |
| 05 | Senior Assistant Manager (Blasting) | E-2 (67,700-2,08,700) | 01 |
| 06 | Senior Assistant Manager (Mines) | E-2 (67,700-2,08,700) | 03 |
| 07 | Senior Assistant Manager (Geology) | E-2 (67,700-2,08,700) | 01 |
| 08 | Senior Assistant Manager (Environment) | E-2 (67,700-2,08,700) | 01 |
| 09 | Assistant Manager (Electrical) | E-1 (56,100-1,77,500) | 01 |
| 10 | Assistant Manager (IT) | E-1 (56,100-1,77,500) | 01 |
| 11 | Technical Assistant to CEO | E-1 (56,100-1,77,500) | 01 |
| 12 | Junior Foreman (Electrical) | S-2 (35,400-1,12,400) | 01 |
| 13 | Junior Overman | S-2 (35,400-1,12,400) | 12 |
| 14 | Junior Foreman (Mechanical) | S-2 (35,400-1,12,400) | 01 |
| 15 | Junior Male Nurse | W-3 (26,400-83,600) | 01 |
| | **Total** | | **28** |

For detailed advertisement, pay scale, how to apply and other details please visit our website **www.ocpl.org.in**.
Opening of online submission of application : 10AM of 7th Jan. 2019
Last date for submission of online application: 5PM of 27th Jan., 2019
Last date for receipt of hard copy of application: 5PM of 2nd Feb., 2019
# Corrigendum, if any, will be published in our website only.

**Manager (HR)**
**Odisha Coal and Power Limited,**
**Bhubaneswar (Odisha). Tel: 0674-2300654/2300664**


REQUIRED A reputed business house in Bhubaneswar requires
- COUNTER SALESMAN

2-3 year experience in selling two wheeler spare-parts
Interested candidate may send recent photo with resume to
Email ID: hr.rctpl@gmail.com, Mob.: 7077799953

Satya MicroCapital Ltd
(RBI Registered NBFC- MFI)
Mega Walk-in Interview
Golden opportunity to make career in Banking / Finance
**EDO (Field Officer) - 100 Vacancy**
**Education:** 12th / Graduate with 0 to 1 Yr experience (Good communication Skill)
**Salary:** 10,000- 15,000 PM
18- 30 Yrs of Age
**Facilities:** Accommodation + PF + Insurance + Gratuity + Bonus + Allowance + Promotion Opportunity + Training
**Interview Date:** 5th and 6th January 2019 | 10 am to 4 pm
**Venue: Hotel Miland Palace,** Plot No. 540, Cuttack Road, Near Budheswari Temple, Bhubaneswar, Odisha 751006
Contact No- 8448092877 / 7978799274 / 7290074814
Bike is mandatory for this Job

URGENT REQUIREMENT
SALES OFFICERS & SALES REPRESENTATIVES FOR ODISHA STATE
**EXP:** 3 Yrs (FMCG/AGARBATHI INDUSTRIES)
**Qualification:** 12th Pass
Please send your updated Resume along with the copy of last 3 months drawn Salary.
SRI VIJAYALAKSHMI AGARBATHI WORKS
Required Dealers for Odisha/ SO & SR for different HQ
Please Contact for more information:
**Odisha ASM: 7008758413,**
**Email: liberty1947hr@gmail.com**


## BRIDGE & ROOF CO. (INDIA) LTD.

*(A GOVERNMENT OF INDIA ENTERPRISE)*
CIN No. U27310WB1920GOI003601

**ADVT. REF NO : B&R / AD / RCRT / 2018 / 2**

Bridge & Roof Co. (India) Ltd. a Mini Ratna, Category-1, Central Public Sector Enterprise, under the Administrative Control of Department of Heavy Industry, Ministry of Heavy Industries and Public Enterprises, Govt. of India, invites applications from Indian nationals for the following posts:

| Sl. No. | Name Of Posts | No. of Vacancy | Grade | Scale of Pay (2007 pay scale) (in Rs.) | Place of posting (Tentative) |
|---|---|---|---|---|---|
| (1) | Officer (Accounts) | 4 (Four) | E-1 | 16,400 -3% -40,500 | Vizag, Bhubaneswar Delhi & Mumbai |

For Complete details, please log in our website www.bridgeroof.co.in. within 19.01.2019

Sd/
GM (HR & LA)


SWOSTI GROUP HOTELS . RESORTS . TRAVELS SINCE 1981

**SWOSTI GROUP (Hotels-Resorts-Travels-Education)**
**Requires following posts urgently for its Hotels & Travel Division**

| Sl | Name of the post | Qualification & Experience |
|---|---|---|
| HOTEL DIVISION (CANDIDATES TO BE POSTED AT BHUBANESWAR & CHILIKA) | | |
| 1 | DGM Sales & Mktg. | Graduate with MBA in marketing with 15 yrs experience in any hospitality industry. |
| 2 | Relationship Manager | Graduate with MBA in marketing with 5-7 yrs experience in any hospitality industry |
| 3 | Asst. Mgr. HR / HR Executive | Graduate with MBA in HR with 5-7 yrs experience |
| 4 | BQT Mgr. / Asst. BQT Mgr | Degree/ Diploma In Hotel Mgmt., with More than 5 yrs of experience with IDS knowledge |
| 5 | FnB Executive | Degree/ Diploma In Hotel Mgmt., with More than 3 yrs experience with IDS knowledge |
| 6 | Reservation Asst. / Reservation Executive | Graduate with at least 3 yrs experience from any star category hotel with IDS knowledge. |
| 7 | Steward / Sr. Steward | H.S.C pass having 2-3 yrs relevant experience from any star category hotel. |
| 8 | Room Attendant | |
| 9 | Housekeeping Asst. | |
| 10 | Guest Relation Executive | Degree/ Diploma In Hotel Mgmt., with More than 03 yrs of experience with IDS knowledge. |
| 11 | Front Office Asst./ Supervisor | |
| 12 | Lifeguard (Swimming Pool) | HSC Pass with life & safety certificate & 2-3 yrs experience |
| 13 | Swimming Pool Attendant | HSC Pass with 2–3 yrs experience in Pool Maintenance. |
| 14 | Spa therapist(Male/Female) | Course on Massage Therapy from a recognized University with Min. 2 Yrs experience in relevant field. |
| 15 | Maint. Manager / Asst. Maint. Mgr. | Degree / Diploma in Mechanical Engg. With 10 yrs & above experience in hospitality industry |
| 16 | Electrical / Plumbing / HVAC Supervisors / Technicians | Minimum 3 yrs experience in hospitality industry. |
| 17 | COMMI –I / II / III (Indian, Chinese, Conti, South Indian, Bakery & Halwai) | Diploma / Craft Course in Hotel Management with Minimum 3 yrs experience in hospitality industry. |
| TRAVELS DIVISION (CANDIDATES TO BE POSTED AT BHUBANESWAR) | | |
| 1 | Mgr. / Asst. Mgr. Sales | 5. Asst. Mgr./ Exec. Inbound & Outbound Tours |
| 2 | Asst. Mgr./ Exec. Transport | 6. International Ticketing Executive |
| 3 | Inbound & Outbound Tours Asst. | 7. VISA Services Asst. |
| 4 | . Transport Desk In-charge | 8. Drivers |

**Sl. No. 1-7** Candidates with at least 5 yrs experience in any professional travel company will be preferred.
**For Drivers** - 10th Pass having LMV / HMV license with transport badge with minimum 5 yrs experience.
**Salary will commensurate with Qualification, Experience & Efficiency**
**Candidates may apply within seven days to Email:info@swosti.com M-09338091727 / 08594999396**


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## THE ODISHA MINING CORPORATION LIMITED

OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**No.24/OMC** **Date : 04.01.2019**

**ADVERTISEMENT FOR RECRUITMENT OF EXECUTIVES**

The OMC, a Gold Category and largest State PSU in Mining Sector in the country, undertakes exploration, mining and trading of Iron, Chrome and Bauxite Ores. Inspired by a vision to emerge as the market leader and play a catalytic role in the growth of industrialization, OMC caters to the requirements of mineral–based industries and metal production of 8.87 Millions Tons with an annual turnover of Rs.2853 crores during FY 2017-18.

The Corporation invites application from dynamic & competent Professionals in different disciplines as follows.

**VACANCY**

| Sl. No. | Post | No. of Post (s) | Revised Scale of Pay | Allowances & Perks |
|---|---|---|---|---|
| 1 | Dy. General Manager (Legal), E-5 grade | 1 (UR) | (Rs.78,800 to 2,09,200/-) (Level 14) | As admissible |
| 2 | Dy. General Manager (Fin.), E-5 grade | 1 (SC) | (Rs.78,800 to 2,09,200/-) (Level 14) | |
| 3 | Sr. Manager (Persnl.) (Public Relation Officer), E-4 grade | 1 (UR) | (Rs.67,700 to 2,08,700/-) (Level 13) | |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates/ Testimonials, experience certificate in support of their eligibility by **Speed Post / Courier** in a cover superscribed "APPLICATION FOR THE POST OF __________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 25.01.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

**Sd/-**
**Director (Personnel)**



ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣ ଦ୍ୱାରା କର୍ମଚାରୀମାନେ ଛଟେଇ ହେବେ ନାହିଁ।
– ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ



ଦେଶରେ କୋଇଲାର କୌଣସି ଅଭାବ ନ ଥିବା ବେଳେ କୋଲ୍ ଇଣ୍ଡିଆର ଉତ୍ପାଦନରେ ବୃଦ୍ଧି ଘଟିଛି।
– ପୀୟୂଷ ଗୋଏଲ, କେନ୍ଦ୍ର କୋଇଲା ମନ୍ତ୍ରୀ

## ସଂକ୍ଷେପରେ

### ୧ ଲକ୍ଷ ଟଙ୍କାରୁ କମ୍ ଠକେଇ କାର୍ଯ୍ୟାନୁଷ୍ଠାନ ପାଇଁ ଆର୍‌ବିଆଇ-ସରକାର ଏକାଠି

**ନୂଆଦିଲ୍ଲୀ,୪-୧:** ବ୍ୟାଙ୍କଗୁଡିକରେ ଆର୍ଥିକ ଠକେଇ ବଢୁଥିବାରୁ ଏହାକୁ ରୋକିବା ଲାଗି ଏବେ କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସହ ମିଳିମିଶି କାର୍ଯ୍ୟ କରୁଛନ୍ତି। ୧ ଲକ୍ଷ ଟଙ୍କାରୁ କମ୍ ଠକେଇ ମାମଲାକୁ ରୋକିବା ଲାଗି ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ପ୍ରସାଦ କହିଛନ୍ତି ଯେ, ସୋସିଆଲ ମିଡିଆ ୱେବସାଇଟ ସମେତ ସମସ୍ତ ଡାଟା ଚୋରିକୁ ରୋକିବା ଲାଗି ସରକାର ଆର୍ଥିକ ଡାଟା ସୁରକ୍ଷା ବିଲ୍ ଚିଠା ପ୍ରସ୍ତୁତ କରୁଛନ୍ତି। ସେ କହିଛନ୍ତି ଯେ, ସରକାର ବର୍ତ୍ତମାନ ଡେବିଟ୍ ଓ କ୍ରେଡିଟ କାର୍ଡ ମାଧ୍ୟମରେ ୧ ଲକ୍ଷ ଟଙ୍କାରୁ କମ୍ ପରିମାଣର ହେଉଥିବା ଠକେଇ ସମସ୍ୟା ଉପରେ ଦୃଷ୍ଟିନିବଦ୍ଧ କରିଛନ୍ତି। ସେ କହିଛନ୍ତି ଯେ, ଭାରତରେ ସୃଷ୍ଟି ହେଉଥିବା ଡାଟାକୁ କେହି ଚୋରାଇ ନେଇପାରିବେ ନାହିଁ। ଏଥିପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଥାଉ କି, ଆର୍‌ବିଆଇ ତଥ୍ୟ ଅନୁଯାୟୀ ୨୦୧୭-୧୮ରେ ଆର୍ଥିକ ଠକେଇ ପରିମାଣରେ ୭୨% ବୃଦ୍ଧି ପାଇ୪୧,୧୬୭.୭୦ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ବର୍ଷକ ପୂର୍ବେ ୨୩,୯୩୩ କୋଟି ଟଙ୍କା ଥିଲା।

### ଦୂରଗାମୀ ଟ୍ରେନରେ ଲାଗିବ ଅତ୍ୟାଧୁନିକ କୋଚ୍

**ନୂଆଦିଲ୍ଲୀ,୪-୧:** ଟ୍ରେନର ଦୂରଯାତ୍ରୀଙ୍କ ଲାଗି ଖୁସିଖବର। ଦୂରଗାମୀ ଟ୍ରେନରେ କେନ୍ଦ୍ର ସରକାର ପାରମ୍ପରିକ ବଦଳରେ ଅତ୍ୟାଧୁନିକ ଏଲ୍‌ଏଚ୍‌ବି ଡିଜାଇନର କୋଚ୍ ଲଗାଇବେ। ଏ ସଂକ୍ରାନ୍ତରେ ରେଳ ମନ୍ତ୍ରୀ ପୀୟୂଷ ଗୋଏଲ ଶୁକ୍ରବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ଅଧିକ ଟ୍ରେନ ପ୍ରଚଳନ ଲାଗି ଦେଇଥିବା ପ୍ରତିଶ୍ରୁତିକୁ ସରକାର ଲାଗୁ କରିବେ ବୋଲି ସେ କହିଛନ୍ତି। ପ୍ରଶ୍ନକାଳରେ ଏକ ଲିଖିତ ଉତ୍ତର ଦେଇ ସେ କହିଛନ୍ତି ଯେ, ସପ୍ତାହକ ପୂର୍ବେ ଗୁଆହାଟୀରେ ଏ ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଦୂରଗାମୀ ଟ୍ରେନରେ ନୂଆ ଏଲ୍‌ଏଚ୍‌ବି କୋଚ୍ ଲଗାଯିବା ନେଇ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ମାନବବିହୀନ ସମସ୍ତ ଲେଭଲ କ୍ରସିଂକୁ ବନ୍ଦ କରିଦିଆଯାଇଛି। ଏହାର ପରିଣାମସ୍ୱରୂପ ଦୁର୍ଘଟଣା ସଂଖ୍ୟା ଗତ ବର୍ଷ ୫୦ ଥିଲା ବେଳେ ଗତ ୯ ମାସ ମଧ୍ୟରେ ହ୍ରାସ ପାଇ ୩ରେ ପହଞ୍ଚିଛି ବୋଲି ସେ କହିଛନ୍ତି।

### କଲ୍‌ଡ୍ରପ୍ ପାଳନରେ ତ୍ରୁଟି ୫୮ ଲକ୍ଷ ଦଣ୍ଡ ଗଣିଛନ୍ତି ଟେଲିକମ କମ୍ପାନୀ

**ନୂଆଦିଲ୍ଲୀ,୪-୧:** କଲଡ୍ରପ ସମସ୍ୟା ଟେଲିକମ ଗ୍ରାହକଙ୍କ ପାଇଁ ମୁଣ୍ଡବ୍ୟଥା ହୋଇଛି। କେନ୍ଦ୍ର ସରକାର ଏହାର ସମାଧାନ ପାଇଁ ବିଭିନ୍ନ ନିୟମ ପ୍ରଣୟନ କରିଥିଲେ ସୁଦ୍ଧା ଟେଲିକମ୍ କମ୍ପାନୀଗୁଡିକ ଏହାକୁ ପାଳନ କରୁନାହାନ୍ତି। ଏହି କାରଣରୁ ରାଷ୍ଟ୍ରାୟତ୍ତ ବିଏସ୍‌ଏନ୍‌ଏଲ, ଆଇଡିଆ ସମେତ ପ୍ରାୟ ସମସ୍ତ ଟେଲିକମ ଅପରେଟରଙ୍କଠାରୁ ୫୮ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଟେଲିକମ୍ ମନ୍ତ୍ରୀ ମନୋଜ ସିହ୍ନା ଶୁକ୍ରବାର ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସେ କହିଛନ୍ତି ଯେ, କଲ୍‌ଡ୍ରପ୍ ନିୟମ ପାଳନ କରି ନ ଥିବାକୁ ନେଇ ଜୁନ୍, ୨୦୧୮ରେ ଶେଷ ହୋଇଥିବା ତ୍ରୈମାସ ସୁଦ୍ଧା ବିଏସ୍‌ଏନ୍‌ଏଲ୍‌ଠାରୁ ୪ ଲକ୍ଷ ଟଙ୍କା, ଆଇଡିଆରୁ ୧୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଟାଟା ଓ ଟେଲିନରଠାରୁ ମଧ୍ୟ ଏହା ଆଦାୟ କରାଯାଇଛି।

# ଶିକ୍ଷା କ୍ଷେତ୍ରରେ ବଢୁଛି ଏନ୍‌ପିଏ

**ନୂଆଦିଲ୍ଲୀ,୪-୧**

- ମୋଟ୍ ଶିକ୍ଷା ଋଣର ୯% ଏବେ ଏନ୍‌ପିଏ
- ୨୦୧୬ ମାର୍ଚ୍ଚ ସୁଦ୍ଧା ଏନ୍‌ପିଏ ଥିଲା ୭.୨୯%
- ନର୍ସିଂ ଶ୍ରେଣୀରେ ଏନ୍‌ପିଏ ସର୍ବାଧିକ
- ଏମ୍‌ଏସ୍‌ଏମ୍‌ଇଙ୍କୁ ୯.୦୬କୋଟି ଟଙ୍କା ଋଣ ଦିଆଯାଇଛି




ବଡ଼ ବଡ଼ କମ୍ପାନୀଙ୍କୁ ବ୍ୟବସାୟ ଲାଗି ଦିଆଯାଇଥିବା କୋଟି କୋଟି ଟଙ୍କା ଏବେ ଅନାଦାୟ ଋଣ(ଏନ୍‌ପିଏ)ରେ ପରିଣତ ହୋଇଛି। ତେବେ ଶିକ୍ଷା କ୍ଷେତ୍ରରେ ଦିଆଯାଇଥିବା ଋଣ ଏଥିରେ ପଛେଇ ଯାଇନି। ଏ କ୍ଷେତ୍ରରେ ଏବେ ଏନ୍‌ପିଏ ବଢୁଛି। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ (ଆଇବିଏ)ର ତଥ୍ୟରୁ ଜଣାପଡିଛି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ଦିଆଯାଇଥିବା ମୋଟ୍ ଶିକ୍ଷା ଋଣର ୯% ଏବେ ଏନ୍‌ପିଏ ହେଲାଣି।

ଆଇବିଏ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ, ୨୦୧୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶିକ୍ଷା କ୍ଷେତ୍ରରେ ଏନ୍‌ପିଏ ୭.୨୯ ପ୍ରତିଶତ ଥିବା ବେଳେ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ଏହା ୮.୯୭ ପ୍ରତିଶତକୁ ବୃଦ୍ଧି ପାଇଛି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଲା ଶୁକ୍ରବାର ଲୋକ ସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ ସବୁଠାରୁ ଅଧିକ ଏନ୍‌ପିଏ ନର୍ସିଂ ଶ୍ରେଣୀରେ ଆସିଛି। ଏଠାରେ ଏନ୍‌ପିଏ ପରିମାଣ ସର୍ବାଧିକ ୨୧.୨୮%। ଏହା ପଛକୁ ଇଞ୍ଜିନିୟରିଂ(୯.୭୬%), ଅନ୍ୟାନ୍ୟ ପେସା(୯.୪୯ ପ୍ରତିଶତ), ମେଡିକାଲ ପେସା(୬.୦୬%) ଏବଂ ଏମ୍‌ବିଏ(୫.୫୯%) ରହିଛି। ସେ କହିଛନ୍ତି ଯେ, ୨୦୧୫, ମାର୍ଚ୍ଚ୩୧ ତାରିଖ ସୁଦ୍ଧା ଶିକ୍ଷା କ୍ଷେତ୍ରରେ ଅନାଦାୟ ଋଣ ପରିମାଣ ୫.୭ ପ୍ରତିଶତ ଥିଲା। ଆଇବିଏ ତଥ୍ୟକୁ ଉଦ୍ଧାର କରି ସେ କହିଛନ୍ତି ଯେ, ୨୦୧୭-୧୮ରେ ୧୩,୭୬୬.୮୨ କୋଟି ଟଙ୍କାର ଶିକ୍ଷା ଋଣ ବ୍ୟାଙ୍କଗୁଡିକ ଫେରସ୍ତ ପାଇଛନ୍ତି, ଯାହାକି ୨୦୧୬-୧୭ରେ ୧୧,୫୪୮.୮୭କୋଟି ଟଙ୍କା, ୨୦୧୫-୧୬ରେ ୯,୧୨୪.୯୫ କୋଟି ଟଙ୍କା ଏବଂ ୨୦୧୪-୧୫ରେ ଏହା ୮,୫୩୭ କୋଟି ଟଙ୍କା ଥିଲା। ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ଏମ୍‌ଏସ୍‌ଏମ୍‌ଇଙ୍କୁ ୨୦୧୭-୧୮ରେ ୯.୦୬ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ୨୦୧୬-୧୭ରେ ଏହା ୭.୮୯ କୋଟି ଟଙ୍କା, ୨୦୧୫-୧୬ରେ ୮.୭୭ କୋଟି ଟଙ୍କା ଏବଂ ୨୦୧୪-୧୫ରେ ଏହା ୭.୭୬ କୋଟି ଟଙ୍କା ଥିଲା। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ନଗଦ ସଙ୍କଟ ଦୂରୀକରଣ ପାଇଁ ଉଭୟ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ମିଳିମିଶି କାମ କରୁଛନ୍ତି।

## ଏସ୍‌ପ୍ଲାନେଡ୍ ୱାନରେ ବିଗେଷ୍ଟ ସେଲ୍ ୫ରୁ

**ଭୁବନେଶ୍ୱର,୪-୧**

ESPLANADE

ପ୍ରମୁଖ ତଥା ଫ୍ୟାଶନେବଲ ସପିଂ ଡେଷ୍ଟିନେଶନ ଏସ୍‌ପ୍ଲାନେଡ ୱାନରେ ଚଳିତ ମାସ ୫ ଏବଂ ୬ ତାରିଖ ଦୁଇ ଦିନ ବ୍ୟାପୀ ବିଗେଷ୍ଟ ସେଲ୍ ଅନୁଷ୍ଠିତ ହେବ। ଏହି ସମୟରେ ୫୦ରୁ ଉର୍ଦ୍ଧ୍ୱ ଲୋକପ୍ରିୟ ବ୍ରାଣ୍ଡ ଉପରେ ଗ୍ରାହକ ଫ୍ଲାଟ ୫୦% ରିହାତି ପାଇ ପାରିବେ ବୋଲି ଏସ୍‌ପ୍ଲାନେଡ ପକ୍ଷରୁ ସୂଚନା ରହିଛି। 'ଅସଲି ହାପିନେସ ୱାଲା ସେଲ୍'ରେ ଗ୍ରାହକଙ୍କ ଲାଗି ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ରହିଛି। ଗ୍ରାହକମାନେ ଏହି ମଲ୍‌ରେ ୧୦୦ରୁ ଉର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ ଲାଭ କରିବାକୁ ସକ୍ଷମ ହେବେ। ସେହିଭଳି ଫୁଡ, ଫ୍ୟାଶନ ଏବଂ ମନୋରଞ୍ଜନକୁ ଏଠାରେ ଧ୍ୟାନରେ ରଖାଯାଇଛି। ଲୋକଙ୍କ ବିଭିନ୍ନ ରିଟେଲ ଆବଶ୍ୟକତାକୁ ପୂରଣ କରିବା ଦିଗରେ ସର୍ବଦା ପ୍ରଚେଷ୍ଟା ଜାରି ରହିଥିବା ଏସ୍‌ପ୍ଲାନେଡ୍ ୱାନ ମଲର ସେଣ୍ଟର ମୁଖ୍ୟ ପାର୍ଥ ପ୍ରତୀମ ନାୟକ ସୂଚନା ଦେଇଛନ୍ତି। ମଲରେ ଚଳିତ ମାସ ଶେଷ ପର୍ଯ୍ୟନ୍ତ ୨,୫୦୦ ଟଙ୍କାର କ୍ରୟ ଉପରେ ଗ୍ରାହକମାନେ ଲକି ଡ୍ରରେ ଭାଗ ନେଇପାରିବେ ବୋଲି ସୂଚନା ରହିଛି। ଭାଗ୍ୟଶାଳୀ ବିଜେତାଙ୍କୁ ୪୦ ଇଞ୍ଚର ଟିଭି ଏବଂ ଅନ୍ୟାନ୍ୟ ହୋମ ଆପ୍ଲାଏନ୍ସ ମିଳିପାରିବ।

## ଚୋକ୍‌ସୀଙ୍କ ଥାଇଲାଣ୍ଡ କାରଖାନା ଜବତ କଲା ଇଡି

**ନୂଆଦିଲ୍ଲୀ,୪-୧**



ପିଏନ୍‌ବି ମହାଦୁର୍ନୀତି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀଙ୍କ କମ୍ପାନୀ ଗୀତାଞ୍ଜଳି ଜେମ୍ସ ଗ୍ରୁପ୍‌ର ଥାଇଲାଣ୍ଡସ୍ଥିତ ୧୩ କୋଟି ଟଙ୍କା ମୂଲ୍ୟର ଏକ କାରଖାନାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଛି। ଏ ସମ୍ପର୍କରେ ଆର୍ଥିକ ଯାଞ୍ଚ ଏଜେନ୍ସି ପକ୍ଷରୁ ଶୁକ୍ରବାର ସୂଚନା ପ୍ରଦାନ କରାଯାଇଛି।

ଇଡିପକ୍ଷରୁ କୁହାଯାଇଛି ଯେ, ଏହା ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ଆବେକ୍ରେଷ୍ଟ(ଥାଇଲାଣ୍ଡ) ଲିମିଟେଡର ମାଲିକାନାରେ ଥିବା କାରଖାନାକୁ ଜବତ କରିଥିବା ନେଇ ଏକ ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି କରିଛି। ଏହା ଗୀତାଞ୍ଜଳି ଜେମ୍ସ ଗ୍ରୁପ୍‌ର ଏକ କମ୍ପାନୀ ବୋଲି ଜଣାପଡିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଦ୍ୱାରା ଜାରି ଜାଲ୍ ଏଲ୍‌ଓୟୁ ମାଧ୍ୟମରେ ଆବେକ୍ରେଷ୍ଟ ଲିମିଟେଡ ୯୨.୩ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଗ୍ୟାରେଣ୍ଟି ହାସଲ କରିଥିଲା ବୋଲି ତଦନ୍ତରୁ ଜଣାପଡିଛି। ବିଦେଶରେ ଥିବା ଗ୍ରୁପ୍ କମ୍ପାନୀର ସମ୍ପତ୍ତି ସମ୍ପର୍କରେ ଖୋଳତାଡ ପରେ ଦୃଢ଼ ପ୍ରମାଣ ଭିତ୍ତିରେ ଏହାକୁ ଜବତ କରାଯାଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି। ଏହି ସମ୍ପତ୍ତିର ମୂଲ୍ୟ ୧୩.୧୪ କୋଟି ଟଙ୍କା ହେବ ବୋଲି ଜଣାପଡିଛି। ଏହି ଜବତକୁ ଆଇନଗତ ଭାବେ ଦର୍ଶାଇବା ଲାଗି ଇଡି ପକ୍ଷରୁ ଖୁବଶୀଘ୍ର ଥାଇଲାଣ୍ଡ ସରକାରଙ୍କ ନିକଟରେ ଲେଟର୍ସ ରୋଗେଟୋରିଜ ଜାରି କରାଯିବ। ଏହାଦ୍ୱାରା ନ୍ୟାୟିକ କାର୍ଯ୍ୟଧାରା ସମ୍ଭବ ହୋଇପାରିବ। ଏହି ଜବତ ପରେ ପିଏନ୍‌ବି ମାମଲାରେ ମୋଟ୍ ସମ୍ପତ୍ତି ଜବତ/ବାଜ୍ୟାପ୍ତ ପରିମାଣ ୪,୭୬୫ କୋଟି ଟଙ୍କା ବୋଲି ଇଡି ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଜାନୁୟାରୀ ୧୫ରୁ କୁମ୍ଭମେଳା



**ଭୁବନେଶ୍ୱର,୪-୧**

ଚଳିତ ମାସ ୧୫ରୁ ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ କୁମ୍ଭ ମେଳା ଶୁଭାରମ୍ଭ ହେବ। ୟୁନେସ୍କୋ ପକ୍ଷରୁ ଏହି ମେଳାକୁ ବିଶ୍ୱ ଐତିହ୍ୟ ମାନ୍ୟତା ମିଳିଥିବା ବେଳେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଏଥି ଲାଗି ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଏ ସମ୍ପର୍କରେ ଉତ୍ତର ପ୍ରଦେଶର କ୍ରୀଡା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ଚେତନ ଚୌହାନ ଭୁବନେଶ୍ୱରଠାରେ ଆୟୋଜିତ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଚୌହାନ ଓଡ଼ିଶା ଗସ୍ତରେ ଆସିବା ସହ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ବିଶିଷ୍ଟ ଧର୍ମଗୁରୁଙ୍କୁ ମେଳା ପାଇଁ ନିମନ୍ତ୍ରଣ କରିଛନ୍ତି। କୁମ୍ଭ ମେଳାରେ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ଲାଗି ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଚୌହାନ କହିଛନ୍ତି। ଏହି ମେଳାଲାଗି ମୋଟ ୪୩୦୦ କୋଟି ଟଙ୍କାର ବଜେଟ ଧାର୍ଯ୍ୟ ହୋଇଛି। ମେଳାରେ ୭ରୁ ୧୦ କୋଟି ଲୋକଙ୍କ ସମାଗମ ହେବ ବୋଲି ସେ ସୂଚନା ଦେଇଛନ୍ତି। ସେହିଭଳି ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧା ସହ ଅନ୍ୟାନ୍ୟ ପ୍ରସଙ୍ଗକୁ ଧ୍ୟାନରେ ରଖାଯାଇଥିବା ସେ କହିଛନ୍ତି। ଉକ୍ତ ମେଳା ମାର୍ଚ୍ଚ ମାସ ଯାଏ ଚାଲିବ। ଖବରଦାତା କାର୍ଯ୍ୟକ୍ରମରେ ଫିକି ଓଡ଼ିଶା ପରିଷଦର ମୁଖ୍ୟ ହିମାଂଶୁ ଶେଖର ସାହୁ ଉପସ୍ଥିତ ଥିଲେ।

## ହେମନ୍ତ ଭାର୍ଗବଙ୍କୁ ଏଲ୍‌ଆଇସି ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୪-୧**


ହେମନ୍ତ ଭାର୍ଗବ

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ କାର୍ଯ୍ୟରତ ହେମନ୍ତ ଭାର୍ଗବଙ୍କୁ କମ୍ପାନୀର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଭାର ମିଳିଛି। ଏଲ୍‌ଆଇସି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ଭି.କେ. ଶର୍ମା ଡିସେମ୍ବର ୩୧ରେ ଅବସର ଗ୍ରହଣ କରିବା ପରେ ଭାର୍ଗବଙ୍କୁ ଏହି କାର୍ଯ୍ୟଭାର ମିଳିଛି। ଫେବୃୟାରୀ ୨୦୧୭ରେ ଭାର୍ଗବ ଏଲ୍‌ଆଇସି ଇଣ୍ଡିଆର ଏମ୍‌ଡି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କମ୍ପାନୀରେ ସ୍ୱତନ୍ତ୍ର ମାଇକ୍ରୋ ଇନସ୍ୟୁରାନ୍ସ ଭର୍ଟିକାଲ ଡିଜାଇନ ତଥା ସ୍ଥାପନା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିଭଳି ଏଲ୍‌ଆଇସି କାର୍ଡ ଆଣିବାରେ ସେ କାର୍ଯ୍ୟ କରିଛନ୍ତି। ୧୧ ଦେଶରେ ଏଲ୍‌ଆଇସିର ପରିଚାଳନା ଲାଗି ଏସ୍‌ବିୟୁ-ଇଣ୍ଟରନ୍ୟାଶନାଲ ଅପରେଶନ ଭଳି ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟରେ ସେ ଯୋଗଦାନ ରଖିଛନ୍ତି। ସେ ପୂର୍ବ, ଉତ୍ତର ଜୋନ କାର୍ଯ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି।

## ୫ ବର୍ଷରେ ଦେଶ ଛାଡ଼ିଛନ୍ତି ୨୭ ଆର୍ଥିକ ଅପରାଧୀ

**ନୂଆଦିଲ୍ଲୀ,୪-୧**

ବିଗତ ୫ ବର୍ଷ ମଧ୍ୟରେ ୨୭ ଜଣ ଋଣଖିଲାପୀ ବ୍ୟବସାୟୀ ଆର୍ଥିକ ଅପରାଧ ଘଟାଇ ବିଦେଶ ପଳାଇଛନ୍ତି ବୋଲି କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ସୂଚନା ଦେଇଛନ୍ତି। ଲୋକ ସଭାରେ ଆଗତ ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଲା କହିଛନ୍ତି ଯେ, ପଳାଇଥିବା ୨୭ ଅପରାଧୀଙ୍କ ମଧ୍ୟରୁ ୨୦ଜଣଙ୍କ ବିରୋଧରେ ରେଡକର୍ନର ନୋଟିସ ଜାରି କରିବାକୁ ଇଣ୍ଟରପୋଲକୁ ଅନୁରୋଧ କରାଯାଇଛି। ଭାରତର ଅନୁରୋଧ ରକ୍ଷା କରି ଇଣ୍ଟରପୋଲ ଇତିମଧ୍ୟରେ ୮ଜଣଙ୍କ ବିରୋଧରେ ଉକ୍ତ ନୋଟିସ ଜାରି କରିସାରିଛି। ସେହିପରି ୬ ଜଣଙ୍କୁ ପ୍ରତ୍ୟର୍ପଣ ଲାଗି ସରକାରଙ୍କ ପକ୍ଷରୁ ଅନୁରୋଧ ପଠାଯାଇଛି ବୋଲି ସେ କହିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ପଳାତକ ଆର୍ଥିକ ଅପରାଧୀ ଆଇନ ଅଧୀନରେ ୭ ଜଣଙ୍କ ବିରୋଧରେ ମାମଲା ଦାଏର କରାଯାଇଛି। ଲଣ୍ଡନର ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ କୋର୍ଟ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ବ୍ରିଟେନରୁ ଭାରତକୁ ପ୍ରତ୍ୟର୍ପଣ ପାଇଁ ନିର୍ଦ୍ଦେଶ ଦେଇ ସାରିଛନ୍ତି ବୋଲି ଶୁକ୍ଲା ଏହି ଅବସରରେ ସୂଚନା ଦେଇଛନ୍ତି।

## ଏନ୍‌ଆଇଏନ୍‌ଏଲ୍‌ରେ ବିଲେଟ୍ ଉତ୍ପାଦନ ଆରମ୍ଭ

**ଭୁବନେଶ୍ୱର,୪-୧**

ରାଷ୍ଟ୍ରାୟତ୍ତ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍) ଏହାର ଷ୍ଟିଲ ମେଲ୍ଟିଂ ଶପ୍‌କୁ କାର୍ଯ୍ୟକ୍ଷମ କରାଇବା ସହ ବିଲେଟ୍ ଉତ୍ପାଦନ ଆରମ୍ଭ କରିଛି। ଓୟାର ଏବଂ ବିଲେଟ୍ ରଡ୍ ଶୀଘ୍ର ଉତ୍ପାଦନ କରିବାକୁ କମ୍ପାନୀ ଯୋଜନା ରଖିଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା କୋଇଡାରେ ଥିବା ନିଜସ୍ୱ ଲୁହା ପଥର ଖଣିକୁ କାର୍ଯ୍ୟକ୍ଷମ କରାଇବାକୁ ଏହା ଲକ୍ଷ୍ୟ ରଖିଛି। ଏହି ଉପଲକ୍ଷେ କମ୍ପାନୀର ସମସ୍ତ କର୍ମଚାରୀଙ୍କ ଏନ୍‌ଆଇଏନ୍‌ଏଲ୍ ଅଧ୍ୟକ୍ଷ ଶଶିଶେଖର ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି। ଏନ୍‌ଆଇଏନ୍‌ଏଲ୍‌କୁ ଦେଶର ଏକ ବିଶିଷ୍ଟ ତଥା ଉନ୍ନତ ଷ୍ଟିଲ୍ ପ୍ଲାଣ୍ଟରେ ପରିଣତ କରିବାକୁ ସେ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଛନ୍ତି।


ଭାରତୀୟ ବିମାନବନ୍ଦର ପ୍ରାଧିକରଣ
AIRPORTS AUTHORITY OF INDIA
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**
ଟେଣ୍ଡର ଆଇଡି ୨୦୧୯_ଏଏଆଇ_୨୦୨୨୫_୧
ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଏହାର ଅଧ୍ୟକ୍ଷ ଏଏଆଇଙ୍କ ତରଫରୁ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (ଇ-ସି), ଏଏଆଇ, ଭୁବନେଶ୍ୱରଙ୍କ ଦ୍ୱାରା "ବି.ପି.ଆଇ. ବିମାନବନ୍ଦର, ଭୁବନେଶ୍ୱରର ଟି୧, ଟି୨ ଏବଂ ତତ୍‌ସଂଲଗ୍ନ ଅଞ୍ଚଳଗୁଡ଼ିକର ବିଶେଷ ମରାମତି କାର୍ଯ୍ୟ" ପାଇଁ ଇ-ଟେଣ୍ଡରିଂ ପୋର୍ଟାଲ ମାଧ୍ୟମରେ ସାମଗ୍ରୀ ମୂଲ୍ୟ ଟେଣ୍ଡର ଆହ୍ୱାନ କରୁଛି। ଅଟକଳ ମୂଲ୍ୟ: ଟ.୧,୩୭,୭୦,୦୦୦.୦୦ (ଏକୋଟି ସଇଁତିରିଶ ଲକ୍ଷ ସତୁରି ହଜାର ଟଙ୍କା ମାତ୍ର) (ଜିଏସ୍‌ଟିକୁ ଛାଡ଼ି), ସମାପ୍ତି ଅବଧି ୦୬ (ଛଅ) ମାସ ମୌସୁମୀ (ଦୁଇମାସ)କୁ ଛାଡ଼ି।
ବିଡ୍ କାଗଜପତ୍ର ଦାଖଲର ଶେଷ ତାରିଖ ଓ ସମୟ ହେଉଛି ତା୧୧।୦୧।୨୦୧୯ରିଖ ୧୮.୦୦ ଘଟିକା ପର୍ଯ୍ୟନ୍ତ।
ସବିସ୍ତୃତ ସୂଚନା ପାଇଁ ସିପିପି ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟାଲ୍ https://etenders.gov.in/eprocure/app କିମ୍ବା www.aai.aeroରେ ଲଗ୍ ଅନ୍ କରନ୍ତୁ।
ଅଧିକ ସ୍ପଷ୍ଟୀକରଣ /ଶୁଦ୍ଧିପତ୍ର, ଯଦି ଥାଏ, ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟାଲ୍ https://etenders.gov.in/eprocure/app ମାଧ୍ୟମରେ ଅଧିସୂଚିତ କରାଯିବ।



GOVERNMENT OF ODISHA
**OFFICE OF THE EXECUTIVE ENGINEER RWS&S DIVISION, RAYAGADA**
Email ID: eerwss_rgd@nic.in, Mobile No: 8280408061
e-procurement Notice for PWS Works
No. 1311-O:- Identification No Online Tender/15/RWSS/RGD/2018-19

1) Name of the Works:
1. Supplying & Laying of rising main and distribution system pipe line of UPVC/DI/GI, construction of Compound wall RCC OGR/ESR, SV/NRV Chamber, Air Valve Pillar stand post etc for different PWS projects in Rayagada District.
2) Total Number of Works : 4 Nos. (Detailed list available in the website)
3) Estimated cost : Rs. 48.38 to 89.86 Lakh
4) Class of Contractor : B & A
5) Period ofcompletin : 06/09 months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division Rayagada | Online Tender/ 15/ RWSS/ RGD/2018-19 | 08.01.2019 at 10.00 AM | 22.01.2019 upto 5.00 PM |

NB- Further details can be seen from the website www.tendersodisha.gov.in.
25007/11/0023/1819 Sd./- Executive Engineer, RWS&S Division, Rayagada



GOVERNMENT OF ODISHA
**OFFICE OF THE SUPERINTENDING ENGINEER, SOUTHERN CIRCLE, RURAL WORKS, SUNABEDA**
No.1313-O:- e-mail – serwsbd2003@yahoo.com
NATIONAL COMPETITIVE BIDDING THROUGH e-Procurement
No: ____________/ Dt:__ __ ____________/

| | | | |
|---|---|---|---|
| 1 | Name of the work | : | Construction / upgradation of roads under PMGSY & their maintenance for 5 years under PMGSY. |
| 2 | Total No of Packages | : | 18 Nos (Percentage Rate Tender). |
| 3 | Estimated Cost | : | Various from Rs.475.82 Lakhs to Rs.3217.77 Lakhs. |
| 4 | Class of Contractor | : | "A" Class, Special Class and Super Class (as per annexure). |
| 5 | Period of Completion | : | Three to Six Calendar months |
| 6 | Cost of Tender paper | : | Rs.10,000.00 per set (Non refundable) only in shape of DD in favour of OSRRA payable at Bhubaneswar. |
| 7 | EMD required | : | 2% of estimated cost of the package duly pledged in favour of Executive Engineer of the concerned Rural Works Division. |
| 8 | Original Bid Cost, EMD, Affidavit regarding correctness of documents, along with other relevant documents submission on or before 01.02.2019 up to 5.00 PM | | |
| 9 | Period of availability of tenders on-line / Date & time of bidding on-line / last date of seeking clarification / Date of opening of tender papers. | : | The details are as follows. |

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD - Online - 18/2018-19 | 07.01.2019 at 11.00 A.M. | 29.01.2019 up to 5.00 P.M. | 28.01.2019 up to 2.00 P.M. | 30.01.2019 at 11.00 A.M. | Will be intimated separately |

1. Further details can be seen from the e-procurement portal http://pmgsytenders.gov.in
2. Any Corrigendum/Addendum will be displayed in the above e-tender web site.

Superintending Engineer, Southern Circle RW: Sunabeda
25045/11/0023/1819



ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ
AIRPORTS AUTHORITY OF INDIA
**ଇ-ଟେଣ୍ଡର ନୋଟିସ୍**
ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କ ତରଫରୁ ଏୟାରପୋର୍ଟ ନିର୍ଦ୍ଦେଶକ "ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ, ଭୁବନେଶ୍ୱରରେ SITC ଅଫ୍ ଅପ୍‌ଟିକାଲ ଫାଇବର କମ୍ୟୁନିକେସନ ନେଟୱାର୍କ" ପାଇଁ ଇ-ଟେଣ୍ଡର ଆମନ୍ତ୍ରିତ କରୁଛନ୍ତି। ଆକଳନ ଖର୍ଚ୍ଚ : ଟ.1,44,67,465.00 (ଟିକସ/ଜିଏସ୍‌ଟିକୁ ବାଦ ଦେଇ)। ଟେଣ୍ଡର ଆଇଡି ନଂ.2019_AAI_20336 । ସିପିପି ପୋର୍ଟାଲରେ ଟେଣ୍ଡର ଦାଖଲର ଅନ୍ତିମ ତାରିଖ ତା.11.01.2019 ରିଖ ସମୟ ସନ୍ଧ୍ୟା 18.00 ଘଟିକା ପର୍ଯ୍ୟନ୍ତ।
ଅଧିକ ବିବରଣୀ ନିମନ୍ତେ ଲଗ୍ ଅନ୍ କରନ୍ତୁ www.aai.aero କିମ୍ବା https://etenders.gov.in/eprocure/app ରେ। ଏ ସମ୍ବନ୍ଧରେ ଅଧିକ ସ୍ପଷ୍ଟୀକରଣ/ଭ୍ରମ ସଂଶୋଧନ, ଯଦି କିଛି ଥାଏ, କେବଳ https://etenders.gov.in/eprocure/app ରେ ଅପଲୋଡ୍ କରାଯିବ।



**ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ**
ପତ୍ର ନଂ: ୭୫ ତା୧୪।୦୧।୨୦୧୯
**ବିଜ୍ଞାପନ**
ଏତଦ୍ୱାରା ପୌରପାଳିକା ତରଫରୁ ଆବଣ୍ଟନ କରାଯାଇଥିବା ଦୈନିକ ବଜାର ପିଣ୍ଡି ଓ ଦୋକାନ ଘରଗୁଡ଼ିକର ଲାଇସେନ୍ସଧାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ତା୩୧।୧୨।୨୦୧୮ରିଖ ସୁଦ୍ଧା ଦୀର୍ଘଦିନ ଧରି ଥିବା ବକେୟା ଲାଇସେନ୍ସ ଫି ଆସନ୍ତା ତା୨୦।୦୧।୨୦୧୯ରିଖ ସୁଦ୍ଧା ପୌର କାର୍ଯ୍ୟାଳୟରେ ପଇଠ କରିବା ସହିତ ଚୁକ୍ତିନାମା ନବୀକରଣ କରାଇ ନିଅନ୍ତୁ। ନଚେତ୍ ପୌର ଆଇନ ଅନୁଯାୟୀ ସେମାନଙ୍କ ନାମରେ ଥିବା ଦୋକାନ ଘର ଓ ପିଣ୍ଡିଗୁଡ଼ିକର ଲାଇସେନ୍ସ ରଦ୍ଦ କରିଦିଆଯିବ। ଏହା ଉପରେ କୌଣସି ପୁନଃବିଚାର କରାଯିବ ନାହିଁ।
ନିର୍ବାହୀ ଅଧିକାରୀ, ପୌରପାଳିକା, ଅନୁଗୋଳ



**OFFICE OF THE EXECUTIVE ENGINEER RURAL WATER SUPPLY AND SANITATION DIVISION, CUTTACK**
MAHANADIBIHAR, CUTTACK-753004
Telephone: 0671-2441619, e-mail: eerwss_ctc1@nic.in
Govt. of Odisha e-procurement Notice
Bid Identification No. rwssctc-19/2018-19
No.1306-O:- The Executive Engineer, RWS&S Division, Cuttack on behalf of Governor of Odisha invites lumpsum bid through e-procurement in Double cover system according to norm of e-procurement.

| | | | |
|---|---|---|---|
| 1. | Nature of work | : | Rural Piped Water Supply Schemes |
| 2. | No. of tenders | : | 4 Nos. |
| 3. | Tender Paper Cost | : | Rs. 10,000/- |
| 4. | Value of Work | : | Rs. 57.25 lakhs to Rs. 69.97 Lakhs |
| 5. | Class of Contractor | : | "B" & "A" Class |
| 6. | Date and time of availability of bid document in portal | : | 11 hour of 10.01.2019 to 24.01.2019 upto 17 hours. |
| 7. | Date & time of seeking tender clarification | : | 21.01.2019 upto 17 hours |
| 8. | Date & time of opening of tender | : | 25.01.2019 at 11.30 hours in the offie of the Executive Engineer, RWS&S Division, Cuttack. |
| 9. | Time of completion | : | 180 days |
| 10. | The bidders have to participate in online bidding only. Further details can be seen from the website https://www.tendersorissa.gov.in. | | |

Sd./- Executive Engineer RWSS Division, Cuttack
25022/11/0048/1819



**NOTICE**
1. Ford Fiesta Regd. No.-OR 02AM 6066 Owner Sri Permachand Choudhury, Plot No.-1362, Old Station Bazaar, Budheswari Colony, Bhubaneswar.
2. Ford Ikon Regd. No.-KA 04 MA 1867 owner Sri Ambika Pj Mohapatra, Aditya Palace, 1F, Nayapalli, Bhubaneswar.
3. Ford Figo Regd. No.-OR 02BM 6900 Owner Sri Salil Samant Jena, Plot No.-HIG 298. K-5, Kaling Vihar, Patrapara Bhubaneswar and vehicle given for repair by Sri Nirmal Behera, Owner of Simex Builder, Plot No.-445, Sahid Nagar, Bhubaneswar.

Your are hereby informed that your vehicle as above is lying in our premises from Dt.04.11.2013, Dt. 27.10.2011 and 29.07.2016 respectively. Inspite of our repeated telephonic intimation and series of Regd. letters in the address mentioned above but there is no response. Should you fail to take delivery of the vehicle against payment of repair, parking and other charges within seven days here of, we shall be constrained to dispose of the salvage on as is where is basis and adjust the proceeds there of towards our charges. Your immediate response is solicited to avoid any litigation in future and you shall have no right to claim any compensation of the salvage whatsoever in future.

Management
Capital Ford (A Unit of Gargson Properties Pvt Ltd.)



**OFFICE OF THE EXECUTIVE ENGINEER RURAL WORKS DIVISION-II, GANJAM, BERHAMPUR**
Phone-0680-2404096, E-Mail: eerwgmt@yahoo.co.in
Government of Odisha e-Procurement Notice
Bid Identification No. Online Tender/08/EERWD-II/2018-19
No.1298-O- No.12528 / RWD-IIGB, Date 28.12.2018

| | | | |
|---|---|---|---|
| 1 | Name of the work | : | Road & Building Works |
| 2 | Estimated cost | : | Rs.10.00 lakhs to Rs.50.00 lakhs |
| 3 | Period of Completion | : | 3 (Three) to 6 (Six) Calendar Months as per Annexure |
| 4 | Date & Time of availability of Bid documents in the Portal | : | From 10.01.2019 at 10.00 AM to 19.01.2019 upto 3.00 PM |
| 5 | Last Date/ Time for receipt of Bids in the Portal | : | 19.01.2019 upto 3.00 PM |
| 6 | Name and address of the Officer Inviting Bid | : | Executive Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website https://tenders.ori.nic.in/nicgep/app.
Executive Engineer R.W Division-II, Ganjam Berhampur
25073/11/0011/1819

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୫ ଜାନୁୟାରୀ, ୨୦୧୯





ଭାରତୀୟ ହକି ଦଳର ସଫଳତା କେବଳ ଯୁବ ଖେଳାଳିଙ୍କୁ ନେଇ ନୁହେଁ, ଅଭିଜ୍ଞ ଖେଳାଳିଙ୍କ ଆବଶ୍ୟକତା ରହିଛି।
– ପି.ଆର. ଶ୍ରୀଜେଶ୍, ଭାରତୀୟ ହକି ଗୋଲକିପର



ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ପ୍ରଥମ ଦିବସ ଖେଳରେ ଅଧିନାୟକ ଟିମ୍ ପେନ୍ ଏବଂ ତାଙ୍କ ସିମ୍ ବୋଲରମାନଙ୍କ କୌଶଳ ମନରେ କିଛିଟା ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା।
– ଡେଭିଡ ସାକେର୍, ଅଷ୍ଟ୍ରେଲିଆ ବୋଲିଂ କୋଚ୍

## ସଂକ୍ଷେପରେ

### ଭୁବନେଶ୍ୱର ଓପନ ଚେସ୍ ୧୨ରୁ

ଭୁବନେଶ୍ୱର, ୪।୧(କ୍ରୀଡ଼ା ପ୍ରତିନିଧି): ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ-୨ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ଠାରେ ଆସନ୍ତା ୧୨ ତାରିଖରୁ ୩୨ତମ ଭୁବନେଶ୍ୱର ଓପନ୍ ଚେସ୍ ଚାମ୍ପିୟନଶିପ୍ ଆରମ୍ଭ ହେବ। ଭୁବନେଶ୍ୱର ଚେସ୍ ଆସୋସିଏଶନ ତା'ର ୩୨ତମ ପ୍ରତିଷ୍ଠା ଦିବସରେ ଏହି ପ୍ରତିଯୋଗିତା ଦୁଇ ଦିନଧରି ଆୟୋଜନ କରିବ। ପ୍ରତିଯୋଗିତାରେ ମୋଟ ୫୨ଟି ପୁରସ୍କାର ରଖାଯାଇଛି। ୭, ୯, ୧୧, ୧୩ ବର୍ଷରୁ କମ୍ ଓ ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ପ୍ରତିଯୋଗିତା ଆୟୋଜନ ହେବ।

### ବୋପାନ୍ନା-ଶରନ ଫାଇନାଲରେ

ପୁଣେ, ୪।୧ (ପି.ଟି.)-ଭାରତର ରୋହନ ବୋପାନ୍ନା ଓ ଡିଭିଜ ଶରନ ମହାରାଷ୍ଟ୍ର ଟାଟା ଓପନ ଟେନିସ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକ ଡବଲ୍ସ ସେମିଫାଇନାଲରେ ଟପ୍ ସିଡ୍ ଭାରତୀୟ ଯୋଡ଼ି ୬-୩, ୩-୬, ୧୫-୧୩ ସେଟ୍‌ରେ ଇଟାଲିଆନ୍-କ୍ରୋଏସିଆନ ଯୋଡ଼ି ସିମନ ବୋଲେଲି ଓ ଇଭାନ ଡୋଗିଗ୍‌ଙ୍କୁ ପରାସ୍ତ କରିଛନ୍ତି। ସୁପର ଟାଇ ବ୍ରେକ୍‌ରେ ଦୁଇ ମ୍ୟାଚ ପଏଣ୍ଟ ସେଭ୍ କରିବା ପରେ ଭାରତୀୟ ଯୋଡ଼ି ଏହି ମ୍ୟାଚକୁ ୧ ଘଣ୍ଟା ୩୩ ମିନିଟ୍‌ରେ ଜିତିନେଇଥିଲେ। ଗୁରୁବାର ଏହି ଯୋଡ଼ି ଲିଆଣ୍ଡର ପେସ୍ ଓ ମିଗୁଏଲ ଆଞ୍ଜେଲ ରେସ୍ ଭାରେଲାଙ୍କ ବିପକ୍ଷ ମ୍ୟାଚ ଜିତିବା ପୂର୍ବରୁ ୬ ମ୍ୟାଚ ପଏଣ୍ଟ ସେଭ୍ କରିଥିଲେ। ବୋପାନ୍ନା-ଶରନ ଯୋଡ଼ି ବର୍ତ୍ତମାନ ଫାଇନାଲରେ ବ୍ରିଟିଶ ଯୋଡ଼ି ଲ୍ୟୁକ୍ ବାମ୍ବ୍ରିଜ୍ ଓ ଜନି ଓ' ମାରାଙ୍କୁ ଭେଟିବେ।

### ଦକ୍ଷିଣ ଆଫ୍ରିକା ସ୍ଥିତି ସୁଦୃଢ

କେପ୍‌ଟାଉନ୍, ୪।୧ (ଏଏଫ୍‌ପି)- ଫାଫ୍ ଡୁ'ପ୍ଲେସି (୧୦୩)ଓ ଟେମ୍ବା ବାଭୁମା(୭୫)ଙ୍କ ମଧ୍ୟରେ ଏକ ଶତକୀୟ ଭାଗୀଦାରି ଯୋଗୁ ନ୍ୟୁଲାଣ୍ଡ୍‌ସଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ଅଗ୍ରଣୀ ସହ ନିଜ ସ୍ଥିତିକୁ ସୁଦୃଢ କରିନେଇଛି। ଡୁ'ପ୍ଲେସି ଓ ବାଭୁମା ୫ମ ଉଇକେଟରେ ୧୫୬ ରନ ଯୋଗ କରିଛନ୍ତି। ଘରୋଇ ଦଳ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟରେ ୩୮୨ ରନ କରିବା ସହ ପାକିସ୍ତାନଠାରୁ ୨୦୫ ରନରେ ଅଗ୍ରଣୀ ରହିଛି। ଉଇକେଟକିପର କ୍ୱିଣ୍ଟନ ଡି'କକ୍ ୫୫ ଏବଂ ଭେର୍ନନ ଫିଲାଣ୍ଡର ୬ ରନ କରି ଅପରାଜିତ ରହିଛନ୍ତି।
ସଂକ୍ଷିପ୍ତ ସ୍କୋର:ପାକିସ୍ତାନ ପ୍ରଥମ ଇନିଂସ: ୧୭୭। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:୩୮୨/୬ (ଫାଫ୍ ଡୁ'ପ୍ଲେସି-୧୦୩, ଟେମ୍ବା ବାଭୁମା-୭୫, ଏଡେନ୍ ମାରକ୍ରାମ୍-୭୮, କ୍ୱିଣ୍ଟନ ଡି'କକ୍-୫୫*, ଶାହିନ ଆଫ୍ରିଦୀ-୩/୧୧୨)।

### ଭେନସଙ୍କୁ ହରାଇଲେ ଆଣ୍ଡ୍ରେସ୍କୁ

ଅକ୍‌ଲାଣ୍ଡ, ୪।୧ (ଏଏଫ୍‌ପି)-ଭେନସ ୱିଲିୟମ୍ସଙ୍କୁ ପରାସ୍ତ କରି କାନାଡ଼ାର ସ୍ୱଳ୍ପ ବୟସ୍କା ବାଏଙ୍କା ଆଣ୍ଡ୍ରେସ୍କୁ ଡବ୍ଲ୍ୟୁଟିଏ ଅକ୍‌ଲାଣ୍ଡ କ୍ଲାସିକ୍‌ରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ମହିଳା ସିଙ୍ଗଲ୍ସର ଏକ କ୍ୱାର୍ଟରଫାଇନାଲରେ ବିଶ୍ୱର ୧୫୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଏହି ୧୮ ବର୍ଷୀୟା ଖେଳାଳି ତାଙ୍କଠାରୁ ୨୦ ବର୍ଷ ସିନିୟର ତଥା ୭ ଗ୍ରାଣ୍ଡସ୍ଲାମ ବିଜୟିନୀ ୱିଲିୟିୟମ୍ସଙ୍କୁ ୬-୭ (୧/୭), ୬-୧, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ପ୍ରତିଯୋଗିତାରେ କାନାଡ଼ାର ଏହି ଖେଳାଳି ଟପ୍ ସିଡ୍ ତଥା ବିଶ୍ୱର ୩ ନମ୍ବର ଖେଳାଳି କାରୋଲିନ୍ ଓଜନିଆକିଙ୍କୁ ହରାଇ ସାରିଛନ୍ତି।

### ସୌଦିଙ୍କୁ ନ୍ୟୁଜିଲାଣ୍ଡ ଦଳର ନେତୃତ୍ୱ

ୱେଲିଂଟନ,୪।୧(ଏଏଫ୍‌ପି): ସିନିୟର ପେସର ଟିମ ସୌଦିଙ୍କୁ ଶୁକ୍ରବାର ନ୍ୟୁଜିଲାଣ୍ଡ ଟି୨୦ ଦଳର ନେତୃତ୍ୱ ଦିଆଯାଇଛି। ଶ୍ରୀଲଙ୍କା ବିପକ୍ଷରେ ଖେଳାଯିବାକୁ ଥିବା ଏକମାତ୍ର ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ସେ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ। ନିୟମିତ ଅଧିନାୟକ କେନ ୱିଲିୟମସନ, ଅନ୍ୟତମ ସିନିୟର ପେସର ଟ୍ରେଣ୍ଟ ବୋଲ୍ଟ ଓ କଲିନ ଡେ ଗ୍ରାଣ୍ଡହୋମଙ୍କୁ ବିଶ୍ରାମ ଦିଆଯାଇଥିବାରୁ ସୌଦିଙ୍କୁ ନେତୃତ୍ୱ ଦିଆଯାଇଛି। ଅଲରାଉଣ୍ଡର ଜିମି ନିଶାମ, ମିଚେଲ ସାଣ୍ଟନର ଓ ଓପନର ମାର୍ଟିନ ଗୁପଟିଲଙ୍କୁ ଦଳରେ ସ୍ଥାନ ମିଳିଛି।





(୧) କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌କୁ କ୍ରୀଡାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ଉଦ୍‌ଘାଟନ କରୁଛନ୍ତି। (୨) ଉପସ୍ଥିତ ଦର୍ଶକ। (୩) ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ବିଭିନ୍ନ ଦଳର ଖେଳାଳିମାନେ। (୪) ଦୁଇ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।






# ଆରମ୍ଭ ହେଲା ଜାତୀୟ ଟିଟି ମହାକୁମ୍ଭ

କଟକ ଅଫିସ,୪।୧

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ମହାସମାରୋହରେ ଉଦଘାଟିତ ହୋଇଛି ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଟେବୁଲ ଟେନିସ କ୍ରୀଡ଼ାର ଏହି ମହାକୁମ୍ଭକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାରେ ଏହିଭଳି ଏକ ଜାତୀୟ ଟୁର୍ନାମେଣ୍ଟ ଆୟୋଜନକୁ ନେଇ ପ୍ରଶଂସା କରିଥିଲେ। ଓଡ଼ିଶା ଏବେ ଭାରତର କ୍ରୀଡ଼ା ହବ୍ ଭାବେ ପରିଚୟ ପାଇବାରେ ଲାଗିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ସ୍ୱତନ୍ତ୍ର ଭାବେ ପରିଗଣିତ ହୋଇଛି ବୋଲି ମନ୍ତ୍ରୀ ବେହେରା କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ସଚିବ ବିଶାଲ ଦେବ, ରାଜ୍ୟ ଆସୋସିଏଶନ ସଭାପତି ତଥା ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲ.ଏନ ଗୁପ୍ତା, ରାଜ୍ୟ ଆସୋସିଏଶନ ଉପସଭାପତି ତଥା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ, ପୂର୍ବତନ ପ୍ରଶାସକ ଡି.ପି ବାଗଚୀ, ରାଜ୍ୟ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ(ଟିଟିଏଫ୍‌ଆଇ) ପକ୍ଷରୁ ଧନରାଜ ଚୌଧୁରୀ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଗ୍ରୁପ୍-ବିରେ ଓଡ଼ିଶା ପୁରୁଷ ଦଳ ସ୍ଥାନ ପାଇଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ୩-୦ରେ ହରିୟାଣାଠାରୁ ଓ ୨ୟ ମ୍ୟାଚ୍‌ରେ ୩-୨ରେ ଚଣ୍ଡୀଗଡ଼ଠାରୁ ହାରିଥିଲା। ୩ୟ ମ୍ୟାଚ୍‌ରେ ଓଡ଼ିଶା ୩-୧ରେ ଛତିଶଗଡ଼କୁ ହରାଇଛି। ଅନ୍ୟପକ୍ଷରେ ଓଡ଼ିଶା ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ ୩-୧ରେ ମେଘାଳୟକୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଦଳ ୩-୦ରେ ପେଟ୍ରୋଲିୟମ ସ୍ପୋର୍ଟସ ପ୍ରମୋସନ ବୋର୍ଡ(ପିଏସ୍‌ପିବି) ଠାରୁ ପରାସ୍ତ ହୋଇଛି। ପିଏସ୍‌ପିବି ଓ ହରିୟାଣା ପ୍ରଥମ ଦିନରେ ଚମତ୍କାର ପ୍ରଦର୍ଶନ କରିବା ସହ ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିବା ନିଃଶ୍ଚିତ କରିଛନ୍ତି। ସୂଚନାଯୋଗ୍ୟ, ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ବିଭିନ୍ନ ଅନୁଷ୍ଠାନରୁ ପ୍ରାୟ ୫୫୦ଜଣ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଟିଟିଏଫ୍‌ଆଇ ପ୍ରତିଯୋଗିତା ପରିଚାଳନା କରୁଥିବା ବେଳେ ୧୦୦ଜଣ ଅଫିସିଆଲଙ୍କୁ ନିଯୁକ୍ତ କରାଯାଇଛି। ଏହି ଇଭେଣ୍ଟ ୬ ତାରିଖ ପର୍ଯ୍ୟନ୍ତ ହେବା ବେଳେ ୬ରୁ ୯ତାରିଖ ପର୍ଯ୍ୟନ୍ତ ସିଙ୍ଗଲ୍ସ ଇଭେଣ୍ଟ କରାଯିବ।

# ପୂଜାରାଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ପଦୋନ୍ନତି ମିଳିପାରେ

ନୂଆଦିଲ୍ଲୀ, ୪।୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଚଳିତ କ୍ରିକେଟ ଟେଷ୍ଟ ସିରିଜରେ ଚମକପ୍ରଦ ପ୍ରଦର୍ଶନ ପାଇଁ ଚେତେଶ୍ୱର ପୂଜାରାଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସେଣ୍ଟ୍ରାଲ କଣ୍ଟ୍ରାକ୍ଟର ଏ' କାଟେଗୋରିକୁ ପଦୋନ୍ନତି ମିଳିବା ସମ୍ଭାବନା ଦେଖା ଦେଇଛି। ପୂଜାରା ବର୍ତ୍ତମାନ ଭାରତୀୟ ଦଳର ନିର୍ଭରଯୋଗ୍ୟ ନମ୍ବର ୩ ବ୍ୟାଟ୍ସମ୍ୟାନ ଭାବେ ପ୍ରତିପାଦିତ କରିପାରିଛନ୍ତି। ପ୍ରୋତ୍ସାହନ ସ୍ୱରୂପ ବିସିସିଆଇ ଏହାର ନିୟମରେ କୋହଳତା ଅବଲମ୍ବନ କରିପାରେ। ପୂଜାରା ଇତିମଧ୍ୟରେ ୭ଟି ଇନିଂସରେ ପ୍ରଭାବୀ ୭୪.୪୨ ଆଭରେଜ ସହ ୫୨୧ ରନ ସଂଗ୍ରହ କରିସାରିଛନ୍ତି। ତନ୍ମଧ୍ୟରେ ତାଙ୍କର ୩ଟି ଶତକ ସାମିଲ। ତାଙ୍କ ପ୍ରଦର୍ଶନକୁ ଭିତ୍ତି କରି ଭାରତ ଅଷ୍ଟ୍ରେଲିଆରେ ପ୍ରଥମ ଥର ସିରିଜ ବିଜୟ ଆଡକୁ ଅଗ୍ରସର ହେଉଛି। ପୂଜାରାଙ୍କୁ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଲାଗି ବିସିସିଆଇ ତାଙ୍କୁ ପୁରସ୍କୃତ କରିବା ଲାଗି ଚାହିଁବା ସ୍ୱାଭାବିକ। ଖବର ଅନୁସାରେ ପ୍ରଶାସକ କମିଟି ମୁଖ୍ୟ ବିନୋଦ ରାୟ ଏହି ପ୍ରସଙ୍ଗରେ ଖୁବ୍ ଶୀଘ୍ର ମୁଖ୍ୟ ଚୟନକର୍ତ୍ତା



ଏମ୍‌ଏସ୍‌କେ ପ୍ରସାଦ ଓ ଟିମ୍ ମ୍ୟାନେଜମେଣ୍ଟ (ଅଧିନାୟକ ବିରାଟ କୋହଲି ଓ ରବି ଶାସ୍ତ୍ରୀ) ସହିତ ଆଲୋଚନା କରିବେ। ୨୦୧୮ରେ ଖେଳାଳିମାନଙ୍କ ବେତନ ହାର ସଂଶୋଧନ କରାଯାଇଛି। ତଦନୁସାରେ ଏ' ପ୍ଲସ କାଟେଗୋରି ଖେଳାଳିଙ୍କ ବେତନ ୭ କୋଟି, ବର୍ତ୍ତମାନ ପୂଜାରା ତାଲିକାଭୁକ୍ତ ଥିବା ଏ' କାଟେଗୋରି ପାଇଁ ୫କୋଟି ଟଙ୍କା ରଖାଯାଇଛି। ସେହିପରି ବି' ଓ ସି କାଟେଗୋରି ଖେଳାଳିଙ୍କ ପାଇଁ ଯଥାକ୍ରମେ ୩ କୋଟି ଏବଂ ୧କୋଟି ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଛି। ବର୍ତ୍ତମାନ ଏ' ପ୍ଲସ କାଟେଗୋରିରେ ସ୍ଥାନ ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଅଧିନାୟକ ବିରାଟ କୋହଲି, ସୀମିତ ଓଭର କ୍ରିକେଟ ଉପଅଧିନାୟକ ରୋହିତ ଶର୍ମା, ଅଲ୍ ଫର୍ମାଟ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଭୁବନେଶ୍ୱର କୁମାର ଏବଂ ସିନିୟର ଓପନର ଶିଖର ଧାୱନ। ବିସିସିଆଇର ଜଣେ ସିନିୟର ଅଫିସିଆଲ ସୂଚନା ଦେଇ କହିଛନ୍ତି, ପୂଜାରାଙ୍କ ଉଚ୍ଚକୋଟୀର ପ୍ରଦର୍ଶନକୁ ସ୍ୱୀକୃତି ମିଳିବା ଉଚିତ୍। ତାଙ୍କୁ ଏ' ପ୍ଲସ କାଟେଗୋରିରେ ଅଲ୍-ଫର୍ମାଟ ସ୍ପେଶାଲିଷ୍ଟଙ୍କୁ ସ୍ଥାନ ମିଳିଥାଏ। ପୂଜାରାଙ୍କୁ ସାମିଲ କରିବାକୁ ହେଲେ ଏଥିପାଇଁ ରହିଥିବା ନିୟମରେ ସଂଶୋଧନ ଆଣିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ସମ୍ପ୍ରତି ଭାରତୀୟ ଟେବୁଲ ଟେନିସ(ଟିଟି) କ୍ରୀଡ଼ା ଜଗତର ସବୁଠାରୁ ଚର୍ଚ୍ଚିତ ଚେହେରା କହିଲେ ମନିକା ବାତ୍ରାଙ୍କୁ ସୂଚାଏ। ଦିଲ୍ଲୀରେ ଜନ୍ମିତ ମନିକା ୨୦୧୮ କମନ ୱେଲଥ ଗେମ୍ସରେ ୪ଟି ପଦକ ଜିତିବା ସହ ଭାରତୀୟ ଟିଟି କ୍ରୀଡ଼ାକୁ ଶୀର୍ଷକୁ ନେଇ ଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଟିଟି ଚାମ୍ପିୟନଶିପ୍‌ରେ ମନିକା ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କ ସହ ସାକ୍ଷାତକାର...



# ଟେବୁଲ ଟେନିସ୍‌ର ଲୋକପ୍ରିୟତା ବଢ଼ିଛିଃ ମନିକା

ପ୍ର-ଭାରତରେ ଟେବୁଲ ଟେନିସ୍‌ର ଭବିଷ୍ୟତ କିପରି ଦେଖୁଛନ୍ତି ?
ଉ-ବହୁତ ପ୍ରତିଭାବାନ ଖେଳାଳି ଆସିଲେଣି। ଏବେ ଯୁବପିଢ଼ିମାନର ଖେଳାଳିମାନେ ପ୍ରଭାବ ପକାଇଲେଣି ବୋଲି ଅନୁଭବ ମଧ୍ୟ ହେଉଛି। ପୂର୍ବରୁ ଭାରତରେ ଟିଟି ଖେଳର ପ୍ରଚାର ଓ ପ୍ରସାର ଅଧିକ ନ ଥିଲା, ହେଲେ ଏହି ଟୁର୍ନାମେଣ୍ଟ ଦେଖି ଅନୁଭବ କରି ହେଉଥିବ ଏହି ଖେଳର ଚାହିଦା ଏବେ କେତେ ବୃଦ୍ଧି ପାଇଛି।
ପ୍ର- ୪ବର୍ଷ ବୟସରୁ ଟେବୁଲ ଟେନିସ୍ ଖେଳିବା ଆରମ୍ଭ କରିଥିଲେ। ଏତେ କମ୍ ବୟସରୁ ଏହି ଖେଳ ପ୍ରତି ରୁଚି କିପରି ରହିଲା ?
ଉ- ବଡ଼ ଭଉଣୀ ଆଞ୍ଚଳ ବାତ୍ରା ମଧ୍ୟ ଜଣେ ଟିଟି ଖେଳାଳି। ପିଲାଟିବେଳେ ସେ ହଂସରାଜ ମଡେଲ ସ୍କୁଲରେ ପ୍ରଶିକ୍ଷଣ ନେଉଥାନ୍ତି। ମାଙ୍କ ସହ ଭଉଣୀକୁ ଅଭ୍ୟାସ ନିମନ୍ତେ ଛାଡ଼ିବାକୁ ଯାଏ। ହେଲେ କୋଚ୍ ସନ୍ଦୀପ ଗୁପ୍ତା ମୋତେ ଖେଳାଇବାକୁ ମାଙ୍କୁ ପରାମର୍ଶ ଦେଇଥିଲେ। ବୟସ କମ୍ ଥିବାରୁ ସେତେବେଳେ କେବଳ ଖୁସି ପାଇଁ ଖେଳୁଥିଲି। ପରେ ଖେଳ ପ୍ରତି ଭଲପାଇବା ଆସିଲା। ପ୍ରଫେସନାଲ ଖେଳାଳି ହେବାର ସ୍ୱପ୍ନ ଦେଖିବା ସହ ଖେଳରେ ଜଡ଼ିତ ରହିଗଲି।
ପ୍ର- ଜୀବନର ସବୁଠାରୁ ଶ୍ରେଷ୍ଠ ମୁହୂର୍ତ୍ତ ?
ଉ- ସମ୍ପୂର୍ଣ୍ଣ ୨୦୧୮ ବର୍ଷଟି ମୋ ପାଇଁ ଶ୍ରେଷ୍ଠ ରହିଛି ବୋଲି ମୁଁ ଭାବେ। କାରଣ ଏହି ବର୍ଷ ମୋତେ ଅନେକ ସଫଳତା ମିଳିଛି। କମନ ୱେଲ୍‌ଥ ଗେମ୍ସରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ଜିତିବା ସହ ଏସିଆନ ଗେମ୍ସରେ ମଧ୍ୟ ବ୍ରୋଞ୍ଜ ପଦକ ଜିତିଥିଲି। ମୋ କ୍ୟାରିୟରରେ ଏହି ବର୍ଷ ଏକ ବିରାଟ ମୋଡ଼ ମଧ୍ୟ ଆଣିଛି। ଏପରି କି ଏହି ବର୍ଷ ମଧ୍ୟ ଅର୍ଜୁନ ଆୱାର୍ଡ ମିଳିଲା। ୨୦୧୮କୁ କେବେ ଭୁଲି ପାରିବିନି।
ପ୍ର- ଭାରତରେ ନିଜର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ କାହାକୁ ଭାବନ୍ତି ?
ଉ- ସେମିତି କାହାକୁ ଭାବେନି। ପ୍ରତ୍ୟେକ ରାଜ୍ୟରେ କିମ୍ବା ପ୍ରତ୍ୟେକ ଦଳରେ ଭଲ ଖେଳାଳି ଅଛନ୍ତି। ଏପରି କି କିଛି ଜୁନିୟର ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ମୋତେ ଆଶ୍ଚର୍ଯ୍ୟ କରିଛି। ଆଗାମୀ ଦିନରେ ଭାରତରେ ଏହି କ୍ରୀଡ଼ାର କ୍ରେଜ ବହୁତ ବଢ଼ିବ।
ପ୍ର- ଜଣେ ସଫଳ ଖେଳାଳି ହେବାର ରାସ୍ତା କ'ଣ ?
ଉ- ଯଦି ଜଣେ ଖେଳାଳି ଖେଳକୁ ନେଇ ଉତ୍ସର୍ଗୀକୃତ ଜୀବନ କାଟିପାରିବ ତେବେ ସେ ସଫଳ ହେବା ନିଶ୍ଚିତ।

**ସାକ୍ଷାତଃ କୁମାରଶ୍ରୀ**

Printed and Published by Tathagata Satpathy on behalf of Navajat Printe rs & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଭାରତ ସରକାର

# ପୂର୍ବୋଦୟରୁ
## ହେଉଅଛି ନୂଆ ଭାରତର ଉଦୟ



## ଓଡ଼ିଶାର ବିକାଶ ପାଇଁ
# ୪,୫୦୦ କୋଟି ଟଙ୍କାରୁ ଅଧିକ
## ମୂଲ୍ୟର ଆଉ ଏକ ଉପହାର ସମୂହ

# ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀଙ୍କ
**କରକମଳରେ**

### ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ

ପାରାଦ୍ୱୀପ-ହଳଦିଆ-ଦୁର୍ଗାପୁର ଏଲପିଜି ପାଇପ୍‌ଲାଇନ୍ ଅନ୍ତର୍ଗତ
ଆଇଓସିଏଲ୍‌ର ବାଲେଶ୍ୱର-ହଳଦିଆ-ଦୁର୍ଗାପୁର ସେକ୍ସନ

ଚିଲିକିଦରା-ସଗଡ଼ପଟା ଏବଂ ନରଣପୁର-ବସନ୍ତପୁର
ରେଳ ଲାଇନର ଦୋହରୀକରଣ

ବାଲେଶ୍ୱର ସ୍ଥିତ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ

### ସବୁଜ ପତାକା ପ୍ରଦର୍ଶନ

ଟାଟାନଗରରୁ ବାଦାମପାହାଡ଼ ପର୍ଯ୍ୟନ୍ତ ଦ୍ୱିତୀୟ ପାସେଞ୍ଜର ଟ୍ରେନ୍ ଚଳାଚଳ

### ଶିଳାନ୍ୟାସ

ଏନ୍‌ଏଚ୍-୨୧୫ର ରିମୁଳି-କୋଇଡ଼ା ଅଂଶର ୪ ଲେନ୍‌କରଣ (୪୩.୨ କିମି)
ଏନ୍‌ଏଚ୍-୬ର ସିଙ୍ଗଡ଼ା-ବିଂଜବାହାଲ ଅଂଶର ୪ ଲେନ୍‌କରଣ (୧୦୪.୨ କିମି)
ଏନ୍‌ଏଚ୍-୨୧୫ର କୋଇଡ଼ା-ରାଜାମୁଣ୍ଡା ଅଂଶର ୪ ଲେନ୍‌କରଣ (୫୩.୨୫ କିମି)
ଏବଂ

### ଶୁଭ ଉଦ୍‌ଘାଟନ

ହରିପୁରଗଡ଼ ସ୍ଥିତ ପ୍ରାଚୀନ ଦୁର୍ଗ ଏବଂ
ମୟୂରଭଞ୍ଜର ରସିକରାୟ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ

ଆସ୍କା, ଭଦ୍ରକ, କଟକ, ଢେଙ୍କାନାଳ, ଯାଜପୁର ଏବଂ କେନ୍ଦୁଝର ସ୍ଥିତ ଡାକଘରେ
ପାସପୋର୍ଟ ସେବା କେନ୍ଦ୍ର

**ଶନିବାର, ୫ ଜାନୁୟାରୀ ୨୦୧୯, ଅପରାହ୍ଣ ୩.୦୦ ଘଟିକା । ବାରିପଦା, ଓଡ଼ିଶା**

### ଗରିମାମୟ ଉପସ୍ଥିତି

| | | | |
|---|---|---|---|
| **ପ୍ରଫେସର ଗଣେଶୀ ଲାଲ**<br>ରାଜ୍ୟପାଳ, ଓଡ଼ିଶା | **ନବୀନ ପଟ୍ଟନାୟକ**<br>ମୁଖ୍ୟମନ୍ତ୍ରୀ, ଓଡ଼ିଶା | **ସୁଷମା ସ୍ୱରାଜ**<br>ବୈଦେଶିକ ବ୍ୟାପାର ମନ୍ତ୍ରୀ<br>ଭାରତ ସରକାର | **ନିତିନ ଗଡ଼କରି**<br>ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ<br>ଭାରତ ସରକାର |
| **ଜୁଏଲ ଓରାମ**<br>ଜନଜାତି ବ୍ୟାପାର ମନ୍ତ୍ରୀ<br>ଭାରତ ସରକାର | **ପିୟୂଷ ଗୋଏଲ**<br>ରେଳ ମନ୍ତ୍ରୀ,<br>ଭାରତ ସରକାର | **ଧର୍ମେନ୍ଦ୍ର ପ୍ରଧାନ**<br>ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ<br>ଭାରତ ସରକାର | **ଡ. ମହେଶ ଶର୍ମା**<br>ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସାଧୀନ ଦାୟିତ୍ୱ)<br>ଭାରତ ସରକାର |



DSPL - 329

ଓଡ଼ିଶା ସରକାର

# ‘କାଳିଆ’ ଯୋଜନା

## ରାଜ୍ୟର ସମସ୍ତ କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ ଚାଷୀ, ଭାଗଚାଷୀ, କୃଷି ଶ୍ରମିକ ଏବଂ କୃଷିକାର୍ଯ୍ୟ ପାଇଁ ଅସମର୍ଥ କୃଷି ପରିବାର ଅନ୍ତର୍ଭୁକ୍ତ ହେବେ ଏହି ଯୋଜନାରେ

---

୧ ଜାନୁୟାରୀ ୨ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ସବୁ ଗ୍ରାମ ପଞ୍ଚାୟତ ଅଫିସରେ ପ୍ରକାଶିତ ହୋଇଛି ଚିଠା ହିତାଧିକାରୀ ତାଲିକା ।

୨ ଏହି ତାଲିକା ଯାଞ୍ଚ କରି ନିଜ ନାମ ତାଲିକାରେ ଅଛି କି ନାହିଁ, ଯାଞ୍ଚ କରନ୍ତୁ ।

୩ ସବୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଗୋଟିଏ ‘ସବୁଜ’ ଏବଂ ଗୋଟିଏ ‘ନାଲି’ ରଙ୍ଗ ଫର୍ମ ମିଳୁଛି ।

୪ ତାଲିକାରେ ନିଜ ନାଁ ନଥିଲେ, ନାମ ଯୋଗ କରିବା ପାଇଁ ଗୋଟିଏ ‘ସବୁଜ’ ଫର୍ମ ପୂରଣ କରି ଆବଶ୍ୟକୀୟ ପ୍ରମାଣପତ୍ର ସହ ଫର୍ମ ପଞ୍ଚାୟତରେ ଥିବା ସବୁଜ ବାକ୍ସରେ ପକାନ୍ତୁ ।

୫ ତାଲିକାରୁ ନିଜ ନାମ ବାଦ୍ ଦେବା ପାଇଁ / ଅଭିଯୋଗ ଦାଖଲ କରିବା ପାଇଁ ନାଲି ଫର୍ମ ପୂରଣ କରି ପଞ୍ଚାୟତରେ ଥିବା ନାଲି ବାକ୍ସରେ ପକାନ୍ତୁ ।

୬ ଫର୍ମ ଜାନୁୟାରୀ ୨ ତାରିଖରୁ ୧୦ ତାରିଖ ମଧ୍ୟରେ ଦାଖଲ କରିବା ପାଇଁ ହେବ ।

୭ ମିଳିଥିବା ସବୁ ଦରଖାସ୍ତ ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କ ନାମ ପରବର୍ତ୍ତୀ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ପ୍ରକାଶ ପାଇବ ।



# କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

39001/13/0004/1819

କାଳିଆ ବାର୍ତ୍ତା — କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇବା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨

କାଳିଆ ହେଲ୍ପ ଲାଇନ୍ ନମ୍ବର - ୧୮୦୦ ୫୭୨ ୧୧୨୨ www.kalia.co.in

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୫ ଜାନୁୟାରୀ, ୨୦୧୯



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ



## ସଂକ୍ଷେପରେ

### ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**ଅତାବିରା, ୪।୧ (ଡି.ଏନ.ଏ):** ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମରେ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର (୨) ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ସିଡିପିଓ ଝୁନୁରାଣୀ ପାତ୍ର, ଡାଲବ ସେକ୍ଟର କ୍ଷେତ୍ର ପରିଦର୍ଶିକା ସୁରିୟା ରାଜହଂସ, ଅଙ୍ଗନୱାଡି କର୍ମୀ ଦେଶଭଟିଲି ଯାଜ୍ଞସେନୀ ନାୟକ, ଉଦେପୁର (୧) କେନ୍ଦ୍ରର ରୀନା ଦନ୍ତା, ଜୋସ୍ନାରାଣୀ ଛୁରିଆ, ଅଙ୍ଗନୱାଡି କର୍ମୀ ନୀଳିମା ମିଶ୍ର, ବୃନ୍ଦାବତୀ ପ୍ରଧାନ, ସହାୟିକା ସ୍ନେହଲତା ଝାଙ୍କର, ଶାନ୍ତି ସାଥୁଆ ପ୍ରମୁଖ ଉପସ୍ଥିତ ଥିଲେ ।



### ପଞ୍ଚମ ଦିବସରେ ଘୁଚାପାଲି ଧନୁଯାତ୍ରା

**ଝାରବନ୍ଧ, ୪।୧ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ଘୁଚାପାଲି ସତ୍ୟମନଗରଠାରେ ଅନୁଷ୍ଠିତ ଧନୁଯାତ୍ରା ଶୁକ୍ରବାର ପଞ୍ଚମ ଦିବସରେ ପହଞ୍ଚିଛି। ମଥୁରା ନରେଶ କଂସଙ୍କ କୃଷ୍ଣ ସ୍ୱପ୍ନ ଦର୍ଶନ, ଅକ୍ରୁରଙ୍କ ଦ୍ୱାରା କୃଷ୍ଣ, ବଳରାମଙ୍କୁ ଧନୁଯାତ୍ରା ପାଇଁ ନିମନ୍ତ୍ରଣ ଆଦି ଦୃଶ୍ୟାଭିନୟ ହୋଇଥିଲା। ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ଅତିରିକ୍ତ ତହସିଲଦାର ଝାରବନ୍ଧ ପର୍ଶୁରାମ ପଣ୍ଡା ରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ମହାରାଜ କଂସ ଅତିଥି ଦ୍ୱୟଙ୍କୁ ପ୍ରଶାସନିକ ସମସ୍ୟା ବିଷୟରେ ପ୍ରଶ୍ନ କରିଥିଲେ । ବିଶେଷ ଭାବେ ଗମନାଗମନ ସମସ୍ୟାକୁ ଆଗାମୀ ଦିନରେ ସୁଧାରିବା ପାଇଁ ତାଗିଦ୍ କରିଥିଲେ । କଂସ ମହାରାଜ ଭଣ୍ଡାରପୁରୀ ସରପଞ୍ଚ ତଥା ଡଭା କୃଷି ସମବାୟ ସମିତି ସଭାପତି ଭୋଜରାଜ ବାଗଙ୍କୁ ଚାଷୀ ସମସ୍ୟାର ସମାଧାନ ଉପରେ ପ୍ରଶ୍ନ କରିଥିଲେ । ସରପଞ୍ଚ ଉର୍ମିଳା କନ୍ଧ, ସମିତି ସଭ୍ୟ କମଳା ଭୋଇ, ପୋଲିସ କବି ରଞ୍ଜିତ ପ୍ରଧାନ ରାଜ ଦରବାରରେ ଉପସ୍ଥିତ ଥିଲେ । ଅଶୋକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।

### ଗଡଭାଟିରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ପଦ୍ମପୁର, ୪।୧ (ଡି.ଏନ.ଏ):** ପଦ୍ମପୁର ବ୍ଲକ ଗଡଭାଟି ଗ୍ରାମରେ ମାଁ ବୁବୁଡେନ ମାଉଲି ଏବଂ ମେହେର ସଂଘ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରିଙ୍କୁ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମିନକେତନ ବାରିକ, ଟିଙ୍କୁନୁ ବୈକାର, ପ୍ରକାଶ ଚିନ୍ଦା ପ୍ରମୁଖ ଗୀତ ପରିବେଷଣ କରିଥିଲେ । ନୃତ୍ୟ ଶିଳ୍ପୀ ଲିପି ତାଙ୍କ ନୃତ୍ୟରେ ଦର୍ଶକଙ୍କୁ ବିମୋହିତ କରିଥିଲେ । ଯୁବ ତାରକା ସାଂସ୍କୃତିକ ପରିଷଦର ସମ୍ପାଦକ ସୁରେନ୍ଦ୍ର କୁମାର ମେହେର ଶିଶୁ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ ।

# ତହସିଲ ଅଫିସରେ ଧାରଣା

**ବରଗଡ଼ ଅଫିସ୍,୪।୧**

ବରଗଡ଼ ତହସିଲ ଅନ୍ତର୍ଗତ ପ୍ରଧାନପାଲି ଗ୍ରାମର ଭୂମିହୀନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । ଗୁରୁବାର ଏହି ଗ୍ରାମର ହରିଜନପଡ଼ାର ଭୂମିହୀନମାନେ ଜମୁର୍ଡ଼ା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଘେରାଉ କରିଥିବାବେଳେ ଶୁକ୍ରବାର ବରଗଡ଼ ତହସିଲ ଅଫିସ ଆଗରେ ଧାରଣାରେ ବସିଥିଲେ । ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ବ୍ୟାପକ ଅନିୟମିତତା ଏବଂ ତ୍ରୁଟିପୂର୍ଣ୍ଣ ସର୍ଭେ ପ୍ରତିବାଦରେ ସେମାନେ ଧାରଣା ଦେଇଥିଲେ। ପରେ ତହସିଲ ଅଫିସର ବିଭାଗୀୟ ଅଧିକାରୀମାନେ ଧାରଣାକାରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ଅଭିଯୋଗ ଉପରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରଧାନପାଲିର ଭୂମିହୀନମାନେ ଜମିପଟ୍ଟା ଦାବି ନେଇ ପୂର୍ବରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବିଭାଗୀୟ ରାଜସ୍ୱ ଅଧିକାରୀମାନେ ସର୍ଭେ କରିଥିଲେ। ମାତ୍ର ସେମାନଙ୍କ ସର୍ଭେ ତ୍ରୁଟିପୂର୍ଣ୍ଣ ଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି । ସେହିପରି ପଡ଼ାବାସୀ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ଅଫିସରେ ଆୟ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ । ସେମାନଙ୍କୁ ଦିଆଯାଇଥିବା ସେହି ପ୍ରମାଣପତ୍ରରେ ମଧ୍ୟ ବିଭାଗୀୟ ଅଧିକାରୀ ମନଇଚ୍ଛା ବାର୍ଷିକ ଆୟ ଆକଳନ କରିଛନ୍ତି ଏବଂ ତାହା ସରକାରୀ ଯୋଜନାର ସୁଫଳ ପାଇବାରେ ବାଧକ ସାଜିଛି ବୋଲି ପଡ଼ାବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଗୁରୁବାର ଭୂମିହୀନମାନେ ଜମୁର୍ଡ଼ା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଘେରାଉ କରିଥିଲେ । ଅନୁରୂପ ଭାବେ ଶୁକ୍ରବାର ବରଗଡ଼ ତହସିଲ ଅଫିସ ଆଗରେ ଧାରଣାରେ ବସିଥିଲେ । ତ୍ରୁଟିପୂର୍ଣ୍ଣ ଆୟ ପ୍ରମାଣପତ୍ର ଏବଂ ସର୍ଭେ ରିପୋର୍ଟରେ ସଂଶୋଧନ ଦାବିରେ ସେମାନେ ଧାରଣା ଦେଇଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଅନୁରାଗ ମିଶ୍ର ଧାରଣାକାରୀଙ୍କ ପାଖକୁ ପହଞ୍ଚି ଆଲୋଚନା କରିଥିଲେ । ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତିର ଅମିତାଭ ପାତ୍ର, ଭବାନୀ ସାହୁ, ରମେଶ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।



ବରଗଡ଼ ତହସିଲ ଅଫିସ ଆଗରେ ଧାରଣା ଦେଇଥିବା ଭୂମିହୀନମାନେ ।

**ଭୂମିହୀନଙ୍କ ଅସନ୍ତୋଷ**
- ତ୍ରୁଟିପୂର୍ଣ୍ଣ ସର୍ଭେ ଯୋଗୁ ଯୋଜନାର ସୁଫଳ ମିଳୁନି
- ଅଧିକାରୀ ମନଇଚ୍ଛା ବାର୍ଷିକ ଆୟ ଆକଳନ କରୁଛନ୍ତି

# ଉପଖଣ୍ଡସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

**ପଦ୍ମପୁର, ୪।୧ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୧୯ ପାଳନ ନିମନ୍ତେ ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଯାୟୀ ଜାନୁୟାରୀ ୨୬ ତାରିଖ ପ୍ରାତଃ ସାଢ଼େ ୪ଟା ସମୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ୍ ପରିବେଷଣ ଓ ପ୍ରଭାତଫେରୀ ଅନୁଷ୍ଠିତ ହେବ। ପଦ୍ମପୁର ସହର ମଧ୍ୟରେ ଥିବା ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତିରେ ପ୍ରାତଃ ୬ଟାରୁ ୭ଟା ମଧ୍ୟରେ ମାଲ୍ୟାର୍ପଣ କରାଯିବା ସହିତ ସକାଳ ୭ଟା ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି କରାଯାଇଛି । ପୂର୍ବାହ୍ନ ସାଢ଼େ ୮ଟା ସମୟରେ ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେଡ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ସ୍ଥିରୀକୃତ ହୋଇଛି। ସେହିପରି ଉପଖଣ୍ଡ ଚିକିତ୍ସାଳୟ ପରିସର ମଧ୍ୟରେ ରକ୍ତଦାନ ଶିବିର କରାଯିବ । ପ୍ରସ୍ତୁତି ବୈଠକରେ ସହକାରୀ ଜିଲାପାଳ ଅନୀଲ କୁମାର ହୋତା, ଦୀପ୍ତିମୟୀ ଭୁଏ, ଅତିରିକ୍ତ ତହସିଲଦାର ଅମୃତଲାଲ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ଖବରଦାତା ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ପଦ୍ମପୁର**
- ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପରିବେଷଣ
- ସକାଳ ୮ଟାରେ ଜାତୀୟ ପତାକା ଉତ୍ତୋଳନ

■ ଚୋରି ର୍‍ୟାକେଟ୍ ଠାବ

# ୮ ବାଇକ୍ ଉଦ୍ଧାର, ୬ ଅଭିଯୁକ୍ତ କୋର୍ଟଚାଲାଣ



ଗିରଫ ଅଭିଯୁକ୍ତମାନଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରାଯାଇଛି ।

**ପଦ୍ମପୁର, ୪।୧ (ଡି.ଏନ.ଏ)**

ପଦ୍ମପୁର ପୋଲିସ ପଦ୍ମପୁର ଓ ଗାଇସିଲେଟର ବିଭିନ୍ନ ସ୍ଥାନରେ ଚଢାଉ କରି ବାଇକ୍ ଚୋରି ର୍‍ୟାକେଟ୍‌ର ୬ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁର ନେହେରୁ ଗଳିର ରାଜେନ୍ଦ୍ର ପ୍ରଧାନ, ଲୋହରାପାଲିର ଚନ୍ଦ୍ରଭାନୁ ଧରୁଆ, ପଦ୍ମପୁରର ଗଣେଷ ସାହୁ, ଚାରପାଲିର ରାଜୁ ଲୁହାର, ସିଂହନପୁରର ଶ୍ରୀକାନ୍ତ ମେହେର ଓ ଗାଇସିଲେଟ ଥାନା ରାଇସଲପଦରର ଶଙ୍କର ନନ୍ଦ । ସେମାନଙ୍କଠାରୁ ୮ଟି ବାଇକ୍ ଜବତ କରାଯାଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ପଦ୍ମପୁର ଗାଇସିଲେଟ ଥାନାରେ ମାମଲା ରୁଜୁ କରି ସମସ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ପଦ୍ମପୁର ଥାନାରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ପଦ୍ମପୁର ଥାନା ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ଗାଇସିଲେଟ ଥାନା ଆଇଆଇସି ଠାକୁର ଦାଶ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ପଦ୍ମପୁର ଓ ଗାଇସିଲେଟ ଅଞ୍ଚଳରେ ବାଇକ୍ ଚୋରି ର୍‍ୟାକେଟ୍ ସକ୍ରିୟ ଥିବା ନେଇପୂର୍ବରୁ ଅଭିଯୋଗ ହୋଇଆସୁଥିଲା । ଏହି ର୍‍ୟାକେଟକୁ ଧରିବା ପାଇଁ ପଦ୍ମପୁର ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଥିଲା ।

# ଶ୍ମଶାନ ଜମିକୁ ନେଇ ତେଜିଲା ବିବାଦ

**ବରଗଡ଼ ଅଫିସ୍,୪।୧**

ବରଗଡ଼ ସହର ଉପକଣ୍ଠ ନାଗେନପାଲି (ହରିଜନପଡ଼ା)ର ଲୋକେ ଶ୍ମଶାନ ଭାବେ ବ୍ୟବହାର କରୁଥିବା ଜମିକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି । ଜାତୀୟ ରାଜପଥ ପାଖରେ ରହିଥିବା ସେହି ଜମିକୁ ବିକ୍ରି କରିବା ପାଇଁ ଯୋଜନା ଚାଲିଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ସ୍ଥାନୀୟ ଅଧିବାସୀ ଗୁରୁବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଦୀର୍ଘବର୍ଷ ହେଲା ପୂର୍ବ ପୁରୁଷମାନେ ଜାତୀୟ ରାଜପଥ କଡ଼େ ରହିଥିବା ଏକ ଜମିକୁ ଶ୍ମଶାନ ଭାବେ ବ୍ୟବହାର କରି ଆସୁଥିଲେ । ମାତ୍ର ସେହି ଜମି ତାଙ୍କ ନାମରେ ରେକର୍ଡ଼ଭୁକ୍ତ ଥିବା କହି ଜଣେ ବ୍ୟକ୍ତି ତାକୁ ବିକ୍ରି କରିବାକୁ ଯୋଜନା କରୁଛନ୍ତି। ସେହି ଜମି ବିକ୍ରି ହୋଇଗଲେ ଅଞ୍ଚଳବାସୀଙ୍କ ପାଇଁ ଶ୍ମଶାନର ଅଭାବ ଦେଖାଯିବ। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ହରିଜନପଡ଼ାବାସୀ ସ୍ମାରକପତ୍ରରେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ସ୍ମାରକପତ୍ର ଗ୍ରହଣ କରି ଅତିରିକ୍ତ ଜିଲାପାଳ ତହସିଲଦାରଙ୍କୁ ସେ ନେଇ ଷ୍ଟାଟସ ରିପୋର୍ଟ ମାଗି ବିହିତ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଶୁଭେନ୍ଦୁ ସାହୁଙ୍କ ନେତୃତ୍ୱରେ ହରିଜନପଡ଼ାର ମହିଳାମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

### ନେହେରୁ ସ୍ପୋର୍ଟିଂ ଚାମ୍ପିୟନ

**ପଦ୍ମପୁର, ୪।୧ (ଡି.ଏନ.ଏ)**

ପଦ୍ମପୁର ଅଶୋକ ପଡିଆଠାରେ ଗୁରୁବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି । ଫାଇନାଲ ଖେଳ ନେହେରୁ ସ୍ପୋର୍ଟିଂ ଓ ଶିକ୍ଷକ ଏକାଦଶ ମଧ୍ୟରେ ହୋଇଥିଲା । ନେହେରୁ ସ୍ପୋର୍ଟିଂ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ଯୁବନେତା ନିର୍ମଳ କୁମାର ବାରିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅବିନାଶ ଯୋଷୀ, ଯଶୋବନ୍ତ କଠାର, ବିକ୍ରମ ସାହୁ, ଦିବେଶ ଗୁର୍ଲ୍ଲା, ନରୋତ୍ତମ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ବରଗଡ଼ ଧନୁଯାତ୍ରାକୁ ଆଉ ସପ୍ତାହେ ବାକି

# ରିହର୍ସାଲରେ କମ୍ପୁଛି ଆଖଡ଼ାଶାଳ



ବରଗଡ଼ କଲ୍ୟାଣ ମଣ୍ଡପରେ କଳାକାରଙ୍କ ଅଭ୍ୟାସ ଚାଲିଛି ।

**ବରଗଡ଼ ଅଫିସ୍,୪।୧**

ଆଉ ସପ୍ତାହକ ପରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ। ଧନୁଯାତ୍ରା ଯେଭଳି ପାଖେଇ ଆସୁଛି, ମହୋତ୍ସବ ନେଇ ସେଭଳି ଉତ୍ସାହ, ଉଦ୍ଦୀପନା ବଢ଼ିବାରେ ଲାଗିଛି । ଉଭୟ ମଥୁରାନଗରୀ(ବରଗଡ଼) ଏବଂ ଗୋପପୁର (ଅମ୍ବାପାଲି)ରେ ତୋରଣ ନିର୍ମାଣଠାରୁ ଅନ୍ୟ ସାଜସଜ୍ଜାର ପ୍ରସ୍ତୁତି ଜୋରସୋରରେ ଚାଲିଛି । ସେହିପରି ଦର୍ଶକଙ୍କଠାରୁ ଆରମ୍ଭ କରି କଳାକାରଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗଛି। ଏଥର ଅଭିନୟକୁ ଅନ୍ୟବର୍ଷ ତୁଳନାରେ ଆହୁରି ଆକର୍ଷଣୀୟ କରିବା ପାଇଁ କଳାକାରମାନେ ଅଭ୍ୟାସ ଜାରି ରଖିଛନ୍ତି। ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପ ମଥୁରାନଗରୀ କଳାକାର ଏବଂ ଅମ୍ବାପାଲିର ଗଜପତି ମଣ୍ଡପ ଓ ପାର୍ବତୀ ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ଗୋପପୁର କଳାକାରଙ୍କ ଆଖଡ଼ାଶାଳ ପାଲଟିଛି ଏବଂ ସେମାନଙ୍କ ଅଭ୍ୟାସରେ ସେହି ଆଖଡ଼ାଶାଳ କମ୍ପି ଉଠୁଛି ।

ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ଚାଲିଥିବା ଅଭ୍ୟାସରେ ଅନ୍ୟ ଦିନ ଭଳି ଗୁରୁବାର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟ କଳାକାର ଅଇଁଠୁ ସାହୁ, ଆର୍ତ୍ତତ୍ରାଣ ମହାପାତ୍ର, ନନ୍ଦିଘୋଷ ମହାପାତ୍ର, ପ୍ରଦୀପ ପଣ୍ଡା, ଶମ୍ଭୁ ଗୁରୁ, ମୁକେଶ ଆଚାର୍ଯ୍ୟ, ଲଳିତ ପଣ୍ଡା, ଲୋକନାଥ ସାହୁ, ବୃନ୍ଦାବନ ପ୍ରଧାନ, ଗୋଲାବ ଦାଶ ପ୍ରମୁଖ ରିହର୍ସଲ କରିଥିଲେ । ଧନୁଯାତ୍ରା ମହୋତ୍ସବ ସମତି କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ପ୍ରଧାନଙ୍କ ସମେତ ନକୁଳ ବାଦୀ, ଭୁବନ ଭୋଇ ପ୍ରମୁଖ ସେମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ସେହିପରି ଅମ୍ବାପାଲିରେ ଶିଶୁ କଳାକାର ଆୟୁଷ ବିର୍ତ୍ତିଆ(କୃଷ୍ଣ), ଆଶୁତୋଷ କୁମାର ବିର୍ତ୍ତିଆ (ବଳରାମ) ଏବଂ ଶ୍ରୀୟାଂଶୀ ମହାପାତ୍ରଙ୍କ ସହିତ ଗୋପୀ, ଗୋପାଙ୍ଗନା ଓ ଗୋପାଳ ବାଳକମାନେ ଅଭ୍ୟାସ ଜାରି ରଖିଛନ୍ତି । ଅଗ୍ନି ଥପା, ରବିନ୍ଦ୍ର ପୂଜାରୀ, ସୁଶୀଲ ମହାପାତ୍ର, ପଞ୍ଚାନନ ବିର୍ତ୍ତିଆ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସେଠାରେ ଶିଶୁ କଳାକାରଙ୍କ ରିହର୍ସଲ ଚାଲିଛି ।

# ପଦ୍ମପୁର, ବରପାଲି ଦଳ ବିଜୟୀ

**ବରଗଡ଼ ଅଫିସ୍,୪।୧**

**ଆନ୍ତଃସ୍କୁଲ କ୍ରିକେଟ୍ ଚାମ୍ପିୟନଶିପ୍**

ପଶ୍ଚିମଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଆନୁକୂଲ୍ୟରେ ଏବଂ ବିକାଶ ଆବାସିକ ସ୍କୁଲ, ବରଗଡ଼ ଦ୍ୱାରା ଆୟୋଜିତ ଆନ୍ତଃସ୍କୁଲ କ୍ରିକେଟ ଚାମ୍ପିୟନଶିପ୍ ୨୦୧୮-୧୯ର ଦ୍ୱିତୀୟ ଦିବସ ଶୁକ୍ରବାର ଗ୍ରୁପ-ଏର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍‌ରେ ସିଦ୍ଧାର୍ଥ ପବ୍ଲିକ ସ୍କୁଲ, କୁମେଲସିଂହା ଟସ୍ ଜିଣି ପ୍ରତିପକ୍ଷ ପଦ୍ମପୁର ପବ୍ଲିକ ସ୍କୁଲକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପଦ୍ମପୁର ପବ୍ଲିକ ସ୍କୁଲ ନିର୍ଦ୍ଧାରିତ ୧୫ ଓଭରରେ ୯ଉଇକେଟ୍ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଜବାବରେ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ୧୧ଓଭରରେ ୫୮ରନ୍ ସଂଗ୍ରହ କରି ସମସ୍ତ ଉଇକେଟ୍ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମ ବ୍ୟାଟିଂ କରି ବରପାଲିର ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ ନିର୍ଦ୍ଧାରିତ ୧୫ଓଭରରେ ୩ ଉଇକେଟ୍ ହରାଇ ୧୭୨ରନ ସଂଗ୍ରହ କରିଥିଲା । ଜବାବରେ ବଲାଙ୍ଗୀରର ଆଇଡ଼ିଏମ ୭ ଉଇକେଟ୍ ହରାଇ ୧୫ ଓଭରରେ ମାତ୍ର ୮୭ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଶନିବାର ପ୍ରଥମ ମ୍ୟାଚ ବରଗଡ଼ର ବିକାଶ ଆବାସିକ ସ୍କୁଲ ଏବଂ ବରପାଲିର ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ପ୍ରତିଯୋଗିତା ଆୟୋଜନରେ ବିକାଶ ଶିକ୍ଷାନୁଷ୍ଠାନର ଅଧ୍ୟାପକ ରାଜ ନାରାୟଣ ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ(ମ୍ୟାଚ ରେଫେରୀ), ସୁଶାନ୍ତ ସ୍ୱାଇଁ, ଅଜୟ ସରକାର, ବିଜୟ ସରକାର, ଏନ. କରୁଣାକରନ, ଅଶୋକ ସିଂ (କ୍ରିକେଟ କୋଚ୍), ସୁରେଶ ଦାଶ ପ୍ରମୁଖ ସହଯୋଗ କରୁଛନ୍ତି । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଳିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ, ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଚେୟାରମ୍ୟାନ ତଥା ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ, ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ମନୋରଞ୍ଜନ ପତି ପ୍ରମୁଖଙ୍କ ଉପସ୍ଥିତିରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା ।



ଆନ୍ତଃସ୍କୁଲ କ୍ରିକେଟ୍ ମ୍ୟାଚ୍‌ର ଏକ ଦୃଶ୍ୟ ।

> ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।
>
> - ଚାଣକ୍ୟ

## ସଂକ୍ଷେପରେ

### ବିଜେଡି ବିରୋଧୀ ମହାମେଣ୍ଟର ସୂଚନା ଦେଲେ ଖାରବେଳ

**ଭୁବନେଶ୍ୱର,୪।୧(ବ୍ୟୁରୋ):** ବିଜେଡି ବିରୋଧରେ ରାଜ୍ୟରେ ଏକ ମହାମେଣ୍ଟ କରାଯିବ। ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ ଶୁକ୍ରବାର ଏନେଇ ସୂଚନା ଦେଇଛନ୍ତି। ବିଜେଡି ବିରୋଧରେ ଏହି ମହାମେଣ୍ଟରେ କଂଗ୍ରେସକୁ ସାମିଲ କରାଯିବ ନାହିଁ। ସେହିପରି ଭାଜପା ଏବଂ ଅନ୍ୟ ଆଞ୍ଚଳିକ ଦଳ ସହ କଥାବାର୍ତ୍ତା ଚାଲିଥିବା ଖାରବେଳ ସୂଚନା ଦେଇଛନ୍ତି। ଏହି ମହାମେଣ୍ଟରେ ଦାମୋଦର ରାଉତ, ବ୍ରଜ କିଶୋର ତ୍ରିପାଠୀ, ବୈଜୟନ୍ତ ପଣ୍ଡା ପ୍ରମୁଖ ଯୋଗଦେବା ନେଇ ଚର୍ଚ୍ଚା ହୋଇଛି। ଭାଜପା ଛାଡିଥିବା ବିଜୟ ମହାପାତ୍ର ଏବଂ ଦିଲୀପ ରାୟଙ୍କୁ ଏଥିରେ ସାମିଲ କରାଯିବ ନାହିଁ ବୋଲି ମଧ ସ୍ପଷ୍ଟ କରାଯାଇଛି। ଦୁର୍ନୀତି ଏବଂ ଭ୍ରଷ୍ଟାଚାରକୁ ବିଜେଡି ବିରୋଧରେ ମୁଖ୍ୟ ପ୍ରସଙ୍ଗ କରାଯିବ ବୋଲି ଜଣାପଡିଛି। ଭାଜପା ଯଦି ବିଜେଡି ବିରୋଧରେ କଠୋର ଆଭିମୁଖ୍ୟ ପୋଷଣ କରେ, ତେବେ ମହାମେଣ୍ଟରେ ସେହି ଦଳକୁ ସାମିଲ ସମ୍ପର୍କରେ ବିଚାର କରାଯାଇପାରେ ବୋଲି ଖାରବେଳ ସ୍ପଷ୍ଟ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଏହାକୁ ସ୍ୱାଗତ କରିଛନ୍ତି। ହେଲେ ଭାଜପା ନେତା ପ୍ରତାପ ଷଡଙ୍ଗୀ ଏହାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ୪ଟି ଲାଙ୍ଗୁଡ ମିଶି ସିଂହ ହୋଇଯାଏ ନାହିଁ। ବର୍ତ୍ତମାନ ଓଡ଼ିଶାରେ ୨ଟି ମୁଖ୍ୟ ଶକ୍ତି, ସେ ହେଉଛନ୍ତି- ବିଜେଡି ଓ ଭାଜପା। କଂଗ୍ରେସ ତୃତୀୟ ଶକ୍ତି, ତେଣୁ ଅନ୍ୟ କୌଣସି ମେଣ୍ଟର ରାଜନୈତିକ ସଫଳତାର ସମ୍ଭାବନା ନାହିଁ। ବିଜେଡି ନେତା ଦେବାଶିଷ ସାମନ୍ତରାୟ ମଧ ଏହାକୁ ନେଇ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ବୈଜୟନ୍ତ ହୁଅନ୍ତୁ କି ଦାମୋଦର, ବିଜେଡିରୁ ଯିବା ପରେ କେହି ତିଷ୍ଠି ନାହାନ୍ତି। ତେଣୁ ଏହି ମେଣ୍ଟ ଏକ ଗୋଳିଆଘାଣ୍ଟା। ଏହାର କ'ଣ ବା ପ୍ରଭାବ ରହିବ ବୋଲି ଦେବାଶିଷ କହିଛନ୍ତି। ସେହିପରି ଜନତା ଦଳ-ସଂଯୁକ୍ତ (ଜେଡିୟୁ) ଓଡ଼ିଶାରେ କେତେକ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବ ବୋଲି ଜଣାପଡିଛି।

### ଇଞ୍ଜିନିୟରଙ୍କ ପରଲୋକ

**ମନମୁଣ୍ଡା, ୪।୧ (ଡି.ଏନ.ଏ)** ବୌଦ୍ଧ ଜିଲା ଦେଉଳି (ମନମୁଣ୍ଡା)ର ଇଞ୍ଜିନିୟର ନବକିଶୋର ମହାରଣାଙ୍କ ୯୫ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଛି। ସେ ଜଳସେଚନ ବିଭାଗର ଏସ୍‌ଡିଓ ଭାବେ ଅବସର ଗ୍ରହଣ କରିଥିଲେ। ଦେଉଳି ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

---

୧୧ଦିନରେ ପହଞ୍ଚିଲା କୃଷକ ମଞ୍ଚ ଆନ୍ଦୋଳନ

# ଜଳସେଚନ ବିଭାଗ ଅଧିକାରୀ, ଆନ୍ଦୋଳନକାରୀ ମୁହାଁମୁହିଁ

**ନୂଆପଡା ଅଫିସ,୪।୧**



ଯୋଗେଶ୍ୱର କୃଷକ ମଞ୍ଚ ତରଫରୁ ମହିଳା ଚାଷୀମାନେ ଧାରଣାରେ ବସିଛନ୍ତି ।

ନୂଆପଡା ଜିଲା ଜୋଙ୍କ ଜଳସେଚନ ପ୍ରକଳ୍ପ (ପତୋରା ଡ୍ୟାମ)ରୁ ରବିଚାଷ ପାଇଁ ଜିରୋହେଡରୁ ପାଣି ଯୋଗାଣ, ଅନିୟମିତତାର ତଦନ୍ତ, ଏପେକ୍ସ ପ୍ରେସିଡେଣ୍ଟ, ସହକାରୀ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଯୋଗେଶ୍ୱର କୃଷକ ମଞ୍ଚ ଗତ ୧୧ ଦିନ ଧରି ଆନ୍ଦୋଳନ ଚଳାଇ ଆସିଛି। ଶୁକ୍ରବାର ଆନ୍ଦୋଳନ ସ୍ଥଳରେ ଜଳସେଚନ ବିଭାଗ ଅଧିକାରୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୋଲିସ ଉପସ୍ଥିତିରେ କେନାଲରେ ପାଣି ଛାଡିବାକୁ ଅଧିକାରୀମାନେ ଉଦ୍ୟମ କରୁଥିବା ବେଳେ ମହିଳାମାନେ ଟେକା ପଥର ଧରି ସେମାନଙ୍କୁ ଗୋଡାଇଥିବା ଦେଖିବାକୁ ମିଳିଥିଲା । ହଜାର ହଜାର ଆନ୍ଦୋଳନକାରୀ ଏପରି ଉଦ୍ୟମକୁ ବିରୋଧ କରିବାରୁ ଅଧିକାରୀମାନେ ଜୀବନ ବିକଳରେ ଫେରିଯାଇଥିଲେ। ଦାବି ପୂରଣ ନ ହେବା ଯାଏଁ ସେହି ସ୍ଥାନ ଛାଡିବେ ନାହିଁ ବୋଲି ଚାଷୀମାନେ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସହକାରୀ ଯନ୍ତ୍ରୀ ନିମାଇଁ ନାଏକଙ୍କ ନେତୃତ୍ୱରେ ଅନ୍ୟ ଅଧିକାରୀମାନେ ପୋଲିସ ଟିମ୍ ସହ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ । ସେଠାରୁ ଉଠିଯିବାକୁ ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ । ପରେ ଜେସିବିରେ ମାଇନର କେନାଲଗୁଡିକୁ ବନ୍ଦ କରିବାକୁ ଉଦ୍ୟମ କରିବାରୁ ଆନ୍ଦୋଳନକାରୀମାନେ ଉତ୍‌କ୍ଷିପ୍ତ ହୋଇ ତା'ର ପ୍ରତିବାଦ କରିଥିଲେ। ଏପରି କି ହଜାର ହଜାର ମହିଳାପୁରୁଷ ସେଠାରେ ପହଞ୍ଚି ସଂପୃକ୍ତ ଅଧିକାରୀଙ୍କୁ ଗୋଡ଼ାଇଥିଲେ । ଫଳରେ ଦୁଇ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ଘଟଣାସ୍ଥଳରେ ଅଳ୍ପ ସଂଖ୍ୟକ ପୋଲିସ ଥିବାରୁ କିଛି କରିପାରି ନ ଥିଲେ । ଶେଷରେ ଅଧିକାରୀମାନେ ଛତ୍ରଭଙ୍ଗ ଦେଇ ଚାଲି ଆସିଥିଲେ ।

ସୂଚନାଯୋଗ୍ୟ, ନବେ ଦଶକରେ ଜୋଙ୍କ ନଦୀରେ ନିର୍ମାଣ ହୋଇଥିବା ପ୍ରକଳ୍ପ ପାଣିରେ ୯୫୦୦ ହେକ୍ଟର ଜମିରେ ଖରିଫ ଚାଷ ହେଉଥିବାବେଳେ ୪ ହଜାର ହେକ୍ଟର ଜମିରେ ରବି ଚାଷ ହୋଇଥାଏ । ବିଗତ ବର୍ଷରେ ପାଳି କରି ଉପରମୁଣ୍ଡ ଏବଂ ତଳମୁଣ୍ଡକୁ ପାଣି ଦିଆଯାଇ ଆସୁଥିଲା । ଉପରମୁଣ୍ଡ ଅର୍ଥାତ ଯୋଗେଶ୍ୱର କୃଷକ ମଞ୍ଚର ଚାଷୀମାନେ ଏପେକ୍ସ କମିଟି ସଭାପତିଙ୍କ କାର୍ଯ୍ୟକାଳ ସରିଯାଇଥିବାରୁ ପୁନଃ ନିର୍ବାଚନ ଏବଂ ସହକାରୀ ଯନ୍ତ୍ରୀ କବିରାଜ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାରମ୍ବାର ଦାବି କରିଥିଲେ । ଦାବି ପରେ ସେମାନଙ୍କ ବଦଳି କରାଯାଇଥିଲା । ଏହାପରେ ବି ସେହି ବଦଳି ନିର୍ଦ୍ଦେଶକୁ ଜିଲା ପ୍ରଶାସନ ବାତିଲ କରି ସଂପୃକ୍ତ ଅଧିକାରୀମାନଙ୍କୁ ସେହି କାର୍ଯ୍ୟାଳୟରେ ରଖିବାରୁ ଚାଷୀମାନେ ଗତ ୨୫ ତାରିଖରୁ ଆନ୍ଦୋଳନରେ ବସିଥିଲେ । ସେଦିନଠାରୁ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ତଳମୁଣ୍ଡକୁ ରବି ଚାଷ ସକାଶେ ପାଣି ଛଡାଯିବାର ଥିଲା। ହେଲେ ମଞ୍ଚର ପ୍ରତିରୋଧକ୍ରମେ ପାଣି ଛଡାଗଲା ନାହିଁ । ଆଜକୁ ୧୧ ଦିନ ହେଲା ପାଣି ଛଡାଯାଇନାହିଁ। ତଳମୁଣ୍ଡର ଚାଷ ସମୟ ଗଡି ଚାଲିଛି । ଏହାକୁ ନେଇ ଜିଲା ପ୍ରଶାସନ ୪ ଚାଷୀ ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏହା ପରେ ଚାଷୀ ଅସନ୍ତୋଷ ଆହୁରି ବୃଦ୍ଧି ପାଇବାରେ ଲାଗିଛି। ସମସ୍ତ ଚାଷୀଙ୍କୁ ପ୍ରଶାସନ ଗିରଫ କରିବାକୁ ପ୍ରସ୍ତୁତ ରହୁ ବୋଲି ମଞ୍ଚ ଚେତାବନୀ ଦେଇଛି ।

---

### ଚୋରି ସାମଗ୍ରୀ ଉଦ୍ଧାର, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ ସୁନାପାଲି ଅଞ୍ଚଳରୁ ଚୋରି ହୋଇଥିବା ପାଇପ୍, ଲୁହାଛଡ ଉଦ୍ଧାର କରିଛି। ଅନ୍ୟପକ୍ଷେ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କ ଗିରଫ କରିଛି । ସେ ହେଲେ ସଦରଥାନା ଅନ୍ତର୍ଗତ ଧନକଉଡା ଗ୍ରାମର ଦିଲ୍ଲୁ କୁମ୍ଭାର। ଏନେଇ ଥାନାରେ ଏକ ମାମଲା(ନଂ.୪/୧୮) ରୁଜୁ ହୋଇଛି । ସୂଚନାଯୋଗ୍ୟ, ସୁନାପାଲିରେ ପୁରୀ ଜିଲାର ସୋମନାଥ ସେଠୀ ପାଇପ୍ ବିଛା କାମ କରୁଛନ୍ତି। ଏଥିରେ ଦିଲ୍ଲୁ କାମ କରୁଥିଲେ। ହେଲେ ଦିଲ୍ଲୁ ପ୍ରତିଦିନ ବିଭିନ୍ନ ସମାଗ୍ରୀ ଚୋରି କରୁଥିବା ସୋମନାଥ ଜାଣିବାକୁ ପାଇଥିଲେ। ପରେ ସେ ଥାନାରେ ଅଭିଯୋଗ କରିଥିଲେ।

---

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୧୬୧ ପ୍ରକଳ୍ପ ନିମନ୍ତେ ୪କୋଟି ୨୫ଲକ୍ଷ ମଞ୍ଜୁର

**ଦେବଗଡ/ରିଆମାଳ,୪।୧ (ସ୍ୱ.ପ୍ର/ଡି.ଏନ.ଏ.)**

ରାଜ୍ୟ ସରକାର ଗ୍ରାମାଞ୍ଚଳରବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପଞ୍ଚାୟତକୁ ଅନୁଦାନ ପ୍ରଦାନ କରୁଛନ୍ତି। ଆମ ଗାଁ ଆମ ବିକାଶ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ରିଆମାଳ ବ୍ଲକର ୨୫ଟି ପଞ୍ଚାୟତର ଗ୍ରାମବାସୀଙ୍କ ସହିତ ଭିଡିଓ କନଫରେନ୍ସିଂ ଜରିଆରେ କଥାବାର୍ତ୍ତା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬୧ଟି ପ୍ରକଳ୍ପ ପାଇଁ ୪କୋଟି ୨୫ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଞ୍ଚାୟତଗୁଡିକର ବିଭିନ୍ନ ଗାଆଁରେ ରହିଥିବା ଆବଶ୍ୟକତା ସମ୍ପର୍କରେ ଅବଗତ ଥିବା ପ୍ରକାଶ କରିବା ସଙ୍ଗେ ସଙ୍ଗେ ଜନପ୍ରତିନିଧିମାନଙ୍କ ଦ୍ୱାରା ଉପସ୍ଥାପିତ ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ଭିତ୍ତିରେ ଅନୁମୋଦନ କରିଥିଲେ। ସମସ୍ତ ପ୍ରକଳ୍ପଗୁଡିକୁ ୩ ମାସ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଉପଲକ୍ଷେ ରିଆମାଳ ଉଚ୍ଚ ବିଦ୍ୟାଳୟ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଜିଲା ପରିଷଦ ସଦସ୍ୟା ନିଶାନି ବେହେରା ଓ କନକଲତା ପ୍ରଧାନ, ରିଆମାଳ ପଞ୍ଚାୟତ ସମିତି ଅଧକ୍ଷା ରୀତାଞ୍ଜଳୀ ହାତୀ ଏବଂ ବିଡିଓ ଶିବ ଟପ୍ପୋଙ୍କ ସମେତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି, ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ପଞ୍ଚାୟତ ସମିତି ଅଧକ୍ଷା ଅଞ୍ଚଳର ଜନସାଧାରଣଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

---

ନାରାୟଣପାଟଣାରେ ବିଜେଡିର ବନ୍ଧୁମିଳନ

# ତେଜେଶ୍ୱରଙ୍କ ବିରୋଧରେ ଉଠିଲା ସ୍ୱର

**କୋରାପୁଟ/ନାରାୟଣପାଟଣା, ୪।୧(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ଯୋଗୀପାଲୁରରେ ଶୁକ୍ରବାର ବିଜେଡିର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଥିବା ଖଦିବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡ଼ାଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି କେତେକ ନେତା ଓ କର୍ମୀ। ଦଳକୁ ମଜଭୁତ କରିବା ବଦଳରେ ସେ ନେତା ଓ କର୍ମୀଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବା ସହ ଅଶୋଭନୀୟ ଆଚରଣ, ସ୍ଥାନୀୟ ନେତାଙ୍କ କଥାକୁ ଉପେକ୍ଷା କରୁଥିବା ଅଭିଯୋଗ ଉଠିଛି। ଆଗକୁ ତାଙ୍କୁ ଅଞ୍ଚଳରେ ପୂରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ନେତା ଓ କର୍ମୀ।

ଏ ନେଇ ତେଜେଶ୍ୱର ପରିଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ଏପରି ବୈଠକ ବିଜେଡି କରିନାହିଁ। କେତେକ ବ୍ୟକ୍ତି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ଏହି ବନ୍ଧୁମିଳନ କରିଛନ୍ତି। ସେ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିର ଗୋଟିଏ ମଧ ଜିଲା ପରିଷଦ ଆସନ ନ ଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ଦିନ ରାତି ଏକ କରି କାମ କରିବା ଯୋଗୁ ନିର୍ବାଚନ ମଣ୍ଡଳୀର ସମସ୍ତ ୭ଟି ଜିଲା ପରିଷଦ ଆସନ ବିଜେଡି ହାତେଇଥିଲା ବୋଲି ତେଜେଶ୍ୱର କହିଛନ୍ତି। ଅନ୍ୟପକ୍ଷରେ କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ପଚାରିବାରୁ ସେ କହିଛନ୍ତି, ଉପରୋକ୍ତ ବନ୍ଧୁ ମିଳନ ନେଇ ତାଙ୍କ ପାଖରେ ଖବର ନାହିଁ। ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ନେତା ଓ କର୍ମୀଙ୍କ କାର୍ଯ୍ୟ ଯୋଗୁଁ ବିଜେଡିର ସ୍ଥିତି ଭଲ ରହିଛି। ଯଦି ତେଜେଶ୍ୱରଙ୍କୁ ନେଇ ନେତା-କର୍ମୀଙ୍କ ମଧ୍ୟରେ ମତାନ୍ତର ରହିଥାଏ, ତେବେ ଦିଲ୍ଲୀ କୃଷକ ସମାବେଶରୁ ଫେରିବା ପରେ ତାହାର ସମାଧାନ କରିବେ।

---

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପରେ ହସହସ ଭିତରେ କାନ୍ଦ
ଚାରି ଦଉଡ଼ି କଟା ମେଲିଛି ଫାନ୍ଦ ।**

ଆପଣାର ଭାବ ଦେଖାଇ ମୁହଁ ସାମ୍ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ। ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। ସ୍ଥଳବିଶେଷରେ କେତେକ ନିରୀହ ବ୍ୟକ୍ତି ଏପରି କୁଚକ୍ରୀ ବ୍ୟକ୍ତିଙ୍କ ମଧୁର କଥାରେ ପ୍ରଭାବିତ ହୋଇ ହଇରାଣ ହରକତ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ମୁହଁରେ ହସ ପେଟରେ ବିଷ ଭଳି ଆପଣାର ଭାବ ଦେଖାଉଥିବା କୁଟୀଳ ବ୍ୟକ୍ତି କେବେ ବି ବିଶ୍ୱାସଯୋଗ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଷୁନା ଚାଉଳ ଗଜା ହେଉ
ପୁଅ ମୋର ଅଛମର ହେଉ ।**

ମା' ପାଇଁ ଦୁନିଆର ସବୁଠାରୁ ବଡ଼ ଶ୍ରେଷ୍ଠ ସମ୍ପଦ ତା'ର ସନ୍ତାନ ହିଁ ହୋଇଥାଏ। ସେ କିପରି ଭଲରେ ରହିବ, ଭଲରେ ଚଳିବ ସେନେଇ ବ୍ୟତିବ୍ୟସ୍ତ ହେବା ସହ ଅନବରତ ତା'ର ମଙ୍ଗଳ କାମନା ହିଁ କରିଚାଲିଥାଏ। ବିଶ୍ୱନିୟନ୍ତା ଈଶ୍ୱରଙ୍କ ନିକଟରେ ନିଜ ପୁତ୍ରର ଜୀବନ ଦୀର୍ଘାୟୁ ପାଇଁ ମିନତି କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
AT/PO: Jambhirai, Baleswar, Odisha- 756024
M: 7750922443, 7077432760

TARIFF
MORE SPACE • SAME PRICE
* GST 5% Extra

| | 6×4 | 12×4 |
|---|---|---|
| For Single Day | 1,500.00 | 2,000.00 |
| For 7 Days | 6,000.00 | 12,000.00 |
| For 15 Days | 12,000.00 | 25,000.00 |
| For 30Days | 20,000.00 | 40,000.00 |



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ

### ସୁବର୍ଣ୍ଣପୁରରେ ପଲିଥିନ ବର୍ଜନ ପ୍ରହସନ

**ସୋନପୁର,୪।୧(ନି.ପ୍ର.):** ରାଜ୍ୟ ସରକାର ପଲିଥିନ ବ୍ୟବହାର ଓ ବ୍ରିକ୍ରି ଉପରେ କଟକଣା ଲଗାଇଛନ୍ତି। ଗାନ୍ଧୀ ଜୟନ୍ତୀରେ ପଲିଥିନକୁ ନିଷିଦ୍ଧ କରାଯାଇଛି। ସୁବର୍ଣ୍ଣପୁରରେ ବହୁ ପୂର୍ବରୁ ପଲିଥିନ ବର୍ଜନ କରିବା ପାଇଁ ମନିସିପାଲିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଗୋଦାମ ଓ ଦୋକାନରେ ଚଢାଉ ହେଲା । ପଲିଥିନ ବ୍ୟବହାର ଯଥେଷ୍ଟ ହ୍ରାସ ପାଇଥିଲା । ଏପରିକି ସହରଟି ପଲିଥିନ ମୁକ୍ତ ଅଞ୍ଚଳ ବୋଲି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ପୌର କର୍ତ୍ତୃପକ୍ଷ ସତ୍ୟପାଠ ମଧ୍ୟ ଦାଖଲ କରିଥିଲେ। କିନ୍ତୁ ଏହି ସତ୍ୟପାଠ ଧର୍ମକୁ ଆଖିଠାର ସଦୃଶ ହୋଇଛି। ସହରରେ ପଲିଥିନର ବହୁଳ ବ୍ୟବହାର ହେଉଛି। ପୌର ପ୍ରଶାସନ ଓ ଜିଲା ପ୍ରଶାସନର କୋହଳ ମନୋଭାବ ଯୋଗୁଁ ପଲିଥିନ ବ୍ୟବସାୟ ପୁଣି ବୃଦ୍ଧି ପାଇଛି। ପ୍ରଶାସନ ଏ ଦିଗରେ ଦୃଢ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ବାଲାଜୀ ମନ୍ଦିରରେ ସୁନ୍ଦରାକାଣ୍ଡ

**ସୋନପୁର,୪।୧(ନି.ପ୍ର.):** ସୁବର୍ଣ୍ଣପୁରର ରଘୁନାଥ ସତସଙ୍ଗ ସମିତି ପକ୍ଷରୁ ସ୍ଥାନୀୟ ସ୍ପିନିଂ ମିଲ୍ ନିକଟସ୍ଥ ବାଲାଜୀ ମନ୍ଦିରରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ନବବର୍ଷରେ ଆଧ୍ୟାତ୍ମିକ ପରିବେଶ ତଥା ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତିରେ ଭରି ଦେବା ଲକ୍ଷ୍ୟରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ପଣ୍ଡା ସୁନ୍ଦରାକାଣ୍ଡ ପାଠ କରିଥିଲେ। ଏଥିରେ ଗୌରିଶଙ୍କର ବାଘ, ଶଙ୍କର ଘିବେଲା, ପଦ୍ମନାଭ ପଣ୍ଡା, ଶଙ୍କର ସାହୁ ଓ ଶାନ୍ତନୁ ସାହୁ ପ୍ରମୁଖ ସୁନ୍ଦରାକାଣ୍ଡର ପାଳିଆକାର ଥିବା ବେଳେ ଦିଲ୍ଲୀପ ଦାନୀ ତବଲା ବାଦନ କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧର ଗୀତା ଭଉଣୀ ଓ ସାଥୀଙ୍କ ଦ୍ୱାରା ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ବାଲାଜୀ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବୌଦ୍ଧର ଗୀତା ଭଉଣୀ ଓ ସାଥୀଙ୍କ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶୁକ୍ଳ ଦଣ୍ଡସେନା, ନିରଞ୍ଜନ ତ୍ରିପାଠୀ, ଶାନ୍ତନୁ ଆଚାର୍ଯ୍ୟପ୍ରମୁଖ ପରିଚାଳନା କରିଥିଲେ। ଏହି ଧାର୍ମୀକ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ ।

### ୧୩୪ ଛାତ୍ରୀଛାତ୍ରଙ୍କୁ ମିଳିଲା ୟୁନିଫର୍ମ

**ସଂଘିଯୁବା, ୪।୧(ଡି.ଏନ୍.ଏ.):** ବିନିକା ବ୍ଲକ ସଂଘିଯୁବା ସରକାରୀ ଉପ୍ରା ବିଦ୍ୟାଳୟର ୧୩୪ଜଣ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସ୍କୁଲ ୟୁନିଫର୍ମ ଏବଂ ଜୋତ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ଥାନୀୟ ସରପଞ୍ଚ ମହାବୀର ବେରିହା, ସିଆର୍‌ସିସି ପ୍ରଦୀପ କୁମାର ମହାନ୍ତି ୟୁନିଫର୍ମ ବଣ୍ଟନ କାର୍ଯ୍ୟକ୍ରମର ତଦାରଖ କରିଥିଲେ । ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୟାସାଗର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀଯାଏଁ ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ସ୍କୁଲ କମିଟି ସଭ୍ୟାସଭ୍ୟ ସ୍କୁଲର ସହକାରୀ ଶିକ୍ଷକ, ପିଲାଙ୍କ ଅଭିଭାବକମାନଙ୍କର ଉପସ୍ଥିତିରେ ୟୁନିଫର୍ମ ଏବଂ ଜୋତା ପ୍ରଦାନ କରାଯାଇଛି ।

ଏମଜିଏନଆରଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ

# ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ

**ସୋନପୁର,୪।୧(ନି.ପ୍ର.)**



ପାଇକବାହାଲ ଗ୍ରାମବାସୀ ଅଭିଯୋଗ କରିବାକୁ ଭିଜିଲାନ୍ସ ଡିଏସପିଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି ।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ଗ୍ରାମ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପାଇକବାହାଲ ଗ୍ରାମବାସୀ ଦୁର୍ନୀତିର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗ ନିକଟରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଜମି ଉନ୍ନତିକରଣ ସକାଶେ ପଞ୍ଚାୟତର ୯୯ଜଣଙ୍କ ନାମରେ ୨୯ହଜାର ଟଙ୍କା ଲେଖାଏଁ ୨୮ଲକ୍ଷ ଟଙ୍କା ଉଠାଣ କରାଯାଇଛି। ଏଥିରେ ଦୁର୍ନୀତି ହୋଇଛି। କାମ କରି ନଥିବା ଶ୍ରମିକଙ୍କ ନାମରେ ମିଥ୍ୟା ବିଲ୍ ପ୍ରସ୍ତୁତ ହୋଇଛି। ଗ୍ରାମର ବାବାମୁଣ୍ଡା ବନ୍ଧ, ଖଳିଆ ମୁଣ୍ଡା ବନ୍ଧ ଓ ତେଲିମୁଣ୍ଡାରୁ ବୁର୍ଡା ରାସ୍ତା କାମରେ ଅନିୟମିତତା ହୋଇଛି। ଏହି ସବୁ ପ୍ରକଳ୍ପ ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ପୋଷ୍ଟ ଅଫିସରେ ଶ୍ରମିକଙ୍କ ନାମରେ ଖାତା ଖୋଲାଯାଇଥିଲା। ଶ୍ରମିକଙ୍କ ବିନା ଦସ୍ତଖତ ଓ ଉପସ୍ଥିତିରେ ଟଙ୍କା ଉଠାଣ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ବରିଷ୍ଠ ଖମାରୀ(୬୦) କୁହନ୍ତି ସେ କେବେ ମାଟି ବୋଝ ଉଠାଇ ନାହାନ୍ତି। ତାଙ୍କୁ ଶ୍ରମିକଭାବେ ଦର୍ଶାଯାଇ ଅଜାଣତରେ ତାଙ୍କ ନାମରେ ଡାକଘରୁ ଟଙ୍କା ଉଠାଯାଇଛି। ଅନ୍ୟମାନେ ମଧ୍ୟ ଏଭଳି ଅଭିଯୋଗ କରିଛନ୍ତି। ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ନେତୃତ୍ୱରେ ଭକ୍ତ ସେଠୀ, ଶବର ମଲ୍ଲିକ, ମମତା ପଧାନ, ସୀତା ବସ୍ତିଆ, ରୀତା ମଲ୍ଲିକ, ମଦନ ମଲ୍ଲିକ ଓ ରାଜେଶ କୁମାର ସା ପ୍ରମୁଖ ଶତାଧିକ ବ୍ୟକ୍ତି ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରି ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ତେବେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ପାଇକବାହାଲ ପଞ୍ଚାୟତର କାର୍ଯ୍ୟାଳୟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଡାହିମାଲରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବାକୁ ଯାଉ ଥିବାରୁ ପାଇକବାହାଲବାସୀ ଅସନ୍ତୁଷ୍ଟ ଅଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ ଦେବକୀ ନାଗ କୁହନ୍ତି ଏମଜିଏନଆରଇଜିଏସରେ କୌଣସି ପ୍ରକାର ଦୁର୍ନୀତି ହୋଇନି। ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ କାମ ହୋଇଛି, ଶ୍ରମିକଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଛି। ଅଭିଯୋଗ ଭିତ୍ତିହୀନ ବୋଲି ଶ୍ରୀମତୀ ନାଗ କହିଛନ୍ତି ।


ଯୁବକମାନେ ଜଣେ ବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରୁଛନ୍ତି ।

### ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

**ସୋନପୁର,୪।୧(ନି.ପ୍ର.)**

ବଜରଙ୍ଗ ଦଳ ସୁବର୍ଣ୍ଣପୁର ଶାଖା ପକ୍ଷରୁ ସହରର ଅସହାୟ ବୃଦ୍ଧା ବୃଦ୍ଧଙ୍କୁ ଗୁରୁବାର ରାତିରେ କମ୍ବଳ ବଣ୍ଟନ କରାଯାଇଛି । ରାସ୍ତାପାର୍ଶ୍ୱରେ ଓ ଦୋକାନ ଆଗରେ ଶୀତରେ ଶୋଇଥିବା ଅସହାୟଙ୍କୁ ଭେଟି କର୍ମମର୍ତ୍ତା ମାନେ କମ୍ବଳ ଘୋଡାଇଥିଲେ। ନଗର ସଭାପତି ରଜତ ଅଗ୍ରୱାଲା, ଉପସଭାପତି ସ୍ୱରୂପ ପାତ୍ର, ରାଜେଶ ସାହୁ, ଜିତୁ ବଡମାଳୀ, ସୁବାଷ ଚରଣ ପଣ୍ଡା, ରୀତୁ ଦାସ, ସତ୍ୟନାରାୟଣ ଦରୱାନ, ପିଣ୍ଟୁ ପଣ୍ଡା, ଶାନ୍ତନୁ ବଣିଆ, ଶକୁନ ମିଶ୍ର, ଆକାଶ ମେହେର ଓ ପଦ୍ମନାଭ ବେହେରା ପ୍ରମୁଖ ଏହି ମହତ୍ କାର୍ଯ୍ୟରେ ସାମିଲ ହୋଇଥିଲେ ।

ସୁବଳୟା କଲେଜରେ ଚକ୍ଷୁ ପରୀକ୍ଷଣ ଶିବିର

## ୨୫୦ଜଣଙ୍କ ଚକ୍ଷୁ ପରୀକ୍ଷା

**ବୀରମହାରାଜପୁର, ୪।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା କଲେଜ ଯୁବ ରେଡ୍‌କ୍ରସ୍ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ବୀରମହାରାଜପୁରର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ ଉକ୍ତ ଶିବିରକୁ କଲେଜ ଅଧକ୍ଷ ଭୋଲାନାଥ କର୍ମୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ନେତ୍ର ଚିକିତ୍ସାଳୟର ବିଶେଷଜ୍ଞ ଡା. ସୁଜିତ କୁମାର ଥାପାଙ୍କ ନେତୃତ୍ୱରେ ଡା.ସତ୍ୟନରାୟଣ ଦାଶ, ସତ୍ୟ ନାଏକ, ନିମାଇ ଚରଣ ଦଳବେହେରା ଓ ଭାଗବତ ପାଣ୍ଡେ ତଥା ଶିବିର ସଂଗଠକ ଧର୍ମରାଜ ନାଏକ ପ୍ରମୁଖ ଚକ୍ଷୁ ପରୀକ୍ଷଣ କରିଥିଲେ। ଶିବିରରେ ସମ୍ପୃକ୍ତ ଅଞ୍ଚଳର ୨୫୦ ଜଣ ଚକ୍ଷୁରୋଗୀଙ୍କ ପରୀକ୍ଷା କରାଯଇଥିଲା। ସେମାନଙ୍କ ମଧ୍ୟରୁ ୮୦ଜଣଙ୍କୁ ମାଗଣାରେ ଅସ୍ତ୍ରୋପଚାର ନିମନ୍ତେ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠାଯାଇଥିଲା। ଏହି ଅବସରରେ ଯୁବ ରେଡ୍‌କ୍ରସ୍ ତରଫରୁ ଅନୁଷ୍ଠିତ ସଭାରେ ଜିଲା ଯୁବ ରେଡ୍‌କ୍ରସ୍‌ର ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ କାଦଦୋର କଲେଜର ଯୁବ ରେଡ୍‌କ୍ରସ କାଉନ୍‌ସେଲର ଉଦ୍ଧବ ପଧାନ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ରମାକାନ୍ତ ପୁରୋହିତ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ଡ. ମିନକେତନ ଛୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିର ପରିଚାଳନାରେ କଲେଜ କର୍ମଚାରୀ ସୁରେନ୍ଦ୍ର ସାହୁ, ଦିଲୀପ ମେହେର, ପୂର୍ଣ୍ଣଚନ୍ଦ୍ର ଭୋଇ, ଶମ୍ଭୁ ପ୍ରସାଦ ସାହୁ ଓ ନିରଞ୍ଜନ ନାଏକ ସହଯୋଗ କରିଥିଲେ।



ଚକ୍ଷୁ ପରୀକ୍ଷଣ ଶିବିରର ଉଦ୍‌ଘାଟନୀ ପର୍ବରେ ଯୁବ ରେଡ୍‌କ୍ରସର ସଦସ୍ୟ ବୃନ୍ଦ।

### ଆଜିଠାରୁ ବଲାଙ୍ଗୀର ବହିହାଟ

**ବଲାଙ୍ଗୀର ଅଫିସ,୪।୧**

୧୪ତମ ବଲାଙ୍ଗୀର ବହିହାଟ ଶନିବାର ଠାରୁ ଆରମ୍ଭ ହେବ । ଏନେଇ ସମସ୍ତ ପ୍ରସ୍ତୁତି ସରିଛି । । ଶନିବାର ସନ୍ଧ୍ୟା ୬ଟାରେ ବହିହାଟ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେବେ ଜିଲାପାଳ ଅରିନ୍ଦମ ଡାକୁଆ। ମୁଖ୍ୟଅତିଥି ଭାବେ କବି ରାଜେନ୍ଦ୍ର କିଶୋର ପଣ୍ଡା ଯୋଗଦେବେ ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଜିଲା ଲେଖକ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି ବହିହାଟର ବିଭିନ୍ନ ଦିନରେ ବିଭିନ୍ନ ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । କବିତା ଆସର, ଗୀତ ପ୍ରତିଯୋଗିତା, ଆଲୋଚନାଚକ୍ର, ଏକକ ଅଭିନୟ, ବ୍ୟଙ୍ଗ କବିତା ଆସର, ବଲାଙ୍ଗୀର କୁଇଜ୍, ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବହିହାଟ ସଂଯୋଜକ ଲଳିତ କୁମାର ନାୟକ, ପରିଷଦ ସମ୍ପାଦକ କପିଳେଶ୍ୱର ଖମାରୀ, ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ଓ କୋଷାଧ୍ୟକ୍ଷ ଅଜିତ କୁମାର ମହାନ୍ତି ମଞ୍ଚାସୀନ ଥିଲେ । ଏହି ବହିହାଟରେ ୧୦୦ରୁ ଅଧିକ ପ୍ରକାଶକ ଯୋଗଦେବେ ବୋଲି କୁହାଯାଇଛି। ବହିହାଟ ଆୟୋଜନରେ ଘୋର ଆର୍ଥିକ ନିଅଣ୍ଟ ହେଉଥିବା ସୂଚନା ଦିଆଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ବହିହାଟ ସକାଶେ ଆସୁଥିବା ଅନୁଦାନ ଦିଆଯାଉନଥିବା ନେଇ ପରିଷଦ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ବହିହାଟର ନାମକରଣ ପରିବର୍ତ୍ତନ କରି ପୁସ୍ତକ ମେଳା ରଖିଲେ ସରକାରୀ ଅନୁଦାନ ମିଳିବ ବୋଲି ଜଣେ ଅଧିକାରୀ କହିଥିବା ସୂଚନା ଦେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

ସତ୍ୟବାଦୀ ଜୁନିୟର କଲେଜରେ ଆତ୍ମରକ୍ଷା ତାଲିମ ଶିବିର

## ଆତ୍ମ୍ ବିଶ୍ୱାସ ହିଁ ଆତ୍ମସୁରକ୍ଷାର ମୂଳମନ୍ତ୍ର

**ବୀରମହାରାଜପୁର, ୪।୧ (ଡି.ଏନ୍.ଏ)**


ଆତ୍ମରକ୍ଷା କୌଶଳ ତାଲିମ ଶିବିରର ଉଦ୍‌ଯାପନୀ ଉତ୍ସବରେ ଜଣେ ପ୍ରଶିକ୍ଷିକା ଅନୁଭୂତି ବଖାଣୁଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ସତ୍ୟବାଦୀ ଜୁନିୟର କଲେଜରେ ଗତ ୧୦ଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ ଉକ୍ତ ଶିବିର ମାଧ୍ୟମରେ ୯୦ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ଦୁଇଜଣ ତାଲିମପ୍ରାପ୍ତ ପ୍ରଶିକ୍ଷିକା ସେମାନଙ୍କୁ ଆତ୍ମରକ୍ଷାର କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ଶିବିରର ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଶ୍ରୀକାନ୍ତ ପଧାନ ସଭାପତିତ୍ୱ କରି ତାଙ୍କ ଅଭିଭାଷଣରେ ଆତ୍ମବିଶ୍ୱାସ ହିଁ ଆତ୍ମସୁରକ୍ଷା ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ପୂର୍ବତନ ଡିଏଲ୍‌ସି ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥିଭାବେ ଉଦ୍‌ବୋଧନ ଦେଇ ବିଦ୍ୟାର୍ଥୀମାନଙ୍କୁ ମାନବିକ ମୂଲ୍ୟବୋଧ ଓ ଚରିତ୍ର ଗଠନ ସମ୍ପର୍କରେ ବୁଝାଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଯୋଗଦେଇ ସୋନପୁରସ୍ଥିତ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ମଧୁସୂଦନ ପୂଜାହାରୀ ତାଙ୍କ ବକ୍ତବ୍ୟରେ ମତ ରଖିଥିଲେ ଯେ, ଜୀବନରେ ସଫଳପ୍ରାପ୍ତି ବଡକଥା ନୁହେଁ, ମଣିଷ ପଣିଆଁ ହିଁ ଶ୍ରେଷ୍ଠ ପରିଚୟ। ଏହି ଅବସରରେ ଅତିଥିମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ନେଇଥିବା କୌଶଳଗୁଡିକ ନିଜର ସୁରକ୍ଷା ପାଇଁ ଉପଯୋଗ କରିବା ସହ ଏ ନେଇ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପ୍ରୋଗ୍ରାମ ଅଫିସର ପ୍ରତିମା ବାରିକ ଶିବିରର ଆଭିମୁଖ୍ୟ ଏବଂ ବିବରଣୀ ପ୍ରଦାନ କରିଥିବା ବେଳେ ମାଷ୍ଟର ଟ୍ରେନର କଲ୍ୟାଣମୟୀ ତ୍ରିପାଠୀ ଓ ମହିମାମୟୀ ଖୁରା ଶିବିରର ଅନୁଭୂତି ବ୍ୟକ୍ତ କରିବା ସହ ଆତ୍ମ ସୁରକ୍ଷା କୌଶଳର କେତେଟି ଝଲକ ପ୍ରଦର୍ଶନ କରିଥିଲେ। ଶିବିରାର୍ଥୀ ମାନଙ୍କୁ ପ୍ରମାଣ ପତ୍ର ସହିତ ତାଲିମ ପୁସ୍ତିକା 'ରିଆକ୍ଟ' ପ୍ରଦାନ କରାଯାଇଥିଲା। ଦେବଯାନୀ ମେସୁଆଙ୍କ ସଂଯୋଜନାରେ ସମ୍ପନ୍ନ ହୋଇଥିବା କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଟିଆ ସମସ୍ୟା: ଓଡ଼ିଶାର ଅବହେଳା ପାଇଁ ପଡୋଶୀ ଫାଇଦା ନେଉଛି- ଧର୍ମେନ୍ଦ୍ର

**ଭୁବନେଶ୍ୱର, ୪।୧ (ବ୍ୟୁରୋ)**

କୋରାପୁଟ ଜିଲା କୋଟିଆ ଅଞ୍ଚଳରେ ଜନସାଧାରଣଙ୍କ ସହିତ ଉପଯୁକ୍ତ ଯୋଗାଯୋଗ ସହ ସରକାରୀ ଯୋଜନା ଓ ସେମାନଙ୍କ ହକ୍ ସେମାନଙ୍କୁ ନ ପହଞ୍ଚାଇବା ଯୋଗୁ ପଡୋଶୀ ରାଜ୍ୟ ଫାଇଦା ଦେବାକୁ ପ୍ରୟାସ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସରକାର ରାଜ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ଦ୍ୱରିତ୍ ପଦକ୍ଷେପ ନେବା ଜରୁରୀ ବୋଲି ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, କୋରାପୁଟ ଜିଲାର କୋଟିଆ ଉତ୍କଳ ଜନନୀର ଅବିଚ୍ଛେଦ୍ୟ ଅଙ୍ଗ। ଖାଲି କୋଟିଆ ଏକ ଗାଁ ନୁହେଁ ବରଂ ଓଡିଶାର ଅସ୍ମିତା ଓ ଅଖଣ୍ଡତାର ପରିଚୟ ଅଟେ। ଏହି ଅଞ୍ଚଳରେ ଓଡିଶାର ମାଟି ତଳେଥିବା ମୂଲ୍ୟବାନ ପ୍ରାକୃତିକ ସମ୍ପଦ ଉପରେ ପଡୋଶୀ ରାଜ୍ୟର ଲୋଲୁପ ଦୃଷ୍ଟି ପଡିଛି। ଏହି ସମସ୍ୟା ବାରମ୍ବାର ଉଠିଛି ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣଭାବେ ଅବଗତ। ସବୁ ଜାଣି ସ୍ଥାନୀୟ ଅଞ୍ଚଳ ଜନସାଧାରଣଙ୍କ ସହ ଉପଯୁକ୍ତ ଯୋଗାଯୋଗ ସହ ସରକାରୀ ଯୋଜନା ଓ ସେମାନଙ୍କ ହକ୍ ସେମାନଙ୍କୁ ନ ପହଞ୍ଚାଇବା କାରଣରୁ ପଡୋଶୀ ରାଜ୍ୟ ପ୍ରଶାସନ ଫାଇଦା ନେବାକୁ ଚେଷ୍ଟା କରୁଛି। ରାଜ୍ୟ ସରକାର ସ୍ଥାନୀୟ ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଦ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଇନ୍ଦିରା ଗାନ୍ଧୀ ହାଇସ୍କୁଲର ବାର୍ଷିକ କ୍ରୀଡା

## ଲୋପାମୁଦ୍ରା ବାଳିକା, ବିକ୍ରମ ବାଳକ ବିଭାଗ ଚାମ୍ପିୟନ

**ବୀରମହାରାଜପୁର, ୪।୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଖେଳ ପଡିଆରେ ତିନିଦିନ ଧରି ଆୟୋଜିତ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ହାଇସ୍କୁଲର ୩୨ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କ୍ରୀଡା ପ୍ରତିଯୋଗିତାରେ ସତାଧିକ ଛାତ୍ରୀଛାତ୍ର ଭାଗ ନେଇଥଲେ। ସର୍ବାଧିକ ପଏଣ୍ଟ ହାସଲ କରିଥିବା ବାଳିକା ବିଭାଗର ଲୋପାମୁଦ୍ରା ପଧାନ ଏବଂ ବାଳକ ବିଭାଗର ବିକ୍ରମ ଜାଲ୍ କ୍ରୀଡା ଚାମ୍ପିୟନ ଘୋଷିତ ହୋଇଥିଲେ। ସ୍କୁଲର ଖେଳ ଶିକ୍ଷକ ବ୍ରଜଗୋପାଳ ମହାପାତ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପିଇଟି ଉପେନ୍ଦ୍ର ସାହୁ ଓ ରଣଜିତ ପଧାନ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ଦେଦୌଡକୁଦ, ଲମ୍ବଡିଆଁ, ଉଚ୍ଚଡିଆଁ, ଥାଳିଆ ଫିଙ୍ଗା, ଗୋଲାଫିଙ୍ଗା ପ୍ରଭୃତି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ପ୍ରଧାନଶିକ୍ଷକ ଅଖୋଜ କୁମାର ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ରତ୍ନାକର ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସାହିତ କରିଥିଲେ। ଶେଷରେ ଶିକ୍ଷକ ଅନନ୍ତ ଚରଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ଧରି ଚାଲିଥିବା କ୍ରୀଡା ଉତ୍ସବର ପରିଚାଳନାରେ ସନ୍ତୋଷ କୁମାର ରଥ, ଉଜ୍ଜ୍ୱଳ ଚନ୍ଦ୍ର ପଧାନ, ରାଘବ ବିଶ୍ୱାଳ, ନାରାୟଣ ରଥ, ରଞ୍ଜିତ ମିଶ୍ର, ନାରାୟଣ ପଧାନ ଓ ଦଶରଥ ପଧାନ ସହଯୋଗ କରିଥିଲେ।


ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

୮ରେ ବିଜୁ କୃଷକ ଜନତା ଦଳର ବିକ୍ଷୋଭ, ପ୍ରତିବାଦ ସଭା

## ଉଦ୍‌ବୋଧନ ଦେବେ ବିଜେଡି ସଭାପତି ନବୀନ ପଟ୍ଟନାୟକ



ନୂଆଦିଲ୍ଲୀରେ ଆ ୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

**ଭୁବନେଶ୍ୱର,୪।୧(ବ୍ୟୁରୋ)**

ବିଜୁ କୃଷକ ଜନତା ଦଳ ପକ୍ଷରୁ ଆସନ୍ତା ୮ରେ ଦିଲ୍ଲୀର ତାଲକୋଟରା ଷ୍ଟାଡିୟମ୍‌ରେ ବିକ୍ଷୋଭ ଓ ପ୍ରତିବାଦ ଅନୁଷ୍ଠିତ ହେବ। ଏଥିରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୯୩୦ ଟଙ୍କା କରିବା ସକାଶେ କୃଷକ ଜନତା ଦଳ ପକ୍ଷରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ବିଜୁ କୃଷକ ଜନତା ଦଳର ମହାସଚିବ ପ୍ରତାପ ଜେନା ଶୁକ୍ରବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି।

### ରାଷ୍ଟ୍ରପତିଙ୍କୁ ଭେଟିବେ ବିଜେଡି ପ୍ରତିନିଧି

ବିଜୁ କୃଷକ ଜନତା ଦଳର ସଭାପତି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ୨୦୧୪ରେ ଭାଜପା କ୍ଷମତାକୁ ଆସିବା ସହ ଧାନର ଏମ୍‌ଏସ୍‌ପି ନିର୍ଣ୍ଣୟ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏହି ମୂଲ୍ୟ ନିର୍ଦ୍ଧାରଣରେ ରାଜ୍ୟର କୌଣସି ଭୂମିକା ରହିବ ନାହିଁ ବୋଲି ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଥିଲା। ତେଣୁ ଏମ୍‌ଏସ୍‌ପି ବୃଦ୍ଧି କେନ୍ଦ୍ରର ବିଷୟ। ଯଦି ରାଜ୍ୟ ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବେ, ତେବେ ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ଅତିରିକ୍ତ ଶସ୍ୟ ସଂଗ୍ରହ ନ କରୁ। ଏମ୍‌ଏସ୍‌ପି ପ୍ରସଙ୍ଗରେ କେନ୍ଦ୍ର ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାର ସମୟ ଆସିଛି ବୋଲି ପ୍ରସନ୍ନ କହିଛନ୍ତି। ସେହିପରି ଓଡ଼ିଶା ଚାଷୀଙ୍କ ସ୍ୱାର୍ଥକୁ ଲକ୍ଷ୍ୟ ରଖି ନିକଟରେ ରାଜ୍ୟ ସରକାର ନିଜସ୍ୱ ପ୍ରଚେଷ୍ଟାରେ 'କାଳିଆ' ଯୋଜନା ଆରମ୍ଭ କରିଥିବା ପ୍ରସନ୍ନ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଭର୍ତ୍ତୃହରି ମହତାବ, ତଥାଗତ ସତପଥୀ, ପ୍ରସନ୍ନ ପାଟ୍ଟଶାଣୀ, ପ୍ରତାପ କେଶରୀ ଦେବ, ସିଦ୍ଧାନ୍ତ ମହାପାତ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ, ଏନ୍. ଭାସ୍କର ରାଓ ଏବଂ ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ,ଉକ୍ତ ବିକ୍ଷୋଭରେ ଯୋଗ ଦେବା ପାଇଁ ବିଜେଡିର କର୍ମକର୍ତ୍ତା, ଏମ୍‌ପି ଏବଂ ବିଧାୟକ ଶନିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଯାତ୍ରା ପୂର୍ବରୁ କର୍ମକର୍ତ୍ତା ଏବଂ ଜନ ପ୍ରତିନିଧିମାନେ ବିଧାନସଭାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ସ୍ୱତନ୍ତ୍ର ଟ୍ରେନ୍ ୭ରେ ଦିଲ୍ଲୀରେ ପହଞ୍ଚିବ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ସାବିତ୍ରୀବାଈ ଫୁଲେଙ୍କ ଜୟନ୍ତୀ

**ବରଗଡ଼ ଅଫିସ୍,୪।୧:** ବରଗଡ଼ର ବିଭିନ୍ନ ସ୍ଥାନରେ ଭାରତୀୟ ସମାଜ ସଂସ୍କାରକ ସାବିତ୍ରୀବାଇ ଫୁଲେଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଡକ୍ଟର ଆମ୍ବେଦକର ଯୁବାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ସଂଘର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡି ଅଧ୍ୟକ୍ଷତା କରିଥିଲେ। ଡୋଲାମଣି ଛତର ମୁଖ୍ୟଅତିଥି, ସଲସୀ ସିଂ, କ୍ଷୀରୋଦ୍ରୀ ଭୋସାଗର, କମଳ ତାଣ୍ଡି, ଭାଗୀରଥି ଭୋଇ, ଜ୍ୟୋସ୍ନା ପାଇକ, ଗୀତା ନାଗ, ଗୋବର୍ଦ୍ଧନ ସାଗର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଶୁତୋଷ ଛତର, ଯୁଧିଷ୍ଠିର ବିଭାର ପ୍ରମୁଖ ସହଯୋଗ କରିଥିଲେ । ସଂଯୋଜକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ମଙ୍ଗଳାପଡ଼ାରେ ଅନୁଷ୍ଠିତ ସମାରୋହକୁ ସ୍ଥାନୀୟ ସାବିତ୍ରୀବାଇ ଫୁଲେ ସଂଘର୍ଷ ସମିତି, ସନ୍ଥ ଭୀମଭୋଇ ଯୁବକ ସଙ୍ଗଠନ ଆୟୋଜନ କରିଥିଲେ। ଶୁଦ୍ରମୁକ୍ତି ଅଭିଯାନର ଆବାହକ ପବିତ୍ର ଦେହେରୀ, ସାବିତ୍ରୀବାଇ ଫୁଲେ ସଙ୍ଗଠନ ସଭାପତି ଟିକେଶ୍ୱରୀ ଛତର, ସମ୍ପାଦିକା ଶକୁନ୍ତଳା ସୁନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିର୍ସାମୁଣ୍ଡା ସଂଘର୍ଷ ବାହିନୀର ସଭାପତି ମାରିୟମ ବାର୍ଲା, ସାମାଜିକ କର୍ମୀ ଭବାନୀ ସାହୁ, ନନ୍ଦନ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

### ୮ରେ ବରଗଡ଼ ଆସିବେ ରାଜ୍ୟପାଳ

**ବରଗଡ଼ ଅଫିସ୍,୪।୧:** ଆସନ୍ତା ୮ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବରଗଡ଼ ଗସ୍ତରେ ଆସୁଥିବା ସୂଚନା ମିଳିଛି । ସେହିଦିନ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ସେ ବରଗଡ଼ ସର୍କିଟ୍ ହାଉସ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ସେ ଦିନ ପ୍ରାୟ ୧୦ଟା ୪୫ମିନିଟରେ ବରଡ଼ୋଲ ଆଶ୍ରମ ସ୍କୁଲ ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କ ସହିତ ତାଙ୍କ ଭାବ ବିନିମୟ କରିବେ । ଏହା ସହିତ ସେଠାକାର ଜନ ପ୍ରତିନିଧି, ଏସଏଚଜି ଗ୍ରୁପ କର୍ମକର୍ତ୍ତା, ସଭ୍ୟାଙ୍କ ସହିତ ଆଲୋଚନା ସାରି ପୁଣି ସର୍କିଟ୍ ହାଉସକୁ ଆସିବେ ଏବଂ ଅପରାହ୍ନ ୨ଟା ୧୫ରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ବିଭିନ୍ନ ବିଭାଗର ସମୀକ୍ଷା କରିବେ । ସେହିପରି ଅପରାହ୍ନ ୩ଟା ୪୫ମିନିଟରେ ତଳିପଡ଼ା ସମଲେଶ୍ୱରୀ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସମଲେଶ୍ୱରୀ ମନ୍ଦିର ଦର୍ଶନ ସାରି ପୁଣି ସର୍କିଟ୍ ହାଉସ ଯିବେ ଏବଂ ଅପରାହ୍ନ ୪ଟା ୩୦ମିନିଟ୍‌ରେ ବୁର୍ଲା ଏମସିଏଲ ଗେଷ୍ଟ ହାଉସ ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି ।

# ହକ୍ ଦାବିରେ ଗର୍ଜିଲେ ଚାଷୀ

## ଅତାବିରାରେ କୃଷକ ସମାବେଶ



ଅତାବିରା ବ୍ଲକରେ ଚାଷୀଙ୍କ ବିଶାଳ ପଦଯାତ୍ରା ଚାଲିଛି ।

**ଅତାବିରା, ୪।୧ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକ ଓ ଏନଏସି ଅଧୀନ ଗ୍ରାମାଞ୍ଚଳର ଚାଷୀମାନେ ସେମାନଙ୍କ ନ୍ୟାଯ୍ୟଦାବି ଓ ହକ୍ ହାସଲ କରିବା ପାଇଁ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଥିଲେ । ପ୍ରଥମେ ସେମାନେ ଅତାବିରା ବଜାର ପ୍ରାଙ୍ଗଣରେ ଏକ ସଭା ଆୟୋଜନ କରିଥିଲେ । ପରେ ଶତାଧିକ ଚାଷୀ ଏକ ବିରାଟ ପଦଯାତ୍ରାରେ ୫୩ ନମ୍ବର ଜାତୀୟ ରାଜପଥର ବ୍ଲକ ଛକଦେଇ ସ୍ଥାନୀୟ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ପୁଣି ସେଠାରୁ ଫେରି ଅତାବିରା ବ୍ଲକ ଅଫିସକୁ ଆସି ବିଡିଓ ପ୍ରଣବ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସମସ୍ତ ଚାଷୀଙ୍କ କୃଷି ଋଣ ଛାଡ, ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି, ଚଳିତ ଖରିଫ ଋତୁର ବୋନସ ପ୍ରଦାନ, ୫୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ପୁରୁଷଙ୍କୁ ପେନସନ ପ୍ରଦାନ, ବୀମା ରାଶି ପ୍ରଦାନ, ସରକାରଙ୍କ କାଳିଆ ଯୋଜନାକୁ ବିରୋଧ କରି ସେମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷକ ସଙ୍ଗଠନ ସଭାପତି କୌସ୍ତୁଭ ପ୍ରଧାନ, ଚିଁକିଲାଲ ମିଶ୍ର, ରବୀନ୍ଦ୍ର ବିଶି, ବୀରେନ୍ଦ୍ର କର, ଚୈତନ୍ୟ କର୍ଣ୍ଣ, ସୁବାଷ ବିଶ୍ୱାଳ, କୋଶଳ ସଙ୍ଗଠନର କୀର୍ତ୍ତନ ବିଶ୍ୱାଳ, ଆଡଭୋକେଟ ବୀରେନ୍ଦ୍ର ବାଙ୍ଗା, ଭୀଷ୍ମଦେବ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

## ପାଞ୍ଚ ଦଫା ଦାବିରେ ସ୍ମାରକପତ୍ର ପ୍ରଦାନ

**ବିଜେପୁର, ୪।୧ (ଡି.ଏନ.ଏ)**

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଶସ୍ତା ରାଜନୀତି ଚାଲିଛି । ଜଳସେଚନ ଓ ବଜାର ଅଭାବ, କୃଷିଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେଉ ନ ଥିବାରୁ ଚାଷୀ ଦିନକୁ ଦିନ କ୍ଷତି ସହୁଛି । ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ବରଗଡ ଜିଲା ବିଜେପୁର ଏନଏସି ସଦର ମହକୁମାର ହାଇସ୍କୁଲ ପଡିଆରେ ଶୁକ୍ରବାର ଶତାଧିକ ଚାଷୀ ଏକାଠି ହୋଇଥିଲେ । ସେଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା । ଏହା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ କୃଷକ ନେତା ସୁବାଷ ପଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଚାଷ ଓ ଚାଷୀମାନଙ୍କ ଉନ୍ନତି ପାଇଁ ଭାଷଣବାଜି ନ କରି ସମସ୍ୟାର ସମାଧାନ ଦିଗରେ ସରକାର ଆନ୍ତରିକତା ପ୍ରଦର୍ଶନ କରିବାକୁ ଚାଷୀ ନେତାମାନେ ଦାବି କରିଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଞ୍ଚ ଦଫା ସମ୍ବଳିତ ସ୍ମାରକପତ୍ରକୁ ଚାଷୀମାନେ ତହସିଲଦାରଙ୍କୁ ପ୍ରଦାନ କରିଥିଲେ । ତହସିଲଦାର ପ୍ରକାଶ କୁମାର ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ । ଯଦୁମଣି ପଟେଲ, ଜନାର୍ଦ୍ଦନ ପାଣିଗ୍ରାହୀ, ହଳପାଣି ମାଝୀ, ସଞ୍ଜୀବ କୁମାର ପଣ୍ଡା, ଲକ୍ଷପତି ନାଗ ପ୍ରମୁଖ ବହୁ ଚାଷୀ ନେତା ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ଚାଷୀ ପ୍ରତିନିଧିମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।



ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟଲି ପଞ୍ଚାୟତ ଅଧୀନ ଉଦେପୁର ଗ୍ରାମରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ଅସହାୟ ପରିବାର ଲୋକଙ୍କୁ କମ୍ବଳ ବଣ୍ଟନ କରୁଛନ୍ତି ।

## ଜମି ଦାବିରେ ଜିଲାପାଳଙ୍କୁ ଫେରାଦ



ଜମି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

**ବରଗଡ଼ ଅଫିସ୍,୪।୧**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଗ୍ରାମ କଲେଜପଡ଼ା ଗରିବ ଓ ଭୂମିହୀନଶ୍ରେଣୀରଲୋକେଗୁରୁବାରଜମିପଟ୍ଟା ଦାବିରେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜମିପଟ୍ଟା ନଥିବା ଯୋଗୁ ଝୁମ୍ପୁଡ଼ି ଘରେ ସେମାନେ ପରିବାର ସହିତ ଜୀବନ ଅତିବାହିତ କରୁଛନ୍ତି। ଜମିପଟ୍ଟା ମିଳିଲେ, ସେମାନେ ବିଜୁ ପକ୍କାଘର ଯୋଜନାରେ ସାମିଲ ହୋଇ ସେହି ଯୋଜନାର ସୁଫଳ ପାଇବେ। ଫଳରେ ସେମାନଙ୍କୁ ଜମିପଟ୍ଟା ଯୋଗାଇ ଦେବା ପାଇଁ କୃଷ୍ଣ କୁମ୍ଭାର, ଯମୁନା ରାଉତିଆ, ସତ ରାଉତିଆ, ବାସନ୍ତୀ ରାଉତିଆ ପ୍ରମୁଖ ପଡ଼ାବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

▪ ୩୩/୧୧ କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ ଦାବି

# ଚାଷୀଙ୍କ ରାଜରାସ୍ତା ଅବରୋଧ

**ଭଟଲି,୪।୧(ଡି.ଏନ୍.ଏ.)**



ଗ୍ରୀଡ୍ କାର୍ଯ୍ୟକ୍ଷମ ଦାବିରେ ଚାଷୀମାନେ ବରଗଡ଼-ଛତିଶଗଡ଼ ମୁଖ୍ୟରାସ୍ତାକୁ ଭଟଲି ନିକଟସ୍ଥ ଗୋପାଳପୁର ଛକରେ ଅବରୋଧ କରିଛନ୍ତି ।

ବରଗଡ଼ ଜିଲା ଭଟଲି ବ୍ଲକ ରାୟଶୋଭାଠାରେ ଆରମ୍ଭ ହୋଇଥିବା ୩୩/୧୧ କେଭି ଗ୍ରୀଡ଼ କାମ ପ୍ରାୟ ୨ ବର୍ଷ ହେବ ଅସମାପ୍ତ ହୋଇ ପଡ଼ିଛି। ଏହାସହିତ ଗ୍ରୀଡ଼ରେ ଲାଇନ ସଂଯୋଗୀକରଣ ହୋଇପାରୁ ନ ଥିବାରୁ ଏହାର ପ୍ରତିବାଦରେ ଚାଷୀମାନେ ଶୁକ୍ରବାର ସକାଳ ପ୍ରାୟ ୮ଟାରୁ ବରଗଡ଼-ଛତିଶଗଡ଼ ମୁଖ୍ୟରାସ୍ତାକୁ ଭଟଲି ନିକଟସ୍ଥ ଗୋପାଳପୁର ଛକରେ ଅବରୋଧ କରି ବସିଥିଲେ । ରାସ୍ତା ଅବରୋଧ ଯୋଗୁ ଉଭୟ ପଟରେ ପ୍ରାୟ ୨କିମି ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିବାବେଳେ ବହୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଖବର ପାଇ ଭଟଲି ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ସୁବ୍ରତ କୁମାର ସେଠ୍, କନିଷ୍ଠ ଯନ୍ତ୍ରୀ ସୁକାନ୍ତ ପାଢ଼ୀ, ଅତିରିକ୍ତ ତହସିଲଦାର ପ୍ରିୟରଞ୍ଜନ କୁମାର, ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ । ମାତ୍ର ଉତ୍ତ୍ୟକ୍ତ ଚାଷୀମାନେ ସେମାନଙ୍କ ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କରିବା ସହ ରାସ୍ତା ଅବରୋଧରୁ ଉଠି ନ ଥିଲେ । ରାତି ପ୍ରାୟ ସାଢେ ୯ଟାରେ ଏସ୍‌ଡିପିଓ ସୁରେଶ ନାଏକ, ତହସିଲଦାର ଅଞ୍ଜଳିନା ପ୍ରଧାନ ଓ ବିଡିଓ ଧୀରେନ୍ଦ୍ର କୁମାର ସେଠୀ ପ୍ରମୁଖ ଘଟଣାସ୍ଥଳକୁ ଯାଇ ଆଗାମୀ ୨୦ ଦିନ ଭିତରେ ଗ୍ରୀଡ୍ କାମ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ରାସ୍ତା ଅବରୋଧରୁ ହଟିଥିଲେ ।

## ଶିଶୁମନ୍ଦିରର ବାର୍ଷିକୋତ୍ସବ

**ଅତାବିରା, ୪।୧ (ଡି.ଏନ.ଏ)**

ଭେଡେନ ବ୍ଲକ ଅନ୍ତର୍ଗତ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶତମ ବାର୍ଷିକୋତ୍ସବ ଶୁକ୍ରବାର ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ସଞ୍ଜୀବ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଅଖିଳ ଭାରତୀୟ ଶିଶୁ ବାଟିକା ସହ ସଂଯୋଜକ ସୁବାଷ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ସରପଞ୍ଚ ଶୈଳେନ୍ଦ୍ରୀ ଡନସନା, ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ଶିଶୁ ମନ୍ଦିର ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଧାନଆଚାର୍ଯ୍ୟ ଶିବାନନ୍ଦ ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରୀ ନିହାରିକା ଦାଶ, ଛାତ୍ର ଶ୍ରେୟସ ଦାଶ, ସୁରଜ ମିଶ୍ରଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁମା ପଦ୍ମିନୀ ଭୋଇ, ସାଗରିକା ମାହାଣା, ଝରଣା ସେଟ, ସାନ୍ତ୍ୱନା ପୁରୋହିତ, ମୁନୁ ବଢ଼େଇ, ସୁବ୍ରତ ଦାଶ, ପରିଚାଳନା କମିଟି ଉପସଭାପତି ଶମ୍ଭୁରାମ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## କଂସାରି କାରିଗର ସଂଘର ରୌପ୍ୟ ଜୟନ୍ତୀ

**ବରଗଡ଼ ଅଫିସ୍,୪।୧**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲିର ଶ୍ରୀ ରାଧାରମଣ କଲ୍ୟାଣ ମଣ୍ଡପରେ କଂସାରୀ କାରିଗରସଂଘରରୌପ୍ୟଜୟନ୍ତୀସମାରୋହ ଅନୁଷ୍ଠିତ ହୋଇଯାଇଛି। ନୀଳାଞ୍ଚଳ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିତ୍ୟାନନ୍ଦ ସାହୁ ପରିଚୟ ପ୍ରଦାନ କରିଥିଲେ । ପ୍ରହଲ୍ଲାଦ ମାହାଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡଃ ମାଧବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଗଞ୍ଜାମ, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଯାଜପୁର, ଖୋର୍ଦ୍ଧା, ବଲାଙ୍ଗୀର, ବିଜେପୁର, ଢୁଙ୍କୁରା, ନୂଆପଡ଼ା, ଖରିଆର ରୋଡ୍, ଝାରସୁଗୁଡ଼ା, ବିଁକା, ସମ୍ବଲପୁର ଆଦି ଅଞ୍ଚଳର କଂସାରୀ କାରିଗର ଯୋଗ ଦେଇଥିଲେ । ନନ୍ଦଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତ ବନ୍ଦ ଡାକରା ପ୍ରସ୍ତୁତି

**ବରଗଡ଼ ଅଫିସ୍,୪।୧**

କେନ୍ଦ୍ର ସରକାର ବିରୋଧରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ସ୍ୱାଧୀନ ଫେଡ଼େରେଶନ ଓ ଆସୋସିଏଶନ ପକ୍ଷରୁ ଆସନ୍ତା ୮ ଓ ୯ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି । ଦରଦାମ ନିୟନ୍ତ୍ରଣ କରିବା, ସର୍ବନିମ୍ନ ମାସିକ ମଜୁରୀ ୧୮ହଜାର ଟଙ୍କା ଧାର୍ଯ୍ୟ କରିବା ଆଦି ୧୨ଦଫା ଦାବି ନେଇ ଦେଶବ୍ୟାପୀ ଏହି ଡାକରା ଦିଆଯାଇଛି । ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ଶୁକ୍ରବାର ବରଗଡ଼ ଜିଲା ଶ୍ରମିକ କର୍ମଚାରୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ବରଗଡ଼ରେ ଏକ ସଭା ସାଙ୍ଗକୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଦେବେନ୍ଦ୍ର ଶତପଥୀ, ଜେଠୁ ଭୋଇ, ବ୍ରହ୍ମା ମହାକୁଡ଼, ଚନ୍ଦ୍ରଶେଖର ରାଓ, ସତ୍ୟବ୍ରତ ନାୟକ, ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

## ହୋର୍ଡିଂ ଅପସାରଣ ଧର୍ମକୁ ଆଖିଠାର



ବରଗଡ଼ ସହରରେ ଥିବା ଗୋଟିଏ ଦୋକାନର ଇଂଲିଶ ଲିଖିତ ହୋର୍ଡ଼ିଂ ହଟାଯାଉଛି ।

**ବରଗଡ଼ ଅଫିସ୍,୪।୧**

ବରଗଡ଼ ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ବ୍ୟତୀତ ଅନ୍ୟ ଭାଷାରେ ଲେଖାଥିବା ହୋର୍ଡ଼ିଂ ଅପସାରଣ ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ତେବେ ପୌର ପରିଷଦର ଏହି ପ୍ରକ୍ରିୟା ଧର୍ମକୁ ଆଖିଠାର ଭଳି ହୋଇଛି । ଶୁକ୍ରବାର ସ୍ଥାନୀୟ ଗାନ୍ଧିଛକ ନିକଟ ଏକ କପଡ଼ା ଦୋକାନରେ ଲାଗିଥିବା ଇଂଲିଶ ଭାଷାରେ ଲିଖିତ ହୋର୍ଡ଼ିଂର କିଛି ଅଂଶକୁ ଅଲଗା ଯାଇଥିଲା। ମାତ୍ର ସେହି ପ୍ରତିଷ୍ଠାର ପାଖାପାଖି ଅଞ୍ଚଳରେ କିଛି ମୁଷ୍ଟିମେୟ ଲୋକଙ୍କ ବଡ଼ ପ୍ରତିଷ୍ଠାନ ଥିବାବେଳେ ସେଥିପ୍ରତି ବିଭାଗୀୟ କର୍ମଚାରୀମାନେ ଆଖି ବୁଜି ଦେଇ ସେଠାରୁ ରାସ୍ତାର ଅପରପାର୍ଶ୍ୱସ୍ଥ ଏକ ଔଷଧ ଦୋକାନକୁ ଆସିଥିଲେ । ସେହି ଔଷଧ ଦୋକାନର ହୋର୍ଡ଼ିଂ ଇଂଲିଶ ଭାଷାରେ ଲେଖା ଯାଇଥିଲା । ମାତ୍ର ତା ତଳକୁ ଓଡ଼ିଆ ଭାଷାରେ ମଧ୍ୟ ଉଲ୍ଲେଖ ରହିଥିଲା । ବିଭାଗୀୟ କର୍ମଚାରୀମାନେ ଇଂଲିଶ ଭାଷାରେ ଲେଖାଥିବା ନାମର କେବଳ ଗୋଟିଏ ଅକ୍ଷରକୁ ହଟାଇ ଦେଇଥିଲେ । ତେବେ ସେହି ଦୋକାନ ସମ୍ମୁଖରେ ରହିଥିବା ଏକ ଘରୋଇ ନର୍ସିଂହୋମର ନାମ ସମ୍ପୂର୍ଣ୍ଣ ଇଂଲିଶ ଅକ୍ଷରରେ ଲେଖାଥିଲେ ସୁଦ୍ଧା ପୌର କର୍ମଚାରୀମାନେ ସେହି ପାଖାପାଖି ଅଞ୍ଚଳକୁ ଯାଇଥିଲେ ମଧ୍ୟ ସେହି ହୋର୍ଡ଼ିଂ ଖୋଲିବାକୁ ସାହାସ ଜୁଟାଇ ପାରି ନ ଥିଲେ । ଅନ୍ୟପଟେ ଔଷଧ ଦୋକାନରେ ଇଂଲିଶ ସମେତ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଦୋକାନର ନାମ ଲେଖାଥିଲେ ମଧ୍ୟ ତାକୁ ଖୋଲିବା ପାଇଁ ଆଗେଇ ଆସିଥିଲେ ।

## କେନ୍ଦୁପତ୍ର କର୍ମଚାରୀଙ୍କ ବୈଠକ

**ବିଜେପୁର, ୪।୧ (ଡି.ଏନ.ଏ)**

ବିଜେପୁର ବ୍ଲକ ବଲଣ୍ଡାରେ ପଦ୍ମପୁର ଉପଖଣ୍ଡସ୍ତରୀୟ କେନ୍ଦୁପତ୍ର ସିଜିନାଲ କର୍ମଚାରୀମାନଙ୍କ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୃଷ୍ଣଚନ୍ଦ୍ର ଡନସନା ଅଧ୍ୟକ୍ଷତା କରିଥିଲେ। ସତ୍ୟବାନ ଡନସନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସିଜିନାଲ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ତ୍ରିପୁରାରୀ ଭୋଇ, କ୍ଷମାସିନ୍ଧୁ ବାଗ, ଜିତେନ୍ଦ୍ରିୟ ପଟେଲ, ସୁରେନ୍ଦ୍ର ସାହୁ, ଜିତ ପଧାନ, ସଚ୍ଚିଦା ପଧାନ, ସୁରଥ ସାହୁ, ସଦାକର ଭୁଏ ପ୍ରମୁଖ ଯୋଗ ଦେଇଥିଲେ । ରଙ୍ଗମଣି ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ବରଗଡ଼ରେ ବିଶ୍ୱ ବ୍ରେଲ ଦିବସ

**ବରଗଡ଼ ଅଫିସ୍,୪।୧**




ବ୍ରେଲ ଲିଖନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ।

ବରଗଡ଼ ସହରସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ବ୍ରେଲ ଦିବସ ପାଳିତ ହୋଇଛି । ଦୃଷ୍ଟିହୀନ ସ୍କୁଲର ପ୍ରଧାନଶିକ୍ଷକ ଅଭୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ଡା. ଜୟଦେବ ସାହୁ, ବଧିର ସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଏବଂ ମାନସିକ ଅନଗ୍ରସର ସ୍କୁଲର ପ୍ରଧାନଶିକ୍ଷକ ମେଘନାଦ ସାହୁ ମଞ୍ଚାସୀନ ଥିଲେ । ଏହି ଅବସରରେ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ସୂର୍ଯ୍ୟପ୍ରକାଶ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଏବଂ ମହାପୁରୁଷ ଲୁଇସ୍ ବ୍ରେଲଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଦୃଷ୍ଟିହୀନ ଛାତ୍ର ମନିଷ ତାଣ୍ଡି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସେହିପରି ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ରେଲ ଲିଖନ ପ୍ରତିଯୋଗିତା ହୋଇଥିଲା । ଏଥିରେ ଅଙ୍କିତା ଖମାରୀ, ଛତ୍ରପତି ପ୍ରଧାନ, ଉଷାରାଣୀ ଗୁରୁ, ତୃପ୍ତି ଭୁଏ, ରୀତା ମଲ୍ଲିକ, ପୂର୍ଣ୍ଣିମା ଭୁଏ କୃତିତ୍ୱ ଅର୍ଜନ କରିଥିଲେ । ଶିକ୍ଷକ ନେପାଳ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେମିରେ ମହାକୁରଟିକ୍ରା ଏକାଦଶ

**ମହେନ୍ଦ୍ର ମେମୋରିଆଲ କ୍ରିକେଟ**

**ଭେଡ଼େନ, ୪।୧ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅରେଇଗୁଡ଼ି ଠାରେ ଚାଲିଥିବା ମହେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ତୃତୀୟ ଦିବସରେ ହୋଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମହାକୁରଟିକ୍ରା ଏକାଦଶ ତୋରା ଦଳକୁ ୭ ଉଇକେଟରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତୋରା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୮୫ ରନ କରିଥିଲା। ଏହାର ଜବାବରେ ମହାକୁରଟିକ୍ରା ଦଳ ୧୧.୩ ଓଭରରେ ୩ ଉଇକେଟ ହରାଇ ୮୮ ରନ କରି ମ୍ୟାଚ ଜିତି ସେମିଫାଇନାଲକୁ ପ୍ରବେଶ କରିଛି। ପୂର୍ବାହ୍ନରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ମହାକୁରଟିକ୍ରା ଦଳ ରେଶମକୁ ପରାସ୍ତ କରିଥିଲା। ମହାକୁରଟିକ୍ରା ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୯୩ ରନ କରିଥିଲା। ଏହାର ଜବାବରେ ରେଶମ ଦଳ ୧୦ ଓଭରରେ ୯ ଉଇକେଟ ହରାଇ ୫୮ ରନ କରିବାକୁ ସମର୍ଥ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ତୋରା ଦଳ ୱାକ୍‌ଓଭର ପାଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ଶୁକ୍ରବାର ମ୍ୟାଚରେ ଶ୍ୟାମ ସୁନ୍ଦର ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ । ଅମ୍ପାୟାର ଅରବିନ୍ଦ ବିଶ୍ୱାଳ, ସୁରେନ୍ଦ୍ର ବିଶି, ଅକ୍ଷୟ ସାହୁ ଖେଳ ପରିଚାଳନା କରିଥିବା ବେଳେ ସୁବ୍ରତ ବିଶି ସ୍କୋରର ଏବଂ ସାଗର ଛନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ସଂକ୍ଷେପରେ



### ବିପିଏଲ ଲାଇଟର ଶୁଭାରମ୍ଭ

ଜୁନାଗଡ,୪।୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍କିତୁଲସୀପାଲି ଗ୍ରାମର ଛତ୍ରିଆପଡା ଓ ନୂଆପଡାଠାରେ ଗୁରୁବାର ବିପିଏଲ ଲାଇଟର ଶୁଭାରମ୍ଭ ହୋଇଯାଇଛି। ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବିପିଏଲ ଲାଇଟର ଶୁଭାରମ୍ଭ ପରେ ଉପରୋକ୍ତ ୨ଟି ପଡାର ପ୍ରାୟ ଦେଢଶହ ବିପିଏଲ ପରିବାରଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜୁନାଗଡ ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ଦିନେଶ ବଗର୍ତ୍ତା, ସତିଶ ଚୌଧୁରୀ, ବେଣୁ ଦୀପ, ଭିଷ୍ମ ଦୀପ, ଯୌବନ ଖର୍ସେଲ ପ୍ରମୁଖ ଉପସ୍ଥିତ ଥିଲେ।

### କଲମପୁର ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ

ଭବାନୀପାଟଣା,୪।୧(ଡି.ଏନ.ଏ.) କଳାହାଣ୍ଡି ଜିଲା କଲମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଛି । ରୌପ୍ୟ ଜୟନ୍ତୀ ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନ ଅବସରରେ ରାଷ୍ଟ୍ରୀୟ ଶିକ୍ଷା ପ୍ରଣାଳୀରେ ବିଦ୍ୟା ଭାରତୀର ଭୂମିକା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏଥିରେ ଥୁ. ରାମପୁର ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚମାଧମିକ ବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଚ୍ଛିନା ଆଲୋଚକ ଭାବେ ଯୋଗଦେଇଥିବା ବେଳେ କସ୍ତୁରୀକାମୋଦିନୀ ଯୁକ୍ତ ତିନି ମହାବିଦ୍ୟାଳୟ ଅଧ୍ୟାପକ ଡଃ ଅନ୍ତର୍ଯ୍ୟାମୀ ପରିଡା ପ୍ରମୁଖ ଆଲୋଚନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ନବିନ ଚନ୍ଦ୍ର ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବିରଞ୍ଚି ନାରାୟଣ ମୁଣ୍ଡଙ୍କ ଅଧକ୍ଷତାରେ ଏକ କବିତା ଆସରର ଆୟୋଜନ କରାଯାଇଥିଲା । ବିଭିନ୍ନ କବି ଓ କବୟତ୍ରୀମାନେ ତାଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭାପତି ଚନ୍ଦ୍ର ଶେଖର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି, ନର୍ଲା ଯୁକ୍ତ ତିନି ମହା ବିଦ୍ୟାଳୟ ଅଧାପିକା ଡଃ ସୁଜାତା ମୁଣ୍ଡ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଳାହାଣ୍ଡି ବିଭାଗ ସଂଘ ଚାଳକ ଜୟନାରାୟଣ ବାବୁ, ରୌପ୍ୟ ଜୟନ୍ତୀ ପାଳନ କମିଟି ଅଧକ୍ଷ ରାମ ପ୍ରସାଦ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ବିଶ୍ୱ ଜୀବନ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଝରଣା ପାଢୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବିଦ୍ୟା ମନ୍ଦିରର ପୁରାତନ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟା ମନ୍ଦିର ପରିଚାଳନା କମିଟି ସମ୍ପାଦକ ମନ୍ମଥ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।





ସ୍ୱାଇପ କମିଟି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ସ୍ୱାଇପ କମିଟି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

### ମତଦାତାଙ୍କୁ ଭିଭିପାଟ ସଚେତନ କରାଯିବ

# ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ ମହାନ୍

ନୂଆପଡା ଅଫିସ,୪।୧

ଏକ ସୁସ୍ଥ ଗଣତନ୍ତ୍ରରେ ସଚେତନ ମତଦାତାଙ୍କ ମହତ୍ୱ ଅଧିକ ରହିଥାଏ । ଗତବର୍ଷ ଗୁଡ଼ିକରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନରେ ତ୍ରୁଟିଥିବା ନେଇ ନାନା ଚର୍ଚ୍ଚା ଚାଲିଥିବାବେଳେ ଆଗାମୀ ନିର୍ବାଚନରେ ଏହାକୁ ତ୍ରୁଟି ବିହୀନ କରିବାକୁ ବହୁ ସତର୍କତା ନିଆଯାଉଛି । ଏଥର ମତଦାତା ନିଜର ଭୋଟ କାହାକୁ ଦେଇଛନ୍ତି ତାରି ସଠିକତା ଭିଭିପାଟ (ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରାଏଲ) ମାଧ୍ୟମରେ ଜାଣି ପାରିବେ । ଏହା ଉପରେ ଜିଲାର ସମସ୍ତ ୪ ଲକ୍ଷ ୫୨ ହଜାର ୧୮୦ଜଣ ମତଦାତାଙ୍କୁ ସଚେତନ କରାଯିବ ବୋଲି ଜିଲାପାଳ ସ୍ୱାଇପ କମିଟି ବୈଠକରେ ଜଣାଇଛନ୍ତି ।

ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଡା. ପୋମା ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱାଇପ କମିଟି ବୈଠକରେ ଜିଲା ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲାପାଳ ତରନୀସେନ ନାଏକ, ପିଡି ଡିଆରଡିଏ ବୃଷଭ ଚନ୍ଦ୍ର ନାଏକ, ଡେପୁଟି କଲେକ୍ଟର (ନିର୍ବାଚନ ବିଭାଗ) ଜୟଲାଲ ବେଶ୍ରା, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସ୍ୱାଇପ କମିଟି (ସିଷ୍ଟମେଟିକ ଭୋଟରସ୍ ଏଜୁକେସନ ଇଲେକ୍ଟୋରାଲ ପାର୍ଟିସିପେସନ)ର ସମସ୍ତ ସଦସ୍ୟ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପ ଲକ୍ଷ୍ମୀ ହୋତା, ଗଣମାଧ୍ୟମରୁ ଘନଶ୍ୟାମ ଭୋଇଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ତହସିଲଦାର ଉପସ୍ଥିତ ଥିଲେ । କିପରି ଭାବେ ଜିଲାର ସମସ୍ତ ମତଦାତାଙ୍କୁ ଭିଭିପ୍ୟାଟର ବ୍ୟବହାର ଉପରେ ସଚେତନତା କରାଯିବ ସେଥିପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା । ଆଗାମୀ ୭ରୁ ୩୧ତାରିଖ ପର୍ଯ୍ୟନ୍ତ ଏକ ସ୍ୱାଇପ ରଥ ଜିଲା ସାରା ବୁଲିବ। ଏଥିରେ ପ୍ରତି ବ୍ଲକରେ ୨ଟି ରଥ ଭିଭିପ୍ୟାଟ ମେଶିନ ସହ ବୁଲିବେ। ଏହା ସହ ବିଭିନ୍ନ ଜାଗାରେ ପାଲା, ଦାସକାଠିଆ, ନାଚ ଗୀତ ସହ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି କୁହାଯାଇଛି । ଦ୍ୱିତୀୟାର୍ଦ୍ଧରେ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀର ୨୮ଜଣ କର୍ମଚାରୀଙ୍କୁ ଭିଭିପ୍ୟାଟ ବ୍ୟବହାର ଉପରେ ତାଲିମ ପ୍ରଦାନ କରାଯାଇଥିଲା । ବୈଠକ ଶେଷରେ ଜୟଲାଲ ବେଶ୍ରା ଧନ୍ୟବାଦ ଦେଇଥିଲେ ।

**୭ରୁ ୩୧ ବୁଲିବ ସଚେତନତା ରଥ**

### ବସ୍ ଓଲଟି ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

ଲହୁଣୀପଡା, ୪।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ସୁରୁପତଲା ଗ୍ରାମ ନିକଟରେ ଶୁକ୍ରବାର ସକାଳ ପ୍ରାୟ ୫ଟା ବେଳେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଫଳରେ ୧୦ଜଣ ଯାତ୍ରୀ ଆହତ ହୋଇଥିବାବେଳେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଓଆର ୦୨ ବିଜେଡ୍‌-୨୫୨୬ ନମ୍ବର ଖଣ୍ଡାଧାର କୁଇନ୍ ନାମକ ବସ୍ ଭୁବନେଶ୍ୱରରୁ ଯାତ୍ରୀ ନେଇ ଗୋପନା ଆସୁଥିଲା। ଶୁକ୍ରବାର ଭୋର ଘନକୁହୁଡି ଯୋଗୁ ରାସ୍ତା ଦେଖା ଯାଇ ନ ଥିବାରୁ ଏବଂ ଅନ୍ୟ କୌଣସି କାରଣ ଯୋଗୁ ଚାଳକ ହଠାତ୍ ବ୍ରେକ ମାରି ଦେବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ବସରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୧୦ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିଲା। ଗୁରୁତର ଆହତ ଅନୀଲ କୁମାର ଓ ବେଦପ୍ରକାଶ ଦାଶଙ୍କୁ ବଣେଇ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

# କଳାହାଣ୍ଡି ଜିଲାରେ ୧.୬୨ ଚାଷୀ କାଳିଆରେ ସାମିଲ

ଭବାନୀପାଟଣା,୪।୧(ଡି.ଏନ.ଏ.)

କୃଷକଙ୍କ ଜୀବିକା ଓ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର କାଳିଆ ଯୋଜନା ଉଦଘାଟନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୨୦୧୮-୧୯ ବର୍ଷରେ ରବିଚାଷ ନିମନ୍ତେ ଆସନ୍ତା ୨୫ ତାରିଖ ସୁଦ୍ଧା ୫ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସିଧାସଳଖ ପାଇବେ । ସେହିଭଳି ୨୦୧୯-୨୦ ଓ ୨୦୨୦-୨୧ ବର୍ଷରେ ରବି ଓ ଖରିଫ ଚାଷ ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଆଉ ଚାରି ପର୍ଯ୍ୟାୟରେ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲାପାଳ ଡା ଗାଭାଲି ପର୍ଷାଦଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ପିଡିଡିଆରଡିଏ ପ୍ରଶନ୍ନ ଷଡଙ୍ଗୀ, ଉପଜିଲାପାଳ ମିର୍ଧା ଟପ୍ପୋ, ଜିଲା ଓ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। କ୍ଷଦ୍ର ଓ ନାମମାତ୍ର ଚାଷୀଙ୍କ ତାଲିକା ପଞ୍ଚାୟତସ୍ତରରେ ପ୍ରକାଶ ପାଇବ। କଳାହାଣ୍ଡି ଜିଲାରେ ୧ ଲକ୍ଷ ୬୨ ହଜାର ଚାଷୀ ଏହି ଯୋଜନାରେ ସାମିଲ କରାଯାଇଛି। ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପଞ୍ଚାୟତରେ ନାଲି ଓ ସବୁଜ ରଙ୍ଗର ଫର୍ମ ଉପଲବ୍ଧ ହେବ । ଏହି ଯୋଜନାରେ ସରକାରୀ ଚାକିରୀ, ପେନସନ ଭୋଗୀ କିମ୍ବା ଇନକମଟ୍ୟାକ୍ସ ବାନ୍ଧୁଥିବା ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ । ଯଦି କାହାର ନାମ ତାଲିକାରେ ଥାଏ ସ୍ୱତଃପ୍ରବୃତ ଭାବରେ ନାଲି ଫର୍ମ ଜରିଆରେ ନିଜ ନାମକୁ ବାଦ ଦେବା ପାଇଁ ଆବେଦନ କରିପାରିବେ। ସେହିଭଳି କୌଣସି ହିତାଧିକାରୀଙ୍କ ନାମକୁ ନେଇ ଅଭିଯୋଗ ଥିଲେ ଏହି ନାଲି ଫର୍ମରେ ଅଭିଯୋଗ କରିପାରିବେ। ଯଦି କୌଣସି ଚାଷୀଙ୍କ ନାମ ତାଲିକାରେ ନ ଥାଏ, ତାହା ହେଲେ ତାଙ୍କ ନାମ ସଂଯୋଗ କରିବା ପାଇଁ ସବୁଜ ଫର୍ମରେ ଆବେଦନ କରିପାରିବେ। ସବୁଜ ଫର୍ମରେ ଆବେଦନ କରିବା ପାଇଁ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ। କାଳିଆ ଯୋଜନା ସମ୍ବନ୍ଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ହୋଡିଂ ବ୍ୟାନର, ପୋଷ୍ଟର, ବାଲପେଟିଂ, ଭିନାଇଲ ଷ୍ଟିକର ପ୍ରଦର୍ଶନ କରାଯିବ ବୋଲି ଜିଲାପାଳ କହିଥିଲେ।

### ୬ ବାର୍‌ହା ଶିକାରୀ ଗିରଫ: ୨ ବନ୍ଧୁକ, ଫାଶ ଜବତ

ସୁନ୍ଦରଗଡ଼/ବଡ଼ଗାଁ, ୪।୧ (ଡି.ଏନ୍.ଏ)

ସୁନ୍ଦରଗଡ଼ ବନଖଣ୍ଡର ବଡ଼ଗାଁ ବନାଞ୍ଚଳ ଅଧୀନ ସାହାଜବାହାଲ ଖେସ୍ରା ଜଙ୍ଗଲ ମଧ୍ୟରେ ଗୁରୁବାର ରାତିରେ ବାର୍‌ହା ଶିକାର ପଣ୍ଡ ହୋଇଛି। ଶିକାର ପାଇଁ ଫାଶ ବସେଇ ଜଗି ରହିଥିବା ଏକ ଶିକାରୀ ଦଳ ଉପରେ ବନବିଭାଗ କର୍ମଚାରୀମାନେ ଚଢାଉ କରିଛନ୍ତି। ୬ଜଣ ଶିକାରୀଙ୍କୁ ଗିରଫ କରିବା ସହ ଶିକାର ପାଇଁ ଉଦ୍ଦିଷ୍ଟ ୨ଟି ରାଇଫଲ ବନ୍ଧୁକ, ୪ରାଉଣ୍ଡ ଗୁଳି ଓ ୬ ବଣ୍ଡଲ ତାରରେ ତିଆରି ହୋଇଥିବା ଫାଶ ଜବତ କରିଛନ୍ତି। ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବନବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢାଉ ପାଇଁ ଜଙ୍ଗଲ ମଧ୍ୟରେ ପହଞ୍ଚିବା ପରେ ପାଟ୍ରୋଲିଂ ଗାଡିକୁ ଦେଖି ହଠାତ ଜଣେ ଶିକାରୀ ବନବିଭାଗ କର୍ମଚାରୀଙ୍କ ଉପରକୁ ଲକ୍ଷ୍ୟ କରି ଗୁଳିଚାଳନା କରିବାକୁ ଉଦ୍ୟମ କରିବା ବେଳେ ବନବିଭାଗ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ସେଠାରେ ଉପସ୍ଥିତ ଶିକାରୀ ଦଳର ୮ଜଣଙ୍କ ମଧ୍ୟରୁ ବନବିଭାଗ କର୍ମଚାରୀମାନେ ୬ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟ ୨ଜଣ ଫେରାର୍ ହୋଇଯାଇଥିଲେ। ଗିରଫ ହୋଇଥିବା ଶିକାରୀମାନେ ହେଲେ ବଡ଼ଗାଁ ଥାନା ଅନ୍ତର୍ଗତ ତଲିମୁଣ୍ଡା ଗ୍ରାମର ସୁସ୍ରମା ବାଗ୍ (୨୭), ମୁକ୍ତେଶ୍ୱର ମାଝି (୨୭), ଧନେଶ୍ୱର ମାଝି (୪୦), ଶଶୀ ମାଝି(୧୯), ମନବୋଧ ବାଗ (୧୮) ଓ ସାହାସପୁର ଗ୍ରାମର ମୁନା ଲେହେରି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

# ଭାଜପାର ଜବାବ ମାଗୁଛି ଓଡ଼ିଶା ରଥ ପରିକ୍ରମା



ଜୁନାଗଡରେ ଆୟୋଜିତ ଭାଜପାର ଜବାବ ମାଗୁଛି ଓଡିଶା କାର୍ଯ୍ୟକ୍ରମ।

ଜୁନାଗଡ,୪।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଶୁକ୍ରବାର ସନ୍ଧାରେ ଭାଜପାର 'ଜବାବ ମାଗୁଛି ଓଡିଶା' ରଥ ପହଞ୍ଚିଥିଲା। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ରମାକାନ୍ତ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ଦାଶ, ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ, ପ୍ରତାପ ବାଗ, ପ୍ରଭାରୀ ରୁପେଶ ଜୈନ, ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ,ସାଧାରଣ ସମ୍ପାଦକ ବସନ୍ତ ପୁରୋହିତ, ପୂର୍ବତନ ଜିଲା ସଭାପତି ଗୌରଚନ୍ଦ୍ର ପଣ୍ଡା, ଜୁନାଗଡ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ଶର୍ମିଷ୍ଠା ମେହେର, ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ସତ୍ୟ ନାରାୟଣ ପଣ୍ଡା ପ୍ରମୁଖ ଉଦବୋଧନ ଦେଇଥିଲେ। ରାଜ୍ୟ ସରକାର ବେକାରୀ ନିଯୁକ୍ତି, ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ କରିଥିବା କାର୍ଯ୍ୟ ନେଇ ୧୯ ବର୍ଷର ଜବାବ ବକ୍ତାମାନେ ମାଗିଥିଲେ। ଏହାସହ ରାଜ୍ୟ ସରକାରଙ୍କ ବିଭିନ୍ନ ଅବହେଳାକୁ ନେଇ ନୂଆବସଷ୍ଟାଣ୍ଡ ଟାରେ ଏଲଇଡି ମାଧମରେ ଏକ କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କୁ ଦେଖାଇଥିଲେ।

## କାଳିଆ ଯୋଜନାର ଶୁଭାରମ୍ଭ

ମୋହନଗିରି,୪।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଗ୍ରାମପଞ୍ଚାୟତ ପରିସରରେ ଶୁକ୍ରବାର କାଳିଆ ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୋହନଗିରି ସରପଞ୍ଚ ବଳଭଦ୍ର ପାତ୍ରଙ୍କ ସମେତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଣପତି ନାଏକ, ମାଣିକେରା ଦେଢଗୁଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେଶ କୁମାର ଜାଲ, ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଲିଲି ପଣ୍ଡା ଯୋଗଦେଇଥିଲେ। ମ.ରାମପୁର କୃଷି ବିଭାଗ ସହକାରୀ ବୈସୟିକ ପରିଚାଳକ ଶିଶିରଞ୍ଜନ ସାହୁ ଯୋଗଦେଇ ଦେଇ ଏହି ଯୋଜନାର ରୂପରେଖ ନେଇ ଆଲୋକପାତ କରି କିଭଳି ଚାଷୀମାନେ ଏହି ଯୋଜନାରେ ଉପକୃତ ହେବେ ସେ ସମ୍ପର୍କରେ କହିଥିଲେ। ଏଥି ସହିତ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଯେଉଁ ଚାଷୀମାନେ ନାମ ପଞ୍ଜୀକୃତ କରି ନାହାନ୍ତି ସେମାନେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିବା ପାଇଁ ସୂଚନା ପ୍ରଦାନ କରିଥିଲେ ।



ମୋହନଗିରି ପଞ୍ଚାୟତ ଅଫିସରେ କାଳିଆ ଯୋଜନାର ଶୁଭାରମ୍ଭ ।

# ମୁଣ୍ଡାପଲା ପଞ୍ଚାୟତରେ ୭୫ ଲକ୍ଷ ଟଙ୍କାର ଘୋଟାଲା

ନୂଆପଡା ଅଫିସ/କୋମନା,୪।୧

ବର୍ତ୍ତମାନ ସରକାର କୌଣସିସ୍ତରରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହୁଥିବା ବେଳେ ନୂଆପଡା ଜିଲା କୋମନା ବ୍ଲକରେ ଅନିୟମିତତା କରିଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବା ବଦଳରେ ବ୍ଲକ କର୍ତ୍ତୃପକ୍ଷ ସବୁକୁ ଚାପି ଦେଉଥିବା ଅଭିଯୋଗ ହୋଇଛି । ଏହି ବ୍ଲକ ଅନ୍ତର୍ଗତ ମୁଣ୍ଡାପଲା ଗ୍ରାମପଞ୍ଚାୟତରେ ୪ର୍ଥ ଏସଏଫସି ଏବଂ ଚତୁର୍ଦ୍ଦଶ ସିଏଫସି ଅନୁଦାନରେ କୌଣସି କାମ ନ କରି ୭୫ ଲକ୍ଷ ଟଙ୍କା ଭିନ୍ନ ଭିନ୍ନ ସମୟରେ ଚଲୁ କରିଦେଇଥିବା କଥା ଜଣେ ସୂଚନା ଅଧିକାର କର୍ମୀ ସୂଚନା ପାଇ ଅଭିଯୋଗ କରିଛନ୍ତି । ଏହା ଉପରେ ବାରମ୍ବାର ଅଧିକାରୀଙ୍କୁ ଜଣାଇଥିବା ଏବଂ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ କରି ନ ଥିବା ବ୍ଲକ କର୍ତ୍ତୃପକ୍ଷଙ୍କ ସଙ୍କୋଚତା ପ୍ରତି ଅଙ୍ଗୁଳୀ ନିର୍ଦ୍ଦେଶ କରୁଛି । ଅନୁସୂଚୀତ ଜାତି ଓ ଜନଜାତି ବହୁଳ ମୁଣ୍ଡାପଲା ଗ୍ରାମପଞ୍ଚାୟତ ଅର୍ଦ୍ଧାଧିକ ଲୋକ କାମ ନ ପାଇ ବର୍ଷର ବିଭିନ୍ନ ସମୟରେ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି । ଗତ ୨୦୧୭-୧୮ଆର୍ଥିକ ବର୍ଷରେ ପଞ୍ଚାୟତ ବିଭିନ୍ନ ଉନ୍ନୟନ ମୂଳକ କାମ ପାଇଁ ଲକ୍ଷାଧିକ ଟଙ୍କା ମଞ୍ଜୁରୀ ହୋଇଆସିଥିଲା । ହେଲେ କାମ ନ କରି ଟଙ୍କା ଉଠାଣ କରିଥିବା ଜାଣି କୈଳାସ ଭୋଇ ନାମକ ଜଣେ ସୂଚନା ଅଧିକାର କର୍ମୀ ସୂଚନା ମାଗିଥିଲେ। ସୂଚନାରେ କ୍ୟାସ ବହିରେ ଟଙ୍କା ଉଠାଣ କଥା ଲେଖାରହିଥିବାବେଳେ ତତସଂକ୍ରାନ୍ତୀୟ କୌଣସି ବିଲ, କାଗଜାତ ମିଳି ନ ଥିଲା। ଏ ସମ୍ପର୍କରେ କୌଣସି କାଗଜାତ ହସ୍ତାନ୍ତର ନ କରି ସମ୍ପୃକ୍ତ ଅଧିକାରୀ ଅନ୍ୟ ବ୍ଲକକୁ ବଦଳି ହୋଇଯାଇଛନ୍ତି । ଏହାଉପରେ ବାରମ୍ବାର ଅଭିଯୋଗ ହୋଇଥିଲେ ହେଁ ବ୍ଲକ କର୍ତ୍ତୃପକ୍ଷ କିପରି ତାଙ୍କୁ ରିଲିଫ କଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଜିଲା ଗ୍ରାମପଞ୍ଚୟତ ଅଧିକାରୀ ଗତବର୍ଷ ମେ ୨୩ ତାରିଖରେ ପଞ୍ଚାୟତର ବିଭିନ୍ନ ଯୋଜନାରେ ହୋଇଥିବା ଅନିୟମିତତାକୁ ତଦନ୍ତ କରିଥିଲେ । ସେଥିରେ କୌଣସି ପ୍ରକାର କାଗଜାତ ମିଳି ନ ଥିବାରୁ ପତ୍ରାଙ୍କ ସଂଖ୍ୟା ୫୨୪/୨-୬-୧୮ରେ ୭ ଦିନ ମଧ୍ୟରେ ତତକାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ବର୍ତ୍ତମାନର ଅଧିକାରୀଙ୍କୁ ହସ୍ତାନ୍ତର ନ କଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ କରିଥିଲେ । ହେଲେ ଆଜକୁ ୬ ମାସ ହେବ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ପ୍ରଶାସନ ଘଣ୍ଟ ଘୋଡାଉଥିବା ସ୍ପଷ୍ଟ ହୋଇଛି । ଏହା ଉପରେ କୈଳାସ ଭୋଇ ନିକଟରେ ବ୍ଲକ ଗସ୍ତରେ ଆସିଥିବା ରାଜ୍ୟପାଳଙ୍କୁ ମଧ୍ୟ ଦେଖା କରି ଦାବି ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ବ୍ଲକରେ ଗତ ୨୦୧୧ରେ ମାତ୍ର ୫ ଲକ୍ଷ ଟଙ୍କାର ଏମଜିଏନଆରଇଜିଏସ ଘୋଟାଲା ଯୋଗୁ ତତକାଳୀନ ବିଡିଓଙ୍କ ସମେତ ୭ଜଣ ଅଧିକାରୀ ଜେଲ ଯାଇଥିବା ନଜିର ରହିଛି । ହେଲେ ଏହି କଥା ବ୍ଲକବାସୀଙ୍କ ମନରୁ ନ ଲିଭୁଣୁ ମୁଣ୍ଡାପଲା ଭଳି ଉପାନ୍ତ ଗ୍ରାମପଞ୍ଚାୟତରେ ବ୍ୟାପକ ଅନିୟମିତତା ପ୍ରତି ପ୍ରଶାସନ ସ୍ଥାଣୁ ହୋଇ ରହିବା ସାଧାରଣରେ ନାନା ପ୍ରଶ୍ନ ସୃଷ୍ଟି କରୁଛି । ଏହା ଉପରେ ଏବର ବିଡିଓ ଶ୍ୟାମଳ ରଏଙ୍କୁ ପଚାରିବାରେ ମୁଣ୍ଡାପଲାରେ ଦୁର୍ନୀତି ହେଲେ ବିଡିଓ କ'ଣ କରିବେ। ଏହା ଉପରେ ଆରଟିଆଇ କର୍ମୀ କମିଶନରଙ୍କୁ ଯାଇ ଜଣାନ୍ତୁ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି । ଏହା ଉପରେ ଖୋଦ ଜିଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ସାଧାରଣରେ ଦାବି ହେଉଛି ।

**ମୁଣ୍ଡାପଲା ପଞ୍ଚାୟତ**
- ୪ର୍ଥ ଏସଏଫସି/ଚତୁର୍ଦ୍ଦଶ ସିଏଫସି ଅନୁଦାନ
- ଅଧିକାରୀଙ୍କୁ ଘଣ୍ଟ ଘୋଡାଉଛି ପ୍ରଶାସନ
- ସୂଚନା ଅଧିକାର କର୍ମୀଙ୍କ ଅଭିଯୋଗ



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ

### ବାଲାଜୀ ମନ୍ଦିରରେ ସୁନ୍ଦରାକାଣ୍ଡ

**ସୋନପୁର,୪।୧(ନି.ପ୍ର.):** ସୁବର୍ଣ୍ଣପୁରର ରଘୁନାଥ ସତସଙ୍ଗ ସମିତି ପକ୍ଷରୁ ସ୍ଥାନୀୟ ସ୍ପିନିଂ ମିଲ୍ ନିକଟସ୍ଥ ବାଲାଜୀ ମନ୍ଦିରରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ନବବର୍ଷରେ ଆଧ୍ୟାତ୍ମିକ ପରିବେଶ ତଥା ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତିରେ ଭରି ଦେବା ଲକ୍ଷ୍ୟରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ପଣ୍ଡା ସୁନ୍ଦରାକାଣ୍ଡ ପାଠ କରିଥିଲେ। ଏଥିରେ ଗୌରିଶଙ୍କର ବାଘ, ଶଙ୍କର ଘିବେଲା, ପଦ୍ମନାଭ ପଣ୍ଡା, ଶଙ୍କର ସାହୁ ଓ ଶାନ୍ତନୁ ସାହୁ ପ୍ରମୁଖ ସୁନ୍ଦରାକାଣ୍ଡର ପାଲିଆକାର ଥିବା ବେଳେ ଦିଲ୍ଲୀପ ଦାନୀ ତବଲା ବାଦନ କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧର ଗୀତା ଭଉଣୀ ଓ ସାଥୀଙ୍କ ଦ୍ୱାରା ଅଧ୍ୟାତ୍ମିକ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ବାଲାଜୀ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବୌଦ୍ଧର ଗୀତା ଭଉଣୀ ଓ ସାଥୀଙ୍କ ଅଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶୁକ୍ଳ ଦଣ୍ଡସେନା, ନିରଞ୍ଜନ ତ୍ରିପାଠୀ, ଶାନ୍ତନୁ ଆଚାର୍ଯ୍ୟପ୍ରମୁଖ ପରିଚାଳନା କରିଥିଲେ। ଏହି ଧାର୍ମୀକ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ ।

ଟିଟିଲାଗଡ଼ ଜିଲ୍ଲା ଦାବି ଧାରଣା ୬୫ ଦିନରେ

# ୨୪ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

**ଟିଟିଲାଗଡ଼, ୪।୧(ଡି.ଏନ.ଏ.)**

ଗତ ବର୍ଷ ନଭେମ୍ବର ୧ ତାରିଖରୁ ଟିଟିଲାଗଡ ଜିଲ୍ଲା ଦାବି ନେଇ ଉପଖଣ୍ଡ ଅଞ୍ଚଳରେ ଜାରି ରହିଥିବା ଆନ୍ଦୋଳନ ଶୁକ୍ରବାର ୬୫ଦିନରେ ପହଞ୍ଚିଛି। ଏବେ ନୁହେଁ ତ କେବେ ନୁହେଁ ଆଶଙ୍କାରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି କର ବା ମର ଡାକରା ଦେଇଛି। ଜିଲ୍ଲା ଦାବି ଆନ୍ଦୋଳନ ଉପଖଣ୍ଡ ଅନ୍ତର୍ଗତ ଗାଁଗଣ୍ଡାରୁ ସହର ପର୍ଯ୍ୟନ୍ତ ବିସ୍ତାର କରିଛି। ଉପଖଣ୍ଡ ମୁଖ୍ୟାଳୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ବେଳେ ବ୍ଲକ ଅନ୍ତର୍ଗତ ସମସ୍ତ ୨୪ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଲାଖ ଦେଇ ସିଲ କରିଛି କ୍ରିୟାନୁଷ୍ଠାନ କମିଟି। ଏନେଇ ସରକାରଙ୍କ ପିଠା କାର୍ଯ୍ୟକ୍ରମ ପରେ 'କାଳିଆ' କାର୍ଯ୍ୟକ୍ରମ ଭଣ୍ଡୁର ହେବା ଆଶଙ୍କା ଉପୁଜିଛି। ସରକାର ନିର୍ବାଚନ ପୂର୍ବରୁ ଚାଷୀମାନଙ୍କୁ ସହାୟତା ପ୍ରଦାନ ପାଇଁ କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଆଗାମୀ ଦିନରେ ଉପଖଣ୍ଡ ଅନ୍ତର୍ଗତ ପ୍ରତ୍ୟେକ ବ୍ଲକରେ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବିରୋଧ ଜାରି ରହିବ ବୋଲି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି। ଜିଲ୍ଲା ଦାବି ଆନ୍ଦୋଳନକୁ ଉପଖଣ୍ଡ ଅଞ୍ଚଳର ରାଜନେତା, ସାମାଜିକ ସଂଗଠନ, ଯୁବ, ଛାତ୍ର ସମର୍ଥନ ସହ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡିସେମ୍ବର ୨୮ ତାରିଖରେ ରାଜଧାନୀରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟ, ଟିଟିଲାଗଡ ନିର୍ବାଚନ ମଣ୍ଡଳି ଦାୟିତ୍ୱରେ ରହିଥିବା ମନ୍ତ୍ରୀ ସୁଶାନ୍ତ ସିଂ, ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁଙ୍କ ସାଙ୍ଗରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଜିଲ୍ଲା ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏ ପରିପ୍ରେକ୍ଷୀରେ ଆନ୍ଦୋଳନର ନିର୍ଣ୍ଣାୟକ ମୋଡରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ଘୋଷଣା ନକରିବା ପର୍ଯ୍ୟନ୍ତ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଜାରି ରଖିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବା ନେଇ ନିକଟ ଭବିଷ୍ୟରେ ଅଚଳାବସ୍ଥା ଦୂର ହେବା ନେଇ ଅନିଶ୍ଚିତତା ଦେଖାଦେଇଛି।

ଅପରପକ୍ଷରେ ଜିଲ୍ଲା ଦାବି ନେଇ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ଗଣଧାରଣାରେ ଶୁକ୍ରବାର ଟିଟିଲାଗଡ କୁବେର ସମାଜ ସାମିଲ ହୋଇଛି। ସମାଜର ଶତାଧିକ ସଦସ୍ୟ ସଭାପତି ବଂଶୀଧର ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଗଣଧାରଣାରେ ସାମିଲ ହୋଇଥିଲେ। ଆନ୍ଦୋଳନରେ ସଂଗଠନର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାହୁ, ନିଳମଣୀ ସାହୁ, କୁମୁଦିନୀ ସାହୁ, ରୁକ୍ମିଣୀ ସାହୁ, ସରସ୍ୱତୀ ସାହୁ, ରାମ ସାହୁ, ସନ୍ତୋଷିନୀ ସାହୁ, ସୁଚିତ୍ରା ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଶତାଧିକ ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ।



ଗଣଧାରଣାରେ ସାମିଲ କୁବେର ସମାଜର କର୍ମକର୍ତ୍ତା।

ଚେତି ଶୁଇଛେ ପରଶାନ

# ଦିନ୍‌ଦାହାଡେ ଚାଲିଛେ ମଦ କାରବାର

**ଲୋଇସିଂହା,୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସହରର ଭିନେ ଭିନେ ଜାଗାରେ ଦିନ୍‌ଦାହାଡେ ବେଧଡ଼କ ମଦ କାରବାର ଚାଲୁଛେ। ଥାନୀୟ ପୁଲିସ ଆର ଅବକାରୀ ବିଭାଗ ଇ ବାବ୍‌ଦେ ଜାନିଶୁନି ଚୁପ୍‌ମାରି ବସିଛେ। ଯେନ୍‌ଥିରଲାଗି ସହରରେ ଦିନୁଦିନ୍‌କେ ଅସାମାଜିକ ଲୁକ୍‌କର ଉତ୍‌ପାତ ବଢ଼ତେଲ ଯାଉଛେ। ଲୋଇସିଂହାବାସୀକର ଅଭିଯୋଗ ଅନ୍‌ସାରେ ଲୋଇସିଂହା–ପଦ୍ମପୁର ରାସ୍‌ତାରେ ଗୁଟେ ଦେଶୀ ମଦଭାଟି ଆର ଲିକରସପ୍ ଅଛେ। ଲୋଇସିଂହା ଦେଶୀ ମଦଭାଟିରୁ ବହୁତଟେ କୁଚିଆ ବେପାରି ଖୁଲା ଆର ପାଉଚ ମଦ ନେଇ କୁଚନି କରୁଛନ୍। ଲୋଇସିଂହାର ଭିଡ଼ଭାଡ଼ ଜାଗା ବସଷ୍ଟାଣ୍ଡ, ବ୍ଲକଛକ, ଏମଇସ୍କୁଲ, ବସ୍‌ତିର ସହରାପଡ଼ାର ଭାଗବତ ଗୁଡ଼ି, ରାମଜୀ ଗୁଡ଼ି, ଡେଲିମାର୍କେଟ ପାସର ମେଡିକାଲ ଷ୍ଟୋର ପାସେ ଦିନ୍‌ଦାହାଡେ ମଦ କାରବାର ହେଉଥିବାର ଅଭିଯୋଗ ହେଇଛେ। ବସ୍‌ତିରେ ମଦ ବିକ୍‌ରି ହେବାର ଲାଗି ମା'ବହେନ୍, ସ୍କୁଲ ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମନେକରୁଛନ୍। ଏନ୍‌ତା କି ବସଷ୍ଟାଣ୍ଡ ଆର ବ୍ଲକଛକରେ ମଦ ବିକ୍‌ରି ହେବାର ଲାଗି ଲୋଇସିଂହାକେ କୋର୍ଟ କଚରି, ବ୍ଲକ୍ ଅଫିସ କାମେ ଆସୁଥିବାର ଲୋକ୍‌ମାନେ ବଡ଼ଭାରି ଅସବିଧାର ସାମନା କରୁଛନ୍। ଇ ବେଆଇନ୍ ମଦ ବିକ୍‌ରି ଉପରେ ପୁଲିସ ଆର ଅବକାରୀ ବିଭାଗ ଧରମକେ ଆଏଁଖ୍ ଠାର ଲେଖେଁ ପଦକ୍ଷେପ ନେଉଛନ୍। ଯେନ୍‌ଥିରଲାଗି ଦିନୁ ଦିନ୍‌କେ ଥାନୀୟ ଲୁକ୍‌କର ଭିତରେ ସାଧାରନରେ ଅସନ୍‌ତୋଷ ବଢ଼ତେଲ ଯାଉଛେ। ବ୍ଲକଛକରେ ମଦ ବିକ୍‌ରିକେ ବିରୋଧ କରି ଗଲା ୧ ତାରିଖ ଦିନ ଲୋଇସିଂହା ଜଡ଼ାମୁଣ୍ଡା ବସ୍‌ତିର ଉଜଳ ସେନାପତି, ଜୀବନଜ୍ୟୋତି ବାଗ, ରଞ୍ଜିତ ଶିକା, ବିନୟ ବାରିକ ପରମୁଖ ଥାନୀୟ ଅବକାରୀ ଅଧିକାରୀକୁଁ ଲିଖିତ ଜନେଇଥିଲେ। ହେଲେ ଆଏଜ୍‌ତକ୍ ଇ ଦିଗେ ବିଭାଗ୍ ତରଫୁ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନିଆଯାଇ। ଖାଲି ଲୋଇସିଂହା ନୁହେ, ଇ ଥାନା ଅଧିନ ବୁର୍ଦ୍ଧା ବସଷ୍ଟାଣ୍ଡ ସମେତ ଭିନେ ଭିନେ ଗାଁ ଆର ଢ଼ାବାରେ ଦିନ୍‌ଦାହାଡେ ବେଆଇନ୍ ମଦ ବିକ୍‌ରି ଚାଲୁଛେ। ଯେନ୍‌ଥିରଲାଗି ଅଂଚଲରେ ଭିନେ ଭିନେ ସମିଆରେ ଅନେକ ଦୁର୍‌ଘଟନା ଘଟି ଧନଜୀବନ ହାନି ହେଉଛେ। ଇ ବାବ୍‌ଦେ ଅବକାରୀ ଏସଆଇ ଆରତୀ କିଷାନ୍‌କୁଁ ପଚରାଲାରୁ ଆମରନେ ସୂଚନା ଅଛେ ଆର ଅଲପ ଦିନ୍ ଭିତରେ ଇ ଦିଗେ ପଦକ୍ଷେପ ନିଆଯିବା ବଲି କହିଥିଲେ। ସେନ୍‌ତା ଇ ବାବ୍‌ଦେ ଲୋଇସିଂହା ଥାନା ଏସଆଇ ଜେ.କେ.ମହାନ୍ତିଙ୍କୁଁ ପଚରାଲାରୁ ବହୁତ ଜଲ୍‌ଦି ଇ ଦିଗେ ପଦକ୍ଷେପ ନିଆଯିବା ବଲି କହିଥିଲେ।


ଲୋଇସିଂହା ଷ୍ଟାଡିୟମ ପରିସରରେ ଖାଲି ମଦ ବୁତଲ ପଡ଼ିଛେ।


ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଜିଲା ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ସାଇକେଲ ରାଲି ।

# ଓକିଲ ସଂଘର ସାଇକେଲ ରାଲି

**ବଲାଙ୍ଗୀର ଅଫିସ,୪।୧**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଶୁକ୍ରବାର ଜିଲା ଓକିଲ ସଂଘ ପକ୍ଷରୁ ସାଇକେଲ ରାଲି କରାଯାଇଥିଲା । ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଲଳିତ କୁମାର ନାୟକ, ଓକିଲ ସଂଘ ସଭାପତି ଅଶୋକ ମହାନ୍ତି ଓ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସମଲେଶ୍ୱରୀ ମନ୍ଦିର, ଡେଲିମାର୍କେଟ୍, ବିକ୍ରମ ଛକ, ପିପି ଏକାଡେମୀ ଛକ, କଳାମଣ୍ଡଳ ରୋଡ, ଭାଗରିଥି ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ପହଞ୍ଚିଥିଲେ । ଓକିଲ ସଂଘ ସଦସ୍ୟ ଅଶୋକ ରାଉତ, ପ୍ରମୋଦ ତ୍ରିପାଠୀ, ଭବାନୀ ଶତପଥୀ, ପ୍ରଭାସ ମିଶ୍ର, ରବି ବହିଦାର, ବାସୁଦେବ ରଥ, ସ୍ୱର୍ଣ୍ଣଭୂଷଣ ସାହୁ, ବ୍ରଜମୋହନ ମିଶ୍ର, ଶଙ୍କର ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ଜଗଦୀଶ ପ୍ରଧାନ, ନରେନ୍ଦ୍ର ତ୍ରିପାଠୀ, ଟ୍ୟାକ୍ସ ବାର ଆସୋସିଏଶନ ପ୍ରଭଞ୍ଜନ ହୋତା, ଶ୍ରୀକାନ୍ତ ଶର୍ମା, ସାମାଜିକ କର୍ମୀ ବିକ୍ରମ ବହିଦାର, ମନୋରଞ୍ଜନ ସାହୁ ପ୍ରମୁଖ ସାଇକେଲ ରାଲିରେ ଭାଗ ନେଇଥିଲେ ।

୧୨ରୁ ଜିଲାପାଳ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା

# ଫସଲ ବୀମା ଦାୟିତ୍ୱ ଘରୋଇ କମ୍ପାନୀକୁ ଦିଆ ନ ଯାଉ

**ବଲାଙ୍ଗୀର ଅଫିସ, ୪।୧**

ବଲାଙ୍ଗୀର ଜିଲାର ଚାଷୀମାନଙ୍କୁ ଶୋଷଣ କରାଯାଉଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଘରୋଇ କମ୍ପାନୀମାନେ ଚାଷୀଙ୍କୁ ଶୋଷଣ କରୁଛନ୍ତି । ଏଥିରେ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧିମାନେ ଘରୋଇ କମ୍ପାନୀଠାରୁ ଲାଞ୍ଚ ଖାଇ ଚାଷୀ ସ୍ୱାର୍ଥକୁ ଅଣାଦେଖା କରି ଘରୋଇ ବୀମା କମ୍ପାନୀ ସ୍ୱାର୍ଥକୁ ଜଗୁଛନ୍ତି ବୋଲି ଚାଷୀନେତା ତଥା ଆଡଭୋକେଟ୍ ଶାନ୍ତନୁ କୁମାର ନାଏକ ଅଭିଯୋଗ କରିଛନ୍ତି । ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶୁକ୍ରବାର ଅପରାହ୍ଣରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାର ଚାଷୀଙ୍କ ସାଂଘାତିକ ଅବସ୍ଥା ଓ ବୀମା କ୍ଷତିପୂରଣ ପ୍ରଦାନରେ ହୋଇଥିବା ଅନିୟମିତତାକୁ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ୨୦୧୭–୧୮ ବର୍ଷରେ ହୋଇଥିବା ମରୁଡି ରିପୋର୍ଟ ପଠାଇବାରେ ଘୋର ଚଞ୍ଚକତା କରାଯାଇ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଅଣଦେଖା କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ । କ୍ରପ୍‌କଟିଂ ବେଳେ ତୃଣମୂଳସ୍ତରରେ ରାଜସ୍ୱ ନିରୀକ୍ଷକ, କୃଷି ବିଭାଗ ଅଧିକାରୀ ଓ ପରିସଂଖ୍ୟାନ୍ ବିଭାଗ ଅଧିକାରୀ ଯେଉଁ ରିପୋର୍ଟ ପ୍ରସ୍ତୁତ କରି ଜିଲାସ୍ତରକୁ ପଠାଇଥିଲେ ତାହାକୁ ଚଞ୍ଚକତା କରାଯାଇ ରାଜ୍ୟ ସରକାରଙ୍କୁ ପଠାଇଥିଲେ। ଏହି ଚଞ୍ଚକତାପୂର୍ଣ୍ଣ ରିପୋର୍ଟ ଯୋଗୁଁ ଜିଲାର ୫୦ ପଞ୍ଚାୟତର କ୍ଷତିଗ୍ରସ୍ତ ଚାଷୀ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଏକ ରିପୋର୍ଟ ଦେଖାଇ ଟିଟିଲାଗଡ ଉପଖଣ୍ଡର ବିନେକେଲାରେ ୪.୮୨ କୁଇଣ୍ଟାଲ କ୍ରପ୍ କଟିଂ ରିପୋର୍ଟ ଥିବାବେଳେ ଜିଲାସ୍ତରରୁ ରାଜ୍ୟ ସ୍ତରକୁ ପଠାଯାଇଥିବା ରିପୋର୍ଟରେ ୨୯.୩୦କୁଇଣ୍ଟାଲ ଧାନ ଅମଳ ହୋଇଥିବା ଦର୍ଶାଯାଇଥିବା ସୂଚନା ଦେଇଥିଲେ । ଘଣ୍ଟବାହାଲିରେ ୩.୬୮ କୁଇଣ୍ଟାଲ ରିପୋର୍ଟ ସଂଗ୍ରହ ହୋଇଥିବାବେଳେ ୨୯.୪୧ କୁଇଣ୍ଟାଲ ଅମଳ ହୋଇଥିବା ରିପୋର୍ଟ ପଠାଯାଇଛି । ଏଭଳି ବ୍ୟତିକ୍ରମ ଯୋଗୁଁ ଜିଲାର ହଜାରେ ହଜାର ଚାଷୀ ବୀମା ପ୍ରିମିୟମ ବୁଝାଇଥିଲେ ମଧ୍ୟ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତ ବୋଲି ଅଭିଯୋଗ କରିଥିଲେ । ବାରମ୍ବାର ଅଭିଯୋଗ କଲେ ମଧ୍ୟ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଶେଷରେ ଚାଷୀମାନେ ଆସନ୍ତା ୧୨ରୁ ୧୬ ପର୍ଯ୍ୟନ୍ତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ନାଏକ ସୂଚନା ଦେଇଥିଲେ। ଚୋଲାମଣ୍ଡଳ,ରୟାଲସୁନ୍ଦରମ ଭଳି ଘରୋଇ କମ୍ପାନୀ ଚାଷୀଙ୍କୁ ଶୋଷଣ କରୁଥବା ଅଭିଯୋଗ କରି ସରକାର ତୁରନ୍ତ ଫସଲ ବୀମା କ୍ଷେତ୍ରରୁ ଘରୋଇ କମ୍ପାନୀଙ୍କୁ ବାଦ୍ ଦେବାକୁ ଦାବି କରିଥିଲେ । ସଭାରେ ଆଡଭୋକେଟ୍ ସ୍ୱର୍ଣ୍ଣଭୂଷଣ ସାହୁ ଉପସ୍ଥିତ ଥିଲେ ।


ଚାଷୀନେତା ଶାନ୍ତନୁ କୁମାର ନାଏକ ଖବରଦାତା ସମ୍ମିଳନୀରେ ଚାଷୀ ସମସ୍ୟା ସୂଚନା ଦେଉଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

* GST 5% Extra
MORE SPACE • SAME PRICE
TARIFF

| | | |
|---|---|---|
| For Single Day | 6×4 | 1,500.00 |
| | 12×4 | 2,000.00 |
| For 7 Days | 6×4 | 6,000.00 |
| | 12×4 | 12,000.00 |
| For 15 Days | 6×4 | 12,000.00 |
| | 12×4 | 25,000.00 |
| For 30Days | 6×4 | 20,000.00 |
| | 12×4 | 40,000.00 |

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 180012002563
Ansal Bhavan, Connaught Place, New Delhi

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢ଼ାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
AT/PO: Jambhirai, Baleswar, Odisha- 756024
M: 7750922443, 7077432760



"ନିଜର ସ୍ୱାର୍ଥକୁ ପୋଡ଼ି ନ ପକାଇଲେ ଜଗତରେ ଶାନ୍ତି ଦର୍ଶନ ହୋଇପାରିବ ନାହିଁ।
- ସନ୍ଥକବି ଭୀମଭୋଇ



## ସଂକ୍ଷେପରେ

### ଆଶାକର୍ମୀ ଚୟନରେ ଅନିୟମିତତା ଅଭିଯୋଗ

**ଗୁଡ଼ଭେଲା, ୪।୧(ଡି.ଏନ.ଏ.):** ଗୁଡଭେଲା ବ୍ଲକ ଅନ୍ତର୍ଗତ ଶିକେଲପଦର ଓ ଯାମୁଟ ଗ୍ରାମରେ ଖାଲିଥିବା ଆଶାକର୍ମୀ ପଦବୀ ଚୟନରେ ଅନିୟମିତା ହୋଇଥିବା ନେଇ ଶୁକ୍ରବାର ଆବେଦନକାରୀମାନେ ପୃଥକ ଭାବେ ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଅଧକ୍ଷ ଦୋରା ଏହାର ତଦନ୍ତ କରି ଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରିବା ପାଇଁ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି । ଶିକେଲପଦର କେନ୍ଦ୍ରର ଆଶାକର୍ମୀ ପାଇଁ ୪ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ଯଶୋବନ୍ତି କର୍ଣ୍ଣ ଯୁକ୍ତ ୩ ଶିକ୍ଷାଗତ ଯୋଗ୍ୟତା ଥିବା ବେଳେ ଦଶମ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା ଥିବା ଜଣେ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ଯାମୁଟ କେନ୍ଦ୍ରର ଆଶାକର୍ମୀ ପାଇଁ ୪ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ସେ ମଧ୍ୟରୁ ଜଣକର ବୟସ ଅଧିକ ଥିବାରୁ ତାଙ୍କୁ ବାଦ ଦିଆଯାଇଥିଲା। ୨ୟ ପ୍ରାର୍ଥୀ ଶୁଭ୍ରକେଶୀ ନାଗ ମାଟ୍ରିକ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୩ୟ ନମ୍ବରର ପ୍ରାର୍ଥୀ ରଞ୍ଜିତା ପାଣ୍ଡେ ଯୁକ୍ତଦୁଇ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ ୫ମଶ୍ରେଣୀ ପାସ କରିଥିବା ୪ର୍ଥ ନମ୍ବର ପ୍ରାର୍ଥୀଙ୍କୁ ଆଶାକର୍ମୀ ଭାବେ ଚୟନ କରାଯାଇଥିବା ରଞ୍ଜିତା ଓ ଶୁଭ୍ରକେଶୀ ଅଭିଯୋଗ କରିଛନ୍ତି । ଏ ନେଇ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲଲାଟେନ୍ଦୁ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନିୟମ ଅନୁଯାଇ ପଦବୀ ପୂରଣ କରାଯାଇଛି। ଏଥିରେ କିଛି ଅନିୟମିତତତା ହୋଇ ନାହିଁ । ଏଠାରେ ସୂଚନାଯୋଗ୍ୟ ଯେ, ନଭେମ୍ବର ମାସରେ ଉକ୍ତ ଦୁଇ ପଦବୀ ପାଇଁ ଆହ୍ୱାନ କରାଯାଇଥିବା ବେଳେ ଆବେଦନର ଶେଷ ତାରିଖ ନଭେମ୍ବର ୩୦ ରହିଥିଲା । ଶୁକ୍ରବାର ଚୟନ ଶେଷ ହୋଇ ନାମ ଘୋଷଣା ହୋଇଥିବା ବେଳେ ଏପରି ଅନିୟମିତତା ହୋଇଥିବା ଜଣାପଡିଥିଲା।

### ସୁବର୍ଣ୍ଣପୁରରେ ପଲିଥିନ ବର୍ଜନ ପ୍ରହସନ

**ସୋନପୁର,୪।୧(ନି.ପ୍ର.):** ରାଜ୍ୟ ସରକାର ପଲିଥିନ ବ୍ୟବହାର ଓ ବ୍ରିକ୍ରି ଉପରେ କଟକଣା ଲଗାଇଛନ୍ତି। ଗାନ୍ଧୀ ଜୟନ୍ତୀରେ ପଲିଥିନକୁ ନିଷିଦ୍ଧ କରାଯାଇଛି। ସୁବର୍ଣ୍ଣପୁରରେ ବହୁ ପୂର୍ବରୁ ପଲିଥିନ ବର୍ଜନ କରିବା ପାଇଁ ମନିସିପାଲିଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଗୋଦାମ ଓ ଦୋକାନରେ ଚଢାଉ ହେଲା । ପଲିଥିନ ବ୍ୟବହାର ଯଥେଷ୍ଟ ହ୍ରାସ ପାଇଥିଲା । ଏପରିକି ସହରଟି ପଲିଥିନ ମୁକ୍ତ ଅଞ୍ଚଳ ବୋଲି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ପୌର କର୍ତ୍ତୃପକ୍ଷ ସତ୍ୟପାଠ ମଧ୍ୟ ଦାଖଲ କରିଥିଲେ। କିନ୍ତୁ ଏହି ସତ୍ୟପାଠ ଧର୍ମକୁ ଆଖିଠାର ସଦୃଶ ହୋଇଛି। ସହରରେ ପଲିଥିନର ବହୁଳ ବ୍ୟବହାର ହେଉଛି। ପୌର ପ୍ରଶାସନ ଓ ଜିଲା ପ୍ରଶାସନର କୋହଳ ମନୋଭାବ ଯୋଗୁଁ ପଲିଥିନ ବ୍ୟବସାୟ ପୁଣି ବୃଦ୍ଧି ପାଇଛି। ପ୍ରଶାସନ ଏ ଦିଗରେ ଦୃଢ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ୧୩୪ ଛାତ୍ରୀଛାତ୍ରଙ୍କୁ ମିଳିଲା ୟୁନିଫର୍ମ

**ସଂଘିଯୁବା, ୪।୧(ଡି.ଏନ୍.ଏ.):** ବିନିକା ବ୍ଲକ ସଂଘିଯୁବା ସରକାରୀ ଉପ୍ରା ବିଦ୍ୟାଳୟର ୧୩୪ଜଣ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସ୍କୁଲ ୟୁନିଫର୍ମ ଏବଂ ଜୋତ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ଥାନୀୟ ସରପଞ୍ଚ ମହାବୀର ବେରିହା, ସିଆର୍‌ସିସି ପ୍ରଦୀପ କୁମାର ମହାନ୍ତି ୟୁନିଫର୍ମ ବଣ୍ଟନ କାର୍ଯ୍ୟକ୍ରମର ତଦାରଖ କରିଥିଲେ ।

ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ

# ଲୋୟର ସୁକ୍‌ତେଲ ପ୍ରକଳ୍ପ ବନ୍ଦ ପାଇଁ ଷଡ଼ଯନ୍ତ୍ର ଚାଲିଛି

- ଫସଲବୀମା ନାଁରେ ଚାଷୀ ଶୋଷଣ
- ବାଇପାସ୍ ରାସ୍ତାକୁ ନେଇ ଏନ୍‌ଏଚ୍ ଯନ୍ତ୍ରୀ, ତହସିଲଦାର କଥା କଟାକଟି

**ବଲାଙ୍ଗୀର ଅଫିସ, ୪।୧**



ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକରେ ବିଧାୟକ ନରସିଂହ ମିଶ୍ର ସମୀକ୍ଷା କରୁଛନ୍ତି ।

ବଲାଙ୍ଗୀର ଜିଲାରେ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକୁ ଅଟକାଇବା ପାଇଁ ଷଡଯନ୍ତ୍ର ଚାଲିଛି । ସରକାର ଜାଣିଶୁଣି ଷଣ୍ଢ ପୂରାଉଛନ୍ତି । ମରୁଡି ପ୍ରପୀଡିତ ବଲାଙ୍ଗୀର ଜିଲାରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିଲେ ମଧ ଏବେ ଏହି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର ଚାଲିଛି । ଯେତେବେଳେ ୯୦ପ୍ରତିଶତ ବୁଡିଅଞ୍ଚଳବାସୀ ଏହି ପ୍ରକଳ୍ପକୁ ବିରୋଧ କରୁଥିଲେ ସେତେବେଳେ ବହୁ କଷ୍ଟ କରି ଏହି ପ୍ରକଳ୍ପ ପାଇଁ ଲୋକଙ୍କ ସହମତି ଅଣାଯାଇଥିଲା ଓ ଲୋକଙ୍କ ସମର୍ଥନରେ ପ୍ରକଳ୍ପ କାମ ହୋଇଥିଲା । ଏବେ ୯୦ ପ୍ରତିଶତ ଲୋକ ପ୍ରକଳ୍ପକୁ ସମର୍ଥନ କରୁଥିବାବେଳେ ନାନା ବାହାନା ଦେଖାଇ ଗତ ପ୍ରାୟ ୬ ମାସ ହେଲା ପ୍ରକଳ୍ପ କାମ ବନ୍ଦ ପଡିଛି । ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ପାଇଁ ଥିବା ଆଇନ ଅନୁଯାୟୀ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା କରା ନ ଯାଇ ଅଯଥା ବୁଡି ଅଞ୍ଚଳବାସୀଙ୍କୁ ବଦ୍‌ନାମ କରିବାକୁ ସରକାର ଯୋଜନା କରୁଛନ୍ତି। ଏ ପର୍ଯ୍ୟନ୍ତ ପ୍ରକଳ୍ପ ସପକ୍ଷବାଦୀଙ୍କ ପାଇଁ କୌଣସି ସୁବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ପ୍ରଶାସନ ଓ ସରକାରକୁ ବିଶ୍ୱାସ କରୁନାହାନ୍ତି। ଏପରି ସ୍ଥଳରେ ଏହି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ସରକାର କୌଶଳପୂର୍ଣ୍ଣ ଭାବେ ସ୍ଥାନୀୟ ଲୋକଙ୍କ ଉସ୍‌କାଉଛନ୍ତି ବୋଲି ଶୁକ୍ରବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ବିରୋଧୀଦଳ ନେତା ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର କଡା ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ । ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ଘର ଛାଡୁନାହାନ୍ତି ଓ ଏପରିସ୍ଥଳେ ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ କାର୍ଯ୍ୟକାରୀ କରିବାକୁ ଲୋକେ ଜୋର ଦେଉଛନ୍ତି ବୋଲି ମିଶ୍ର ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ୍ କରିଥିଲେ । ଏ ନେଇ ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ଜିଲାପାଳ କିଛି ବି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ ।

ବଲାଙ୍ଗୀର ସହରର ବାଇପାସ୍ ପ୍ରସଙ୍ଗରେ ଆଲୋଚନା କଲାବେଳେ ଜାତୀୟ ରାଜପଥ ବିଭାଗ (ଏନ୍‌ଏଚ୍) ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପାଢ଼ୀ ଓ ତହସିଲଦାର ଲଲାଟ ଲୁହା ପରସ୍ପର କଥା କଟାକଟି ହୋଇଥିଲେ । ଏଭଳି ସ୍ଥିତିରେ ଜିଲାପାଳ ଅରିନ୍ଦମ ଡାକୁଆ ଉଭୟ ଅଧିକାରୀଙ୍କୁ ତାଗିଦ୍ କରି କୌଣସି ଭୁଲ ସୂଚନା ନଦେବାକୁ ପରାମର୍ଶ ଦେଇଥିଲେ । ଆଜିକାର ଆଲୋଚନାରୁ ସ୍ପଷ୍ଟ ହୋଇଥିଲା ଯେ ଏବେବି ବଲାଙ୍ଗୀର ବାଇପାସ୍ ସମ୍ପର୍କିତ ଅନିଶ୍ଚିତତା ଦୂର ହୋଇନାହିଁ । ବାଇପାସ୍ ଜମି ମୂଲ୍ୟାୟନ ଗୋଲକଧନ୍ଦା ସମାଧାନ ହୋଇନାହିଁ। ଷ୍ଟାଣ୍ଡିଂ ଫାଇନାନ୍ସ କମିଟି ପକ୍ଷରୁ ମଗାଯାଇଥିବା ସ୍ପଷ୍ଟୀକରଣର ଉତ୍ତର ପ୍ରଶାସନ ରଖିନାହିଁ। ଏଚ୍‌ଏଚ୍ ନିର୍ବାହୀ ଯନ୍ତ୍ରୀ ପାଢ଼ୀ କହିଥିଲେ ଯେ ବାଇପାସ୍ ପାଇଁ ଚିହ୍ନଟ ଜମିର ୩୮ଟି ପ୍ଲଟ୍‌ରେ ଅହେତୁକ ମୂଲ୍ୟ ବୃଦ୍ଧି କରାଯାଇଥିଲା । ଏନେଇ କେନ୍ଦ୍ର ଆପତ୍ତି ଉଠାଇ ବାଇପାସ୍ ରାସ୍ତା ଅନୁଦାନ ଅନୁମୋଦନ କରୁନାହିଁ । ତହସିଲଦାର ଲୁହା କହିଥିଲେ ଯେ ଆଭରେଜ୍ ସେଲ୍‌ସ ଷ୍ଟାଟିଷ୍ଟିକ୍ ବା ସର୍ବୋଚ୍ଚ ବେଞ୍ଚମାର୍କ ଭେଲ୍ୟୁଏସନ୍ ରିପୋର୍ଟ ପଠାଇବାରେ ବ୍ୟତିକ୍ରମ ହୋଇଛି । ଏଭଳି ପରିସ୍ଥିତିରେ ବଲାଙ୍ଗୀର ବାଇପାସ୍ ଝୁଲି ରହିଛି ବୋଲି ଅଧିକାରୀମାନେ କହିଥିଲେ । ଏହାକୁ ନେଇ ବିଧାୟକ ମିଶ୍ର ବିରକ୍ତି ପ୍ରକାଶ କରି ପ୍ରଶାସନିକ ଅଧିକାରୀଙ୍କ ଜବାବ ଆଦୌ ସନ୍ତୋଷଜନକ ନୁହେଁ ବୋଲି କହିଥିଲେ । ଦୁଇଦିନ ମଧରେ ବାଇପାସ୍ ରିପୋର୍ଟ ପୁଣି ଥରେ କେନ୍ଦ୍ରକୁ ପଠାଯିବ ବୋଲି ଅଧିକାରୀମାନେ କହିଥିଲେ । ଫସଲବୀମା ହେଉ କି ମରୁଡି ସହାୟତା କୌଣସି ଫାଇଦା ଆମର ଚାଷୀମାନେ ପାଇପାରୁ ନାହାନ୍ତି । ସରକାର ନିଯୁକ୍ତ ବୀମା କମ୍ପାନୀ ଚାଷୀଙ୍କ ଠୁଁ ନେଇଥିବା ପ୍ରିମିୟମ ପଇସା ଫୌଜଦାରୀ ମାମଲା ଭୟରେ ଏବେ ଫେରାଇବାରେ ଲାଗିଛନ୍ତି। ସେମାନେ କରିଥିବା ଫସଲ ବୀମାରାଶି ଆଜି ପର୍ଯ୍ୟନ୍ତ ପାଇନାହାନ୍ତି । ଜିଲାରେ କେତେ ଚାଷୀ ଅଛନ୍ତି, କେତେ ଚାଷଜମି ଅଛି ଓ ସେଥିରୁ କେତେ ବୀମାଭୁକ୍ତ ହୋଇଛି, କେତେ ବୀମା ପଇସା ପାଇଛନ୍ତି ଓ ଅଦିନିଆ ବର୍ଷାରେ କେତେ କ୍ଷତି ହୋଇଛି ସେ ସମ୍ପର୍କରେ ଡିଡିଏ ଶ୍ରୀଧର ଦାସ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ । ଏହା ସହିତ ମୋଗା ଲିଫ୍ଟ, ଏମ୍‌ଆଇପି, ବିଜୁ ପକ୍କାଘର ଯୋଜନା ଓ ଅନ୍ୟ ଯୋଜନାରେ ସମୀକ୍ଷା କରିଥିଲେ। ସଭାରେ ଜିଲାପାଳ ଡାକୁଆଙ୍କ ସହ ଡିଆରଡିଏ ପିଡି ଡ. ମହେଶ୍ୱର ମହାନ୍ତି, ଉପଜିଲାପାଳ ଭୈରବ ସିଂ ପଟେଲ, ଡିଏସପି ପ୍ରଶାନ୍ତ ପଟ୍ଟନାୟକ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ ।

## ପାଞ୍ଚଦିନ ହେଲା ବୁଲୁଛନ୍ତି ହାତୀପଲ

### ଭୟରେ ଲୋକେ ରାତି ଉଜାଗର

**ଖପ୍ରାଖୋଲ, ୪।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପାହାଡ ତଳି ଅଞ୍ଚଳରେ ଗତ ୫ଦିନ ହେଲା ହାତୀପଲ ବୁଲୁଛନ୍ତି। ଏହାକୁ ନେଇ ପାହାଡତଳି ଅଞ୍ଚଳର ଲୋକେ ଭୟରେ ରାତି ସାରା ଚେଇଁ ରହୁଛନ୍ତି। ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରୁ ଏହି ହାତୀପଲ ଖପ୍ରାଖୋଲ ବ୍ଲକର ମଟିଆଭଟା ପଞ୍ଚାୟତ ଅନକାମରା ଗାଁରେ କେତେକ ଚାଷୀଙ୍କ ଧାନ, ଝୁଡଙ୍ଗ ଚାଷ ନଷ୍ଟ କରିଥିଲେ। ଏହାର ପରଦିନ ପୁଣି ଏହି ଗାଁକୁ ଆସି ଧାନଖେତରେ ପଶି ନଷ୍ଟ କରିଥିଲେ। ବନ ବିଭାଗ ପହଞ୍ଚି କ୍ଷୟକ୍ଷତି ଆକଳନ ସହିତ ଲୋକଙ୍କୁ ସତର୍କ ରହିବାକୁ କହିଥିଲେ। ହେଲେ ହାତୀପଲ ଦିନ ବେଳା ଜଙ୍ଗଲ ପଟକୁଚାଲିଯାଉଥିବା ବେଳେ ରାତିବେଳା ଗାଁ ମୁହାଁ ହେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ବଡଉଡେନ, ଟେଙ୍ଗରାପଥର, ଗାଁର ବହୁ ଚାଷୀଙ୍କ ଧାନ ନଷ୍ଟ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ବେଳକୁ ଏହି ହାତୀପଲ ଘଗରା, ଲୁହାସିଂହା ନିକଟ ପାହାଡ ତଳେ ଥିବା ଜଣାଯାଇଛି । ଯାହା ଫଳରେ ପାଞ୍ଚ ଦିନ ହେଲା ଲୋକେ ହାତୀ ପାଇଁ ଆତଙ୍କିତ ହୋଇ ରହିଛନ୍ତି। ଏ ନେଇ ପାଢେଲ ବନପାଳ ଅରବିନ୍ଦ ଧରୁଆଙ୍କୁ ପଚାରିବାରୁ ବନ ବିଭାଗ ହାତୀପଲର ଗତିବିଧି ଉପରେ ନଜର ରଖିଛି ବୋଲି କହିଛନ୍ତି। ପଲରେ ୨୫ରୁ ଉର୍ଦ୍ଧ୍ୱ ହାତୀ ଥିବା ବନ ବିଭାଗ କହିଛି।



ବନ୍ଧୁମିଳନରେ ଦେଓଗାଁ ଗ୍ରାମ୍ୟଉନ୍ନୟନ କମିଟିର କର୍ମକର୍ତ୍ତା ବୃନ୍ଦ ।

## ଦେଓଗାଁ ରୋଡ଼ରେ ଦ୍ରୁତଗାମୀ ଟ୍ରେନ୍ ରହଣି ଦାବିକୁ ଗୁରୁତ୍ୱ

**ଦେଓଗାଁ,୪।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ କଛାରପାଲି ନିକଟସ୍ଥ ସୋନଗଡ ନଦୀକୂଳରେ ଶୁକ୍ରବାର ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟିର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଧନମତ ପନୁଆଁ ପୂର୍ବବର୍ଷର ବିବରଣୀ ପାଠ କରିଥିଲେ । ଦେଓଗାଁ ବ୍ଲକ ତଥା ପଡୋଶୀ ଗୁଡଭେଲା ବ୍ଲକ ଓ ବଲାଙ୍ଗୀର ସଦର ବ୍ଲକର କିଛି ଗ୍ରାମର ପ୍ରମୁଖ ଦାବି ଦେଓଗାଁ ରୋଡରେ ଏକ୍ସପ୍ରେସ ଟ୍ରେନ ଇସ୍ପାତ ଓ ତପସ୍ୱିନି ରହଣୀକୁ ନେଇ ଅଞ୍ଚଳବାସୀଙ୍କ ତରଫରୁ କିଛିମାସ ତଳେ ରେଳରୋକୋ କରାଯାଇଥିଲା। ହେଲେ ବିଭାଗୀୟ ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ ପାଳନ ହୋଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତମାସ ୯ ତାରିଖରେ ବଲାଙ୍ଗୀର ଆସୁଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତକରି ଆଲୋଚନା କରିବା ପରେ ବିଭାଗ କୌଣସି ସାକାରାତ୍ମକ ପଦକ୍ଷେପ ଗ୍ରହଣ ନକଲେ ରିଲେ ଅନଶନ ଓ ପରେ ରେଳରୋକୋ ଆନ୍ଦୋଳନ ସହ ଆମରଣ ଅନଶନ କରାଯିବବୋଲି ସଭାପତି ଡା.ସାହୁ ପ୍ରକାଶ କରିଥିଲେ । ଏଥିସହ ଦେଓଗାଁ ଫାଣ୍ଡିକୁ ଥାନା ମାନ୍ୟତା ଦାବି ଉପରେ ମଧ ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏହି ଦାବିକୁ ତୁରନ୍ତ ପୂରଣ କରିବା ପାଇଁ ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଆଲୋଚନା କରିବାପାଇଁ ମତପ୍ରକାଶ ପାଇଥିଲା। ଦେଓଗାଁରେ ଜେଏମଏଫସି କୋର୍ଟ ସ୍ଥାପନ ଓ ଦେଓଗାଁକୁ ଏନଏସି ମାନ୍ୟତା ଦାବୀ କରାଯିବ ବୋଲି ସମସ୍ତ କର୍ମକର୍ତ୍ତା ସିଦ୍ଧାନ୍ତ ନେଇଥିଲେ । ବୈଠକରେ ଭଲଭଦ୍ର ସାହୁ, ବେଦବର ସାହୁ, ଘନଶ୍ୟାମ ବାରିକ, ବେଣୁ ଦଲାଇ ରମେଶ କର୍ଣ୍ଣ, ଶଙ୍କର ପ୍ରସାଦ ସାହୁ, ବସନ୍ତ ସାହୁ, ବିଭୂ ରଣା, ପ୍ରକାଶ ପୂଝାରୀ, ସ୍ୱପ୍ନେଶ୍ୱର ଗରୁଡ, ଚକାମନ ବାରିକ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ ।

ଉପଖଣ୍ଡ ଯୋଗାଣ ଅଧିକାରୀ, ସମବାୟ ସହପ୍ରବନ୍ଧକଙ୍କ ହସ୍ତକ୍ଷେପ

# ଖପ୍ରାଖୋଲ ମଣ୍ଡିରୁ ଉଠିଲା ଧାନ

**ଖପ୍ରାଖୋଲ, ୪।୧ (ଡି.ଏନ.ଏ.)**



ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁ, ଉପଖଣ୍ଡ ସମବାୟ ସହପ୍ରବନ୍ଧକ ପ୍ରମୋଦ କୁମାର ବରିହା ଖପ୍ରାଖୋଲ ମଣ୍ଡିରେ ପହଞ୍ଚି ଧାନକ୍ରୟ ସମ୍ପର୍କରେ ପଚାରି ବୁଝୁଛନ୍ତି ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ଥିବା ପ୍ରାଥମିକ କୃଷି ସମବାୟ ସମିତିରୁ ୭ ଦିନ ହେଲା ମିଲର ଧାନ ଉଠାଉ ନଥିବାରୁ ଚାଷୀ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଏ ନେଇ ଗଣ ମାଧ୍ୟମରେ ଖବର ପ୍ରସାରଣ ପରେ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖା ଦେଇଥିଲା। ଶୁକ୍ରବାର ମଣ୍ଡିରୁ ଚାଷୀଙ୍କ ଧାନ ମିଲର କିଣିଥିବା ଜଣାଯାଇଛି। ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁ , ଉପଖଣ୍ଡ ସମବାୟ ସହପ୍ରବନ୍ଧକ ପ୍ରମୋଦ କୁମାର ବରିହା ମଣ୍ଡିରେ ପହଞ୍ଚି ଚାଷୀ, ମିଲର ଓ କୃଷି ସମବାୟ ସମିତି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ ମିଲର ମଣ୍ଡିରୁ ୫ଶହ କୁଇଣ୍ଟାଲ ଧାନ ଉଠାଇଛନ୍ତି। ଏହି ଅବସରରେ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ରାଜାରାମ ହୋତା , ସମବାୟ ସମିତି ସଭାପତି ନରେନ୍ଦ୍ର ଭୋଇ, ସମ୍ପାଦକ ଶ୍ରୀପତି ଭୋଇଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ପରେ ଉଭୟ ଅଧିକାରୀ ଲୁହାସିଂହା କୃଷି ସମବାୟ ସମିତିର ଜୁରିଆ ଧାନ ମଣ୍ଡି ପରିଦର୍ଶନ କରି ଧାନ କିଣାବିକା ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିଥିଲେ। ଚାଷୀମାନେ ମଣ୍ଡି ୩ ଦିନ ବଦଳରେ ୪ଦିନ କରିବାକୁ ଦାବି କରିଥିଲେ। ସମବାୟ ସମିତି ସଭାନେତ୍ରୀ ଦମୟନ୍ତୀ ସୁଆର, ସମ୍ପାଦକ ରାମକୃଷ୍ଣ ସାହୁ, ଯଦୁମଣି ରଣା, କନ୍ଦର୍ପ ସୁଆର, ଜୟନ୍ତପାଲ ମେହେର, ବିକାଶ ମେହେର, ରାଜୁ ମେହେର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

### ଗାଁରେ ବୁଲୁଛି ଜବାବ ମାଗେ ଓଡ଼ିଶା ରଥ

**ଲୋଇସିଂହା, ୪।୧(ଡି.ଏନ.ଏ.):** ଭାଜପାର ଜବାବ ମାଗେ ଓଡିଶା ରଥ ଲୋଇସିଂହା ବ୍ଲକର ଯୋଗୀସର୍ଡା, ବାଦିବାହାଲ ଓ ବୁଢୀପଦର ପଞ୍ଚାୟତର ବିଭିନ୍ନ ଗାଁରେ ବୁଲୁଛି । ରଥ ବୁଲିବା ସମୟରେ ଲୋକଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ମତାମତ ଗ୍ରହଣ କରୁଛି। ଏଥି ସହିତ ରାଜ୍ୟ ସରାକାରଙ୍କ ବିଭିନ୍ନ ବିଫଳତାକୁ ଜନସାଧାରଣଙ୍କୁ ଅବଗତ କରାଯାଉଛି। ଏହି ରଥ ଯୋଗୀସର୍ଡା ମନ୍ଦିରରେ ପୂଜାର୍ଚ୍ଚନା ପରେ ବୁଲିବା ଆରମ୍ଭ କରିଥିଲା।

ମଣ୍ଡି ଖୋଲିବା ମାସେ ବିତିଲା

# ଉଠିଛି ୩୭,୬୯୮ କୁଇଣ୍ଟାଲ ଧାନ

**ଲୋଇସିଂହା, ୪।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ମାସକ ତଳେ ଡିସେମ୍ବର ୫ତାରିଖରେ ମଣ୍ଡି ଖୋଲିଥିଲା। ବ୍ଲକ ଅଧୀନ ୧୦ ପ୍ୟାକ୍ସରେ ଚାଷୀମାନେ ଧାନ ବିକ୍ରି କରିଥିଲେ। ଏହି ମାସକ ମଧ୍ୟରେ ମୋଟ ୩୭ ହଜାର ୬୯୮କୁଇଣ୍ଟା ଧାନ ଉଠିଥିବା ବିଭାଗ ସୂତ୍ରରୁ ଜଣାପଡିଛି। ସୂଚନାମତେ ସରଗାଡ ପ୍ୟାକ୍ସରେ ୪୬୮୯.୯୭ କୁଇଣ୍ଟାଲ, ଯୋଗୀସର୍ଡାରେ ୮୩୪୭.୧୩ କୁଇଣ୍ଟାଲ, କନ୍ଦାଜୁରୀରେ ୬୧୨୯.୨୨ କୁଇଣ୍ଟାଲ, ଲୋଇସିଂହାରେ ୩୧୯୨.୯୮ କୁଇଣ୍ଟାଲ, କୁଶମେଲରେ ୩୮୦୭.୨୬ କୁଇଣ୍ଟାଲ, ବୁର୍ଡାରେ ୫୮୫୦.୮୨ କୁଇଣ୍ଟାଲ, ଗଡଶଙ୍କର ଡୁଙ୍ଗରିପାଲିରେ ୪୫୩୧.୪୬ କୁଇଣ୍ଟାଲ, ରେଙ୍ଗାଲି ପ୍ୟାକ୍ସରେ ୧୧୫୦.୧୧ କୁଇଣ୍ଟାଲ ଧାନ ଶୁକ୍ରବାର ସୁଦ୍ଧା କିଣାଯାଇଛି। ରୋଗପୋକ ଓ ମରୁଡି ପ୍ରଭାବରୁ ଖରିଫ ଅମଳ ପ୍ରଭାବିତ ହୋଇଥିବା ଓ ବଳକା ଧାନ ନ ଥିବାରୁ ମଣ୍ଡିରେ ବିକ୍ରି ବନ୍ଦ ପାଇଁ ବ୍ଲକର କୁଶଙ୍ଗ ଓ ବାଦିମୁଣ୍ଡା ଗ୍ରାମର ଚାଷୀମାନେ ଲିଖିତ ଭାବେ ଜଣାଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ କୁଶଙ୍ଗ ଓ ବାଦିମୁଣ୍ଡା ପ୍ୟାକ୍ସ ଅଧୀନ ଅନ୍ୟଗ୍ରାମର ଚାଷୀଙ୍କୁ ସରଗାଡ ଓ କନ୍ଦାଜୁରୀରେ ଟେକ କରି ଧାନ କିଣୁଥିବା ବ୍ଲକ ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ମରୁଡି ଓ ପେଥାଇ ବର୍ଷାରେ ଧାନ ଭିଜିଥିବା ଅଭିଯୋଗ କରି କେତେକ ସ୍ଥାନରେ କଟନୀଛଟନୀ କରୁଥିବା ଅଭିଯୋଗ ହେଉଛି।



ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ଉଭୟ ଦଳର ଖେଳାଳିମାନେ।

## ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ : ଟିଟିଲାଗଡ଼ ବିଜୟୀ

**ଟିକ୍ରାପଡା, ୪।୧(ଡି.ଏନ.ଏ.)**

ସଇଁନ୍ତଳା ବ୍ଲକ କରମତଲା ଗ୍ରାମ ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ସାମାଜିକ କର୍ମୀ ବିଭୀଷଣ ନାଗ, ପ୍ରତାପ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠିତ ମ୍ୟାଚରେ ଲିଟିଲଷ୍ଟାର ରେଙ୍ଗାଲି ଦଳକୁ ୨-୧ଗୋଲରେ ହରାଇ ସହିଦ ଜିମ୍ନାସିୟମ ଟିଟିଲାଗଡ ବିଜୟୀ ହୋଇଥିଲା । ପାଣ୍ଡବ ବିଶି, ରିଙ୍କୁ ବିଶି, ପିଣ୍ଟୁ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ । ମୋହନ ବେହେରା, ଗଣ୍ଡାରୁ ବୁଡେକ ଧାରା ବିବରଣୀ ପ୍ରଦାନ କରିଥିଲେ । ଶନିବାର ଟାଉନ ସ୍ପୋର୍ଟିଂ ରାୟଗଡା ବନାମ ବଲାଙ୍ଗୀର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅୟୋଜକ କମିଟି ସୂତ୍ରରୁ ପ୍ରକାଶ ।

ଗୋଦାମ ଗୃହ ନାହିଁ

# ଖୋଲାରେ ପଡ଼ିଛି ଚାଷୀଙ୍କ ଧାନ

**ଲାଠୋର, ୪।୧(ଡି.ଏନ.ଏ.)**



ଲାଠୋର ପ୍ୟାକ୍ସରେ ଖୋଲା ଆକାଶ ତଳେ ଜମା ହୋଇଥିବା ଧାନ ବସ୍ତା।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ପ୍ୟାକ୍ସରେ ଗୋଦାମ ଗୃହ ନାହିଁ। ଫଳରେ ବିକ୍ରି ପାଇଁ ପ୍ୟାକ୍ସକୁ ଆସୁଥିବା ଧାନ ଖୋଲା ଆକାଶ ତଳେ ପଡି ରହୁଛି। ବର୍ଷେକି ଦୁଇ ବର୍ଷ ନୁହେଁ ଗତ ୬୪ବର୍ଷ ଧରି ଏମିତି ଅବ୍ୟବସ୍ଥାରେ ଏଠାରେ ଧାନ କିଣାବିକା ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଲାଠୋର ସେବା ସମବାୟ ସମିତି ଜରିଆରେ ଚଳିତ ବର୍ଷ ଲାଠୋର, ବେନ୍ଦେର, କରୁଆଁଝର, ଟଙ୍କପାଣି, ମାଲପଡାର ୩୫୦ ଚାଷୀଙ୍କଠାରୁ ୧୮ହଜାର କୁଇଣ୍ଟାଲ ଧାନ କିଣିବାର ଲକ୍ଷ ଧାର୍ଯ୍ୟ ହୋଇଛି।ସେହିଅନୁଯାୟୀ ସପ୍ତାହର ସୋମବାର, ମଙ୍ଗଳବାର, ବୁଧବାର ଧାନ କିଣାଯାଉଛି। ପ୍ୟାକ୍ସର ନିଜସ୍ୱ ଜାଗା ନ ଥିବାରୁ ପ୍ରାୟ ୧ଏକରରୁ ଉର୍ଦ୍ଧ୍ୱ ଜାଗାର ନକ୍ସା କରି ତହସିଲକୁ ଦିଆଯାଇଛି। ହେଲେ ସମସ୍ତ କାର୍ଯ୍ୟ ସରିଥିଲେ ସୁଦ୍ଧା ପଟ୍ଟା ପ୍ରଦାନ କରାଯାଇନାହିଁ। ପଟ୍ଟା ପାଇବା ନେଇ ବର୍ତ୍ତମାନର ସଭାପତି ବାରମ୍ବାର ତହସିଲ କାର୍ଯ୍ୟାଳୟ ଯାଇ ପଚାରିଲେ ଫାଇଲ ଉପରକୁ ଯାଇଛି ବୋଲି କୁହାଯାଉଥିଲେ ହେଁ ପଟ୍ଟା ପ୍ରଦାନ କରାଯାଉନାହିଁ । ପଟ୍ଟା ପାଇଲେ ସରକାରୀ ଅନୁଦାନରେ ଗୋଦାମ ଗୃହ ନିର୍ମାଣ ହୋଇପାରିବ ବୋଲି ସଭାପତି ସନ୍ତୋଷ କୁମାର ଭଇଁଷାଲ ସୂଚନା ଦେଇଛନ୍ତି। ଖପ୍ରାଖୋଲ ତହସିଲଦାର ଆନନ୍ଦ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଘଟଣା ବିଷୟରେ ମୁଁ ଅବଗତ ନ ଥିଲି, ଏବେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବି। ତେବେ ଯଥାଶୀଘ୍ର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲାଠୋର ପ୍ୟାକ୍ସରେ ଗୋଦାମ ଗୃହ ନିର୍ମାଣ ପାଇଁ ଦାବି ହେଉଛି।

## ଲାଠୋର ପ୍ୟାକ୍ସ



କର୍ମଫଳକୁ କେହି ଏଡ଼ାଇ ପାରନ୍ତି ନାହିଁ। ତେବେ ଯଦି ସାଧନ ଭଜନ ଥାଏ, ଯେଉଁଠି ଖଣ୍ଡାରେ ଆଘାତ ହେବା କଥା, ସେଠାରେ ହୁଏତ କଣ୍ଟାଟିଏ ଫୁଟିଯାଇପାରେ।
- ମା' ସାରଦା ଦେବୀ



## ସଂକ୍ଷେପରେ

### ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ମୃତ

ଧର୍ମଗଡ,୪।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଧର୍ମଗଡ-ଗୋଲାମୁଣ୍ଡା ମୁଖ୍ୟରାସ୍ତା ଖଲିଆକାନୀଠାରେ ସଡକ ଦୁର୍ଘଟଣାରେ ଖଲିଆକାନୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ଶ୍ୟାମ ସୁନ୍ଦର ମେହେରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ସହଦେବ ଲିମଗଛିଆ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟାରେ ଖଲିଆକାନୀ ଛକ ନିକଟରେ ଶ୍ୟାମ ସୁନ୍ଦର, ସହଦେବ ଏବଂ ଅନ୍ୟ ଜଣେ ରାସ୍ତା କଡରେ ନିଜ ବାଇକ୍ ଉପରେ ଛିଡା ହୋଇଥିଲେ । ହଠାତ ଏକ ମାରୁତି ଭ୍ୟାନ ଦ୍ରୁତ ଗତିରେ ଏହି ତିନି ଜଣଙ୍କ ଉପରେ ମାଡି ଯାଇ ଭାରସାମ୍ୟ ହରାଇ ନିକଟସ୍ଥ ଏକ ଜମିରେ ଓଲଟି ପଡିଥିଲା। ଘଟଣା ସ୍ଥଳରେ ଶ୍ୟାମଙ୍କ ମୃତ୍ୟୁ ଘଟିଥିବା ବେଳେ ସହଦେବ ଗୁରୁତର ଆହତ ହୋଇଥିଲେ। ଅନ୍ୟ ଜଣେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିର ଡ୍ରାଇଭର ମଧ୍ୟ ଆହତ ହୋଇଥିବା ଜଣାଯାଇଛି ।

### ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ମଳୟ

ଭବାନୀପାଟଣା,୪।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ କର୍ଲାପାଟ ପଂଚେତ୍ର ପୁରୁଣା ଗୁମା ଗାଁର ଦିବ୍ୟାଙ୍ଗ ଯୁବକ ମଳୟ ନିଆଲ (୧୬) । ସେ ତୃତୀୟ ଶ୍ରେଣୀରେ ପାଠ ପଢୁଥିବାବେଳେ ଏକ ଅଜଣା ରୋଗରେ ଶିକାର ହୋଇ ଦୁଇଟି ଆଖି ହରାଇଥିଲେ । ସେହିଦିନଠାରୁ ମଳୟ ଏକ ଅନ୍ଧାର ଜୀବନ ବିତାଉଛନ୍ତି। ପରିବାର ଗରିବ ହୋଇଥିବା ବେଳେ ନିସହାୟ ବିଧବା ମା' ଯାହାପାରିଲେ ପୁଅର ଚିକିତ୍ସା କରିଥିଲେ । ହେଲେ ଚିକିତ୍ସାର କିଛି ସଫଳତା ମିଳିପାରି ନ ଥିଲା । ପୁଅର ଚିକିତ୍ସା ପାଇଁ ବ୍ଲକ ପ୍ରଶାସନକୁ ଗୁହାରି କରି ନିରାଶ ମଧ ହୋଇଛନ୍ତି । ପରିବାର ଗରିବ ହୋଇଥିବାରୁ ସରକାରୀ ସୁବିଧା ପାଇବା ପାଇଁ ଗୁରୁଣାଗୁମାରୁ ଥୁ.ରାମପୁରକୁ ୪୦ କିମି ଯାଆସ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ଏହାବାଦ୍ ଥୁ.ରାମପୁର ବିଡିଓ ନବୀନଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଯେତେ ଶୀଘ୍ର ହେବ ତାହାଙ୍କୁ ଭିନ୍ନକ୍ଷମ ଭତ୍ତା ସହ ମାସିକ ୫ କେଜି ଚାଉଳ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

### ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ହେଲେ ଦ୍ରୌପଦୀ ମାଝି

ଭବାନୀପାଟଣା,୪।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ବ୍ଲକର ପୂର୍ବତନ ଅଧକ୍ଷା ଦ୍ରୌପଦୀ ମାଝିଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଓ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ମହିଳା କଂଗ୍ରେସ କମିଟି ସାଧାରଣ ସମ୍ପାଦିକା ଭାବେ ମନୋନିତ କରାଯାଇଛି । ମାଝି ୧୯୯୭ରୁ ରାଜନୈତିକ ଜୀବନ ଆରମ୍ଭ କରିବା ସହ ସରପଞ୍ଚ, ସମିତିସଭ୍ୟା, ଜିଲା ପରିଷଦ ସଭ୍ୟା ଓ ସମିତି ଅଧକ୍ଷା ଭଳି ଆସନ ଅଳଙ୍କୃତ କରି ସାରିଛନ୍ତି । ଆଗାମୀ ଦିନରେ ଜିଲାସ୍ତରରେ ନିଜ ସଙ୍ଗଠନକୁ ବୃଦ୍ଧି କରିବାରେ ମନୋନିବେଶ କରିବେ ବୋଲି ସେ କହିଛନ୍ତି ।

## ୩ୟ ଲାଇନ ରେଳ ଧାରଣା ନିର୍ମାଣ କରୁଛି ଟିଡିପିଏଲ୍ କମ୍ପାନୀ
# ରାସ୍ତା, ଡ୍ରେନ୍ ଭାଙ୍ଗି ନଷ୍ଟ କରୁଛି

କେସିଙ୍ଗା,୪।୧(ଡି.ଏନ.ଏ.)



କେସିଙ୍ଗା ଏନଏସିର ୧୨ ନମ୍ବର ଡ୍ରେନ ଓ ରାସ୍ତା ବ୍ୟାପକ ନଷ୍ଟ କରାଯାଇଛି ।

କଳାହାଣ୍ଡି ଜିଲା କେସିଙ୍ଗା ଷ୍ଟେଶନଠାରୁ ରାୟଗଡା ପର୍ଯ୍ୟନ୍ତ ୩ୟ ଲାଇନ ରେଳ ଧାରଣା ପାଇଁ ଟିଡିପିଏଲ କମ୍ପାନୀ ରାସ୍ତା ନିର୍ମାଣ କରୁଛି । ଆଜକୁ ୨ ବର୍ଷ ହେଲା କେସିଙ୍ଗାଠାରେ କାଣ୍ଡେଲରୋଡ, ରୁପ୍ରା ରୋଡ, ନର୍ଲା ରୋଡ ଏବଂ କେସିଙ୍ଗାଠାରୁ ଟିଟିଲାଗଡ ପର୍ଯ୍ୟନ୍ତ ୩ୟ ଲାଇନ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଏହି କମ୍ପାନୀ କେସିଙ୍ଗା ଷ୍ଟେଶନ ପାର୍ଶ୍ୱରେ ଥିବା ୧୨ ନଂ. ୱାର୍ଡ ଦେଇ ମଦଭାଟିକୁ ସଂଯୋଗ ରାସ୍ତା ଉପରେ ଉକ୍ତ କମ୍ପାନୀ ମନଇଚ୍ଛା କାମ କରି ୧୨ ନଂ. ୱାର୍ଡର ଡ୍ରେନ, ରାସ୍ତାକୁ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ କରିଛି । ୧୨ ନଂ. ୱାର୍ଡରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ଉପରେ ୩ରୁ୪ ଫୁଟ ମାଟି ପକାଇ କଂକ୍ରିଟ ରାସ୍ତାକୁ ଶୋଚନୀୟ କରି ପକାଇଛି । ଉକ୍ତ ୱାର୍ଡର ଡ୍ରେନ ସମ୍ପୂର୍ଣ୍ଣ ଭାବରେ ଜେସିପି ମେଶିନର ପ୍ରଭାବରେ ଡ୍ରେନ ଭାଙ୍ଗି ଯାଇ ନଷ୍ଟ ହୋଇ ଯାଇଛି । ରାସ୍ତା ଉପରେ ମାଟି ପକାଇଥିବାରୁ କାଦୁଅ ହୋଇଯାଉଛି । ୱାର୍ଡବାସୀ ଏହି ରାସ୍ତା ଦେଇ ଗମନାଗମନରେ ଘୋର ସମସ୍ୟାର ସମ୍ମୁଖିନ ଭୋଗୁଛନ୍ତି । ଟିଡିପିଏଲ କମ୍ପାନୀ କେସିଙ୍ଗା, ଡୁମେରମୁଣ୍ଡା, ସିରୋଲ, ମଶାଣିବନ୍ଧ, କୋକୋଡମାଲ, ବାଲସି, ବୁଢ଼ିପଦର,ରୁପ୍ରାରୋଡ ଆଦି ଗ୍ରାମର ବହୁ ଚାଷୀଙ୍କ ଜମିରେ ମାଟି ଖୋଳି ଜମି ଓ ରାସ୍ତାକୁ ନଷ୍ଟ କରି ପକାଉଛି । ଚାଷୀଙ୍କ ଜମି ଉପରେ ଜବରଦସ୍ତି ବିଦ୍ୟୁତ ଖୁଣ୍ଟ, ପାଣି ପାଇପ ଖୋଳି ଜମିଗୁଡିକୁ ନଷ୍ଟ କରି ପକାଉଛି । ନିରିହ ଚାଷୀଙ୍କଠାରୁ ଜମି ଅଧିଗ୍ରହଣ ନ କରି ଜବରଦସ୍ତି ଟିଡିପିଏଲ କମ୍ପାନୀ ଜବରଦଖଲ କରି ପାଇପ ଲାଇନ, ବିଦ୍ୟୁତ ଖୁଣ୍ଟି ସ୍ଥାପନ କରୁଛନ୍ତି । ରେଳୱେ ବିଭାଗର ସିମା ଅଞ୍ଚଳରୁ

**କେସିଙ୍ଗା ୧୨ ନଂ. ୱାର୍ଡବାସୀଙ୍କ ଅଭିଯୋଗ**

ଚାଷୀଙ୍କ ଜମିକୁ ଜବରଦଖଲ କରି ନେଉଛି । ଏହି ୩ୟ ରେଳ ଲାଇନ ନିର୍ମାଣ ପୂର୍ବରୁ ଟିଡିପିଏଲ କମ୍ପାନୀ କୌଣସି ଚାଷୀଙ୍କ ଠାରୁ ଜମି ଅଧିଗ୍ରହଣ କରି ନ ଥିବାରୁ ଜିଲା ପ୍ରଶାସନ ତଥା କେସିଙ୍ଗା ଏନଏସି ନିରବଦ୍ରଷ୍ଟା ସାଜିଥିବାରୁ ନିରିହ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହେଉଛି । ଏ ନେଇ କେସିଙ୍ଗା ଏନଏସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କୁ ପଚାରିବାରୁ ଆମକୁ କିଛି ଜଣାଇ ନାହାନ୍ତି, ଡ୍ରେନ ଓ ରାସ୍ତା କ୍ଷୟକ୍ଷତି କରିଥିବାରୁ ଟିଡିପିଏଲ କମ୍ପାନୀ ନାମରେ ନୋଟିସ ଜାରି କରାଯିବ ବୋଲି ପ୍ରକାଶ କରିଥିଲେ । ଚାଷୀଙ୍କ ଜମି ଉକ୍ତ କମ୍ପାନୀ ଜବରଦଖଲ କରି ନେଉଥିବାରୁ ସ୍ଥାନୀୟ ତହସିଲଦାର ଗଣ୍ଡାରାମ ଖମାରିଙ୍କୁ ପଚାରିବାରୁ ତଦନ୍ତ କରି କେଶ କରାଯିବ ବୋଲି ପ୍ରକାଶ କରିଥିଲେ । ଏ ନେଇ ଏରିଆ ମ୍ୟାନେଜର ବି.କେ. ଶର୍ମାଙ୍କୁ ପଚାରିବାରୁ ଖୁବ୍ କମ୍ ଦିନ ମଧ୍ୟରେ ରାସ୍ତା ଓ ଡ୍ରେନ୍ ମରାମତି କରାଯିବ ବୋଲି କହିଛନ୍ତି।



ଧର୍ମଗଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା ନେତୃମଣ୍ଡଳି।

## ଭାଜପାର ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ

ଧର୍ମଗଡ,୪।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଧର୍ମଗଡଠାରେ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ତରଫରୁ ଶୁକ୍ରବାର ଜବାଜ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ଭାଜପା ଯୁବ ମୋର୍ଚ୍ଚା ସଭାପତି ହିମାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ଜିଲା ସଭାପତି ପ୍ରଦିପ୍ତ କୁମାର ନାଏକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଆୟୋଜିତ ସାଧାରଣ ସଭାରେ ବରିଷ୍ଠ ନେତା ରବିନ୍ଦ୍ର ପାଢଯୋଷୀ, ରାଜ୍ୟ ଉପସଭାପତି ରମାକାନ୍ତ ମହାପାତ୍ର, ଯୁବ ମୋର୍ଚ୍ଚା ଜିଲା ସଭାପତି ସନ୍ତୋଷ ଦାସ, ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲଙ୍କ ସମେତ ଧର୍ମଗଡ, ଜୁନାଗଡ, ଭବାନୀପାଟଣାରୁ ବହୁ ନେତା ଯୋଗଦେଇ ଗତ ୨୦ ବର୍ଷରେ ନବୀନ ସରକାର ଓଡିଶା ତଥା କଳାହାଣ୍ଡି ଜିଲା ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଏହା ସହିତ ଏହି ସରକାର ଚାଷୀ ମାରଣ ସରକାର ଚାଷୀଙ୍କ ସମସ୍ୟା ପ୍ରତି କୌଣସି ଦରଦ ନାହିଁ ବୋଲି ଅଭିଯୋଗ କରିବା ସହ କଳାହାଣ୍ଡିରେ ଭୁଷୁଡି ପଡିଥିବା ଶିକ୍ଷା ବ୍ୟବସ୍ଥା ପାଇଁ ସରକାରଙ୍କୁ ଦାୟୀ କରିଥିଲେ । ଏହି ଅବସରରେ ଏକ ରଥ ଗାଁ ପରିକ୍ରମା କରିବା ସହ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ଲୋକମାନଙ୍କୁ ବିଜେଡି ସରକାରଙ୍କ ପ୍ରତାରଣା ଉପରେ ସଚେତନ କରାଇବ ବୋଲି ଦଳ ତରଫରୁ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ମୋର୍ଚ୍ଚା ଉପସଭାପତି ସମୀର ପାଢ ଯୋଷୀ, ଲକ୍ଷ୍ମୀକାନ୍ତ ବାଗ, ଜନ୍ମେଜୟ ନାଏକ, ପ୍ରବୀଣ ପଣ୍ଡା, ଲଳିତ ଦାସ, ବିଜୟ ଦେବ ସାହୁ, ବିଭିଦତ ପ୍ରଧାନୀ, ପ୍ରତାପ ବାଗ ପ୍ରମୁଖ ଯୋଗଦେଇଥିଲେ ।

## ୩ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ପଦକ୍ଷେପ

ଭବାନୀପାଟଣା,୪।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ ଚାଚିକନା, ସେମେଲପଦର ଓ ତେନ୍ତୁଲିପଦର ସମେତ ୩ଟି ଗ୍ରାମକୁ ରାଜ୍ୟସ୍ୱ ଗ୍ରାମର ମାନ୍ୟତା ଦେବା ନିମନ୍ତେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଥୁ. ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଚାଚିକନା ଗାଁରେ ୪୧ଟି ଆଦିବାସୀ ପରିବାର, କର୍ଲାପାଟ ପଞ୍ଚାୟର ସେମେଲପଦର ଗ୍ରାମରେ ୫୮ଟି ଆଦିବାସୀ ପରିବାର ଓ ତେନ୍ତୁଲିପଦରେ ଗ୍ରାମରେ ୧୦ରୁ ଅଧିକ ଆଦିବାସୀ ପରିବାର ବାସ କରିଥାନ୍ତି । ଜଙ୍ଗଲ ମୂଳକରେ ଥିବା ଏହି ୩ ଗାଁ ଏକ ଅଣସର୍ଭେ ଗ୍ରାମ ଅଟେ । ପ୍ରାୟ ୧୦୦ ବର୍ଷ ପୂର୍ବରୁ ବସତି ସ୍ଥାପନ କରି ଆସୁଥିବା ଏହି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିନାହିଁ । ୧୯୮୮ରେ ସର୍ଭେ ସେଟେଲମେଣ୍ଟରେ ସର୍ଭେ କରି ନୂତନ ଗ୍ରାମ ଭାବରେ ନକ୍ସା ପ୍ରସ୍ତୁତି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଚୁଡାନ୍ତ ହୋଇପାରିନାହିଁ । ଜଙ୍ଗଲ ଅଧିକାର ଆଇନ ୨୦୦୬ର ଧାରା ୩ (୧) (ଏଚ) ଅନୁଯାୟୀ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ୨୦୧୫ରୁ ଗ୍ରାମବାସୀ ଓ ପଞ୍ଚାୟତ ପକ୍ଷରୁ ଜିଲାସ୍ତରୀୟ ଜଙ୍ଗଲ ଜମି ଅଧିକାର କମିଟି ନିକଟରେ ଦାବି କରାଯାଇଥିଲା । ଏ ନେଇ ଚାଚିକିନା ଗ୍ରାମର ଜଙ୍ଗଲ ଜମି ଅଧିକାର କମିଟି ତଥା ଗ୍ରାମବାସୀ ଗତ ୨୦୧୫ ଜୁନ୍ ୧୭ ତାରିଖରେ ରାଜ୍ୟସ୍ତରୀୟ ଜଙ୍ଗଲ ଜମି ଅଧିକାର କମିଟି ଅଧ୍ୟକ୍ଷ ତଥା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେହିଭଳି ଅନ୍ତୋଦୟର ଅଧ୍ୟକ୍ଷ ଦିଲୀପ କୁମାର ଦାସ ୨୦୧୮ ଅକ୍ଟୋବର ୧୨ ତାରିଖରେ ସେମେଲପଦର ଓ ତେନ୍ତୁଲିପଦର ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି ନେଇ ଲିଖିତ ଭାବରେ ଅଭିଯୋଗ କରିଥିଲେ । ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଏହାକୁ ଗୁରୁତ୍ୱର ସହିତ ବିଚାର କରି ଚିଠି ନଂ ୪୧୮୪୯/୧୨।୧୧।୨୦୧୮ରେ ଚାଚିକନା, ସେମେଲପଦର ଓ ତେନ୍ତୁଲିପଦର ଗ୍ରାମକୁ ତୁରନ୍ତ ରାଜସ୍ୱ ମାନ୍ୟତା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଜଣାପଡିବା ପରେ ତିନି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି ।

## ୯ରେ ତହସିଲ ଅଫିସ ଘେରିବ ସଚେତନ ମଞ୍ଚ

ଭବାନୀପାଟଣା,୪।୧(ଡି.ଏନ.ଏ.)
ଭବାନୀପାଟଣା ସହରସ୍ଥିତ ଚତୁର୍ଥ କର୍ମଚାରୀ ଭବନଠାରେ କଳାହାଣ୍ଡି ସଚେତନ ନାଗରିକ ମଞ୍ଚର ଏକ ଜରୁରୀ ବୈଠକ ଶୁକ୍ରବାର ଆବାହକ ସତ୍ୟ ମାହାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣା ସହରକୁ ବନ୍ଦୋବସ୍ତ କରିବା ପାଇଁ ଦାବି କରି ଆସୁଥିଲେ ସୁଦ୍ଧା ରାଜନେତା ଓ ପ୍ରଶାସନର ଆନ୍ତରିକତା ନ ଥିବାରୁ ୧୯୫୨ଠାରୁ ଆଜି ପର୍ଯ୍ୟନ୍ତ ବନ୍ଦୋବସ୍ତରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ କରାଯାଇଛି। ସରକାର ତରବରିଆ ଭାବରେ ୨୦୧୭ ଆଇନ ଅନୁଯାୟୀ ୩୨୩ ବର୍ଗ ଫୁଟରୁ କମ ଜାଗା ପ୍ରଦାନ କରିବା ପାଇଁ ଯୋଜନା କରୁଥିବା ଅଭିଯୋଗ ହୋଇଛି । ଭବାନୀପାଟଣା ସହରରୁ ବନ୍ଦୋବସ୍ତ କରି ସେହି ଜାଗାରେ ବସୁନ୍ଧରା ଆଇନ ୯ ତାରିଖରେ କଳାହାଣ୍ଡି ସଚେତନ ନାଗରିକ ମଞ୍ଚ ପକ୍ଷରୁ କଳାହାଣ୍ଡି ତହସିଲ ଅଫିସ ଘେରାଉ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ବୈଠକରେ ନିରଦ ରାଉତ, ଅଗଷ୍ଟ ନାଏକ, ସୁରେଶ ସଂଗ୍ରାମ, ସୁରେଶ ମାଝି, ସୁମନୀ ଶବର, ଅମର ସେଠୀ, ହୀରା ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

## କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯

ପଲମ,୪।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ମୁଡିଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଶୁକ୍ରବାର କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଡିଙ୍ଗ ସରପଞ୍ଚ ଟଙ୍କଧର ନାଏକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମ.ରାମପୁର ବିଡିଓ ରୁମାନା କ୍ରାଫ୍ରି ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ମୁଡିଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟିକୁନୁ ସାହୁ, ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଦସ୍ୟା ସ୍ନେହଲାତା ମାଝି, ସମିତି ସଭ୍ୟ ଶରତ ମାଝି, ନାଏବ ସରପଞ୍ଚ କରିସ୍ମା ନାଏକ, ମୁଡିଙ୍ଗ ସିଆରସିସି ପ୍ରଶନ୍ନ କୁମାର ମାଝି, ପଲମ ସିଆସିସି ବିପ୍ର ବଗର୍ତ୍ତୀ, କେଶରି ମାଝି, ମୁଡିଙ୍ଗ ପଞ୍ଚାୟତ ପିଇଓ ବିଜୟ କୁମାର ସାମଲ, ଜିଆରଏସ ରୋହିତ ସାହୁ, ମୋହିତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ । ଏହି ଉତ୍ସବରେ ହେମସାଗର ସାହୁ ମଞ୍ଚ ପରିଚାଳନା କରିଥିଲେ । ମୁଡିଙ୍ଗ ସରପଞ୍ଚ ଟଙ୍କଧର ନାଏକଙ୍କ ଉଦ୍ୟମରେ ୧ରୁ ୬ ତାରିଖ ପର୍ଯ୍ୟନ୍ତ ଅପେରା ସହ ମୀନା ବଜାର ଦର୍ଶକଙ୍କ ମନମୋହିବା ପାଇଁ ଚାଲୁ ଥିଲା । ସେହିପରି ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୪ ତାରିଖରେ କଳାହାଣ୍ଡି ଉତ୍ସବ ପାଳିତ ଅବସରରେ ଟକର୍ଲା ସରପଞ୍ଚ ଶୁଶିଳା ମାଝି ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ହରପ୍ରସାଦ ସାହୁ, ମୁଖ୍ୟବକ୍ତା ରାଏଧୁନୀପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଗେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଅଙ୍ଗୀରା ମାଝି, ପିଇଓ ଟିକେରାମ ଛତ୍ରିଆ, ଜିଆରଏସ ପ୍ରମୋଦ କୁମାର ଭୋଇ, ସୁଦାମ ଚରଣ ସାହୁ, ହରି ପୋ.ପ୍ରତ୍ୟେକ ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏସଏଚଜି ମହିଳା ଗୋଷ୍ଠୀମାନେ ଯୋଗଦେଇ ଉତ୍ସବରେ ସହଯୋଗ କରିଥିଲେ । ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଗେଶ୍ୱର ନାଏକ ମଞ୍ଚ ପରିଚାଳନା କରିଥିଲେ ।



କଳାହାଣ୍ଡି ଉତ୍ସବ ଘୁମୁରା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଦାସିଗାଁ ମଣ୍ଡି
# ୪ ଦିନ ପରେ ଧାନ ଉଠିଲା

ଜୁନାଗଡ,୪।୧(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ମଣ୍ଡିରେ ଗତ ୪ଦିନ ହେବ ଚାଷୀମାନେ ଧାନ ବିକ୍ରି କରି ନ ପାରି ଶୀତ କାକରରେ ପଡିରହିଥିଲେ। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଚାଷୀଙ୍କ ଏପରି ସମସ୍ୟାକୁ ନେଇ ଶୁକ୍ରବାର 'ଧରିତ୍ରୀ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ଓ ସ୍ଥାନୀୟ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କ ତତ୍ପରତା ଦେଖିବାକୁ ମିଳିଛି। ୪ଦିନ ଧରି ଧାନ ବିକ୍ରି କରି ନ ପାରି ମଣ୍ଡିରେ ପଡିରହିଥିବା ଚାଷୀଙ୍କ ଧାନ ଉଠାଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୨୫ଜଣ ଚାଷୀଙ୍କ ପ୍ରାୟ ୧୪ ଶହ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ସ୍ଥାନୀୟ ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଷ୍ଣୁପ୍ରସାଦ ସାହୁଙ୍କ ଠାରୁ ଜଣାପଡିଛି।



ଦାସିଗାଁ ମଣ୍ଡିରେ ଚାଷୀଙ୍କ ଧାନ ଉଠାଣ କରାଯାଉଛି।

# କାର୍ଯ୍ୟାନୁଷ୍ଠାନ ନ ନେଇ ଦାୟିତ୍ୱରୁ ଅପସାରଣ

ଜୁନାଗଡ,୪।୧(ଡି.ଏନ.ଏ.)



ଦାସିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

**ଦାସିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**
- ଶିକ୍ଷା ବିଭାଗର ବିଚିତ୍ର ନୀତି
- ୧୪ ବର୍ଷ ହେଲା ବଦଳି ହୋଇନାହାନ୍ତି ଶିକ୍ଷୟିତ୍ରୀ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଦାସିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ନେଇ ଅଭିଯୋଗ ଏହା ପରେ ତଦନ୍ତ ହୋଇଥିଲା । ଏଥିରୁ ଅନିୟମିତତା ସାମାନାକୁ ଆସିବାରୁ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁଠାରୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ହଟାଇ ସହକାରୀ ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ସ୍ଥାନୀୟ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ବଦଳରେ କେବଳ ସେହି ଦାୟିତ୍ୱରୁ ଅପସାରଣ କରି ତଦନ୍ତ ସାରିଦେଇଛି। ଶିକ୍ଷାବିଭାଗର ଏପରି ବିଚିତ୍ର ନୀତି ଯୋଗୁ ସାଧାରଣରେ ଏବେ ଶିକ୍ଷା ବିଭାଗ ପ୍ରତି ସନ୍ଦେହ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଦାସିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ଉପସ୍ଥାନରୁ ଅଧିକ ଛାତ୍ରଙ୍କ ଉପସ୍ଥାନ ଥିବା ଓ ସମସ୍ତେ ମଧ୍ୟାହ୍ନ ଭୋଜନରେ ଅଂଶ ଗ୍ରହଣ କରୁଥିବା ଦର୍ଶାଯାଉଥିଲା। ଏହି ଘଟଣା ନେଇ ଅଭିଭାବକମାନେ ଶିକ୍ଷା ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ଡିସେମ୍ବର ୧୮ତାରିଖରେ ଶିକ୍ଷାବିଭାଗ ପକ୍ଷରୁ ଏବିଇଓ ତୁଳସୀରାମ ମେହେର ଉକ୍ତ ସ୍କୁଲକୁ ଯାଇ ତଦନ୍ତ କରିଥିଲେ। ସ୍କୁଲରେ ୫୫ ଛାତ୍ର ଉପସ୍ଥିତ ଥିବାବେଳେ ଉପସ୍ଥାନ ଖାତାରେ ୬୩ ଜଣ ଛାତ୍ରଙ୍କ ନାମ ଦର୍ଶାଯାଇଥିଲା। ପ୍ରଧାନ ଶିକ୍ଷକ ବିଜେ ବାଗ ୧୩୭ ଜଣ ଛାତ୍ର ଉପସ୍ଥିତ ଥିବା ୱେବସାଇଡକୁ ଏସଏମ୍ଏସ କରିଥିଲେ। ସେହିଭଳି ତା ପୂର୍ବଦିନ ୧୭ ତାରିଖରେ ୧୬୭ ଜଣ ଛାତ୍ର ଉପସ୍ଥିତ ନେଇ ଏସଏମ୍ଏସ କରିଥିବା ବେଳେ ରୋଷେୟା ୮ କିଗ୍ରା ଚାଉଳ ରୋଷେଇ କରିଥିବା ପ୍ରକାଶ କରିଥିଲେ। ଏଥିରୁ ଅନିୟମିତତା ସ୍ପଷ୍ଟ ହେବା ପରେ ପ୍ରଧାନଶିକ୍ଷକ ବିଜେ ବାଗଙ୍କ ବିଷୟରେ ଏଇବିଓ ମେହେର ଜୁନାଗଡ ବିଇଓ ସୁଧାଂଶୁ ବାଳା ଦେବୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟକୁ ଆଧାର କରି ବିଇଓ ସୁଧାଂଶୁ ବାଳା ଦେବୀ ପତ୍ରାଙ୍କ ୧୮୫୪/୨୦୧୮ରେ ଏକ ଚିଠି କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କଠାରୁ ମଧ୍ୟାହ୍ନ ଭୋଜନର ଦାୟିତ୍ୱ ହସ୍ତାନ୍ତର କରି ସହକାରୀ ଶିକ୍ଷକ ଲିଙ୍ଗରାଜ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଲିଙ୍ଗରାଜ ମିଶ୍ର ଶୁକ୍ରବାରଠାରୁ ମଧ୍ୟାହ୍ନ ଭୋଜନର ଦାୟିତ୍ୱ ନେଇଥିବା ଜଣାପଡିଛି। ବର୍ତ୍ତମାନ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୩୯୮ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ସେମାନଙ୍କୁ ଶିକ୍ଷାଦାନ ଦେବା ପାଇଁ ୧୨ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ପ୍ରଧାନଶିକ୍ଷକ ବିଜେ ନାଗଙ୍କ ସ୍ତ୍ରୀ ଗୀତା ଧଙ୍ଗଡାମାଝି ଗତ ୨୦୦୫ରୁ ଏହି ସ୍କୁଲରେ ଶିକ୍ଷାଦାନ କରିଆସୁଛନ୍ତି। ତେବେ ଶିକ୍ଷାବିଭାଗର ଶୁଭ ଦୃଷ୍ଟି ଯୋଗୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ୧୪ବର୍ଷ ପରେ ମଧ ବଦଳି ହୋଇନାହାନ୍ତି। ଅନ୍ୟପକ୍ଷରେ ମଧ୍ୟାହ୍ନ ଭୋଜନର ଅନିୟମିତା ରିପୋର୍ଟ ପରେ ମଧ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଓ ୧୪ବର୍ଷ ମଧ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରା ନ ଯିବା ସାଧାରଣରେ ଚର୍ଚ୍ଚାର ବିଷୟ। ଏ ନେଇ ଜିଲା ଶିକ୍ଷାଧିକାରୀ ସଞ୍ଜୀବ ସିଂହଙ୍କୁ ପଚାରିବାରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏ ନେଇ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଜଣାପଡିବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଉକ୍ତ ଦାୟିତ୍ୱରୁ ଅପସାରଣ କରାଯାଇଛି। ସେହିପରି ୧୪ ବର୍ଷ ହେବ ଶିକ୍ଷୟିତ୍ରୀ ବଦଳି ନ ହେବା ବିଷୟରେ ପଚାରିବାରୁ ଏ ବର୍ଷ ଅନଲାଇନ ମାଧମରେ ବଦଳି ପ୍ରକ୍ରିୟା ହେବ ବୋଲି କହିଥିଲେ।



❝ ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା
ହେଉଚି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଅଙ୍କୁଶ ବର୍ମା ଯୁବମୋର୍ଚ୍ଚା ସଭାପତି

**ରାଉରକେଲା ଅଫିସ,୪ା୧-** ରାଜ୍ୟ ଭାଜପା ଅନୁମୋଦନକ୍ରମେ ପାନପୋଷ ସାଂଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା ନବନିଯୁକ୍ତ ଯୁବମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ଦେବେନ୍ଦ୍ର ବୀରଗଣ୍ଡିଆଙ୍କ ସ୍ଥାନରେ ଅଙ୍କୁଶ ବର୍ମାଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଥିବା ବେହେରା ଏକ ବିବୃତିରେ ଜଣାଇଛନ୍ତି। ତାଙ୍କ ନିଯୁକ୍ତି ସଙ୍ଗଠନକୁ କ୍ରିୟାଶୀଳ କରିବ ବୋଲି ବରିଷ୍ଠ ନେତୃମଣ୍ଡଳୀ ଆଶା ବ୍ୟକ୍ତ କରିଛନ୍ତି।

### ଆଜିଠାରୁ ଗୀତା ଜ୍ଞାନଯଜ୍ଞ

**ରାଉରକେଲା ଅଫିସ,୪ା୧-** ଦିବ୍ୟଜୀବନ ସଂଘ ରାଉରକେଲା ଶାଖା ଓ ଶିବାନନ୍ଦ ଫ୍ରି ଆକ୍ୟୁପ୍ରେସର ସେଣ୍ଟର ମିଳିତ ଆନୁକୂଲ୍ୟରେ ଶନିବାରଠାରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଛେଣ୍ଡ କଲୋନୀ ଫେଜ୍-୧ ଶିବାନନ୍ଦ ଆଶ୍ରମଠାରେ ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ୮ଟାଯାଏ ଗୀତା ଜ୍ଞାନଯଜ୍ଞ ଅନୁଷ୍ଠିତ ହେବ। ଅନୁଷ୍ଠାନ କର୍ମକର୍ତ୍ତା ଏହି ସୂଚନା ପ୍ରଦାନ କରିଛନ୍ତି। ଆଜିର ସମସ୍ୟା ଓ ଭଗବତ ଗୀତା ପ୍ରସଙ୍ଗ ନେଇ ଆୟୋଜିତ ଆଲୋଚନାରେ ଋଷିକେଶ କୈଳାସ ଆଶ୍ରମର ସ୍ୱାମୀ ଆନନ୍ଦ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଯୋଗଦେବେ ବୋଲି କୁହାଯାଇଛି।

# ତାତିଲେ ସେଲ୍ ଡିପ୍ଲୋମା ଯନ୍ତ୍ରୀ

## ■ କନିଷ୍ଠ ଯନ୍ତ୍ରୀ ପଦବୀ ଦାବିରେ ଗଣଧାରଣା

**ରାଉରକେଲା ଅଫିସ,୪ା୧**

ଭାରତୀୟ ଇସ୍ପାତ ଡିପ୍ଲୋମା ଯନ୍ତ୍ରୀ ମହାସଂଘ (ଡେଫି) ଡାକରାରେ ଶୁକ୍ରବାର ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଡିପ୍ଲୋମା ଯନ୍ତ୍ରୀମାନେ ବିର୍ସା ଛକରେ ସେମାନଙ୍କ ପଦବୀର ନାମ ପରିବର୍ତ୍ତନ ଦାବିରେ ଧାରଣା ଦେଇଥିଲେ। ସକାଳ ୭ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଆୟୋଜିତ ଏହି ଗଣଧାରଣାରେ ଡିପ୍ଲୋମା ଯନ୍ତ୍ରୀ ସେମାନଙ୍କ ଅସନ୍ତୋଷ ଜାହିର କରିଥିଲେ। ଏଥିରେ ଦେଢ଼ହଜାର ଯନ୍ତ୍ରୀ ସାମିଲ ହୋଇ ସେଲ କର୍ତ୍ତୃପକ୍ଷଙ୍କ ସ୍ୱେଚ୍ଛାଚାରିତାକୁ ବିରୋଧ କରିଥିଲେ। ତୁରନ୍ତ ସେମାନଙ୍କ ଦାବି ପୂରଣ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଅଭିଯୋଗ କରି କହିଥିଲେ ଯେ ସର୍ବଭାରତୀୟ ସ୍ତରରେ ସେଲ୍ ଅଧୀନରେ କାମ କରୁଥିବା ଡିପ୍ଲୋମା ଯନ୍ତ୍ରୀଙ୍କୁ କନିଷ୍ଠ ଯନ୍ତ୍ରୀ ପରିବର୍ତ୍ତେ ସିନିୟର ଟେକ୍ନିସିଆନ ମାନ୍ୟତା ପ୍ରଦାନ କରାଯାଉଛି। ୨୦୧୮ରୁ ଡିପ୍ଲୋମା ଯନ୍ତ୍ରୀଙ୍କୁ ଦୀର୍ଘ ୧୨ ବର୍ଷ ହେବ ପଦାବନତ କରାଯାଇ ଏସ୍-୬ ପରିବର୍ତ୍ତେ ଏସ୍-୩ ଗ୍ରେଡ୍‌ରେ ନିଯୁକ୍ତି ଦିଆଯାଉଛି। ଯାହା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ। ଇଞ୍ଜିନିୟରିଂ ଶିକ୍ଷା ଓ ମନବାଧିକାରର ଏହା ଖୋଲା ଉଲ୍ଲଂଘନ ବୋଲି କର୍ମକର୍ତ୍ତା ଅଭିଯୋଗ କରିଥିଲେ। କେନ୍ଦ୍ର ସରକାର ଏହାକୁ ହୃଦୟଙ୍ଗମ କରି ଡିପ୍ଲୋମା ଯନ୍ତ୍ରୀଙ୍କୁ ତୁରନ୍ତ କନିଷ୍ଠ ଯନ୍ତ୍ରୀ ପଦ ସହ ପଦୋନ୍ନତି ପ୍ରଦାନ ପାଇଁ ୨୦୧୭ ମେ ୧ରେ ସେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ନେଇ ଅହେତୁକ ବିଳମ୍ବ କରାଯାଉଛି। ଏ ଦିଗରେ କେନ୍ଦ୍ର ସରକାର କିମ୍ବା ସେଲ୍ କର୍ତ୍ତୃପକ୍ଷ ଆଉ ଧ୍ୟାନ ଦେଉନାହାନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଇ ଯନ୍ତ୍ରୀଙ୍କୁ ଠକାଯାଉଛି ବୋଲି ଅଭିଯୋଗ କରିଥିଲେ ସଂଘ କର୍ମକର୍ତ୍ତା। ଏଣୁ ସର୍ବଭାରତୀୟ ସ୍ତରରେ ରହିଥିବା ସେଲ୍‌ର ସମସ୍ତ ୟୁନିଟ ସମ୍ମୁଖରେ ଏଭଳି ଗଣଧାରଣା ଆୟୋଜନ କରାଯାଇଥିବା ଏଥିରେ ସୂଚନା ଦିଆଯାଇଥିଲା। ଧାରଣାସ୍ଥଳରେ ସମସ୍ତ ଟ୍ରେଡ୍ ୟୁନିୟନ ନେତୃମଣ୍ଡଳୀ ପହଞ୍ଚି ଏହାକୁ ସମର୍ଥନ ଜଣାଇଥିଲେ। ସେଲ୍ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ସେମାନେ ନିନ୍ଦା କରିଥିଲେ। ଡେଫି ସାଧାରଣ ସମ୍ପାଦକ ନରେନ୍ଦ୍ର ଦାସ, ରାଉରକେଲା ଇସ୍ପାତ କାରଖାନା ଡିପ୍ଲୋମା ଯନ୍ତ୍ରୀ ସଂଘ (ଡିଅର) ପକ୍ଷରୁ ସଭାପତି ରଶ୍ମିରଞ୍ଜନ ଦାସ ପ୍ରମୁଖ ଏଥିରେ ବକ୍ତବ୍ୟ ରଖି ସେଲ୍ କର୍ତ୍ତୃପକ୍ଷଙ୍କ ଏହି ନୀତିକୁ ବରଦାସ୍ତ କରାଯିବନି ବୋଲି କହିଥିଲେ। ତୁରନ୍ତ ପଦ ନାମ ପରିବର୍ତ୍ତନ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କର୍ମକର୍ତ୍ତା ଚେତାବନୀ ଦେଇଥିଲେ। ଧାରଣାରେ ଡିଅର ଉପସଭାପତି ଦେବୀପ୍ରସନ୍ନ ସାହୁ, ସଂଗଠନ ସମ୍ପାଦକ ଭୀମସେନ ନାୟକ, ମିହିର ମହାପାତ୍ର, ଅଶୋକ ସାହୁ, ସୁମିତ ପ୍ରକାଶ, ପ୍ରିୟରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ସେଲ୍ ଡିପ୍ଲୋମା ଯନ୍ତ୍ରୀ ସଂଘ ପକ୍ଷରୁ ବିର୍ସା ଛକରେ ଗଣଧାରଣା ଦିଆଯାଇଛି।

### ରାଜ୍ୟ ସିନିୟର କରାଟେ ଚାମ୍ପିୟନଶିପ୍

# ରାଉରକେଲାକୁ ମିଳିଲା ୫ ପଦକ

**ରାଉରକେଲା ଅଫିସ,୪ା୧**

କୋରାପୁଟ ଜିଲା ଜୟପୁର ଇନ୍‌ଡୋର ଷ୍ଟାଡିୟମରେ ଗତ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ୩୦ତମ ରାଜ୍ୟ ସିନିୟର କାରାଟେ ଚମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କରାଟେ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ରାଜ୍ୟର ୫୦ଜଣ ସ୍ୱୀକୃତିପ୍ରାପ୍ତ ଅଫିସିଆଲ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ଜିଲାର ୨ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ରାଉରକେଲା କରାଟେ ଆସୋସିଏଶନ ସାଧାରଣ ସମ୍ପାଦକ ତଥା କୋଚ୍ ରାଜୀବ ସିଂଙ୍କ ନେତୃତ୍ୱରେ ଏକ ୫ ଜଣିଆ ଦଳ ଏଥିରେ ଅଂଶଗ୍ରହଣ କରିଥିଲା। ପ୍ରତିଯୋଗୀଙ୍କ ମଧ୍ୟରୁ ଅଭିଷେକ ପଟ୍ଟନାୟକ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ, ସୁଜାତା ସାହୁ ଗୋଟିଏ ବ୍ରୋଞ୍ଜ, ମୋନାଲିସା ମିଶ୍ର ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଦଳଗତ ଭାବେ ଅଭିଷେକଙ୍କ ସମେତ ସୁଦାମ ସ୍ୱାଇଁ ଓ ରଞ୍ଜନ ପାତ୍ର ଗୋଟିଏ ରୌପ୍ୟ ପଦକ ଜିଣିଛନ୍ତି। ଏହି ସଫଳତା ପାଇଁ ରାଉରକେଲା କରାଟେ ଆସୋସିଏଶନ ସଭାପତି ସାରଦା ନାୟକ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ରାଜ୍ୟ ସିନିୟର କରାଟେ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ରାଉରକେଲାର ୫ ପ୍ରତିଯୋଗୀ।

# ଡା. ରାହାସ ବିହାରୀ ମହାପାତ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ, ୪ା୧**

ଦକ୍ଷିଣ ରାଉରକେଲାର ଅଗ୍ରଣୀ ସାମାଜିକ ସଂଗଠନ ଦକ୍ଷିଣ ରାଉରକେଲା ଉନ୍ନୟନ ପରିଷଦ ପକ୍ଷରୁ ସାମାଜିକ କର୍ମୀ, ଜଣାଶୁଣା ଡାକ୍ତର ତଥା ଗାୟତ୍ରୀ ଉପାସକ ରାହାସବିହାରୀ ମହାପାତ୍ରଙ୍କୁ ଗୁରୁବାର ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରିଷଦ ଅଧ୍ୟକ୍ଷ ମିହିର ସାହୁ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନନ୍ଦ, ଗାୟତ୍ରୀ ଉପାସକ ବୀରେଶ୍ୱର ଉପାଧ୍ୟାୟ, ଅରୁଣ ପରିଡ଼ା ଓ କୁଞ୍ଜବିହାରୀ ରାଉତ ପ୍ରମୁଖ ଡା. ମହାପାତ୍ରଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରିଷଦ କାର୍ଯ୍ୟାଳୟ ସମ୍ପାଦିକା ଶଶୀକଳା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଡା. ମହାପାତ୍ର ଚାକିରିରୁ ଅବସର ଗ୍ରହଣ କରିବା ପରେ ମଧ୍ୟ ଚିକିତ୍ସା ସେବା ଅବ୍ୟାହତ ରଖିଛନ୍ତି। ଜଣେ ଗାୟତ୍ରୀ ଉପାସକ ଭାବେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ ଉପରେ ଶିକ୍ଷାଦାନ କରି ଆସୁଛନ୍ତି। ଅଧ୍ୟାତ୍ମିକ ମାର୍ଗରେ ଜୀବନ ଅତିବାହିତ କରିବାକୁ ପରାମର୍ଶ ପ୍ରଦାନ କରୁଛନ୍ତି।



ଡା. ରାହାସ ବିହାରୀ ମହାପାତ୍ରଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ ଅବସରରେ ଉପସ୍ଥିତ ଅତିଥି।

# ଜେ.ଜେ. ପ୍ରାର୍ଥନା ଗୃହରେ ମହିଳାଙ୍କୁ ବସ୍ତ୍ରଦାନ

**ରାଉରକେଲା ଅଫିସ,୪ା୧**

ବାସନ୍ତୀ କଲୋନୀସ୍ଥିତ ଜେ.ଜେ. ପ୍ରାର୍ଥନା ଗୃହରେ ବିଧବା ମହିଳାମାନଙ୍କୁ ବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଛି। ରେଭେରେନ ମାର୍କ ପାଣିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓରାମପଡ଼ା, ବାସନ୍ତୀ କଲୋନୀ, କୁମ୍ଭାରପଡ଼ା, ବନ୍ଧମୁଣ୍ଡା ଓ ଜଲଦା ଅଞ୍ଚଳର ୧୧ଜଣ ଗରିବ ବିଧବା ମହିଳାଙ୍କୁ ଚିହ୍ନଟ କରି ବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ଗିରିଜା ପିଲାଇ ଓ ରାଧାକୃଷ୍ଣ ପିଲାଇ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତନଳିନୀ ପାଣି, ଜୟଶ୍ରୀ ପାଣି ଓ ସୋବିତ ତିର୍କୀ ପ୍ରମୁଖ ପଉସ୍ଥିତ ଥିଲେ।



ବାସନ୍ତୀ କଲୋନୀସ୍ଥିତ ଜେ.ଜେ. ପ୍ରାର୍ଥନା ଗୃହରେ ମହିଳାଙ୍କୁ ବସ୍ତ୍ରଦାନ କରାଯାଉଛି।

# ଫଟୋଗ୍ରାଫର ଆସୋସିଏଶନର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୪ା୧**

ସେକ୍ଟର-୫ ଭଞ୍ଜଭବନରେ ରାଉରକେଲା ଫଟୋଗ୍ରାଫର୍ସ ଆସୋସିଏଶନର ପ୍ରଥମ ବାର୍ଷିକୋତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରାଉରକେଲା ଏସ୍‌ପି ଡ. ଉମାଶଙ୍କର ଦାଶ, ମୁଖ୍ୟବକ୍ତା ଆର୍‌ଏସ୍‌ପି ଡିଜିଏମ୍ ରମେନ୍ଦ୍ର କୁମାର, ସମ୍ମାନିତ ଅତିଥି ଆର୍‌ଏସ୍‌ପି ସହରସେବା ବିଭାଗ ଉପ ମହାପ୍ରବନ୍ଧକ ପ୍ରକାଶ ଦାଶ, ଅନ୍ୟତମ ଅତିଥି ରୂପେ ଓଡ଼ିଶା ଫଟୋଗ୍ରାଫିକ ସଂଘ ସାଧାରଣ ସମ୍ପାଦକ ଶିଶିର ନାୟକ ଯୋଗଦେଇଥିଲେ। ରାଉରକେଲା ସଂଘ ସଭାପତି ଅତୁଲ ସାଙ୍ଗଭି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଫଟୋଗ୍ରାଫରମାନେ ସମ୍ମୁଖୀନ ହେଉଥିବା ସମସ୍ୟା ନେଇ ସାଙ୍ଗଭି ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ସମାଜିକ ଜୀବନରେ ଫଟୋଗ୍ରାଫରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଏମାନେ କାମ କରି ନିଜ ନିଃସ୍ୱାର୍ଥପରତାର ପରିଚୟ ଦେଉଛନ୍ତି। ଏମାନଙ୍କୁ ସହଯୋଗ ମିଳିଲେ ଫଟୋଗ୍ରାଫି କଳା ଆହୁରି ଅଧିକ ଅଦୃତ ହୋଇପାରିବ ବୋଲି ଅତିଥି ମତ ପ୍ରକାଶ କରିଥିଲେ। ଏହି ଅବସରରେ କେତେଜଣ କୃତୀ ଫଟୋଗ୍ରାଫରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରୀତିଜା ମହାନ୍ତି ଓ ସଂଘ ଉପସଭାପତି ପ୍ରକାଶ ମହାକୁଲ ସଂଯୋଜନା କରିଥିଲେ। ସଂଘ ମୁଖପାତ୍ର ପ୍ରତାପ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।



ସେକ୍ଟର-୫ ଭଞ୍ଜଭବନଠାରେ ରାଉରକେଲା ଫଟୋଗ୍ରାଫର ଆସୋସିଏଶନ ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ଅତିଥି।

# ୭ରୁ ଜିଲା କବାଡ଼ି ଖେଳାଳି ଚୟନ ଶିବିର

**ସୁନ୍ଦରଗଡ଼, ୪ା୧ (ଡି.ଏନ୍.ଏ)**

ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡି ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ପାଇଁ ସୁନ୍ଦରଗଡ ଜିଲା ଦଳ ଚୟନ କରାଯିବ। ଏଥି ନିମନ୍ତେ ଆସନ୍ତା ୭ ତାରିଖ ସକାଳ ସାଢେ ୧୦ଟାରେ ସୁନ୍ଦରଗଡ ଷ୍ଟାଡିୟମ ଠାରେ ଏହି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ସମସ୍ତ କବାଡି ଖେଳାଳି ମହିଳା ଓ ପୁରୁଷ ଖେଳାଳି ଏହି ଚୟନ ପ୍ରକ୍ରିୟାରେ ଭାଗନେବା ପାଇଁ ଜିଲା କ୍ରୀଡା ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି। ଖେଳାଳିମାନଙ୍କ ଓଜନ ୮୫ କେଜି ଓ ମହିଳା ଖେଳାଳିମାନଙ୍କ ଓଜନ ୮୦କେଜି ମଧ୍ୟରେ ରହିବା ଆବଶ୍ୟକ। ସବିଶେଷ ବିବରଣୀ ପାଇଁ ଜିଲା କ୍ରୀଡା ସଂସଦ ସହିତ ସମ୍ପର୍କ କରିବା ପାଇଁ ଅନୁରୋଧ କରାଯାଇଛି।

### ୩୩ତମ ଲୋକନାଟକ ମହୋତ୍ସବ ଉଦ୍‌ଘାଟିତ

# ନାଟକ ସିନ୍ଦୂରା ଫାଟିଲାଣି ମଞ୍ଚସ୍ଥ

**ରାଉରକେଲା ଅଫିସ,୪ା୧**

ରାଉରକେଲା କଲଚରାଲ ଏକାଡେମୀ ଦ୍ୱାରା ଆୟୋଜିତ ୩୩ତମ ଲୋକନାଟକ ମହୋତ୍ସବ ଗୁରୁବାର ସିଭିକ୍ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଛି। ଏଥିରେ ଅତିଥି ଭାବେ ନାଟ୍ୟକାର ରମେଶ ରାଉତ ଯୋଗଦେଇ କହିଥିଲେ, ଦର୍ଶକ ହେଉଛନ୍ତି ମୋର ଦ୍ୱିତୀୟ ଈଶ୍ୱର। ସେମାନଙ୍କ ଗ୍ରହଣୀୟତା ମୋର ଆଦର୍ଶ। କଲଚରାଲ ଏକାଡେମୀ ପକ୍ଷରୁ ଆୟୋଜିତ ଲୋକନାଟକ ମହୋତ୍ସବ ବାସ୍ତବରେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ରାଉତ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ବରିଷ୍ଠ ଅଧିକାରୀ ହୀରାଲାଲ ମହାପାତ୍ର ଯୋଗଦେଇ କଲଚରାଲ ଏକାଡେମୀର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଆର୍‌ଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ ମହାପାତ୍ର କହିଥିଲେ, ନାଟ୍ୟକାର ହେଉଛି ଜଣେ ମହାନୁଭବୀ ସାଧକ। ସାଂସ୍କୃତିକ ମୂଲ୍ୟବୋଧକୁ ଉଜ୍ଜୀବିତ କରିବାକୁ ଆରମ୍ଭ କରାଯାଇଥିବା ଏହି ପ୍ରୟାସ ବେଶ୍ ପ୍ରଶଂସନୀୟ ବୋଲି ମହାପାତ୍ର ମତ ପ୍ରକାଶ କରିଥିଲେ।

ଡ. ପ୍ରଭାତ ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ଅକ୍ଷୟ ସାମଲ ସଂଯୋଜନା କରିଥିଲେ। ଅନୁଷ୍ଠାନ ଉପସଭାପତି ପଶୁପତିନାଥ ଚାଟାର୍ଜୀ ଧନ୍ୟବାଦ ପ୍ରଦାନ କରିଥିଲେ। ବବିତା ମହାପାତ୍ର, ଗୋକୁଳାନନ୍ଦ ଦାସ, କୈଳାସ ସାବତ, କେଦାର ପ୍ରଧାନ, ଶ୍ରୀକାନ୍ତ ମହାନ୍ତି, ବିଚିତ୍ରାନନ୍ଦ ସାହୁ, ଡ. କୃପାସିନ୍ଧୁ ନାୟକ, ବଳରାମ ରାଉଳ, ଅକ୍ଷୟ ପଣ୍ଡା ଓ ଡ. ନଗେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ବାଲେଶ୍ୱର ନାଟ୍ୟାନୁଷ୍ଠାନ ଶୋଭା ପକ୍ଷରୁ ନାଟକ ଅନ୍ଧ ଦୃଷ୍ଟି ପରିବେଷଣ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ତିତିଲି ଫାଉଣ୍ଡେଶନ ଦ୍ୱାରା ଆର୍ତ୍ତତ୍ରାଣ ମହାପାତ୍ରଙ୍କ ରଚିତ ନାଟକ ସିନ୍ଦୁରା ଫାଟିଲାଣି ମଞ୍ଚସ୍ଥ ହୋଇଛି।

# ୭ ମାସ ହେଲା ଅନ୍ଧାରରେ ୪୦ ପରିବାର

## ■ ବିଶ୍ରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କଲେ ଉଡୁଷ ପଞ୍ଚାୟତବାସୀ

**ରାଉରକେଲା ଅଫିସ,୪ା୧**

ସରକାର ନିରନ୍ତର ବିଦ୍ୟୁତ ସେବା ଯୋଗାଇ ଦେବାକୁ ବାରମ୍ବାର ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଦୀର୍ଘ ୭ ମାସ ଧରି ବିଶ୍ରା ବ୍ଲକ ଉଡୁଷ ପଞ୍ଚାୟତର ୪୦ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି। ଫଳରେ ଲୋକେ ଅନ୍ଧାରରେ ରହିଆସୁଛନ୍ତି। ଏସ୍‌ୟୁସିଆଇ ନେତା ବିଷ୍ଣୁ ପଣ୍ଡାଙ୍କ ନେତୃତ୍ୱରେ ଶୁକ୍ରବାର ଲୋକେ ଏନେଇ ବିଶ୍ରା ବିଡିଓଙ୍କୁ ଅଭିଯୋଗ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର ନକଲ ବିଭାଗୀୟ ଯନ୍ତ୍ରୀ ଏବଂ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଉଡୁଷ ପଞ୍ଚାୟତ ୧୪ନଂ ୱାର୍ଡରେ ବାସ କରୁଥିବା ୪୦ ପରିବାର ୨୦୧୮ ଜୁନରୁ ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ଏଠାରେ ଦୀନଦୟାଲ ଗ୍ରାମୀଣ ବିଦ୍ୟୁତ ସେବା ନେଇ ସମସ୍ତ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଲାଗି ରହିଛି। ଯେଉଁ ଟ୍ରାନ୍ସଫର୍ମର ଲଗାଯାଇଛି ତାହା ବାରମ୍ବାର ଅଚଳ ହେବା ସହ ଅନେକ ସମୟରେ ଜଳିଯାଉଛି। ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ଗତ ନଭେମ୍ବରରେ ନୂଆ ଟ୍ରାନ୍ସଫର୍ମର ଲଗାଯାଇଥିଲା। ତେବେ ବିଦ୍ୟୁତ ସଂଯୋଗ ପୂର୍ବରୁ ଏହାକୁ ଜଣେ ଠିକାଦାରଙ୍କ ନିର୍ଦ୍ଦେଶରେ ଅନ୍ୟତ୍ର ସ୍ଥାନାନ୍ତର କରି ଦିଆଗଲା। ଏମିତି ଅବସ୍ଥାରେ ଗତ ଜୁନରୁ ଅଞ୍ଚଳବାସୀ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କିଛି ସୁଫଳ ମିଳିନାହିଁ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅପରପକ୍ଷେ ବିଦ୍ୟୁତ୍ ସଂଯୋଗ ନ ଥାଇ ମଧ୍ୟ ଲୋକଙ୍କଠାରୁ ବିଲ୍ ଆଦାୟ କରିବକୁ ଚାପ ଦିଆଯାଉଛି। ନିର୍ଦ୍ଦିଷ୍ଟ ୪/୫ଜଣ ଉପଭୋକ୍ତାଙ୍କୁ ବାଦ୍ ଦେଲେ ଅନ୍ୟମାନେ ଇତିମଧ୍ୟରେ ବକେୟା ବିଲ୍ ପୈଠ କରିବାକୁ ବାଧ୍ୟ ହୋଇଛନ୍ତି। ସରକାର ଗ୍ରାମାଞ୍ଚଳରେ ପିଠା ଯୋଜନା ମାଧ୍ୟମରେ ଲୋକଙ୍କୁ ନ୍ୟାୟ ମିଳୁଛି ନା ନାହିଁ ଜାଣିବାକୁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଏହି ୪୦ ପରିବାର ଯୋଜନାରୁ ବଞ୍ଚିତ ହେବା କେତେଦୂର ଯୁକ୍ତିସଙ୍ଗତ ତାହାର ଅନୁସନ୍ଧାନ ହେବା ଆବଶ୍ୟକ ବୋଲି ୱାର୍ଡବାସୀ ଦାବି କରିଛନ୍ତି। ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ସରକାରଙ୍କ ଦ୍ୱାରା ଆୟୋଜିତ ପୀଠା କାର୍ଯ୍ୟକ୍ରମକୁ ବିରୋଧ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ଗୁରୁମୋହନ ସିଂ, କିନୁ ଲୋହାର, ଗୁଣ ସିଂ, ରିତେଶ ତନ୍ତୀ, ରୀନା ସିଂ, ବାଲେଶ୍ୱର ସିଂ, ଛୋଟୁ ଲୋହାର, ଶଙ୍କର ସିଂ, ପରମେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୁଳି ସଂଯୋଗ ପାଇଁ ବିଶ୍ରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୫ ଜାନୁୟାରୀ, ୨୦୧୯



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ
ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



**ସଂକ୍ଷେପରେ**

## କୁହୁଡ଼ି, ଥଣ୍ଡା ଯୋଗୁ ଜୀବନଯାତ୍ରା ବ୍ୟାହତ

**ସୁନ୍ଦରଗଡ଼,୪।୧ (ଡି.ଏନ.ଏ)**-ଜିଲାରେ ଶୀତର ପ୍ରଭାବ ଗତ ଦୁଇ ଦିନ ହେଲା ସାମାନ୍ୟ କମ ରହିଛି। ତଥାପି ଥଣ୍ଡାପାଗ ଓ କୁହୁଡ଼ି ଯୋଗୁ ଜୀବନଯାତ୍ରା ବ୍ୟାହତ ହୋଇଛି। କୋଇଡ଼ା ସମେତ କେତେକ ପାହାଡ଼ିଆ ଅଞ୍ଚଳରେ ତାପମାତ୍ରା ଶୂନ ଡ଼ିଗ୍ରୀରେ ରହି ତୁଷାରପାତ ହୋଇଥିଲା। ସେହିପରି ଶୀତ ସାଙ୍ଗକୁ ସକାଳେ କୁହୁଡ଼ି ହେଉଛି। ଶୁକ୍ରବାର ଲହୁଣୀପଡ଼ା ଅଞ୍ଚଳରେ କୁହୁଡ଼ି ହୋଇଥିବା ଜଣାପଡ଼ିଛି। ଶୀତକୁ ଡରି ଲୋକେ ସକାଳ ଓ ସନ୍ଧ୍ୟା ସମୟରେ ବାହାରକୁ ବାହାରିବା ପାଇଁ ଭୟ କରୁଛନ୍ତି। ଏପରିକି ସକାଳ ୯ଟା ପୂର୍ବରୁ ଓ ଅପରାହ୍ନ ୪ଟା ପରେ ଲୋକେ ବାହାରକୁ ବାହାରିବା ପାଇଁ ଉଚିତ୍ ମନେକରୁନାହାନ୍ତି। ରାସ୍ତାଘାଟ ଶୂନଶାନ ହୋଇଯାଉଛି। ବିଶେଷ କରି ଚଳିତ ବର୍ଷର ଅସହ୍ୟ ଶୀତ ବୃଦ୍ଧାବୃଦ୍ଧ ଓ ଅସହାୟ ବ୍ୟକ୍ତିମାନଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ସନ୍ଧ୍ୟା ସମୟରେ ଦୋକାନ, ବଜାର ଯେଉଁଭଳି ଭିଡ ରହିବା କଥା ଶୀତ ଯୋଗୁଁ ତାହା ସମ୍ଭବ ହେଉନାହିଁ।

# ଉପାନ୍ତ ବ୍ଲକ ପ୍ରତି ସରକାରୀ ଅବହେଳା

**ନୂଆଗାଁ, ୪।୧ (ଡି.ଏନ.ଏ)**




ନୂଆଗାଁ ବ୍ଲକ କାର୍ଯ୍ୟାଳୟ।

**ନୂଆଗାଁ**

- ୭ ଜେଇଙ୍କୁ ୨୦ପଞ୍ଚାୟତ, ୨ବ୍ଲକ ଦାୟିତ୍ୱରେ ସହକାରୀ ଯନ୍ତ୍ରୀ
- କନିଷ୍ଠ ଯନ୍ତ୍ରୀମାନଙ୍କୁ ପଞ୍ଚାୟତ ଦାୟିତ୍ୱରେ ପାତରଅନ୍ତର
- କର୍ମଚାରୀ ଅଭାବ ଯୋଗୁ ତଦାରଖ ହେଉନି ଉନ୍ନୟନ କାର୍ଯ୍ୟ
- ହାତଗଣତି ନେତାଙ୍କ ଚାପରେ ଚାଲିଛି ଉନ୍ନୟନ କାର୍ଯ୍ୟ

ରାଜ୍ୟ ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା କରିଚାଲିଛନ୍ତି। ତେବେ ସବୁ ଯୋଜନାର କାର୍ଯ୍ୟ ଠିକ୍ ଭାବେ ତ୍ୱରାନ୍ୱିତ ହେଉଛି କି ନାହିଁ ସେଗୁଡିକ ଯାଞ୍ଚ କରିବାର ଆବଶ୍ୟକତା ରହିଛି। କର୍ମଚାରୀ ଅଭାବ ଯୋଗୁ ସୁନ୍ଦରଗଡ ଜିଲା ଆଦିବାସୀ ବହୁଳ ତଥା ଉପାନ୍ତ ନୂଆଗାଁ ବ୍ଲକରେ ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ଯାଞ୍ଚ ହେଉ ନ ଥିବା ଅଭିଯୋଗ ହେଉଛି। ସବୁ ଉନ୍ନୟନ କାର୍ଯ୍ୟଗୁଡିକ ତଦାରଖ ପାଇଁ ସ୍ଥାନୀୟ କନିଷ୍ଠଯନ୍ତ୍ରୀ, ସହକାରୀଯନ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ବ୍ଲକରେ କନିଷ୍ଠଯନ୍ତ୍ରୀଙ୍କ ସଂଖ୍ୟା ଆବଶ୍ୟକଠାରୁ ଢ଼େର କମ୍। ବ୍ଲକର ସହକାରୀ ଯନ୍ତ୍ରୀଙ୍କୁ ୨ଟି ବ୍ଲକର ଦାୟୀତ୍ୱ ଦିଆଯାଇଛି। ଏହି ବ୍ଲକରେ ୨୦ଟି ପଞ୍ଚାୟତ ଥିବାବେଳେ ମାତ୍ର ୭ଜଣ କନିଷ୍ଠ ଯନ୍ତ୍ରୀ ଏବେ କାର୍ଯ୍ୟରତ ଅଛନ୍ତି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ସମାନ ଭାଗକଲେ ୩ଟି ପଞ୍ଚାୟତ ପଡୁଛି। ଏହା ନିଶ୍ଚିତ ରୂପେ ସମସ୍ୟା ସୃଷ୍ଟି ହେବା ସ୍ୱାଭାବିକ। ଏପରିସ୍ଥଳେ ଜନୈକ କନିଷ୍ଠ ଯନ୍ତ୍ରୀଙ୍କୁ ୪ଟି ପଞ୍ଚାୟତର ଦାୟୀତ୍ୱ ଦିଆଯାଇଛି। ଏହି ୪ ପଞ୍ଚାୟତ ଦାୟୀତ୍ୱ ପାଇଥିବା କନିଷ୍ଠ ଯନ୍ତ୍ରୀ ବ୍ଲକକୁ କେବେ ଓ କେତେ ବେଳେ ଆସନ୍ତି ତାହା ତାଙ୍କୁ ଓ ବ୍ଲକ ପ୍ରଶାସନଙ୍କୁ ହିଁ ଜଣା। ସେ ଯେଉଁ ଯେଉଁ ପଞ୍ଚାୟତର ଦାୟୀତ୍ୱରେ ଅଛନ୍ତି, ଯଦି ସେହି ପଞ୍ଚାୟତରେ କୌଣସି କାମ ପଡେ ତେବେ ସମ୍ପୃକ୍ତ ଠିକାଦାର ତାଙ୍କୁ ତାଙ୍କ ଘରକୁ ଯାଇ କାରରେ ଆଣିକାମ କରାଇଥାଆନ୍ତି। ବର୍ତ୍ତମାନ ଏହି କନିଷ୍ଠ ଯନ୍ତ୍ରୀ ଜଣଙ୍କ ବ୍ଲକରେ ସମସ୍ତଙ୍କ ଅତିପ୍ରିୟ ହୋଇଛନ୍ତି। ତେବେ କନିଷ୍ଠ ଯନ୍ତ୍ରୀମାନଙ୍କ ଏଭଳି କାର୍ଯ୍ୟକଳାପ ଯୋଗୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟଗୁଡିକ ଠିକ ଭାବେ ତଦାରଖ ହେଉନାହିଁ। ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟ ସତ୍ତ୍ୱେ ସେଗୁଡିକ ବିନା ଯାଞ୍ଚରେ ବିଲ କରାଯାଇଥିବା ମଧ୍ୟ ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଠିକାର ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦା ଦୀର୍ଘ ମାସ ହେବ ବିଶ୍ରା ବ୍ଲକ ଦାୟୀତ୍ୱରେ ମଧ୍ୟ ଅଛନ୍ତି। ତେଣୁ ନୂଆଗାଁ ଜନସାଧାରଣଙ୍କ ଅଭିଯୋଗ ହେଲା ସହକାରୀ ଯନ୍ତ୍ରୀ ନୂଆଗାଁ ବ୍ଲକରେ ଆବଶ୍ୟକ ସମୟ ଦେଉ ନ ଥିବାରୁ ଉନ୍ନୟନ କାର୍ଯ୍ୟଗୁଡିକର ଠିକ ଭାବେ ତଦାରଖ କରାଯାଇ ପାରୁନାହିଁ। ଜିଲା ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏପରିକି ନୂଆଗାଁ ଅଞ୍ଚଳର କିଛି ହାତଗଣତି ନେତାଙ୍କ ଚାପରେ ବ୍ଲକର ଅଧିକାଂଶ କର୍ମଚାରୀ କାମ କରୁଥିବା ବେଳେ କେଉଁଠି କଣ କାମ ହେବ ସମ୍ପୃକ୍ତ ନେତାଙ୍କ ଚାପରେ ହିଁ କରାଯାଇଥିବା ଅଭିଯୋଗ ହେଉଛି। ନିକଟରେ କେତେକ ପଞ୍ଚାୟତରେ କରାଯାଇଥିବା ଡଗୱେଲ (କୂଅ), ଗୁହାଳ ଘର, ଜିଆଖତ ପାଇଁ ଘର ଭଳି ବିଭିନ୍ନ ଯୋଜନାରେ କାମ ହେଉଥିବା ବେଳେ ଏଗୁଡିକ ବ୍ୟାପକ ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି। ଏହି ବ୍ଲକକୁ ଆବଶ୍ୟକ କର୍ମଚାରୀ ଯୋଗାଣରେ ସରକାର ଅବହେଳା କରୁଛନ୍ତି। ଏହା ଉପରେ ଗୁରୁତ୍ୱର ସହ ଦୃଷ୍ଟି ଦେବାକୁ ବ୍ଲକର ଯୁବ ବିଜେଡି ନେତା ପରଭେଜ ଖାନ୍, ବିଧାୟକ ପ୍ରତିନିଧି ସୁଲେମାନ କାଉଡିଆ, ବିଜେଡି ବ୍ଲକ ସଭାପତି ଦିଗାମ୍ବର ଦାସ, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ଯୁବ ବିଜେଡ଼ି ସଭାପତି ରୋହିତ ତନ୍ତୀ ପ୍ରମୁଖ ଦାବି କରିଛନ୍ତି। ତୁରନ୍ତ ବ୍ଲକର ଆବଶ୍ୟକ ସଂଖ୍ୟକ କନିଷ୍ଠଯନ୍ତ୍ରୀ ନିଯୁକ୍ତି ସାଙ୍ଗକୁ ସହକାରୀ ଯନ୍ତ୍ରୀଙ୍କୁ ନୂଆଗାଁ ବ୍ଲକର ହିଁ ଦାୟୀତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି।



## ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରଙ୍କ ସହଯୋଗ

ସୁନ୍ଦରଗଡ଼, ୪।୧ (ଡି.ଏନ୍.ଏ)

ସ୍ଥାନୀୟ ଭବାନୀଶଙ୍କର ହାଇସ୍କୁଲ ୧୯୭୨ ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ତରଫରୁ ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢେଇଛନ୍ତି। ବିଦ୍ୟାଳୟର ପୁରାତନ ଛାତ୍ର ବେଣୁମାଧବ ତ୍ରିପାଠୀ, ଅତୁ୍ୟଲ୍ୟ ପୃଷେଠ, ପ୍ରଫୁଲ୍ଲ ପଟେଲ, ଜଗଦୀଶ ପଟେଲଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘ ତରଫରୁ ୨୫ହଜାର ଟଙ୍କା ମୂଲ୍ୟର ଏକ ଇନଭର୍ଟର ସେଟ ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦୋଳଗୋବିନ୍ଦ ନାଏକ, କୁଞ୍ଜବିହାରୀ ଛତ୍ରିଆ, ଅଶ୍ୱିନୀ ମିଶ୍ର, ଦୋଳଗୋବିନ୍ଦ ନାଏକ, ମହେନ୍ଦ୍ର କୁମାର ପ୍ରମୁଖ ପୁରାତନ ଛାତ୍ରମାନେ ସାମିଲ ଥିଲେ।

# କାଳିଆ ଯୋଜନାର ସଚେତନତା ରଥର ଶୁଭାରମ୍ଭ

**ସୁନ୍ଦରଗଡ଼, ୪।୧ (ଡି.ଏନ୍.ଏ)**

କୃଷକମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଆରମ୍ଭ ହୋଇଥିବା କାଳିଆ ଯୋଜନାର ବହୁଳ ପ୍ରଚାର ପ୍ରସାର ଓ ସଚେତନତା ନିମନ୍ତେ ଶୁକ୍ରବାର ଜିଲା ପରିକ୍ରମା ନିମନ୍ତେ ବାହାରିଥିବା ସଚେତନତା ରଥକୁ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲାପାଳ ଏହି ଯୋଜନାରେ ଜିଲାର ଚାଷୀମାନେ କିଭଳି ଉପକୃତ ହେବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଉପନିର୍ଦ୍ଦେଶକ ରବିନାରାୟଣ ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ଡିଆରସିଏସ୍‌ଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ସଚେତନତା ରଥ ସଦର ବ୍ଲକ, ଟାଙ୍ଗରପାଲି ବ୍ଲକ, ଲେଫ୍ରିପଡା, ହେମଗିର, ବଡ଼ଗାଁ ସମେତ ସମସ୍ତ ବ୍ଲକର ଗ୍ରାମପଞ୍ଚାୟତ ଓ ଗ୍ରାମଗୁଡିକରେ ପରିକ୍ରମା କରିବ। ରାଜଗାଙ୍ଗପୁର ଠାରେ ଜିଲା କୃଷି ଅଧିକାରୀ ସଚେତନତା ରଥର ଶୁଭାରମ୍ଭ କରିଥିବାବେଳେ ପାନପୋଷଠାରେ ଉପଜିଲାପାଳ, ସଦର ଉପଜିଲାପାଳ, ବଣାଇଁ ଠାରେ ଉପଜିଲାପାଳ ଏହି ରଥର ଶୁଭାରମ୍ଭ କରିଥିଲେ।



ଜିଲାପାଳ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।




ସ୍ୱାସ୍ଥ୍ୟ ସଚେତନତା ଶିବିରରେ ମଞ୍ଚାସୀନ ଚିକିତ୍ସାଧିକାରୀ, ଅତିଥି।

# ସ୍ୱାସ୍ଥ୍ୟ ସଚେତନତା, ପରୀକ୍ଷା ଶିବିର

**ସୁନ୍ଦରଗଡ, ୪।୧୧ (ଡି.ଏନ୍.ଏ)**

ଲେଫ୍ରିପଡା ବ୍ଲକ ଅନ୍ତର୍ଗତ କୋଲାବିରା ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟଠାରେ ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଜନସାଧାରଣ ସ୍ୱାସ୍ଥ୍ୟରକ୍ଷାରେ ଆୟୁର୍ବେଦର ଭୂମିକା ଶୀର୍ଷକ ଆଲୋଚନାରେ ପୂର୍ବତନ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡା. ଜଗବନ୍ଧୁ ଚମ୍ପତି, ସୁନ୍ଦରଗଡ ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଅନନ୍ତ ଆଚାର୍ଯ୍ୟ ଓ କୁଲାଚିରାର ଆୟୁର୍ବେଦ ଚିକିତ୍ସାଧିକାରୀ ଡ. ଚନ୍ଦ୍ର ଶେଖର ସାମନ୍ତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ପାଢ଼ୀ, ରବୀନ୍ଦ୍ର କୁମାର ତନ୍ତୀ, ସୁଚିତ୍ରା ପଟେଲ, ଯୋଗେନ୍ଦ୍ର ସା, ଭଗବତୀ ନାଏକ, ଫିନୁ ତ୍ରିପାଠୀ, ଗୀତାଞ୍ଜଳି ସମାପିକା, ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ଡା. ଆଚାର୍ଯ୍ୟ ବିଦ୍ୟାର୍ଥୀମାନଙ୍କ ଦିନଚର୍ଯ୍ୟା, ଋତୁ ଆନୁସାରେ ଚଳଣୀ, ଖାଦ୍ୟ ଶୈଳୀ, ପଠନ ଶୈଳୀ, ପ୍ରାଥମିକ ଚିକିତ୍ସା ଭାବେ ଘର ଚତୁଃପାର୍ଶ୍ୱର ବୃକ୍ଷଲତାକୁ ବିଭିନ୍ନ ରୋଗରେ କିପରି ଭାବେ ଉପଯୋଗ କରିବା ସେ ବିଷୟରେ ବୁଝାଇଥିଲେ। ନିଜ ଅନୁଭୂତିରେ ଆଣିଥିବା ବିଭନ୍ନ ରୋଗ ପାଇଁ ଟୁଟୁକା ଚିକିତ୍ସାର ଉଦାହରଣ ପ୍ରଦାନ କରି ଛାତ୍ରୀ ଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଔଷଧୀୟ ଗୁଳ୍ମର ବିହନ ରୋପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନନ୍ଦ ଧନ୍ୟବାଦ ଦେଇଥିଲେ। ସଭା କାର୍ଯ୍ୟ ପରେ ଛାତ୍ରୀଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଆୟୁର୍ବେଦ ଔଷଧ ବଣ୍ଟନ କରାଯାଇଥିଲା।

# ବସ୍ ଓଲଟି ୧୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

**ଲହୁଣୀପଡା, ୪।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ସୁରୁପତଲା ଗ୍ରାମ ନିକଟରେ ଶୁକ୍ରବାର ସକାଳ ପ୍ରାୟ ୫ଟା ବେଳେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଫଳରେ ୧୦ଜଣ ଯାତ୍ରୀ ଆହତ ହୋଇଥିବାବେଳେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଓଆର ୦୨ ବିଜେଡ୍- ୨୫୨୬ ନମ୍ବର ଖଣ୍ଡାଧାର କୁଇନ୍ ନାମକ ବସ୍ ଭୁବନେଶ୍ୱରରୁ ଯାତ୍ରୀ ନେଇ ଗୋପନା ଆସୁଥିଲା। ଶୁକ୍ରବାର ଭୋର ଘନକୁହୁଡି ଯୋଗୁ ରାସ୍ତା ଦେଖା ଯାଇ ନ ଥିବାରୁ ଏବଂ ଅନ୍ୟ କୌଣସି କାରଣ ଯୋଗୁ ଚାଳକ ହଠାତ୍ ବ୍ରେକ ମାରି ଦେବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ବସରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୧୦ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିଲା। ଗୁରୁତର ଆହତ ଅନୀଲ କୁମାର ଓ ବେଦପ୍ରକାଶ ଦାଶଙ୍କୁ ବଣେଇ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।



ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି।

# ମଣ୍ଡିରେ ଚାଷୀଙ୍କୁ ହଇରାଣ କଲେ ଭାଜପା କୃଷକ ମୋର୍ଚ୍ଚାର ଆନ୍ଦୋଳନ ଚେତାବନୀ

**ସୁନ୍ଦରଗଡ, ୪।୧ (ଡି.ଏନ୍.ଏ)**

ଭାଜପା କୃଷକ ମୋର୍ଚ୍ଚାର ଏକ ବୈଠକ ଗୁରୁବାର ଦଳୀୟ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କୃଷକ ମୋର୍ଚ୍ଚାର ଜିଲା ସଭାପତି ପ୍ରଦ୍ୟୁତ୍ କୁମାର ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଚଳିତ ଜାନୁୟାରୀ ୮ ତାରିଖ ବିଧାନସଭା ଘେରାଉ ପାଇଁ ବିଶେଷ ଆଲୋଚନା ହୋଇଥିଲା। ସୁନ୍ଦରଗଡ ସାଙ୍ଗଠନିକ ଜିଲାରୁ ୧ହଜାର ଚାଷୀ ଯୋଗଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ଚାଷୀଙ୍କ ଧାନକୁ ନିମ୍ନମାନର ଦର୍ଶାଇ ମଣ୍ଡିରୁ ଫେରସ୍ତ କରୁଥିବାରୁ ଏହାକୁ କଡାକଡି ଭାବରେ ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି କରାଯାଇଥିଲା। ମଣ୍ଡିକୁ ଠିକ ସମୟରେ ଖୋଲିବା ଓ ଚାଷୀଙ୍କୁ ହଇରାଣ ନ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଚାଷୀଙ୍କୁ ବୋନସ ଟଙ୍କା ଦେବା ପାଇଁ ସରକାରଙ୍କୁ ତାଗିଦ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ସାହୁ, ଜିଲା ସମ୍ପାଦକ ଅଜୟ ପଟେଲ, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଶାନ୍ତ ନାଏକ, ଦୀପକ ସିଂ, ସୁରେନ୍ଦ୍ର ଭିତ୍ରିଆ, ଯଶୋବନ୍ତ ନାଏକ, ତପନ ପଟେଲ, ହରିଶ୍ଚନ୍ଦ୍ର ପଟେଲ, ହରିଶଙ୍କର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସେବା ଯୋଗାଣ ପାଇଁ ଦାବିପତ୍ର

**ବିଶ୍ରା, ୪।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ଉଡୁଷୁ ଗ୍ରାମର ୱାର୍ଡ ନଂ. ୧୪ର ବାସିନ୍ଦାମାନେ ଶୁକ୍ରବାର ବିଶ୍ରା ବ୍ଲକ ବିଡିଓଙ୍କୁ ବିଦ୍ୟୁତ ସେବା ଯୋଗାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ୱାର୍ଡର ୪୦ଟି ଘରକୁ ବିଦ୍ୟୁତ ସେବା ଦିଆଯାଇ ନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ଦିନଦୟାଲ ଗ୍ରାମୀଣ ବିଦ୍ୟୁତ ଯୋଜନା ଦ୍ୱାରା ବିଦ୍ୟୁତ ଖୁଣ୍ଟ ଓ ତାର ଲଗାଯାଇଛି । ହେଲେ ଘରକୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଅନେକ ଥର ବିଦ୍ୟୁତ ବିଭାଗ ନିକଟରେ ୱାର୍ଡ଼ବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ହେଲେ କେହି ଶୁଣୁ ନାହାନ୍ତି। ତେଣୁ ଶୁକ୍ରବାର ଉକ୍ତ ୱାର୍ଡର ବାସିନ୍ଦା ବିଶ୍ରା ବିଡିଓଙ୍କୁ ଏକଦାବି ପତ୍ର ଦେଇଥିଲେ । ଏହି ଅବସରରେ ଗୁରୁ ମୋହନ ସିଂ, ସୁନୀଲ ଓରାମ, ରିତେଶ କୁମାର ତନ୍ତି, ରୀନା ସିଂ, ଶଙ୍କର ସିଂହ ପ୍ରଭୃତି ରହିଥିଲେ । ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇ ନ ଦେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



ବିଶ୍ରା ବିଡିଓଙ୍କୁ ବିଦ୍ୟୁତ ସେବା ଯୋଗାଣ ପାଇଁ ଦାବିପତ୍ର ପ୍ରଦାନ କରିବାକୁ ଯାଉଥିବା ଲୋକେ।



ରାଉରକେଲା ସେକ୍ଟର-୫ ଭଞ୍ଜଭବନଠାରେ ଆୟୋଜିତ ରାଉରକେଲା ଫଟୋଗ୍ରାଫର ଆସୋସିଏଶନ ବାର୍ଷିକୋତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

# ୬ ବାର୍‌ହା ଶିକାରୀ ଗିରଫ : ୨ବନ୍ଧୁକ, ଫାଶ ଜବତ

**ସୁନ୍ଦରଗଡ଼/ବଡ଼ଗାଁ, ୪।୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ବନଖଣ୍ଡର ବଡ଼ଗାଁ ବନାଞ୍ଚଳ ଅଧୀନ ସାହାଜବାହାଲ ଖେସ୍ରା ଜଙ୍ଗଲ ମଧ୍ୟରେ ଗୁରୁବାର ରାତିରେ ବାର୍‌ହା ଶିକାର ପଣ୍ଡ ହୋଇଛି। ଶିକାର ପାଇଁ ଫାଶ ବସେଇ ଜଗି ରହିଥିବା ଏକ ଶିକାରୀ ଦଳ ଉପରେ ବନବିଭାଗ କର୍ମଚାରୀମାନେ ଚଡାଉ କରିଛନ୍ତି। ୬ଜଣ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାର୍‌ହା ଶିକାର ପାଇଁ ଉଦ୍ଦିଷ୍ଟ ୨ଟି ରାଇଫଲ ବନ୍ଧୁକ, ୪ରାଉଣ୍ଡ ଗୁଳି ଓ ୬ବଣ୍ଡଲ ତାରରେ ତିଆରି ହୋଇଥିବା ବାର୍‌ହା ଫାଶ ଜବତ କରିଛନ୍ତି। ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବନବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଡାଉ ପାଇଁ ଜଙ୍ଗଲ ମଧ୍ୟରେ ପହଞ୍ଚିବା ପରେ ପାଟ୍ରୋଲିଂ ଗାଡିକୁ ଦେଖି ହଠାତ ଜଣେ ଶିକାରୀ ବନବିଭାଗ କର୍ମଚାରୀଙ୍କ ଉପରକୁ ଲକ୍ଷ୍ୟ କରି ଗୁଳିଚାଳନା କରିବାକୁ ଉଦ୍ୟମ କରିବା ବେଳେ ବନବିଭାଗ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ସେଠାରେ ଉପସ୍ଥିତ ଶିକାରୀ ଦଳର ୮ଜଣଙ୍କ ମଧ୍ୟରୁ ବନବିଭାଗ କର୍ମଚାରୀମାନେ ୬ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟ ୨ଜଣ ଫେରାର୍ ହୋଇଯାଇଥିଲେ। ଗିରଫ ହୋଇଥିବା ଶିକାରୀମାନେ ହେଲେ ବଡ଼ଗାଁ ଥାନା ଅନ୍ତର୍ଗତ ତଲିମୁଣ୍ଡା ଗ୍ରାମର ସୁସ୍ରମା ବାଗ୍ (୨୭), ମୁକ୍ତେଶ୍ୱର ମାଝି (୨୭), ଧନେଶ୍ୱର ମାଝି (୪୦), ଶଶୀ ମାଝି(୧୯), ମନବୋଧ ବାଗ (୧୮) ଓ ସାହାସପୁର ଗ୍ରାମର ମୁନା ଲେହେରି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ବଡ଼ଗାଁ ରେଞ୍ଜ ଅଫିସର ବିଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟର ବିନୋଦ ପଟ୍ଟନାୟକ, ଫରେଷ୍ଟଗାର୍ଡ ଜୟନାରାୟଣ ପ୍ରଧାନଙ୍କ ସମେତ ବନକର୍ମଚାରୀ ଅନିମେଶ ଷଡଙ୍ଗୀ, ହରିହର ସାହୁ, କ୍ଷୀରୋଦ ନାଏକ, ଅର୍ଜୁନ ସୁନ୍ଦର ସାହୁ ପ୍ରମୁଖ ଏହି ଚଢାଉରେ ଅଂଶଗ୍ରହଣ କରିଥିଲେ।



ଗିରଫ ଶିକାରୀଙ୍କ ସହ ବନବିଭାଗ କର୍ମଚାରୀ।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।

- ନେପୋଲିୟନ୍



**ସଂକ୍ଷେପରେ**

## ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୪୦ ଦୋକାନ

**ଝାରସୁଗୁଡ଼ା ଅଫିସ,୪।୧-** ଝାରସୁଗୁଡ଼ା ଶୁକ୍ରବଜାର ଡେଲିମାର୍କେଟରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୧ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୪୦ଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ଝାରସୁଗୁଡ଼ାରୁ ଦୁଇଟି ଦମକଳ ଗାଡ଼ି ଆସି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ନିଆଁ ଆୟତ୍ତକୁ ଆସିନାହିଁ। ପୋଡ଼ିଯାଇଥିବା ଦୋକାନଗୁଡ଼ିକ ମଧ୍ୟରେ ଅଧିକାଂଶ ପରିବା ଗୋଦାମ ଓ ଉଠାଦୋକାନ ରହିଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### କୋଲାବିରା ବ୍ଲକରେ ଧାନକିଣା ଆରମ୍ଭ

# ୯ ଚାଷୀଙ୍କଠାରୁ ୪୪୯ କ୍ୱିଣ୍ଟାଲ ଧାନକ୍ରୟ

**କୋଲାବିରା,୪।୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା କୋଲାବିରା ବ୍ଲକରେ ଚଳିତ ଖରିଫ ଋତୁ ପାଇଁ ଧାନକିଣା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଗୁରୁବାର କୋଲାବିରା ସମାସିଂହା, ପରମାଣପୁର ଏବଂ ଝିଲ୍ଲାପାଲି ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ଦିନରେ କୋଲାବିରା ସେବା ସମବାୟ ସମିତି ପକ୍ଷରୁ କୋଲାବିରା ଅଞ୍ଚଳର ୯ ଚାଷୀଙ୍କଠାରୁ ୪୪୯ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଗୁରୁବାର କୋଲାବିରା ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଧାନକିଣା ଶୁଭାରମ୍ଭ କରାଯାଇଥିଲା। କୋଲାବିରା ଏବଂ ତରେଇକେଲା ଅଞ୍ଚଳର ୬ ଚାଷୀଙ୍କଠାରୁ ୧୭୩ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସେହିପରି ସମାସିଂହା ସମବାୟ ସମିତିରେ ୬୨ ଚାଷୀଙ୍କଠାରୁ ସର୍ବାଧିକ ୨୩୨୦ କ୍ୱିଣ୍ଟାଲ, ପରମାଣପୁରଠାରେ ୭ ଚାଷୀଙ୍କଠାରୁ ୧୮୦ କ୍ୱିଣ୍ଟାଲ ଏବଂ ଝିଲ୍ଲାପାଲି ସମବାୟ ସମିତ ପକ୍ଷରୁ ୩୫ ଚାଷୀଙ୍କଠାରୁ ୨ହଜାର କ୍ୱିଣ୍ଟାଲ ଧାନ କିଣାଯାଇଥଲା। କୋଲାବିରା ବ୍ଲକର ୪ ସମବାୟ ସମିତିକୁ ପ୍ରଥମ ପର୍ଯ୍ୟାୟରେ ମୋଟ ୪୯,୧୫୦ କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଦିଆଯାଇଛି। କୋଲାବିରାକୁ ୧୧ହଜାର ୪ଶହ, ସମାସିଂହାକୁ ୧୩ହଜାର ୬୫୦, ପରମାଣପୁରକୁ ୮ହଜାର ୧୦୦ ଏବଂ ଝିଲ୍ଲାପାଲିକୁ ୧୬ ହଜାର କ୍ୱିଣ୍ଟାଲ ଧାନକ୍ରୟ ଲକ୍ଷ୍ୟ ଦିଆଯାଇଛି। କୋଲାବିରା ସେବା ସମବାୟ ସମିତିରେ ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର, ସମାସିଂହା ସମିତିରେ ସୋମବାର ଓ ଉପକେନ୍ଦ୍ର ସୋଡ଼ାମାଲରେ ବୁଧବାର ଏବଂ କୁଲିହାମାଲରେ ଶନିବାର ଧାନକ୍ରୟ କରାଯିବ। ସେହିପରି ପରମାଣପୁରରେ ସୋମବାର ଏବଂ ବୁଧବାର, ଝିଲ୍ଲାପାଲି ସମିତିରେ ମଙ୍ଗଳବାର ଓ ଶନିବାର, ଏହାର ଉପକେନ୍ଦ୍ର ଲୁଡୁଙ୍ଗରେ ସୋମବାର ଧାନକ୍ରୟ କରାଯିବ। ଏଫ୍‌ଏକ୍ୟୁ ମାନର ଧାନ ହୋଇ ନ ଥିଲେ କ୍ୱିଣ୍ଟାଲ ପିଛା ଅଢ଼େଇ କିଲୋଗ୍ରାମ କଟନି ହେବ। ଅତ୍ୟନ୍ତ ଖରାପ ମାନର ଧାନ ହୋଇଥିଲେ ଚାଷୀ ଓ ମିଲର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା କରାଯାଇ କଟନି ପରିମାଣ ନିର୍ଦ୍ଧାରଣ କରାଯିବ ବୋଲି କୁହାଯାଇଛି। ଚାଷୀଙ୍କ ଧାନ କେବଳ ସୋସାଇଟିରେ ଓଜନ ହେବ ଓ ବିନା ଓଜନରେ ଚାଷୀଙ୍କ ଧାନ ମିଲକୁ ଯିବନାହିଁ ବୋଲି ଚାଷୀ ପ୍ରତିନିଧି ଓ ଅଧିକାରୀ ସହମତି ଜଣାଇଛନ୍ତି। ଚଳିତବର୍ଷ ବର୍ଷାଭାବ ଯୋଗୁ ଜିଲାରେ ଚାଷ ଉଜୁଡ଼ି ଯାଇଛି। ମରୁଡ଼ି କ୍ଷୟକ୍ଷତି ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଜିଲାକୁ ମରୁଡ଼ି ପ୍ରଭାବିତ ଘୋଷଣା କରିଛନ୍ତି। ଏପଟେ ଚାଷୀଙ୍କୁ ଏକର ପିଛା ୧୩ କ୍ୱିଣ୍ଟାଲ ଧାନ ବିକ୍ରି କରିବାକୁ ନିୟମ କରାଯାଇଛି। ଯଦି ଏକର ପିଛା ଚାଷୀ ୧୩ କ୍ୱିଣ୍ଟାଲ ଧାନ ବିକ୍ରି କରନ୍ତି ତେବେ ଜିଲାରେ ମରୁଡ଼ି ଘୋଷଣା ମିଥ୍ୟା ପ୍ରମାଣିତ ହେବ ବୋଲି ଚାଷୀଙ୍କ ଧାରଣା ସୃଷ୍ଟି ହୋଇଛି। ଏଥିପାଇଁ ଚାଷୀମାନେ ଏକର ପିଛା ୧୩ କ୍ୱିଣ୍ଟାଲ ବଦଳରେ ୫ କ୍ୱିଣ୍ଟାଲ କରିବାକୁ ଦାବି କରିଛନ୍ତି। ଧାନର ସର୍ବନିମ୍ନ ମୂଲ୍ୟ ୧୭୫୦ ଟଙ୍କା ଓ ଗ୍ରେଡ୍ ଏ କିସମର ଧାନ ମୂଲ୍ୟ ୧୭୭୦ ଟଙ୍କା ସରକାରୀ ଭାବରେ ଧାର୍ଯ୍ୟ କରାଯାଇଛି।

ଅନ୍ୟପକ୍ଷରେ ଗତ ୧୧ ତାରିଖ ଅଚାନକ ବର୍ଷା ହେବା ଫଳରେ ଖଳାରେ ଥିବା ଧାନଗଦା ଭିଜି ଯାଇଥିଲା। ଏହି ବର୍ଷା ଭିଜା ଧାନକୁ ଶୁଖାଇ ସେଥିରୁ ଭଲ ଧାନ ସଂଗ୍ରହ କରି ବସ୍ତାରେ ଭରିବା ପରେ ତାହାକୁ ବିକ୍ରି କରି ନ ପାରି ଚାଷୀ ବାରଣ୍ଡା ତଥା ଖଳା ଓ ବିଲରେ ପକାଇ ରଖିଛନ୍ତି। ଆବଶ୍ୟକ ସ୍ଥାନ ଅଭାବ ଯୋଗୁ ଚାଷୀ ଧାନ ଗଚ୍ଛିତ କରି ରଖିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣେ ଧାନକିଣାରେ ବିଳମ୍ବ ଯୋଗୁ ଚାଷୀ ଦଲାଲଙ୍କ ହାତରେ କମ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି।





ସମାସିଂହା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଅବସରରେ ମଞ୍ଚାସୀନ ଅତିଥି ଓ ଛାତ୍ରୀ।

## ସମାସିଂହା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**କୋଲାବିରା,୪।୧(ଡି.ଏନ୍.ଏ.)**

କୋଲାବିରା ବ୍ଲକ ସମାସିଂହାସ୍ଥିତ କ୍ଷୀରୋଦ ଗୌନ୍ତିଅ । ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମାସିଂହା ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟେଲ ମୁଖ୍ୟଅତିଥି, ସଭାପତି ତୁଳାରାମ ସେନାପତି, ସମ୍ପାଦକ ମଦନ ମୋହନ ପଟେଲ, ଭାଷା ଶିକ୍ଷା ପ୍ରଶିକ୍ଷକ ସଚ୍ଚୀନ୍ଦ୍ର କୁମାର ପଟେଲ, ଗୌରୀଶଙ୍କର ନାଏକ, କୁଳଦୀପ ନେଟୀ, ପୂର୍ଣ୍ଣଚନ୍ଦ୍ର ଚାନ୍ଦ, ଜେମାମଣୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଖେଳ ସହ ଯୋଗ ପ୍ରତି ମଧ୍ୟ ଧ୍ୟାନଦେବା ଆବଶ୍ୟକ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ଧ୍ୟାରାଣୀ ଚୌଧୁରୀ, ପୁଷ୍ପାଞ୍ଜଳି ପୂଝାରୀ, ରଶ୍ମିରେଖା ପଟେଲ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଆଶାମଞ୍ଜରୀ ଚୌଧୁରୀ ଏବଂ ଶିକ୍ଷକ କୈଳାସ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋଜ ମିର୍ଦ୍ଧା, ପ୍ରସନ୍ନ ବଗାର, ରୀନା କିଷାନ ପ୍ରମୁଖ ସହଯୋଗ କରିଥିଲେ। ୬ଟି କ୍ରୀଡ଼ାରେ ୯୦ ଛାତ୍ରୀ ଭାଗ ନେଇଥିଲେ। କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ଝାରସୁଗୁଡ଼ା ଜିଲା ମହୋତ୍ସବ ଦୁଲ୍‌ଦୁଲିର ଚତୁର୍ଥ ସନ୍ଧ୍ୟାରେ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଅଞ୍ଜଳି, ଧ୍ରୁବ, ବିନ୍ଦିଆ, ପିଣ୍ଟୁ ଚାମ୍ପିୟନ

**ଲଇକେରା/ କିର୍ମିରା,୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ କାଦୋବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୩ଟି ବର୍ଗରେ ବିଭକ୍ତ କରାଯାଇଥିଲା। ୯ମ ଏବଂ ୧୦ମ ଶ୍ରେଣୀକୁ ନେଇ ସିନିୟର, ୬ଷ୍ଠରୁ ୮ମ ପର୍ଯ୍ୟନ୍ତ ଜୁନିୟର ଏବଂ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ସବ୍‌ଜୁନିୟର ବର୍ଗ କରାଯାଇଥିଲା। ୧୦୦, ୨୦୦, ୪୦୦ ଓ ୮୦୦ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ ଆଦିରେ ବାଳିକା ଓ ବାଳକମାନେ ଅଂଶଗ୍ରହଣ କରିଥିଲେ। ସିନିୟର ବାଳିକା ବର୍ଗରେ ଅଞ୍ଜଳି କିଷାନ, ବାଳକ ବର୍ଗରେ ଧ୍ରୁବଚରଣ ପିଙ୍ଗ, ଜୁନିୟର ବାଳିକା ବର୍ଗରେ ବିନ୍ଦିଆ ପିଙ୍ଗ ଏବଂ ବାଳକ ବର୍ଗରେ ପିଣ୍ଟୁ ସା ଚାମ୍ପିୟନ ହୋଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲଳିତ ମୋହନ ସା, ପ୍ରଧାନ ଶିକ୍ଷକ ବିଶ୍ୱେଶ୍ୱର ଜୟପୁରିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଖେଳ ଶିକ୍ଷକ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ପ୍ରଦୀପ ବେହେରା, ଅକ୍ଷୟ ନାଏକ, ନିର୍ମଳ ସାହୁ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ବେହେରା, ଜ୍ୟୋତ୍ସ୍ନାରାଣୀ ପଟେଲ, ଅମିତା ଲୁଣ, ତିଳୋତ୍ତମା ଘଡ଼ାଇ ଏବଂ ଚିତ୍ରାବତୀ ବାଘ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷକ ସଞ୍ଜୟ କୁମାର ନାଏକ ସଭା ପରିଚାଳନା କରିଥିବା ବେଳେ ସୌରୀନାରାୟଣ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚମ ଦିବସରେ ଘୁଚାପାଲି ଧନୁଯାତ୍ରା

**ଝାରବନ୍ଧ, ୪।୧ (ଡି.ଏନ.ଏ):**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ଘୁଚାପାଲି ସତ୍ୟମନଗରଠାରେ ଅନୁଷ୍ଠିତ ଧନୁଯାତ୍ରା ଶୁକ୍ରବାର ପଞ୍ଚମ ଦିବସରେ ପହଞ୍ଚିଛି। ମଥୁରା ନରେଶ କଂସଙ୍କ କୃଷ୍ଣ ସ୍ୱପ୍ନ ଦର୍ଶନ, ଅକ୍ରୂରଙ୍କ ଦ୍ୱାରା କୃଷ୍ଣ, ବଳରାମଙ୍କୁ ଧନୁଯାତ୍ରା ପାଇଁ ନିମନ୍ତ୍ରଣ ଆଦି ଦୃଶ୍ୟାଭିନୟ ହୋଇଥିଲା। ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ଅତିରିକ୍ତ ତହସିଲଦାର ଝାରବନ୍ଧ ପର୍ଶୁରାମ ପଣ୍ଡା ରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ମହାରାଜ କଂସ ଅତିଥି ଦ୍ୱୟଙ୍କୁ ପ୍ରଶାସନିକ ସମସ୍ୟା ବିଷୟରେ ପ୍ରଶ୍ନ କରିଥିଲେ । ବିଶେଷ ଭାବେ ଗମନାଗମନ ସମସ୍ୟାକୁ ଆଗାମୀ ଦିନରେ ସୁଧାରିବା ପାଇଁ ତାଗିଦ୍ କରିଥିଲେ । କଂସ ମହାରାଜ ଭଣ୍ଡାରପୁରୀ ସରପଞ୍ଚ ତଥା ଡଭା କୃଷି ସମବାୟ ସମିତି ସଭାପତି ଭୋଜରାଜ ବାଗଙ୍କୁ ଚାଷୀ ସମସ୍ୟାର ସମାଧାନ ଉପରେ ପ୍ରଶ୍ନ କରିଥିଲେ । ସରପଞ୍ଚ ଉର୍ମିଳା କନ୍ଧ, ସମିତି ସଭ୍ୟ କମଳା ଭୋଇ, ପୋଲିସ କବି ରଞ୍ଜିତ ପ୍ରଧାନ ରାଜ ଦରବାରରେ ଉପସ୍ଥିତ ଥିଲେ । ଅଶୋକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ଗଞ୍ଜେଇ ଚୋରା ଚାଲାଣ: ଦମ୍ପତି ଗିରଫ

### ■ ୧୬ କେ.ଜି. ଗଞ୍ଜେଇ ଜବତ

**ଝାରସୁଗୁଡ଼ା ଅଫିସ,୪।୧**

ରୀତିମତ ଗଞ୍ଜେଇ ଚୋରାଚାଲାଣ କରୁଥିବା ଏକ ଦମ୍ପତି ଶୁକ୍ରବାର ଝାରସୁଗୁଡ଼ା ଜିଆର୍‌ପି ଏବଂ ଆର୍‌ପିଏଫ୍ ହାତରେ ଧରାପଡ଼ିଛନ୍ତି। ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ଟ୍ରେନ୍‌ରୁ ପୋଲିସ ୧୬ କେ.ଜି ଗଞ୍ଜେଇ ଜବତ କରିବା ସହ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ହେଲେ ରାଉରକେଲା ବାସନ୍ତୀ କଲୋନୀ ଫେଜ୍-୨ର ଅମାନୁଲ୍ଲା ସିଦ୍ଦିକି (୨୫) ଓରଫ୍ ଅଙ୍କିତ ଏବଂ ଇତିଶ୍ରୀ ମହାକୁଳ (୨୨) ଓରଫ ସୋନୁ। ଗଞ୍ଜେଇ ସମେତ ମୋବାଇଲ, ଏଟିଏମ୍ କାର୍ଡ ଏବଂ କେତେକ କାଗଜପତ୍ର ଜବତ କରାଯାଇ ଏମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଆର୍‌ପି ଡିଏସ୍‌ପି କିଶୋର କୁମାର ପାଣିଗ୍ରାହୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ଟ୍ରେନ୍‌ରୁ ଆରମ୍ଭ ହୋଇଥିବା ଏହି ଦମ୍ପତିଙ୍କ କାହାଣୀ ଟ୍ରେନ୍‌ରେ ହିଁ ଶେଷ ହୋଇଛି। ପୋଲିସ ସୂଚନା ମୁତାବକ, ବିହାର ଇଷ୍ଟ ଚମ୍ପାରନ୍ ମୋତିହାର ଜିଲା ଆଦାପୁରର ଅମାନୁଲ୍ଲା ଓ କେନ୍ଦ୍ରାପଡ଼ା ଜିଲା ଇଚ୍ଛାପୁରର ଇତିଶ୍ରୀଙ୍କ ପ୍ରେମକାହାଣୀ ଟ୍ରେନ୍ ଯାତ୍ରା ସମୟରେ ଅଚାଚକ ଆରମ୍ଭ ହୋଇଥିଲା। ପରେ ଉଭୟ ବିବାହ କରିବା ସହ ରାଉରକେଲା ବାସନ୍ତୀ କଲୋନୀରେ ଘରଭଡ଼ା ନେଇ ରହୁଥିଲେ। ଅମାନୁଲ୍ଲା ଏବଂ ଇତିଶ୍ରୀ ରୀତିମତ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଗୁରୁବାର କୋରାପୁଟର ଜଣେ ବ୍ୟକ୍ତିଙ୍କଠାରୁ ଗଞ୍ଜେଇ ନେଇ ମଥୁରା କୋସିକାଲମ୍ ଅଭିମୁଖେ ବାହାରିଥିଲେ। ରାଜଗାଙ୍ଗପୁର ଷ୍ଟେଶନରୁ ସେମାନେ ଉତ୍କଳ ଏକ୍ସପ୍ରେସ୍‌ରେ ଚଢ଼ିଥିଲେ। ଗଞ୍ଜେଇ ଚାଲଣ ହେଉଥିବା ସମ୍ପର୍କରେ ଝାରସୁଗୁଡ଼ା ଜିଆର୍‌ପି ଓ ଆର୍‌ପିଏଫ୍‌କୁ ସୂଚନା ମିଳିଥିଲା। ଗୁରୁବାର ଝାରସୁଗୁଡ଼ା ଷ୍ଟେଶନରେ ଯାଞ୍ଚ ବେଳେ ବି-୩ ବଗିରେ ଥିବା ଏକ ଏୟାର ବ୍ୟାଗରୁ ୧୬.୦୫ କେ.ଜି ଗଞ୍ଜେଇ ଜବତ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଡିଏସ୍‌ପି ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଇନ୍ସପେକ୍ଟର ବିନୟ ପ୍ରକାଶ ମିଞ୍ଜ, ଆର୍‌ପିଏଫ୍ ଇନ୍ସପେକ୍ଟର ଲଡୁକିଶୋର ଦାଶ ଏବଂ ଏସ୍‌ଆଇ ବିଶାଳ କୁମାର ରାଉତ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତ ଦମ୍ପତି।

### ଗୌତମ ବହିଦାର ମେମୋରିଆଲ କ୍ରିକେଟର ସୁପର ଲିଗ୍ ପର୍ଯ୍ୟାୟ

## ଲିଓ ୟୁଥ୍ ଆସୋସିଏଶନ, ଡାଏମା-୧୧ ବିଜୟୀ

**ବେଲପାହାଡ଼,୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡିୟମରେ ଅନୁଷ୍ଠିତ ଗୌତମ ବହିଦାର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୁପର ଲିଗ୍ ପର୍ଯ୍ୟାୟରେ ଶୁକ୍ରବାର ଦୁଇଟି ମ୍ୟାଚ୍ ଖେଳାଯାଇଛି। ଡାଏମା-୧୧ ଓ ଲିଓ ୟୁଥ ଆସୋସିଏଶନ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଏସ୍‌ସିଏ-୧୧ ଓ ଡାଏମା-୧୧ ମଧ୍ୟରେ ଖେଳାଯାଇଥିଲା। ଏମ୍‌ସିଏ-୧୧ ପ୍ରଥମେ ବ୍ୟାଟିଂ କରି ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଡାଏମା-୧୧ ୭ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ଦ୍ୱିତୀୟ ମ୍ୟାଚ୍ ଟାଇଗର କ୍ଲବ ଓ ଲିଓ ୟୁଥ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟାଇଗର କ୍ଲବ ପ୍ରଥମେ ବ୍ୟାଟିଂ କରି ୯୧ ରନ୍ କରିଥିଲା। ଲିଓ ୟୁଥ ଆସୋସିଏଶନ ୯୪ ରନ୍ କରି ବିଜୟୀ ହୋଇଥିଲା। ଗୁରୁବାର ସୁପରଲିଗର ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ଗ୍ରୁପ-ଏ ବିଜେତା ଏସ୍‌ସିଏ ଓ ଗ୍ରୁପ-ବି ବିଜେତା ଲିଓ ୟୁଥ୍ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲିଓ ପ୍ରଥମେ ବ୍ୟାଟିଂ କରି ୨୩୬ ରନ୍ ସଂଗ୍ରହ କରିଥିଲା। ଏସ୍‌ସିଏ ମାତ୍ର ୭୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଗୁରୁବାର ଦ୍ୱିତୀୟ ସୁପରଲିଗ୍ ମ୍ୟାଚ୍ ଗ୍ରୁପ-ସି ବିଜେତା ଟାଇଗର କ୍ଲବ ଓ ଗ୍ରୁପ-ଡି ବିଜେତା ଡାଏମା-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇଗର କ୍ଲବ ବିଜୟୀ ହୋଇଥିଲା। ଶନିବାର ଗ୍ରୁପ-ବି ଓ ଗ୍ରୁପ-ଡି ବିଜେତା ଏବଂ ଗ୍ରୁପ-ଏ ଓ ଗ୍ରୁପ-ସି ବିଜେତାଙ୍କ ମଧ୍ୟର ସୁପରଲିଗର ପଞ୍ଚମ ଓ ଷଷ୍ଠ ମ୍ୟାଚ୍ ଅନୁଷ୍ଠିତ ହେବ। ରବିବାର ସୁପରଲିଗରେ ଉନ୍ନୀତ ହୋଇଥିବା ଗ୍ରୁପ-ଏ ଓ ଗ୍ରୁପ-ବି ବିଜେତାଙ୍କୁ ନେଇ ଫାଇନାଲ ମ୍ୟାଚ୍ ଖେଳାଯିବ।

## ୮ ବାଇକ୍ ଉଦ୍ଧାର, ୬ ଅଭିଯୁକ୍ତ କୋର୍ଟଚାଲାଣ

**ପଦ୍ମପୁର, ୪।୧ (ଡି.ଏନ.ଏ)**

ପଦ୍ମପୁର ପୋଲିସ ପଦ୍ମପୁର ଓ ଗାଇସିଲେଟର ବିଭିନ୍ନ ସ୍ଥାନରେ ଚଢାଉ କରି ବାଇକ୍ ଚୋରି ର୍‍ୟାକେଟ୍‌ର ୬ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁର ନେହେରୁ ଗଳିର ରାଜେନ୍ଦ୍ର ପ୍ରଧାନ, ଲୋହରାପାଲିର ଚନ୍ଦ୍ରଭାନୁ ଧରୁଆ, ପଦ୍ମପୁରର ଗଣେଷ ସାହୁ, ଚାରପାଲିର ରାଜୁ ଲୁହାର, ସିଂହନପୁରର ଶ୍ରୀକାନ୍ତ ମେହେର ଓ ଗାଇସିଲେଟ ଥାନା ରାଇସଲପଦରର ଶଙ୍କର ନନ୍ଦ । ସେମାନଙ୍କଠାରୁ ୮ଟି ବାଇକ୍ ଜବତ କରାଯାଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ପଦ୍ମପୁର ଗାଇସିଲେଟ ଥାନାରେ ମାମଲା ରୁଜୁ କରି ସମସ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ପଦ୍ମପୁର ଥାନାରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ପଦ୍ମପୁର ଥାନା ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ଗାଇସିଲେଟ ଥାନା ଆଇଆଇସି ଠାକୁର ଦାଶ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ପଦ୍ମପୁର ଓ ଗାଇସିଲେଟ ଅଞ୍ଚଳରେ ବାଇକ୍ ଚୋରି ର୍‍ୟାକେଟ୍ ସକ୍ରିୟ ଥିବା ନେଇପୂର୍ବରୁ ଅଭିଯୋଗ ହୋଇଆସୁଥିଲା । ଏହି ର୍‍ୟାକେଟକୁ ଧରିବା ପାଇଁ ପଦ୍ମପୁର ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଥିଲା ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ଲଇକେରା,୪।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅଧ୍ୟକ୍ଷ ଦିଲୀପ କୁମାର ପଟେଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି କ୍ରୀଡ଼ାରେ ଛାତ୍ରୀଛାତ୍ର ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଶଟପୁଟ, ଜଭଲିନ୍ ଥ୍ରୋ, ସ୍ଲୋ ସାଇକେଲ ଚାଳନା ଆଦିରେ ଭାଗ ନେଇଥିଲେ। ଅଧ୍ୟାପକ ଅଶୋକ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁଶାନ୍ତ ରଥ, ପ୍ରସନ୍ନ କୁମାର ଷଣ୍ଢ, କମଳଲୋଚନ ଦାଶ, ସୁଦୀପ ପୁରୋହିତ, ଅଧ୍ୟାପିକା ସୁପ୍ରଭା ନାଏକ, ଭାତଲଇଡ଼ାର ଖେଳ ଶିକ୍ଷକ ଅମୀୟ ପଟେଲ, ସମିତିସଭ୍ୟ କୌଶିକ ଭୋଇ, ଅବସରପ୍ରାପ୍ତ ଖେଳ ଶିକ୍ଷକ ପୀତାମ୍ବର ସାହୁ, ରାଜକୁମାର ମଣ୍ଡଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ରୁଦ୍ରାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷକ କଳିମୁଲ୍ଲା ଖାଁଙ୍କ ନେତୃତ୍ୱରେ ଖେଳ ପରିଚାଳିତ ହୋଇଥିଲା।



ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନୀ ଅବସରରେ ଅତିଥି।

### ୨୫ ବର୍ଷର ଝାରସୁଗୁଡ଼ା

# ଏକତା ହିଁ ବିକାଶର ମୂଳମନ୍ତ୍ର

**ଝାରସୁଗୁଡ଼ା ଅଫିସ,୪।୧**

ଝାରସୁଗୁଡ଼ା ଜିଲା ଗଠନର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲା ମହୋତ୍ସବ ମଞ୍ଚରେ ଆୟୋଜନ ହୋଇଥିଲା ଏକ କର୍ମଶାଳା। ଏଥିରେ ଜିଲାର ନେତୃତ୍ୱ ନେଉଥିବା ରାଜନୈତିକ ବ୍ୟକ୍ତିବିଶେଷ, ସାମାଜିକ ଦାୟିତ୍ୱ ନିର୍ବାହ କରୁଥିବା ବୁଦ୍ଧିଜୀବୀ, ସଂସ୍କୃତି ସହ ଜଡ଼ିତ ବ୍ୟକ୍ତି, ସର୍ବୋପରି ଜିଲାକୁ ଜାଣିଥିବା ଏବଂ ଚିହ୍ନିଥିବା ଲୋକେ ଯୋଗଦେଇଥିଲେ। ସବୁଠାରୁ ଚର୍ଚ୍ଚାର ବିଷୟ ହେଲା ପାଖାପାଖି ଦୁଇ ଦଶନ୍ଧି ଧରି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ଦୁଇ ପ୍ରମୁଖ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ କିଶୋର କୁମାର ମହାନ୍ତି ଏବଂ ନବ କିଶୋର ଦାସଙ୍କ ଉପସ୍ଥିତି। ଏହା ପୂର୍ବରୁ ଏହି ଦୁଇ ନେତାଙ୍କୁ କୌଣସି ସାମାଜିକ ମଞ୍ଚରେ ଏକାଠି ଉପସ୍ଥିତ ହେବା ଦୃଶ୍ୟ ବିରଳ। ପ୍ରଥମଥର ପାଇଁ ଜିଲା ମହୋତ୍ସବ ମଞ୍ଚରେ ଏହି ଦୁଇନେତା ଏକାଠି ଉପସ୍ଥିତ ହୋଇଥିଲେ। ଗୋଟିଏ ମଞ୍ଚରେ ଠିଆହୋଇ ରାଜନୈତିକ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠି ଜିଲାର ବିକାଶ ପ୍ରସଙ୍ଗରେ ମତ ଦେଇଥିଲେ। ପଦେ ମଧ୍ୟ କେହି କାହା ବିରୋଧରେ ନକାରାତ୍ମକ ଟିପ୍ପଣୀ ନ ଦେଇ କେବଳ ବିକାଶ ପ୍ରସଙ୍ଗରେ ମତ ଉପସ୍ଥାପନ କରିଥିଲେ। ରାଜନୈତିକ ମତାନ୍ତର, ମନାନ୍ତରକୁ ପଛରେ ଛାଡ଼ି ଜିଲାର ବିକାଶ ପାଇଁ କେବଳ ଆହ୍ୱାନ ଦେଇଥିଲେ। ଏଭଳି ଭାବଭଙ୍ଗୀ ଜିଲାର ନିରବଚ୍ଛିନ୍ନ ବିକାଶକୁ ଇଙ୍ଗିତ କରୁଥିବା ବେଳେ ରାଜନୈତିକ ଦୃଷ୍ଟିଭଙ୍ଗୀ ଭିନ୍ନ ପରିବର୍ତ୍ତନର ଇସାରା ଦେଉଛି ବୋଲି ଉପସ୍ଥିତ ଲୋକଙ୍କ ମତ।

ଜିଲା ଗଠନଠାରୁ ୨୫ ବର୍ଷ ଭିତରେ ଝାରସୁଗୁଡ଼ାର ଅନେକ ବିକାଶ ହୋଇଛି। ତଥାପି ଆହୁରି ଅନେକ କାମ ବାକି ରହିଛି। ସେଥିପାଇଁ ମିଳିମିଶି କାମ କରିବାକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି କହିଥିଲେ। ଅନ୍ୟପକ୍ଷରେ ଦଳମତ ନିର୍ବିଶେଷରେ ଏକାଠି ହେଲେ ବିକାଶ ନିଶ୍ଚିତ ବୋଲି ବିଧାୟକ ନବ କିଶୋର ଦାସ କହିଥିଲେ। ସେ କହିଲେ, ମନାନ୍ତର ମତାନ୍ତର ଭୁଲି ଝାରସୁଗୁଡ଼ାର ବିକାଶ ପାଇଁ ସମସ୍ତେ ଏକାଠି ହେବାର ସମୟ ଆସିଛି। ଝାରସୁଗୁଡ଼ାର ବିକାଶ ହୋଇଛି ଏବଂ ଆଗକୁ ମଧ୍ୟ ଆହୁରି ବିକାଶ ହେବାର ବାକି ରହିଛି। ସେଥିପାଇଁ ସମସ୍ତେ ଏକଜୁଟ ହେବାକୁ ବିଧାୟକ ଦାସ ଆହ୍ୱାନ ଦେଇଥିଲେ। ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କର୍ମଶାଳାରେ ସଭାପତିତ୍ୱ କରିଥିବାବେଳେ ପ୍ରଫେସର ଧ୍ରୁବରାଜ ନାଏକ, ତାପସ ରାୟ ଚୌଧୁରୀ, ଅଧ୍ୟାପକ ତପନ ବାରିକ, ଡ. ରାଧାରମଣ ବିର୍ତିଆ, ଖବରଦାତା ସନ୍ତୋଷ ମିଶ୍ର ପ୍ରମୁଖ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ। ସନ୍ଦୀପ ଅୱସ୍ଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମେହେବୁବ ମାହାତାବ କର୍ମଶାଳା ସଂଯୋଜନା କରିଥିଲେ।